# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଫେବୃୟାରୀ ୧୨/୨୦୧୯ (୧୬ ପୃଷ୍ଠା ) Sambalpur, Tuesday, February 12 / 2019 ★★

୧୫ଶ ଭାଗ ୫୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଦ୍ୱିତୀୟ ସ୍ଥାନରେ କୁଲଦୀପ**

ଭାରତୀୟ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଆଇସିସି ଟି୨୦ ର୍ୟାଙ୍କିଙ୍ଗ୍‌ର ବୋଲିଂ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଉଠି କ୍ୟାରିୟର ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି।

୧୪

୧୧

**ପିତାଙ୍କୁ ଉପହାର ଉତ୍ସର୍ଗ କଲେ ଅନୁପମ**

ଅନୁପମ ଖେର୍‌ଙ୍କ ମେଡିକାଲ ଡ୍ରାମା ସିରିଜ୍ 'ନ୍ୟୁ ଆମଷ୍ଟରଡମ୍' ଆଉଟଷ୍ଟାଣ୍ଡିଂ କାଷ୍ଟ ଆୱାର୍ଡ ଲାଭ କରିଥିବା ବେଳେ ସେ ପିତାଙ୍କ ଉଦ୍ଦେଶ୍ୟରେ ଏହା ଉତ୍ସର୍ଗ କରିଛନ୍ତି।



■ଲୋକାୟୁକ୍ତ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ଛାଟ

# ସତ୍ୟପାଠ ଦାଖଲ କଲେ ସରକାର

ଭୁବନେଶ୍ୱର,୧୧।୨(ବ୍ୟୁରୋ)

- ■ମାର୍ଚ୍ଚ ୩୧ ସୁଦ୍ଧା ଲୋକାୟୁକ୍ତ ଅଧ୍ୟକ୍ଷ ନିଯୁକ୍ତ ହେବେ
- ■ଏପ୍ରିଲ ୮ରୁ କାର୍ଯ୍ୟକାରୀ ହେବ ଲୋକାୟୁକ୍ତ
- ■ଆଜି ବସିବ ଚୟନ କମିଟି

ସୁପ୍ରିମକୋର୍ଟଙ୍କ ତାଗିଦ ପରେ ରାଜ୍ୟରେ ଲୋକାୟୁକ୍ତ ଗଠନ କରିବାକୁ ସରକାର ବାଧ୍ୟ ହୋଇଛନ୍ତି। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଶା ଲୋକାୟୁକ୍ତ ଅଧ୍ୟକ୍ଷ ନିଯୁକ୍ତି କରାଯିବ। ଆସନ୍ତା ଏପ୍ରିଲ ୮ ତାରିଖ ସୁଦ୍ଧା ଦୁର୍ନୀତି ନିରୋଧୀ ସଂଗଠନ ଲୋକାୟୁକ୍ତ କାର୍ଯ୍ୟକ୍ଷମ ହେବ। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସୋମବାର ସୁପ୍ରିମକୋର୍ଟରେ ଏଭଳି ଏକ ସତ୍ୟପାଠ ଦାଖଲ କରିଛନ୍ତି।

ମୁଖ୍ୟ ଶାସନ ସଚିବ ଦାଖଲ କରିଥିବା ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ସର୍ଚ୍ଚ କମିଟି ଅଧ୍ୟକ୍ଷ ଜଷ୍ଟିସ ଅମିତାଭ ରାୟଙ୍କ ଅଧ୍ୟକ୍ଷତାରେ ୨୦୧୮ ଡିସେମ୍ବର ୨୪ ତାରିଖରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଲୋକାୟୁକ୍ତ ରୁଲ୍ ୨୦୧୮ ସେକ୍ସନ-୪(୪) ଓ ରୁଲ୍ ୧୦ ଅନୁଯାୟୀ ସଦସ୍ୟମାନଙ୍କର ନାମ ଚୂଡ଼ାନ୍ତ କରାଯିବା ସହ ଏ ନେଇ ଗାଇଡ ଲାଇନ ପ୍ରସ୍ତୁତ କରାଯାଇଛି। ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ପାଇଁ ଦୁଇଟି ଇଂଲିଶ ଓ ଦୁଇଟି ଓଡ଼ିଆ ପ୍ରମୁଖ ଖବରକାଗଜରେ ବିଜ୍ଞାପନ ଦିଆଯାଇଛି। ଏହାଛଡ଼ା ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ଲାଗି ସୁପ୍ରିମକୋର୍ଟ ରେଜିଷ୍ଟ୍ରାର, ୨୪ଟି ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ୨୨ଟି ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି, ନିର୍ଦ୍ଦେଶକମାନଙ୍କୁ ଉକ୍ତ ପଦବୀ ପାଇଁ ଆବେଦନ କରିବା ସକାଶେ ଅନୁରୋଧ କରାଯାଇଥିଲା। ୨୦୧୯ ଜାନୁୟାରୀ ୮ ଓ ୯ ତାରିଖରେ ଅନୁଷ୍ଠିତ ସର୍ଚ୍ଚ କମିଟି ବୈଠକରେ ଲୋକାୟୁକ୍ତ ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ନାମ ଚୂଡ଼ାନ୍ତ କରାଯାଇ ଜାନୁୟାରୀ ୯ ତାରିଖରେ ଚୟନ କମିଟି ଅଧ୍ୟକ୍ଷଙ୍କ ନିକଟରେ ଚୂଡ଼ାନ୍ତ ତାଲିକା ଦାଖଲ କରାଯାଇଛି। ଫେବୃୟାରୀ ୧୨ ତାରିଖରେ ଚୟନ କମିଟି ବୈଠକରେ ଲୋକାୟୁକ୍ତ ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ନାମ ଚୂଡ଼ାନ୍ତ କରାଯିବ । ପରେ ଏହାକୁ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ପଠାଯିବ। ରାଜ୍ୟପାଳଙ୍କ ଅନୁମୋଦନ ପରେ ଏହାକୁ ବିଜ୍ଞପ୍ତି ଆକାରରେ ପ୍ରକାଶ କରାଯିବ । ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ ହେବା ସହିତ ଏପ୍ରିଲ ୮ରୁ ରାଜ୍ୟରେ ଲୋକାୟୁକ୍ତ କାର୍ଯ୍ୟାଳୟ କାର୍ଯ୍ୟ ଆରମ୍ଭ କରିବ ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଲୋକାୟୁକ୍ତ ଆଇନ-୨୦୧୪ ପ୍ରସ୍ତୁତ କରିଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮ ଏପ୍ରିଲ ୯ ତାରିଖରେ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ଏପରିକି ୨୦୧୫ ଜାନୁୟାରୀ ୧୬ରୁ ଏହି ଆଇନ କାର୍ଯ୍ୟକାରୀ ହୋଇଛି । ଓଡ଼ିଶା ସର୍ଚ୍ଚ କମିଟି ରୁଲ୍ ପ୍ରସ୍ତୁତ କରିବା କାର୍ଯ୍ୟ ଜାରି ରହିଛି ବୋଲି ସତ୍ୟପାଠରେ ଦର୍ଶାଯାଇଥିଲା। ତେବେ ଲୋକାୟୁକ୍ତ ଗଠନ ନେଇ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି ସେ ବିଷୟରେ ୨୦୧୮ ଜୁଲାଇ ୧୦ ତାରିଖ ସୁଦ୍ଧା ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମ କୋର୍ଟ ୨୦୧୮ ଏପ୍ରିଲ ୧୯ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଲୋକାୟୁକ୍ତ ଗଠନ ନେଇ ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ୨୦୧୮ ଅକ୍ଟୋବରରେ ପୁଣି ଓଡ଼ିଶା ସରକାର ସର୍ବୋଚ୍ଚ ଅଦାଲତଙ୍କୁ ୩ ମାସ ମହଲତ ଦେବାକୁ ଆବେଦନ କରିଥିଲେ। କିନ୍ତୁ ଓଡ଼ିଶାର ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେବା ସହ କେବେ ସୁଦ୍ଧା ଲୋକାୟୁକ୍ତ ନିଯୁକ୍ତି କରାଯିବ ସେ ନେଇ ଜଣାଇବାକୁ କୋର୍ଟ ତାଗିଦ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ୨୦୧୮ ଡିସେମ୍ବର ୧୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକାୟୁକ୍ତ ଚୟନ କମିଟି ବୈଠକରେ ସର୍ଚ୍ଚ କମିଟି ପାଇଁ ସଦସ୍ୟଙ୍କ ନାମ ଚୟନ କରାଯାଇଥିଲା। ସେହି କମିଟି ଲୋକାୟୁକ୍ତ ନିଯୁକ୍ତି ପାଇଁ ୫ ଜଣଙ୍କ ନାମ ସୁପାରିସ କରିଥିବା ବେଳେ ଲୋକାୟୁକ୍ତ ସଦସ୍ୟ ପାଇଁ ୧୫ ଜଣଙ୍କ ନାମ ସୁପାରିସ କରିଥିଲା। ☞ପୃଷ୍ଠା-୪



ଭୁବନେଶ୍ୱର ଖଣ୍ଡଗିରି ନିକଟସ୍ଥ ଏକ ଚିନାବାଦାମ କିଆରିରେ ଦୁଇ ଚାଷୀ। (ଫଟୋ: ବିକାଶ)

## ଆନ୍ଧ୍ରକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିରେ ଚନ୍ଦ୍ରାବାବୁଙ୍କ ଅନଶନ

ନୂଆଦିଲ୍ଲୀ,୧୧।୨(ପି.ଟି.)

ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିରେ ନୂଆଦିଲ୍ଲୀର ଆନ୍ଧ୍ରଭବନରେ ସୋମବାର ଅନଶନରେ ବସିଥିବା ମୁଖ୍ୟମନ୍ତ୍ରୀ ତଥା ଟିଡିପି ଅଧ୍ୟକ୍ଷ ଚନ୍ଦ୍ରାବାବୁ ନାଇଡୁ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଉପରେ ଜୋରଦାର ବର୍ଷିଛନ୍ତି। ସ୍ୱତନ୍ତ୍ର ରାଜ୍ୟପାହ୍ୟା ପ୍ରଦାନ ନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜଧର୍ମ ପାଳନକୁ ଅବହେଳା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଚନ୍ଦ୍ରାବାବୁଙ୍କ ଅନଶନକୁ ସମର୍ଥନ ନାଁରେ ବିରୋଧୀ ଦଳ ନେତାମାନେ ପୁଣି ଥରେ ଏକାଠି ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଥିଲେ କଂଗ୍ରେସ ☞ପୃଷ୍ଠା-୪

■ନାବାଳିକା ଅପହରଣ, ବଳାତ୍କାର ଘଟଣା

## ଜେଲ୍‌ଗଲେ ପୋଲିସ ଏଏସ୍‌ଆଇ, ଯୁବକ

ସୋହେଲା,୧୧।୨(ଡି.ଏନ.ଏ.)

ବରଗଡ ଜିଲା ମେଲଛାମୁଣ୍ଡା ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଘଟଣାରେ ଅଭିଯୁକ୍ତ ସୋହେଲା ଥାନାର ଏଏସଆଇ ବନମାଳି କୁଅଁର ଓ ମେଲଛାମୁଣ୍ଡା ଗ୍ରାମର ରିକୁ ନାଗଙ୍କୁ ପୋଲିସ ଗିରଫ କରି ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବରଗଡ଼ ଜେଲ୍‌କୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ରବିବାର ବିଳମ୍ବିତ ରାତିରେ ଏସ୍‌ପି ମୁକେଶ ଭାମୁ ଅଭିଯୁକ୍ତ ଏଏସ୍‌ଆଇଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ ଏବଂ ତାଙ୍କୁ ସୋହେଲା ଥାନାରେ ଅଟକ ରଖାଯାଇଥିଲା। ଏହି ଘଟଣାରେ ବ୍ୟବହୃତ ବାଇକ୍ ସହିତ ପୀଡିତା ଓ ଅଭିଯୁକ୍ତମାନଙ୍କ ଲୁଗାପଟା ଜବତ ହୋଇଛି।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ଉକ୍ତ ଛାତ୍ରୀ ଟିଉଶନ ଯାଇ ଆଉ ନ ଫେରିବାରୁ ପରିବାର ପକ୍ଷରୁ ମେଲଛାମୁଣ୍ଡା ଥାନାରେ ଅଭିଯୋଗ କରାଯାଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିଥିଲା। କିନ୍ତୁ ପରଦିନ ଅର୍ଥାତ୍ ଶନିବାର ସନ୍ଧ୍ୟାରେ ଅପହୃତା ଛାତ୍ରୀ ଜଣକ ଉଦ୍ଧାର ହେବା ପରେ ତାଙ୍କ ବୟାନ ଓ ମା' ବାପାଙ୍କ ଅଭିଯୋଗ କ୍ରମେ ପୋଲିସ ଅପହରଣ ସହିତ ବଳାତ୍କାର ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ରିକୁ ନାଗ ଓ ସୋହେଲା ☞ପୃଷ୍ଠା-୪



ଗିରଫ ଯୁବକ ଓ ପୋଲିସ ଏଏସ୍‌ଆଇ।

**ଆଜିର ସମ୍ପାଦକୀୟ**

**ବିବେକକୁ ବ୍ୟବହାର**

**ଆଜିର ମନ୍ତବ୍ୟ**

“ଲୋକପାଳ ଆଇନ କାର୍ଯ୍ୟକାରୀ ହୋଇଥିଲେ ରାଫାଲ ମାମଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନମ୍ବର ୱାନ ଅଭିଯୁକ୍ତ ହୋଇଥାନ୍ତେ।

– ବୀରାପ୍ପା ମୋଇଲି, କଂଗ୍ରେସ ନେତା

**କିଛି ତଥ୍ୟ**

୨୦୧୮ର ଏପ୍ରିଲ-ସେପ୍ଟେମ୍ବର ସମୟରେ ଦେଶର ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରକୁ ୦.୨୧ ନିୟୁତ ଡଲାରର ଏଫ୍‌ଡିଆଇ ଆସିଛି।

–ବାଣିଜ୍ୟ ମନ୍ତ୍ରଣାଳୟ


SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com


NECC NATIONAL EGG CO-ORDINATION COMMITTEE 11.02.2019 Venco Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 75 | 126 | 136 |
| CTC | 76 | 127 | 137 |
| DKL | 75 | 126 | 136 |
| BDK | 76 | 127 | 137 |
| BLS | 78 | 129 | 139 |
| ANG | 78 | 129 | 139 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers







# ଚାରା ବାଣ୍ଟିଲେ ନବଦମ୍ପତି

**ଭଦ୍ରକ ଅଫିସ, ୧୧।୨**

ସାଧାରଣତଃ ବାହାଘରରେ ରୋଶଣି, ବାଣ ଓ ଉପହାର ଏକ ପ୍ରଥା ହୋଇଯାଇଛି। ନିମନ୍ତ୍ରିତ ଅତିଥିମାନେ ବାହାଘରରେ ଭୋଜି ଖାଇ ବରକନ୍ୟାଙ୍କୁ ଉପହାର ଦେଇ ଶୁଭକାମନା ଜଣାଇଥାନ୍ତି। ହେଲେ ଏପରି ଏକ ନିଆରା ବାହାଘର ଯେଉଁଠି ଉପହାର ନେବା ପାଇଁ ନିମନ୍ତ୍ରଣ କାର୍ଡରେ ସ୍ପଷ୍ଟ ମନା କରାଯାଇଥିଲା। ବଦଳରେ ବିବାହ ମଣ୍ଡପରୁ ଭୋଜି ଖାଇ ଫେରୁଥିବା ଅତିଥିମାନେ ନବଦମ୍ପତିଙ୍କଠାରୁ ଚାରା ଉପହାର ଆଣି ବେଶ୍ ଖୁସିରେ ଘରକୁ ଫେରୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା।

**ନିଆରା ବିବାହ**
- ପରିବେଶ ପ୍ରଦୂଷଣ ରୋକିବାକୁ ଗୁରୁତ୍ୱ
- ଉପହାର ଆଣିବା ମନା

ଭଦ୍ରକ ବନ୍ତ ଛକ ଷ୍ଟାଡିୟମ ରୋଡର ଅବସରପ୍ରାପ୍ତ ଫେକରର କର୍ମଚାରୀ ଦିଲୀପ ନାୟକ ଗତ ଜାନୁୟାରୀ ୨୭ ତାରିଖରେ ତାଙ୍କ ବଡ଼ପୁଅଙ୍କ ବାହାଘର କରି ଏଭଳି ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି। ତାଙ୍କ ବଡ଼ପୁଅ ଇଞ୍ଜିନିୟର ଦିନେଶଙ୍କ ସହିତ ବାସୁଦେବପୁର ଅଞ୍ଚଳର ଶରତ ନାୟକଙ୍କ ଝିଅ ମୌସୁମୀଙ୍କ ବିବାହ ହୋଇଥିଲା। ଅତିଥିମାନେ ବିନା ଉପହାରରେ ଆସିବାକୁ ନିମନ୍ତ୍ରଣ ପତ୍ରରେ ଲେଖାଥିଲା। ସେହିପରି ପରିବେଶ ପ୍ରଦୂଷଣ ରୋକିବାକୁ ଗୁରୁତ୍ୱ ଦିଆଯାଇଥିଲା। ବିନା ବାଣ, ରୋଶଣିରେ ନିରାଡ଼ମ୍ବର ଭାବେ ବିବାହ ସମ୍ପନ୍ନ ହୋଇଥିଲା। ଜାନୁୟାରୀ ୩୧ ତାରିଖରେ ଡିଆର୍‌ଡିଏ ରୋଡସ୍ଥିତ ଏକ ବିବାହ ମଣ୍ଡପରେ ଦିନେଶଙ୍କ ଚତୁର୍ଥୀ ଭୋଜି ଦିଆଯାଇଥିଲା। ଏଠାକୁ ନିମନ୍ତ୍ରିତ ହୋଇ ଆସିଥିବା ଅତିଥିମାନେ ବରକନ୍ୟାଙ୍କୁ ଆଶୀର୍ବାଦ କରିବା ସହ ନିରାମିଷ ଭୋଜି ଖାଇଥିଲେ। ଆଉ ଘରକୁ ଫେରିବା ସମୟରେ ସେମାନଙ୍କୁ ଗୋଟିଏ ଲେଖାଏ ଚାରା ନବଦମ୍ପତି ଉପହାର ଭାବେ ଦେଇଥିଲେ। ଏଥର ବିଭିନ୍ନ ପ୍ରକାର ଫୁଲ ଓ ଫଳଗଛ ଚାରା ରହିଥିଲା। ଅତିଥିମାନେ ମନ ମୁତାବକ ଚାରା ନବଦମ୍ପତିଙ୍କ ହାତରୁ ନେଇ ଘରକୁ ଫେରିଥିଲେ। ବାପାଙ୍କ ଏପରି କାର୍ଯ୍ୟକୁ ବେଶ୍ ପ୍ରଶଂସା କରିଛନ୍ତି ପୁଅ ବୋହୂ ଓ ନିମନ୍ତ୍ରିତ ଅତିଥିମାନେ। ତାଙ୍କର ଏଭଳି ପଦକ୍ଷେପକୁ ଭଦ୍ରକ ସହରବାସୀ ମଧ୍ୟ ପ୍ରଶଂସା କରିଛନ୍ତି। ପ୍ରକାଶ ଯେ, ଏହି ବାହାଘରକୁ ବାଦ୍ ଦେଲେ ଦିଲୀପ ନିଜ ଘର ଓ ଅନ୍ୟାନ୍ୟ ସ୍ଥାନରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରିସାରିଛନ୍ତି। ଏଥିପାଇଁ ସ୍ତ୍ରୀ ଶିକ୍ଷୟିତ୍ରୀ ଶିରୋମଣି ମହାପାତ୍ର ଓ ପରିବାର ତାଙ୍କୁ ପ୍ରୋତ୍ସାହିତ କରୁଥିବା ଦିଲୀପ ପ୍ରତିକ୍ରିୟା ରଖିଛନ୍ତି।


ଅତିଥିମାନେ ନବଦମ୍ପତିଙ୍କଠାରୁ ଚାରା ଗ୍ରହଣ କରୁଛନ୍ତି।

# ଡୁଙ୍ଗୁରିପାଲି ବ୍ଲକ ପରିସରରେ ଫାଙ୍କା ଗୁଳି ଚାଳନା

**ଡୁଙ୍ଗୁରିପାଲି, ୧୧।୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ପରିସରରେ ସୋମବାର ଅପରାହ୍ନରେ ଗୁଳି ଫୁଟିଛି। ଜଣେ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଫାଙ୍କା ଗୁଳି ଚାଳନା କରାଯାଇଥିବା ଡୁଙ୍ଗୁରିପାଲି ବିଡ଼ିଓ ସହଦେବ ସମାଧିଆ ଥାନାରେ ଅଭିଯୋଗ କରିଛନ୍ତି । ଏ ନେଇ ପୋଲିସ ତନାଘନା ଆରମ୍ଭ କରିଛି । ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି । ଡୁଙ୍ଗୁରିପାଲି ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ସୋମବାର ଡୁଙ୍ଗୁରିପାଲି ରାଜୀବ ଭବନରେ ସମସ୍ତ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀମାନଙ୍କୁ ନେଇ 'ପିଠା' କାର୍ଯ୍ୟକ୍ରମ ଲାଗି ଏକ ପ୍ରସ୍ତୁତି ବୈଠକ ଚାଲିଥିଲା । ଅପରାହ୍ନ ୩ଟା ୫୪ରେ ଜଣେ ଅଜଣା ବ୍ୟକ୍ତି ଏକ ଚାରିଚକିଆ ଗାଡିରେ ବ୍ଲକ ପରିସରକୁ ଆସି ପ୍ରଥମେ ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ବିଡ଼ିଓ ସହଦେବ ସମାଧିଆଙ୍କୁ ନ ପାଇ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପଚାରିଥିଲେ । ବିଡିଓ ପ୍ରସ୍ତୁତି ବୈଠକରେ ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ କହିଥିଲେ । ପରେ ସେହି ବ୍ୟକ୍ତି ବିଡିଓଙ୍କ ପାଖରେ ପହଞ୍ଚି ଚେରୁପାଲି ପଞ୍ଚାୟତର ପିଇଓ କେଉଁଠି ଅଛନ୍ତି ବୋଲି ପ୍ରଶ୍ନ କରିଥିଲେ । ବୈଠକରେ ଉପସ୍ଥିତ ଥିବା ଚେରୁପାଲି ପିଇଓ ଦୁର୍ଯ୍ୟୋଧନ ମେହେର ସଂପୃକ୍ତ ବ୍ୟକ୍ତିଙ୍କୁ ନିଜ ପରିଚୟ ଦେଇଥିଲେ। ଏହାପରେ ସଂପୃକ୍ତ ବ୍ୟକ୍ତି ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଏହାପରେ ସେ ବାହାରକୁ ଆସି ୩ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରି ଫେରାର ହୋଇଯାଇଥିଲେ।

ଖବର ପାଇ ଡୁଙ୍ଗୁରିପାଲି ଥାନା ସବ୍‌ଇନ୍ସପେକ୍ଟର ଯଯାତି କେଶରୀ ସାହୁ ପହଞ୍ଚି ବିଡିଓଙ୍କୁ ଘଟଣା ବିଷୟରେ ପଚାରିଥିଲେ । ବିଡିଓ ପାଇଥିବା ଏକ ଡାଏରୀ ପୋଲିସକୁ ହସ୍ତାନ୍ତର କରିଥିଲେ । ପୋଲିସ ଘଟଣାସ୍ଥଳରୁ ଖୋକାର କିଛି ଅଂଶ ଓ ମାଟି ଜବତ କରିଛି । ପରେ ବ୍ଲକ ଅଫିସରେ ଲାଗିଥିବା ସିସି ଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରାଯାଇଛି । ସଂପୃକ୍ତ ବ୍ୟକ୍ତି ଏକ କଳାରଙ୍ଗର ଶାର୍ଟ ଓ ନୀଳ ରଙ୍ଗର ପ୍ୟାଣ୍ଟ ପିନ୍ଧି ୩ଟା ୫୪ ମିନିଟରେ ଅଫିସକୁ ଆସିଥିଲେ । ପୋଲିସ ଜବତ କରିଥିବା ଉକ୍ତ ଡାଏରୀ ଜଣେ ବ୍ୟକ୍ତିଙ୍କର ବୋଲି ଜଣାପଡିଛି । ଏ ବିଷୟରେ ଡୁଙ୍ଗୁରିପାଲି ପୋଲିସ ଥାନାରେ ଏକ ମାମଲା( ନଂ. ୨୩/୨୦୧୯) ଦଫା ୪୪୮,୨୯୪,୫୦୬ ଆଇପିସି ୨୫,୨୭ ଆର୍ମ ଆକ୍ଟରେ ରୁଜୁ ହୋଇ ତଦନ୍ତ ଚାଲୁ ରହିଥିବା ଥାନାଧିକାରୀ ନିରଞ୍ଜନ ଦାଶ କହିଛନ୍ତି।


ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଚିତ୍ର।

- ପୋଲିସର ତନାଘନା ଜାରି
- ଖୋକା, ଡାଏରୀ ଜବତ

# ମା'ଛେଉଣ୍ଡ ନାବାଳକଙ୍କୁ ଚେଙ୍କ


ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଶିଶୁ।

**ରାଉରକେଲା ଅଫିସ୍, ୧୧।୨**

- ଗୁରୁତର ଅବସ୍ଥାରେ ଆର୍‌ଜିଏଚ୍‌ରେ ଭର୍ତ୍ତି
- ଚିକିତ୍ସା ନାଁରେ ଶିଶୁଙ୍କୁ ନିର୍ଯାତନା

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ଦମଦାପଡା ଗାଁ। ଏହି ଗାଁରେ ପୁଣି ଜଣେ ନାବାଳକଙ୍କୁ ଚିକିତ୍ସା ଆଳରେ ଚେଙ୍କ ଦିଆଯାଇଛି। ୭ ବର୍ଷର ଏହି ନାବାଳକଙ୍କ ପେଟ ଉପରେ ୧୦ଟି ଚେଙ୍କ ଚିହ୍ନ ରହିଛି। ଯାହା କେତେ ଯନ୍ତ୍ରଣାଦାୟକ ଥିଲା ତାହା ଏହି ଦାଗ ବୟାନ କରୁଛି। ଏ ନେଇ ଜିଲାପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଚିକିତ୍ସା ନାଁରେ ଶିଶୁମାନଙ୍କୁ ଏପରି ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି।

ପିଲାଟି ଜନ୍ମରୁ କୁଆଡେ ସିକଲସିସ ରୋଗରେ ପୀଡିତ ଥିଲେ। ମା'ଛେଉଣ୍ଡ ହୋଇଥିବାରୁ ବାପା ହାବିଲ ବାଗେ ତାଙ୍କୁ ପିଉସୀ ଘରେ ଛାଡି ଦେଇଥିଲେ। ଅଧିକାଂଶ ସମୟରେ ପିଲାଟିର ପେଟ ଫୁଲି ରହୁଥିଲା। ମଝିରେ ମଝିରେ ଜ୍ୱର ଓ କାଶ ହେଉଥିଲା। ଚିକିତ୍ସା କରାଯିବା ପରେ ବି ପିଲାଟି ସୁସ୍ଥ ହେଉ ନ ଥିଲା। ଦିନ ମଜୁରିଆ ଭାବେ କାମ କରୁଥିବା ହାବିଲ ଅର୍ଥାଭାବରୁ ପୁଅକୁ ଭଲ ଡାକ୍ତର ପାଖକୁ ନେବାକୁ ସାହସ ଜୁଟାଇ ପାରୁ ନ ଥିଲେ। ଏପରି ଅବସ୍ଥାରେ ପିଉସୀ ଓ ଅନ୍ୟ ସମ୍ପର୍କୀୟ ଜଣେ ବୃଦ୍ଧାଙ୍କ କଥାରେ ଗତ ସୋମବାର ତାକୁ ଚେଙ୍କ ଦେଇଥିଲେ। ଭୟ ଓ ଚିନ୍ତାରେ ପିଲାଟି ଜ୍ୱରରେ ପୀଡିତ ହୋଇଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ହାବିଲ ପୁଅକୁ ସୋମବାର ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ଭର୍ତ୍ତି କରାଇଥିଲେ।

ଏ ନେଇ ହାବିଲ କହିଛନ୍ତି, ଆମେ ଗରିବ ଲୋକ। ବଡ ଡାକ୍ତର କି ଅନ୍ୟ କୌଣସି ଡାକ୍ତରଖାନା ନେଇ ପୁଅର ଚିକିତ୍ସା କରାଇବା ସମ୍ଭବ ନୁହେଁ। ଅନିଚ୍ଛା ସତ୍ତ୍ୱେ ଅନ୍ୟ କଥାରେ ପଡି ଚେଙ୍କ ଚିକିତ୍ସାକୁ ଗ୍ରହଣ କରିଥିଲି। ଆମକୁ ଏହାର ଭୟାବହତା ସମ୍ପର୍କରେ ଜଣା ନ ଥିଲା। ଆଉ ଭୁଲରେ ସୁଦ୍ଧା ଏହି ଚିକିତ୍ସା ସହାୟତା ନେବୁ ନାହିଁ ବୋଲି ସେ କହିଛନ୍ତି। ଏଣେ ରାଜ୍ୟ ସରକାରଙ୍କ ସଚେତନତା ବ୍ୟବସ୍ଥା ଫେଲ ମାରିଛି। ଏପରି ଅନ୍ଧ ବିଶ୍ୱାସ ଲୋକଙ୍କ ମନରୁ କମୁନି। ଆଦିବାସୀ ବହୁଳ ଜିଲାରେ ଆଜି ବି ଚେଙ୍କ ଚିକିତ୍ସା ଜାରି ରହିଛି। ମହିଳା ଆରୋଗ୍ୟ ସମିତି, ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀଙ୍କ ମାଧ୍ୟମରେ ସରକାର ଏ ନେଇ ସଚେତନତା ସୃଷ୍ଟି କରୁଥିବା ଦାବି କରୁଛନ୍ତି। ହେଲେ ଲୋକଙ୍କ ମଧ୍ୟରେ ଉନ୍ନତି ପରିଲକ୍ଷିତ ହେଉନି। ସ୍ୱାସ୍ଥ୍ୟ ବିଭାଗ ଅଜ୍ଞାତରେ ଏମିତି ଚେଙ୍କ ଚିକିତ୍ସା କୋମଳମତି ଶିଶୁଙ୍କ ପାଇଁ ଯନ୍ତ୍ରଣାଦାୟକ ହୋଇଛି। ପ୍ରତିବାଦ ପାଇଁ ଜ୍ଞ ନ ଥିବା ପିଲାଙ୍କୁ ଜବରଦସ୍ତ ଚେଙ୍କ ଦିଆଯାଉଛି। ଏ ଦିଗରେ ଅଧିକ ସଚେତନତା ଲୋଡା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ




# ସଡ଼କ ସୁରକ୍ଷା ସପ୍ତାହ ଶେଷଦିନରେ ଦୁର୍ଘଟଣା: ଗଲା ୧୫ ଜୀବନ

**ମାଲକାନଗିରି/ଅନୁଗୋଳ/ଖୋର୍ଦ୍ଧା/ବୌଦ୍ଧ/ଟିଟିଲାଗଡ଼/ସୁନ୍ଦରଗଡ଼/କେନ୍ଦୁଝର, ୧୧।୨ (ଡି.ଏନ.ଏ./ସ୍ୱ.ପ୍ର.)**

ସଡ଼କ ସୁରକ୍ଷା ସଚେତନତା ସପ୍ତାହ ଶେଷଦିନରେ ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ୧୫ ଜୀବନ ଯାଇଛି। ଏଥିରେ ୪୦ରୁ ଊର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି। ମାଲକାନଗିରି ଜିଲାରେ ୫, ଅନୁଗୋଳରେ ୩, ସୁନ୍ଦରଗଡ଼ରେ ୨, ଖୋର୍ଦ୍ଧା, ବରଗଡ଼, ବଲାଙ୍ଗୀର ଏବଂ କେନ୍ଦୁଝର ଜିଲାରେ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି।

କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନାର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବାବେଳେ ଏକ ପିକ୍‌ଅପ୍ ଭ୍ୟାନ ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ପାଙ୍ଗାମ ପଞ୍ଚାୟତ ଅନ୍ତର୍ଗତ କାଠିଗୁଡା ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ପାଙ୍ଗାମର ରାମଚନ୍ଦ୍ର ଖରା, ଶିରାଗୁଡାର ଡମ୍ବୁ ଗୌଡ, ପାତ୍ରଗୁଡାର ରାମଚନ୍ଦ୍ର ପୁଡିଆ, ଜୟପୁର କୁମ୍ଭାରସାହିର ଅନିଲ ଜେନା ପ୍ରାଣ ହରାଇଛନ୍ତି। ଏଥିରେ ୧୮ଜଣ ଗୁରୁତର ହୋଇଛନ୍ତି। ସେହିପରି ବାଲିମେଳା-କୁଡୁମୁଲୁଗୁମ୍ମା ମୁଖ୍ୟ ରାସ୍ତାର ଏମ୍.ଭି.-୩୮ ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କାରେ ଅନିଲ ଜେନାଙ୍କ ଜୀବନ ଯାଇଥିବାବେଳେ ୪ ଜଣ ଗୁରୁତର ହୋଇଛନ୍ତି। କୋରାପୁଟ-ସୁନାବେଡା ୨୬ନମ୍ବର ଜାତୀୟ ରାଜପଥର ନୂଆ କଲୋନୀଠାରେ ଘଟିଥିବା ସଡ଼କ ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଛି। ସେ ହେଲେ ପରଜାଲିମକା ଗ୍ରାମର ପଦଲାମ ମାଝି (୩୦)।

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଥାନା ଖମାର ଗାଁ ଜଗନ୍ନାଥ ମନ୍ଦିର ନିକଟ ୧୪୯ନଂ. ଜାତୀୟ ରାଜପଥରେ କାର୍ ସାଇକେଲକୁ ଧକ୍କା ଦେଇ ରାସ୍ତାକଡରେ ଥିବା ଘରେ ପଶିଯାଇଥିଲା। ଏଥିରେ ସାଇକେଲ ଆରୋହୀ ଟିକନ ଖିଲାର (୩୦)ଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ସେହିପରି ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାନହୁଲା-କୃତ୍ତିବାସପୁର ରାସ୍ତାର ବରପାଲି ଗ୍ରାମ ବାଟାବାୟାଣୀଠାରେ ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦାମୋଦରପୁର ଗ୍ରାମର ଧଡ଼ିଆ ନାୟକ (୩୦) ଓ ବାଲିପଙ୍ଗା ଗ୍ରାମର ବାବୁଲି ନାୟକ(୨୨)ଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇ ଛକ ନିକଟରେ ଇଣ୍ଟରଭ୍ୟୁ ଦେବାକୁ ଆସିଥିବାବେଳେ ଟ୍ରକ୍ ଧକ୍କାରେ ଦୁଇ ଭଉଣୀ ପ୍ରାଣ ହରାଇଛନ୍ତି। ସେମାନେ ହେଲେ ମଞ୍ଜୁଲା ମିଞ୍ଜ (୨୦), ଅଞ୍ଜନା ମିଞ୍ଜ (୧୮)। ଉଭୟେ ଏକ ନମ୍ବରବିହୀନ ଗାଡ଼ିରେ ରାଉରକେଲା ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

ଖୋର୍ଦ୍ଧା ଜିଲା ବାଲୁଗାଁ ବାଇପାସ୍ ୧୬ନଂ. ଜାତୀୟ ରାଜପଥ ସୁବୁଦ୍ଧି ପାଟଣା ଛକରେ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ କାର ଧକ୍କାରେ ତୋଟାପଡ଼ାର ଭାଗୀରଥି ଭୁଜବଳ (୫୦)ଙ୍କ ମୃତ୍ୟୁ ଘଟିଛି। ଏଥିରେ ୫ଜଣ ଆହତ ହୋଇଛନ୍ତି। ଅନୁରୂପଭାବେ ବଲାଙ୍ଗୀର ଜିଲା ବେଲଗାଁ-ଟିଟିଲାଗଡ଼ ୫୯ନଂ. ଜାତୀୟ ରାଜପଥର ଗିଡ୍‌ଗୁଲ ଗ୍ରାମ ନିକଟରେ ପିକଅପ୍ ଭ୍ୟାନ ଓଲଟି ଟିଟିଲାଗଡ଼ ଥାନା ନାନାଝର ଗ୍ରାମର ରାମ ଭୋଇ (୩୮)ଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ନିର୍ବନ୍ଧ କାମ ସାରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ବୌଦ୍ଧ ଜିଲା ମନମୁଣ୍ଡାଠାରୁ ୨କିମି ଦୂର ବାସୁଦେବପାଲି କ୍ରିଷ୍ଣା ଢାବା ନିକଟରେ ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ସମ୍ବଲପୁର ଜିଲା ମାନେଶ୍ୱରର ବଣ୍ଟି ବେହେରା (୨୮)ଙ୍କ ମୃତ୍ୟୁ ଘଟିଛି। ବରଗଡ଼ ଜିଲା ପାଇକମାଲ ଥାନା ମଲଦା ପାହାଡ଼ି ଢାବା ନିକଟରେ ଅପରାହ୍ନ ୪ଟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଭୁବନେଶ୍ୱରପୁର ଗ୍ରାମର ଗୌର ବରିହା ପ୍ରାଣ ହରାଇଛନ୍ତି। କେନ୍ଦୁଝର ଜିଲା ବାଂଶପାଣି ରେଳଷ୍ଟେଶନ ନିକଟରେ ଟାଟା-ବିଶାଖାପାଟଣା ଦ୍ରୁତଗାମୀ ପାସେଞ୍ଜର ଟ୍ରେନ୍‌ରେ କଟିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳିପାରିନାହିଁ। ୧ନଂ. ପ୍ଲାଟ୍‌ଫର୍ମରୁ ୧୦୦ ମିଟର ଦୂର ଟ୍ରେନ ଲାଇନରେ ଯୁବକଙ୍କ ବିଖଣ୍ଡିତ ମୃତଦେହ ପଡ଼ିଥିଲା। ଏହା ଆତ୍ମହତ୍ୟା ହୋଇଥାଇପାରେ ବୋଲି ଆଲୋଚନା ହେଉଛି।

# ଏନ୍‌ଟିସିଏ ନିର୍ଦ୍ଦେଶକୁ ଗିଳିଦେଲା ବନ ବିଭାଗ

**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

ରାଜ୍ୟରେ ବ୍ୟାଘ୍ର ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି ପ୍ରକଳ୍ପରେ ମଧ୍ୟପ୍ରଦେଶରୁ ୬ଟି ବାଘ ଅଣାଯିବାର ଯୋଜନା ରହିଥିଲା। ପ୍ରଥମ ପର୍ଯ୍ୟାୟରେ ୨ଟି ମହାବଳ ଅଣାଯାଇ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ଛଡ଼ା ଯାଇଥିଲା। ଏହି ପ୍ରକଳ୍ପକୁ ନେଇ ସେତେବେଳେ ବନ ବିଭାଗ ଅତ୍ୟନ୍ତ ଉଚ୍ଚାଭିଳାଷୀ ହୋଇପଡ଼ିଥିଲା। କିନ୍ତୁ ସାତକୋଶିଆକୁ ଆସିଥିବା ବାଘୁଣୀ 'ସୁନ୍ଦରୀ' ମଣିଷ ଖାଇଥିବା ଅଭିଯୋଗ ଆସିବା ଓ ବାଘ 'ମହାବୀର'ର ଅକସ୍ମାତ ମୃତ୍ୟୁ ଏହି ପ୍ରକଳ୍ପରେ ରକ୍ତଛିଟା ପକାଇଥିଲା। ଏହି ଦୁଇ ଘଟଣାରେ ଦୋଷ ଖସାଇବା ପାଇଁ ହୋଇଥିବା ଷଡଯନ୍ତ୍ରକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ଧରିବା ପରେ ବନ ବିଭାଗ ଏକ ପ୍ରକାର ହରଡ଼ ଘଟଣାରେ ପଡ଼ିଯାଇଥିଲା। ଏବେ ଏନ୍‌ଟିସିଏ ଦେଇଥିବା ରିପୋର୍ଟକୁ ଚାପି ଦିଆଯାଇଥିବା ଅଭିଯୋଗ ଉଠୁଛି। ଏପରିକି ଏନ୍‌ଟିସିଏ ନିର୍ଦ୍ଦେଶକୁ ବନ ବିଭାଗ କାର୍ଯ୍ୟକାରୀ ନ କରି ଚାପି ଦେବାକୁ ଆଉ ଏକ ଷଡ଼ଯନ୍ତ୍ର କରିଥିବା କୁହାଯାଉଛି। ମହାବୀର ମୃତ୍ୟୁର ଦୋଷୀ କିଏ ଏଯାଏ ଜଣାପଡି ନ ଥିବାବେଳେ 'ସୁନ୍ଦରୀ'ର ଭବିଷ୍ୟତକୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁଇଟି ବାଘକୁ ସୁରକ୍ଷା ଦେବାରେ ବନ ବିଭାଗ ଫେଲ୍ ମାରିଥିବାବେଳେ ଏହି ବୃହତ ପ୍ରକଳ୍ପ କ୍ରମଶଃ ଅନ୍ଧାର ଘେରକୁ ଠେଲି ହୋଇଯାଉଛି।

'ସୁନ୍ଦରୀ' ଆସିବା ପରଠାରୁ ସାତକୋଶିଆ ଚର୍ଚ୍ଚାରେ ରହି ଆସିଛି। 'ସୁନ୍ଦରୀ' ମଣିଷ ଓ ବହୁ ଗୃହପାଳିତ ପଶୁ ମାରିବା ଅଭିଯୋଗ ଆସିବା ପରେ ତାକୁ ଏନ୍‌କ୍ଲୋଜର ଭିତରେ ବନ୍ଦୀ କରି ରଖାଯାଇଛି। ସେହିପରି 'ମହାବୀର'ର ମୃତ୍ୟୁ ଏଯାଏ ରହସ୍ୟ ଘେରରେ ରହିଛି। ଝିଙ୍କ ମାରିଖାଇବା ଦ୍ୱାରା ତା'ର ମୃତ୍ୟୁ ହୋଇଥିବା ବନ ବିଭାଗ କହିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏନ୍‌ଟିସିଏ ଓ ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନର ବିଶେଷଜ୍ଞମାନେ ବନ ବିଭାଗ ରିପୋର୍ଟକୁ ଭୁଲ୍ ପ୍ରମାଣିତ କରିଥିଲେ। ମହାବୀର ଶିକାରୀଙ୍କ ଫାଶରେ ପଡ଼ିଥିବା ଓ ବେକରେ ଘା' ସଂକ୍ରମଣ ଯୋଗୁ ମୃତ୍ୟୁ ହୋଇଥିବା ଏନ୍‌ଟିସିଏ ରିପୋର୍ଟ ଦେଇଥିଲା। ଏଥିସହ ଦୋଷୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ୍ୟ ଏନ୍‌ଟିସିଏ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲା। କିନ୍ତୁ ଏହି ଚିଠି ଯେପରି ଶୀତଳ ଭଣ୍ଡାରରେ ରହିଯାଇଛି। କାର୍ଯ୍ୟାନୁଷ୍ଠାନ ନିଆଯିବା ବଦଳରେ ଦୋଷୀ ଅଧିକାରୀଙ୍କୁ ସୁରକ୍ଷା ଦିଆଯାଉଥିବା ଅଭିଯୋଗ ଉଠୁଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ଯେଉଁ ବନଖଣ୍ଡ ଅଧିକାରୀଙ୍କ ସମୟରେ 'ମହାବୀର'ର ମୃତ୍ୟୁ ହୋଇଥିଲା, ସମ୍ପୃକ୍ତ ଅଧିକାରୀଙ୍କୁ ଏହି ଘଟଣାର ତଦନ୍ତ ଭାର ଦିଆଯିବା ବିଭାଗୀୟ କାର୍ଯ୍ୟଧାରାକୁ ପଦାରେ ପକାଇଛି। ଅନ୍ୟପକ୍ଷରେ ବର୍ତ୍ତମାନ ବାଘୁଣୀ 'ସୁନ୍ଦରୀ' ଏନ୍‌କ୍ଲୋଜର ଭିତରେ ରହିଛି। ତା'ର ସ୍ୱାଭାବରେ ମଧ୍ୟ ପରିବର୍ତ୍ତନ ଆସିବାରେ ଲାଗିଛି। ଏତେ ଦିନ ଏନ୍‌କ୍ଲୋଜର ଭିତରେ ରଖାଗଲେ ପରବର୍ତ୍ତୀ ସମୟରେ ଜଙ୍ଗଲରେ ରହିବା ତା' ପାଇଁ କଷ୍ଟକର ହୋଇପଡ଼ିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ଇତିମଧ୍ୟରେ ବାଘୁଣୀକୁ ଜଙ୍ଗଲରେ ଛଡ଼ାଯିବା ପାଇଁ ବ୍ୟବସ୍ଥା ହୋଇଛି। ତା'ର ଗତିବିଧିକୁ ନଜର ରଖିବା ପାଇଁ ଶିମିଳିପାଳରୁ ଦୁଇଟି ହାତୀ ସେଠାକୁ ଯାଇଛନ୍ତି। କିନ୍ତୁ ସୁନ୍ଦରୀକୁ କେବେ ଛଡ଼ାଯିବ ତାହା ଏ ପର୍ଯ୍ୟନ୍ତ ନିଷ୍ପତ୍ତି ହୋଇପାରୁ ନାହିଁ। ଆଗକୁ ନିର୍ବାଚନ ଆସୁଥିବାରୁ 'ସୁନ୍ଦରୀ'କୁ ଜଙ୍ଗଲରେ ଛଡ଼ାଗଲେ କାଳେ ପୁଣି କିଛି ଘଟଣା ଘଟିବ ଓ ଅଡୁଆ ପରିସ୍ଥିତି ଉପୁଜିବ ସେହି ଭୟ ଏବେ ବନ ବିଭାଗ ଓ ସରକାରଙ୍କୁ ଘାରିଛି। କାରଣ ସୁନ୍ଦରୀକୁ ଛଡ଼ାଗଲେ ସ୍ଥାନୀୟ ଲୋକେ ବିରୋଧ କରିବେ ଓ ସରକାରଙ୍କୁ ଜବାବ ଦେବା ପାଇଁ ସେମାନେ ନିର୍ବାଚନରୁ ମଧ୍ୟ ଓହରିପାରନ୍ତି। ତେଣୁ ନିର୍ବାଚନ ପୂର୍ବରୁ ସୁନ୍ଦରୀକୁ ଜଙ୍ଗଲରେ ନ ଛାଡ଼ିପାରନ୍ତି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି। ଏହି ଦୁଇ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କହିଛନ୍ତି, ସୁନ୍ଦରୀ ବିଷୟରେ ବର୍ତ୍ତମାନ ସୁଦ୍ଧା ଚିନ୍ତା କରାଯାଇ ନାହିଁ। ମହାବୀର ସମ୍ପର୍କରେ ପିସିସିଏଫ୍(ବନ୍ୟପ୍ରାଣୀ) ଉତ୍ତର ଦେଇପାରିବେ। କିନ୍ତୁ ପିସିସିଏଫ୍ ସନ୍ଦୀପ ତ୍ରିପାଠୀଙ୍କୁ ଅନେକ ଥର ଫୋନ୍‌ରେ ଯୋଗାଯୋଗ କରିଥିଲେ ମଧ୍ୟ ସେ କଲ୍ ରିସିଭ୍ କରି ନ ଥିଲେ।

- ମହାବୀର' ମୃତ୍ୟୁର ଦୋଷୀଙ୍କୁ ସୁରକ୍ଷା
- ଅନ୍ଧାରରେ 'ସୁନ୍ଦରୀ'ର ଭାଗ୍ୟ
- କ୍ରାଇମବ୍ରାଞ୍ଚ ତଦନ୍ତ ଦାବି



# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ରାଜ୍ୟ ପଞ୍ଚାୟତ ସମିତି ମହାସଂଘ

**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ପଞ୍ଚାୟତ ସମିତି ସଭ୍ୟା/ସଭ୍ୟ ମହାସଂଘର କର୍ମକର୍ତ୍ତା ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ପଞ୍ଚାୟତିରାଜ ମନ୍ତ୍ରୀ ରମେଶ ମାଝିଙ୍କ ତତ୍ତ୍ୱାବଧାନରେ ସଂଘର ସଦସ୍ୟମାନେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ପୂର୍ବାହ୍ନରେ ଭେଟି ବିଭିନ୍ନ ଦାବି ସମ୍ପର୍କରେ ଜଣାଇଛନ୍ତି। ସଂଘର ମୁଖ୍ୟତଃ ୧୦ଟି ଦାବି ରହିଛି। ଏହି ଦାବିକୁ ବିଚାରକୁ ନେଇ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି।

ସଂଘ ସଭାପତି ଶରତ କୁମାର ଖିଲାର କହିଛନ୍ତି ଯେ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ସମିତି ସଭ୍ୟ(ନୋମିନି)ଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ, ଉନ୍ନତିମୂଳକ କାର୍ଯ୍ୟରେ ସରପଞ୍ଚଙ୍କ ସହ ନୋମିନି ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସ୍ୱାକ୍ଷରକୁ ବାଧ୍ୟତାମୂଳକ, ନୋମିନିଙ୍କ ବାର୍ଷିକ ଉନ୍ନୟନ ପାଣ୍ଠି ୩୦ ଲକ୍ଷ ଏବଂ ମାସିକ ଭତ୍ତା ୧୮୮୦ରୁ ୩୦,୦୦୦ ଟଙ୍କାକୁ ବୃଦ୍ଧି କରାଯିବା ନେଇ ଦାବି ରଖିଛୁ। ସେହିପରି ସଙ୍ଗଠନ ସମ୍ପାଦକ ରଞ୍ଜନ କୁମାର ଦାସ କହିଛନ୍ତି ଯେ, ବିଭିନ୍ନ ପ୍ରମାଣପତ୍ର ଚିହ୍ନଟରେ ନୋମିନିଙ୍କୁ କ୍ଷମତା ପ୍ରଦାନ, ବାର୍ଷିକ କାର୍ଯ୍ୟଖସଡ଼ା ଅନୁମୋଦନରେ ଦସ୍ତଖତ ଅନ୍ତର୍ଭୁକ୍ତ, ସରପଞ୍ଚଙ୍କୁ ଦିଆଯାଉଥିବା ସମସ୍ତ କ୍ଷମତା ନୋମିନିଙ୍କୁ ପ୍ରଦାନ ଏବଂ ୫ ବର୍ଷର ଅବଧି ସରିବା ପରେ ପେନ୍‌ସନ ପ୍ରଦାନ କରାଯାଉ। ଅନ୍ୟମାନଙ୍କ ମଧ୍ୟରେ ସଂଘ ପକ୍ଷରୁ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ସାମଲ, କାର୍ଯ୍ୟକାରୀ ସଭାପତି ଗୋପବନ୍ଧୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତିଆଣ ଆକ୍ଷେପକୁ ନେଇ ଉତ୍ତେଜନା

**ନାକଟିଦେଉଳ, ୧୧।୨(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସାହେବୀ ପଞ୍ଚାୟତର ଝାରବେଡ଼ା ଗ୍ରାମରେ ଜାତି ଭେଦଭାବକୁ କେନ୍ଦ୍ରକରି ଉତ୍ତେଜନା ଦେଖା ଦେଇଛି। ଝାରବେଡ଼ା ପ୍ରାଥମିକ ବିଦ୍ୟାଳୟରେ ରବିବାର ସରସ୍ୱତୀ ପୂଜା ଆୟୋଜିତ ହୋଇଥିଲା । ଏହି ପୂଜାରେ ରୋଷେଇ ହୋଇଥିଲା। ତେବେ ରୋଷେଇ ହେଉଥିବା ସ୍ଥାନକୁ ସେହି ଗ୍ରାମର କେତେକ ଅନ୍ୟ ଜାତିର ଛାତ୍ରୀଛାତ୍ର କୌଣସି କାମରେ ପହଞ୍ଚି ଥିଲେ। ହେଲେ ସେଠାରେ ଥିବା ରୋଷେୟା ନାନା କଥା କହି ସେମାନଙ୍କୁ ସେଠାରୁ ବାହାର କରିଦେବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏ ସମ୍ପର୍କରେ ସ୍କୁଲର ଚେୟାରମ୍ୟାନ ରାମଚନ୍ଦ୍ର ଦେହୁରୀ, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, ବିଦୁଲତା ନାୟକ, ବିକ୍ରମ ଗଡ଼ତ୍ୟା, ସୁଶୀଲ ନାୟକ, କଳ୍ପନା ମୁଣ୍ଡା ପ୍ରମୁଖ ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀ ଏବଂ ଥାନାରେ ଲିଖିତ ଅଭିଯୋଗ କରି ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

# ଧାନକିଣା ବାଟବଣା



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଚାଷୀମାନେ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ

## ଧାନ ବିକ୍ରି ପାଇଁ ଜିଲାପାଳ ଅଫିସ ଘେରିଲେ ଚାଷୀ

**ନୂଆପଡା ଅଫିସ, ୧୧।୨**

ନୂଆପଡ଼ା ଜିଲାରେ ଯୋଗାଣ ଏବଂ ସମବାୟ ବିଭାଗର ଚରମ ଅବହେଳା ଯୋଗୁ ମଣ୍ଡିଗୁଡିକରୁ ଠିକ୍ ସମୟରେ ଧାନ କିଣା ଯାଇପାରୁ ନାହିଁ। ଫଳରେ ଚାଷୀମାନେ ରାଜରାସ୍ତାକୁ ଆସୁଛନ୍ତି। ଜିଲାରେ ଧାନକିଣା ବାଟବଣା ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ଜିଲା ସଦର ବ୍ଲକ ଧରମବନ୍ଧା ମଣ୍ଡିରେ ଆଜିକୁ ତିନି ଦିନ ହେବ ୩୦ହଜାରରୁ ଊର୍ଦ୍ଧ୍ୱ ବସ୍ତା ଧାନ ପଡିରହିଛି। ହେଲେ ମିଲର୍ସଙ୍କ ପାଦ ପଡୁନାହିଁ ବୋଲି ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀମାନେ ବାଧ୍ୟହୋଇ ଦୀର୍ଘ ୨୦କି.ମି ଦୂର ନୂଆପଡା ଆସି ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀଙ୍କ ଧାନ ନ ଉଠିବା ଯାଏଁ ସେମାନେ ଯିବେନାହିଁ ବୋଲି ଅଡି ବସିଥିଲେ।


ପ୍ରକାଶ ଯେ, ଧରମବନ୍ଧା ମଣ୍ଡିରେ ପଞ୍ଜୀକରଣ ଚାଷୀଙ୍କ ସଂଖ୍ୟା ଅନୁସାରେ ମୋଟ ୭୯ହଜାର ୩୧୧ କୁଇଣ୍ଟାଲ ୯କିଗ୍ରା ଧାନ କିଣାଯିବା କଥା। ଏଥିରୁ ଦୁଇ ମାସ ମଧ୍ୟରେ ମାତ୍ର ୩୭ ହଜାର ୭୪୨ କୁଇଣ୍ଟାଲ ୯କିଗ୍ରା ଧାନ ଉଠିଛି। ଏଥିରେ ପୁଣି ମଝିରେ ବିଭିନ୍ନ ବାହାନା କରି ୩ ସପ୍ତାହ ଧରି ମଣ୍ଡିକୁ ମିଲର୍ସ ଆସି ନ ଥିବାରୁ ମଣ୍ଡି ବନ୍ଦ ପଡିଥିଲା। ବର୍ତ୍ତମାନ ଜିଲାର ଧାନକିଣା ଟାର୍ଗେଟ ପୂରା ହୋଇଥିବା ଦର୍ଶାଇ ମିଲର୍ସମାନେ ମଣ୍ଡିକୁ ଯାଉନାହାନ୍ତି। ତେଣୁ ଆଜିକୁ ତିନି ଦିନ ହେବ ମଣ୍ଡିରେ ଧାନବସ୍ତା ସବୁ ପଡିରହିଛି। ଏବେ ମଣ୍ଡିରେ ୩୦ହଜାର ବସ୍ତା ଅର୍ଥାତ୍ ୧୫ହଜାର କୁଇଣ୍ଟାଲ ଧାନ ପଡିରହିଛି। ଚାଷୀମାନେ ଦିନରାତି ମଣ୍ଡିରେ ଶୀତରେ ଜଗି ରହୁଛନ୍ତି। ଏହା ଉପରେ ବାରମ୍ବାର ଯୋଗାଣ କିମ୍ବା ସମବାୟ ବିଭାଗ ଅଧିକାରୀମାନଙ୍କୁ ଜଣାଇ ଆସୁଥିଲେ ହେଁ କେହି ଶୁଣୁନାହାନ୍ତି। ତେଣୁ ଚାଷୀମାନେ ଅନନ୍ୟୋପାୟ ହୋଇ ଶେଷରେ ବିଭିନ୍ନ ଗାଡିରେ ବୁହାହୋଇ ଦୁଇ ଶତାଧିକ ଚାଷୀ ନୂଆପଡାରେ ରୁଣ୍ଡ ହୋଇଥିଲେ। ଏଠାରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରି ରଖିଥିଲେ। ଶେଷରେ ଜିଲା ଯୋଗାଣ ବିଭାଗ ତରଫରୁ ଅଧିକାରୀମାନେ ଆସି ଦାବିପତ୍ର ଗ୍ରହଣ କରିଥିଲେ। ପରେ ଚାଷୀମାନେ ସମବାୟ ବିଭାଗ (ଏଆରସିଏସ) ଅଫିସକୁ ମଧ୍ୟ ଯାଇ ଘେରାଉ କରିଥିଲେ। ମିଲର୍ସ ନ ପଠାଇଲେ ସେମାନେ ଏଠାରୁ ଯିବେନାହିଁ ବୋଲି ଅଡି ବସିଥିଲେ। ଶେଷରେ ମଙ୍ଗଳବାର ମିଲର୍ସ ଯାଇ ସମସ୍ତ ଧାନ ଉଠାଇବାର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଏଥିରୁ ନିବୃତ୍ତ ହୋଇଥିଲେ। ଏହି ଘେରାଉରେ ଧରମବନ୍ଧା ସରପଞ୍ଚ ଓମପ୍ରକାଶ କଲାର, ଦିଲୀପ ନିର୍ମଳକର, ଗଏନ୍ଦରାମ ସାହୁ, ରଫିକ ମହମ୍ମଦ, ତନୁରାମ ସାହୁ, ନୀରଜ ସାହୁ ପ୍ରମୁଖ ସାମିଲ ଥିଲେ।

ରିପୋର୍ଟ : **ଘନଶ୍ୟାମ ଭୋଇ**

SBI Life
INSURANCE
With Us, You're Sure
Celebrate life

ଏସ୍‌ବିଆଇ ଲାଇଫ୍ ଟର୍ମ୍ ପ୍ଲାନ୍‌ସ ।
ମୋର 'ମୁଁ' ରୁ 'ଆମେ' କୁ
ପାହୁଣ୍ଡ


ଯେତେବେଳେ ଆପଣ ଆପଣଙ୍କ ନିଜ ପୂର୍ବରୁ ଅନ୍ୟ କାହାରି ଜୀବନର ଯତ୍ନ ନେବାକୁ ଆରମ୍ଭ କରନ୍ତି, ଆପଣ 'ମୁଁ' ରୁ 'ଆମ'କୁ ପାହୁଣ୍ଡ ବଢାଇ ଥାନ୍ତି । ସେମାନଙ୍କୁ ଏସ୍‌ବିଆଇ ଲାଇଫ୍ ଟର୍ମ୍ ପ୍ଲାନ୍‌ସ ସହିତ ସୁରକ୍ଷା ପ୍ରଦାନ କରନ୍ତୁ ଯାହାକି ସେମାନଙ୍କୁ ସେମାନଙ୍କ ସମଗ୍ର ଜୀବନ ପାଇଁ ବିତ୍ତୀୟ ସୁରକ୍ଷା ପ୍ରଦାନ କରିବ।



ଆମର ଟର୍ମ୍ ପ୍ଲାନ୍‌ସ ବିଷୟରେ ଅଧିକ ଜାଣିବା ପାଇଁ ଭିଜିଟ୍ କରନ୍ତୁ www.sbilife.co.in

ମିଛ/କପଟ ଫୋନ କଲ୍ ପ୍ରତି ସାବଧାନ!
IRDAI ବୀମା ପଲିସୀ ବିକିବା, ବୋନସ ଘୋଷଣା କରିବା କିମ୍ବା ପ୍ରିମିଅମ ବିନିଯୋଗ କରିବା ଭଳି କାର୍ଯ୍ୟ କରେ ନାହିଁ । ଏଭଳି ଫୋନ କଲ୍ ପାଉଥିବା ବ୍ୟକ୍ତି ପୁଲିସରେ ଅଭିଯୋଗ ଦାୟର କରିବାକୁ ଅନୁରୋଧ।

ଉପରୋକ୍ତ ପ୍ଲାନ ନାମଗୁଡ଼ିକ କେବଳ ପ୍ଲାନ କେଟଗରୀଙ୍କ ନାମ । ଆପଦାବଳୀ, ସର୍ତ୍ତ ଓ ନିୟମାବଳୀ ବିଷୟରେ ଅଧିକ ବିବରଣୀ ପାଇଁ, ବିକ୍ରୀ ସମ୍ପନ୍ନ କରିବା ଆଗରୁ ଧ୍ୟାନପୂର୍ବକ ବିକ୍ରୟ ପୁସ୍ତିକା ପଢ଼ିବାକୁ ଅନୁରୋଧ। ଉପରେ ପ୍ରଦର୍ଶିତ ଟ୍ରେଡ୍ ଲୋଗୋ ଭାରତୀୟ ଷ୍ଟେଟ ବ୍ୟାଙ୍କ'ର ସ୍ୱତ୍ୱ ଅଟେ ଏବଂ ଲାଇସେନ୍ସ ଅନ୍ତର୍ଗତ ଏସ୍‌ବିଆଇ ଲାଇଫ୍ ଏହାକୁ ବ୍ୟବହାର କରୁଛି। ଏସ୍‌ବିଆଇ ଲାଇଫ୍ ଇନ୍‌ସୁରାନ୍ସ କମ୍ପାନୀ ଲିମିଟେଡ । ରେଜିଷ୍ଟର୍ଡ ଓ କର୍ପୋରେଟ୍ କାର୍ଯ୍ୟାଳୟ : ନଟରାଜ, ଏମ୍. ଭି. ରୋଡ ଓ ୱେଷ୍ଟର୍ନ ଏକ୍ସପ୍ରେସ ହାଇୱେ ଜଙ୍କ୍‌ଶନ୍, ଅନ୍ଧେରୀ (ପୂର୍ବ), ମୁମ୍ବାଇ – 400 069। IRDAI ରେଜିଷ୍ଟର୍ଡ ନମ୍ବର 111. CIN: L99999MH2000PLC129113 • ୱେବ୍‌ସାଇଟ୍ : www.sbilife.co.in • ଇ-ମେଲ୍ : info@sbilife.co.in • ନିଃଶୁଳ୍କ : 1800-22-9090 (ଦିନ 9:00 ରୁ ରାତି 9:00 ପର୍ଯ୍ୟନ୍ତ) • 'Celebrate' 56161 କୁ SMS କରନ୍ତୁ। Term.ver.01-02-19 ADVT ORI



ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମାଗାନ୍ଧୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଶ୍ରୀୟା
ପରିବାରବର୍ଗ



ହୃଷୀକେଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

## ଅଭିଯୋଗ ସତ୍ତ୍ୱେ ବଳାତ୍କାର ଦଫା ଲଗାଇଲାନି ପୋଲିସ

**ଭୁବନେଶ୍ୱର,(ବ୍ୟୁରୋ)/ଜଟଣୀ,୧୧।୨(ଡି.ଏନ.ଏ.)**

ଜଣେ ନାବାଳିକାଙ୍କୁ ସୋମବାର ବଳାତ୍କାର ପରେ ତଣ୍ଟିଚିପି ହତ୍ୟା କରାଯାଇଛି। ଘଟଣାଟି ଘଟିଛି କମିଶନରେଟ୍ ପୋଲିସ ଅଧୀନ ଜଟଣୀ ଥାନା ଅଞ୍ଚଳରେ। ନାବାଳିକାଙ୍କ ମା' ତାଙ୍କ ଝିଅକୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। କିନ୍ତୁ ଜଟଣୀ ପୋଲିସ କେବଳ ଆଇପିସି ଦଫା ୩୦୨ ଅନୁଯାୟୀ ହତ୍ୟା ମାମଲା(ନଂ. ୪୭/୧୯) ରୁଜୁ କରିଛି। ବଳାତ୍କାର ଦଫା ଲଗାଇନାହିଁ। ଅନେକ ଘଟଣାରେ ପୋଲିସର ଆପରାଧିକ ଚରିତ୍ର ସାମ୍ନାକୁ ଆସିଛି। ବିଶେଷକରି ଗତ ଶୁକ୍ରବାର ବରଗଡ଼ ଜିଲା ସୋହେଲା ଥାନା ପରିସରରେ ଯାହା ଘଟିଲା ତାହା ଲଜ୍ଜାର ସୀମା ଟପିଗଲା। କାରଣ ଜଣେ ନାବାଳିକାଙ୍କୁ ଘର ଭିତରେ ବନ୍ଦ ରଖି ବଳାତ୍କାର କରାଯାଇଥିଲା। ଏନେଇ ଥାନାର ଏଏସ୍ଆଇ ବନମାଳୀ କୁଅଁର ଗିରଫ ହୋଇଛନ୍ତି। ଖାକିରେ ଏଭଳି କଳଙ୍କକୁ ଲୋକେ ସହଜରେ ଗ୍ରହଣ କରିପାରୁ ନ ଥିବାବେଳେ ଜଟଣୀ ପୋଲିସର ଉପରୋକ୍ତ କାର୍ଯ୍ୟ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବା ଭଳି ହୋଇଛି।

ଜଟଣୀ ଥାନାରେ ନାବାଳିକାଙ୍କ ମା' କରିଥିବା ଅଭିଯୋଗ ଅନୁଯାୟୀ, ସେ ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ଭାବେ କାର୍ଯ୍ୟ କରନ୍ତି। ଘରେ କେବଳ ମା'ଝିଅ ରହୁଥିବାବେଳେ ଝିଅ ଗାଁ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ସବୁଦିନ ପରି ସୋମବାର ସକାଳେ ନାବାଳିକାଙ୍କ ମା' ଅଙ୍ଗନୱାଡି କେନ୍ଦ୍ରକୁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୯ଟାରେ ସେ ଘରକୁ ଫେରିବା ପରେ ଝିଅ ମିକ୍ସର ଖାଉଥିବା ଦେଖିଥିଲେ। ଏହାପରେ ସେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଫେରିଥିଲେ। ସେଠାରୁ ସେ ପୁଣି ଘରକୁ ଫେରିବା ବେଳେ ଗଜାନନ ବେହେରା ନାମକ ଜଣେ ବ୍ୟକ୍ତି ତାଙ୍କ ଘରୁ ବାହାରି ଦୌଡ଼ି ପଳାଇଥିଲେ। ଘର ଭିତରକୁ ଯିବା ପରେ ଆଜବେଷ୍ଟସ୍ ଲୁହା ପାଇପ୍‌ରେ ଝିଅ ଉଲଗ୍ନ ଝୁଲୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ସେ ପଡ଼ୋଶୀଙ୍କ ସହାୟତାରେ ଝିଅକୁ ତଳକୁ ଆଣିଥିଲେ। କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ନାବାଳିକାଙ୍କ ଗଳାର ଦୁଇପାର୍ଶ୍ୱରେ ଶକ୍ତ ଦାଗ ରହିଛି। ତେଣୁ ତାଙ୍କୁ ବଳାତ୍କାର ପରେ ତିଣ୍ଟିଚିପି ହତ୍ୟା କରାଯାଇଛି ବୋଲି ନାବାଳିକାଙ୍କ ମା' ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଘଟଣାସ୍ଥଳରେ ଗୁଟ୍‌ଖା ଜରି, ବିଡ଼ି ଆଦି ପଡ଼ିଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ଜଟଣୀ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚିଥିଲା। ସାଇଣ୍ଟିଫିକ୍ ଟିମ୍ ଉକ୍ତ ଘରୁ ବିଭିନ୍ନ ନମୁନା ସଂଗ୍ରହ କରିଥିବାବେଳେ ପୋଲିସ ନାବାଳିକାଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ହେଲେ କାହିଁକି ବଳାତ୍କାର ଦଫା ଲଗାଗଲା ନାହିଁ ବୋଲି ପଚରାଯିବାରୁ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି ଯେ, ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ଦଫା ଲାଗିଛି। ସେ ବଳାତ୍କାର ସମ୍ପର୍କରେ ଲେଖିନାହାନ୍ତି। ବ୍ୟବଚ୍ଛେଦ ରିପୋର୍ଟରୁ ବଳାତ୍କାର କିମ୍ବା ଆତ୍ମହତ୍ୟା ଜଣାପଡ଼ିଲେ ସେହି ଅନୁଯାୟୀ ଦଫା ପରିବର୍ତ୍ତନ ହେବ।



ନାବାଳିକାଙ୍କ ମା' ଥାନାରେ ଦେଇଥିବା ଏତଲାର କିଛି ଅଂଶ।

# classified




**SALE**

Jypsy King, OR 02-S, 4 WD, petrol all papers ok, look like new for sale. 9437746913. D-11062




New opening ayurvedic full body massage. 7077444583. D-10885

Newly ayurvedic full body messege relaxed home service: 7609923705, 7438851534. D-38545




**SALE**

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

**Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65822

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65558

**Readymade Ghari (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65821

Tamando ବଜାର ପଛପଟେ ଏବଂ Infocity- II ପାଚେରି ପାଖରେ plot ପ୍ଲଟ ମିଳୁଅଛି। 9439864322. D-65356

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-11018

**Layout approved & Jatni BDO approved plot sale near Adyant +2 Science College, Gangapada, Bhubaneswar, facility- 30' road, boundarywall, electric, children park & temple, cost @ 700 per sqft. Mob: 7682927930.** D-11076

Gharabari individual (2000, 5400) plots at Pahal, Utkalheight, Jharapada, Duplex at Patia (76L), Hanspal for immediate sale. Details: 7008304833 (ବିଷ୍ଣୁ). D-11088


**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**୧୨ତମ ଜନ୍ମବାର୍ଷିକ ଶୁଭେଚ୍ଛା**



(ଶ୍ରୀୟା)
**ପ୍ରୀତିପର୍ଣ୍ଣା ପଟନାୟକ**
ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ। ଶୁଭେଚ୍ଛା ସହ: ବାବା, ମାମା, ଅଜା, ରିନୁ ଅପା, ସିପ୍ରା, ବାବି ମାମୁ, ନିତୁ ଭାଇ, ସମସ୍ତ ବନ୍ଧୁ ଏବଂ ପରିବାରବର୍ଗ। ଧ-୧୧୦୮୯

**ଶୁଭ ଜନ୍ମଦିନର ଅଭିନନ୍ଦନ**



**ହୃଷୀକେଶ**
ଆମ ପାଇଁ ସିଏ ପଥ ପ୍ରଦର୍ଶକ,
ମୁଖେଥାଏ ସଦା ହସ।
ହୃଦୟରେ ଥାଏ ଅସରନ୍ତି ସ୍ନେହ,
ନାମ ତାଙ୍କ ହୃଷୀକେଶ।
କର୍ମରେ ଭରସା କର୍ମ ତାଙ୍କ ନିଶା
କର୍ମରେ ଥାଏ ଆନନ୍ଦ।
ଶୁଭ ଜନ୍ମଦିନେ ଶୁଭାଶିଷ ଢାଳି
ଦିଅନ୍ତୁ ପ୍ରଭୁ ଗୋବିନ୍ଦ। ଧ-୬୨୦୭୦

# ଗଜପତିର କ୍ରିଷ୍ଟଜ୍ୟୋତି ହେବେ ଆମେରିକାର ବୋହୂ

ପାରଳାଖେମୁଣ୍ଡି, ୧୧।୨(ସ୍ୱ.ପ୍ର.)- ପ୍ରଥମ ଦେଖାରେ ଭଲପାଇବସିଲେ ଆଉ ହୃଦୟ ବି ଦେଲେ। ଏହାପରେ ଜୀବନସାଥି କରିବାର ପ୍ରସ୍ତାବ ରଖିଲେ ଆମେରିକୀୟ ଯୁବକ ଏମ୍.ଏସ୍.ମିଲର। ପରିବାର ସମ୍ମତିରେ ଏହି ପ୍ରସ୍ତାବକୁ ସ୍ୱାଗତ କରି ହାତ ବଢାଇଲେ ଗଜପତି ଜିଲାର ଝିଅ କ୍ରୀଷ୍ଟଜ୍ୟୋତି ବର୍ଦ୍ଧନ। ଉଭୟଙ୍କ ମଧ୍ୟରେ ଆସନ୍ତା ଜୁଲାଇରେ ଖ୍ରୀଷ୍ଟିଆନ ରୀତିନୀତି ଅନୁଯାୟୀ ବିବାହ ଉତ୍ସବ ଅନୁଷ୍ଠିତ ହେବ। ତେବେ ଏହା ପୂର୍ବରୁ ସୋମବାର ପାରଳାଖେମୁଣ୍ଡିସ୍ଥିତ ଜିଲା ନିବନ୍ଧକ ଓ ବିବାହ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦୁହେଁ ଆଇନଗତ ଭାବେ ପରସ୍ପରର ହାତ ଧରିଛନ୍ତି। ଏହାଦ୍ୱାରା ପାରମ୍ପରିକ ରୀତିରେ ବିବାହ ଉତ୍ସବ ନିମନ୍ତେ ପଥ ପରିଷ୍କାର ହେଲା ବୋଲି କ୍ରୀଷ୍ଟଜ୍ୟୋତିଙ୍କ ବାପା ସନ୍ତମୂର୍ତ୍ତୀ ବର୍ଦ୍ଧନ କହିଛନ୍ତି।

ସୂଚନା ଅନୁଯାୟୀ, ମିଲର ସମ୍ପ୍ରତି ଆମେରିକାର ଇଣ୍ଡିଆନା ସହରସ୍ଥ ଏକ କମ୍ପାନୀରେ କାର୍ଯ୍ୟରତ ଅଛନ୍ତି। ଗଜପତି ଜିଲା ରାୟଗଡ ବ୍ଲକ ଅଞ୍ଚଳର ସନ୍ତମୂର୍ତ୍ତୀ ବର୍ଦ୍ଧନଙ୍କ ଝିଅ କ୍ରୀଷ୍ଟଜ୍ୟୋତି ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟରେ ଏମ୍.କମ୍ ପଢିବା ପରେ କୋଲକାତାରେ ଏକ କମ୍ପାନୀରେ ଅର୍ଥ ସଂଯୋଜକ ଭାବେ କାର୍ଯ୍ୟରତ ଥିଲେ। ସେହି ସମୟରେ ମିଲର କଲିକତାକୁ କୌଣସି କାମରେ ଆସିଥିଲେ। ସେଠାରେ ସେ କ୍ରୀଷ୍ଟଜ୍ୟୋତିଙ୍କୁ ଦେଖିଥିଲେ। ପ୍ରଥମ ଦେଖାରେ ହିଁ ତାଙ୍କୁ ଭଲ ପାଇବସିଥିଲେ। ଏ ନେଇ ସେ କ୍ରୀଷ୍ଟଜ୍ୟୋତିଙ୍କ ନିକଟକୁ ବିବାହ ପ୍ରସ୍ତାବ ପଠାଇଥିଲେ। କ୍ରୀଷ୍ଟଜ୍ୟୋତି ଓ ତାଙ୍କ ପରିବାର ଏଥିରେ ରାଜି ହେବାରୁ କଥା ଆଗେଇଥିଲା। ଆସନ୍ତା ଜୁଲାଇ ୫ତାରିଖରେ ରାୟଗଡ ଚର୍ଚ୍ଚରେ ବିବାହ ଉତ୍ସବ ଆୟୋଜନ ନିମନ୍ତେ ସ୍ଥିର ହୋଇଛି।

# ବିଭିନ୍ନ ଦାବି ନେଇ କାର୍ଯ୍ୟ ବନ୍ଦ କଲେ ଆଇନଜୀବୀ

**କଟକ ଅଫିସ, ୧୧।୨**

ଭାରତୀୟ ଆଇନଜୀବୀ ପରିଷଦ ଆନୁକୂଲ୍ୟରେ ବିଭିନ୍ନ ଦାବି ନେଇ ସୋମବାର ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏହି ଅବସରରେ କଟକରେ ଆଇନଜୀବୀମାନେ କୋର୍ଟ କାର୍ଯ୍ୟ ଛାଡ଼ି ରାସ୍ତାକୁ ଓହ୍ଲାଇଥିଲେ। ହାଇକୋର୍ଟ ବାର୍ ସାମ୍ନାରେ ସମସ୍ତ ଆଇନଜୀବୀ ଏକଜୁଟ ହେବା ପରେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଟହଲି ଚରଣ ମହାନ୍ତିଙ୍କ ନେତୃତ୍ୱରେ ହାଇକୋର୍ଟ ବାର୍ ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ସତ୍ୟବ୍ରତ ମହାନ୍ତି ପ୍ରମୁଖ ଆଇନଜୀବୀଙ୍କ ବିଭିନ୍ନ ଦାବି ସମ୍ପର୍କିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

**ଜିଲାପାଳଙ୍କୁ ସ୍ମାରକପତ୍ର**

ସ୍ମାରକପତ୍ର ଜରିଆରେ ଓକିଲ ଓ ତାଙ୍କ ପରିବାରବର୍ଗଙ୍କ ପାଇଁ ବୀମା ବ୍ୟବସ୍ଥା, ନୂଆକରି ଓକିଲାତି କରୁଥିବା ଓକିଲମାନଙ୍କ ପାଇଁ ୫ ବର୍ଷ ପର୍ଯ୍ୟନ୍ତ ୧୦ହଜାର ଟଙ୍କା ଷ୍ଟାଇପେଣ୍ଡ, ଓକିଲଙ୍କ ଅକାଳ ମୃତ୍ୟୁ କିମ୍ବା ଦୁର୍ଘଟଣାରେ ମୃତ୍ୟୁ ହେଲେ ପରିବାର ପାଇଁ ଆର୍ଥିକ ସହାୟତା, ଶସ୍ତାରେ ଜମି ଯୋଗାଇଦେବା, ଯୋଗ୍ୟତାସମ୍ପନ୍ନ ଆଇନଜୀବୀଙ୍କୁ ସରକାରୀ ପଦପଦବୀରେ ଦାୟିତ୍ୱ ନିର୍ବାହ ପାଇଁ ନିଯୁକ୍ତି ଦେବା ସହିତ ଆଇନସେବା ପ୍ରାଧିକରଣ ଆଇନରେ ସଂଶୋଧନ ଆଣିବାକୁ ଦାବି କରାଯାଇଛି। ମଙ୍ଗଳବାର ଆଇନଜୀବୀମାନେ ଭୁବନେଶ୍ୱରରେ ଏକଜୁଟ ହୋଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେବାର କାର୍ଯ୍ୟକ୍ରମ ରହିଛି।

# ୧୫ରୁ ଆଭ୍ୟନ୍ତରୀଣ, ୧୭ରେ ଉପକୂଳରେ କୁଆପଥର ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୧।୨(ବ୍ୟୁରୋ)- ଆସନ୍ତା ୧୫ରୁ ଆଭ୍ୟନ୍ତରୀଣ ଏବଂ ଉତ୍ତର ଓଡିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଘଡଘଡି ସହ ହେବ। କେତେକ ସ୍ଥାନରେ କୁଆପଥର ବୃଷ୍ଟି ହେବ। ୧୭ ଓ ୧୮ରେ କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା ଓ ପୁରୀ ଆଦି ଜିଲାରେ ଘଡଘଡି ସହ ବର୍ଷା ହେବ। ପଶ୍ଚିମା ବାୟୁ ପ୍ରଭାବ ଯୋଗୁ ପାଗରେ ଏଭଳି ପରିବର୍ତ୍ତନ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗତ ଦୁଇଦିନ ହେବ ରାଜ୍ୟରେ ଶୀତ ପରିମାଣ ବୃଦ୍ଧି ପାଇଛି। ପାରଦ ୩ରୁ ୪ଡିଗ୍ରୀ ତଳକୁ ଖସି ଆସିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ସେଲସିୟସକୁ ଛୁଇଁଛି। ଆସନ୍ତା ୪୮ ଘଣ୍ଟା ଯାଏ ପାରଦ ତଳ ମୁହାଁ ହେବ।

**ମନେ ପଡ଼ନ୍ତି**

**୧୬ତମ ଶ୍ରାଦ୍ଧବାର୍ଷିକୀ**




**ସ୍ୱର୍ଗତ ବୃନ୍ଦାବନ ଚନ୍ଦ୍ର ପଟ୍ଟନାୟକ**
ସହକାରୀ ଆୟୁକ୍ତ, କେନ୍ଦ୍ର ଉତ୍ପାଦ ସୀମାଶୁଳ୍କ ବିଭାଗ
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ତିରୋଧାନ: ପବିତ୍ର ମାଘସପ୍ତମୀ
ଚାହୁଁ ଚାହୁଁ ୧୫ବର୍ଷ ବିତିଗଲା। ଅବର୍ତ୍ତମାନରେ ଆପଣଙ୍କ ସ୍ମୃତି ଏବେବି ଉଜ୍ଜୀବିତ ରହିଛି। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ପତ୍ନୀ- ମନି, ଝିଅ- ରୁନୁ, ପିନୁ, ଜ୍ୱାଇଁ- ଲକ୍ଷ୍ମୀନାରାୟଣ, ବିରଜା, ପୁଅ- ସାଇ, ବୋହୂ- ଇତି, ନାତିନାତୁଣୀ ଓ ପଟ୍ଟନାୟକ ପରିବାରବର୍ଗ। ଧ-୧୧୦୭୯

ଅଣ୍ଡର ୱାଟର ଭେଇକିଲ୍ ପ୍ରତିଯୋଗିତା-୨୦୧୯

# ଏନ୍ଆଇଟିର ରୋବୋଟିକ୍ସ ଟିମ୍ ବିଜୟୀ

**ରାଉରକେଲା ଅଫିସ,୧୧।୨**

ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ରାଉରକେଲା (ଏନ୍ଆଇଟିର)ର ରୋବୋଟିକ୍ସ ଟିମ୍ ନ୍ୟାଶନାଲ୍ ଷ୍ଟୁଡେଣ୍ଟ୍ସ ଅଟୋନୋମସ୍ ଅଣ୍ଡର ୱାଟର ଭେଇକିଲ୍ (ଏସ୍ଏଭିଇ) ପ୍ରତିଯୋଗିତା-୨୦୧୯ରେ ଆଇଆଇଟି, ବମ୍ବେ ସହିତ ଯୁଗ୍ମ ଭାବେ ପ୍ରଥମ ପୁରସ୍କାର ଜିତିଛି। ଭୂବିଜ୍ଞାନ ମନ୍ତ୍ରଣାଳୟ ଅଧୀନରେ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସନ୍ ଟେକ୍ନୋଲୋଜି ଏହି ପ୍ରତିଯୋଗିତା ଆୟୋଜନ କରିଥିଲା। ଯେଉଁ ଛାତ୍ରମାନେ ସମୁଦ୍ର ତଳେ ଦୃଶ୍ୟମାନ ସ୍ୱୟଂଚାଳିତ ଯାନ ଏବଂ ଡିଜାଇନ୍ ପ୍ରସ୍ତୁତି ଇଞ୍ଜିନିୟରିଂରେ ଡିଗ୍ରୀ କରୁଛନ୍ତି ସେହିମାନଙ୍କ ଲାଗି ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସାମୁଦ୍ରିକ ଜ୍ଞାନକୌଶଳ ଏବଂ ଅନୁସନ୍ଧାନରେ ଛାତ୍ରମାନଙ୍କୁ ସମ୍ପୃକ୍ତ କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ। ଏନ୍ଆଇଓଟି ଉକ୍ତ ପ୍ରତିଯୋଗିତାର ବିଜୟୀ ଟିମ୍‌କୁ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ସହାୟତା କରିବ। ବିଜୟୀ ଟିମ୍‌ରୁ ଦୁଇ ସଦସ୍ୟଙ୍କୁ ଚୟନ କରାଯିବ। ସେମାନେ ୨୦୧୯ ଜୁଲାଇରେ ଆମେରିକାର ସାନ୍ ଡିଏଗୋରେ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇପାରିବେ।



ଏନ୍ଆଇଟିର ବିଜୟୀ ଟିମ୍।

ପ୍ରଥମ ପୃଷ୍ଠାରୁ...

## ସତ୍ୟପାଠ ଦାଖଲ...

ଲୋକାୟୁକ୍ତ ମଣ୍ଡଳ ପାଇଁ ୬ ଜଣ ସଦସ୍ୟଙ୍କ ଚୂଡାନ୍ତ ନାମ ୩୦ ଦିନ ମଧ୍ୟରେ ପଠାଇବାକୁ ଚୟନ କମିଟି ସର୍ଚ୍ଚ କମିଟିକୁ ନିର୍ଦ୍ଦେଶ ଦେଇଥିଲା। ଏଠାରେ ଓଡ଼ିଶା ବିଧାନସଭା ୨୦୧୪ ଫେବୃୟାରୀ ୧୪ରେ ଲୋକାୟୁକ୍ତ ବିଲ୍ ପାରିତ ହୋଇଥିଲା। ୨୦୧୫ ଫେବୃୟାରୀ ୧୪ରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା। ୨୦୧୮ ଏପ୍ରିଲ ୯ ତାରିଖରେ ସୁପ୍ରିମକୋର୍ଟରେ କରିଥିବା ସତ୍ୟପାଠ ଦାଖଲକୁ ନେଇ ବିରୋଧୀ ଦଳ ବିଧାନସଭାରେ ସରକାରଙ୍କୁ ହଲାପଟା କରିଥିଲେ। ରାଜ୍ୟ ସରକାର ସୁପ୍ରିମକୋର୍ଟରେ ମିଥ୍ୟା ସତ୍ୟପାଠ ଦାଖଲ କରିଛନ୍ତି ବୋଲି ବିରୋଧୀ ଅଭିଯୋଗ ଆଣିଥିଲେ। କେନ୍ଦ୍ରରେ ଲୋକପାଳ ବିଲ୍ ଆଇନରେ ପରିଣତ ହେବା ପରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ୨୦୧୪ ଫେବୃୟାରୀ ୧୪ ତାରିଖରେ ଏହି ବିଲ୍‌କୁ ବିଧାନସଭାରେ ପାରିତ କରାଯାଇଥିଲା। ଏହି ଆଇନ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପରେ ମଧ୍ୟ ରାଜ୍ୟ ସରକାର ଏ ନେଇ ବିଜ୍ଞପ୍ତି ପ୍ରକାଶ କରି ନ ଥିଲେ। ସେବେଠାରୁ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ହୋଇ ନ ଥିଲେ। ବିରୋଧୀ କଂଗ୍ରେସ ଓ ଭାଜପା ରାଜ୍ୟରେ ଲୋକପାଳ କିମ୍ବା ଲୋକାୟୁକ୍ତ ନିଯୁକ୍ତି ନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଥିଲେ। ଏହାକୁ ନେଇ ବିଧାନସଭା ମଧ୍ୟ ଅଚଳ ହୋଇଥିଲା।

## ଜେଲ୍‌ଗଲେ ପୋଲିସ...

ଥାନାର ଏଏସ୍ଆଇ ବନମାଳି କୁଅଁରଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ବରଗଡ ଏସ୍‌ପି ଏଏସ୍ଆଇ କୁଅଁରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ସୋମବାର ସକାଳେ ପଦ୍ମପୁର ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ପଣ୍ଡା ସୋହେଲା ଥାନାକୁ ଆସି ପୀଡିତା ଓ ଦୁଇ ଅଭିଯୁକ୍ତଙ୍କୁ ପଚରାଉଚରା କରିବା ପରେ ଏହି ଘଟଣାରେ ଉଭୟ ଅଭିଯୁକ୍ତ ଦୋଷୀ ଅଟନ୍ତି ବୋଲି ସୂଚନା ଦେଇଥିଲେ। ଏହାପରେ ଏଏସଆଇ କୁଅଁରଙ୍କ ପୋଲିସ ପୋଷାକ ଖୋଲାଯାଇଥିଲା। ତାଙ୍କୁ ଥାନା ପରିସରରେ ଥିବା କ୍ୱାର୍ଟରକୁ ନେଇ ସେ ଏକ ବାକ୍ସରେ ରଖିଥିବା ସରକାରୀ ରିଭଲଭର ଓ ଗୁଳିକୁ ସଂଗ୍ରହ କରାଯାଇଥିଲା ଏବଂ ବରଗଡ ପୋଲିସ ରିଜର୍ଭରୁ ଆସିଥିବା ଜଣେ ଅଧିକାରୀଙ୍କୁ ତାହା ହସ୍ତାନ୍ତର କରାଯାଇଥିଲା। ପରେ ଉଭୟ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା ପାଇଁ ବରଗଡ଼ ପଠାଯାଇଥିଲା। ସୋହେଲା ଥାନାର ମହିଳା ସବଇନ୍ସପେକ୍ଟର ସୁଶୀଳା ଟିଗା ଘଟଣାର ତଦନ୍ତ କରୁଛନ୍ତି।

## ଆନ୍ଧ୍ରକୁ ସ୍ୱତନ୍ତ୍ର...

ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି ନେତା ଅରବିନ୍ଦ କେଜ୍‌ରିୱାଲ, ନ୍ୟାଶନାଲ୍ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା ପ୍ରମୁଖ ନେତା। ଦେଶର ସୁରକ୍ଷା ଲାଗି ସବୁ ରାଜନୈତିକ ଦଳ ଏକାଠି ହେବା ଜରୁରୀ ହୋଇପଡିଛି ବୋଲି ଟିଡିପି ନେତା କହିଛନ୍ତି। ୨୦୧୪ରେ ରାଜ୍ୟ ବିଭାଜନ ବେଳେ ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମରେ କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରନ୍ତୁ। ଏଥିସହିତ ରାଜ୍ୟବାସୀଙ୍କ ପ୍ରତି ମୋଦି ଯଦି ବ୍ୟକ୍ତିଗତ ଆକ୍ରମଣ କରନ୍ତି, ତେବେ ଏହାର ଉପଯୁକ୍ତ ଶିକ୍ଷା ପାଇବେ ବୋଲି ସେ ଚେତାବନୀ ଦେଇଛନ୍ତି। ମୋଦି ସରକାର ଦେଶ ତଥା ଗଣତନ୍ତ୍ର ପ୍ରତି ବିପଦ ବୋଲି ଚନ୍ଦ୍ରାବାବୁ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଚନ୍ଦ୍ରାବାବୁଙ୍କ ନେତୃତ୍ୱରେ ଟିଡିପିର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବ। ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ କ୍ଷମତାରୁ ହଟାଇବା ଲାଗି ଚନ୍ଦ୍ରାବାବୁ ବିରୋଧୀ ଦଳଗୁଡିକୁ ଏକାଠି କରିବାରେ ଲାଗିଛନ୍ତି। ଭାଜପା ବିରୋଧୀ ମେଣ୍ଟ ଗଠନ କରିବା ନିମନ୍ତେ ଗତ ୩ ମାସ ମଧ୍ୟରେ ସେ ବିରୋଧୀ ଦଳ ନେତାମାନଙ୍କ ସହ ଏକାଧିକ ବୈଠକ କରିଛନ୍ତି।

ଆନ୍ଧ୍ରକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିକୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ସମର୍ଥନ ଜଣାଇଛନ୍ତି। ଆନ୍ଧ୍ରପ୍ରଦେଶ ବିଭାଜନ ବେଳେ ଦିଆଯାଇଥିବା ପ୍ରତିଶ୍ରୁତିକୁ ଆଉ ବିଳମ୍ବ ନ କରି ତୁରନ୍ତ ପୂରଣ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଆନ୍ଧ୍ର ଲୋକଙ୍କଠାରୁ ଅର୍ଥ ଚୋରି କରି ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ଦେଇଛନ୍ତି ବୋଲି ରାହୁଲ ଅଭିଯୋଗ କରିଥିଲେ। ସେହିପରି କେଜ୍‌ରିୱାଲ ପ୍ରଧାନମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ମୋଦି ବିରୋଧୀ ରାଜ୍ୟଗୁଡିକ ପ୍ରତି ଯେଭଳି ବ୍ୟବହାର ଦେଖାଉଛନ୍ତି, ସେଥିରୁ ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଭଳି ଜଣାପଡୁଥିବା କେଜ୍‌ରିୱାଲ କହିଛନ୍ତି। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅନଶନସ୍ଥଳକୁ ଆସିପାରି ନ ଥିଲେ ମଧ୍ୟ ସମର୍ଥନ ଜଣାଇଛନ୍ତି। ଆମେ ଚନ୍ଦ୍ରାବାବୁଙ୍କ ସହ ରହିଛୁ ବୋଲି ଅଖିଳେଶ ଟୁଇଟ୍ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜି ତିନିକେନ୍ଦ୍ରରେ ଗ୍ରହମାନେ ଅବସ୍ଥାନ କରିଥିବାରୁ ଯେଉଁ କାମ ଆରମ୍ଭ କରିବେ ତାହା ନିଷ୍ଫଳ ହେବନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ କ୍ରମଶଃ ଦୂରେଇବାରେ ଲାଗିବ। ଦେବଦର୍ଶନ ସାଙ୍ଗକୁ ଦୂରଯାତ୍ରା କରିବାର ସୁଯୋଗ ପାଇପାରନ୍ତି। କିନ୍ତୁ ଚତୁର୍ଥସ୍ଥ ରାହୁ ଓ ରାଶିରେ ଚନ୍ଦ୍ର ପାରିବାରିକ ସମସ୍ୟା ନେଇ ଚିନ୍ତାପ୍ରକଟ କରିପାରନ୍ତି।

**ବୃଷ** - ଶୁକ୍ର ଓ ଶନି ତୃତୀୟାଧିପ ଚନ୍ଦ୍ରଙ୍କଠାରୁ କୋଣଭାବରେ ଥିବାରୁ ସମ୍ପର୍କୀୟମାନଙ୍କ ସାହାଯ୍ୟରେ ଅର୍ଥଲାଭ ସାଙ୍ଗକୁ ଅଭିଳଷିତ କାର୍ଯ୍ୟ ସମ୍ପନ୍ନ କରିପାରିବେ। କର୍ମକ୍ଷେତ୍ର କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ସମର୍ଥ ହୋଇପାରନ୍ତି। ଅବହେଳାବଶତଃ ଗୁରୁତ୍ୱପୂର୍ଣ୍ଣ କାମଟିକୁ ଶେଷ କରି ନ ପାରି ଦୁଃଖ ଅନୁଭବ କରିପାରନ୍ତି।

**ମିଥୁନ** - ସପ୍ତମ କେନ୍ଦ୍ରରେ ଶୁକ୍ର ଓ ଶନି ସ୍ୱାମୀ/ସ୍ତ୍ରୀଙ୍କ ମତପାର୍ଥକ୍ୟ, ଯାତ୍ରା, ବାଣିଜ୍ୟରେ ପ୍ରତିବନ୍ଧକ କିମ୍ବା ବିବାଦୀୟ କ୍ଷେତ୍ରରେ ଅପଦସ୍ଥ ହେବାକୁ ପଡ଼ିପାରେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭକରି ଅଟକି ରହିଥିବା କାମକୁ ପୂର୍ଣ୍ଣାଙ୍ଗ କରିବେ।

**କର୍କଟ** - ଧନାଧିପ ରାହୁ ଦୃଷ୍ଟିରେ ଥିବାରୁ ଧନହାନି, ସାଧାରଣ କଥାରେ ଯୁକ୍ତିତର୍କ ଜନିତ ବିବାଦୀୟ ସ୍ଥିତି ସୃଷ୍ଟି ହୋଇପାରେ। କୌଣସି ବିଶ୍ୱସ୍ତ ଲୋକଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଧାତୁ, ଅଳଙ୍କାର, ଗୃହୋପକରଣ କ୍ରୟ କରିପାରନ୍ତି।

**ସିଂହ** - ତୃତୀୟ ସ୍ଥାନ ଚନ୍ଦ୍ରଙ୍କ ଦୃଷ୍ଟିରେ ଥିବାରୁ କୌଣସି ଭଦ୍ର ମହିଳାଙ୍କ ସାହାଯ୍ୟରେ ଆପଣଙ୍କ କାର୍ଯ୍ୟ ହାସଲ ହୋଇଯିବ। କୌଣସି ସମସ୍ୟାକୁ ନେଇ ଅଫିସ୍‌ରେ ମନମାରି ବସି ରହିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭଲ ହୋଇ ନ ଥିବାରୁ ବ୍ୟସ୍ତତା ଅନୁଭବ କରିବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ, ଗୃହ, ଜମି, ପରିବହନ ପ୍ରଭୃତିରୁ ଖୁସି ରହିବେ।

**କନ୍ୟା** - ଚତୁର୍ଥ ସପ୍ତମାଧିପ ଚନ୍ଦ୍ରଙ୍କଠାରୁ ଷଡ଼ାଷ୍ଟକ ସ୍ଥିତିରେ ରହି ଆପଣଙ୍କୁ ନୈରାଶ୍ୟଜନକ ସ୍ଥିତିରେ ରଖିପାରନ୍ତି। ପାରିବାରିକ କ୍ଷେତ୍ରଜନିତ ଦ୍ୱନ୍ଦ୍ୱରେ ପଡ଼ି କେତେକ କାମକୁ ଚେଷ୍ଟା କଲେ ମଧ୍ୟ ଆରମ୍ଭ କରିପାରିବେ ନାହିଁ। କିନ୍ତୁ କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ପ୍ରକାଶନ, ପ୍ରଶାସନ, ମାଲିମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** - ଧନାଧିପ ଧନସ୍ଥାନକୁ ପୂର୍ଣ୍ଣ ଦୃଷ୍ଟି ଦେଉଥିବାରୁ ଅର୍ଥ, ସମ୍ମାନ, ଗୃହୋପଯୋଗୀ ଜମିଜମା, ଯାନବାହନାଦି ପ୍ରାପ୍ତି ଯୋଗ ରହିଛି। ଆଜିର କର୍ମକ୍ଷେତ୍ରରେ କୌଣସି ସମ୍ପର୍କୀୟ ବ୍ୟକ୍ତିଙ୍କ ଦ୍ୱାରା ସ୍ଥଗିତ କର୍ମ ସମ୍ପାଦନ କରିବେ। ଆକସ୍ମିକ ଭାବେ କୌଣସି ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଖୁସୀ ହୋଇପାରନ୍ତି।

**ବିଛା** - ରାଶିରେ ଦେବଗୁରୁ ଥିଲେ ମଧ୍ୟ ପାପମଧ୍ୟସ୍ଥ ହେତୁ ପ୍ରତ୍ୟେକ କାମକୁ ଆଶା ଓ ଆକାଂକ୍ଷା ମଧ୍ୟରେ ଦ୍ୱିଧାଗ୍ରସ୍ତ କରାଇପାରନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜିର କାମଗୁଡିକ କରିବାରେ ସଫଳତା ହାସଲ କରିବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ଚୁକ୍ତିପତ୍ର, ସଭାସମିତି ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସଫଳତା ହାସଲ କରିପାରନ୍ତି।

**ଧନୁ** - ରାଶିରେ ଶନି ହେତୁ ପ୍ରତ୍ୟେକ କାମରେ ନିରୁତ୍ସାହତା ଅନୁଭବ କରିବେ। ସମସ୍ତ ପ୍ରକାର ଭୋଗବିଳାସର ପରିବେଶ ମଧ୍ୟ ଉପଭୋଗ୍ୟ ହେବନାହିଁ। ସଭାସମିତିରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ହୋଇପାରେ। କେତେକ କ୍ଷେତ୍ରରେ ନିଜ ଲୋକମାନେ ପରୋକ୍ଷ ଶତ୍ରୁତା କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି।

**ମକର** - ଦ୍ୱାଦଶସ୍ଥ ଶୁକ୍ରଙ୍କ ନକ୍ଷତ୍ରରେ ଚନ୍ଦ୍ର ଆପଣଙ୍କ ମନରେ ବିଳାସବ୍ୟସନ, ମନୋରଞ୍ଜନ, ଭ୍ରମଣ ଓ ବନ୍ଧୁମିଳନ ପାଇଁ ଅନୁପ୍ରେରିତ କରିବ। ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ ଓ ଘରକୁ ଖାଲିହାତରେ ଫେରିବେ ନାହିଁ। ପାରିବାରିକ କ୍ଷେତ୍ରରେ କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ଆର୍ଥିକ ଅନଟନ କାରଣରୁ ଧାର କରଜ କରିବାକୁ ପଡ଼ିପାରେ।

**କୁମ୍ଭ** - ଚନ୍ଦ୍ର ଓ ମଙ୍ଗଳ ଭାଗ୍ୟସ୍ଥାନକୁ ଅବଲୋକନ କରୁଥିବାରୁ କୌଣସି ନୂତନ କର୍ମାରମ୍ଭ ସକାଶେ ମନ ବଳାଇପାରନ୍ତି। କିନ୍ତୁ ଯେତେ ଭଲ କାମ କଲେ ମଧ୍ୟ ପରୋକ୍ଷ ଶତ୍ରୁତା କରୁଥିବା ଲୋକମାନେ ଦୋଷ ଖୋଜିବୁଲିବେ। ଆଜିର ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଆର୍ଥିକ ସମସ୍ୟାର ସରଳ ସମାଧାନ କରିବାରେ ଅସମର୍ଥ ହୋଇପାରନ୍ତି।

**ମୀନ** - ଭାଗ୍ୟାଧିପତି ଚନ୍ଦ୍ରଙ୍କ ସହିତ ରହି ଭାଗ୍ୟସ୍ଥାନକୁ ଦେଖୁଥିବାରୁ କୌଣସି ପୂର୍ବସ୍ଥିରୀକୃତ କର୍ମାରମ୍ଭ ପାଇଁ ମନସ୍ଥ କରିପାରନ୍ତି। ଶନିଙ୍କ ପ୍ରଭାବରେ ସନ୍ଦେହ ଓ ଭୁଲ ବୁଝାମଣା ହେତୁ ପରିବାରରେ ବିବାଦୀୟ ସ୍ଥିତି ସୃଷ୍ଟି ହୋଇପାରେ। ବ୍ୟବସାୟ, ପରିବହନ, ଆଇନ ଅଦାଲତରୁ ସଫଳତା ପାଇବେ। ଉତ୍ତର ଭାଦ୍ରପଦ୍ ନକ୍ଷତ୍ରର ମାନସିକ ସ୍ଥିତି ପ୍ରାୟତଃ ଠିକ୍ ରହିବ।

ଆଜି ମାଘ ଶୁକ୍ଳପକ୍ଷର ତିଳସପ୍ତମୀ ମଙ୍ଗଳବାର, ଚନ୍ଦ୍ରଭାଗା ତୀର୍ଥେ ସ୍ନାନ ଓ ଯାତ୍ରା, ନବଦିନବ୍ୟାପୀ ଖଣ୍ଡଗିରି ମେଳା ଆରମ୍ଭ, ଆଦିକବି ସାରଳା ଦାସ ଓ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ, ଫେବୃୟାରୀ ୧୨ ତାରିଖ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମକର ରାଶିର ଘାତବାର, ମାସାନ୍ତ, ସକାଳ ଘ.୯।୧୩ମି. ଗତେ ଘ.୧୦।୩୫ମି. ମଧ୍ୟେ, ଘ.୧୨।୦୦ମି. ଗତେ ଘ.୧।୨୨ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦।୩୫ମି. ଗତେ ଘ.୧।୫୮ମି. ମଧ୍ୟେ, ଘ.୨।୪୮ମି. ଗତେ ଘ.୪।୧୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୨।୫୦ମି. ଗତେ ଘ.୪।୧୬ମି. ମଧ୍ୟେ ରାହୁକାଳ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ

## ସଂକ୍ଷେପରେ

### ଟ୍ରକ୍ ଚାଳକଙ୍କଠାରୁ ମୋବାଇଲ, ଟଙ୍କା ଲୁଟ୍

ବେଦବ୍ୟାସ,୧୧।୨(ଡି.ଏନ୍.ଏ.) ସୁନ୍ଦରଗଡ଼ ଜିଲ୍ଲା ବ୍ରାହ୍ମଣୀତରଙ୍ଗ ଥାନା ନୂଆଗାଁ ନିକଟରେ ଠିଆ ହୋଇଥିବା ଏକ ଟ୍ରକର ଚାଳକଙ୍କଠାରୁ ରବିବାର ବିଳମ୍ବିତ ରାତିରେ ମୋବାଇଲ ଓ ଟଙ୍କା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଟ୍ରକ୍ ଚାଳକ ନୂଆଗାଁ ନିକଟରେ ରାସ୍ତା କଡ଼ରେ ଗାଡ଼ି ଠିଆକରି ବିଶ୍ରାମ କରୁଥିବାବେଳେ ୪ରୁ ୫ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ଛୁରୀ, ଭୁଜାଲି ଦେଖାଇ ଭୟଭୀତ କରିଥିଲେ। ୧୨ ହଜାର ୫ଶହ ଟଙ୍କା, ଗୋଟିଏ ମୋବାଇଲ, ଡ୍ରାଇଭିଂ ଲାଇସେନ୍ସ ଓ ଏଟିଏମ୍ କାର୍ଡ ଲୁଟ୍‌କରି ଫେରାର ସେମାନେ ଫେରାର ହୋଇଯାଇଥିଲେ। ସୋମବାର ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ବିଭିନ୍ନ ସ୍ଥାନରେ ଚଢ଼ାଉ କରି ତନାଘନା ଚଳାଇଛି। ହେଲେ ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇନାହିଁ।

# ୧୭ ଜିଲାରେ ୩୮ ନୂଆ ଆହାର କେନ୍ଦ୍ର ଖୋଲିଲା

- ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ କଲେ ଲୋକାର୍ପଣ
- କେନ୍ଦ୍ର ସଂଖ୍ୟା ୧୫୭ ଛୁଇଁଲା
- ୱେବ୍‌ସାଇଟ୍‌ରେ ମିଳିବ ଆହାର ସୂଚନା
- ଇଚ୍ଛୁକ ବ୍ୟକ୍ତି ଦେଇପାରିବେ ଦାନ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସୋମବାର ରାଜ୍ୟର ୧୭ ଜିଲାର ୩୮ଟି ସ୍ଥାନରେ ନୂତନ ଆହାର କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ସଚିବାଳୟରୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ କେନ୍ଦ୍ରଗୁଡିକର ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆହାର ଏକ ଲୋକପ୍ରିୟ କାର୍ଯ୍ୟକ୍ରମ। ଖୁସିର କଥା, ଆହାର କେନ୍ଦ୍ର ସଂଖ୍ୟା ୧୫୭ରେ ପହଞ୍ଚିଲା। ରାଜ୍ୟର ସବୁ ସହରାଞ୍ଚଳ ଏହି ଯୋଜନାରେ ସାମିଲ ହେଲା। ୫୬ଟି ଡାକ୍ତରଖାନା ପରିସରରେ ରାତିରେ ଖାଇବା ସୁବିଧା ମିଳିଲା। ଖାଦ୍ୟର ଗୁଣବତ୍ତା ଓ ପରିଷ୍କାର ପରିଚ୍ଛନ୍ନତା ଏହି କାର୍ଯ୍ୟକ୍ରମର ବିଶେଷତ୍ୱ ହେବା ଉଚିତ। ପ୍ରତିଦିନ ପ୍ରାୟ ଏକ ଲକ୍ଷ ମିଲ୍ ଆହାର ଦ୍ୱାରା ସମ୍ଭବ ହୋଇପାରିଛି। ଏହି କାର୍ଯ୍ୟରେ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ବୋଲି ନବୀନ ପଟ୍ଟନାୟକ କହିଛନ୍ତି।

ଲୋକାର୍ପିତ ସେଣ୍ଟରଗୁଡିକ ମଧ୍ୟରେ ରାଜଧାନୀ ଉପକଣ୍ଠ ସିଜୁଆସ୍ଥିତ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ(ଏମ୍ସ) ପରିସରରେ ଏକ କେନ୍ଦ୍ର ରହିଛି। ମାତ୍ର ୫ ଟଙ୍କାରେ ଗୁଣାତ୍ମକ ମାନର ଭାତ ଓ ଡାଲମା ଜନସାଧାରଣଙ୍କୁ ଏହି ଯୋଜନା ଦ୍ୱାରା ପରଷା ଯାଉଛି। ୨୦୧୫ ଏପ୍ରିଲ ପହିଲାରୁ ଏହି ଆହାର ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଅଛି। ପ୍ରାଥମିକ ଭାବେ ୫ଟି ପୌରାଞ୍ଚଳର ୨୧ଟି ସ୍ଥାନରେ ଆରମ୍ଭ ହୋଇଥିଲା। ଏପର୍ଯ୍ୟନ୍ତ ପ୍ରାୟ ୭.୨ କୋଟି ମିଲ ଜନସାଧାରଣଙ୍କୁ ଦିଆଯାଇସାରିଲାଣି। ଏହି ଯୋଜନା ଅନ୍ତର୍ଗତ ଖାଦ୍ୟ ପରିବହନ ପାଇଁ ୬୫ ଗାଡ଼ି ଏବଂ ୨୦୦ ବ୍ୟକ୍ତି ନିଯୁକ୍ତ ହୋଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ୧୫ ଏପ୍ରିଲ ୨୦୧୬ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୧୦୦ତମ ଆହାର କେନ୍ଦ୍ରର ଲୋକାର୍ପଣ କଟକଠାରେ ହୋଇଥିଲା। ସୋମବାର ଆଉ ୩୮ଟି ନୂତନ ଆହାର ସେଣ୍ଟରର ଶୁଭାରମ୍ଭ ହେବା ସହ ମୁଖ୍ୟମନ୍ତ୍ରୀ ଏହି ସମ୍ବନ୍ଧୀୟ ଏକ ୱେବ୍‌ପୋର୍ଟାଲର ଶୁଭାରମ୍ଭ ମଧ୍ୟ କରିଛନ୍ତି। ଏହି ୱେବ୍‌ପୋର୍ଟାଲଟି ହେଉଛି–http://www.urban-odisha.gov.in/AAHAAR.ଏହି ୱେବ୍‌ସାଇଟ ଜରିଆରେ ଆହାର ଯୋଜନା ପାଇଁ ଇଚ୍ଛୁକ ବ୍ୟକ୍ତି ସହାୟତା ପ୍ରଦାନ କରିପାରିବେ। ସେହିପରି ଇଚ୍ଛୁକ ବ୍ୟକ୍ତିମାନେ ବିବାହ ବାର୍ଷିକୀ, ଜନ୍ମଦିନ, ଶ୍ରାଦ୍ଧ ତଥା ଅନ୍ୟ ଦିନମାନଙ୍କରେ ସ୍ୱେଚ୍ଛାକୃତ ଭାବେ ଯେକୌଣସି ନିର୍ଦ୍ଦିଷ୍ଟ ଆହାର କେନ୍ଦ୍ରକୁ ଖାଦ୍ୟ ପ୍ରଦାନର ବ୍ୟବସ୍ଥା କରିପାରିବେ। ଆହାର କାର୍ଯ୍ୟକ୍ରମକୁ ନେଇ କୌଣସି ପରାମର୍ଶ ରହିଥିଲେ ୱେବସାଇଟ୍‌ର ଉପରୋକ୍ତ ଲିଙ୍କରେ 'ସଜେସନ୍' ଅପ୍‌ଶନକୁ ଯାଇ ପରାମର୍ଶ ଦେଇହେବ। ଆଧାର କାର୍ଯ୍ୟକ୍ରମ ଏକ ସ୍ୱତନ୍ତ୍ର ପ୍ରଶାସନିକ ବ୍ୟବସ୍ଥା ଦ୍ୱାରା ମନିଟରିଂ କରାଯାଉଛି। ରାଜ୍ୟ ଆହାର ସୋସାଇଟି ଅଧୀନରେ ଗୋଟିଏ ଲେଖାଏ ଜେନେରାଲ ବଡି ଏବଂ କାର୍ଯ୍ୟନିର୍ବାହୀ କମିଟି କାର୍ଯ୍ୟ କରୁଛି। ଜେନେରାଲ ବଡିରେ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷତା କରୁଥିବା ବେଳେ କାର୍ଯ୍ୟନିର୍ବାହୀ କମିଟିରେ ନଗର ଉନ୍ନୟନ ସଚିବ ଅଧ୍ୟକ୍ଷତା କରୁଛନ୍ତି। ଜିଲାସ୍ତରରେ ଜିଲା ଆହାର ସୋସାଇଟି ଏବଂ ମହାନଗରଗୁଡ଼ିକରେ ସିଟି ଆହାର ସୋସାଇଟି କାମ କରୁଛି। ରାଜ୍ୟସ୍ତରୀୟ ପ୍ରଶାସନିକ ବ୍ୟବସ୍ଥା ଭଳି ଜିଲାସ୍ତରରେ ମଧ୍ୟ ଜେନେରାଲ ଏବଂ କାର୍ଯ୍ୟନିର୍ବାହୀ କମିଟି କାର୍ଯ୍ୟ କରୁଛି। ଜିଲାଗୁଡ଼ିକରେ ଜିଲାପାଳ ଏବଂ ମହାନଗର ନିଗମରେ ପୌର ପ୍ରଶାସନ ଏହି କାର୍ଯ୍ୟର ତଦାରଖ କରୁଛନ୍ତି। ଆହାର ସୋସାଇଟିଗୁଡ଼ିକ ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟ-୧୮୬୦ରେ ପଞ୍ଜିକୃତ ହୋଇଛି।

ରାଜ୍ୟର ବିଭିନ୍ନ ପୌରାଞ୍ଚଳରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆହାର କେନ୍ଦ୍ର ଲୋକାର୍ପଣ ଅବସରରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ଉଷା ଦେବୀ, ଉନ୍ନୟନ କମିଶନର ଅସିତ୍ ତ୍ରିପାଠୀ, ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ ଏବଂ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଆହାର କେନ୍ଦ୍ର ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ପଦାଧିକାରୀ।

# 'ମହିଳାଙ୍କ ମୁହଁରେ ହସ ଫୁଟାଇଛି ଉଜ୍ଜ୍ୱଳା'

ଭୁବନେଶ୍ୱର,୧୧।୨

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ମହିଳାଙ୍କ ମୁହଁରେ ହସ ଫୁଟାଇଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟରେ ଉଜ୍ଜ୍ୱଳା ଏକ ସଫଳତମ ଯୋଜନା ବୋଲି କେନ୍ଦ୍ର ପାନୀୟ ଜଳ ତଥା ପରିମଳ ମନ୍ତ୍ରୀ ଉମା ଭାରତୀ ସୋମବାର ସୂଚନା ଦେଇଛନ୍ତି। ଦେଶର ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ରାଜ୍ୟର ୩୦ ଜିଲାରେ ସୋମବାର ଅନୁଷ୍ଠିତ ହୋଇଥିବା ଉଜ୍ଜ୍ୱଳା ସ୍ୱାଭିମାନ ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଉମା ଭାରତୀ ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସିଂ ଯୋଗେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେ ହିତାଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ଏହି ଯୋଜନାରେ ମହିଳାମାନେ ସ୍ୱାବଲମ୍ବୀ ହେବା ସହ ଆତ୍ମନିର୍ଭରଶୀଳ ହୋଇ ପାରିଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ସାମଗ୍ରିକ ଭାବେ ପ୍ରାସଙ୍ଗିକ ବାର୍ତ୍ତା ଏବଂ ଭିଡ଼ିଓ ମାଧ୍ୟମରେ ଜିଲ୍ଲାଗୁଡ଼ିକର ପ୍ରତି କ୍ଷେତ୍ରରେ ଉଜ୍ଜ୍ୱଳା ରଥ ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଲ୍‌ପିଜିର ସୁରକ୍ଷିତ ବ୍ୟବହାର ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ହିତାଧିକାରୀମାନେ କାର୍ଯ୍ୟକ୍ରମରେ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ। ଏଲ୍‌ପିଜି ସଂଯୋଗ ଧାରା ସମ୍ପର୍କରେ ଲୋକଙ୍କୁ ଜଣାଇବା ଲାଗି କାର୍ଯ୍ୟକ୍ରମ ଅବସରରେ ଷ୍ଟଲ ସ୍ଥାପନା କରାଯାଇଥିଲା। ଏଥିରେ ରାଜ୍ୟର ୫୦ ହଜାର ହିତାଧିକାରୀ ସାମିଲ ହୋଇଥିଲେ।




ଉଜ୍ଜ୍ୱଳା ସ୍ୱାଭିମାନ ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଉମା ଭାରତୀ ଓ ଧର୍ମେନ୍ଦ୍ର ପ୍ରଧାନ।

# ହକି ବିଶ୍ୱକପ୍‌ରେ ଦୁର୍ନୀତି ଅଭିଯୋଗ ଆଣିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ହକି ବିଶ୍ୱକପରେ ଖର୍ଚ୍ଚର ହିସାବ ରାଜ୍ୟ ବିଧାନସଭାରେ ସରକାର ନ ଦେବା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାଜ୍ୟରେ ଆୟୋଜିତ ହୋଇଥିବା ହକି ବିଶ୍ୱକପରେ କମନ ୱେଲ୍‌ଥ ଗେମ୍ ଭଳି ଦୁର୍ନୀତି ହୋଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ହକି ବିଶ୍ୱକପରେ ଓଡିଶା ସରକାରଙ୍କ ପାଖରେ ସଲମାନ ଖାନ୍ ଏବଂ ଶାହରୁଖ ଖାନ୍‌ଙ୍କୁ ଆଣି ନଚେଇବା ପାଇଁ ଟଙ୍କା ଅଛି, ହେଲେ ରାଜ୍ୟର ଶିକ୍ଷକଙ୍କୁ ଦରମା ଦେବାକୁ ସରକାରଙ୍କର ପଇସା ନାହିଁ। ହକି ପାଇଁ ଅନେକ ଟଙ୍କା କମ୍ପାନୀମାନଙ୍କଠାରୁ ଅଣଓଡିଆ ଅଫିସରମାନେ ବିଶେଷତଃ ଖେଳ ବିଭାଗ ତରଫରୁ ଆଦାୟ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ସେଥିରେ ସଂଶ୍ଳିଷ୍ଟ ଅଛନ୍ତି। ସିଏଜି ଏଥିରେ ହସ୍ତକ୍ଷେପ କରିବା ସହ ଏହି ଚୋରିକୁ ଲୋକଲୋଚନକୁ ଆଣିବାକୁ ଧର୍ମେନ୍ଦ୍ର ଆଶାବ୍ୟକ୍ତ କରୁଥିବା କହିଛନ୍ତି। ଏହାସହ ଓଡିଶାରେ ଲୋକାୟୁକ୍ତ ନିଯୁକ୍ତି ନେଇ ଧର୍ମେନ୍ଦ୍ର କହିଛନ୍ତି ଯେ, ରାଜ୍ୟରେ ବହୁ ସାମ୍ବିଧାନିକ ପଦବୀ ଖାଲି ରହିଛି। ରାଜ୍ୟ ସରକାର ଏ ନେଇ ଯଥାଶୀଘ୍ର କାର୍ଯ୍ୟ କରିବା ଉଚିତ। ଧର୍ମେନ୍ଦ୍ରଙ୍କ ଏଭଳି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ସମୀର ଦାଶ କହିଛନ୍ତି ଯେ, ଧର୍ମେନ୍ଦ୍ର ନିଜ ରାଜ୍ୟକୁ ତଳେ ପକାଇବା ପାଇଁ ଯାହା ନାହିଁ ତା' କହିଚାଲିଛନ୍ତି। ହକି ବିଶ୍ୱ କପ୍‌ର ସବୁ ଦାୟିତ୍ୱ ହକି ଫେଡେରେଶନ୍(ମହାସଂଘ) ତୁଲାଇଥିବା ସ୍ପଷ୍ଟ ହୋଇଛି। ରାଜ୍ୟ ସରକାର କେବଳ ଆୟୋଜନ କରିଥିଲେ। ଅତି ସୁନ୍ଦରଭାବେ ସରକାର ଏହି ଦାୟିତ୍ୱ ତୁଲାଇଥିବାରୁ ସବୁଆଡୁ ପ୍ରଶଂସା ମିଳିଛି। ଏବେ ଧର୍ମେନ୍ଦ୍ରଙ୍କ କଥା ପବନରେ ବାଡି ବୁଲାଇବା ସହ ସମାନ ବୋଲି ସମୀର କହିଛନ୍ତି।



## ଉତ୍କଳ ଗ୍ରାମୀଣ ବ୍ୟାଙ୍କ

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ନି/ପୋ–ଧନୁପାଲି, ସମ୍ବଲପୁର– ୭୬୮୦୦୫

**ସ୍ଥାବର ସମ୍ପତ୍ତିର ଦଖଲ ନୋଟିସ (ରୁଲ–୮(୧))**

ନିମ୍ନ ସ୍ୱାକ୍ଷରକାରୀ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟେରେଷ୍ଟ ଆକ୍ଟ–୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟେରେଷ୍ଟ (ଏନଫୋର୍ସମେଣ୍ଟ) ରୁଲସ୍–୨୦୦୨ ର ରୁଲ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣ ଗ୍ରହୀତା (ମାନେ) ଏବଂ ଜାମିନଦାରମାନଙ୍କୁ ଡିମାଣ୍ଡ ନୋଟିସ ଜାରିକରି ସେମାନଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ରାଶି ନୋଟିସ ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣ ଗ୍ରହୀତାମାନେ ସେମାନଙ୍କର ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଏହି ନୋଟିସ ମାଧ୍ୟମରେ ବିଶେଷକରି ଋଣ ଗ୍ରହୀତା ଓ ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩ (୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗକରି ନିମ୍ନଲିଖିତ ସମ୍ପତ୍ତିକୁ ସାରଣୀରେ ପ୍ରଦତ୍ତ ତାରିଖରେ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦଦ୍ୱାରା ସତର୍କ କରାଇଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ତଥା ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ବେଲପାହାଡ ଶାଖା / ଋଣଗ୍ରହୀତା/ ଜାମିନଦାର(ମାନଙ୍କ ନାମ ଓ ଠିକଣା) | ଦଖଲକୁ ନିଆଯାଇଥିବା ବନ୍ଧକ ସମ୍ପତ୍ତିର ବିବରଣୀ | ଦଖଲ ନୋଟିସ ଅନୁଯାୟୀ ବକେୟା ଦେୟ | ନୋଟିସ ତାରିଖ ଧାରା ୧୩ (୨) / ୧୩ (୪) |
|---|---|---|---|
| ଋଣଗ୍ରହିତା– ଜହରୁ ପ୍ରଧାନ (ସ୍ୱର୍ଗତ), ଶ୍ରୀ ତପନ କୁମାର ପ୍ରଧାନ, ଶ୍ରୀ ଭରତ କୁମାର ପ୍ରଧାନ, ନି– ବେଲପାହାଡ (ବଜାରପଡା), ପୋ– ବେଲପାହାଡ, ଜି– ଝାରସୁଗୁଡା– ୭୬୮୨୧୭, **ଜାମିନଦାର–** ୧) ଶ୍ରୀ ଚମରା ପ୍ରଧାନ, ପି– ବୁଠି ପ୍ରଧାନ, ୨) ଶ୍ରୀ ରମେଶ ଭଇଁସାଲ, ପି– ଶ୍ରୀ ଶ୍ରୀକର ଭଇଁସାଲ, | ଜହରୁ ପ୍ରଧାନ, ପି– ଶ୍ରୀ କମଳ ପ୍ରଧାନ (ସ୍ୱର୍ଗତ), ବର୍ତ୍ତମାନ ଆଇନଗତ ଉତ୍ତରାଧିକାରୀ ସ୍ତ୍ରୀ– ଶ୍ରୀମତି ଦେବକୀ ପ୍ରଧାନ, ଦୁଇ ପୁଅ ତପନ କୁମାର ପ୍ରଧାନ ଏବଂ ଭରତ କୁମାର ପ୍ରଧାନ ଏବଂ ଝିଅ– ଜମୁନା ପ୍ରଧାନଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି (୧) ମୌଜା ବେଲପାହାଡ, ଥାନା– ବ୍ରଜରାଜନଗର, ଥାନା– ନଂ. ୯, ତହସିଲ– ଲଖନପୁର, ତହସିଲ ନଂ.– ୧୩୨, ଜି– ଝାରସୁଗୁଡା, ଖାତା ନଂ.– ୧୨୬୧/୪୧୯୦, ପ୍ଲଟ ନଂ. ୧୪୫୬, କ୍ଷେତ୍ର. ଏ. ୦.୭୫ ଡି. | ଟ.୨୮,୫୯,୧୭୧ (ଅଠେଇଶ ଲକ୍ଷ ଅଣସାଠି ହଜାର ଏକଶହ ଏକୋସ୍ତରି ଟଙ୍କା) ମାତ୍ର ତା.୧୭.୧୦.୨୦୧୭ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୧୭.୧୦.୨୦୧୭ / ୦୫.୦୨.୨୦୧୯ |

ତା: ୧୧.୦୨.୨୦୧୯, ସ୍ଥାନ– ସମ୍ବଲପୁର

ସ୍ୱା/– କ୍ଷମତାପ୍ରାପ୍ତ ଅଧିକାରୀ, ଚାପଗ୍ରସ୍ତ ଶାଖା, ସମ୍ବଲପୁର

## CLASSIFIED DISPLAY















ନମ୍ର ହେବା ଅର୍ଥ ହେଲା– ମନରେ, ପ୍ରାଣରେ ଏବଂ ଶରୀରରେ ସର୍ବଦା ସଚେତନ ରହିବା ଯେ, ଭଗବାନଙ୍କୁ ଛାଡି କିଛି ଜାଣି ହେବ ନାହିଁ– ନିଜର ଅସ୍ତିତ୍ୱ ପର୍ଯ୍ୟନ୍ତ ରହିବ ନାହିଁ ଓ କିଛି କାର୍ଯ୍ୟ କରିହେବ ନାହିଁ। ଭଗବାନଙ୍କ ବ୍ୟତୀତ ମଣିଷ କେବଳ ଅଜ୍ଞାନ, ଶକ୍ତିହୀନ ଓ ଅବ୍ୟବସ୍ଥିତ।
–ଶ୍ରୀମା

# ବିବେକକୁ ବ୍ୟବହାର

ସରକାରୀ ଚାକିରିରେ ନିଯୁକ୍ତି ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବାକୁ ରାଜସ୍ଥାନରେ ଗୁଜ୍ଜର ସମ୍ପ୍ରଦାୟ ଅଡ଼ି ବସିଛନ୍ତି। ସେମାନଙ୍କ ଆନ୍ଦୋଳନ ଫେବୃୟାରୀ ୧୦ରେ ଉଗ୍ରରୂପ ଧାରଣ କରିଥିଲା। ବିକ୍ଷୋଭକାରୀମାନେ ସଡ଼କ, ରେଳରୋକୋ କରିବା ସହ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟାଇଥିଲେ। ଫେବୃୟାରୀ ୧୧ରେ ଆନ୍ଦୋଳନ ୪ର୍ଥ ଦିନରେ ପହଞ୍ଚିଛି। ଫଳରେ ଅନେକ ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ରାଜସ୍ଥାନର ଗୁଜ୍ଜର ଚାଷୀ ଓ ବଣିକ ସମ୍ପ୍ରଦାୟ ଭାବେ ଜଣାଶୁଣା। ସରକାର ସେମାନଙ୍କୁ ଅନ୍ୟାନ୍ୟ ପଛୁଆବର୍ଗ (ଓବିସି)ରେ ନେଇଛନ୍ତି। ହେଲେ ସର୍ବାଧିକ ପଛୁଆବର୍ଗ (ଏମ୍‌ବିସି) ମାନ୍ୟତା ପାଇବା ଦାବିରେ ସେମାନେ ଦୀର୍ଘବର୍ଷ ହେବ ଆନ୍ଦୋଳନ କରିଆସୁଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହି ସମ୍ପ୍ରଦାୟ ଦାବି ପୂରଣ ପାଇଁ ପୁଣି ଜାଗି ଉଠିଥିବା କୁହାଯାଉଛି। ବିଶେଷଜ୍ଞଙ୍କ ମତରେ ଉଚ୍ଚବର୍ଗରେ ଥିବା ଗରିବଙ୍କ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ନିଷ୍ପତ୍ତି କେନ୍ଦ୍ର ସରକାର ନିକଟରେ ଘୋଷଣା କରିବା ପରେ ଗୁଜ୍ଜରମାନେ ସେଥିରୁ ଶକ୍ତି ପାଇଛନ୍ତି।

ଏହା ଯେ କେହି ବିଶ୍ୱାସ କରିବେ, ନିର୍ବାଚନ ଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଅପର୍ଯ୍ୟାପ୍ତ ଯୋଜନା ଓ ମାଗଣା ସୁବିଧା ଘୋଷଣା କରି ଜନସାଧାରଣଙ୍କୁ ଖୁସି କରିବା ଲାଗି ଚେଷ୍ଟା କରୁଛନ୍ତି। ଗୁଜ୍ଜର ବିକ୍ଷୋଭକାରୀମାନେ ଏହି ସମୟର ଫାଇଦା ଉଠାଇବା ପାଇଁ ଉଦ୍ୟମ କରୁଥିବା ବୁଝାପଡ଼ିଯାଉଛି। ଭାରତୀୟ ସମ୍ବିଧାନକୁ ଦେଖିଲେ ଜାତିଗତ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଉର୍ଦ୍ଧ୍ୱକୁ ଯାଇପାରିବ ନାହିଁ। କେବଳ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଏଥିରେ ପରିବର୍ତ୍ତନ ଅଣାଯାଇପାରିବ। ନିକଟରେ ତାହା ମୋଦି ସରକାର ପାର୍ଲାମେଣ୍ଟରେ କରିଦେଇଛନ୍ତି। ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀ, ଯାହାର ଅର୍ଥ ହେଲା ଆଗୁଆ ଜାତିର ପଛୁଆ ଲୋକଙ୍କୁ ସନ୍ତୁଷ୍ଟ କରି ଭୋଟ ଆଣିବା ପାଇଁ ଏହି ସରକାରର ଉଦ୍ୟମ ପୂର୍ବରୁ ସମ୍ବିଧାନରେ ଥିବା ୫୦ ପ୍ରତିଶତ ସଂରକ୍ଷଣ ବନ୍ଧକୁ ଭାଙ୍ଗି ଦେଇଛି। ଏହା ସମସ୍ୟାକୁ କେବଳ ବୃଦ୍ଧି କରିଚାଲିବ। ଏଭଳିସ୍ଥଳେ ରାଜସ୍ଥାନର ଦୁଇ ମାସର ପୁରୁଣା ଅଶୋକ ଗେହଲଟ ସରକାର କିଛି ପଦକ୍ଷେପ ନେଇପାରୁ ନ ଥିବା ବେଳେ ଉଚ୍ଚବର୍ଗରେ ଆର୍ଥିକ ଦୁର୍ବଳଙ୍କ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରି ନରେନ୍ଦ୍ର ମୋଦି ସରକାର ଅଡୁଆରେ ପଡ଼ିଯାଇଛନ୍ତି। ତେଣୁ କେନ୍ଦ୍ର ସରକାର ଏ ଦିଗରେ ନୀରବ ରହିଥିବା ଦେଖିବାକୁ ମିଳୁଛି। ସେହିପରି ମୋଦି ସରକାର ନିଯୁକ୍ତି କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଆଣିବା ପାଇଁ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଯୁବପିଢ଼ିଙ୍କୁ ଯେଉଁ ଆଶା ଦେଖାଇଥିଲେ, ତାହା ଫୁସୁରି ଯାଇଛି। ସେ ସେତେବେଳେ କହିଥିଲେ ଯେ, କ୍ଷମତାକୁ ଆସିଲେ ବର୍ଷକୁ ୨ କୋଟି ଯୁବତୀଯୁବକଙ୍କୁ ଚାକିରି ଦେବେ। ପ୍ରତିଶ୍ରୁତି ପାଳନ ହେବା ତ ଦୂରର କଥା, ବିଗତ ବର୍ଷଗୁଡ଼ିକରେ ଯେଉଁ ଧାରାରେ ଚାକିରି ସୁଯୋଗ ସୃଷ୍ଟି କରାଯାଉଥିଲା ସେଥିରେ ମଧ୍ୟ ଭଟ୍ଟା ପଡ଼ିଗଲା। ନିକଟରେ ଜାତୀୟ ନମୁନା ସର୍ବେକ୍ଷଣ ଅଫିସ (ଏନ୍‌ଏସ୍‌ଏସ୍‌ଓ) ପକ୍ଷରୁ ଜାରି ସମୀକ୍ଷା ରିପୋର୍ଟରେ ପ୍ରଦର୍ଶିତ ତଥ୍ୟକୁ ଦେଖିଲେ ୪୫ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୭–୧୮ରେ ଏହା ଥିଲା ସବୁଠାରୁ ନ୍ୟୂନ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି। ଯେତେବେଳେ ଯୁବବର୍ଗଙ୍କ ପାଇଁ ଚାକିରି କରିବା ଲାଗି ଅନୁକୂଳ ବାତାବରଣ ଅଣାଯାଇପାରୁ ନାହିଁ, ସେତେବେଳେ ନିଯୁକ୍ତି ସକାଶେ ସ୍ଥାନ ସଂରକ୍ଷଣ ପ୍ରତିଶତ ବଢ଼ାଇ ଚାଲିବା ହାସ୍ୟାସ୍ପଦ ମନେହେଉଛି।

ଆଜି ଭାରତର ଜନସଂଖ୍ୟା ଦେଖିଲେ ୧୩୦ କୋଟି ଟପିଲାଣି। ସମୁଦାୟ ଜନସଂଖ୍ୟାର ଏକ ବୃହତ୍ ଭାଗ ହେଉଛନ୍ତି ଯୁବବର୍ଗ। ସମସ୍ତଙ୍କ ପାଇଁ ସରକାରୀ ଚାକିରି ଯୋଗାଇବା ସହଜ ନୁହେଁ। ସେଥିପାଇଁ ଔଦ୍ୟୋଗିକ ବିକାଶର ଆବଶ୍ୟକତା ରହିଛି। ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ଚାଇନା ଭଲ ଭାବେ ବୁଝିସାରିଛି ଯେ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ଚାକିରି ଦେଇ ହେବ ନାହିଁ। ସେଥିପାଇଁ ସେହି ଦେଶର ନାଗରିକଙ୍କୁ ଆତ୍ମନିର୍ଭରଶୀଳ ହେବା ଲାଗି ଶିକ୍ଷା ଦିଆଯାଇଥାଏ। ଫଳରେ ଅନେକ ବ୍ୟକ୍ତି କ୍ଷୁଦ୍ର ଉଦ୍ୟୋଗ କରି ସେମାନଙ୍କ ଉତ୍ପାଦ ଦେଶ ଓ ବିଦେଶକୁ ପଠାଇ ପାରୁଛନ୍ତି । ଏକଦା ଭାରତରେ କୁଟୀର ଶିଳ୍ପ ବିକଶିତ ହୋଇଥିଲା। ହେଲେ ଏହାର ନାଗରିକମାନେ ବ୍ୟବସାୟ ସହ ଜଞ୍ଜାଳ ଓ ବିପଦ ଲାଗି ରହିଥିବା ଆଶଙ୍କା କରି ଧୀରେ ଧୀରେ ସେଥିରୁ ନିବୃତ୍ତ ହେଲେ। କେତେକ କ୍ଷେତ୍ରରେ ନିଜ କୌଳିକ ବୃତ୍ତିକୁ ବ୍ୟାପକ କରି କିଭଳି ନୂଆ ସମ୍ଭାବନା ସୃଷ୍ଟି କରାଯାଇପାରିବ, ସେ ଦିଗରେ ଯୁବପିଢ଼ି ଚିନ୍ତା ବା ଚେଷ୍ଟା ନ କରି ଚାକିରି ପଛରେ ଧାଇଁବାରୁ ବେରୋଜଗାରଙ୍କ ସଂଖ୍ୟା ବଢ଼ିଚାଲିଛି ବୋଲି କୁହାଯାଇପାରେ। ଆଜିର ଏକବିଂଶ ଶତାବ୍ଦୀର ଯୁବତୀଯୁବକମାନେ ଧରାବନ୍ଧା ଶଗଡ଼ ଗୁଳାରେ ନ ଯାଇ କିଛି ନୂଆ କରିବା ଲାଗି ଚେଷ୍ଟା କଲେ ହୁଏତ ପରିବର୍ତ୍ତନ ଅଣାଯାଇପାରନ୍ତା।

ସମୟ ଆସିଲାଣି, ଆମ ଦେଶର ରାଜନେତାମାନଙ୍କ ବାଚଳାମିରେ ଭାସି ନ ଯାଇ ଜନସାଧାରଣ ବିଶେଷକରି ଯୁବବର୍ଗ ନିଜର ବିବେକ ବ୍ୟବହାର କରିବେ। କଂଗ୍ରେସ ହେଉ ବା ଭାଜପା କେହି ବି ବେକାର ଯୁବତୀଯୁବକଙ୍କ ହାତରେ ଚାକିରି ଦେଇପାରିବେ ନାହିଁ। ସେଥିପାଇଁ ଆସନ୍ତାକାଲିର ଭାରତୀୟମାନେ ନିଜକୁ ସ୍ୱାବଲମ୍ବୀ ହେବା ସକାଶେ ପ୍ରସ୍ତୁତ ହେବା ଅତ୍ୟନ୍ତ ଆବଶ୍ୟକ। ସରକାରୀ ଚାକିରିର ସଂଖ୍ୟା ଅତି ନ୍ୟୂନ। ସେଗୁଡ଼ିକ ମଧ୍ୟରୁ ଖାଲି ପଡ଼ିଥିବା ପଦବୀ ମଧ୍ୟ ସମ୍ପୂର୍ଣ୍ଣ ପୂରଣ କରାଯାଇପାରୁ ନାହିଁ। ତେଣୁ ଚାକିରି ନୁହେଁ, ନିଜ ରୋଜଗାର ପନ୍ଥା ନିଜେ ଭାବିବାକୁ ଆମେ ବାଧ ହେବା କଥା।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଫେବୃୟାରୀ ୧୯୯୪

- ଦକ୍ଷିଣ ଆଫ୍ରିକାର ଜଣେ ତୁଙ୍ଗ କୃଷ୍ଣକାୟ ନେତା ସାବେଲୋ ଫାମା ତାଞ୍ଜାନିଆର ମରୋଗୋରୋ ସହରରେ ଏକ କାର ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି।
- ଓଡ଼ିଶାରେ କଂଗ୍ରେସ ଓ ଜନତା ଦଳର ବିକଳ୍ପ ରୂପେ ଏକ ମିଳିତ ବାମପନ୍ଥୀ ଶକ୍ତି ପ୍ରତିଷ୍ଠା ପାଇଁ ସିପିଆଇ ଓ ଏସୟୁସିଆଇ ପକ୍ଷରୁ ଅଭିଯାନ ଆରମ୍ଭ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 4 | 2 | E | | D | 3 | 6 | | | | | | |
| E | 3 | | | | 5 | | B | | | | C | | | 6 |
| 9 | C | | | | | E | | | | | | | | |
| 7 | | | | 6 | | | 0 | 5 | | | | | | |
| 6 | | | | | 1 | | 2 | | | | 5 | | B | |
| | | | | | B | | A | C | D | E | 6 | | 4 | |
| D | | | | | 7 | | | 2 | | B | | 8 | E | 5 |
| | | 5 | | D | | | 8 | | 1 | | | | | 0 |
| C | | | | | 9 | | | | | | 7 | | 6 | |
| | | | C | | | | 1 | 3 | | | | | A | |
| B | | | D | | | | | 9 | 6 | | E | | 1 | 7 |
| | | A | | | | 2 | C | | | | 3 | E | | D |
| | | | 3 | | | | | 1 | | | B | | 8 | |
| | E | | B | | | 3 | 5 | | 2 | 1 | | C | 0 | A |
| | | D | A | | | | | | 9 | | 4 | B | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 6 | 4 | 0 | 5 | E | D | 9 | B | 2 | 3 | C | A | 8 | 1 |
| 8 | C | 5 | 6 | 2 | A | 1 | 0 | E | B | D | 7 | 3 | 9 | 4 |
| E | A | 3 | D | 9 | C | 8 | 5 | 4 | 1 | 0 | 6 | 7 | 2 | B |
| 9 | 2 | 1 | 3 | 4 | B | 7 | 6 | C | 8 | A | 5 | D | E | 0 |
| B | 0 | D | 7 | 8 | 1 | 3 | 2 | A | 4 | 9 | E | C | 5 | 6 |
| 6 | B | A | 8 | 7 | 4 | 9 | C | 1 | 3 | 2 | D | 5 | 0 | E |
| 1 | 9 | E | 5 | D | 3 | 0 | 7 | 2 | A | B | 8 | 4 | 6 | C |
| C | 5 | 0 | B | A | 2 | E | 4 | D | 9 | 6 | 1 | 8 | 3 | 7 |
| 2 | 4 | 8 | 1 | C | 6 | B | 3 | 5 | E | 7 | 0 | 9 | A | D |
| D | 3 | 7 | 9 | E | 0 | 6 | A | 8 | 5 | C | 4 | B | 1 | 2 |
| 5 | 8 | 6 | 2 | B | 7 | A | 1 | 0 | C | 4 | 3 | E | D | 9 |
| 0 | E | 2 | 4 | 6 | D | 5 | B | 9 | 7 | 8 | A | 1 | C | 3 |
| A | 1 | B | C | 3 | 9 | 4 | 8 | 6 | D | E | 2 | 0 | 7 | 5 |
| 4 | 7 | C | E | 1 | 8 | 2 | D | 3 | 0 | 5 | 9 | 6 | B | A |
| 3 | D | 9 | A | 0 | 5 | C | E | 7 | 6 | 1 | B | 2 | 4 | 8 |

ଗତକାଲିର ଉତ୍ତର

# ସାର୍ବଜନୀନ ନ୍ୟୂନତମ ଆୟ



ସହଦେବ ସାହୁ

ଅର୍ଥନୀତି ବିଶାରଦମାନେ କହୁଛନ୍ତି ଆମ ଦେଶ ଏକ ୨.୬ ଟ୍ରିଲିଅନ ଡଲାର ଇକନମି, ପୃଥିବୀରେ ଷଷ୍ଠ ଧନୀ ଦେଶ। ଯଦି ଟଙ୍କାର କ୍ରୟମୂଲ୍ୟ ହାର ହିସାବରେ ଦେଖିବା ୯.୪୬ ଟ୍ରିଲିଅନ ଡଲାର ହେବ ଏବଂ ଭାରତ ହେବ ବିଶ୍ୱରେ ୩ୟ ଧନୀ ଦେଶ (୧ ଡଲାର = ୭୧ଟଙ୍କା, ୧ ଟ୍ରିଲିଅନ = ୧ ଲକ୍ଷ କୋଟି)। ଦେଶର ଏତେ ସମ୍ପଦ ପୁଣି ବର୍ଷକୁ ଶତକଡା ୭ ଭାଗ ବୃଦ୍ଧି ପାଉଛି! ଆମର ଏଭଳି ଜିଡିପି ବୃଦ୍ଧି ହାର ଅନୁପାତରେ କର୍ମ ଯୋଗାଣ ବଢୁନାହିଁ। ବରଂ ଚଳିତ ବର୍ଷ ବେକାରି ବୃଦ୍ଧି ହାର ଗତ ୨୦ ବର୍ଷ ଭିତରେ ସର୍ବାଧିକ, ୬.୨%, ଏବେ ଜିଡିପିରେ ୧୦ ଶତାଂଶ ବୃଦ୍ଧି ହେଲେ କର୍ମଯୋଗାଣ ବୃଦ୍ଧି ହାର ୧ ଶତାଂଶ ହେଉଛି, ବଡ ନିରୁତ୍ସାହଜନକ! ତେଣୁ ଆମ ଦେଶର ଅଭିବୃଦ୍ଧି ଏକ ନିକମା ଅଭିବୃଦ୍ଧି। କାରଣ କୁହାଯାଉଛି ଯେ ଉତ୍ପାଦନକାରୀ ଶିଳ୍ପ କାରଖାନା ବଢ଼ିଲେ ବି ସ୍ୱୟଂଚାଳିତ କଳ ବ୍ୟବସ୍ଥା (ଅଟୋମେଶନ) ବଢୁଥିବାରୁ ଚାକିରି ଆଉ ସେତେ ମିଳିବ ନାହିଁ; ବେକାର ସଂଖ୍ୟା ବଢ଼ି ବଢ଼ି ଚାଲିଲେ ଦେଶରେ ବିଶୃଙ୍ଖଳା ବଢ଼ିବ, ଗଣତନ୍ତ୍ର ବିପନ୍ନ ହେବ।

ଏ ସମସ୍ୟାର ସମାଧାନ କରିବ ୟୁନିଭର୍ସାଲ୍ ବେସିକ୍ ଇନ୍‌କମ୍, ସାର୍ବଜନୀନ ସର୍ବନିମ୍ନ ଆୟ ବ୍ୟବସ୍ଥା ବୋଲି ଏବେ କଥା ଉଠିଛି। ୨୦୧୯ ନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସ ଭଳି ଜାତୀୟ ଦଳ ଏ କଥା ଉଠାଇଛି। ତେଲେଙ୍ଗାନା ପ୍ରଦେଶର ‘ରୟତୁବନ୍ଧୁ’ ଏବଂ ଓଡ଼ିଶାର ‘କାଳିଆ’ ଯୋଜନା ଏ ଦିଗରେ ଗୋଟିଏ ଗୋଟିଏ ପଦକ୍ଷେପ। ଯେତେବେଳେ ଲୋକେ ସବୁଦିନିଆ ଦାରିଦ୍ର୍ୟରେ ଅଛନ୍ତି ଏବଂ ସରକାର ଗରିବଙ୍କୁ ଲାଞ୍ଛହୀନ ସବ୍‌ସିଡ଼ି ବା ରିହାତି ଦେଇପାରୁନାହାନ୍ତି, ସେତେବେଳେ ବେସିକ୍ ଇନ୍‌କମ୍ ଲୋକର ବ୍ୟାଙ୍କ ଖାତାରେ ଜମା ହୋଇଯାଉ। ଏହା ବେରୋଜଗାରୀ ଭତ୍ତା ନୁହେଁ, ଏହା ଦରମା ଭଳି ଏକ ରୋଜଗାର। ଏଥିରେ ବ୍ୟକ୍ତିର ଆୟ କି ସମ୍ପତ୍ତି ଭଳି ସର୍ତ୍ତ ରହେ ନାହିଁ। ସର୍ବନିମ୍ନ ଆୟ ରାଷ୍ଟ୍ର ତରଫରୁ ଦିଆଯାଉ। ରୟତୁବନ୍ଧୁ ବା କାଳିଆ ଭଳି ଯୋଜନା ରୋଜଗାର ସମର୍ଥନକାରୀ, ରୋଜଗାର ନୁହେଁ। ବେସିକ୍ ଇନ୍‌କମ୍ ଏକ ଆୟ, ରାଷ୍ଟ୍ର ଦିଏ।

ଯଦି ବେସିକ୍ ଇନ୍‌କମ୍, ନିମ୍ନତମ ଆୟ, ଯୋଜନା ଚାଲୁ କରାଯାଏ ସାରା ଭାରତରେ ଆକାଶଛୁଆଁ ପୁଞ୍ଜି ଦରକାର। ବର୍ଷକୁ ୩.୧ ଟ୍ରିଲିୟନ ଟଙ୍କା (୪.୫ ଲକ୍ଷ କୋଟି) ଦରକାର। ଆମ ଦେଶରେ ଯେତେ ପ୍ରକାର ରିହାତି, ସବସିଡି, ଏମ୍‌ଏଲ୍‌ଏ ଲ୍ୟାଡ୍, ଏମ୍‌ପି ଲ୍ୟାଡ୍ ଆଦି ସହିତ ମାଗଣା ସ୍କୁଲ ଭୋଜନ, ମଧ୍ୟାହ୍ନ ଭୋଜନ, ବୃଦ୍ଧାବୃଦ୍ଧ ବିଧବା ଭତ୍ତା, ମଙ୍ଗଳସୂତ୍ର, ଲାପ୍‌ଟପ, ଛତା, ଜୋତା ଭଳି ଭୋଟରଙ୍କୁ ଭୁଲାଇବା ଉପହାର ଆଦିକୁ ମିଶାଇଲେ ବର୍ଷକୁ ୩.୧ ଟ୍ରିଲିୟନ ଟଙ୍କା (୪.୫ ଲକ୍ଷ କୋଟି) ମିଳିଯିବ। ସବୁଠୁ ବଡ଼ କଥା ହେବ ଦେଶରେ ଲୋକଙ୍କ ଚରିତ୍ରରେ ସୁଧାର ଆସିଯିବ, ସିଧାସଳଖ ବ୍ୟାଙ୍କରେ ଜମା ହେଉଥିବାରୁ ଲାଞ୍ଚମିଛ ବା ଅନୈତିକ ଆଚରଣ ଲୋକସଂସ୍କୃତିରୁ ଉଠିଯିବ, ସାର୍ବଜନୀନ ଜୀବନରେ ସାଧୁତା ଆସିଯିବ। ସମସ୍ତେ ବେସିକ୍ ଇନ୍‌କମ୍ ପାଉଥିବାରୁ ଚୋରି ଡକାୟତି ବହୁତ କମିଯିବ, ସମାଜରେ ଶିଶୁ କି ମଣିଷ ଚାଲାଣ ଆଶଙ୍କା ରହିବ ନାହିଁ। ସମସ୍ତେ ବେସିକ୍ ଆୟ ପାଉଥିବାରୁ ଶିଶୁଶ୍ରମିକ ବା ଦାଦନ ସମସ୍ୟା ନ ଥିବ। ଶାସନ ବ୍ୟବସ୍ଥା ସୁସ୍ଥ ହୋଇଯିବ। ନେତାମାନଙ୍କ ବାହାପିଆ କଥା ଦରକାର ପଡ଼ିବ ନାହିଁ, ସେବା ମନୋବୃତ୍ତି ଥିବା ଲୋକ ଲୋକପ୍ରତିନିଧି ହୋଇପାରିବ, ଟଙ୍କା ବାଣ୍ଟିବା ଲୋକ ନୁହେଁ। ଋଣଛାଡ଼ ବା ବୀମା ଭଳି ଚାଷୀମୁହାଁ ଯୋଜନା ଲୋକଙ୍କୁ କୃଷିକ୍ଷେତ୍ରରେ ବନ୍ଧାହୋଇ ରହିବାକୁ ଉତ୍ସାହିତ କରେ, କୃଷିପ୍ରଧାନ ହେଲେ ଅର୍ଥନୀତିର ଅଭିବୃଦ୍ଧି ସେତେ ଭଲ ହୁଏ ନାହିଁ। କୃଷକକୈନ୍ଦ୍ରିକ ଯୋଜନା ତୁଳନାରେ ସାର୍ବଜନୀନ ନ୍ୟୂନତମ ଆୟ ବରଂ ବେଶି ଯୁକ୍ତିଯୁକ୍ତ ମନେହୁଏ। ଏଥିରେ କୌଣସି ବୃତ୍ତି ବା ପେସା ବା ଜମି ମାଲିକାନା ଉପରେ ଜୋର ଦିଆଯାଏ ନାହିଁ କି କୌଣସି କାମର ମାପ ଉପରେ ଏହା ନିର୍ଭର କରେ ନାହିଁ। ତେଣୁ ବିଭିନ୍ନ ବର୍ଗରେ ଲୋକଙ୍କୁ ଭାଗ କରି ଖାତା ରଖିବା ଦରକାର ନାହିଁ। ଆୟକର ବିଭାଗ ଭଳି କମ୍ପ୍ୟୁଟର ସବୁ ହିସାବ ରଖିବ। କେବଳ ସମସ୍ୟା ରହିବ ବଜେଟର। ୨୦୧୭–୧୮ ମୂଲ୍ୟରେ ଦେଖିଲେ ୨ ବୟସ୍କ ଓ ୩ ପିଲା ଥିବା ୫ କୁଟୁମ୍ବି ପରିବାର ପାଇଁ ବର୍ଷକୁ ପ୍ରାୟ ୧୮ହଜାର ଟଙ୍କା ଦରକାର। ଅର୍ଥନୀତିଜ୍ଞ ପ୍ରଣବ ବର୍ଦ୍ଧନଙ୍କ ମତରେ ୧୬ହଜାର ଟଙ୍କା। ଦେଶର ମୋଟ ଖର୍ଚ୍ଚ ହେବ ୪.୩ ଟ୍ରିଲିୟନ ଟଙ୍କା ବା ଜିଡିପିର ଶତକଡା ୩ ଭାଗରୁ କମ୍।

କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ବର୍ତ୍ତମାନର ସବ୍‌ସିଡ଼ି ଓ ୱେଲଫେୟାର ଯୋଜନା ଭିତରେ ବହୁତ ଗଳାବାଟ, ତୋସରପାତ ଓ ଗରହିସାବି ରହିଛି, ଆମ ଚରିତ୍ର ଯାହା ଏଭଳି ଦୁରାଚାରରୁ ଆମେ ରକ୍ଷା ପାଇପାରିବା ନାହିଁ। ଆୟକରଦାତାଙ୍କୁ ଛାଡି ସମସ୍ତଙ୍କୁ ଏକ ଗ୍ୟାରେଣ୍ଟି ଥିବା ରୋଜଗାର ଦେବା ଉଚିତ ହେବ।

ବେସିକ୍ ଇନ୍‌କମ ପରିମାଣ ସବୁ କାଳରେ ଦେଶର ମିନିମମ୍ ୱେଜ୍ (ସରକାର ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ମଜୁରି)ଠାରୁ କମ୍ କରାଯାଇଥାଏ। ଆମ ରାଜ୍ୟରେ ଅଣକୁଶଳୀ ଶ୍ରମିକର ଦୈନିକ ମଜୁରି ଦିନକୁ ୨୮୦ ଟଙ୍କା, ମାସକୁ ୨୦ ଦିନ ଧରି ୫୬୦୦ର ୪୦%, ୨୨୪୦ଟଙ୍କା ହୋଇଥିବାରୁ ବେସିକ୍ ଇନ୍‌କମ୍ ୨୦୦୦ ଟଙ୍କା ହେବା କଥା– ପିଲାଛୁଆ ଓ ବଡ଼ ପ୍ରତ୍ୟେକଙ୍କୁ। ଏ ସବୁଥିରେ ଦରକାର ହେଉଛି ରାଜନୈତିକ ଇଚ୍ଛାଶକ୍ତି। ଡାଇରେକ୍ଟ କ୍ୟାଶ୍ ଟ୍ରାନ୍ସଫର, ସିଧାସଳଖ ଉପଭୋକ୍ତାର ହିସାବ ଖାତାରେ ଜମା ଦେବା କଥା ଚାଲୁ ହୋଇଗଲାଣି। ସବୁ ଢଙ୍ଗ ରଙ୍ଗର ହିସାବ ଉଠାଇ ଦେଇ କେବଳ ବେସିକ୍ ଇନ୍‌କମ୍ ହିସାବ ରହିବ।

ସମସ୍ତେ ଚାହୁଁଛନ୍ତି ବେସିକ୍ ଇନ୍‌କମ୍ ବ୍ୟବସ୍ଥା ଚାଲୁହେଉ, କିନ୍ତୁ ନଜିର ଚାହୁଁଛନ୍ତି। କେହି ତ ପ୍ରଥମେ ଆରମ୍ଭ କରିବା କଥା। ଆମେ କାହିଁକି ଆରମ୍ଭ ନ କରିବା ? ତଥାପି ଆମ ଆଗରେ ଗୋଟିଏ ଉଦାହରଣ ଅଛି, ତାହା ହେଉଛି ଆମେରିକାର ଗୋଟିଏ ପ୍ରଦେଶ ଆଲାସ୍କାର। ୧୯୫୯ରେ ରାଜ୍ୟପାହ୍ୟା ପାଇଥିବା ଆମେରିକାର ଏହି ପ୍ରଦେଶ ୧୯୮୨ରୁ ଯେଉଁ ବ୍ୟବସ୍ଥା କରିଛି ଜାଣିବା କଥା। ଖଣିଜ ତେଲ ଓ ଅନ୍ୟ ଖଣିଜ ପଦାର୍ଥରୁ ରାଜ୍ୟ ସରକାର ପାଉଥିବା ରୟାଲଟି ବା ରାଜଭାଗକୁ ଏକ ସ୍ୱତନ୍ତ୍ର ପାଣ୍ଠିରେ ରଖିଛନ୍ତି, ଆଲାସ୍କା ପରମାନେଣ୍ଟ ଫଣ୍ଡ। ଏହାକୁ ନିବେଶ କରି ସରକାର ଯେଉଁ ଲାଭାଂଶ ପାଆନ୍ତି ତାହାକୁ ବାଣ୍ଟି ପ୍ରତ୍ୟେକ ବାସିନ୍ଦାକୁ ତା’ ଆକାଉଣ୍ଟରେ ପ୍ରତିବର୍ଷ ୧୦୦୦ରୁ ୨୦୦୦ ଡଲାର ଭିତରେ ଦିଅନ୍ତି। ତେଲ ଦର କମ୍ ବେଶି ହେଲେ ଡିଭିଡେଣ୍ଡ କମ୍ ବେଶି ହୁଏ। ୨୦୧୭ରେ ସରକାର ବୟସ୍କ ଓ ପିଲାଙ୍କୁ ମିଶାଇ ମୁଣ୍ଡ ପିଛା ୧୧୦୦ ଡଲାର ଡିଭିଡେଣ୍ଡ ଦେଇଥିଲେ। ପାଞ୍ଚ କୁଟୁମ୍ବ ବାଲା ପରିବାରଟିଏ ୫୫୦୦ ଡଲାର ପାଇଥିଲା। ଏହି ଡିଭିଡେଣ୍ଡ ଲୋକଙ୍କୁ ବେକାର ବା ଅଳସୁଆ କରି ନ ଥିଲା। ବରଂ ଆଲାସ୍କାରେ ପାର୍ଟଟାଇମ୍ କାମ ଶତକଡା ୧.୮ଭାଗ ବଢ଼ିଥିଲା। ବେସିକ୍ ଇନ୍‌କମ୍ ପାଇଥିବା ପରିବାରରେ ଉଚ୍ଚଶିକ୍ଷାର ବିସ୍ତାର ଘଟିଛି। ଆଗରୁ ଅବହେଳିତ ଥିବା ପରିବାରର ପିଲାମାନେ ପାଠପଢ଼ା ଛାଡୁନାହାନ୍ତି, ବରଂ ବେଶି ବର୍ଷ ପଢ଼ାପଢ଼ି କରିବାକୁ ଉତ୍ସାହିତ ହୋଇଛନ୍ତି। ବେସିକ୍ ଇନ୍‌କମ ଦେବା ବିପକ୍ଷରେ ଗୋଟିଏ ବଡ଼ ଚିନ୍ତା ଥିଲା, ଯଦି ତୁମେ ଲୋକଙ୍କୁ ବିନା କାମରେ ଟଙ୍କା ଦେବ ତେବେ ସେମାନେ କାହିଁକି କାମ କରିବେ ? କିନ୍ତୁ ଆଲାସ୍କା ତାହା ଭୁଲ ପ୍ରମାଣ କରିଛି।

ଫିନ୍‌ଲାଣ୍ଡରେ ୨୦୧୭ରୁ ଆଂଶିକ ଭାବେ ଇନ୍‌କମ ପ୍ରୋଗାମ ଚାଲୁ ହୋଇଛି, ତାହା କେବଳ ବେକାରମାନଙ୍କୁ ଦିଆଯାଉଛି। ଏହା ପରୀକ୍ଷାମୂଳକ ଭାବେ ଚାଲିଛି। ଫିନ୍‌ଲାଣ୍ଡରେ ଅନେକ ଲୋକ ବେସିକ୍ ଇନ୍‌କମ ପାଇ ଅଳସୁଆ ହୋଇଗଲେ। କିନ୍ତୁ ଏହା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ପରିବାର ପରିବାର ଭିତରେ ଅସମାନତା ଉପରେ ଯେଉଁ ଚିନ୍ତା ଥିଲା ଏବଂ ଯେଉଁ କାର୍ଯ୍ୟକ୍ଷେତ୍ରରେ ଅଟୋମେଶନ ବଢୁଥିବାରୁ ବେକାରି ବଢ଼ିବାରେ ଯେଉଁ ଚିନ୍ତା ଥିଲା, ତାକୁ ବେସିକ୍ ଇନ୍‌କମ ସମାଧାନ କରୁଛି। ତେବେ ଫିନ୍‌ଲାଣ୍ଡ ସରକାର ବର୍ଷକ ପାଇଁ ବେସିକ୍ ଇନ୍‌କମ ପ୍ରୋଗ୍ରାମ ଚାଲୁ କରିଥିଲେ ଓ ବର୍ଷ ଶେଷରେ ତାହାକୁ ବନ୍ଦ କରିଥିଲେ। ଏ ବର୍ଷ ବି ଚାଲୁ ରଖିବେ କିନ୍ତୁ ଗୋଟିଏ ସର୍ତ୍ତରେ ଯେ ଯେଉଁ ବେକାର ବ୍ୟକ୍ତି ଚାକିରି ଖୋଜିବାକୁ ଚେଷ୍ଟା କରିବ ନାହିଁ କିମ୍ବା କାମ ପାଇଁ ତାଲିମନେବା ଲାଗି ମଙ୍ଗିବ ନାହିଁ ତାକୁ ବେସିକ୍ ଇନ୍‌କମ ମିଳିବ ନାହିଁ। ଆମ ଦେଶରେ ଯୁବା ବର୍ଗର ଲୋକେ ବେସିକ୍ ଇନ୍‌କମ ପାଇଗଲେ ଘରେ ବସି ତାସ୍ ଖେଳିବେ। ପେନ୍ ସ୍କୁଲ ଅଫ୍ ସୋସିଆଲ ପଲିସି ଆଣ୍ଡ ପ୍ରାକ୍ଟିସ୍ ସର୍ଭେ କରି ଆଶ୍ଚର୍ଯ୍ୟଜନକ ଫଳ ପାଇଛି ଯେ ଜଣେ ସାଧାରଣ ଆଲାସ୍କା ନାଗରିକ ଆମେରିକାର ଅନ୍ୟ ରାଜ୍ୟର ବାସିନ୍ଦାଙ୍କ ଭଳି କାମ କରୁଛନ୍ତି। ଯେତେବେଳେ ଲୋକେ ଅଧିକା ପଇସା ପାଉଛନ୍ତି ସେମାନେ ଖର୍ଚ୍ଚ ବଢ଼ାଇ ଦିଅନ୍ତି। ପଡ଼ିଶାରେ ଥିବା ଦୋକାନୀ ଯଥା ଚା ଜଳଖିଆ ବା ଦରଜୀ ଦୋକାନ ଆଦିରେ ବେଶି କିଣାବିକା ଚାଲେ। ତେଣୁ ସେ ଦୋକାନଗୁଡ଼ିକରେ ମାଲିକମାନେ ଅଧିକ ଲୋକ ରଖନ୍ତି। ଏ ଦୁଇଟି ଯାକ କଥା ମିଶାଇ ଦେଲେ ଦେଖାଯାଏ ଯେ ଆଲାସ୍କାର ୟୁନିଭର୍ସାଲ୍ ଇନ୍‌କମ ପ୍ରୋଗ୍ରାମ ସେଠାକାର କର୍ମସଂସ୍ଥାନ ଉପରେ ପ୍ରତିକୂଳ ପ୍ରଭାବ ପକାଉନାହିଁ।

ଫିନ୍‌ଲାଣ୍ଡରେ ଦଳେ ଲୋକଙ୍କୁ ସେମାନେ ବେକାର ଥିବାରୁ କିମ୍ବା ପାର୍ଟଟାଇମ କାମ କରୁଥିବାରୁ ଅର୍ଥାତ୍ ସରକାରୀଖାତାରେ ନିୟମିତ ରୋଜଗାରୀ ତାଲିକାରେ ନ ଥିବାରୁ ସେମାନଙ୍କୁ ବେସିକ୍ ଇନକମ୍ ଦିଆଯାଉଥିଲା। ଟିକସଦାତାମାନେ ଯେତେବେଳେ ଜାଣନ୍ତି ଯେ ତାଙ୍କ ଟିକସର କିଛି ଅଂଶ ଗରିବଙ୍କୁ ନଗଦ ଆକାରରେ ମିଳୁଛି ସେତେବେଳେ ସେମାନେ ଅଧିକା ଟିକସ ଦେବାକୁ ଅରାଜି ହେଉନାହାନ୍ତି। ତେଣୁ ଫିନ୍‌ଲାଣ୍ଡରେ ଅନ୍ୟ ଦେଶ ତୁଳନାରେ ଅଧିକ ଟିକସ ଦେଉଥିଲେ ବି ଲୋକେ ଖୁସି ରହୁଛନ୍ତି। ଆଲାସ୍କାରେ ଦେଖାଗଲା ବେଶିରୁ ବେଶି ମହିଳା କାମରେ ଲାଗିଗଲେ, କାରଣ ଯାହା ପଇସା ପାଇଲେ ସେଥିରେ କାର୍ କିଣିଲେ, ଦୂରକୁ ଯାଇ କାମ କରିପାରିଲେ।

sahadevasahoo@gmail.com

# ଘରଣୀ ଓ ସ୍ମାର୍ଟ ଫୋନ୍



ଡ. କୁଳାଙ୍ଗାର

ଖାଦ୍ୟ, ବସ୍ତ୍ର ଓ ବାସଗୃହ ପରେ ଏବେ ସ୍ମାର୍ଟ ଫୋନ୍ ହେଉଛି ଅନ୍ୟତମ ଅତ୍ୟାବଶ୍ୟକ ଦ୍ରବ୍ୟ। ନାରୀ ଆଉ ପୂର୍ବପରି ଅବଳା ହୋଇନାହିଁ। ଏବେ ପରିବାରରେ ଉଭୟ ମହିଳା ଓ ସ୍ମାର୍ଟ ଫୋନ୍ ଅପରିହାର୍ଯ୍ୟ। ଘରକୁ ସୁନ୍ଦର ଦିଶେ ଘରଣୀ ଥିଲେ ପରି ଏବେ ମଣିଷ ସୁନ୍ଦର ଦିଶେ ସ୍ମାର୍ଟ ଫୋନ୍ ଥିଲେ। ଉଭୟ ଘରଣୀ ଓ ସ୍ମାର୍ଟ ଫୋନ୍‌କୁ ଯିଏ ସୁରକ୍ଷିତ ରଖିପାରେ ସିଏ ହେଉଛି ଅସଲ ମରଦ।

ସ୍ମାର୍ଟ ଫୋନ୍ ପ୍ରଭାବରେ ଆଜିକାଲି ବହୁନାରୀ ଓଭରସ୍ମାର୍ଟ ହୋଇସାରିଲେଣି। ଏହାର ପ୍ରମାଣ ହେଲା ତା’ର ସ୍ତ୍ରୀ। ତା’ ସ୍ତ୍ରୀ ଆଗରୁ ଟିଭିରେ ଓଡ଼ିଆ ସିରିଏଲ ଦେଖିସାରିଲା ପରେ ଖାଇଦେଇ ଶୋଇ ପଡୁଥିଲା। କିଛିମାସ ହେଲା ସିଏ ଦରମାରୁ କାଟି ତା’ ପାଇଁ ସ୍ମାର୍ଟ ଫୋନ୍‌ଟିଏ ଆଣିଦେଲା ପରେ ସ୍ତ୍ରୀ ତା’ର ଆଉ ରାତିରେ ଶୋଉନି। ରାତିସାରା ତା’ ଘରର ଲାଇଟ୍ ଜଳୁଥିବାରୁ କଲୋନୀବାଲାଏ ଶାନ୍ତିରେ ଶୋଇ ପାରୁଛନ୍ତି। କଲୋନୀରେ ଆଉ ପୂର୍ବପରି ଚୋରିଭୟ ନାହିଁ। କେବଳ ଲାଇଟ୍ ନୁହେଁ, ମଝିରେ ମଝିରେ ଚାଟିଂରେ ମେସେଜ୍ ପଢ଼ି ଘରଣୀର ଉଚ୍ଛୁଳା ହସ ଏବଂ ଆସିଥିବା ଭିଡିଓ ଶବ୍ଦରେ କଲୋନୀଟି ନିଶାର୍ଦ୍ଧରେ ମଧ୍ୟ ଚଳଚଞ୍ଚଳ ଲାଗୁଛି। ଯଦି କୋଉଠି ଟିକେ ଖୁଡ୍‌ଖାଡ୍ ଶୁଭିଲା ଘରଣୀ ଝରକା ବାଟେ ସ୍ମାର୍ଟ ଫୋନ୍‌ର ଟର୍ଚ୍ଚ ପକେଇ ଦେଖିଦେଉଛନ୍ତି!

ଅବଶ୍ୟ ମାଡାମ୍ ଆଜିକାଲି ଟିକିଏ ଡେରିରେ ଉଠୁଛନ୍ତି। କିନ୍ତୁ ସକାଳୁ ବିଶେଷ କିଛି କାମ ରହୁ ନ ଥିବାରୁ ଏଥିରେ ବିଶେଷ କିଛି ଅସୁବିଧା ହେଉନାହିଁ। ମେସେଜ୍‌ରୁ ଶିଖି ଆଜିକାଲି ସକାଳୁ ଉଠି ଗୁଡ୍‌ମର୍ନିଂ କହୁଛନ୍ତି। ଉଠୁଉଠୁ ସ୍ମାର୍ଟ ଫୋନ୍‌ରେ ଭକ୍ତିଗୀତ ବଜେଇ ଘରକୁ ଆଧ୍ୟାତ୍ମିକ ପରିବେଶରେ ଅଳଙ୍କୃତ କରିବା ସହ ମୋବାଇଲରୁ ଭିଡିଓ ଦେଖି ବିଭିନ୍ନ ଯୋଗ କରୁଛନ୍ତି। ଫଳସ୍ୱରୂପ ତା’ ଘରଣୀ ଆଜିକାଲି କୁଆଡ଼େ ଅଧିକ ଫିଟ୍ ଓ ସୁନ୍ଦରୀ ଦିଶୁଛି ବୋଲି ବହୁ ପୁରୁଷ ବନ୍ଧୁ ହ୍ୱାଟ୍‌ସଆପ୍‌ରେ ମେସେଜ୍ ଦେଇ ଫେସ୍‌ବୁକ୍‌ରେ ଲୋଡ୍ ହୋଇଥିବା ଫଟୋ ସବୁକୁ ଲାଇକ୍ କରିବା ସହ ଅସମ୍ଭବ କମେଣ୍ଟ ଦେଇଛନ୍ତି।

ସ୍ମାର୍ଟ ଫୋନ୍ ଜରିଆରେ ପତ୍ନୀ ମହୋଦୟା ତାଙ୍କର ଘରଲୋକ, ଗାଆଁଲୋକ, ସାଙ୍ଗସାଥୀ, ଦୂର ସମ୍ପର୍କୀୟଙ୍କ ସହିତ ନିୟମିତ ସମ୍ପର୍କରେ ଅଛନ୍ତି। ଶାଶୁଘର ଲୋକଙ୍କ କଥା ପଡିଲେ ଆଗରୁ ତାଙ୍କର ମିଜାଜ୍ ଗରମ ହୋଇଯାଉଥିଲା, ଏବେ ଶାଶୁଘର ଲୋକଙ୍କ ସହ କଥାବାର୍ତ୍ତା ହେଲା ବେଳକୁ ତାଙ୍କ ସ୍ମାର୍ଟ ଫୋନ୍ ଗରମ ହୋଇଯାଉଛି!

ହାତରେ ସ୍ମାର୍ଟ ଫୋନ୍ ଧରେଇବା ପରେ କେବଳ ଘରଣୀର ନୁହେଁ, ତା’ର ମଧ୍ୟ ବହୁ ଲାଭହୋଇଛି। ସବୁଠୁ ବଡ଼କଥାଟି ହେଲା ଆଜିକାଲି ଘରେ କଳିଗୋଳ, ରାଗରୁଷା କମିଛି। ଆଗରୁ କଥାକଥାରେ ଚିଡିଚିଡି ହୋଇ ଗାଳି ଦେଉଥିବା ଘରଣୀ ଆଜିକାଲି ମୋବାଇଲ୍‌ରେ ବ୍ୟସ୍ତ ରହିବା କାରଣରୁ ଆଉ ଗାଳି ଦେବାକୁ ଟାଇମ୍ ମିଳୁନାହିଁ।

ଘରୁ ବାହାରିଲା ବେଳେ ଦୃଷ୍ଟିରୁ ଅନ୍ତର ହେବା ପର୍ଯ୍ୟନ୍ତ ଆସିଲା ବେଳେ ଅମୁକ ଆଣିବ ସମୁକ ଆଣିବ ବୋଲି ଫରମାଇସ୍ କରିବାଟା ଘରଣୀମାନଙ୍କର ଆଦତ। ଏବେ କିନ୍ତୁ ଘରଣୀ ହ୍ୱାଟ୍‌ସଆପ୍‌ରେ ସଉଦା ତାଲିକା, ଆବଶ୍ୟକ ଓଜନର ପରିବା ଓ ବ୍ଲାଉଜ୍ ସାଇଜ୍ ଆଦି ମେସେଜ୍ କରିଦେଉଛନ୍ତି। ଅନଲାଇନ୍ ଶପିଂରେ ପାରଙ୍ଗମ ହେବା ଫଳରେ ଘରଣୀ କିଣାକିଣି କରିବାକୁ ବଜାର ଯାଇ ଖିଆପିଆର ଅତିରିକ୍ତ ଖର୍ଚ୍ଚ କମିଛି।

ଘରଣୀ ମାତ୍ରେ ହିଁ ତ ସନ୍ଦେହୀ। ଯଦି ଘରକୁ ଶୀଘ୍ର ଫେରିଲ କାରଣ କୁହ! ଡେରିରେ ଫେରିଲେ କାରଣ ଦର୍ଶାଅ। ଖୁସିମନରେ ଫେରିଲେ, କାହାକୁ ଦେଖା କରିଛ କୁହ ? ପୂର୍ବପରି ଏସବୁ ଆଉ ତାକୁ ଶୁଣିବାକୁ ପଡୁନାହିଁ। କାରଣ ସନ୍ଦେହ ଉଦ୍ରେକ ହେବା ମାତ୍ରେ ଘରଣୀ ଭିଡିଓ କଲ୍ କରି ସବୁକିଛି ତଦାରଖ କରିଦେଉଛନ୍ତି।

ପୂର୍ବରୁ ଘରଣୀମାନଙ୍କର ଲୋଭଥିଲା ନୂଆଶାଢ଼ି ଅବା ଅଳଙ୍କାରରେ, ଏବେ କିନ୍ତୁ ସେମାନଙ୍କର ଲୋଭ ସ୍ୱାମୀମାନଙ୍କର ସ୍ମାର୍ଟ ଫୋନ୍ ଲକ୍‌ର ପାସ୍‌ୱାର୍ଡରେ। ବହୁ ଫନ୍ଦିଫିକର କରି ଘରଣୀ ତା’ର ମୋବାଇଲର ପାସ୍‌ୱାର୍ଡଟି ନେଇଛନ୍ତି। ଦିନେ ସିଏ ଗାଧୁଆଘରେ ପଶିଥିଲା ବେଳେ ଘରଣୀ ତା’ର ମୋବାଇଲଟିକୁ ଖୋଲି ବିଭିନ୍ନ ଚାଟ୍‌ର ହିଷ୍ଟ୍ରି ସବୁକୁ ଖେଳେଇ ଚାଲିଲେ। କୋଉ ଝିଅକୁ ସିଏ ରାତି ଅଧରେ ଉତ୍ତର ଦେଇଛି, କାହାର ଫଟୋ ଦେଖି ସୁନ୍ଦରୀ ବୋଲି କହିଛି ସବୁକୁ ପଢି ଜଳି ଉଠିଲେ।

ସିଏ ଗାଧୁଆଘରୁ ବାହାରୁ ବାହାରୁ ଘରଣୀ ତା’ର ଆରମ୍ଭ କରିଦେଲେ ଶବ୍ଦବର୍ଷଣ। ଲାଜ ଲାଗୁନି ବୁଢ଼ାଟିଏ ହେଲଣି, ଏୟା କରୁଛ ! ଘରଣୀଙ୍କ ଝିଙ୍ଗାସରେ ମର୍ମାହତ ହୋଇ ସିଏ ସ୍ମାର୍ଟ ଫୋନ୍ ଛାଡି ଗୋଟିଏ ସାଧାରଣ ମୋବାଇଲ ଧରୁଛି। ଘରଣୀ ମହୋଦୟା କିନ୍ତୁ ସେମିତି ସ୍ମାର୍ଟ ଅଛନ୍ତି!

ମାର୍ଫତ୍– ଗାନ୍ଧୀ ପଣ୍ଡା, କଳାଘର–ଲେମ୍ଭୋ, ଅଲରା, ନରସିଂହପୁର, କଟକ, ମୋ– ୯୩୩୮୫୮୧୩୦୯

## ଏଇ ଭାରତରେ

ମନୋବଳ ଦୃଢ଼ ଥିଲେ ଜଣେ ଦୁର୍ବଳ ବ୍ୟକ୍ତି ବି ଅସାଧ ସାଧନ କରିପାରେ। ବୃଦ୍ଧ ବୟସରେ ବି କୌଣସି ବ୍ୟକ୍ତି ଘୋଡା ସହ ତାଳ ଦେଇ ଦୌଡି ପାରନ୍ତି। ଏହା ଅସମ୍ଭବ ମନେହେଲେ ମଧ ସତ୍ୟ। ଏପରି ଏକ ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇଛି ଜଣେ ୬୬ ବର୍ଷ ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ। ପଞ୍ଜାବର ବଟାଲାସ୍ଥିତ ତଲବଣ୍ଡି ଝିୟୁଁରାର ବାସିନ୍ଦା ବଲୱନ୍ତ ସିଂ ବାର୍ଦ୍ଧକ୍ୟରେ ଉପନୀତ ହୋଇଥିଲେ ମଧ୍ୟ ପ୍ରତିଦିନ ଘୋଡା ସହ ଦୌଡ ପ୍ରତିଯୋଗିତା କରୁଛନ୍ତି। ନାଁ ଯେପରି ବଲୱନ୍ତ, ବାସ୍ତବରେ ସେ ସେହିପରି ବଳବନ୍ତ ଓ ସୁସ୍ଥ। ବୟସରେ ବୃଦ୍ଧ ହେଲେ ମଧ ବାର୍ଦ୍ଧକ୍ୟ ଯେପରି ତାଙ୍କୁ ସ୍ପର୍ଶ କରିନାହିଁ। ପ୍ରତିଦିନ ସକାଳୁ ସେ ଘୋଡା ସହ ପ୍ରାୟ ୨ କିଲୋମିଟର ଦୌଡିଥାନ୍ତି। ସେଥିପାଇଁ ସ୍ଥାନୀୟ ଲୋକେ ତାଙ୍କୁ ବଲୱନ୍ତ ଘୋଡା ବୋଲି ଶ୍ରଦ୍ଧାରେ ଡାକନ୍ତି। ବଲୱନ୍ତ ଗାଁଠାରୁ ଗୁରୁଦାସପୁର ମଧ୍ୟରେ ଥିବା ୩୧ କିଲୋମିଟର ଦୂରତାକୁ ମାତ୍ର ଦେଢ଼ ଘଣ୍ଟାରେ ଅତିକ୍ରମ କରିଥାଆନ୍ତି। ଇତିମଧ୍ୟରେ ସେ ଶହେରୁ ଅଧିକ ମେଡାଲ ଏବଂ ଟ୍ରଫି ଜିଣି ସାରିଛନ୍ତି। ୧୮ବର୍ଷ ବୟସରୁ ସେ କବାଡି ଖେଳିବା ଆରମ୍ଭ କରିଥିଲେ। କିଛି ଦିନ ତଳେ ବିଏସ୍‌ଏଫ୍ ପକ୍ଷରୁ ଆୟୋଜିତ ଦୌଡ ପ୍ରତିଯୋଗିତାରେ ସେ ବିଜୟୀ ହୋଇ ପୁରସ୍କୃତ ହୋଇଥିଲେ।

## ଚିରନ୍ତନୀ

ତୋଳଇ କେତେ କୀରତି ନର
ଖୋଳଇ କେତେ ମାଟି
ଲେଖଇ ନାମ, ଲେଖଇ ନିଜ ଯଶ
ରହିଚି ଆଜି ଅତୀତ କଥା
ପଥର ଦେହ କାଟି
ନିଗାଡ଼ି କେତେ ସରଗ ସୁଧାରସ !
(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିଶୁ ସାହିତ୍ୟ ଅବହେଳିତ

ମହାଶୟ,

ଆମ ଓଡ଼ିଶାରେ କେତେଗୋଟି ହାତଗଣତି ଶିଶୁ କିଶୋର ପତ୍ରିକା ପ୍ରକାଶିତ ହୋଇଥାଏ। କେତେକ ଖବରକାଗଜ କିଛି କିଛି ଶିଶୁ ସାହିତ୍ୟ ନିମନ୍ତେ ପ୍ରୟାସୀ। ମାତ୍ର ପୂର୍ବରୁ ପ୍ରକାଶ ପାଉଥିବା ‘ଶିଶୁ ଲେଖା’ ନିୟମିତ ହୋଇପାରିଲା ନାହିଁ। ତାହା ବଜାରରେ ଉପଲବ୍ଧ ନୁହେଁ। ଅନେକ ବିବଦମାନ ଚାଟଶାଳି ପାଠ ବା ବର୍ଣ୍ଣବୋଧ ପ୍ରକାଶ ପାଇ ବିକ୍ରୟ ହେଉଛି। ମାତ୍ର ସରକାରଙ୍କ ଶିକ୍ଷା ବିଭାଗର ନିର୍ଭୁଲ ପ୍ରାମାଣିକ ବର୍ଣ୍ଣବୋଧ ପ୍ରକାଶ ପାଇ କାହିଁକି ବିକ୍ରୟ ହେଉନାହିଁ, ତାହା ଜାଣି ହେଉନାହିଁ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

### ବିଧାନସଭାର ଧାର୍ଯ୍ୟ ଦିବସ ହ୍ରାସ ନ ଘଟୁ

ଓଡ଼ିଶା ବିଧାନସଭା ଅଧିବେଶନ କରଦାତାମାନଙ୍କ ଅର୍ଥରେ ଚାଲେ। ବିଧାନସଭା ମନ୍ଦିର ସଦୃଶ। ଏଠାରେ ରାଜ୍ୟର ଶାସନଖସଡା ପ୍ରସ୍ତୁତ ହୁଏ। ବିଧାୟକମାନଙ୍କୁ ନିଜ ନିଜ ନିର୍ବାଚନମଣ୍ଡଳୀର ସମସ୍ୟାକୁ ଉପସ୍ଥାପନ କରିବାର ସୁଯୋଗ ମିଳିବା ସଙ୍ଗେ ସଙ୍ଗେ ପ୍ରତିକାର ପାଇଁ ମଧ ବିଭାଗୀୟ ମନ୍ତ୍ରୀମାନଙ୍କର ପ୍ରତିଶ୍ରୁତି ମିଳେ। କିନ୍ତୁ ଦୁଃଖର କଥା ବିଧାନସଭା ଅଧିବେଶନ ଯେତିକି ଦିନ ଚାଲିବା କଥା ଚାଲିପାରୁନି। ଫଳରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡିକ ଉପସ୍ଥାପିତ ହୋଇପାରୁନି। ଏଥିପାଇଁ ଉଭୟ ଶାସକ ଓ ବିରୋଧୀ ଦଳ ଦାୟୀ। ତେଣୁ ଅନୁରୋଧ ରାଜ୍ୟର ମଙ୍ଗଳ ପାଇଁ ଧାର୍ଯ୍ୟ ଦିବସକୁ ଅଯଥା ହୋ ହଲ୍ଲା କରି ହ୍ରାସ କରନ୍ତୁ ନାହିଁ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଚାକିରିଆ ଓ ପେନ୍‌ସନଭୋଗୀ ବି ‘କାଳିଆ’ରେ

ଅନେକ ବଡ଼ବଡ଼ିଆ ପ୍ରକୃତ ହିତାଧିକାରୀଙ୍କ ଅଧିକାରକୁ ଛଡାଇ ନେଉଛନ୍ତି। ନିକଟରେ ରାଜ୍ୟ ସରକାରଙ୍କ ‘କାଳିଆ’ ଯୋଜନାରେ ସରକାରୀ ଚାକିରିଆ ଓ ପେନ୍‌ସନଭୋଗୀ ସାମିଲ ହୋଇ ପ୍ରଥମ କିସ୍ତିର ୫ ହଜାର ଟଙ୍କାକୁ ଅକ୍ତିଆର କରିନେଇଛନ୍ତି ଓ ନେବା ପାଇଁ ଅନ୍ୟମାନେ ବି ସଜବାଜ ହେଉଛନ୍ତି। ଏଭଳି ଯଦି ହୁଏ ତେବେ ପ୍ରକୃତ ହିତାଧିକାରୀମାନେ ଉପକୃତ ହେବେ ତ!

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ପିଡିଏସ୍ ଧରି ଫେରୁଥିବା ସମୟରେ ବୃଦ୍ଧଙ୍କ ଆକସ୍ମିକ ମୃତ୍ୟୁ

**ଜୁନାଗଡ଼,୧୧।୨(ଡି.ଏନ୍.ଏ.)-** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାଲୋପଲା ପଞ୍ଚାୟତ ଦେଉଣ୍ଡି ଗ୍ରାମର ଜନୈକ ବୃଦ୍ଧ ସୋମବାର ସ୍ଥାନୀୟ ପଞ୍ଚାୟତରୁ ପିଡିଏସ୍ ଚାଉଳ ଧରି ଘରକୁ ଫେରୁଥିବା ସମୟରେ ବାଟରେ ଆକସ୍ମିକ ମୃତ୍ୟୁ ହୋଇଛି। ତାଙ୍କ ନାମ ମଙ୍ଗଲୁ ବେମାଲ(୫୧)। ସୂଚନା ଅନୁଯାୟୀ, ସୋମବାର ମଙ୍ଗଲୁ କାଲୋପଲା ପଞ୍ଚାୟତ କାର୍ଯ୍ୟାଳୟକୁ ନିଜ ପରିବାରର ପିଡିଏସ୍ ଚାଉଳ ନେବା ପାଇଁ ଆସିଥିଲେ। ପରେ ସେ ପିଡିଏସ୍ ଚାଉଳ ଧରି ଘରକୁ ଫେରୁଥିବା ସମୟରେ ବାଟରେ କାଲୋପଲା ବସଷ୍ଟାଣ୍ଡ ନିକଟରେ ହଠାତ୍ ତାଙ୍କ ଦେହ ଖରାପ ହୋଇଯାଇଥିଲା। ଫଳରେ ସେ ଗୁରୁତର ହୋଇ ପଡିଯାଇଥିଲେ। ପରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଆମ୍ବୁଲାନ୍ସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ମୃତ ଘୋଷିତ କରିଥିଲେ। ଏପଟେ ମଙ୍ଗଲୁଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ ପୁଅ ଦୁଃଖରେ ଭାଙ୍ଗିପଡିଛନ୍ତି।

## ■ କମୁଛି ପୋଲିସ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା

# ଥାନାରେ ପଡ଼ିଛି ୧୧ ହଜାର ମାମଲା

**ତ୍ରିନାଥ ମହାନ୍ତି**
**ଭୁବନେଶ୍ୱର,୧୧।୨**

କମିଶନରେଟ ପୋଲିସର ବିଭିନ୍ନ ଥାନାରେ ବହୁ ସଂଖ୍ୟାରେ ମାମଲା ପଡ଼ିରହିଛି। ଗତ ୧୧ ବର୍ଷ ମଧ୍ୟରେ ଥାନାଗୁଡ଼ିକରେ ମୋଟ ୧୧ ହଜାର ୬୧ ମାମଲାର ତଦନ୍ତ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ସେଥିମଧ୍ୟରେ ୯୪ ହତ୍ୟା ଏବଂ ୧୪୩ ବଳାତ୍କାର ଭଳି ସଙ୍ଗିନ ମାମଲା ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରତିବର୍ଷ ବଳକା ମାମଲା ହାର ବଢ଼ି ବଢ଼ି ଚାଲିଛି। ଏହାକୁ ଅନୁଧ୍ୟାନ କଲେ ଜଣାପଡୁଛି କମିଶନରେଟ ପୋଲିସ ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତା ଦିନକୁଦିନ କମିବାରେ ଲାଗିଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୧୧ ବର୍ଷ ମଧ୍ୟରେ କମିଶନରେଟ ପୋଲିସର ୨୧ଟି ଥାନାରେ ଏସବୁ ମାମଲା ପଡ଼ିରହିଛି। ସେଥିମଧ୍ୟରେ କ୍ୟାପିଟାଲ ଥାନାରେ ୭୭୮ ମାମଲା ଥିବାବେଳେ ଖାରବେଳନଗର ଥାନାରେ ୬୪୫, ମହିଳା ଥାନାରେ ୨୬୬, ଲିଙ୍ଗରାଜ ଥାନାରେ ୨୩୬, ଏୟାରଫିଲ୍ଡ ଥାନାରେ ୩୬୮, ଧଉଳି ଥାନାରେ ୧୦୪, ଜଟଣୀ ଥାନାରେ ୬୬୫, ତମାଣ୍ଡୋ ଥାନାରେ ୫୯ ଏବଂ ବିଦ୍ୟୁତ୍ ଥାନାରେ ୪ ମାମଲା ରହିଛି। ସେହିଭଳି ଖଣ୍ଡଗିରି ଥାନାରେ ୧୧୪୦, ବଡଗଡ ଥାନାରେ ୭୪୩, ଲକ୍ଷ୍ମୀସାଗର ଥାନାରେ ୬୨୮, ବାଲିପାଟଣା ଥାନାରେ ୨୦୧, ବାଲିଅନ୍ତା ଥାନାରେ ୫୧୨, ନୟାପଲ୍ଲୀ ଥାନାରେ ୧୨୫୬, ମଞ୍ଚେଶ୍ୱର ଥାନାରେ ୮୧୫, ଶହୀଦନଗର ଥାନାରେ ସର୍ବାଧିକ ୧୪୨୫ ମାମଲା ରହିଛି। ଏହାବ୍ୟତୀତ ଚନ୍ଦ୍ରଶେଖରପୁର ଥାନାରେ ୭୪୫, ଇନ୍‌ଫୋସିଟି ଥାନାରେ ୩୦୪, ଚନ୍ଦକା ଥାନାରେ ୧୧୪ ଏବଂ ନନ୍ଦନକାନନ ଥାନାରେ ୫୩ ମାମଲା ପଡିରହିଛି। ନୟାପଲ୍ଲୀ, ମଞ୍ଚେଶ୍ୱର, ଖଣ୍ଡଗିରି, ଶହୀଦନଗର ଥାନାରେ ଏକାଧିକ ହତ୍ୟା ମାମଲା ରହିଛି। ବର୍ଷ ଅନୁଯାୟୀ ଦେଖିଲେ, ୨୦୦୭ରେ ୧୪୫ ମାମଲାର ତଦନ୍ତ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ୨୦୦୮ରେ ୧୭୪, ୨୦୦୯ରେ ୧୪୩, ୨୦୧୦ରେ ୧୭୯, ୨୦୧୧ରେ ୧୮୨, ୨୦୧୨ରେ ୩୨୯, ୨୦୧୩ରେ ୫୩୭, ୨୦୧୪ରେ ୭୧୯, ୨୦୧୫ରେ ୧୨୨୬, ୨୦୧୬ରେ ୧୬୨୬, ୨୦୧୭ରେ ୨୪୩୪ ମାମଲା ରହିଛି। ଏ କ୍ଷେତ୍ରରେ ୨୦୧୮ ବର୍ଷର ନଭେମ୍ବର ସୁଦ୍ଧା ୩୩୬୭ ମାମଲା ରହିଛି। ଏସବୁ ମାମଲାରେ ଅଭିଯୁକ୍ତ ଗିରଫ ନ ହେବା, ଲୁଟ୍ ଏବଂ ଚୋରି ସମ୍ପତ୍ତି ଉଦ୍ଧାର ନ ହେବା ଯୋଗୁ ଅପରାଧର ଶିକାର ବ୍ୟକ୍ତିମାନେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ହେଉଛନ୍ତି ପ୍ରିୟା ସକ୍‌ସେନା। ପ୍ରିୟାଙ୍କ କହିବାନୁଯାୟୀ, ୨୦୧୮ ମାର୍ଚ୍ଚ ୧୧ରେ ତାଙ୍କ ସ୍ୱାମୀଙ୍କୁ ଚିରଗୋଟୋଲା ବସ୍ତିର ଜଣେ ବ୍ୟକ୍ତି କିରୋସିନରେ ପୋଡି ହତ୍ୟା କଲେ। ଏନେଇ ସେ ଇନ୍‌ଫୋସିଟି ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ତାଙ୍କ ସ୍ୱାମୀ ଗୁରୁତର ହୋଇ ହସ୍ପିଟାଲରେ ପଡିଥିବା ବେଳେ ଘଟଣା କିଭଳି ଘଟିଥିଲା ତାହା କହିଥିଲେ। ତାହାର ଭିଡିଓ ରେକର୍ଡିଂ ଦିଆଯାଇଥିଲେ ମଧ୍ୟ ପୋଲିସ ଚାପରେ ଚୁପ୍ ରହିଛି। ଅଭିଯୁକ୍ତଙ୍କୁ ଗିରଫ କଲା ନାହିଁ। ଅଭିଯୁକ୍ତଙ୍କ ପ୍ରତି ଜଣେ ପୋଲିସ ଅଫିସରଙ୍କ ସହଯୋଗ ରହିଛି ବୋଲି ସେ କହିଛନ୍ତି। ସେହିପରି ଲୁଟ୍‌ର ଶିକାର ହୋଇଥିବା ଭଗବତ ବାସୁଦେବ କହିବାନୁଯାୟୀ, ଘାଟିକିଆ ଅଞ୍ଚଳରେ ୨୦୧୮ ନଭେମ୍ବର ୩ ତାରିଖ ବିକାଳ ରାତିରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଚକ୍କୁ ଦେଖାଇ ୩୦ ହଜାର ଟଙ୍କା ଲୁଟିନେଲେ। ସେ ଏଟିଏମ୍‌ରୁ ଟଙ୍କା କାଢ଼ି ବାହାରୁଥିବାବେଳେ ଏଭଳି ଲୁଟର ଶିକାର ହୋଇଥିଲେ। ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିଥିଲେ, କିନ୍ତୁ ଅଭିଯୁକ୍ତମାନଙ୍କୁ ଗିରଫ କଲାନାହିଁ। ବାରମ୍ବାର ଥାନାକୁ ଦୌଡ଼ିଥିଲେ ମଧ୍ୟ କିଛି ଫଳ ମିଳିଲାନାହିଁ। ପୋଲିସ ଜାଣିଶୁଣି ଅଭିଯୁକ୍ତମାନଙ୍କୁ ଘଣ୍ଟ ଘୋଡ଼ାଉଛି ବୋଲି ସେ କହିଛନ୍ତି। ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କୁହନ୍ତି, ଥାନାଗୁଡ଼ିକରେ ମାମଲା ପଡ଼ି ରହିବାର ମୁଖ୍ୟ କାରଣ ହେଲା ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଚାପ। ବସ୍ତି ଅଞ୍ଚଳରେ ଅଧିକାଂଶ ଅପରାଧିକ କାର୍ଯ୍ୟକଳାପ ଘଟୁଛି। ଥାନାରେ ଏକାଧିକ ମାମଲା ରୁଜୁ ହେଉଥିଲେ ମଧ୍ୟ ପୋଲିସ ରାଜନୈତିକ କିମ୍ବା ଅର୍ଥନୈତିକ କାରଣରୁ ତାହାର ତଦନ୍ତ କରୁନାହିଁ, ଯେଉଁଥିପାଇଁ ମାମଲା ସଂଖ୍ୟା ବର୍ଷକୁ ବର୍ଷ ବଢ଼ି ଚାଲିଛି। ଯଦି ପୋଲିସ ଅର୍ଥନୈତିକ ଓ ରାଜନୈତିକ ଚାପରେ ଆସିବ ନାହିଁ, ତେବେ ତଦନ୍ତ ଠିକ୍‌ରେ ଶେଷ ହେବ।

ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ କୁହନ୍ତି, ମାମଲା ପଡ଼ିରହିବାର ମୁଖ୍ୟ କାରଣ ହେଉଛି କର୍ମଚାରୀମାନେ କର୍ତ୍ତବ୍ୟରେ ଅବହେଳା କରିବା। ସେମାନେ ଠିକ୍ ଭାବେ କାର୍ଯ୍ୟ କରୁନାହାନ୍ତି। ଏହାସହ ତଦନ୍ତକାରୀ ଅଧିକାରୀମାନେ ଅନେକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଡ୍ୟୁଟିରେ ରହୁଛନ୍ତି। ଫଳରେ ତଦନ୍ତ କରିବାକୁ ସେମାନେ ସମୟ ପାଉନାହାନ୍ତି। ସେହିଭଳି ଅଭିଯୋଗକାରୀ ଯଦି ଗରିବ ଲୋକ, ତେବେ ତାଙ୍କ ଅଭିଯୋଗକୁ ପୋଲିସ ଗୁରୁତ୍ୱ ଦେଉନି। କେବଳ ମାମଲା ରୁଜୁ କରି ଚୁପ୍ ବସୁଛି। ଗରିବ ଲୋକଟି ଅର୍ଥ ଦେଇପାରୁ ନ ଥିବାରୁ ସେମାନଙ୍କ ମାମଲା ପଡ଼ି ରହୁଛି।

ଏ ସମ୍ପର୍କରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଥାନାଗୁଡ଼ିକରେ ପୋଲିସ କର୍ମଚାରୀଙ୍କ ଅଭାବ ରହୁଛି। ଏପରି କି ଅନେକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଥିବାରୁ ତଦନ୍ତ ଠିକ୍ ଭାବେ ହୋଇପାରୁନି। ଯଦି ଲ ଆଣ୍ଡ ଅର୍ଡର ଅଲଗା ହୁଏ, ତେବେ ମାମଲା ଠିକ୍‌ରେ କ୍ଲୋଜ ହେବ। ମୁଁ ଖୁବ୍‌ଶୀଘ୍ର ମାମଲା ଶେଷ କରିବାକୁ ଥାନାଗୁଡ଼ିକୁ ନିର୍ଦ୍ଦେଶ ଦେବି ବୋଲି ମହାନ୍ତି କହିଛନ୍ତି।

**୧୧ ବର୍ଷର ବିଫଳତା**
- ■ ୯୪ ହତ୍ୟା, ୧୪୩ ବଳାତ୍କାର ମାମଲାରେ ପୋଲିସ ବିଫଳ
- ■ ବଢ଼ିଚାଲିଛି ବଳକା ମାମଲା ହାର

### ଶିକାରୀ ଫାଶରେ ପଡ଼ି ଯୁବକ ଗୁରୁତର

**ବିନିକା,୧୧।୨ (ଡି.ଏନ୍.ଏ)-** ସୁବର୍ଣ୍ଣପୁର ଜିଲା ବିନିକା-ଗୁଲୁଣ୍ଡା ରାସ୍ତାପାର୍ଶ୍ୱରେ ଥିବା ଲାଲଖାହାଜୀ ସ୍କୁଲ ପଛପଟେ ବିଦ୍ୟୁତ୍ ସଂଯୋଗ ଥିବା ବନ୍ୟଜନ୍ତୁ ଫାଶରେ ପଡ଼ି ସୋମବାର ଜଣେ ଯୁବକ ଗୁରୁତର ହୋଇଛନ୍ତି। ଯୁବକ ଜଣକ ହେଲେ ଚରଦା ଗାଁର ପ୍ରଶାନ୍ତ ଥନାପତି(୪୦)। ଅପରାହ୍ନରେ ସେ ନିଜ ଜମିକୁ ମୋଟର ଯୋଗେ ପାଣି ମଡାଇବା ପାଇଁ ଯାଇଥିଲେ। ମୋଟର ହଠାତ୍ ବନ୍ଦ ହୋଇଯିବାରୁ ଆବଶ୍ୟକ ଗୋଟିଏ ଜୋଖିଥିବା ବେଳେ ବନ୍ୟଜନ୍ତୁ ଧରିବା ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ଚାଳିତ ଫାଶ ସଂସ୍ପର୍ଶରେ ଆସି ଯାଇଥିଲେ। ତାଙ୍କ ଚିତ୍କାର ଶୁଣି ନିକଟସ୍ଥ ଖେତରେ ଥିବା ଲୋକେ ଘଟଣାସ୍ଥଳକୁ ଆସି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସୁବର୍ଣ୍ଣପୁର ଜିଲାରେ ଥିବା ଜଙ୍ଗଲଠାରୁ ଜମିକୁ ଖାଦ୍ୟ ଓ ପାଣି ସନ୍ଧାନରେ ଆସୁଥିବା ବନ୍ୟଜନ୍ତୁଙ୍କୁ ନିୟମିତଭାବେ ଶିକାର କରାଯାଉଛି। ଏଥିପାଇଁ ଶିକାରୀମାନେ ଫାଶ ବସାଉଛନ୍ତି। ଏପରିକି ବହୁ ସ୍ଥାନରେ ବିଦ୍ୟୁତ୍ ସଂଯୋଗ କରି ବନ୍ୟଜନ୍ତୁ ଶିକାର କରାଯାଉଛି। ତାହାର ଶିକାର ହୋଇଛନ୍ତି ଚରଦା ଗାଁର ପ୍ରଶାନ୍ତ ଥନାପତି।


SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ମ୍ୟାନେଜ୍‌ମେଣ୍ଟ ଶାଖା (SAMB), ଏ/୩୪, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ (ଓସକାର୍ଡ ବ୍ୟାଙ୍କ ବିଲ୍ଡିଂ, ୪ର୍ଥ ମହଲା), ଭୁବନେଶ୍ୱର - ୭୫୧୦୦୧, ଜିଲ୍ଲା: ଖୋର୍ଦ୍ଧା, (ଓଡ଼ିଶା), ମୋ.: ୯୪୩୭୧୮୬୬୬୯, E-mail: sbi.10130@sbi.co.in

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ସାଙ୍କେତିକ/ଭୌତିକ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ) ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ **"ଯାହା ଯେଉଁଠାରେ ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ"** ଇ-ନିଲାମ କରାଯିବ।

**ଇ-ନିଲାମ ତାରିଖ: ୨୭.୦୨.୨୦୧୯**

| କ୍ର. ନଂ. | ରଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକ (ମାନ)ଙ୍କ ନାମ | ସମ୍ପତ୍ତିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|---|---|
| ୧. | **ରଣଗ୍ରହୀତା: ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ.,** ସା: ଓଲରା, ପୋ: ବନ୍ତଳା, ବଡଚଣା, ଜିଲ୍ଲା: ଯାଜପୁର, ଓଡ଼ିଶା - ୭୫୪୦୨୪, **ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା,** ପିତା: ବନୱାରିଲାଲ ଅଗ୍ରୱାଲା, **ନିର୍ଦ୍ଦେଶକମାନେ: (୧) ଶ୍ରୀ ବନୱାରିଲାଲ ଅଗ୍ରୱାଲା,** ପିତା: ୰ ବାଲୁରାମ ଅଗ୍ରୱାଲା, **(୨) ଶ୍ରୀମତୀ ସୁଷମା ଅଗ୍ରୱାଲା, ସ୍ୱାମୀ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା,** ସମସ୍ତଙ୍କ ଠିକଣା ସା: ଗିରିମା, ୱାର୍ଡ ନଂ.: ୧୨, କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା-୭୫୭୦୩୭ | **ଜାମିନ୍‌ଦାରମାନେ: (୧) ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା,** ପିତା: ବନୱାରିଲାଲ ଅଗ୍ରୱାଲା, **(୨) ଶ୍ରୀ ବନୱାରିଲାଲ ଅଗ୍ରୱାଲା,** ପିତା: ୰ ବାଲୁରାମ ଅଗ୍ରୱାଲା, **(୩) ଶ୍ରୀମତୀ ସୁଷମା ଅଗ୍ରୱାଲା,** ସ୍ୱାମୀ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ସମସ୍ତଙ୍କ ଠିକଣା ସା: ଗିରିମା, ୱାର୍ଡ ନଂ.: ୧୨, କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା-୭୫୭୦୩୭ / **କର୍ପୋରେଟ୍ ଜାମିନ୍‌ଦାର: ମେସର୍ସ ଗାଲାକ୍ସି ଟାଏ-ଅପ୍ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା,** ପିତା: ବନୱାରିଲାଲ୍ ଅଗ୍ରୱାଲା, ସା: ୨୭, ୱେଷ୍ଟର୍ଣ୍ଣ ଷ୍ଟ୍ରିଟ୍, ୩ୟ ମହଲା, ମିନି ବିଲ୍ଡିଂ, କୋଲକାତା-୭୦୦୦୧୨ (ପଶ୍ଚିମ ବଙ୍ଗ) | ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ. | ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ. (ରାଇସ୍ ମିଲ୍ ୩୭ଟିପିଏଚ୍ କ୍ଷମତା ବିଶିଷ୍ଟ)ର ନାମରେ ଥିବା ଜମି ଏବଂ ଗୃହ, କାରଖାନା ଏବଂ ଯନ୍ତ୍ରପାତି, ସେଡ୍ ଏବଂ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ଆସେଟ୍‌ସ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଓଲରା, ବଡଚଣା, ଜିଲ୍ଲା: ଯାଜପୁର, ଖାତା ନଂ.: ୫୪୯/୪୯, ପ୍ଲଟ ନଂ.: ୩୫, କ୍ଷେତ୍ର: ଏକର ୦.୬୬ ଡିସିମିଲି, ଖାତା ନଂ.: ୫୪୯/୫୩, ପ୍ଲଟ ନଂ.: ୪୦, କ୍ଷେତ୍ର: ଏକର ୨.୧୪ ଡିସିମିଲି, ଖାତା ନଂ.: ୪୨୭, ପ୍ଲଟ ନଂ.: ୪୪, କ୍ଷେତ୍ର: ଏକର ୦.୨୦ ଡିସିମିଲି, ଖାତା ନଂ.: ୪୬୧, ପ୍ଲଟ ନଂ.: ୩୬, କ୍ଷେତ୍ର: ଏକର ୦.୧୨ ଡିସିମିଲି, ଖାତା ନଂ.: ୪୬୧, ପ୍ଲଟ ନଂ.: ୩୬, କ୍ଷେତ୍ର: ଏକର ୦.୦୬ ଡିସିମିଲି, ଖାତା ନଂ.: ୩୬୧, ପ୍ଲଟ ନଂ.: ୨୪, କ୍ଷେତ୍ର: ଏକର ୦.୩୩ ଡିସିମିଲି, ଖାତା ନଂ.: ୧୯୨, ପ୍ଲଟ ନଂ.: ୪୧, କ୍ଷେତ୍ର: ଏକର ୦.୨୭ ଡିସିମିଲି, ଖାତା ନଂ.: ୩୫୦, ପ୍ଲଟ ନଂ.: ୩୪, କ୍ଷେତ୍ର: ଏକର ୦.୨୭ ଡିସିମିଲି, ଖାତା ନଂ.: ୨୪୩, ପ୍ଲଟ ନଂ.: ୨୯, କ୍ଷେତ୍ର: ଏକର ୦.୧୦ ଡିସିମିଲି, ଖାତା ନଂ.: ୧୯୭, ପ୍ଲଟ ନଂ.: ୩୧, କ୍ଷେତ୍ର: ଏକର ୦.୫୪ ଡିସିମିଲି, ଖାତା ନଂ.: ୩୦୬, ପ୍ଲଟ ନଂ.: ୨୮, କ୍ଷେତ୍ର: ଏକର ୦.୪୯ ଡିସିମିଲି, ଖାତା ନଂ.: ୩୧୨, ପ୍ଲଟ ନଂ.: ୩୨, କ୍ଷେତ୍ର: ଏକର ୦.୦୭ ଡିସିମିଲି, ଖାତା ନଂ.: ୧୫୯, ପ୍ଲଟ ନଂ.: ୩୩, କ୍ଷେତ୍ର: ଏକର ୦.୪୧ ଡିସିମିଲି, ଖାତା ନଂ.: ୨୬୦, ପ୍ଲଟ ନଂ.: ୨୫, କ୍ଷେତ୍ର: ଏକର ୨.୭୧ ଡିସିମିଲି, ଖାତା ନଂ.: ୩୯୦, ପ୍ଲଟ ନଂ.: ୪୨, କ୍ଷେତ୍ର: ଏକର ୦.୫୪ ଡିସିମିଲି, ଖାତା ନଂ.: ୨୦୪, ପ୍ଲଟ ନଂ.: ୪୭, କ୍ଷେତ୍ର: ଏକର ୦.୮୭ ଡିସିମିଲି, ଖାତା ନଂ.: ୪୨୪, ପ୍ଲଟ ନଂ.: ୪୬, କ୍ଷେତ୍ର: ଏକର ୦.୧୯ ଡିସିମିଲି, **ମୋଟ କ୍ଷେତ୍ର: ଏକର ୯.୯୭ ଡିସିମିଲି, ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲାଙ୍କ** ନାମରେ ଥିବା ଜମି ଏବଂ ଗୃହ, ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ଆସେଟ୍‌ସ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଓଲରା, ବଡଚଣା, ଜିଲ୍ଲା: ଯାଜପୁର, ଖାତା ନଂ.: ୫୪୯/୪୭, ପ୍ଲଟ ନଂ.: ୧୧, କ୍ଷେତ୍ର: ଏକର ୦.୭୫ ଡିସିମିଲି, ଖାତା ନଂ.: ୪୫୦, ପ୍ଲଟ ନଂ.: ୨୨, କ୍ଷେତ୍ର: ଏକର ୦.୨୯ ଡିସିମିଲି, ଖାତା ନଂ.: ୪୯୮, ପ୍ଲଟ ନଂ.: ୧୭, କ୍ଷେତ୍ର: ଏକର ୦.୩୭ ଡିସିମିଲି, ଖାତା ନଂ.: ୫୪୯/୪୬, ପ୍ଲଟ ନଂ.: ୮, କ୍ଷେତ୍ର: ଏକର ୦.୭୨ ଡିସିମିଲି, ଖାତା ନଂ.: ୩୧୩, ପ୍ଲଟ ନଂ.: ୭, କ୍ଷେତ୍ର: ଏକର ୦.୩୭ ଡିସିମିଲି, ଖାତା ନଂ.: ୯୩, ପ୍ଲଟ ନଂ.: ୭/୯୬୪, କ୍ଷେତ୍ର: ଏକର ୦.୩୦ ଡିସିମିଲି, ଖାତା ନଂ.: ୫୦୧, ପ୍ଲଟ ନଂ.: ୨୩, କ୍ଷେତ୍ର: ଏକର ୦.୦୬ ଡିସିମିଲି, ଖାତା ନଂ.: ୫୦୧, ପ୍ଲଟ ନଂ.: ୭/୯୬୩, କ୍ଷେତ୍ର: ଏକର ୦.୧୧ ଡିସିମିଲି, ଖାତା ନଂ.: ୫୪୯/୫୧, ପ୍ଲଟ ନଂ.: ୯, କ୍ଷେତ୍ର: ଏକର ୦.୫୪ ଡିସିମିଲି, ଖାତା ନଂ.: ୫୪୯/୫୦, ପ୍ଲଟ ନଂ.: ୧୬, କ୍ଷେତ୍ର: ଏକର ୦.୫୩ ଡିସିମିଲି, ଖାତା ନଂ.: ୩୯୫, ପ୍ଲଟ ନଂ.: ୬, କ୍ଷେତ୍ର: ଏକର ୧.୩୭ ଡିସିମିଲି, ଖାତା ନଂ.: ୨୪୨, ପ୍ଲଟ ନଂ.: ୧୦, କ୍ଷେତ୍ର: ଏକର ୦.୧୭ ଡିସିମିଲି, ଖାତା ନଂ.: ୨୯୧, ପ୍ଲଟ ନଂ.: ୧୫, କ୍ଷେତ୍ର: ଏକର ୦.୬୦ ଡିସିମିଲି, ଖାତା ନଂ.: ୫୪୯/୫୪, ପ୍ଲଟ ନଂ.: ୨୧, କ୍ଷେତ୍ର: ଏକର ୨.୧୨ ଡିସିମିଲି, **ମୋଟ କ୍ଷେତ୍ର: ଏକର ୮.୩୦ ଡିସିମିଲି, ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲାଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଓଲରା, ବଡଚଣା, ଜିଲ୍ଲା: ଯାଜପୁର, ଯାହାର ଖାତା ନଂ.: ୧୩୮, ପ୍ଲଟ ନଂ.: ୪୩, କ୍ଷେତ୍ର: ଏକର ୧.୨୦ ଡିସିମିଲି, ଖାତା ନଂ.: ୪୫୪, ପ୍ଲଟ ନଂ.: ୩୦, କ୍ଷେତ୍ର: ଏକର ୦.୪୮ ଡିସିମିଲି, **ମୋଟ କ୍ଷେତ୍ର: ଏକର ୧.୬୮ ଡିସିମିଲି, ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲାଙ୍କ** ନାମରେ ଥିବା ସମ୍ପତ୍ତି ଯାହାକି ମୌଜା: ଓଲରା, ଯାଜପୁର, ଖାତା ନଂ.: ୫୪୯/୬୩, ପ୍ଲଟ ନଂ.: ୨୦, କ୍ଷେତ୍ର: ଏକର ୧.୦୬ ଡିସିମିଲି, **ସମୁଦାୟ ମୋଟ କ୍ଷେତ୍ର: ଏକର ୨୧.୦୧ ଡିସିମିଲି।** | ୧୨.୧୦.୨୦୧୬ ସୁଦ୍ଧା ଟ.୭୪,୦୧,୨୫,୧୨୮/- + ୧୩.୧୦.୨୦୧୬ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୪୦,୭୭,୦୦,୦୦୦/- / ଟ.୪,୦୭,୭୦,୦୦୦/- / ୧୭.୧୦.୨୦୧୬ |
| ୨. | **ରଣଗ୍ରହୀତା: ବିଏମ୍ଆର ରାଇସ୍ ମିଲ୍ ପ୍ରା. ଲିଃ, ନିର୍ଦ୍ଦେଶକମାନେ: ୧) ଶ୍ରୀ ସଞ୍ଜୟ ଅଗ୍ରୱାଲ,** ପିତା- ରାମ କୈଳାସ ଅଗ୍ରୱାଲ, **୨) ଶ୍ରୀମତୀ ବବିତା ଅଗ୍ରୱାଲ,** ସ୍ୱାମୀ- ଶ୍ରୀ ସଞ୍ଜୟ ଅଗ୍ରୱାଲ, ସିସି-୨, ସିଭିଲ୍ ଟାଉନସିପ୍, ରାଉରକେଲା, ପୋ: ରାଉରକେଲା-୪, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା-୭୬୯୦୦୪ | **ଜାମିନ୍‌ଦାରମାନେ: ୧) ଶ୍ରୀ ସଞ୍ଜୟ ଅଗ୍ରୱାଲ,** ପିତା- ରାମ କୈଳାସ ଅଗ୍ରୱାଲ, **୨) ଶ୍ରୀମତୀ ବବିତା ଅଗ୍ରୱାଲ,** ସ୍ୱାମୀ- ଶ୍ରୀ ସଞ୍ଜୟ ଅଗ୍ରୱାଲ, ସିସି-୨, ସିଭିଲ୍ ଟାଉନସିପ୍, ରାଉରକେଲା, ପୋ: ରାଉରକେଲା-୪, ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା-୭୬୯୦୦୪ | ବିଏମ୍ଆର ରାଇସ୍ ମିଲ୍ ପ୍ରା. ଲିଃ., ଶ୍ରୀ ସଞ୍ଜୟ ଅଗ୍ରୱାଲ | (କ) ବିଏମ୍ଆର ରାଇସ୍ ମିଲ୍ ପ୍ରା. ଲିଃର ନାମରେ ଥିବା କାରଖାନା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ମୌଜା: ଗୋପାଳପାଲ୍ଲୀ, ବିଜୟନଗର, ଜିଲ୍ଲା: ଦେବଗଡ଼, ଖାତା ନଂ.: ୫୬/୨୦, ପ୍ଲଟ୍ ନଂ.: ୬୨୭/୧୦୬୯, ୬୨୭/୧୦୭୦, ୬୨୭/୧୦୭୪, ୬୫୦/୧୦୭୯, ୬୨୭/୧୦୭୧, ୬୨୭/୧୦୭୫, ୬୫୦/୧୦୮୦, ୬୫୦/୧୦୮୧, ୬୨୭/୧୦୭୩ ଏବଂ ୬୫୦/୧୦୭୮, **ସମୁଦାୟ କ୍ଷେତ୍ର: ଏକର୫.୬୨ଡିସିମିଲି,** କିସମ: ଘରବାରୀ ଏବଂ ଶିଳ୍ପାଞ୍ଚଳକୁ ପରିବର୍ତ୍ତନ ହୋଇନାହିଁ। **(ଖ) ସଞ୍ଜୟ ଅଗ୍ରୱାଲଙ୍କ** ନାମରେ ଥିବା ଖାଲି ଜମି ଯାହାର ମୌଜା: ଯୋରପାଲି, କିରୋଡିମଲ ନଗର, ଜିଲ୍ଲା: ରାୟଗଡା, ଖାତା ନଂ.: ୧୧, ପ୍ଲଟ୍ ନଂ.: ୨୪୩/୨, ୨୪୩/୩, ୨୪୪/୧, ୨୫୦/୨, ୨୪୭/୧, ୨୪୭/୨ ଏବଂ ୨୫୪/୧, **ସମୁଦାୟ କ୍ଷେତ୍ର: ଏକର ୪.୪୨ ଡିସିମିଲି,** କିସମ: ଘରବାରି, **(ଗ) ବିଏମ୍ଆର ରାଇସ୍ ମିଲ୍ ପ୍ରା. ଲିଃର** ନାମରେ ଥିବା କଳକବ୍‌ଜା ଏବଂ ଯନ୍ତ୍ରପାତି (ଟ୍ରକ୍ ଏବଂ ଲୋଡ଼ର ବ୍ୟତିତ) | ୧୮.୦୨.୨୦୧୫ ସୁଦ୍ଧା ଟ.୩,୦୮,୯୨,୭୧୦/- + ୧୯.୦୨.୨୦୧୫ ଠାରୁ ପରବର୍ତ୍ତିସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)ଟ.୧,୯୪,୦୦,୦୦୦/- ଟ.୧୯,୪୦,୦୦୦/- (ଖ)ଟ.୨,୦୮,୦୦,୦୦୦/- ଟ.୨୦,୮୦,୦୦୦/- (ଗ)ଟ.୧,୪୯,୦୦,୦୦୦/- ଟ.୧୪,୯୦,୦୦୦/- / ୧୦.୧୨.୨୦୧୪ |
| ୩. | **ରଣଗ୍ରହୀତା: ଶ୍ରୀ ମେଟାଲିକ୍ସ ଷ୍ଟିଲ୍ ଆଣ୍ଡ୍ ପାୱାର ଲିମିଟେଡ୍,** ପ୍ଲଟ୍ ନଂ.: ୫୪୬, ପ୍ରଥମ ମହଲା, ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର-୭୫୧୦୦୨, **ନିର୍ଦ୍ଦେଶକମାନେ: ୧) ୰ ପ୍ରମୋଦ କୁମାର ଅଗ୍ରୱାଲଙ୍କ** ଆଇନଗତ ଉତ୍ତରାଧିକାରୀମାନେ: **ଶ୍ରୀମତୀ ରାକ୍ଷୀ ଅଗ୍ରୱାଲ, ରାଘବ ଅଗ୍ରୱାଲ ଏବଂ ଭବ୍ୟ ଅଗ୍ରୱାଲ,** ସା: ପାୱାର ହାଉସ୍ ରୋଡ୍, ଥାନା: ଉଦିତ ନଗର, ରାଉରକେଲା, ସୁନ୍ଦରଗଡ଼, **୨) ଶ୍ରୀ ମୁରଲୀଧର ଅଗ୍ରୱାଲ,** ପିତା: ୰ ବଦ୍ରି ପ୍ରସାଦ ଅଗ୍ରୱାଲ, **୩) ଅଂଶୁଲ କୁମାର ଅଗ୍ରୱାଲ,** ପିତା: ମୁରଲୀଧର ଅଗ୍ରୱାଲ, କ୍ର. ନଂ. ୨ ଏବଂ ୩ଙ୍କ ଠିକଣା- ସା: ଗୁରୁଦ୍ୱାର ରୋଡ଼, ବଡ଼ବିଲ, ଜିଲ୍ଲା: କେନ୍ଦୁଝର | **ଜାମିନ୍‌ଦାରମାନେ: ୧) ୰ ପ୍ରମୋଦ କୁମାର ଅଗ୍ରୱାଲଙ୍କ** ଆଇନଗତ ଉତ୍ତରାଧିକାରୀମାନେ: **ଶ୍ରୀମତୀ ରାକ୍ଷୀ ଅଗ୍ରୱାଲ, ରାଘବ ଅଗ୍ରୱାଲ ଏବଂ ଭବ୍ୟ ଅଗ୍ରୱାଲ,** ସା: ପାୱାର ହାଉସ୍ ରୋଡ୍, ଥାନା: ଉଦିତ ନଗର, ରାଉରକେଲା, ସୁନ୍ଦରଗଡ଼, **୨) ଶ୍ରୀ ମୁରଲୀଧର ଅଗ୍ରୱାଲ,** ପିତା: ୰ ବଦ୍ରି ପ୍ରସାଦ ଅଗ୍ରୱାଲ, **୩) ଅଂଶୁଲ କୁମାର ଅଗ୍ରୱାଲ,** ପିତା: ମୁରଲୀଧର ଅଗ୍ରୱାଲ, କ୍ର. ନଂ. ୨ ଏବଂ ୩ଙ୍କ ଠିକଣା- ସା: ଗୁରୁଦ୍ୱାର ରୋଡ଼, ବଡ଼ବିଲ, ଜିଲ୍ଲା: କେନ୍ଦୁଝର | ୰ ପ୍ରମୋଦ କୁମାର ଅଗ୍ରୱାଲ | ୰ ପ୍ରମୋଦ କୁମାର ଅଗ୍ରୱାଲଙ୍କ ନାମରେ ଥିବା ବ୍ୟବସାୟିକ ଜମି ଏବଂ ଗୃହ ଯାହାର ମୌଜା: ବଡବିଲ, ଜିଲ୍ଲା: କେନ୍ଦୁଝର, ଖାତା ନଂ.: ୪୫୮/୬୧୭, ପ୍ଲଟ ନଂ.: ୧୧୭୯/୨୬୧୫ ଏବଂ ୧୮୧୦/୨୬୧୬, କ୍ଷେତ୍ର: ଏକର ୦.୦୫୦ଡିସିମିଲି, କିସମ: ଘରବାରି । | ୩୧.୧୨.୨୦୧୨ ସୁଦ୍ଧା ଟ.୫,୧୧,୫୫,୩୦୦/- + ୦୧.୦୧.୨୦୧୩ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୯୫,୦୦,୦୦୦/- / ଟ.୯,୫୦,୦୦୦/- / ୨୩.୦୫.୨୦୧୩ |
| ୪. | **ରଣଗ୍ରହୀତା: ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ.,** ପ୍ଲଟ୍ ନଂ.: ୪୯୧୨(ପି), ଇଏ-୫୦, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮, **ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଅବିନାଶ ମହାନ୍ତି** | **ଜାମିନ୍‌ଦାରମାନେ: ୧) ଶ୍ରୀ ଅବିନାଶ ମହାନ୍ତି,** ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ଼, ଭୁବନେଶ୍ୱର-୭୫୧୦୧୪, **୨) ଶ୍ରୀ ବିଧୁ ଭୂଷଣ ନାୟକ,** ଡୁପ୍ଲେକ୍ସ-୧୫, ରତ୍ନା ନିବାସ, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୭୫୧୦୧୮, **୩) ଶ୍ରୀ କୌଶିକ ମହାନ୍ତି,** ତପସ୍ୱିନୀ, ପ୍ଲଟ୍ ନଂ.: ୨୫୨/୩୩୧୮, ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୨୪, **୪) ଶ୍ରୀ ଅଂଶୁମାନ ସାମନ୍ତରାୟ,** ପ୍ଲଟ୍ ନଂ.: ୪୯୧୨ (ପି), ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮ | ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ. ଏବଂ ଶ୍ରୀ କୌଶିକ ମହାନ୍ତି | (କ) ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ.ର ନାମରେ ଥିବା ୧) କାରଖାନା ଜମି ଏବଂ ଗୃହ, ୨) କାରଖାନା ଏବଂ ଯନ୍ତ୍ରପାତି ଏବଂ ସେଡ୍ ଆଦି ସମ୍ପତ୍ତି ଯାହାର ମୌଜା: ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଖୋର୍ଦ୍ଧା, ଖାତା ନଂ.: ୫୩୧/୧, ୭୮୭, ପ୍ଲଟ୍ ନଂ.: ୨୩୦୩(ପି), ୨୩୦୮(ପି), ୨୩୨୬(ପି), ଇଡ଼କୋ ପ୍ଲଟ୍ ନଂ.: ୯୧, ୯୧/ଏ, ୯୧/ବି, କ୍ଷେତ୍ର: ଏକର୧.୩୧୬ଡିସିମିଲି, କିସମ: ଶିଳ୍ପାଞ୍ଚଳ, **(ଖ) ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ.**ର ନାମରେ ଥିବା ୧) କାରଖାନା ଜମି, ୨) ସେଡ୍ ଯାହାର ମୌଜା: ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଖୋର୍ଦ୍ଧା, ଖାତା ନଂ.: ୫୩୧/୧, ପ୍ଲଟ୍ ନଂ.: ୨୩୨୬(ପି), ଇଡ଼କୋ ପ୍ଲଟ୍ ନଂ.: ୬୯, କ୍ଷେତ୍ର: ଏକର୧.୦୦୪ଡିସିମିଲି, କିସମ: ଶିଳ୍ପାଞ୍ଚଳ, **(ଗ) ଶ୍ରୀ କୌଶିକ ମହାନ୍ତିଙ୍କ** ନାମରେ ଥିବା ଫ୍ରିହୋଲ୍ଡ ଜମି ଏବଂ ଆଜବେଷ୍ଟସ୍ ଛାତ ଥିବା ଆଉଟହାଉସ୍ ଯାହାର ମୌଜା: କଳାରାହାଙ୍ଗ, ଭୁବନେଶ୍ୱର, ଖାତା ନଂ.: ୪୯୭, ପ୍ଲଟ୍ ନଂ.: ୨୯୮, କ୍ଷେତ୍ର: ଏକର୮.୪୦୦ଡିସିମିଲିରୁ ଏକର୦.୧୧୧ଡିସିମିଲି, ମ୍ୟୁଟେଟେଡ ଖାତା ନଂ.: ୭୨୫/୧୪୧୭, ପ୍ଲଟ୍ ନଂ.: ୨୯୮/୪୧୫୦, କିସମ: ଘରବାରି। | ୨୦.୦୩.୨୦୧୭ ସୁଦ୍ଧା ଟ.୧୧,୩୯,୧୧,୩୫୯.୭୦ + ୨୧.୦୩.୨୦୧୭ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)୧)ଟ.୧,୪୮,୦୦,୦୦୦/- ଟ.୧୪,୮୦,୦୦୦/- ୨)ଟ.୭୧,୦୦,୦୦୦/- ଟ.୭,୧୦,୦୦୦/- (ଖ)୧)ଟ.୯୧,୦୦,୦୦୦/- ଟ.୯,୧୦,୦୦୦/- ୨)ଟ.୭୧,୦୦,୦୦୦/- ଟ.୭,୧୦,୦୦୦/- (ଗ) ଟ.୮୯,୦୦,୦୦୦/- ଟ.୮,୯୦,୦୦୦/- / ୨୧.୦୩.୨୦୧୭ |
| ୫. | **ରଣଗ୍ରହୀତା: ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ.,** ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ଼, ଭୁବନେଶ୍ୱର-୭୫୧୦୧୪, **ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଅବିନାଶ ମହାନ୍ତି** | **ଜାମିନ୍‌ଦାରମାନେ: ୧) ଶ୍ରୀ ଅବିନାଶ ମହାନ୍ତି,** ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ଼, ଭୁବନେଶ୍ୱର-୭୫୧୦୧୪, **୨) ଶ୍ରୀ ବିଧୁ ଭୂଷଣ ନାୟକ,** ଡୁପ୍ଲେକ୍ସ-୧୫, ରତ୍ନା ନିବାସ, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୭୫୧୦୧୮, **୩) ଶ୍ରୀ କୌଶିକ ମହାନ୍ତି,** ତପସ୍ୱିନୀ, ପ୍ଲଟ୍ ନଂ.: ୨୫୨/୩୩୧୮, ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୨୪, **୪) ଶ୍ରୀ ଅଂଶୁମାନ ସାମନ୍ତରାୟ,** ପ୍ଲଟ୍ ନଂ.: ୪୯୧୨ (ପି), ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮ | ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅବିନାଶ ମହାନ୍ତି | (କ) କାରଖାନା ଜମି ଏବଂ ଗୃହ, (ଖ) କାରଖାନା, ଯନ୍ତ୍ରପାତି ଏବଂ ଫ୍ୟାକ୍ଟ୍ରି ସେଡ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାଣିଛତ୍ର, ମଳିପଡା ଛକ, ଖାତା ନଂ.: ୫୦୦/୪୯, ପ୍ଲଟ୍ ନଂ.: ୧୮, କ୍ଷେତ୍ର: ଏକର୦.୭୫୦ ଡିସିମିଲି, ପ୍ଲଟ୍ ନଂ.: ୧୫/୧୨୬୨, କ୍ଷେତ୍ର: ଏକର୦.୯୦୦ଡିସିମିଲି, କିସମ: ଘରବାରି, **ମାଲିକାନା- ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ. ଏବଂ ଅବିନାଶ ମହାନ୍ତି, କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ. କୁ ଲିଜ୍ ଦିଆଯାଇଅଛି)**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୫୦୦/୫୦, ପ୍ଲଟ୍ ନଂ.: ୧୫, କ୍ଷେତ୍ର: ଏକର୨.୦୦୦ଡିସିମିଲି, କିସମ: ଘରବାରି, **ସମୁଦାୟ କ୍ଷେତ୍ର: ଏକର୩.୬୫୦ଡିସିମିଲ** | ୩୧.୧୦.୨୦୧୩ ସୁଦ୍ଧା ଟ.୧୧,୯୭,୭୦,୫୭୩/- + ୦୧.୧୧.୨୦୧୩ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)ଟ.୧,୭୭,୦୦,୦୦୦/- ଟ.୧୭,୭୦,୦୦୦/- (ଖ)ଟ.୧,୫୨,୦୦,୦୦୦/- ଟ.୧୫,୨୦,୦୦୦/- / ୨୦.୦୧.୨୦୧୪ |
| ୬. | **ରଣଗ୍ରହୀତା: ମେସର୍ସ ଅରୋ ଇସ୍ପାତ (ଇଣ୍ଡିଆ) ପ୍ରା. ଲିଃ.,** ସା: ପ୍ଲଟ୍ ନଂ.: ଏମ୍-୭୨, ସାମନ୍ତ ବିହାର, କଳିଙ୍ଗ ହସ୍ପିଟାଲ ଛକ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୪, **ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଅବିନାଶ ମହାନ୍ତି** | **ଜାମିନ୍‌ଦାରମାନେ: ୧) ଶ୍ରୀ ଅବିନାଶ ମହାନ୍ତି,** ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ଼, ଭୁବନେଶ୍ୱର-୭୫୧୦୧୪, **୨) ଶ୍ରୀ କୌଶିକ ମହାନ୍ତି,** ତପସ୍ୱିନୀ, ପ୍ଲଟ୍ ନଂ.: ୨୫୨/୩୩୧୮, ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୨୪, **୩) ଶ୍ରୀ ଅଂଶୁମାନ ସାମନ୍ତରାୟ,** ପ୍ଲଟ୍ ନଂ.: ୪୯୧୨ (ପି), ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୪, **୪) ଶ୍ରୀ ବିଧୁ ଭୂଷଣ ନାୟକ,** ଡୁପ୍ଲେକ୍ସ-୧୫, ରତ୍ନା ନିବାସ, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୭୫୧୦୧୮ | ମେସର୍ସ ଅରୋ ଇସ୍ପାତ (ଇଣ୍ଡିଆ) ପ୍ରା. ଲିଃ. | ମେସର୍ସ ଅରୋ ଇସ୍ପାତ (ଇଣ୍ଡିଆ) ପ୍ରା. ଲିଃ.ର ନାମରେ ଥିବା (କ) ଫ୍ୟାକ୍ଟ୍ରି ଜମି, (ଖ) ଫ୍ୟାକ୍ଟ୍ରି ଗୃହ ଏବଂ (ଗ) ଫ୍ୟାକ୍ଟ୍ରି ସେଡ୍ ଯାହାକି ରାମନଗର, ମୌଜା: ଖୁଣ୍ଟୁଣୀ, ଜିଲ୍ଲା: କଟକ, ଖାତା ନଂ.: ୨୩୪/୨୯୭, ପ୍ଲଟ୍ ନଂ.: ୭୯/୮୬୭/୯୨୮, କ୍ଷେତ୍ର: ଏକର୦.୮୧ ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୨/୧୨୪୮, କ୍ଷେତ୍ର: ଏକର୦.୨୨ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୧/୯୨୬/୧୨୪୭, କ୍ଷେତ୍ର: ଏକର୦.୪୫ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୧/୯୨୭/୧୨୪୬, କ୍ଷେତ୍ର: ଏକର୦.୩୮ଡିସିମିଲି, ପ୍ଲଟ୍ ନଂ.: ୭୮୫/୯୧୯/୧୨୪୫, କ୍ଷେତ୍ର: ଏକର୦.୪୦ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୧/୧୨୪୪, କ୍ଷେତ୍ର: ଏକର୦.୨୮ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୨.୫୪ଡିସିମିଲି,** କିସମ: କାରଖାନା | ୧୯.୦୧.୨୦୧୪ ସୁଦ୍ଧା ଟ.୭,୨୬,୬୭,୩୧୭/- + ୨୦.୦୧.୨୦୧୪ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)ଟ.୩୯,୦୦,୦୦୦/- / ଟ.୩,୯୦,୦୦୦/- (ଖ)ଟ.୨୨,୦୦,୦୦୦/- / ଟ.୨,୨୦,୦୦୦/- (ଗ)ଟ.୩୩,୦୦,୦୦୦/- / ଟ.୩,୩୦,୦୦୦/- / ୨୦.୦୧.୨୦୧୪ |
| ୭. | **ରଣଗ୍ରହୀତା: ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲିଃ.,** କାରଖାନା: ସା: କୁଟୁଗାଁ, ପୋ: ଚିପିନ୍ଦା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା, ରେଜିଷ୍ଟ୍ରେଡ୍ ଅଫିସ: ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା। | **ଜାମିନ୍‌ଦାରମାନେ/ବନ୍ଧକଦାତାମାନେ: ୧) ଶ୍ରୀ ମହେଶ କୁମାର ଶର୍ମା,** ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା, **୨) ଶ୍ରୀ ଗଣେଶ କୁମାର ଶର୍ମା,** ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା, **୩) ଶ୍ରୀମତୀ ଶକୁନ୍ତଳା ଦେବୀ,** ସ୍ୱାମୀ: ୰ ଲକ୍ଷ୍ମୀ ନାରାୟଣ ଶର୍ମା, **ଜାମିନ୍‌ଦାରମାନେ: ୧) ଶ୍ରୀମତୀ ଜୟନ୍ତୀ ଶର୍ମା,** ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା ଏବଂ ସ୍ୱାମୀ: ଶ୍ରୀ କମଳ ଶର୍ମା, **୨) ଶ୍ରୀମତୀ ପଦ୍ମା ଉପାଧ୍ୟାୟ,** ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା ଏବଂ ସ୍ୱାମୀ: ଶ୍ରୀ ଘନଶ୍ୟାମ ଉପାଧ୍ୟାୟ, **କର୍ପୋରେଟ୍ ଜାମିନ୍‌ଦାରମାନେ: ୧) ମେସର୍ସ ଉତ୍କଳ ମିନେରାଲ୍ସ, ୨) ମେସର୍ସ ଆଶା ଟ୍ରେଡିଙ୍ଗ କୋ.** | ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲିଃ. ଶ୍ରୀ ମହେଶ କୁମାର ଶର୍ମା ଶ୍ରୀମତୀ ଶକୁନ୍ତଳା ଦେବୀ ଶ୍ରୀ ଗଣେଶ କୁମାର ଶର୍ମା | (କ) ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲିଃ. ର କାରଖାନା। ପରିସରରେ ଗଚ୍ଛିତ ଥିବା କୋଇଲା, କୋଇଲା ଫାଇନ୍ସ, ଆଇରନ୍ ଓର୍ ଫାଇନ୍ସ, କାରଖାନା, ଯନ୍ତ୍ରପାତି ଏବଂ କାରଖାନା ସେଡ୍ସ (ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ ଆର୍ଥିକ ସହାୟତା ପ୍ରାପ୍ତ), ୨୦୦ ଟିପିଡି ସ୍ପଞ୍ଜ ଆଇରନ୍ କାରଖାନା, କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ, ଆଇରନ୍ ଓର କ୍ରସର, ଇଣ୍ଡକ୍ସନ୍ ଫର୍ଣ୍ଣେସ ରୋଲିଂ ମିଲ୍ ଅନ୍ୟାନ୍ୟ କଳକବଜା ଯନ୍ତ୍ରପାତି ଏବଂ ସେଡ୍ ସହିତ ଫ୍ୟାକ୍ଟ୍ରି ଜମି, ଗୃହ, ଶ୍ରମିକ ଘର, କ୍ୟାଣ୍ଟିନ୍, ପାଣିଟାଙ୍କି, ବାଉଣ୍ଡରି ଇତ୍ୟାଦି ଯାହାର ମୌଜା: କୁଟୁଗାଁ, ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୪୭/୩, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୬୪୩, ୬୪୪, ୬୪୬, ୬୪୭/୧୪୭୯, ୬୭୫, ୬୪୮/୧୨୯୩, ୭୨୮, ଯଥାକ୍ରମେ କ୍ଷେତ୍ର: ଏକର ୧.୬୫, ୦.୩୧, ୧.୬୪, ୦.୫୬, ୧.୧୭, ୦.୨୪, ୦.୭୫ ଡିସିମିଲି, ପୁରୁଣା ଖାତା ନଂ.: ୧୨୭, ପ୍ଲଟ୍ ନଂ.: ୬୩୬, ୬୩୭, ୬୨୮, ଯଥାକ୍ରମେ କ୍ଷେତ୍ର: ଏକର ୦.୩୯, ୦.୬୦, ୦.୭୨ ଡିସିମିଲି, ପୁରୁଣା ଖାତା ନଂ.: ୮୫, ପ୍ଲଟ୍ ନଂ.: ୬୪୨, ୬୪୮, ୭୨୮/୧୩୬୨, ୬୪୩/୧୩୬୩, ୬୪୩/୧୩୬୪, ୬୪୬/୧୩୬୫, ୬୪୭/୧୩୬୬, ଯଥାକ୍ରମେ କ୍ଷେତ୍ର: ଏକର ୦.୩୦, ୦.୧୯, ୦.୩୩, ୦.୩୮, ୦.୨୭, ୦.୪୮, ୦.୩୮ ଡିସିମିଲି, ପୁରୁଣା ଖାତା ନଂ.: ୪୪, ପ୍ଲଟ୍ ନଂ.: ୬୭୩, କ୍ଷେତ୍ର: ଏକର ୦.୫୧ ଡିସିମିଲି, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୬୪୭, କ୍ଷେତ୍ର: ଏକର ୦.୨୦ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୩, ପ୍ଲଟ୍ ନଂ.: ୬୭୪/୧୪୭୦, କ୍ଷେତ୍ର: ଏକର ୦.୧୫ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୨, ପ୍ଲଟ୍ ନଂ.: ୬୭୪/୧୪୬୯, କ୍ଷେତ୍ର: ଏକର ୦.୫୦ ଡିସିମିଲି, ପୁରୁଣା ଖାତା ନଂ.: ୭୩, ପ୍ଲଟ୍ ନଂ.: ୬୭୪/୧୪୮୦, ୭୨୯, ୬୭୬, ୬୭୪/୧୪୮୧, ଯଥାକ୍ରମେ କ୍ଷେତ୍ର: ଏକର ୧.୬୭, ୧.୧୩, ୦.୫୪, ୦.୫୦ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୪୭/୪, ପୁରୁଣା ଖାତା ନଂ.: ୭୩, ପ୍ଲଟ୍ ନଂ.: ୭୨୪, ୭୨୫, ଯଥାକ୍ରମେ କ୍ଷେତ୍ର: ଏକର ୦.୧୧, ୦.୩୫ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୪୭/୩, ପୁରୁଣା ଖାତା ନଂ.: ୪୫, ପ୍ଲଟ୍ ନଂ.: ୬୪୦, କ୍ଷେତ୍ର: ଏକର ୦.୨୩ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୬, ପ୍ଲଟ୍ ନଂ.: ୬୪୭/୧୪୭୧, କ୍ଷେତ୍ର: ଏକର ୦.୩୫ ଡିସିମିଲି, ପୁରୁଣା ଖାତା ନଂ.: ୩୨, ପ୍ଲଟ୍ ନଂ.: ୬୭୦, କ୍ଷେତ୍ର: ଏକର ୦.୪୬ ଡିସିମିଲି, ପୁରୁଣା ଖାତା ନଂ.: ୭୫, ପ୍ଲଟ୍ ନଂ.: ୭୩୨, ୭୩୫, ୭୩୬, ଯଥାକ୍ରମେ କ୍ଷେତ୍ର: ଏକର ୦.୩୪, ୦.୩୬, ୦.୫୩ ଡିସିମିଲି, ପୁରୁଣା ଖାତା ନଂ.: ୩୭, ପ୍ଲଟ୍ ନଂ.: ୬୭୮(ଅଂଶ), ୬୭୯(ଅଂଶ), ୭୩୦, ଯଥାକ୍ରମେ କ୍ଷେତ୍ର: ଏକର ୦.୫୧, ୦.୩୧, ୦.୩୧ ଡିସିମିଲି, ପୁରୁଣା ଖାତା ନଂ.: ୧୭, ପ୍ଲଟ୍ ନଂ.: ୬୭୮(ଅଂଶ), ୬୭୯(ଅଂଶ), ୭୨୬, ଯଥାକ୍ରମେ କ୍ଷେତ୍ର: ଏକର ୦.୫୧, ୦.୩୧, ୦.୧୭ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୨୭/୫୪, ପୁରୁଣା ଖାତା ନଂ.: ୨୯, ପ୍ଲଟ୍ ନଂ.: ୬୫୬, କ୍ଷେତ୍ର: ଏକର ୦.୪୨ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୨୭/୫୩, ପୁରୁଣା ଖାତା ନଂ.: ୩୮, ପ୍ଲଟ୍ ନଂ.: ୭୭୫, କ୍ଷେତ୍ର: ଏକର ୨.୨୬ ଡିସିମିଲି, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୭୨୩, କ୍ଷେତ୍ର: ଏକର ୦.୮୦ ଡିସିମିଲି, କିସମ: ଶିଳ୍ପାଞ୍ଚଳ, **ସମୁଦାୟ କ୍ଷେତ୍ର : ଏକର ୨୩.୮୯ ଡିସିମିଲି। (ଖ) ଶ୍ରୀମତୀ ଶକୁନ୍ତଳା ଦେବୀଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: କମରଯୋଡା, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୭୪/୨୩୦, ପୁରୁଣା ଖାତା ନଂ.: ୧୭୪/୧୨୬, ପ୍ଲଟ୍ ନଂ.: ୨୯୭/୧୪୩୭, ୧୨୨୩/୧୪୩୮, ଯଥାକ୍ରମେ କ୍ଷେତ୍ର: ଏକର ୦.୦୧୨ ଡିସିମିଲି, ଏକର ୦.୦୪୫ ଡିସିମିଲି, ପୁରୁଣା ଖାତା ନଂ.: ୧୭୪/୧୮୫, ପ୍ଲଟ୍ ନଂ.: ୧୨୨୩/୧୪୭୮, ୨୯୭/୧୪୭୯, ଯଥାକ୍ରମେ କ୍ଷେତ୍ର: ଏକର ୦.୦୨୫, ୦.୦୧୮ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୧୦୦ଡିସିମିଲି,** କିସମ: ଘରବାରି (ଏହା ଶକୁନ୍ତଳା ଦେବୀ ଏବଂ ଗଣେଶ କୁମାର ଶର୍ମାଙ୍କ ଗୃହ ଋଣ ନିମନ୍ତେ ବନ୍ଧକ ସମ୍ପ୍ରସାରିତ କରାଯାଇଅଛି)। **(ଗ) ଶ୍ରୀ ମହେଶ କୁମାର ଶର୍ମାଙ୍କ** ନାମରେ ଖାଲି ଥିବା ଜମି ଯାହାର ମୌଜା: ଜଜାଙ୍ଗ, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୫୧/୮୨, ପୁରୁଣା ଖାତା ନଂ.: ୭୨, ପ୍ଲଟ୍ ନଂ.: ୪୨୧, କ୍ଷେତ୍ର: ଏକର ୧.୪୪ଡିସିମିଲି, କିସମ: ଶିଳ୍ପାଞ୍ଚଳ। **(ଘ) ଶ୍ରୀ ଗଣେଶ କୁମାର ଶର୍ମାଙ୍କ** ନାମରେ ଥିବା ଜମି ଯାହାର ମୌଜା: ଜଜାଙ୍ଗ, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୫୧/୮୧, ପୁରୁଣା ଖାତା ନଂ.: ୭୨, ପ୍ଲଟ୍ ନଂ.: ୪୨୧/୧୭୧୫, କ୍ଷେତ୍ର: ଏକର୧.୪୪ଡିସିମିଲି, କିସମ: ଶିଳ୍ପାଞ୍ଚଳ। | ୩୧.୦୩.୨୦୧୩ ସୁଦ୍ଧା ଟ.୪୨,୪୩,୪୬,୮୬୧/- + ୦୧.୦୪.୨୦୧୩ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ) ଟ.୨୦,୬୮,୦୦,୦୦୦/- ଟ.୨,୦୬,୮୦,୦୦୦/- (ଖ)ଟ.୧,୬୯,୦୦,୦୦୦/- ଟ.୧୬,୯୦,୦୦୦/- (ଗ) ଟ.୬୩,୦୦,୦୦୦/- ଟ.୬,୩୦,୦୦୦/- (ଘ) ଟ.୬୩,୦୦,୦୦୦/- ଟ.୬,୩୦,୦୦୦/- / ୨୪.୦୪.୨୦୧୩ |

* କାରଖାନା, ଯନ୍ତ୍ରପାତି, ସେଡ୍ ଏବଂ ଷ୍ଟକ୍‌ର ସଫଳ ବିକ୍ରୟ ପରେ ଜମି ଏବଂ ଗୃହ ଆଦି ସମ୍ପତ୍ତିର ବିକ୍ରୟ ଚୂଡ଼ାନ୍ତ ହେବ।

**ବିଡ୍ ବୃଦ୍ଧି ପରିମାଣ: ସମ୍ପତ୍ତି କ୍ର. ନଂ. ୩, ୪(କ)୨), ୪(ଖ)୧), ୪(ଖ)୨), ୪(ଗ), ୬(କ), ୬(ଖ), ୬(ଗ), ୭(ଗ) ଏବଂ ୭(ଘ) ନିମନ୍ତେ - ଟ.୧୦,୦୦୦/- ଏବଂ ଅନ୍ୟ ସମ୍ପତ୍ତିଗୁଡ଼ିକ ନିମନ୍ତେ - ଟ.୫୦,୦୦୦/-**

**କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୨୫.୦୨.୨୦୧୯ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୨୧.୦୨.୨୦୧୯ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା**


**ଇ-ନିଲାମ ତାରିଖ ଏବଂ ସମୟ: ତା.୨୭.୦୨.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ଇ-ନିଲାମ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଭିତ୍ତିରେ ଓ ଅନ୍-ଲାଇନ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s C1 India Pvt. Ltd.** ର ୱେବସାଇଟ **https://bankeauctions.com** ମାଧ୍ୟମରେ ଉପରଦର୍ଶିତ **ତା୨୭.୦୨.୨୦୧୯**ରିଖରେ ସମ୍ପନ୍ନ ହେବ। ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ **https://bankeauctions.com** ରେ ଉପଲବ୍ଧ।
୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡିକ ଉପରେ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧୀନଭାବେ ସମ୍ପତ୍ତିର ଇ.ସି., ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ/ଅଧିକାର/ଦେୟ ବିଷୟ ଯାଞ୍ଚ କରିବା ଉଚିତ୍। ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ। ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରିହେବ। କ୍ଷମତାପ୍ରାପ୍ତ ଅଧିକାରୀ/ ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ।
୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **RTGS/NEFT** ମାଧ୍ୟମରେ **Account No.: 30802030269, Name of the A/C.: SBI, SAMB, Bhubaneswar, Name of the Beneficiary: State Bank of India, IFSC Code No.: SBIN0009025** କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ବ୍ୟାଙ୍କରୁ **"Authorised Officer, State Bank of India, SAMB, Bhubaneswar"**ଙ୍କ ସପକ୍ଷରେ ଭୁବନେଶ୍ୱର ଠାରେ ଦେୟ ଦର୍ଶାଇ ପୈଠ କରିବେ।
୪) ନିଲାମଧାରୀମାନେ ସଠିକ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଏବଂ ବୈଧ ଇମେଲ ଆଇଡିଧାରୀ ହେବା ଉଚିତ୍ (ଇଚ୍ଛୁକ ନିଲାମଧାରୀଙ୍କ ଇମେଲ ଆଇଡି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସୱାର୍ଡ **M/s C1 India Pvt. Ltd., Udyog Vihar, Phase-2, Gulf Petrochem Building, Building No. 301, Gurgaon, Haryana, Helpline Nos. 0124-4302020/21/22/23/24, 7291981124/25/26, Helpline No.: +91-124-4302000(Gurgaon), Mr. Kingshuk Ghosh: +91-9836311889 (Kolkata), Helpline E-mail Id: support@bankeauctions.com, kolkata@c1india.com** ଠାରୁ ପ୍ରାପ୍ତ କରିପାରିବେ ଏବଂ ସମ୍ପତ୍ତି ସମ୍ବନ୍ଧିୟ ଯେକୌଣସି ସୂଚନା ନିମନ୍ତେ **Authorised Officer, State Bank of India, Contact No.: 9437101649, 9437018948, 9437186669, Email ID: sbi.10130@sbi.co.in** ରେ ଯେକୌଣସି କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରନ୍ତୁ।
୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର **(KYC)**, ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପାନ୍ କାର୍ଡର ନକଲ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ ଏବଂ ଲ୍ୟାଣ୍ଡ ଲାଇନ୍ ନମ୍ବର ଇତ୍ୟାଦି **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍‌ସ୍ ମ୍ୟାନେଜ୍‌ମେଣ୍ଟ ଶାଖା, ଭୁବନେଶ୍ୱର**ଙ୍କ ଠାରେ **ତା୨୫.୦୨.୨୦୧୯**ରିଖ ଅପରାହ୍ନ **୦୪.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ମୂଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇମେଲ ଆଇଡିରେ ମଧ୍ୟ ପଠାଇପାରିବେ।
୬) ପୋର୍ଟାଲ **https://bankeauctions.com** ରେ ଅନ୍‌ଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍‌ସ୍ ମ୍ୟାନେଜ୍‌ମେଣ୍ଟ ଶାଖା, ଭୁବନେଶ୍ୱର**ଙ୍କ ଦ୍ୱାରା ଚିହ୍ନଟ କରାଯିବ। **M/s C1 India Pvt. Ltd., Udyog Vihar, Phase-2, Gulf Petrochem Building, Building No. 301, Gurgaon, Haryana**ଙ୍କ ଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସୱାର୍ଡ ଯୋଗାଇ ଦିଆଯିବ।
୭) ଆଗ୍ରହୀ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍। ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ କେସ୍ ଅଫିସର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**: ସମ୍ପତ୍ତି କ୍ର.ନଂ. ୧ ନିମନ୍ତେ- Mob.: 9437065856, ସମ୍ପତ୍ତି କ୍ର.ନଂ. ୨ ଏବଂ ୩ ନିମନ୍ତେ - Mob: 8658562113, ସମ୍ପତ୍ତି କ୍ର.ନଂ. ୪, ୫ ଏବଂ ୬ ନିମନ୍ତେ - Mob: 8658562113 ଏବଂ ସମ୍ପତ୍ତି କ୍ର.ନଂ. ୭ ନିମନ୍ତେ- Mob: 7377977178** ରେ ଯୋଗାଯୋଗ କରିପାରିବେ।
୮) ସମ୍ପତ୍ତିଗୁଡିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦନ ସାପେକ୍ଷ।
୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ମୂଲ୍ୟ ରୂପେ ରହିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ। ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି / ଅର୍ଥ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।
୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ **M/s C1 India Pvt. Ltd.**ଙ୍କ ଠାରୁ ଇ-ନିଲାମ ସମ୍ପର୍କୀୟ ଅନ୍‌ଲାଇନ ତାଲିମ ପାଇପାରିବେ। ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା **M/s C1 India Pvt. Ltd.** ଦାୟୀ ରହିବେ ନାହିଁ। ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକ୍‌ଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ।
୧୧) ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଜିଏସ୍‌ଟି, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ।
୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ/ ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।
୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ।
୧୪) ଯେଉଁ କ୍ଷେତ୍ରରେ ବିଡ୍ ପରିମାଣ ଟ.୫୦,୦୦,୦୦୦/- ରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ସଫଳ ନିଲାମଧାରୀ / କ୍ରେତା **ଆୟକର ଆକ୍ଟ ୧୯୬୧ର ଧାରା ୧୯୪ IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିୟୁକ୍ତ କରି ଏବଂ ତାହାକୁ ଫର୍ମ **୨୬ QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣ ପତ୍ରର ଅରିଜିନାଲ ରସିଦ ବ୍ୟାଙ୍କରେ ଦାଖଲ କରିବେ।
୧୫) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।
୧୬) **ଏହି ବିଜ୍ଞପ୍ତି ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତି ବିକ୍ରୟ ପାଇଁ ଏକ ୧୫ ଦିନିଆ ନୋଟିସ୍ ଅଟେ।**

ତାରିଖ : ୧୧.୦୨.୨୦୧୯
ସ୍ଥାନ : ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ ।

- ହୋମର



## ସଂକ୍ଷେପରେ

### ଜାମସେଠ ୟୁପି ସ୍କୁଲର ବାର୍ଷିକ ଉତ୍ସବ

**ପାଇକମାଳ, ୧୧।୨(ଡି.ଏନ.ଏ):** ପାଇକମାଳ ବ୍ଲକର ଜାମସେଠ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲଦ୍ରୋ ଗଏଁନ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ମାଣ୍ଡୋସିଲ ହାଇସ୍କୁଲର ପ୍ରଧାନଶିକ୍ଷକ ଗୋକୁଳନନ୍ଦ ଦଣ୍ଡସନା ମୁଖ୍ୟବକ୍ତା, ମାସ୍ର କାର୍ଯ୍ୟକ୍ରମ ସଂଯୋଜକ ଆଦିକନ୍ଦ ବିଶ୍ୱାଳ, ଶିକ୍ଷକ ନେତା ମହାଦେବ ବେହେରା, ସରପଞ୍ଚ ରମ୍ଭା ତାଣ୍ଡୀ, ବିଦ୍ୟାଳୟର ଅଧକ୍ଷ ଭଗତ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଶିକ୍ଷକ ହରି ଦଣ୍ଡସନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆଜିର ଶିଶୁ କାଲିର ଭବିଷ୍ୟତ ନାଟକ ପରିବେଷଣ ହୋଇଥିଲା। ଶିକ୍ଷକ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଓଡ଼ିଶା ଫେରିବାକୁ ମନା କଲେ ଉଦ୍ଧାର ନାବାଳିକା

**ଭୁବନେଶ୍ୱର,୧୧।୨(ବ୍ୟୁରୋ):** ରାଜସ୍ଥାନରୁ ଉଦ୍ଧାର ନାବାଳିକାଙ୍କୁ ଆଣିବାକୁ ଦିଲ୍ଲୀ ଯାଇଥିବା ଓଡ଼ିଶା ପୋଲିସକୁ ଖାଲି ହାତରେ ଫେରିବାକୁ ପଡିଛି। ପୋଲିସର ଅସହଯୋଗ ପରେ ନାବାଳିକାଙ୍କ ବାପା ନିଜ ଉଦ୍ୟମରେ ଝିଅକୁ ଉଦ୍ଧାର କରିଥିଲେ। ତେଣୁ ଏବେ ପୋଲିସ ଉପରେ ଭରସା ତୁଟାଇ ରାଜ୍ୟ ସରକାରଙ୍କ ସହଯୋଗକୁ ମନା କରିଦେଇଛନ୍ତି ନାବାଳିକା ଓ ତାଙ୍କ ବାପା। ଝିଅ ସହ ଝାଡ଼ଖଣ୍ଡର ଏକ ଆଶ୍ରୟସ୍ଥଳରେ ରହିବେ ବୋଲି ନାବାଳିକାଙ୍କ ବାପା ଦିଲ୍ଲୀ ମହିଳା କମିଶନଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୂଚନା ମୁତାବକ, ସୁନ୍ଦରଗଡ଼ ଜିଲା ଲାଠିକଟା ଥାନା ଅଞ୍ଚଳରେ ପରିବାର ସହ ରହୁଥିଲେ ନାବାଳିକା। କେତେଜଣ ସମ୍ପର୍କୀୟ ନାବାଳିକାଙ୍କୁ ପ୍ରଲୋଭିତ କରି ଅପହରଣ କରିନେବା ପରେ ରାଜସ୍ଥାନର ମୁକେଶ ଅଗ୍ରୱାଲ ଓ କିଷାନ ଅଗ୍ରୱାଲଙ୍କୁ ବିକ୍ରି କରିଦେଇଥିଲେ। ଏ ନେଇ ନାବାଳିକାଙ୍କ ବାପା ଖବର ପାଇବା ପରେ ଝିଅକୁ ଉଦ୍ଧାର ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ପୋଲିସ ସେତେଟା ଗୁରୁତ୍ୱ ନ ଦେବାରୁ ନାବାଳିକାଙ୍କ ବାପା ଗତ ଜାନୁୟାରୀ ମାସରେ ଦିଲ୍ଲୀ ମହିଳା କମିଶନଙ୍କୁ ଯୋଗାଯୋଗ କରି ସହଯୋଗ ଲୋଡ଼ିଥିଲେ। ଦିଲ୍ଲୀ ମହିଳା କମିଶନଙ୍କ ଆଣ୍ଟି ଟ୍ରାଫିକିଂ ଟିମ୍ ଚଢ଼ାଉ କରି ଗତ ୮ ତାରିଖରେ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ମୁକେଶ ଓ କିଷାନଙ୍କୁ ଗିରଫ କରାଯାଇଥିଲା। ନାବଳାଳିକା ଜଣକ ଗର୍ଭବତୀ ଥିବ ଜଣାପଡିବା ପରେ ତାଙ୍କୁ ଦିଲ୍ଲୀର ଏକ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ଦିଲ୍ଲୀ ମହିଳା କମିଶନଙ୍କଠାରୁ ସୂଚନା ପାଇବା ପରେ ଶୋଇ ପଡିଥିବା ଓଡ଼ିଶା ପୋଲିସ ତତ୍ପର ହୋଇଉଠିଥିଲା। ନାବାଳିକାଙ୍କୁ ଓଡ଼ିଶା ଆଣିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଦିଲ୍ଲୀ ଯାଇଥିଲା।





ସୋମବାର ଉତ୍ସବ ପ୍ରଧାନପାଟ ଉଦ୍‌ଘାଟନୀ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ଉତ୍ସବ ପ୍ରଧାନପାଟ ଉଦ୍‌ଘାଟିତ

**ଦେବଗଡ଼,୧୧।୨(ସ୍ୱ.ପ୍ର.)**

ସ୍ଥାନୀୟ ପର୍ଯ୍ୟଟନସ୍ଥଳୀ ପ୍ରଧାନପାଟସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ସୋମବାର ଉତ୍ସବ ପ୍ରଧାନପାଟ-୨୦୧୯ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପଲ୍ଲିଶ୍ରୀ ମେଳା ଓ ଜିଲାସ୍ତରୀୟ ପ୍ରଦର୍ଶନୀ ମେଳା, କୃଷି ମହୋତ୍ସବ, ଉନ୍ନୟନ ପ୍ରଦର୍ଶନୀ ଅତିଥିଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା। ସନ୍ଧ୍ୟାରେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଏମ୍‌ପି ନଗେନ୍ଦ୍ର କୁମାର ପ୍ରଧାନ ଯୋଗଦେଇଥିବା ବେଳେ ଡିଆର୍‌ଡିଏ ପିଡି ଭିନ୍‌ସେଣ୍ଟ ପୁନମକାନ୍ତ ଏକ୍କା, ଅତିରିକ୍ତ ଜିଲାପାଳ ଧରମ ହାଁସ୍‌ଦା, ଏସ୍‌ପି ଅନୁପମା ଜେମ୍‌ସ, ଦିଲୀପ ଗୁରୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍‌ଘାଟନ କରିଥିଲେ। ଦେବଗଡ଼ର କଳାକାରମାନଙ୍କ ଦ୍ୱାରା ଆବାହନୀ ସଙ୍ଗୀତ ଗାନ କରାଯାଇଥିଲା। ଉଦ୍‌ଘାଟନୀ ସନ୍ଧ୍ୟାରେ ଆସାମରୁ ଆସିଥିବା କଳାକାରଙ୍କ ଦ୍ୱାରା ବିହୁନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି କଲିକତାର ଶଙ୍କର ଭରଣମ ଏକାଡେମୀ, ରାଉରକେଲାର ଭଞ୍ଜକଳା କେନ୍ଦ୍ର, ବରଗଡ଼ର ଭର୍‌ନି କଳା ପରିଷଦ, ସୁନ୍ଦରଗଡ଼ର କର୍ମା ନାଚ, ଜଗତ୍‌ସିଂହପୁରର ଘୋଡ଼ାନାଚ, ଦେବଗଡ଼ ଆଦର୍ଶ ଡ୍ୟାନ୍ସର ଲୋକନୃତ୍ୟ, ତିଲେଇବଣି ଆଦି ଅଞ୍ଚଳର ଲୋକନୃତ୍ୟ ଦଳ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଲୋକେ ଏହାର ଭରପୂର ମଜା ଉଠାଇଥିଲେ। ଉଦ୍‌ଘୋଷକ ଭାବେ ଜନ୍ମେଜୟ ନାୟକ, ବଂଶୀଧର ସାହୁ, ବିଦେଶୀ ସାହୁ, ସୁନିସ୍ମିତା ପାଢ଼ୀ, ମନୀଷା ପଟ୍ଟନାୟକ, ବିଦ୍ୟୁତ୍‌ପ୍ରଭା ଦେହୁରୀ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।



ଉତ୍ସବ ପ୍ରଧାନପାଟ-୨୦୧୯ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

# ସାଂସ୍କୃତିକ ଦଳର ସହର ପରିକ୍ରମା

**ଦେବଗଡ଼,୧୧।୨(ସ୍ୱ.ପ୍ର.)**

ଉତ୍ସବ ପ୍ରଧାନପାଟ-୨୦୧୯ ଅବସରରେ ସୋମବାର ସ୍ଥାନୀୟ ମଠସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିର ପରିସରରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ସୁଧାଂଶୁ ମୋହନ ସାମଲ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏପରି କି ଜିଲାପାଳ ଶୋଭାଯାତ୍ରାରେ ସାମିଲ ହୋଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଜିଲାର ୩ଟି ବ୍ଲକରୁ ଆସିଥିବା ୧୨ଟି ସାଂସ୍କୃତିକ ନୃତ୍ୟ ଦଳ ସହ ପଞ୍ଜାବର ଭାଙ୍ଗଡ଼ା, ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସଂକୀର୍ତ୍ତନ, ମହିଳା ସଂକୀର୍ତ୍ତନ ଦଳ, ପ୍ରଜ୍ଞାପନ ମେଢ଼ ସହ ମହିଳା ପୁରୁଷ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ସହରର ବିଭିନ୍ନ ଛକରେ ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଥିଲା। ଶୋଭାଯାତ୍ରା ଅଧିଷ୍ଠାତ୍ରୀ ମା' ପ୍ରଧାନ ପାଟେଶ୍ୱରୀଙ୍କ ପୀଠରେ ପହଞ୍ଚିଥିଲା। ସେଠାରେ ପୂଜାର୍ଚ୍ଚନା ପରେ ଆଞ୍ଚାମାଳ ଆଣି ମଶାଲ ପ୍ରଜ୍ୱଳନ ପରେ ମୁକ୍ତାକାଶ ରଙ୍ଗମଞ୍ଚରେ ସ୍ଥାପନ କରାଯାଇଥିଲା। ଏଥିରେ ଦିଲୀପ କୁମାର ଗୁରୁ, ଡିଆର୍‌ଡିଏ ପିଡି ଭିନ୍‌ସେଣ୍ଟ ପୁନମକାନ୍ତ ଏକ୍କା, ଉପଜିଲାପାଳ ବିମଳେନ୍ଦୁ ମିଶ୍ର, ପୌର ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନ, ଡିଆଇପିଆର୍‌ଓ ବିଜୟ ମିଶ୍ର, ସୁଶୀଳ କୁମାର କପରଦାର, ନିରଞ୍ଜନ ଦ୍ୱିବେଦୀ, ଟିକେଶ୍ୱର ଗୁରୁ, ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ସାଂସ୍କୃତିକ ମଶାଲ ଧରି ନଗର ପରିକ୍ରମା କରିଥିଲେ।



ଶୋଭାଯାତ୍ରାରେ ବାହାରିଥିବା ସଂକୀର୍ତ୍ତନ ଦଳ।

ଦେବଗଡ ଜିଲାରେ ଧାନ କିଣା ବନ୍ଦ ପରେ ପରିସ୍ଥିତି ଜଟିଳ

# ପ୍ରତିବାଦରେ ରାସ୍ତା ଅବରୋଧ କଲେ ଚାଷୀ

**ବାରକୋଟ, ୧୧।୨ (ଡି.ଏନ.ଏ.)**

ଦେବଗଡ ଜିଲାରେ ଧାନ କିଣା ବନ୍ଦ ହେବାପରେ ପରିସ୍ଥିତି ଜଟିଳ ହେବାରେ ଲାଗିଛି । ଏହି ଧାନକିଣା ବନ୍ଦର ପ୍ରତିବାଦ କରି ଚାଷୀମାନେ ସୋମବାର ୪୯ନଂ. ଜାତୀୟ ରାଜପଥକୁ ବଳମଠାରେ ଦୀର୍ଘ ୧୨ ଘଣ୍ଟିଆ ଧରି ଅବରୋଧ କରିଥିଲେ। ରାସ୍ତା ଅବରୋଧ ଖବର ପାଇ ଦେବଗଡ ଉପଜିଲାପାଳ ବିମଳେନ୍ଦୁ ମିଶ୍ର, ଏସ. ବାରିକ ପ୍ରମୁଖ ଅଧିକାରୀମାନେ ଘଟଣା ସ୍ଥଳକୁ ଆସିଥିଲେ। ସେମାନେ ଚାଷୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଚାଷୀମାନଙ୍କୁ ମନାଇ ପାରି ନ ଥିଲେ। ଅନ୍ୟପକ୍ଷେ ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ, ବିଜେଡି ଜିଲା ସଭାପତି ସୁଧୀର କପରଦାର, ବିଜେଡି ଜିଲା କୃଷକ ସଭାପତି ଚିତ୍ତରଞ୍ଜନ ପ୍ରଧାନ, କଂଗ୍ରେସ ଜିଲା ସଭାପତି ଉମାଶଙ୍କର ସାହୁ ପ୍ରମୁଖ ଆସି ଚାଷୀଙ୍କ ସହିତ ଆଲୋଚନା କରିଥିଲେ ।

ସୂଚନାଯୋଗ୍ୟ ଯେ, ଜିଲାର ଗତ ଡିସେମ୍ବର ମାସ ୭ ତାରିଖରୁ ସରକାରୀ ଭାବେ ଧାନ କିଣା ଆରମ୍ଭ ହୋଇଥିଲା। ୨୯ଟି ପ୍ୟାକ୍ସରେ ଡିସେମ୍ବର ମାସ ୨୧ ତାରିଖରୁ ଧାନ କିଣା ଆରମ୍ଭ ହୋଇଥିଲା। ଫେବୃୟାରୀ ମାସ ୪ ତାରିଖରେ କିନ୍ତୁ ବନ୍ଦ କରି ଦିଆଯାଇଥିଲା । ଏହାକୁ ଚାଷୀ ବିରୋଧ କରିବାରୁ ବିଭିନ୍ନ ପ୍ୟାକ୍ସକୁ ମାତ୍ର ୧ହଜାରରୁ ୨ହଜାର କୁଇଣ୍ଟାଲ ଧାନ କିଣା ପାଇଁ ଅନୁମତି ଦିଆଯାଇଥିଲା । ଫଳରେ ଚାଷୀମାନେ ପ୍ୟାକ୍ସରେ ଧାନ କିଣା ବନ୍ଦ କରି ତାଲା ପକାଇଥିଲେ । ସଂପୂର୍ଣ୍ଣ ଧାନ କିଣା ପାଇଁ ଘୋଷଣା ନ ହେବା ପର୍ଯ୍ୟନ୍ତ ଧାନ କିଣା ହେବ ନାହିଁ ବୋଲି ଚାଷୀମାନେ ଏବେ ଜିଦ ଧରିଛନ୍ତି । ତେବେ ଜିଲାର ଜଣେ ପ୍ରଭାବଶାଳୀ ଧାନ ବ୍ୟବସାୟୀ ପ୍ରଶାସନକୁ ହାତ ମୁଠାରେ ରଖି ଧାନ କିଣାରେ ବାଧା ସୃଷ୍ଟି କରୁଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି।



ବଳମଠାରେ ଚାଷୀ ରାସ୍ତା ଅବରୋଧ କରି ବସିଛନ୍ତି।

## ରିଆମାଳରୁ ବାହାରିଲା ମଶାଲ ଶୋଭାଯାତ୍ରା

**ରିଆମାଳ, ୧୧।୨(ଡି.ଏନ.ଏ.)**

ଦେବଗଡ଼ ଜିଲା ଉତ୍ସବ ପ୍ରଧାନପାଟର ଉଦ୍‌ଘାଟନୀ ଅବସରରେ ରିଆମାଳରୁ ମଶାଲ ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହୋଇଥିଲା। ରିଆମାଳ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲରେ ଅଗ୍ନି ସଂଯୋଗ କରାଯାଇଥିଲା। ପରେ ଶୋଭାଯାତ୍ରା ଦେବଗଡ଼ ଅଭିମୁଖେ ବାହାରିଥିଲା। ଏଥିରେ ବଡ଼ବାହାଳ ମହିଳା ସଂକୀର୍ତ୍ତନ ମଣ୍ଡଳୀ, ବଡ଼ବାହାଳର ସଂକୀର୍ତ୍ତନ ମଣ୍ଡଳୀ, ଚିଙ୍ଗୁଡ଼ିଝରକା ଆଦିବାସୀ ନୃତ୍ୟ, କୁମାଳର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ରିଆମାଳ ବ୍ଲକ ଅଧ୍ୟକ୍ଷା ରୀତାଞ୍ଜଳି ହାତୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ଟପୋ, ବ୍ଲକ ଯୋଗାଣ ଅଧିକାରୀ ଜୟନ୍ତ କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

■ ରାଜ୍ୟର ଦୁର୍ଘଟଣା ମୃତ୍ୟୁ ହାର ଜାତୀୟସ୍ତରଠାରୁ ଅଧିକ

# ପ୍ରତି ୧୦୦ ଦୁର୍ଘଟଣାରେ ୪୪ଜଣଙ୍କ ମୃତ୍ୟୁ

**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟର ଦୁର୍ଘଟଣା ଜନିତ ମୃତ୍ୟୁ ହାର ଜାତୀୟ ହାରଠାରୁ ଅଧିକ ରହିଛି। ୨୦୧୭ରେ ଦୁର୍ଘଟଣାରେ ଦେଶରେ ମୋଟ ୧.୪୮ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି। ଏହି ସମୟ ମଧ୍ୟରେ କେବଳ ଓଡ଼ିଶାରେ ୪ ହଜାର ୮ଶହ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଗତ ୧୦ବର୍ଷରେ ଏହି ସଂଖ୍ୟା ୩୦ ହଜାର ଟପିଛି। ଦେଶରେ ପ୍ରତି ୧୦୦ ଦୁର୍ଘଟଣାରେ ୨୯ଜଣ ଓ ଓଡ଼ିଶାରେ ୪୪ ଜଣଙ୍କ ଜୀବନ ଯାଉଛି। ଏଥିରୁ ରାଜ୍ୟରେ ଦୁର୍ଘଟଣାର ଭୟଙ୍କର ସ୍ଥିତି ବାରି ହୋଇପଡୁଥିବା ଅର୍ଥ ମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି। ସୋମବାର ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅର୍ଥମନ୍ତ୍ରୀ ବେହେରା ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଦୁର୍ଘଟଣା ପରବର୍ତ୍ତୀ ଆଶୁ ଚିକିତ୍ସା କ୍ଷେତ୍ରରେ ଆମର ଦାୟିତ୍ୱହୀନତା ଓ ବିଫଳତାକୁ ଦାୟୀ କରିଛନ୍ତି।

ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡ. ନୃସିଂହ ଚରଣ ସାହୁ ଯୋଗଦେଇ ରାଜ୍ୟରେ ସଡ଼କ ଦୁର୍ଘଟଣା ବୃଦ୍ଧିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରତିବର୍ଷ ୧୦ ପ୍ରତିଶତ ଦୁର୍ଘଟଣା ହାର ହ୍ରାସ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୪ରେ ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ରାଧାକ୍ରିଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୨୦୨୦ ସୁଦ୍ଧା ଦୁର୍ଘଟଣା ହାର ୫୦ ପ୍ରତିଶତ ହ୍ରାସ କରିବା ପାଇଁ ଗୁରୁତ୍ୱାରୋପ କରିଥିବାବେଳେ ରାଜ୍ୟରେ କିନ୍ତୁ ଏହାର ବିପରୀତ ସ୍ଥିତି ପ୍ରତିଫଳିତ ହୋଇଛି। ୨୦୧୫ ତୁଳନାରେ ୨୦୧୬ ଓ ୨୦୧୭ରେ ଦୁର୍ଘଟଣା ହାର ୭.୩୩% ବୃଦ୍ଧି ପାଇଛି। ୨୦୧୮ ଅକ୍ଟୋବର ସୁଦ୍ଧା ରାଜ୍ୟରେ ୪୨୭୦ଟି ଦୁର୍ଘଟଣା ଘଟିଥିବାବେଳେ ୨୦୧୭ ତୁଳନାରେ ଏହି ହାର ୮.୪୩% ପ୍ରତିଶତ ଅଧିକ ରହିଛି। ତେଣୁ ଦୁର୍ଘଟଣା ହାର ହ୍ରାସ କରିବା ପାଇଁ ଜାତୀୟ ରାଜପଥର ରାମେଶ୍ୱରଠାରୁ ଚଣ୍ଡିଖୋଲ ମଧ୍ୟରେ ୨୪ଟି ସିସି କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯାଇଛି। ଏହି କ୍ୟାମେରା ଗାଡ଼ିର ଗତି ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ଏହି ଆଧାରରେ ନିୟମ ଭଙ୍ଗକାରୀ ଚାଳକ ଓ ଗାଡ଼ି ଉପରେ ଇ-ଚାଲାଣ କରାଯିବ ବୋଲି ମନ୍ତ୍ରୀ ସାହୁ କହିଛନ୍ତି।

ଏହି ଉତ୍ସବରେ କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଗଗନ କୁମାର ଧଳ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ଶ୍ରୀନିବାସ୍, ପୋଲିସ ମହାନିର୍ଦ୍ଦେଶକ ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ହ୍ରାସ ଦିଗରେ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ରୋଡ୍ ସେଫ୍‌ଟି ଆକ୍ସନ୍ ପ୍ଲାନ୍ ଓ ଗୁଡ୍ ସାମରିଟାନ୍ ପଲିସି ଉନ୍ମୋଚନ କରାଯାଇଥିଲା। ସଡ଼କ ସୁରକ୍ଷା ସମ୍ପର୍କରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ର ଓ ବ୍ୟକ୍ତିତ୍ୱଙ୍କୁ ପୁରସ୍କୃତ କରାଯାଇଥିଲା। ପରିବହନ କମିଶନର ସଞ୍ଜୀବ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 50% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

FINANCE
ବ୍ୟବସାୟୀମାନେ ନିଜ ବ୍ୟବସାୟର ଫଟୋ (ଦୋକାନ, ମେସିନ, ଗାଡ଼ି) ଓ ପ୍ରମାଣପତ୍ର ଦେଇ ୨୦ଲକ୍ଷ ଏବଂ ବେରୋଜଗାରୀ ନୂତନ ବ୍ୟବସାୟ କରିବାପାଇଁ ଆନୁମାନିକ ମୂଲ୍ୟର ବିବରଣୀ ଦେଇ ୧୫ଲକ୍ଷ ପର୍ଯ୍ୟନ୍ତ ବାର୍ଷିକ ୪% ସୁଧରେ ଋଣ ନେଇ ପାରିବେ।
Contact
8658340105


LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ।
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର
7827094474
7827246964
Add : - 41/14, Sec-1 Pushp Vihar, Delhi


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଯେଉଁ ଲୋକ ତା'ର କର୍ତ୍ତବ୍ୟ ନିଷ୍ଠାପର ଭାବେ କରିଯାଉଛି,
ତାହାର ଅନ୍ୟ ବିରୋଧରେ ଅଭିଯୋଗ ରହି ନ ପାରେ।
- ପିଥାଗୋରାସ୍

## ସଂକ୍ଷେପରେ

### ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଯୁବକ ଗିରଫ

ଚିପିଲିମା, ୧୧।୨ (ଡି.ଏନ.ଏ.)

ସମ୍ବଲପୁର ଜିଲା ବୁର୍ଲା ଥାନା ଚିପିଲିମା ଫାଣ୍ଡି ଅନ୍ତର୍ଗତ ମରାଙ୍ଗୋଲାରେ ଜଣେ ବିବାହିତା ମହିଳାଙ୍କୁ ଦୁର୍ବ୍ୟବହାର କରାଯାଇଛି। ସେ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଉକ୍ତ ଗ୍ରାମର ଜଣେ ଯୁବକ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଥାନାରେ ଅଭିଯୋଗ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ବିଦ୍ୟାଧର ସେଠ (୨୫) । ଏ ନେଇ ମହିଳା ଓ ତାଙ୍କ ସ୍ୱାମୀ ଚିପିଲିମା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୫୧/୧୯) ରୁଜୁ କରିଛି।

### ମହୁଲପାଲି ଥାନା ଅଧିକାରୀଙ୍କ ବିରୋଧରେ ଏସ୍‌ପିଙ୍କୁ ଅଭିଯୋଗ

ବାମରା, ୧୧।୨ (ସ୍ୱ.ପ୍ର.)- ନ୍ୟାୟ ପାଇବା ପାଇଁ ଲୋକେ ଥାନାର ଦ୍ୱାରସ୍ଥ ହେଉଛନ୍ତି। ହେଲେ ଥାନାରେ ପୋଲିସ ଅଭିଯୋଗ କରିବାକୁ ଯାଉଥିବା ଲୋକଙ୍କୁ ଦୁର୍ବ୍ୟବହାର କରି ଫେରାଇ ଦେଉଛି। ସମ୍ବଲପୁର ଏସ୍‌ପି ଙ୍କଠାରେ ଭଳି ଅଭିଯୋଗ ପହଞ୍ଚିଛି। ଏହିଭଳି ଏକ ଘଟଣା ସମ୍ବଲପୁର ଜିଲା ମହୁଲପାଲି ଥାନାରେ ଦେଖା ଯାଇଛି । ଚଳିତ ମାସ ୨ ତାରିଖର ଘଟଣା । କୁଚିଣ୍ଡା ବ୍ଲକ କୁନ୍ତରା ପଞ୍ଚାୟତ ତୁରେଇ ନିକ୍ତିମାଲ ଗାଁର ଚେରୁ ନାଏକଙ୍କ ଘରୁ ୧୬ ଶହ ଟଙ୍କା ଚୋରି ହୋଇଥିଲା। ଏ ନେଇ ମହୁଲପାଲି ଥାନାରେ ଚେରୁ ରିପୋର୍ଟ କରିଥିଲେ। ରିପୋର୍ଟ ପାଇ ଥାନା ଅଧିକାରୀ ସୁଦାମ ମଲ୍ଲିକ ଅଭିଯୋଗକାରୀ ଚେରୁଙ୍କୁ ଥାନାକୁ ଡକାଇ ଗାଳିଗୁଲଜ କରିଥିବା ନେଇ ଏସପିଙ୍କଠାରେ ଚେରୁ ଅଭିଯୋଗ କରିଛନ୍ତି। ହେଲେ ଥାନା ଅଧିକାରୀ ସୁଦାମ ମଲ୍ଲିକଙ୍କୁ ଯୋଗାଯୋଗ କରାଯିବାରୁ ସେ ଫୋନ ଉଠାଇ ନ ଥିଲେ ।

### ଦୀନଦୟାଲ ଉପାଧ୍ୟାୟଙ୍କ ତିରୋଧାନ ଦିବସ ଉପଲକ୍ଷେ ନିଧି ସଂଗ୍ରହ

ରେଙ୍ଗାଲି, ୧୧।୨ (ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ଭାଜପା ପକ୍ଷରୁ ଦିନ ଦୟାଲ ଉପାଧ୍ୟାୟଙ୍କ ତିରୋଧାନ ଦିବସ ଉପଲକ୍ଷେ ସମର୍ପଣ ଦିବସ ପାଳନ କରାଯାଇଛି । ସୋମବାର ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଭାଜପା ପ୍ରଭାରୀ ଯୁଗଳ କିଶୋର ଅଗ୍ରୱାଲଙ୍କ ନେତୃତ୍ୱରେ ଏହି ଉପଲକ୍ଷେ ଭାଜପା କର୍ମୀମାନେ ଗାଁ ଗାଁ ବୁଲି ନିଧି ସଂଗ୍ରହ କରିଥିଲେ । ଏହି ଅବସରରେ ରେଙ୍ଗାଲି ଜୋନ- ୧ ଜିଲା ପରିଷଦ ସଭ୍ୟ ତିରୋଜ ହେଡେଞ୍ଚା, ଦିବ୍ୟ କିଶୋର ବେହେରା, ବିଶିକେ୧ଶନ ପଣ୍ଡା, ଅନ୍ତର୍ଯ୍ୟାମୀ ପାଣି, ନବୀନ ପ୍ରଧାନ, ସୁବାଷ ଅଗ୍ରୱାଲ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଘୁଡୁକାଟିକ୍ରା ସରସ୍ୱତୀ ଶିଶୁ ମନ୍ଦିର ୧୦ମ ବାର୍ଷିକ ଉତ୍ସବ

# ଛାତ୍ରୀଛାତ୍ରଙ୍କ ନାଚଗୀତରେ ଦର୍ଶକ ବିମୋହିତ

ଚିପିଲିମା, ୧୧।୨ (ଡି.ଏନ.ଏ.)

ଧନକଉଡା ବ୍ଲକ କଲାମାଟି ପଞ୍ଚାୟତ ଘୁଡୁକାଟିକ୍ରା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ବାଳକୃଷ୍ଣ ସାହୁ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବରେ ଅତିରିକ୍ତ ବାଣିଜ୍ୟକର ଆୟୁକ୍ତ ତେଜରାଜ ପ୍ରଧାନ, ମହାନଦୀ କୋଲ ଫିଲ୍ଡର ଆଞ୍ଚଳିକ ଉନ୍ନୟନ ପାଣ୍ଠି ସହ ପ୍ରବନ୍ଧକ ଅରବିନ୍ଦ ସାହୁ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରାନ୍ତୀୟ ପ୍ରଚାର ପ୍ରମୁଖ ତଥା ଅଧ୍ୟାପକ ବିଶ୍ୱରଞ୍ଜନ ପୂଜାରୀ, ଜିଲା ପରିଷଦ ସଂଯୁକ୍ତା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସୁଷମା ସାହୁ, ସରପଞ୍ଚ ଶ୍ରୀହରି ନାଗ ଯୋଗ ଦେଇଥିଲେ । ସମ୍ପାଦକ ମନୋରଞ୍ଜନ କର୍ଣ୍ଣ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ମହଲା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଓ ପାଠ ପଢ଼ାରେ ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଗୁରୁଜୀ ସୁଶାନ୍ତ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ନାଚଗୀତ ଦର୍ଶକମାନଙ୍କର ମନକୁ ବେଶ୍ ଛୁଇଁଥିଲା। ଶ୍ରଦ୍ଧାମାଳିନୀ ମିଶ୍ର, ସ୍ୱାଗତିକା ସେଠ, ମନୀଷା, ସମୀକ୍ଷା, ସୁବାଶିନୀ, ସୋମାଦର୍ଶକ, ହୀନା, ପ୍ରାଚୀ, ବାଦଲ, ସୋହନ, ବନ୍ଦିତା ପ୍ରମୁଖ ଛାତ୍ରୀଛାତ୍ରୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।



ଘୁଡୁକାଟିକ୍ରା ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

## ନାକଟିଦେଉଳ ବ୍ଲକରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

ନାକଟିଦେଉଳ,୧୧।୨(ଡି.ଏନ.ଏ.)

ସ୍ଥାନୀୟ ମିନି ଷ୍ଟାଡ଼ିୟମରେ ସୋମବାର ଭାରତ ସରକାରଙ୍କ ଗ୍ୟାସ ଏବଂ ପେଟ୍ରୋଲିୟମ ବିଭାଗ ପକ୍ଷରୁ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ପାଳିତ ହୋଇଛି । ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସୁରେଶ ପୂଜାରୀ, ଦେବେନ୍ଦ୍ର ମହାପାତ୍ର, ଜିଲା ପରିଷଦ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତତ୍ୟା, ନେତ୍ରାନନ୍ଦ ରାଉଳ, ଗୋବିନ୍ଦ ଅଗ୍ରୱାଲା, ଦୀପକ କୁମାର ସାହୁ, ଶାନ୍ତିଲତା କାଣ୍ଡୁଲନା, ସଂଯୁକ୍ତା ସେଠୀ ପ୍ରମିଖ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନା ସଂପର୍କରେ ଆଲୋକପାତ କରିଥିଲେ । ପ୍ରଣବ ନାରାୟଣ ନାୟକ ଏବଂ ଅଭୟ ବର୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚନ୍ଦନୀମାଳ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

# ସମାଜ, ମା'ବାପାଙ୍କ ପ୍ରତି କର୍ତ୍ତବ୍ୟ ଭୁଲନି

କୁଚିଣ୍ଡା, ୧୧।୨ (ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଚନ୍ଦନୀମାଲ ଉଚ୍ଚ ବିଦ୍ୟାଳୟର ୨୮ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଧାନ ଶିକ୍ଷକ କମଲଲୋଚନ ବେହେରା ସଭାପତିତ୍ୱ କରିଥିଲେ। ଅତିଥି ଭାବରେ ବିଧାୟକ ରବିନାରାୟଣ ନାଏକ ଓ କୁଟୁରାଚୁଆଁ କଲେଜ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଶିକ୍ଷା ଗ୍ରହଣ ପରେ ସମାଜ ଓ ମାତାପିତାଙ୍କ ପ୍ରତି ଥିବା କର୍ତ୍ତବ୍ୟକୁ ନ ଭୁଲି ଭଲ କାମ କରିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ । ମା' ମାଟି ଓ ମାତୃଭୂମିକୁ ଭଲ ପାଇ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜମନକିରା ଜୋନ- ୨ର ଜିଲା ପରିଷଦ ସଭ୍ୟ ସୁଶାନ୍ତ ବେରିହା, ସଞ୍ଜୟ ମିଶ୍ର, ପରିଚାଳନା କମିଟି ସଭାପତି ଡ. ତାପସରଞ୍ଜନ ପାଣିଗ୍ରାହୀ ଓ ସରପଞ୍ଚ ସୁନୀଲ ପ୍ରଧାନ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ସହକାରୀ ଶିକ୍ଷକ ଦେବାନନ୍ଦ କର୍ସେଲ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୁଖିତ କୁମାର ପଟେଲ, ସହକାରୀ ଶିକ୍ଷକ ଦୀପ୍ତିମୟୀ ନାଏକ, ବିଭୂତିଭୂଷଣ ପଟେଲଙ୍କ ସମେତ ପୁରାତନ ଛାତ୍ର ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ ।

## ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ ବ୍ୟବସ୍ଥା ପ୍ରହସନରେ ପରିଣତ

# ପଟ୍ଟା ପ୍ରଦାନର ୩୩ ବର୍ଷ ପରେ ମଧ୍ୟ ଚିହ୍ନଟ ହେଉନାହିଁ ଜାଗା

କୁଚିଣ୍ଡା, ୧୧।୨ (ଡି.ଏନ.ଏ.)

ସରକାରୀଙ୍କ ଅଧିକାଂଶ ଯୋଜନା ଗରିବଙ୍କୁ ଭୁଆଁ ବୁଲାଇବାକୁ ଉଦ୍ଦିଷ୍ଟ । ଏହାର କିଛି ମହତ୍ତ୍ୱ ନାହିଁ, ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି କୁଚିଣ୍ଡା ତହସିଲ ଅନ୍ତର୍ଗତ ଲାଡ ଗ୍ରାମରେ । ଗ୍ରାମବାସୀ କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକଙ୍କଠାରେ ସୋମବାର ଅଭିଯୋଗ କରିଛନ୍ତି ଯେ, ସେମାନେ ଭୂମିହୀନ । ସରକାର ଗ୍ରାମର ପ୍ରାୟ ୪୫ଟି ପରିବାରକୁ ୧୯୮୬ ମସିହାରେ ୪ ଡିସିମିଲ ଲେଖାଏଁ ଜାଗା ଯୋଗାଇ ଦେବାସହ ସେମାନଙ୍କୁ ଘରଡିହ ପଟ୍ଟା ପ୍ରଦାନ କରିଥିଲେ । ମାତ୍ର ଇତି ମଧ୍ୟରେ ୩୩ ବର୍ଷ ବିତି ଯାଇଥିଲେ ମଧ୍ୟ ସେମାନଙ୍କର ଜାଗା ଚିହ୍ନଟ ହୋଇ ପାରିନାହିଁ । ଆରଆଇଙ୍କଠାରୁ ଆରମ୍ଭ କରି ତହସିଲଦାର, ଉପଜିଲାପାଳ, ଜିଲାପାଳ ଓ ଜନପ୍ରତିନିଧିମାନଙ୍କୁ ବର୍ଷ ବର୍ଷ ଧରି ବାରମ୍ବାର ଅନୁରୋଧ କଲେ ମଧ୍ୟ କିଛି ଲାଭ ହେଉନାହିଁ । ଫଳରେ ଭାଗ୍ୟକୁ ଆଦରି ଫଟୋ ଖଣ୍ଡିଏ ଲେଖାଏଁ ଧରି ସମସ୍ତ ପରିବାର ଭାଗ୍ୟକୁ ଆଦରି ପଡିରହିଛନ୍ତି । ଏବେ ଗାଁ ସମ୍ମୁଖରେ ଥିବା ଏନଏଚର ପ୍ରଶସ୍ତୀକରଣ କାମ ଚାଲିଛି। ଗ୍ରାମବାସୀଙ୍କର ଜାଗା ସେଥିରେ ଯାଇପାରେ। ଏଣୁ ସେମାନେ ସୋମବାର ଉପଜିଲାପାଳଙ୍କୁ ସାକ୍ଷାତ କରି ସେମାନଙ୍କର ଜାଗା ଚିହ୍ନଟ ପାଇଁ ଅନୁରୋଧ କରିଛନ୍ତି ।



ଉପଜିଲାପାଳଙ୍କୁ ଲୋକେ ଭେଟିବାକୁ ଆସିଥିବା ଅବସରରେ।

# ଭିମ୍‌ସାର, ଜ୍ୟୋତିବିହାର ପାଇଁ ଆମ୍ବୁଲାନ୍ସ ଲୋକାର୍ପିତ

ଚିପିଲିମା, ୧୧।୨ (ଡି.ଏନ.ଏ.)

ବୁର୍ଲା ଭିମ୍‌ସାର ଓ ଜ୍ୟୋତିବିହାରକୁ ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନଙ୍କ ଆଞ୍ଚଳିକ ପାଣ୍ଠିରୁ ଗୋଟିଏ ଲେଖାଏ ଆମ୍ବୁଲାନ୍ସ ମିଳିଛି। ଏହି ୨ ଆମ୍ବୁଲାନ୍ସକୁ ନିଜେ ଏମ୍‌ପି ପ୍ରଧାନ ଉପସ୍ଥିତ ରହି ଲୋକାର୍ପଣ କରିଛନ୍ତି। ଜ୍ୟୋତିବିହାର ପରିସରରେ ଲୋକାର୍ପଣ ପର୍ବରେ ବିଧାୟିକା ଡ. ରାସେଶ୍ୱରୀ ପାଣିଗ୍ରାହୀ, କୁଳପତି ପ୍ରଫେସର ଦୀପକ କୁମାର ବେହେରା, କୁଳସଚିବ ପ୍ରଫେସର ସଂଜତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭିମ୍‌ସାର ପରିସରରେ ଆମ୍ବୁଲାନ୍ସ ଲୋକାର୍ପଣରେ ଏମପି ଓ ବିଧାୟିକାଙ୍କ ସମେତ ଭିମ୍‌ସାର ଅଧ୍ୟକ୍ଷ ପ୍ରଫେସର ବ୍ରଜମୋହନ ମିଶ୍ର, ଜେଡିଏ ସଭାପତି ଦେବାଶିଷ ରାୟ, ଉପସଭାପତି ହିମାଂଶୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବୁର୍ଲା ନଗର ବିଜେଡି ସଭାପତି ଦେବାଶିଷ ନନ୍ଦ, ସଭାନେତ୍ରୀ ଶାନ୍ତିଲତା ସ୍ୱାଇଁ, ହୃଷୀକେଶ ସ୍ୱାଇଁ, ତରଣୀସେନ ଚାନ୍ଦ, ପ୍ରଶାନ୍ତ ପଣ୍ଡା, ଗୋକୁଳ ରାଉତ, ବୈଦ୍ୟନାଥ ଦଲାଇ, ବାପି ପଣ୍ଡା, ସତ୍ୟମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



ଜ୍ୟୋତିବିହାର ପରିସରରେ ଆମ୍ବୁଲାନ୍ସ ଲୋକାର୍ପଣ ଅବସରରେ ଏମ୍‌ପି ନଗେନ୍ଦ୍ର ପ୍ରଧାନ, ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, କୁଳପତି ଦୀପକ ବେହେରା ଓ ଅନ୍ୟମାନେ।

# ବସନ୍ତ ନାୟକ ବରିଷ୍ଠ ନାଗରିକ ପରିଷଦର ନୂତନ ସଭାପତି

ରେଙ୍ଗାଲି, ୧୧।୨ (ଡି.ଏନ.ଏ.)

ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦର ନୂତନ ସଭାପତି ଚୟନ କରାଯାଇଛି । ସୋମବାର ପରିଷଦର ଉପସଭାପତି ଦୁର୍ଯ୍ୟୋଧନ ଗର୍ଡିଆଙ୍କ ସଭାପତିତ୍ୱ ଏବଂ ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣିଙ୍କ ସଂଚାଳନରେ ଏକ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଥିଲା । ପରିଷଦର ସଭାପତି ସ୍ୱର୍ଗତ ଡ. ତୁଳସୀ ଦାସ ମାହାଣାଙ୍କ ବିୟୋଗ ଯୋଗୁଁ ସଭାପତି ପଦ ଖାଲି ପଡିଥିଲା । ନୂତନ ସଭାପତି ଭାବରେ ବରିଷ୍ଠ ଶିକ୍ଷାବିତ ବସନ୍ତ କୁମାର ନାୟକଙ୍କୁ ସର୍ବ ସମ୍ମତି କ୍ରମେ ନିର୍ଦ୍ୱନ୍ଦରେ ସଭାପତି ଭାବରେ ମନୋନୀତ କରାଯାଇଥିଲା । ପରିଷଦ ପକ୍ଷରୁ ଉପସଭାପତି ଦୁର୍ଯ୍ୟାଧନ ଗର୍ଡିଆ ନୂତନ ସଭାପତିଙ୍କୁ ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ଡ. ଅର୍ଜୁନ ନାଏକ, ବୃନ୍ଦାବନ ସାହୁ, ଉଦୟ ଚନ୍ଦ୍ର ସାହୁ, ବିପିନ ବିଶ୍ୱାଳ, ବେଣୁଧର ମେହେର, ଦିବ୍ୟ ବେହେରା, ସୁବାଷ ସିଂ, ବିପିନ ବିଶ୍ୱାଳ, ବିନୋଦ ବିହାରୀ ନନ୍ଦ, ବିଶିକେଶନ ପଣ୍ଡା, ରାଜାରାମ ମାହାଣା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଶେଷରେ ସୁବନ ଚାନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାମରାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ବାମରାଠାରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଜଣେ ଶ୍ରବଣ ବାଧିତ ଛାତ୍ରୀଙ୍କ ପରୀକ୍ଷା କରାଯାଉଛି।

ବାମରା, ୧୧।୨ (ସ୍ୱ.ପ୍ର.)

ବାମରାଠାରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ବାମରା ବିଡିଓ ସୁଶୀଲ କୁଜୁରଙ୍କ ତତ୍ତ୍ୱାବଧାନରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୁଦି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସତ୍ୟବ୍ରତ ପାଢ଼ୀଙ୍କ ସଂଯୋଜନାରେ ସୁଦୀପ୍ତ କୁମାର ପାଢ଼ୀ, କୁଚିଣ୍ଡାସ୍ଥିତ ଚାଇଲ୍ଡ ଲାଇନର ନିର୍ଦ୍ଦେଶକ ପ୍ରଦୀପ ମହାକୁଲ, ଟିମ୍ ମେମ୍ବର ସରୋଜ ପୃଷେଠ ଓ ଶ୍ୱେତାଙ୍ଗିନୀ ବାରିକ ସହଯୋଗ କରିଥିଲେ । ସମ୍ବଲପୁରରୁ ଅସ୍ଥିଶଲ୍ୟ ଡାକ୍ତର ସନ୍ତୋଷ ମିଶ୍ର, ଡା. ଗଙ୍ଗାଧର ପଣ୍ଡା, ଡା. କଲ୍ୟାଣୀ ପାତ୍ର ଓ ଡା. ସୁଲତା ପତି ୨୦୩ ଜଣ ଭିନ୍ନକ୍ଷମମାନଙ୍କ ପରୀକ୍ଷା ନିରୀକ୍ଷା କରିଥିଲେ।

# ରେଢ଼ାଖୋଲ, କୁଚିଣ୍ଡାରେ ଖୋଲିଲା ଆହାର କେନ୍ଦ୍ର

ରେଢାଖୋଲ,୧୧।୨(ଡି.ଏନ.ଏ.)

ରେଢାଖୋଲ ଟାଉନ ହଲ୍ ପରିସରରେ ସୋମବାର ଆହାର କେନ୍ଦ୍ର ଖୋଲା ଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭିଡିଓ କନଫରେନସିଂ ମାଧ୍ୟମରେ ରାଜ୍ୟର ୧୭ଟି ଜିଲାର ୩୮ଟି ସହରାଞ୍ଚଳରେ ଆହାର କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଏଠାରେ ଉପଜିଲାପାଳ ବିଶିକେଶନ ଦେହୁରୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଆହାର କେନ୍ଦ୍ର ଟାଉନ ହଲ୍ ପରିସରରେ ଚାଲିବାକୁ ନିଷ୍ପତ୍ତି ହୋଇଛି। ନୂଆ କୋଠା ନିର୍ମାଣ କରାଯାଇ ପରେ ସ୍ଥାନାନ୍ତର ହେବ ବୋଲି ଉପଜିଲାପାଳ କହିଛନ୍ତି। ଏହି ଆହାର କେନ୍ଦ୍ରରେ ୩୦୦ଜଣଙ୍କ ପାଇଁ ଖାଇବା ବ୍ୟବସ୍ଥା କରାଯାଇଛି। ଉଦ୍‌ଘାଟନ ସମୟରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ତହସିଲଦାର ରୁବି ବେହେରା, ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, କାଉନସିଲର ଲକ୍ଷ୍ମଣ ପ୍ରଧାନ, ଜ୍ଞାନରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**କୁଚିଣ୍ଡା,** (ଡି.ଏନ.ଏ.)– କୁଚିଣ୍ଡାରେ ମଧ୍ୟ ଏକ ଆହାର କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରଠାରୁ ଭିଡିଓ କନଫରେସିଂ ଦ୍ୱାରା ଉଦ୍‌ଘାଟନ କରିଥିଲେ । ଏହି ଆହାର କେନ୍ଦ୍ରଟି ୱାର୍ଡ ନଂ. ୪ର ଏକ କମ୍ୟୁନିଟି ସେଣ୍ଟରରେ ବର୍ତ୍ତମାନ ଚାଲିବ। ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ, କୁଚିଣ୍ଡା ବିଧାୟକ ରବିନାରାୟଣ ନାୟକ, ସମ୍ବଲପୁର ଜିଲାପାଳ ସମର୍ଥ ବର୍ମା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ରେଢାଖୋଲରେ ସୋମବାର ଆହାର କେନ୍ଦ୍ର ଖୋଲିବା ଅବସରରେ ଜଣେ ବ୍ୟକ୍ତି ଖାଦ୍ୟ ନେଉଛନ୍ତି।





କୁଚିଣ୍ଡାରେ ସୋମବାର ଆହାର କେନ୍ଦ୍ର ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥିମାନେ।



"କେହି ଧାର୍ମିକ କି ଅଧାର୍ମିକ ପରୀକ୍ଷା କରିବାକୁ ହେଲେ ପ୍ରଥମେ ଦେଖିବାକୁ ହେବ ଯେ ସେହି ବ୍ୟକ୍ତି କେତେଦୂର ସ୍ୱାର୍ଥପର।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ଫୋନ୍ କଲ୍‌କୁ ନେଇ ମାରପିଟ

ସମ୍ବଲପୁର,୧୧।୨ (ବ୍ୟୁରୋ)
ସମ୍ବଲପୁର ଧନୁପାଲି ଥାନା ପୋଲିସ ମାଡପିଟ ଅଭିଯୋଗରେ ସୁନାପାଲିର ଶିବ ଓରାମ (୩୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏ ନେଇ ଥାନରେ ଏକ ମାମଲା (ନଂ ୫୯/୧୯) ରୁଜୁ କରିଛି । ପୋଲିସ କହିବା ଅନୁସାରେ ପଡୋଶୀ ସୁନିଲ ଓରାମ (୩୪)ଙ୍କ ଫୋନକୁ ମିସ୍‌କଲ ଆସିଥଲା । ସୁନିଲ କାହା ନମ୍ବର ଜାଣିବାକୁ ଚାହିଁ ସେହି ନମ୍ବରକୁ ଫୋନ କରିଥିଲେ । ସେହି ଫୋନଟି ପଡୋଶୀ ଅଭିଯୁକ୍ତ ଶିବ ଓରାମଙ୍କ ବୋଲି ଜାଣି ପାରିଥିଲେ । ହେଲେ ଫୋନ୍‌ଟି ଶିବଙ୍କ ସ୍ତ୍ରୀ ଧରିଥିଲେ । ଏହାକୁ ନେଇ ଅଭିଯୁକ୍ତ ଶିବ ରାଗରେ ଆସି ସୁନିଲଙ୍କୁ ମାଡପିଟ କରିଥିଲେ।

### ମହିଳାଙ୍କୁ ଭୟଭୀତ କରି ଗହଣା ନେଇଗଲେ

ସମ୍ବଲପୁର,୧୧।୨ (ବ୍ୟୁରୋ)
ମାଉସୀ ରହିଯାଅ । ଆଗରେ ମାଡ ପିଟି ହେଉଛି । ଦଙ୍ଗା ଭଳି ପରିସ୍ଥିତି ରହିଛି । ଆଗକୁ ଯାଅ ନାହି । ଯାହା ଗହଣା ପିନ୍ଧିଛ ଖୋଲି ଦିଅ । ନ ହେଲେ ସୁନା ଗହଣା ଲୁଟି ନେଇଯିବେ। ୨ଜଣ ଅଚିହ୍ନା ଯୁବକ ଜଣେ ମହିଳାଙ୍କୁ ଏଭଳି ଭୃତାଇ ସେ ପିନ୍ଧିଥିବା ଗହଣା ନେଇ ଫେରାର ମାରିଛନ୍ତି। ଧନୁପାଲି ଥାନା ବୁଦ୍ଧ ହିଲର ଜୟଲକ୍ଷ୍ମୀ ରାଓ ଏହି ଲୁଟ୍‌ର ଶିକାର ହୋଇଛନ୍ତି। ଅଭିଯୋଗ ପରେ ପୋଲିସ ୫୮/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଜୟଲକ୍ଷ୍ମୀ ରବିବାର ଅପରାହ୍ନ ୧୨.୩୦ରେ ଗୋଲବଜାରରୁ ସାମଗ୍ରୀ କିଣି ଘରକୁ ରିକ୍ସାରେ ଫେରୁଥିଲେ । ସାକ୍ଷୀପଡା ରାସ୍ତାରେ କିଛି ବାଟ ଗଲାପରେ ୨ ଜଣ ଯୁବକ ବାଇକ୍‌ରେ ଏହି ଏଭଳି କହିଥିଲେ। ଜୟଲକ୍ଷ୍ମୀ ସେମାନଙ୍କୁ ବିଶ୍ୱାସ କରି ଯାହା ଗହଣା ପିନ୍ଧିଥିଲେ ଖୋଲିଦେଇ ସେମାନଙ୍କୁ ଦେଇ ଦେଇଥିଲେ।

### ଆତ୍ମା ଭଗବାନ ଭକ୍ତ ସମ୍ମିଳନୀ

ଟିପିଲିମା, ୧୧।୨ (ଡି.ଏନ.ଏ.)
ବୁର୍ଲା ଥାନା ଆ.କଟାପାଲି ନିକଟସ୍ଥ ଏକ ହୋଟେଲ ପରିସରରେ ପରମ୍ ଜ୍ୟୋତି ଈଶ୍ୱର ଆତ୍ମା ଭଗବାନଙ୍କର ଏକ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କେ ଲକ୍ଷ୍ମଣ ରାଓ, ରମେଶ ସେନାପତି, ଉଦିତ ପାଣିଗ୍ରାହୀ, ଉଷା ଚୌଧୁରୀ, ଚିତ୍ର ସାହୁ, ଶ୍ରୀକାନ୍ତ ଗୌଡ, ଅନୁପ ପଣ୍ଡା, ରିନୀ ଗୁରୁ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି।

### ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ପ୍ରସଙ୍ଗ

# ବୈଠକ ବସିଲା, ନିଷ୍ପତ୍ତି ହୋଇପାରିଲାନି

ସମ୍ବଲପୁର,୧୧।୨(ବ୍ୟୁରୋ)
ସମ୍ବଲପୁର ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ସୋମବାର ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ସଭାପତି ବିଜିତେନ୍ଦ୍ରିୟ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ । ପ୍ରାୟ ୩ ଘଣ୍ଟା ଧରି ବୈଠକ ଚାଲିଥିଲା । ଏଥିରେ ଉପସ୍ଥିତ ଓକିଲମାନେ ନିଜ ନିଜ ମତ ରଖିଥିଲେ । ସରକାରୀ ଅଫିସ ଖୋଲିବା, ଆନ୍ଦୋଳନକୁ କେଉଁ ରୂପରେ ନେବା, କେଉଁ ଅଫିସ ବନ୍ଦ ରହିବ, କେଉଁ ଅଫିସ ଖୋଲାଯିବ, ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ସରକାର କରିଥିବା ବଜେଟ କେତେ ଦୁର ଗ୍ରହଣୀୟ ବୋଲି ମତ ରଖି ଓକିଲମାନେ ଆଲୋଚନା କରିଥିଲେ । ହେଲେ କୌଣସି ନିର୍ଣ୍ଣାୟକ ନିଷ୍ପତି ହୋଇପାରି ନ ଥିଲା। ଆନ୍ଦୋଳନରେ ସମର୍ଥନ କରିଥିବା ବିଭିନ୍ନ ସମାଜିକ ଅନୁଷ୍ଠାନ, ବ୍ୟକ୍ତି ବିଶେଷଙ୍କୁ ନେଇ ଜନମତ ନିଆଯିବ । ପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର ହୋଇଥିଲା। ହେଲେ ସରକାରୀ ଅଫିସ ଓ ଅନୁଷ୍ଠାନଗୁଡିକ ଖୋଲା ଯାଇପାରେ ବୋଲି ଆଶା କରାଯାଉଛି । ଅନ୍ୟପଟେ କୋର୍ଟ କଚେରୀ ସେମିତି ପୂର୍ବଭଳି ବନ୍ଦ



ସମ୍ବଲପୁର ଜିଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ରହିବା ଆଶଙ୍କା ରହିଛି । ଫେବୃୟାରୀ ୨ ତାରିଖ ମୁଖ୍ୟମନ୍ତ୍ରୀଙ୍କ ନବୀନ ପଟ୍ଟନାୟକ ସମ୍ବଲପୁର ଗସ୍ତରେ ଆସିଥିବା ବେଳେ ଓକଲ ସଂଘ ପ୍ରତିନିଧି ଦଳ ଭେଟି ୩ଟି ଦାବି ଉପସ୍ଥାପନ କରିଥିଲେ । ବଜେଟରେ ଅନୁଦାନ ପାରିତ କରିବା, ଏକ କମିଟି ଗଠନ କରିବା ଓ ହାଇକୋର୍ଟର ମତ ପାଇଁ ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରିବା ଦାବି ରହିଥିଲା। ରାଜ୍ୟ ସରକାର ବଜେଟରେ କେବଳ ଟଙ୍କା ଅନୁମୋଦନ କରିଛନ୍ତି । ଏହାକୁ ଓକିଲ ସଂଘ ଓ ଜିଲାବାସୀ ସ୍ୱାଗତ କରିଛନ୍ତି। ସୂଚନାଯୋଗ୍ୟ ଯେ, ପଶ୍ଚିମ ଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି ନେଇ ସେପ୍ଟେମ୍ବର ୫ ତାରିଖଠାରୁ ଆନ୍ଦୋଳନ ଜାରି ରହିଛି । ବିଭିନ୍ନ ଉପାୟରେ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି । ଏପରିକି ନଭେମ୍ବର ୨୯ ଓ ୩୦ ତାରିଖ ୨ ଦିନ ଧରି ମହାବନ୍ଦ ପାଳନ କରାଯାଇଛି। ରେଲରୋକୋ ହୋଇଛି। ଯାତାୟତ ମଧ୍ୟ ଠପ ହୋଇ ପଡିଥିଲା । ଏବେ କଚେରି ଛକରେ ପ୍ରତିଦିନ ରିଲେ ଅନଶନ କରଯାଉଛି।

## ଅଷ୍ଟ୍ରେଲିଆରେ ଭିସୁଟ ଛାତ୍ରଙ୍କ କୃତିତ୍ୱ

ସମ୍ବଲପୁର,୧୧।୨(ବ୍ୟୁରୋ)
ସମ୍ବଲପୁର ବୁର୍ଲା ଭିସୁଟ ଛାତ୍ର ଅପୂର୍ବ ମାସୋକ ଅଷ୍ଟ୍ରେଲିଆରେ କୃତିତ୍ୱ ହାସଲ କରିଛନ୍ତି । ଅଷ୍ଟ୍ରେଲିଆ ବ୍ରିସବେନଠାରେ ଏମଆଇଟି ଶିକ୍ଷା ଅନୁଷ୍ଠାନ ପକ୍ଷରୁ ହେଉଥିବା ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଜାନୁୟାରୀ ୨୯ ଠାରୁ ଫେବୃୟାରୀ ୯ ପର୍ଯ୍ୟନ୍ତ ପ୍ରତିଯୋଗିତା ଚାଲିଥିଲା । ଏହି ପ୍ରତିଯୋଗିତାରେ ୧୮୫ ଦେଶର ୨୫ ହଜାର ପ୍ରତିଯୋଗୀ ଭାଗ ନେଇଥିଲେ। ଅପୂର୍ବଙ୍କ ଏହି ସଫଳତାକୁ ନେଇ ଭିସୁଟ କୁଳପତି ଡ. ଅଟଳ ଚୌଧୁରୀ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେରେ ଖୁସିର ଲହରୀ ଖେଳି ଯାଇଛି । ଅପୂର୍ବଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ସମର୍ଥ ବର୍ମା ଶୁଭେଚ୍ଛା ଜଣାଇଛନ୍ତି । ଅପୂର୍ବ ପୂର୍ବରୁ ମଧ୍ୟ ଭିସୁଟ ଛାତ୍ରମାନେ ଭିଏସଏଲବି ରକେଟ ଓ ସାଟଲାଇଟ ନିର୍ମାଣ କରିଥିବା ଟିମ୍‌ର ଜଣେ ସଦସ୍ୟ।

## ଜାତୀୟସ୍ତରୀୟ ସେମିନାର ପ୍ରସ୍ତୁତି



ସମ୍ବଲପୁର ପବ୍ଲିକ ଲାଇବେରୀରେ ଖବରଦାତା ସମ୍ମିଳନୀ।

ସମ୍ବଲପୁର,୧୧।୨(ବ୍ୟୁରୋ)
ସମ୍ବଲପୁରରେ ପ୍ରଥମ ଥର ଜାତୀୟସ୍ତରର ସେମିନାର ଫେବୃୟାରୀ ୨୨ ଓ ୨୩ ତାରିଖ ଦୁଇ ଦିନ ହେବ । ସମ୍ବଲପୁର ପବ୍ଲିକ ଲାଇବେରୀ ଓ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁର, କେନ୍ଦ୍ରମାନବ ସମ୍ବଳ ବିଭାଗ, ପଣ୍ଡିତ ମଦନ ମୋହନ ମାଲବ୍ୟ ଜାତୀୟ ମିଶନ ଓ ଟ୍ରେନିଂ କେନ୍ଦ୍ର, ରାମାନୁଜ ବିଶ୍ୱବିଦ୍ୟାଳୟ ଦଲୀ ମିଳିତ ଅନୁକୂଲ୍ୟରେ ଏହା ଅନୁଷ୍ଠିତ ହେବ । ଏଥିରେ ଜାତୀୟ ସ୍ତରର ପ୍ରଶିକ୍ଷକ ଯୋଗ ଦେବେ। କେନ୍ଦ୍ର ସଂସ୍କୃତି ବିଭାଗ ଓ ରାଜା ରାମମୋହନ ଲାଇବ୍ରେରୀ କଲିକତା ସହ କେତେକ ଅନୁଷ୍ଠାନ ଆର୍ଥିକ ସହଯୋଗ କରୁଛନ୍ତି । ଏଥିରେ ବିଭିନ୍ନ ରାଜ୍ୟର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ପ୍ରଫେସରମାନ ଭାଗ ନେବେ । ଲାଇବ୍ରେରୀ ଗୁଡିକ ଡିଜିଟାଲ କରାଯିବ। ଏହା କରାଗଲେ କିଭଳି ଲାଭ ହେବ ସେ ଦିଗରେ ସେମିନାର ହେବ । ଏହି ସେମିନାରରେ ବହୁତ କିଛି ଶିଖିବାକୁ ମିଳିବ ବୋଲି ଖବରଦାତା ସମ୍ମିଳନୀରେ ଆୟୋଜକ ସୂଚନା ଦେଇଛନ୍ତି । ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଶ୍ରୀକାନ୍ତ ମହାପାତ୍ର, ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ଆର.ଏନ. ମିଶ୍ର, ପି.କେ. ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

### ଜଙ୍ଗଲରେ ଭାଲୁ ହାବୁଡରେ ପଡିଲେ ଯୁବକ

ସମ୍ବଲପୁର, ୧୧।୨ (ବ୍ୟୁରୋ)
ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କେଶାପାଲି କୋଲ ଗାଁର ଦିଲୁ ମଲ୍ଲିକ (୩୫) ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେ ଘରକୁ ଫେରିଛନ୍ତି। ସୋମବାର ଅପରାହ୍ଣରେ ସେ ଗାଁ ନିକଟସ୍ଥ ଜଙ୍ଗଲକୁ କାଠ ସଂଗ୍ରହରେ ଯାଇଥିବାବେଳେ ଭାଲୁ ହାବୁଡ଼ରେ ପଡିଥିଲେ।

### ବରଯାତ୍ରୀ ଗାଡି ଦୁର୍ଘଟଣାଗ୍ରସ୍ତ: ଯୁବକ ମୃତ, ୫ ଆହତ

ମନମୁଣ୍ଡା, ୧୧।୨ (ଡି.ଏନ.ଏ)
ବୌଦ୍ଧ ଜିଲା ମନମୁଣ୍ଡାଠାରୁ ୨କିମି ଦୂର ବାସୁଦେବପାଲି କ୍ରିଷ୍ଣା ଢ଼ାବା ନିକଟରେ ସୋମବାର ଏକ ବରଯାତ୍ରୀ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଯାଇଛି। ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ଜଣ ଆହତ ହୋଇଛନ୍ତି। ମୃତକ ହେଲେ ସମ୍ବଲପୁର ଜିଲା ମାନେଶ୍ୱରର ବଣ୍ଟି ବେହେରା (୨୮)। ସୂଚନା ଅନୁସାରେ, ସୋମବାର ଅପରାହ୍ନରେ ଉକ୍ତ ବରଯାତ୍ରୀ ଗାଡି ବୁର୍ଲାରୁ ବାଉଁଶୁଣୀ ଥାନା ବ୍ରାହ୍ମଣୀପାଲିକୁ ଯାଉଥିଲା। ବାସୁଦେବପାଲି କ୍ରିଷ୍ଣା ଢ଼ାବା ନିକଟରେ ଅପରାହ୍ନ ପ୍ରାୟ ସାଢ଼େ ୨ଟା ସମୟରେ ବୌଦ୍ଧ ପଟରୁ ଆସୁଥିବା ଟ୍ରକକୁ ଏକ ଡିଜାୟାର ଗାଡି ଓଭରଟେକ୍ କରି ବରଯାତ୍ରୀ ଥିବା ଟାଟା ସୁମୋ (ନଂ. ଓଆର୍୧୪କେ/୩୦୬୯) ଆଡକୁ ମାଡି ଆସିଥିଲା । ଏହା ଦେଖି ବରଯାତ୍ରୀ ଗାଡି ବ୍ରେକ ଦେବାରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଓଲଟି ପଡିଲା । ଫଳରେ ସମ୍ବଲପୁର ଜିଲା ମାନେଶ୍ୱରର ବଣ୍ଟିଙ୍କ ମୃତ୍ୟୁ ହୋଇଥିଲା। ସେଥିରେ ବସିଥିବା ମାନେଶ୍ୱର ସୋନୁ ଦେହୁରୀ, ରେଙ୍ଗାଲିର ଦେବଦତ୍ତ ମିଶ୍ର, କଣ୍ଟାପାଲିର ସଙ୍କେତ ସର, ମାଧବ ପାଲମାନେ କ୍ଷତାକ୍ତ ହୋଇଛନ୍ତି । ମନମୁଣ୍ଡା ସିଏଚସିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା ।

## କ୍ରିକେଟ ଟୁର୍ନାମେଣ୍ଟ: ଏଭେଞ୍ଜର୍ସ ବିଜୟୀ

ସମ୍ବଲପୁର,୧୧।୨ (ବ୍ୟୁରୋ)
ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୪ ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଆଭେଞ୍ଜର୍ସ ଓ ସିଲଡ ମଧ୍ୟରେ ହୋଇଥିଲା । ଏଥିରେ ଆଭେଞ୍ଜର୍ସ ଦଳ ବିଜୟୀ ହୋଇଥିଲା । ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ବିଶ୍ୱବିଦ୍ୟାଳୟ କୁଳପତି ଡ. ଅତନୁ କୁମାର ପତି ଓ ସମ୍ମାନୀୟ ଅତିଥି ଭାବେ ଉପ କୁଳସଚିବ ଉମା ଶଙ୍କର ପତି ଯୋଗ ଦେଇ ବିଜୟୀ ଓ ଉପ ବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ହର୍ଷ ସାହୁ, ରାଜଗୋପାଳ ଚୌଧୁରୀ, ଟୁନା ବାରିକ ଅମ୍ପାୟର ରହିଥିଲେ । ସେହପରି ସୁଧାଂଶୁ ଆଚାର୍ଯ୍ୟ, ଚୁମନ ପ୍ରଧାନ, ଶିଭମ ଅଗ୍ରୱାଲ ସ୍କୋର ବୋର୍ଡ ଦାୟିତ୍ୱରେ ଥିଲେ । ପୂର୍ଣ୍ଣଦର୍ଶନ ବିଶ୍ୱାଳ, ନକୁଲ ବିଶ୍ୱାଳ, ଉତ୍ସବ ମହାପାତ୍ର, ଚିଣ୍ଟୁ ଭୋଇ ପ୍ରମୁଖ ସହଯୋଗ କରିଥିଲେ।



ସମ୍ବଲପୁର ଜିଏମ୍ୟୁ ପଡିଆରେ ହେଉଥିବା କ୍ରିକେଟ ମ୍ୟାଚରେ ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରାଯାଉଛି।

# ନିର୍ବାଚନ ଇସ୍ତାହାରରେ ଜନମତ ଲୋଡିବ ଭାଜପା

ସମ୍ବଲପୁର,୧୧।୨(ବ୍ୟୁରୋ)
ସାଧାରଣ ନିର୍ବାଚନ ଇସ୍ତାହାର ପାଇଁ ଭାଜପା ଦଳ ଜନମତ ଲୋଡିବ । ସେମାନଙ୍କ ସହଭାଗିତାରେ ଇସ୍ତାହାର ପ୍ରସ୍ତୁତ ହେବ । ସାଧାରଣ ଓ ମୌଳିକ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ । ଘର, ପାନୀୟଜଳ, ବିଜୁଳି, ଗମନା ଗମନ ସୁବିଧାକୁ ଆଖି ଆଗରେ ରଖାଯିବ ବୋଲି ଏକ ଖବରଦାତା ସମ୍ମିଳନୀରେ ଭାଜପା ନେତା ସୁରେଶ ପୂଜାରୀ କହିଛନ୍ତି। ଓଡିଶାର ବିକାଶ ହୋଇ ନାହିଁ । ବେକାରୀ ସମସ୍ୟା ଉତ୍କଟ ହୋଇ ପଡିଛି । ଅନେକ ଗ୍ରାମରେ ଆଜି ମଧ ପାଳ,ନଡା ଘରେ ଲୋକ ମାନେ ରହୁଛନ୍ତି । ହେଲେ କେନ୍ଦ୍ର ସରକାର ୫ ବର୍ଷରେ ଓଡିଶାକୁ ୧୭ ଲକ୍ଷ ୯୯ ହଜାର ପକ୍କା ଘର ବ୍ୟବସ୍ଥା କରିଛନ୍ତି । ଆସନ୍ତା ୨୦୨୨ ମସିହାରେ କେନ୍ଦ୍ରରେ ଭାଜପା ସରକାର ଆସିଲେ ସବୁ ଗ୍ରାମରେ ଗରିବ ଲୋକମାନଙ୍କୁ ପକ୍କାଘର ମିଳିବ । ଏହା ସହ ବିଜୁଳି, ପାଣି, ପାଇଖାନା ବ୍ୟବସ୍ଥା କରାଯିବ । କେନ୍ଦ୍ର ସରକାର ରାଜ୍ୟକୁ ପ୍ରଚୁର ଟଙ୍କା ପ୍ରଦାନ କରୁଛନ୍ତି । ହେଲେ ସେ ଟଙ୍କା ଖର୍ଚ୍ଚ ହୋଇ ପାରୁନାହିଁ। ରାଜ୍ୟ ସରକାର ବାଧକ ସାଜୁଛନ୍ତି । ଓଡିଶାରେ ପ୍ରକୃତିକ ସମ୍ପଦ, ଜଳ ସମ୍ପଦ, ଜଙ୍ଗଲ ସମ୍ପଦ ସହିତ ଓଡିଶାବାସୀ ପରିଶ୍ରମୀ। ହେଲେ ରୋଜଗାର ପାଇଁ ବାହାରକୁ ଯାଉଛନ୍ତି । ଯଦି ରାଜ୍ୟରେ ଭାଜପା ସରକାର ଆସେ ତାହା ହେଲେ ଏହି ସମସ୍ୟା ଦୂର ହୋଇଯିବ ବୋଲି ସୁରେଶ କହିଛନ୍ତି। ଅନ୍ୟମାନଙ୍କ ମଧରେ ଜିଲା ସଭାପତି ରାମଚନ୍ଦ୍ର ମେହେର, ମିଡିଆ ପ୍ରଭାରୀ ମାନସ ବକ୍ସି ଉପସ୍ଥିତ ରହିଥିଲେ ।




ଖବରଦାତା ସମ୍ମିଳନୀରେ ସୁରେଶ ପୂଜାରୀ ଓ ଅନ୍ୟମାନେ ।

## ଫୁଟବଲ ଟୁର୍ନାମେଣ୍ଟ: ସମ୍ବଲପୁର ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ



ରବିବାର ସମ୍ବଲପୁର ଫୁଟବଲ ଏକାଡେମୀରେ ଅତିଥିଙ୍କ ସହ ଖେଳାଳିମାନେ ।

ସମ୍ବଲପୁର, ୧୧।୨ (ବ୍ୟୁରୋ)
ଆନ୍ତଃ ଏକାଡେମୀ ଫୁଟବଲ ଟୁର୍ନାମେଣ୍ଟ ସୋମବାର ମ୍ୟାଚରେ ସମ୍ବଲପୁର ଫୁଟବଲ ଏକାଡେମୀ ଓ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ କୌଣସି ଦଳ ଗୋଲସ୍କୋର କରିପାରିନଥିଲେ। ଫଳର ଟାଇବ୍ରେକର ପଦ୍ଧତି ନିଆଯାଇଥିଲା। ଏଥିରେ ୩-୦ରେ ସମ୍ବଲପୁର ଫୁଟବଲ ଏକାଡେମୀକୁ ହରାଇ ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ ହୋଇଥିଲା । ସୋମବାର ମ୍ୟାଚରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ଜିଲା କ୍ରୀଡା ସଂଘ ସମ୍ପାଦକ ଦୁଲାଲଚନ୍ଦ୍ର ପ୍ରଧାନ, କୌଲ୍ୟାଣ ଚୁବେ, ଭାଜପା ନେତା ନାଉରୀ ନାଏକ ଯୋଗ ଦେଇଥିଲେ । ସୁବ୍ରତ ପୁରୋହିତ, ସଲୀଲ ବେହେରା, ସହଦେବ ବେହେରା, ଅଶୋକ ପଣ୍ଡା, କୌଶିକ ଭୋଇ, ରେଫରି ଦାୟିତ୍ୱ ତୁଲାଇଥିଲେ ।

## କାର୍ଯ୍ୟରେ ଯୋଗ ଦେଲେ ନୂଆ ଜିଲାପାଳ

ସମ୍ବଲପୁର,୧୧।୨(ବ୍ୟୁରୋ)
ସମ୍ବଲପୁର ଜିଲାପାଳ ଭାବେ ଶୁଭମ ସକସେନା ସୋମବାର ଯୋଗ ଦେଇଛନ୍ତି । ସମ୍ବଲପୁରର ଅନେକ ବିକାଶମୂଳକ କାମ ଚାଲୁଛି। ସେଗୁଡିକ ତ୍ୱରାନ୍ୱିତ କରାଯିବ। ଆଗରେ ସାଧାରଣ ନିର୍ବାଚନ ରହିଛି। ଏଣୁ ଏକ ବଡ ଦାୟିତ୍ୱ ରହିଛି। ତେଣୁ କିପରି ସ୍ୱଚ୍ଛ ଓ ଶୃଙ୍ଖଳିତ ନିର୍ବାଚନ ହେବ ସେ ଦିଗରେ ଗୁରୁତ୍ୱ ଦେବେ ବୋଲି ସକସେନା କହିଛନ୍ତି। ତେବେ କାର୍ଯ୍ୟରେ ଯୋଗଦାନ ପୂର୍ବରୁ ସେ ଏଠାରେ ଜିଲାପାଳ ଥିବା (ଏବେ ଭୁବନେଶ୍ୱର ମହାନଗର ନିଗମ କମିଶନର ଭାବେ ବଦଳି ହୋଇଛନ୍ତି) ସମର୍ଥ ବର୍ମାଙ୍କ ସହ ମା' ସମଲେଇଙ୍କୁ ଦର୍ଶନ କରିଥିଲେ। ପରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ନୂଆ ଜିଲାପାଳଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ। ଅନ୍ୟପକ୍ଷେ ସମର୍ଥ ବର୍ମାଙ୍କୁ ଅନେକ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଭେଟି ବିଦାୟ ସମ୍ବର୍ଦ୍ଧନା ଦେବା ସହ ଶୁଭକାମନା ଜଣାଇଛନ୍ତି।



ସମ୍ବଲପୁର ଜିଲାପାଳ ଭାବେ ଯୋଗଦାନ କରିଥିବା ଶୁଭମ ସକସେନା (ଡାହାଣ) ଓ ପୂର୍ବତନ ଜିଲାପାଳ ସମର୍ଥ ବର୍ମା ।

# ମୌଳିକ ସୁବିଧା, ସୁଯୋଗ ଦାବି କଲେ ଆଇନଜୀବୀ

କୁଚିଣ୍ଡା,୧୧।୨(ଡି.ଏନ.ଏ)
ଅଖିଳ ଭାରତୀୟ ଓକିଲ ସଂଘର ନିଷ୍ପତ୍ତି କ୍ରମେ ସୋମବାର କୁଚିଣ୍ଡା ଓକିଲ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକଙ୍କୁ ପ୍ରଦାନ କରାଯାଇଥିଲା। ଓକିଲ ସଂଘର ସଭାପତି ରବୀନ୍ଦ୍ର ନାୟକ, ଉପସଭାପତି ପ୍ରଫୁଲ୍ଲ ବାରିକ, ସାଧାରଣ ସମ୍ପାଦକ ବରାଦାନନ୍ଦ ଶର୍ମା ପ୍ରମୁଖଙ୍କ ନେତୃତ୍ୱରେ ଓକିଲ ସଂଘର ସଦସ୍ୟମାନେ ସ୍ଥାନୀୟ ବାର ଆସୋସିଏସନ୍‌ଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଉପଜିଲାପାଳ ନାୟକଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ଦାବିପତ୍ରରେ ଓକିଲ ମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ, ଇଲାଇବ୍ରେରୀ, ଶୌଚାଳୟ ଇତ୍ୟାଦିର ବ୍ୟବସ୍ଥା କରିବା, ନୂତନ ଭାବେ ଓକିଲାତି ପେସା ଗ୍ରହଣ କରୁଥିବା ଓକିଲଙ୍କ ପାଇଁ ମାସିକ ୧୦ ହଜାର ଟଙ୍କାର ଷ୍ଟାଇପେଣ୍ଡ ବ୍ୟବସ୍ଥା କରିବା, ସମସ୍ତ ଓକିଲଙ୍କ ପାଇଁ ଉପଯୁକ୍ତ ପରିମାଣର ବୀମା ସୁବିଧା ପ୍ରଦାନ କରିବା ଇତ୍ୟାଦି ଦାବି ଅନ୍ତର୍ଭୁକ୍ତ ରହିଛି ।

**ସମ୍ବଲପୁର,(ବ୍ୟୁରୋ)**-ଅଲ୍ ଇଣ୍ଡିଆ ବାର କାଉନସିଲର ୨ ଦିନିଆ ଧର୍ମଘଟ ଡାକରାରେ ସମ୍ବଲପୁର ଓକିଲ ମଧ୍ୟ ସଂଘ ସାମିଲ ହୋଇଛି। ସଭାପତି ବିଜିତେନ୍ଦ୍ରିୟ ପ୍ରଧାନଙ୍କ ନେତୃତ୍ୱରେ ସୋମବାର ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶରେ ଉପଜିଲାପାଳ ପ୍ରଦୀପ ସାହୁ ଓ ଓ ପ୍ରଥମ ଅତିରିକ୍ତ ଜିଲା ଜଜ ଆନନ୍ଦ ନାରାୟଣ ମହାର୍ନାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ପାଦକ ପ୍ରବୀର ସିଂଦେଓ ଓ ସୁରେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ସମ୍ବଲପୁର ଜିଲା ଓକିଲ ସଂଘ ପ୍ରତିନିଧି ଦଳ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଧରିତ୍ରୀ
DHARITRI
ମଙ୍ଗଳବାର, ୧୨ ଫେବୃୟାରୀ, ୨୦୧୯



"ଚୌକିଦାରଙ୍କ ସ୍ୱାର୍ଥ ପାଇଁ ସାଧୁତା, ଜାତୀୟ ସ୍ୱାର୍ଥ ଏବଂ ଦେଶର ନିରାପତ୍ତା ସହ ସାଲିସ କରାଯାଇପାରେ ।
- ମାୟାବତୀ, ବିଏସ୍‌ପି ଅଧ୍ୟକ୍ଷା



# ୟୁପିରେ କଂଗ୍ରେସର ଶକ୍ତି ପ୍ରଦର୍ଶନ

## ପ୍ରିୟଙ୍କାଙ୍କ ମେଗା ରୋଡ୍ ଶୋ
## ରାହୁଲ, ଜ୍ୟୋତିରାଦିତ୍ୟ ସାମିଲ



ଲକ୍ଷ୍ନୌ,୧୧।୨

ଲୋକ ସଭା ନିର୍ବାଚନ ପୂର୍ବରୁ ସର୍ବବୃହତ୍ ତଥା ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତରପ୍ରଦେଶରେ ସୋମବାର କଂଗ୍ରେସ ଶକ୍ତି ପ୍ରଦର୍ଶନ କରିଛି । ପୂର୍ବ ଉତ୍ତରପ୍ରଦେଶ ପାଇଁ ଦଳର ମହାସଚିବ ନିଯୁକ୍ତ ହେବା ପରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରଥମ ଥର ଉତ୍ତରପ୍ରଦେଶ ଗସ୍ତରେ ଯାଇଥିବାବେଳେ ତାଙ୍କୁ ଲକ୍ଷ୍ନୌରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ବିମାନ ବନ୍ଦରରୁ ପ୍ରିୟଙ୍କାଙ୍କୁ ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଖାପାଖି ୨୫ କିଲୋମିଟର ମେଗା ରୋଡ୍ ଶୋ'ରେ ନିଆଯାଇଥିଲା । ଏଥିରେ ଲକ୍ଷାଧିକ ଦଳୀୟ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ । ଏହି ରୋଡ୍ ଶୋ'ରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପଶ୍ଚିମ ଉତ୍ତରପ୍ରଦେଶ ଦାୟିତ୍ୱରେ ଥିବା ଦଳର ସାଧାରଣ ସମ୍ପାଦକ ଜ୍ୟୋତିରାଦିତ୍ୟ ସିନ୍ଧିଆ, ପ୍ରଦେଶ କଂଗ୍ରେସ ସଭାପତି ରାଜ ବବର ମଧ୍ୟ ଉପସ୍ଥିତ ଥିଲେ । ସକ୍ରିୟ ରାଜନୀତିରେ ପ୍ରଦାର୍ପଣ କରିଥିବା ପ୍ରିୟଙ୍କାଙ୍କୁ ଦେଖିବା ଲାଗି ଲୋକମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପ୍ରକାଶ ପାଇଥିଲା ।

ଆସନ୍ତୁ ନୂଆ ଭବିଷ୍ୟତ ଗଢ଼ିବା ବୋଲି ପ୍ରିୟଙ୍କା ଆହ୍ୱାନ ଦେଇଥିଲେ । କଂଗ୍ରେସ ୟୁପିରୁ ଏହାର ପ୍ରଚାର ଅଭିଯାନ ଆରମ୍ଭ କରିଛି । ଦଳ ଏଠାରେ ଦୁର୍ବଳ ରହିପାରିବ ନାହିଁ । ପ୍ରିୟଙ୍କା ଏବଂ ଜ୍ୟୋତିରାଦିତ୍ୟ ୟୁପିରେ ଦଳକୁ ପୁଣି ଥରେ ମଜଭୁତ କରିବେ । କଂଗ୍ରେସ ଉତ୍ତରପ୍ରଦେଶରେ ସରକାର ଗଢ଼ିବ ବୋଲି ରାହୁଲ କହିଛନ୍ତି । ସବୁଠୁ ଜନବହୁଳ ରାଜ୍ୟ ୟୁପିରେ କଂଗ୍ରେସ ଏକାକୀ ଲଢ଼ିବ ବୋଲି ସେ ଦୋହରାଇଥିଲେ ।

ରାହୁଲ ରାଫାଲ ପ୍ରସଙ୍ଗକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ରମାଗତ ଭାବେ ଟାର୍ଗେଟ କରି ଚାଲିଥିବାବେଳେ ରୋଡ ଶୋ'ରେ ମଧ୍ୟ ସେହି ପ୍ରସଙ୍ଗ ଉଠାଇଥିଲେ । ପ୍ରତି ଚୁକ୍ତିନାମାରେ ଦୁର୍ନୀତି ରୋକିବା ଲାଗି ସର୍ତ୍ତାବଳୀ ରଖାଯାଇଥାଏ । ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ଲାଭବାନ କରିବା ଲାଗି ମୋଦି ଉକ୍ତ ଦୁର୍ନୀତିନିରୋଧୀ ଧାରାକୁ ବାଦ୍ ଦେଇଥିବା ରାହୁଲ କହିଥିଲେ । ପ୍ରଧାନମନ୍ତ୍ରୀ କୃଷକଙ୍କୁ ଅଣଦେଖା କରି ଶିଳ୍ପପତିମାନଙ୍କୁ ଅନୁକମ୍ପା ଦେଖାଇଛନ୍ତି । ଚୌକିଦାର ହୋଇ ଦେଶର ସମ୍ପତ୍ତିକୁ ଜଗିବେ ବୋଲି କହିଥିବା ମୋଦି ଶିଳ୍ପପତିମାନଙ୍କୁ ୩.୫ ଲକ୍ଷ କୋଟି ଟଙ୍କା ଋଣ ଛାଡ଼ କରିଛନ୍ତି ବୋଲି ରାହୁଲ କହିଥିଲେ ।

୨୦୧୪ ଲୋକ ସଭା ନିର୍ବାଚନରେ କଂଗ୍ରେସ ୟୁପିରେ ୨ଟି ଆସନ ଜିତିଥିଲା । କିଛି ଦିନ ପୂର୍ବରୁ ଶେଷ ହୋଇଥିବା ୩ ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହୋଇ ସରକାର ଗଢ଼ିବା ରାହୁଲଙ୍କର ବଡ଼ ସଫଳତା ଥିଲା । ତାଙ୍କ ପ୍ରତି ଜନସମର୍ଥନ ବୃଦ୍ଧି ପାଇଛି । ଆଗାମୀ ନିର୍ବାଚନରେ ଭାଜପାକୁ କ୍ଷମତାରୁ ହଟାଇବା ପାଇଁ ରାହୁଲ ଅଣ୍ଟା ଭିଡିଥିବାବେଳେ ବିଭିନ୍ନ ଦଳ ସହ ମେଣ୍ଟ ଯୋଜନାରେ ଅଛନ୍ତି । ତେବେ ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଏବଂ ବହୁଜନ ସମାଜ ପାର୍ଟି ଅଧ୍ୟକ୍ଷା ମାୟାବତୀ କଂଗ୍ରେସକୁ ବାଦ୍ ଦେଇ ମେଣ୍ଟ କରିବା ଫଳରେ ଉକ୍ତ ରାଜ୍ୟରେ ଦଳର ଶକ୍ତି ବୃଦ୍ଧି ପାଇଁ ରାହୁଲ ଭଉଣୀ ପ୍ରିୟଙ୍କା ଏବଂ ଯୁବନେତା ଜ୍ୟୋତିରାଦିତ୍ୟଙ୍କୁ ଉକ୍ତ ରାଜ୍ୟର ଦାୟିତ୍ୱ ଦେଇଛନ୍ତି ।

# ରାଫାଲ ଚୁକ୍ତିନାମାରୁ ଦୁର୍ନୀତି ନିରୋଧୀ ସର୍ତ୍ତ ବାଦ୍




ନୂଆଦିଲ୍ଲୀ,୧୧।୨(ପି.ଟି.)

ଫ୍ରାନ୍ସରୁ ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିନାମାରେ ଦୁର୍ନୀତି ଅଭିଯୋଗକୁ ଖଣ୍ଡନ କରିଆସୁଥିବା ଏନ୍‌ଡିଏ ସରକାର ଆଉ ଏକ ଅଭିଯୋଗରେ ଛନ୍ଦିହୋଇଯାଇଛନ୍ତି । ଏଭଳି ଏକ ସମ୍ବେଦନଶୀଳ ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷର ପୂର୍ବରୁ ସେଥିରୁ ଦୁର୍ନୀତି ନିରୋଧୀ ସର୍ତ୍ତ ଏବଂ ଏସ୍‌କ୍ରୋ ଆକାଉଣ୍ଟ (ତୃତୀୟ ପକ୍ଷ ଆକାଉଣ୍ଟ) ବ୍ୟବସ୍ଥାକୁ ବାଦ୍ ଦିଆଯାଇଥିବା ଏକ ଇଂରାଜୀ ଖବରକାଗଜରେ ପ୍ରକାଶ ପାଇବା ପରେ ବିରୋଧୀ ପୁଣି ନରେନ୍ଦ୍ର ମୋଦି ସରକାରକୁ ଟାର୍ଗେଟ କରିଛନ୍ତି । ଯୁଦ୍ଧବିମାନ ନିର୍ମାଣକାରୀ କମ୍ପାନୀ ଡାସଲ୍ଟ ଆଭିଏଶନକୁ ସରକାରଙ୍କ ପକ୍ଷରୁ ଏହା ଅଭୂତପୂର୍ବ ଅନୁକମ୍ପା ବୋଲି ରିପୋର୍ଟରେ ଦର୍ଶାଯାଇଛି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଫ୍ରାନ୍ସ ସହ ଏକ ସମାନ୍ତରାଳ ବୁଝାମଣା କରିଥିବାବେଳେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହାର ବିରୋଧ କରିଥିବା ପୂର୍ବରୁ ଉକ୍ତ ଖବରକାଗଜ ପ୍ରକାଶ କରିଥିଲା । ରିପୋର୍ଟ ଅନୁଯାୟୀ ଯୋଗାଣ ନିୟମାବଳୀରୁ ଅନାବଶ୍ୟକ ହସ୍ତକ୍ଷେପ, ଏଜେଣ୍ଟ କିମ୍ବା ଏଜେନ୍ସୀ କମିଶନ ପାଇଁ ଦଣ୍ଡବିଧାନ ଆଦି ପ୍ରତିରକ୍ଷା ସାମଗ୍ରୀ କିଣା ପ୍ରକ୍ରିୟାର ଧାରାକୁ ବାଦ୍ ଦିଆଯାଇଛି । ୨୦୧୬ ସେପ୍ଟେମ୍ବର ୨୩ରେ ଭାରତ ଓ ଫ୍ରାନ୍ସ ମଧ୍ୟରେ ଆନ୍ତଃସରକାରୀ ରାଜିନାମା ସ୍ୱାକ୍ଷର ହୋଇଥିଲା, ଯେଉଁଥିରେ ଡାସଲ୍ଟ ରାଫାଲ ବିମାନର ଯୋଗାଣକାରୀ ଏବଂ ଏମ୍‌ବିଡିଏ ଫ୍ରାନ୍ସ ଭାରତୀୟ ବାୟୁସେନାକୁ ଅସ୍ତ୍ର ପ୍ୟାକେଜ୍ ଯୋଗାଣକାରୀ ବୋଲି ଉଲ୍ଲେଖ କରାଯାଇଥିଲା । ଶେଷ ମୁହୂର୍ତ୍ତରେ ଏଥିରେ ପରିବର୍ତ୍ତନ କରାଯାଇଥିଲା । ଦୁର୍ନୀତି ନିରୋଧୀ ସର୍ତ୍ତାବଳୀ ବାଦ୍ ଦେବା ପଛରେ କ'ଣ ସ୍ୱାର୍ଥ ଥିଲା ବୋଲି ପ୍ରଶ୍ନ ଉଠିଛି ।

# ଅଡିଓ କ୍ଲିପ୍ ମାମଲା: ଏସ୍‌ଆଇଟି ତଦନ୍ତ ଘୋଷଣା କଲେ କୁମାରସ୍ୱାମୀ

ବେଙ୍ଗାଲୁରୁ,୧୧।୨(ପି.ଟି.)

କର୍ନାଟକରେ ଜେଡିଏସ୍-କଂଗ୍ରେସ ମେଣ୍ଟ ସରକାରରେ ଅସ୍ଥିରତା ସୃଷ୍ଟି ପାଇଁ ଭାଜପା ଚକ୍ରାନ୍ତ ଚଳାଇଥିବା କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି କୁମାରସ୍ୱାମୀ ଅଭିଯୋଗ କରିଆସୁଥିବାବେଳେ ଜଣେ ଜେଡିଏସ୍ ବିଧାୟକଙ୍କ ସହ ରାଜ୍ୟ ଭାଜପା ମୁଖ୍ୟ ୟେଦୁରାପ୍ପାଙ୍କ ଅଡିଓ ବାର୍ତ୍ତାଳାପର ଏସ୍‌ଆଇଟି ତଦନ୍ତ ଘୋଷଣା କରିଛନ୍ତି । ଏହି ଅଡିଓ କ୍ଲିପ୍‌ରେ କର୍ନାଟକ ବିଧାନସଭା ବାଚସ୍ପତି ରମେଶ କୁମାରଙ୍କ ନାମ ନିଆଯାଇଛି । ଭାଜପାରେ ସାମିଲ୍ ହେବାକୁ ଚାହୁଁଥିବା ବିଧାୟକଙ୍କ ସପକ୍ଷରେ ନିଷ୍ପତ୍ତି ରଖିବା ପାଇଁ ୟେଦୁରାପ୍ପା ତାଙ୍କୁ ୫୦ କୋଟିର ପ୍ରଲୋଭନ ଦେଇଥିବା ସେଥିରେ ଉଲ୍ଲେଖ ରହିଛି । ଏହା ବାଚସ୍ପତିଙ୍କ ପଦ ମର୍ଯ୍ୟାଦା ପ୍ରତି ଶକ୍ତ ଆଘାତ



ହୋଇଥିବାରୁ ତାଙ୍କର ପରାମର୍ଶ କ୍ରମେ ସୋମବାର ବିଧାନସଭାରେ କୁମାରସ୍ୱାମୀ ଅଡିଓ କ୍ଲିପ୍‌ର ନିରପେକ୍ଷ ତଦନ୍ତ ନେଇ ଏସ୍‌ଆଇଟି ଗଠନ ନିର୍ଦ୍ଦେଶ ଦେଇଛନ୍ତି । ୧୫ ଦିନ ମଧ୍ୟରେ ତଦନ୍ତ ଶେଷ କରିବାକୁ ବାଚସ୍ପତି ରମେଶ କୁମାର କହିଛନ୍ତି । ତେବେ ସରକାରଙ୍କ ଏସ୍‌ଆଇଟି ତଦନ୍ତ ଉପରେ ଭରସା ନ ଥିବା କହି ଭାଜପା ସଦସ୍ୟମାନେ ଏହାକୁ ବିରୋଧ କରିଛନ୍ତି ।

# ନିର୍ବାଚନୀ ପାଣ୍ଠିର ସ୍ୱଚ୍ଛତା ଲାଗି ଶାହଙ୍କ ଆହ୍ୱାନ

ନୂଆଦିଲ୍ଲୀ,୧୧।୨(ପି.ଟି.)



ନିର୍ବାଚନୀ ପାଣ୍ଠିର ସ୍ୱଚ୍ଛତା ଉପରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଜୋର ଦେଇଛନ୍ତି । କଳାଧନ ରଖିଥିବା ବିଲ୍ଡର, ଠିକାଦାର ଓ ଶିଳ୍ପପତିଙ୍କ ପୁଞ୍ଜିରେ ନୁହେଁ କର୍ମୀମାନଙ୍କ ଚାନ୍ଦାରେ ଦଳ ଚାଲିବା ଉଚିତ ବୋଲି ସେ କହିଛନ୍ତି । ଦଳୀୟ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ଶାହ କହିଥିଲେ, ସାଧୁତା ମାର୍ଗରେ ଭାଜପା ଅନ୍ୟ ଦଳଗୁଡିକୁ ଦିଗ୍‌ଦର୍ଶନ ଦେବାର ଦାୟିତ୍ୱ ନେବା ଉଚିତ । ନମୋ ଆପ୍ ମାଧ୍ୟମରେ ପ୍ରତି ବୁଥ୍‌ରୁ ଦୁଇ ଜଣ କର୍ମୀ ୧୦୦୦ ଟଙ୍କା ଦାନ କରିବା ଲାଗି ସେ ଆହ୍ୱାନ ଦେଇଥିଲେ । ନିର୍ବାଚନୀ ଖର୍ଚ୍ଚ କିପରି କମାଯାଇପାରିବ ସେନେଇ ସର୍ବସାଧାରଣରେ ଆଲୋଚନା ହେବା ଉଚିତ ବୋଲି ଶାହ କହିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଶାହା ଦଳୀୟ ପାଣ୍ଠିକୁ ଏହି ଅବସରରେ ୧୦୦୦ ଟଙ୍କା ଦାନ କରିଥିଲେ ।

## ସଂକ୍ଷେପରେ

### ଅନ୍ତରୀଣ ବଜେଟ ଲୋକ ସଭାରେ ଗୃହୀତ



**ନୂଆଦିଲ୍ଲୀ,୧୧।୨**-କଂଗ୍ରେସ ଏବଂ ବାମଦଳ ସଦସ୍ୟମାନଙ୍କ କକ୍ଷତ୍ୟାଗ ମଧ୍ୟରେ ଲୋକ ସଭାରେ ସୋମବାର ଅନ୍ତରୀଣ ବଜେଟ ଗୃହୀତ ହୋଇଯାଇଛି । ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଫେବୃୟାରୀ ୧ରେ ଏହି ବଜେଟ ଉପସ୍ଥାପନ କରିଥିଲେ । ବଜେଟରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବର୍ଷକୁ ୬୦୦୦ ଟଙ୍କା ପଠାଇବା ଲାଗି ବ୍ୟବସ୍ଥା ହୋଇଛି । ଆୟକର ଛାଡ଼ ସୀମାକୁ ୨.୫ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ବିରୋଧୀ ଦଳଗୁଡ଼ିକର ଜୋରଦାର ପ୍ରତିବାଦ ମଧ୍ୟରେ ଗୋୟଲ ବିନିଯୋଗ ବିଲ୍ ଏବଂ ଅର୍ଥ ବିଲ୍ ଆଗତ କରିଥିଲେ । ଅର୍ଥମନ୍ତ୍ରୀ ଉତ୍ତର ରଖିବା ପରେ ବାଚନିକ ଭୋଟରେ ବିଲ୍ ଗୃହୀତ ହୋଇଥିଲା । ସମାଜର ସବୁ ବର୍ଗର ଲୋକଙ୍କ ପାଇଁ ସରକାର କାର୍ଯ୍ୟ କରୁଛନ୍ତି ଏବଂ ବଜେଟରେ ସମସ୍ତଙ୍କ ହିତକୁ ଦୃଷ୍ଟି ଦିଆଯାଇଛି । ଗରିବ, କୃଷକ ଏବଂ ମଧ୍ୟବିତ୍ତଙ୍କୁ ବଜେଟରେ ସରକାର ପ୍ରାଥମିକତା ଦେଇଥିବା ଗୋୟଲ କହିଥିଲେ ।

### ବିକାନେର ଜମି ଦୁର୍ନୀତି ମାମଲା
### ଜେରା ପାଇଁ ଜୟପୁରରେ ରବର୍ଟ

**ନୂଆଦିଲ୍ଲୀ,୧୧।୨(ପି.ଟି.)**-ବିଦେଶରେ ସମ୍ପତ୍ତି କ୍ରୟରେ ହୋଇଥିବା ଅନୈତିକ ଅର୍ଥ କାରବାର ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଭିଣୋଇ ରବର୍ଟ ଭଦ୍ରା ଗତ ସପ୍ତାହରେ ତୃତୀୟଥର ସ୍ଥାନୀୟ ଇଡି କାର୍ଯ୍ୟାଳୟରେ ଜେରାର ସମ୍ମୁଖୀନ ହୋଇଥିବା ବେଳେ ରାଜସ୍ଥାନର ବିକାନେର ଜମି କିଣା ଦୁର୍ନୀତି ମାମଲାରେ ତଦନ୍ତରେ ସହଯୋଗ କରିବାକୁ ତାଙ୍କ ମା' ମୌରିନଙ୍କ ସହ ସେ ଜୟପୁର ଗସ୍ତ କରିଛନ୍ତି । ରାଜସ୍ଥାନ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଜୟପୁରର ଭବାନୀ ସିଂ ରୋଡସ୍ଥିତ ଇଡି କାର୍ଯ୍ୟାଳୟରେ ଭଦ୍ରା ଏବଂ ତାଙ୍କ ମା' ହାଜର ହେବେ । ଏହି ମାମଲାରେ ଭଦ୍ରାଙ୍କ ସ୍କାଏଲାଇଟ କମ୍ପାନୀ ପ୍ରାଇଭେଟ୍ ଲି.ର ଅନ୍ୟ ସହଯୋଗୀମାନଙ୍କୁ ତଦନ୍ତରେ ସହଯୋଗ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

### 'ଶସ୍ତା ରାଜନୀତି କରୁଛି କଂଗ୍ରେସ'

**ନୂଆଦିଲ୍ଲୀ,୧୧।୨(ପି.ଟି.)**-ଜାତିପ୍ରଥାକୁ ନେଇ ତାଙ୍କର ବୟାନକୁ ପ୍ରସଙ୍ଗ କରି କଂଗ୍ରେସ ଶସ୍ତା ରାଜନୀତି ଚଳାଇଛି ଏବଂ ଘୃଣାକୁ ପ୍ରୋତ୍ସାହନ ଦେଉଛି ବୋଲି କେନ୍ଦ୍ର ମନ୍ତ୍ରୀ ନୀତୀନ ଗଡ଼କରୀ କହିଛନ୍ତି । ନିକଟରେ ପୁଣେର ଏକ ଜନସଭାକୁ ସମ୍ବୋଧିତ କରି ଜାତିପ୍ରଥା ଉପରେ ଗଡ଼କରୀ ବିବାଦୀୟ ମନ୍ତବ୍ୟ ରଖିଥିଲେ । ଜାତିପ୍ରଥାରେ ସେ ବିଶ୍ୱାସ କରୁ ନ ଥିବା କହିଥିଲେ । ମୋ ନିର୍ବାଚନ ମଣ୍ଡଳୀରେ ଜାତିର କୌଣସି ସ୍ଥାନ ନାହିଁ । ଯିଏ ଏ ବିଷୟରେ ଚର୍ଚ୍ଚା କରିବ ସେ



ତାଙ୍କୁ ଚାପୁଡ଼ା ମାରିବେ ବୋଲି ସୂଚାଇଥିଲେ । ତାଙ୍କର ଏଭଳି ମନ୍ତବ୍ୟକୁ ନେଇ ଚର୍ଚ୍ଚା ଜୋର୍ ଧରିବା ପରେ ଗଡ଼କରୀ ପୁଣିଥରେ ତାଙ୍କ ଦଳ ଭାଜପାକୁ ସିଧାସଳଖ ଟାର୍ଗେଟ୍ କରିଥିବା କଂଗ୍ରେସ ପକ୍ଷରୁ କୁହାଯାଇଥିଲା । ଭାଜପା ଜାତିରେ ଭେଦଭାବ ସୃଷ୍ଟି କରୁଥିବାରୁ ଗଡକରୀ ଏହାକୁ ବିରୋଧ କରିବାକୁ ଯାଇ ଏହି ବିସ୍ଫୋରକ ବୟାନ ଦେଇଥିବା ମଧ୍ୟପ୍ରଦେଶର କଂଗ୍ରେସର ନେତୃବୃନ୍ଦ କହିଥିଲେ । ଏପରି କି ଜାତିପ୍ରଥାକୁ ନେଇ ଭାଜପାର ନୀତି ଆଦର୍ଶକୁ ସମାଲୋଚନା କରିଥିଲେ ।

### ଇତିହାସର ଆଇନାରେ
### ଫେବୃୟାରୀ ୧୨ର ପ୍ରମୁଖ ଘଟଣା

୧୮୫୫ ଫେବୃୟାରୀ ୧୨ରେ ମିଶିଗାନ୍ ଷ୍ଟେଟ୍ ୟୁନିଭର୍ସିଟି ପ୍ରତିଷ୍ଠା ହୋଇଥିଲା । ଏହା ଆମେରିକାର ପ୍ରଥମ ପ୍ରତିଷ୍ଠାନ, ଯେଉଁଠାରେ ବିଜ୍ଞାନଭିତ୍ତିକ କୃଷି ବିଷୟରେ ଉଚ୍ଚ ଶିକ୍ଷା ଦିଆଯାଏ ।

୨୦୦୪ ଫେବୃୟାରୀ ୧୨ରେ ସାନ୍‌ଫ୍ରାନ୍‌ସିସ୍କୋ ନଗରୀରେ ସମଲିଙ୍ଗୀଙ୍କ ବିବାହ ନିମନ୍ତେ ଅନୁମତି ପ୍ରଦାନ କରାଯାଇଥିଲା ।

## ଫୁର୍‌ସତ

# ଗଗନୟାନ ପାଇଁ ୧୦ ଜଣଙ୍କୁ ତାଲିମ ଦେବ ବାୟୁସେନା



**ନୂଆଦିଲ୍ଲୀ:** ଦେଶର ପ୍ରଥମ ମାନବଯୁକ୍ତ ମହାକାଶଯାନ କାର୍ଯ୍ୟକ୍ରମ 'ଗଗନୟାନ' ପାଇଁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ବାୟୁସେନାକୁ ଦାୟିତ୍ୱ ଦେଇଛି । ବାୟୁସେନାର ୧୦ ଯବାନଙ୍କୁ ଏଥିପାଇଁ ତାଲିମ ପ୍ରଦାନ କରାଯିବ । ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍‌ଙ୍କ କହିବାନୁଯାୟୀ, ମହାକାଶଚାରୀ ଚୟନ ଓ ତାଲିମ ନିମନ୍ତେ ସବୁପ୍ରକାର ମାନଦଣ୍ଡ ଏବଂ ଆବଶ୍ୟକତା ନିର୍ଦ୍ଧାରଣ କରାଯାଇ ବାୟୁସେନାରେ ଦାଖଲ କରାଯାଇଛି । ବର୍ତ୍ତମାନ କ୍ରିଉ ମେମ୍ବର ଚୟନ ଓ ତାଲିମ ପାଇଁ ବାୟୁସେନା ସମ୍ପୂର୍ଣ୍ଣ କ୍ଷମତା ପାଇଛି । ମହାକାଶଚାରୀଙ୍କ ପ୍ରଥମ ଦୁଇ ସ୍ତରୀୟ ତାଲିମ ବାୟୁସେନାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏରୋସ୍ପେସ୍ ମେଡିସିନ୍ (ବେଙ୍ଗାଲୁରୁ)ଠାରେ ଅନୁଷ୍ଠିତ ହେବ ଏବଂ ଚୂଡ଼ାନ୍ତ ପର୍ଯ୍ୟାୟ ତାଲିମ ବିଦେଶରେ ହେବ । ୧୦ ତାଲିମପ୍ରାପ୍ତଙ୍କ ମଧ୍ୟରୁ ଚୂଡ଼ାନ୍ତ ପର୍ଯ୍ୟାୟରେ ୩ଜଣଙ୍କୁ ମହାକାଶ ଯାତ୍ରା ପାଇଁ ଚୟନ କରାଯିବ । ଦେଶ ବାହାରେ ତାଲିମ ପାଇଁ ରୁଷିଆ ଏବଂ ଫ୍ରାନ୍ସ ଭଳି ଦୁଇ-ତିନୋଟି ଦେଶ ଦୃଷ୍ଟିରେ ଥିବାବେଳେ ଏ ପର୍ଯ୍ୟନ୍ତ କୌଣସି ଦେଶ ପକ୍ଷରୁ ଡକରା ଆସି ନ ଥିବା ଶିବନ୍ ପ୍ରକାଶ କରିଥିଲେ ।


# ଗ୍ରାମୀ ଆୱାର୍ଡସ ୨୦୧୯: ବାଦ୍ ପଡ଼ିଲେ ଫାଲ୍‌ଗୁନୀ, ପ୍ରଶାନ୍ତ

**ଲସ୍ ଏଞ୍ଜେଲସ:** ଏଠାରେ ରବିବାର ଗ୍ରାମୀ ଆୱାର୍ଡସର ୬୧ତମ ସଂସ୍କରଣ ଆୟୋଜିତ ହୋଇଥିବାବେଳେ ପୁରସ୍କାରରୁ ବାଦ୍ ପଡିଛନ୍ତି ମୂଳ ଭାରତୀୟ ଫାଲ୍‌ଗୁନୀ ଶାହ ଏବଂ ପ୍ରଶାନ୍ତ ମିସ୍ତ୍ରି । ଏଥିରେ ଭାରତରୁ ଯୋଗ ଦେଇଥିଲେ ଗ୍ରାମୀ ତଥା ଓସ୍କାର ବିଜୟୀ ବିଶିଷ୍ଟ ସଂଗୀତଜ୍ଞ ଏ.ଆର. ରେହମନ୍ ।

ଲଣ୍ଡନରେ ଅବସ୍ଥାପିତ ଭାରତୀୟ ସଂଗୀତ ପ୍ରଯୋଜକ ତଥା ଇଞ୍ଜିନିୟର ପ୍ରଶାନ୍ତ ମିସ୍ତ୍ରିଙ୍କ ଆଲବମ୍ 'ସିମ୍ଫଲ' ଗ୍ରାମୀ ଆୱାର୍ଡସର ବେଷ୍ଟ ଇମର୍ସିଭ୍ ଅଡିଓ ଆଲବମ୍ ପାଇଁ ମନୋନୀତ ହୋଇଥିଲେ ହେଁ ଏହି ସମ୍ମାନ ପାଇଥିଲା 'ଆଇ ଇନ୍ ଦି ସ୍କାଏ-୩୫ତମ ଆନିଭର୍ସରି ଏଡିଶନ୍' । ଅପରପକ୍ଷରେ ଫାଲ୍‌ଗୁନୀଙ୍କ ଆଲବମ୍ 'ଫାଲୁସ୍ ବାଜାର' ବେଷ୍ଟ ଚିଲ୍‌ଡ୍ରେନ୍ସ ମ୍ୟୁଜିକ୍ ପାଇଁ ମନୋନୀତ ହୋଇଥିଲା । କିନ୍ତୁ ଏହି ପୁରସ୍କାର 'ଅଲ୍ ଦି ସାଉଣ୍ଡ୍ସ' ପାଇଁ ଲୁସି କାଲନ୍ତି ଏବଂ ଜାଜ୍ କ୍ୟାଟ୍ସଙ୍କୁ ପ୍ରଦାନ କରାଯାଇଛି ।



ଏହି ଅବସରରେ ରେହମନ୍, ରବିବାର ରାତିରେ ଉତ୍ସବ ଆରମ୍ଭ ପୂର୍ବରୁ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ପୋଷ୍ଟ କରି ଲକ୍ଷଲକ୍ଷ ପ୍ରଶଂସକଙ୍କୁ ଜଣାଇଛନ୍ତି । ବେଷ୍ଟ ପପ୍ ଭୋକାଲ ଆଲବମ୍ କାଟାଗୋରିରେ ସିଙ୍ଗର ଆରିଆନା ଗ୍ରାଣ୍ଡେ ପ୍ରଥମ ଗ୍ରାମୀ ଆୱାର୍ଡ ପାଇଛନ୍ତି । ଉକ୍ତ ଗାୟିକା ଉତ୍ସବ ସ୍ଥଳରେ ଉପସ୍ଥିତ ନ ଥିବାରୁ ରେକର୍ଡିଂ ଏକାଡେମୀ ତାଙ୍କ ତରଫରୁ ପୁରସ୍କାର ଗ୍ରହଣ କରିଥିଲେ । ସାଉଣ୍ଡଗାର୍ଡେନ ସିଙ୍ଗର କ୍ରିସ କର୍ନେଲ ତାଙ୍କ ସଂଗୀତ 'ହ୍ୱେନ୍ ବ୍ୟାଡ ଡଜ୍ ଗୁଡ୍' ପାଇଁ ମରଣୋତ୍ତର ଭାବେ ଏହି ପୁରସ୍କାର ଲାଭ କରିଛନ୍ତି । ସ୍ୱର୍ଗତ ଗାୟକ ବେଷ୍ଟ ରକ୍ ପରଫରମାନ୍ସ କାଟାଗୋରିରେ ବିଜୟୀ ହୋଇଥିଲେ ଏବଂ ପୁରସ୍କାର ଗ୍ରହଣ କରିଥିଲେ ତାଙ୍କ ଦୁଇ ସନ୍ତାନ ଟୋନି ଏବଂ କ୍ରିଷ୍ଟୋଫର । ଏହି ଅବସରରେ ପୂର୍ବତନ ଫାଷ୍ଟ ଲେଡି ମିଶେଲେ ଓବାମା ୨୦୧୯ ଗ୍ରାମୀ ପୁରସ୍କାର ଉତ୍ସବ ସ୍ଥଳରେ ଅଚାନକ ଉପସ୍ଥିତ ହୋଇ ଅତିଥି ସତ୍କାରକଙ୍କୁ ପ୍ରଶଂସା କରିବା ସହିତ ତାଙ୍କ ଜୀବନରେ ସଂଗୀତର ଭୂମିକା କିପରି ଗୁରୁତ୍ୱପୂର୍ଣ୍ଣ ତାହା ବର୍ଣ୍ଣନା କରିଥିଲେ । ମିଶେଲେ (୫୫)ଙ୍କ ସହିତ ଗ୍ରାମୀ ପୁରସ୍କାର ବିଜୟୀ ଲେଡି ଗାଗା, ଜାଡା ପିଙ୍କେଟ ସ୍ମିଥ୍ ଏବଂ ଜେନିଫର ଲୋପେଜ୍‌ଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା । ସୋମବାର କାର୍ଡି ବି ପ୍ରଥମ ସୋଲୋ ୱମ୍ୟାନ ଭାବେ ବେଷ୍ଟ ରାପ୍ ଆଲବମ୍ ଗ୍ରାମୀ ଆୱାର୍ଡ ଜିତିଛନ୍ତି । ସେହିପରି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟର ସ୍ପୋକନ୍ ୱାର୍ଡ ଆଲବମ୍ ପାଇଁ ଗ୍ରାମୀ ପୁରସ୍କାର ପାଇଛନ୍ତି । ବିଶିଷ୍ଟ ରେକର୍ଡ ପ୍ରଡ୍ୟୁସର କ୍ୱିନ୍ସି ଜୋନ୍ସ ତାଙ୍କ ଡକ୍ୟୁମେଣ୍ଟାରି 'କ୍ୱିନ୍ସି' ପାଇଁ ବେଷ୍ଟ ମ୍ୟୁଜିକ୍ ଫିଲ୍ମ କାଟାଗୋରିରେ ଗ୍ରାମୀ ପୁରସ୍କାର ବିଜୟୀ ହୋଇଛନ୍ତି ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର ।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ । ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି ।

ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା ।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୫ | ୧୧.୫ |
| ଚାନ୍ଦବାଲି | ୨୭.୩ | ୧୪.୦ |
| କଟକ | ୨୯.୦ | ୧୨.୮ |
| ପାରାଦ୍ୱୀପ | ୨୬.୬ | ୧୫.୨ |
| ଭୁବନେଶ୍ୱର | ୨୯.୮ | ୧୩.୪ |
| ଗୋପାଳପୁର | ୨୯.୦ | ୧୭.୫ |
| ପୁରୀ | ୨୬.୨ | ୧୭.୦ |
| ଅନୁଗୋଳ | ୨୯.୧ | ୧୦.୦ |
| ବାରିପଦା | ୨୭.୪ | ୧୨.୦ |
| ଝାରସୁଗୁଡ଼ା | ୨୮.୨ | ୦୯.୫ |
| କେନ୍ଦୁଝର | ୨୬.୯ | ୧୦.୦ |
| ସମ୍ବଲପୁର | ୨୯.୬ | ୧୦.୯ |
| ସୁନ୍ଦରଗଡ଼ | --- | ୧୩.୦ |
| ହୀରାକୁଦ | ୨୮.୮ | ୧୨.୧ |
| ତାଳଚେର | ୨୯.୮ | ୧୪.୩ |
| ଭବାନୀପାଟଣା | ୩୦.୨ | ୧୧.୫ |
| ବଲାଙ୍ଗୀର | ୨୯.୬ | ୧୧.୦ |
| କୋରାପୁଟ | ୨୯.୬ | ୧୨.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୦.୫ |
| ମାଲକାନଗିରି | ୩୪.୬ | ୧୨.୨ |
| ସୋନପୁର | ୩୩.୮ | ୧୨.୬ |
| ଦାରିଙ୍ଗିବାଡ଼ି | ୨୬.୫ | ୧୦.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ପିତାଙ୍କୁ ଉପହାର ଉତ୍ସର୍ଗ କଲେ ଅନୁପମ



**ମୁମ୍ବାଇ:** ବିଶିଷ୍ଟ ଅଭିନେତା ଅନୁପମ ଖେର୍‌ଙ୍କ ମେଡିକାଲ ଡ୍ରାମା ସିରିଜ୍ 'ନ୍ୟୁ ଆମଷ୍ଟରଡମ୍' ସ୍କାଡ୍ ଏ ଟିଭିଫେଷ୍ଟ ୨୦୧୯ରେ ଆଉଟଷ୍ଟାଣ୍ଡିଂ କାଷ୍ଟ ଆୱାର୍ଡ ଲାଭ କରିଛି । ଅନୁପମ ଏହି ପୁରସ୍କାର ସ୍ୱର୍ଗତ ପିତାଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଆଟଲାଣ୍ଟାଠାରେ ରବିବାର ରାତିରେ ଅନୁପମ ଏହି ପୁରସ୍କାର ଲାଭ କରିଛନ୍ତି ।

ଅନୁପମ ଏଥିରେ ଖୁସିହୋଇ ସୋସିଆଲ୍ ମିଡିଆରେ ଟୁଇଟ୍ କରିଛନ୍ତି । ସେଥିରେ ସେ ଲେଖିଛନ୍ତି, 'ପିତାଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ପାଳନ ହେଉଥିବା ବେଳେ ତାଙ୍କୁ ଏହି ପୁରସ୍କାର ଉତ୍ସର୍ଗ କରୁଛି । ସେ ମୋର ସର୍ବୋତ୍ତମ ବନ୍ଧୁ ଏବଂ ଖୁବ୍ ବଡ ପ୍ରଶଂସକ ।' ତାଙ୍କ ଘନିଷ୍ଠ ବନ୍ଧୁ ଅନିଲ କପୁର ମଧ୍ୟ ଟୁଇଟ୍ କରି ଲେଖିଛନ୍ତି, ଆମେ ଖୁବ୍ ଆନନ୍ଦ ଓ ଗର୍ବର ସହିତ ଆପଣଙ୍କ ଆସିବା ବାଟକୁ ଚାହିଁ ରହିଛୁ । ସ୍କାଡ୍ ଏ ଟିଭିଫେଷ୍ଟ ୨୦୧୯ରେ 'ନ୍ୟୁ ଆମଷ୍ଟରଡମ୍' ସିରିଜ୍ ଆଉଟ୍‌ଷ୍ଟାଣ୍ଡିଂ କାଷ୍ଟ ଜିତିଥିବାରୁ ଅଭିନନ୍ଦନ ।' ଅନୁପମ ଏହାର ଜବାବ ଦେବା ସହିତ ଧନ୍ୟବାଦ ଜଣାଇଛନ୍ତି । ସେ ଲେଖିଛନ୍ତି, 'ପ୍ରିୟତମ ବନ୍ଧୁ ଅନିଲ, ଆପଣଙ୍କ ଭଲ ପାଇବା ଏବଂ ଗଭୀର ସ୍ନେହ ସଦିଚ୍ଛା ମୋ ପ୍ରତି ଢେର । ମୋତେ ସାହାଯ୍ୟ କରିବା ସହିତ ସର୍ବୋତ୍ତମ ପ୍ରଦର୍ଶନ ଲାଗି ପ୍ରେରଣା ମଧ୍ୟ ଦେଇଥିଲେ ।'

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡ ଅଫିସ-(06753)252710, ଭଦ୍ରକ ଅଫିସ-(06784)242101, ନୂଆପଡ଼ା ଅଫିସ-(06678)223068, ଝାରସୁଗୁଡ଼ା ଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ା ଅଫିସ-06727233825.



ରେଣୁକା ସ୍ୱାଇଁ

# ପ୍ଲାଷ୍ଟିକମୁକ୍ତ ଦେଶ ଗଠନରେ ମହିଳାଙ୍କ ଭୂମିକା

ଆଧୁନିକ ଯୁଗରେ ପ୍ଲାଷ୍ଟିକ୍ ବ୍ୟବହାର ମନୁଷ୍ୟର ଦୈନନ୍ଦିନ ଜୀବନରେ ଯେତିକି ସାହାଯ୍ୟ କରୁଛି ତା'ଠାରୁ ଅଧିକ ସମାଜ ପାଇଁ ବିପଦ ସୃଷ୍ଟି କରୁଛି। ଯେଉଁଠି ଦେଖିବ, ଗଦା ଗଦା ପ୍ଲାଷ୍ଟିକ ପଡି ରହି ପରିବେଶକୁ ବିଷାକ୍ତ କରିବାରେ ଲାଗିଛି। ଏଗୁଡ଼ିକ ମାଟିରେ ମିଶି ନ ପାରିବାରୁ ଦିନକୁ ଦିନ ଏହାର ସଂଖ୍ୟା ବୃଦ୍ଧି ପାଉଛି। ସମସ୍ତେ ଏହାର ଭୟାବହତା ଉପଲବ୍ଧି କଲେ ମଧ୍ୟ ଏହା ବନ୍ଦ ହୋଇପାରୁନାହିଁ। ନଦୀ, ସମୁଦ୍ର, ପର୍ବତ, ଜଙ୍ଗଲ ଚାରିଆଡେ ପ୍ଲାଷ୍ଟିକର ପାହାଡ ଦେଖିବାକୁ ମିଳୁଛି। ଏପରିକି ମହାକାଶରେ ମଧ୍ୟ ପ୍ଲାଷ୍ଟିକ ଆବର୍ଜନା ଦେଖିବାକୁ ମିଳୁଛି।

ଏହିସମସ୍ୟାକୁସମାଧାନ କରିବା ପାଇଁ ମହିଳାମାନେ ଅଣ୍ଟାଭିଡି ବାହାରି ଆସିବା ଉଚିତ। ଗୁଣ୍ଡୁଚିମୂଷା ଯେପରି ସେତୁବନ୍ଧ ବାନ୍ଧିବାରେ ସାହାଯ୍ୟ କରିଥିଲା ସେହିପରି ମହିଳାମାନେ ଆମ ଦେଶକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସାହାଯ୍ୟ କରିପାରିବେ। ଗୃହର ସମସ୍ତ ଦାୟିତ୍ୱ ବଢୁଥିବାରୁ ମହିଳାମାନେ ଦୈନନ୍ଦିନ ଜୀବନରେ ଅଧିକ ପ୍ଲାଷ୍ଟିକ ବ୍ୟବହାର କରିଥାନ୍ତି। ସେମାନେ ଉପାୟ ବାହାରକରି ପ୍ଲାଷ୍ଟିକ ବ୍ୟବହାରକୁ ନିୟନ୍ତ୍ରଣ କରିପାରିବେ।

ବଜାରରୁ ପରିବାପତ୍ର ଓ ଅନ୍ୟାନ୍ୟ ସଉଦା କିଣିବାବେଳେ ସାଙ୍ଗରେ କପଡ଼ା ବ୍ୟାଗ ନେଲେ ପଲିଥିନ୍‌ର ବ୍ୟବହାର କମାଯାଇପାରିବ। ପୁରୁଷ ମାନେ ମଧ୍ୟ ଯେତେବେଳେ ବଜାରକୁ ଜିନିଷପତ୍ର ଆଣିବାକୁ ଯାଉଛନ୍ତି ସେମାନଙ୍କୁ ମନେପକାଇ କପଡା ବ୍ୟାଗ ବଢ଼ାଇଦେଲେ ତାହାଦ୍ୱାରା ମଧ୍ୟ ପ୍ଲାଷ୍ଟିକର ବ୍ୟବହାର କମାଯାଇପାରିବ। ପର୍ବପର୍ବାଣିରେ ମନ୍ଦିରକୁ ମହିଳାମାନେ ପଲିଥିନ୍‌ରେ ଭୋଗ ନେଇ ଯାଉଛନ୍ତି। ସେମାନେ ଯଦି ପିତଳ ଭୋଗଥାଳି ବ୍ୟବହାର କରନ୍ତେ ତେବେ ପଲିଥିନ୍ ବ୍ୟବହାର ହ୍ରାସ ପାଇପାରନ୍ତା ପିତଳ ଥାଳିରେ ଭୋଗ ଲଗାଇଲେ ମନରେ ଶାନ୍ତି ଆସେ ଏବଂ ଏହା ମଧ୍ୟ ସ୍ୱାସ୍ଥ୍ୟପକ୍ଷେ ଉପକାରୀ ।

ଆଜିକାଲି ସକାଳେ ସନ୍ଧ୍ୟାବେଳେ ମହିଳାମାନେ ଘରେ ଜଳଖିଆ ତିଆରି ନ କରି ବାହାରୁ ମଗାଇ ଖାଉଛନ୍ତି। ପୁରୁଷମାନେ ପଲିଥିନ୍‌ରେ ଜଳଖିଆ ନେଇ ଆସୁଛନ୍ତି। ଏଗୁଡ଼ିକ ପରିବେଶ ଅପରିଷ୍କାର କରୁଛି। ଯଦି ମହିଳାମାନେ ଟିଫିନ୍ ବାକ୍ସ ପୁରୁଷମାନଙ୍କୁ ଦିଅନ୍ତେ ତେବେ ଅନେକାଂଶରେ ଉପକାର ମିଳନ୍ତା। କାରଣ ପଲିଥିନ୍ ପ୍ୟାକେଟ୍‌ରେ ଖାଦ୍ୟ ପଦାର୍ଥ ଖାଇଲେ ପଲିଥିନ୍ ରଙ୍ଗ ପେଟ ଭିତରକୁ ଖାଦ୍ୟ ସହ ଯାଇ ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରେ।

ସେହିପରି ପିଲାମାନଙ୍କୁ ପ୍ଲାଷ୍ଟିକରେ ପ୍ୟାକିଂ ହୋଇଥିବା ଖାଦ୍ୟ ଖାଇବାକୁ ନ ଦେଇ ପାରମ୍ପରିକ ଢ଼ାଞ୍ଚାରେ ମା'ମାନେ ଘରେ ତିଆରି କରିଦେବା ଉଚିତ୍। ଏହାଦ୍ୱାରା ପରିବେଶ ପରିଷ୍କାର ରହିବା ସହିତ ପିଲାମାନେ ଫାଷ୍ଟଫୁଡ୍ ନ ଖାଇ ବିଭିନ୍ନ ରୋଗରୁ ନିଜକୁ ରକ୍ଷା କରିପାରିବେ।

ଅଧିକାଂଶ ଘରେ ଅତିଥି ସତ୍କାର ନିମନ୍ତେ ମହିଳାମାନେ ଥଣ୍ଡାପାନୀୟ ପିଇବାକୁ ଦେଇଥାନ୍ତି। ଏହାଦ୍ୱାରା ଖୋଲା ପ୍ଲାଷ୍ଟିକ ବୋତଲଗୁଡ଼ିକର ସଂଖ୍ୟା ବଢୁଛି।

ଯଦି ଅତିଥିମାନଙ୍କୁ ଲେମ୍ବୁ, ଦହି ସରବତ, ପଇଡପାଣି ପିଇବାକୁ ଦିଆଯାଏ,ଏଥିରେ ସମ୍ମାନ ହାନି ହେବାର ସମ୍ଭାବନା ନ ଥାଏ। ବରଂ ସମ୍ମାନ ବୃଦ୍ଧି ଏବଂ ସ୍ୱାସ୍ଥ୍ୟରେ ଉନ୍ନତି ହେବ'। ସେହିପରି ପ୍ଲାଷ୍ଟିକ ଗ୍ଲାସରେ ଚା କିମ୍ବା ପାଣି ପିଇବାକୁ ନ ଦେଲେ ଆହୁରି ଭଲ ହୁଅନ୍ତା।

ଛୋଟ ଛୋଟ ଭୋଜିଭାତରେ ପ୍ଲାଷ୍ଟିକ ଥାଳି ବ୍ୟବହାର ନ କରି କଦଳୀପତ୍ର କିମ୍ବା ଖଲିପତ୍ର ବ୍ୟବହାର କଲେ ପରିବେଶ ସଫା ରହିପାରିବ। ମଦ ପିଉଥିବା ଲୋକ ଯେପରି ମଦ ଛାଡିବାକୁ ଧୀରେ ଧୀରେ ମଦ ପିଇବା କମାଇଥାଏ, ସେହିପରି ଧୀରେ ଧୀରେ ସବୁ ମହିଳା ସହଯୋଗ କଲେ ଏହି ମହାବିପଦରୁ ରକ୍ଷା ମିଳିପାରିବ। ମହିଳାମାନେ ଘରେ ଓ ବାହାରେ ସମସ୍ତଙ୍କୁ ସଚେତନ କରିପାରିଲେ ସୁନ୍ଦର ପରିବେଶ ସୃଷ୍ଟି ହୋଇପାରିବ। ପୃଥିବୀ ମାଆକୁ ଘୋର ସଙ୍କଟରୁ ରକ୍ଷା ମିଳିପାରିବ। ଏଥିପାଇଁ ସରକାର କଠୋର ନିୟମ ପ୍ରଣୟନ କରି ତାହାକୁ କାର୍ଯ୍ୟକାରୀ କରିବ ଉଚିତ । ତେଣୁ ସବୁ ଶ୍ରେଣୀର ଲୋକମାନେ ପରିସ୍ଥିତିକୁ ହୃଦୟଙ୍ଗମ କରି ଏହାର ସମାଧାନ ନିମନ୍ତେ ଆଗେଇ ଆସିବା ଉଚିତ୍।

*–ଅଧ୍ୟାପିକା, ଅର୍ଥନୀତି ବିଭାଗ*
*ହରିଶପୁର ବଳଦେବ ମହାବିଦ୍ୟାଳୟ*
*ବୋରିକିନା, ଜଗତ୍‌ସିଂହପୁର*
*ମୋ– ୮୦୧୮୨୪୧୪୨୪*







## ଏମାନେ କ'ଣ କରନ୍ତି





**ସୁଜାତା ପଟ୍ଟନାୟକ**(ଶିକ୍ଷୟିତ୍ରୀ,ସେଣ୍ଟ ଜୋସେଫ୍ ସ୍କୁଲ୍,ଛେଣ୍ଡ କଲୋନୀ, ରାଉରକେଲା): ମୁଁ ଯେହେତୁ ଟିକେ ସିଲାଇ ଶିଖିଛି ପାଖରେ ସବୁବେଳେ ଯେମିତି ହେଲେ ଗୋଟେ କପଡା ବ୍ୟାଗ୍ ରଖିଥାଏ। କେତେବେଳେ ବି ବ୍ୟାଗ୍ କାମରେ ଆସିବ। ଯଦି କୌଣସି ଦୋକାନୀ ଆମକୁ ଜରିରେ ଜିନିଷ ଦେଇଥାନ୍ତି ମୁଁ ତାଙ୍କୁ ମନାକରେ ପଲିଥିନ୍ ଦେବା ଲାଗି। ସ୍କୁଲ୍‌ରେ ଯଦି ପିଲାଙ୍କ ଟିଫିନ୍ କିଏ ପଲିଥିନ୍‌ରେ ବାନ୍ଧିକି ଆଣିଛନ୍ତି ତେବେ ସେ ପିଲାକୁ କହିବା ସହ ତା'ର ଅଭିଭାବକଙ୍କୁ କହିଥାଉ ଯେ ପଲିଥିନ୍‌ରେ ଖାଦ୍ୟ ଦିଅନ୍ତୁ ନାହିଁ। ସ୍କୁଲ୍‌ରେ ମଧ୍ୟ ପ୍ଲାଷ୍ଟିକ୍ ଫ୍ରି ଆୱାରନେସ୍ ହୋଇଥିଲା। ଏହାକୁ ଯଦି ସମସ୍ତେ ମାନନ୍ତେ ତେବେ ଆମ ପରିବେଶ ସୁସ୍ଥ ରହିବା ସହ ଭଲ ହୁଅନ୍ତା।

**ରଶ୍ମିରେଖା ମିଶ୍ର**(ଡେସ୍କ ଅଫିସର,ଓଡିଶା ସେକ୍ରେଟାରିଏଟ୍, ଏସଟି ଆଣ୍ଡ ଏସ୍‌ସି ଡିପାର୍ଟମେଣ୍ଟ):ପ୍ଲାଷ୍ଟିକ୍ ବ୍ୟାନ୍ ହେଲାପରେ ନିଜେ ଘରୁ ଗୋଟିଏ ବ୍ୟାଗ୍ ଆଣି ପାଖରେ ରଖିଥାଏ। ଆଗରୁ ଯେତେବେଳେ ପ୍ଲାଷ୍ଟିକ୍ ବ୍ୟାନ୍ ହୋଇନଥିଲା ସେତେବେଳେ ପଲିଥିନ୍‌ରେ ଜିନିଷ ନେଇ ଆସୁଥିଲି। ଏବେ କିନ୍ତୁ ଆଉ ଆଣୁନି। ପ୍ଲାଷ୍ଟିକ୍ ବ୍ୟାନ୍ ହେବା ଦ୍ୱାରା ନିଶ୍ଚିତ ରୂପେ ଆମ ପରିବେଶ ପ୍ରଦୂଷଣକୁ କିଛି ମାତ୍ରାରେ ରକ୍ଷା କରାଯାଇପାରେ। ପଲିଥିନ୍ ଚାରିଆଡେ ପଡିବା ଦ୍ୱାରା ଗାଈମାନେ ଏହାକୁ ଖାଇ ଦିଅନ୍ତି। ଫଳରେ ପର ମୁହୂର୍ତ୍ତରେ ସେମାନଙ୍କର ମୃତ୍ୟୁ ହୁଏ। ଏହା ବଦଳରେ ଆମେ ଯଦି କାଗଜଠୁଙ୍ଗା ଏବଂ କପଡା ବ୍ୟାଗ୍ ବ୍ୟବହାର କରିବା ଉଚିତ୍। ଏହି ନିୟମକୁ ମାନିଲେ ଜୀବଜନ୍ତୁମାନଙ୍କର ହିତ ସାଧନ ହେବା ସହ ନାନା ପ୍ରକାର ଅସୁବିଧାରୁ ରକ୍ଷା ପାଇପାରିବା।

ଇଏବି ଜଣେ ନାରୀ

# ସମାଜସେବାର ଅନ୍ୟତମ ମାଧ୍ୟମ ସାହିତ୍ୟ

**ସେ ଏକାଧାରରେ ଚଳଚ୍ଚିତ୍ର କାହାଣୀକାର ଏବଂ ସମାଜସେବୀ । ନିକଟରେ ପୁସ୍ତକ ପ୍ରକାଶନକୁ ଏହି ତାଲିକାରେ ସାମିଲ କରିଛନ୍ତି। ସେ ହେଲେ ପ୍ରତିଭାରାଣୀ ମହାନ୍ତି...**



ମୋତେ ସମାଜସେବାରୁ ଯେତିକି ଆନନ୍ଦ ମିଳେ ତାହା ଆଉ କେଉଁଠୁ ମିଳେନା। ମୋ ମତରେ ଏହାର ପ୍ରମୁଖ ମଧ୍ୟରେ ସାହିତ୍ୟ ଅନ୍ୟତମ। ସେଥିପାଇଁ ଲେଖାଲେଖି ସହ ନିଜକୁ ଜଡିତ ରଖିଛି ବୋଲି କହନ୍ତି ପ୍ରତିଭାରାଣୀ। ଓଡ଼ିଆ ଚଳଚ୍ଚିତ୍ର 'ସଞ୍ଜୁ ଆଉ ସଞ୍ଜନା' ଏବଂ 'ମୁଁ ପ୍ରେମୀ ମୁଁ ପାଗଳ'ର କାହାଣୀ ରଚନା କରିଥିଲେ ସେ। ଏ ସମ୍ପର୍କରେ ସେ କହନ୍ତି, 'ସ୍କୁଲରେ ପଢ଼ିବା ଦିନରୁ ମୋର ଲେଖାଲେଖି ପ୍ରତି ଆଗ୍ରହ ଥିଲା। ତା'ପରେ ଗପ କବିତା ଲେଖିବା ଆରମ୍ଭ କରିଥିଲି। ଲେଖାଲେଖି ପ୍ରତି ରୁଚି ଦେଖି ମୋ ସ୍ୱାମୀ ଲୁଟୁ ମହାନ୍ତି ମୋତେ ଚଳଚ୍ଚିତ୍ର କାହାଣୀ ଲେଖିବାକୁ ଉତ୍ସାହିତ କରିଥିଲେ। ମୋ ମତରେ ଚଳଚ୍ଚିତ୍ର କାହାଣୀରେ ସମାଜରେ ଘଟୁଥିବା ଘଟଣାବଳୀ ଏଭଳି ପ୍ରତିଫଳିତ ହେବା ଦରକାର, ଯାହାକୁ ଆଧାର କରି ଲୋକମାନେ ଅନେକ କିଛି ଶିଖିପାରିବେ।' ନିକଟରେ ସେ ରଣପୁର ପ୍ରଜା ଆନ୍ଦୋଳନ ଉପରେ ରଚିତ ପୁସ୍ତକ 'ସଂଗ୍ରାମୀ ଶହୀଦ'ର ପ୍ରକାଶିକା ଦାୟିତ୍ୱ ତୁଲାଇଛନ୍ତି। 'ଏକାଥରେ ସାହିତ୍ୟ ଏବଂ ପ୍ରକାଶନ ସହ ଜଡିତ ରହି ତାହାକୁ ଠିକ୍ ଭାବରେ ଆଗକୁ ଆଗେଇ ନେବା ବଡ କଥା। ଅନ୍ୟପକ୍ଷରେ ଏପରି ଏକ ପୁସ୍ତକକୁ ପ୍ରକାଶନ କରିବା ପରେ ଏ କ୍ଷେତ୍ରରେ ଯୋଜନାବଦ୍ଧ ଭାବରେ ଆଗେଇବାକୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛି ବୋଲି କହନ୍ତି ରଣପୁରକୁ ନିଜର କର୍ମଭୂମି ଭାବରେ ବାଛି ନେଇଥିବା ପ୍ରତିଭାରାଣୀ।

# ବାସନରୁ ପୋଡ଼ା ଦାଗ ଛଡ଼ାଉଥିଲେ..



**ବେକିଂସୋଡା:** ଜଳିଥିବା ବାସନ ଉପରେ ବେକିଂ ସୋଡା ପକାଇବା ପରେ ତା' ଉପରେ ଲେମ୍ବୁ ରସ ପକାନ୍ତୁ। ଏହାପରେ ଗରମ ପାଣି ପକାଇ ଷ୍ଟିଲ ସ୍କ୍ରବ ସାହାଯ୍ୟରେ ଭଲ ଭାବେ ରଗଡନ୍ତୁ। ଏହାପରେ ଦେଖିବେ ଜଳିଥିବା ବାସନ କିପରି ଚମକୁଛି।

**ଲେମ୍ବୁରସ:**ଏକ ଲେମ୍ବୁର ରସକୁ ଜଳିଥିବା ବାସନ ଉପରେ ପକାଇବା ପରେ ତୁରନ୍ତ ଗରମ ପାଣି ଢାଳନ୍ତୁ। ଏହାପରେ ବାସନକୁ ରଗଡି ସଫା କରନ୍ତୁ।

**ଲୁଣ:** ପୋଡା ଦାଗ ଲାଗିଥିବା ବାସନରେ ଲୁଣ ପାଣି ଦେଇ ତାକୁ କିଛି ସମୟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହାକୁ ସ୍କ୍ରବ ସାହାଯ୍ୟରେ ସଫା କରନ୍ତୁ, ଦେଖିବେ ଦାଗ ଦୂର ହୋଇଯାଇଛି।

**ଟମାଟୋ ରସ:** ଟମାଟୋ ରସ ଓ ପାଣିକୁ ପୋଡିଥିବା ବାସନରେ ପକାଇ ପାଞ୍ଚ ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହାଦ୍ୱାରା ବାସନକୁସନରୁ ପୋଡାଦାଗ ଦୂର ହୋଇ ଯାଇଥାଏ।

**ପିଆଜ:** ପିଆଜକୁ କାଟି ପାଣି ସହିତ ଫୁଟାନ୍ତୁ। ଏଥିରେ ପୋଡାଦାଗ ଲାଗିଥିବା ବାସନକୁସନକୁ କିଛି ସମୟ ପକାଇ ଦିଅନ୍ତୁ। କିଛି ସମୟ ପରେ ଏହି ଦାଗ ଛାଡିଯିବ।

**ସଫ୍ଟ ଡ୍ରିଙ୍କ:** ଆଲୁମିନିୟମ୍ ବାସନ ଯଦି ଜଳିଯାଇଛି, ସେଥିରୁ ପୋଡାଦାଗ ଦୂର କରିବାକୁ ହେଲେ ସେଥିରେ ସଫ୍ଟ ଡ୍ରିଙ୍କ ପକାଇ ହାଲୁକା ଆଞ୍ଚ ଉପରେ ଗରମ କରନ୍ତୁ। ଏହାଦ୍ୱାରା ଦାଗ ନରମ ହୋଇଯିବ। ଏହାପରେ ସ୍କ୍ରବର ସହାଯ୍ୟରେ ଦାଗ ସଫା କରନ୍ତୁ।

ସୌନ୍ଦର୍ଯ୍ୟ

# ଥ୍ରେଡିଂ ପରେ...

**ମୁହଁକୁ ସୁନ୍ଦର ଦେଖାଯିବାକୁ ହେଲେ ମହିଳାମାନେ ଥ୍ରେଡିଂ କରିଥାନ୍ତି । ଥ୍ରେଡିଂ ପରେ ସେମାନେ ଏମିତି କିଛି ଭୁଲ୍ କରିଥାନ୍ତି ତାହା ପରବର୍ତ୍ତୀ ସମୟରେ ଚିନ୍ତାର କାରଣ ହୋଇଥାଏ । ତେବେ ଏଭଳି ସମସ୍ୟାରୁ ଦୂରେଇ ରହିବାପାଇଁ ନିମ୍ନୋକ୍ତ ଟିପ୍ସକୁ ଆପଣାଇପାରିବେ.....**

**କରନ୍ତୁନି ମେକଅପ୍:**ଆପଣ ସବୁବେଳେ ଏହି ଭୁଲ୍ କରିଥାନ୍ତି। ଆପଣଙ୍କୁ କୌଣସି ବାହାଘର ପାର୍ଟି ଯିବାର ଥିଲେ ଥ୍ରେଡିଂ କରିବା ପରେ ତୁରନ୍ତ ମେକଅପ୍ କରିଦିଅନ୍ତି। ଏହା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥ୍ରେଡିଂ କରିବାର ୨୪ଘଣ୍ଟା ପରେ ମେକଅପ୍ କରିବା ଆବଶ୍ୟକ। ଏହା ଆପଣଙ୍କ ସ୍କିନ୍ ପାଇଁ ଭଲ। ଯଦି ଆପଣ ଏପରି କରୁନାହାନ୍ତି ତେବେ ଆପଣଙ୍କ ମୁହଁରେ ପିମ୍ପଲ୍ସ ହେବାର ଆଶଙ୍କା ରହିଛି।

**ମଶ୍ଚରାଇଜର୍ ଲଗାନ୍ତୁ:** ଆପଣଙ୍କୁ କହିରଖୁଛୁ କିଛି ମହିଳାଙ୍କ କ୍ଷେତ୍ରରେ ଦେଖାଯାଏ ଥ୍ରେଡିଂ କରିବା ପରେ ଆଇବ୍ରୋକୁ ଏମିତି ଛାଡି ଦିଅନ୍ତୁ। ଏହାଦ୍ୱାରା ଆଇବ୍ରୋ ହାଡକୁ ଟାଣ ଲାଗିଥାଏ। ଏହାଦ୍ୱାରା ମଧ୍ୟ ଆଇବ୍ରୋ ପୋଡାଜଳା କରିଥାଏ ଏବଂ କୁଣ୍ଡାଇ ହୋଇଥାଏ। ଏଥିରୁ ରକ୍ଷା ପାଇବାକୁ ହେଲେ ଆପଣଙ୍କୁ ମଶ୍ଚରାଇଜର ସାହାଯ୍ୟରେ ମସାଜ୍ କରିବା ଆବଶ୍ୟକ। ଏହା ଆଇବ୍ରୋକୁ ଠିକ୍ ରଖିଥାଏ।





**ହାତ ଲଗାଇବା:** ଆଇବ୍ରୋ କରିସାରିବା ପରେ ହାତକୁ ବାରମ୍ବାର ଛୁଇଁଥାନ୍ତି। ଏହା କରିବା ଆପଣଙ୍କ ପାଇଁ କ୍ଷତିକାରକ। ଆପଣ ଜାଣିବା ଦରକାର ଯେ ଏପରି କରିବା ଦ୍ୱାରା ଇନ୍‌ଫେକ୍‌ଶନ୍, କୁଣ୍ଡାଇ ହେବା ଏବଂ ବ୍ରେକ୍‌ଆଉଟ୍ସ ସମସ୍ୟା ମଧ୍ୟ ହୋଇପାରେ।

**କୁଣ୍ଡାଇବା:** ଆପଣ ଲକ୍ଷ୍ୟ କରିଥିବେ ଥ୍ରେଡିଂ କରିବା ପରେ ସଙ୍ଗେ ସଙ୍ଗେ କୁଣ୍ଡାଇ ହୋଇଥାଏ। ତାକୁ ମଧ୍ୟ କୁଣ୍ଡାଇବା କ୍ଷତିକାରକ ହୋଇଥାଏ। ଯଦି କୁଣ୍ଡାଇ ହେବା ଭଳି ଲାଗୁଥାଏ ତେବେ ଜମା କୁଣ୍ଡାନ୍ତୁ ନାହିଁ।


**OFFICE OF THE NOTIFIED AREA COUNCIL, BIJEPUR**
**At/PO/PS: Bijepur, Dist: Bargarh, Pin: 768032 (Odisha), E Mail ID: bijepurnac2018@gmail.com**
**No. 648** **Dt. 06.02.19**

**"e"-procurement Notice**

**Bid Identificatin No.EO/Bijepur/02/2018-19**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. www.tendersodisha.gov.in.

| | | | |
|---|---|---|---|
| 1. | Nature of work | : | Civil work |
| 2. | No. of works | : | 14 Nos. |
| 3. | Estimated cost | : | As per NIT |
| 4. | Period of completion | : | As per NIT |
| 5. | Date and time of availability of the Documents in the Portal. | : | From 10 hours of 12.02.2019 to 17 hours of 18.02.2019 |
| 6. | Last date/time for receipt of Bids in the portal. | : | Dt. 18.02.2019 upto 17 hours. |
| 7. | Bids received online shall be opened on | : | Dt. 21.02.2019 at 11 hours |
| 8. | Name and address of the Officer inviting Bid. | : | Executive Officer, NAC, Bijepur |

Further, the details can be seen from the procurement Portal www.tendersodisha.gov.in.

**Sd./- Executive Officer, NAC, Bijepur**

**PANCHAYAT SAMITI, NUAPADA, DIST: NUAPADA**
**BID IDENTIFICATION No: PS, NPD/04/2018-19**
**No. 1007 // DEV / Dtd. 10.02.2019**

The Block Development Officer, Nuapada on behalf of Governor of odisha invites percentage Rate bids in single cover system for the construction of works as detailed in the table, from the class of eligible Contractors as mentioned in column -5 (five) registered with the state governments and Contractors of equivalent Grades / Class Registered with Central Government / MES / Railways, to be eventually drawn up in PWD P-1 Agreement form, for execution of Building / Road works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state Government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

| Sl No. | Name of the work | Approximate value of work (Rs. in Lakh) | Period of completion | Class of contractor | EMD @1% | Cost of bid documents (Non-refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Construction of Tribal world Outlet for TDCCOL, Nuapada at Dumerpani | 32,27,700.00 | 4 months | C & B | 32277.00 | 6000.00 |

1. The sale of Bid document shall start from Dt.11.02.2019 and close on Dt.20.02.2019 at 3.00 PM. in the office of the undersigned, Bids shall be received by this office up to 5.00 PM. on date.20.02.2019 through Registered Post / Speed Post only. The authority will not be held responsible for any postal delay in delivering of the Bid documents or non-receipt of the same.
2. The details Bid documents will also be available in the District website. **http://nuapada.nic.in** from 11.02.2019 to 20.02.2019.
3. Bid documents consisting of plans, specification the schedule of quantities and the set of terms & conditions of contract and other necessary documents can be seen in the office in the undersigned during office hours everyday except on Sunday & public Holidays till last date of sale and receipt of tender papers.
4. The Bid will be opened on Dt.21.02.2019 at 11.30 AM. in the office of the undersigned in the presence of the bidders or their authorized representative.
5. The authority reserves right to reject any or all the bids without assigning any reason thereof.

**Sd./- Block Development Officer, Nuapada**

**PANCHAYATI RAJ & DRINKING WATER DEPARTMENT**
**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RWS&S DIVISION, NABARANGPUR**
**Tel: (06858) 222643, E-Mail: eerwss_ngp@rediffmail.com/ eerwssngp@gmail.com**
**INVITATION FOR BIDS**
**No: RWSS_NGP_ONLINE_'06/2018-19 DATED:- 02.02.2019**

**No.1591-O:-** The Executive Engineer, RWS&S Division, Nabarangpur on behalf of Govt. of Odisha invites item rate/ percentage bid through e-procurement in double cover system according to norm of e-procurement system in on-line mode.

| | | | |
|---|---|---|---|
| 1 | Name of the Work | : | Construction of different capacity Over Head Tank including its ancillary work in commissioned pipe water supply scheme and different Block in the Nabarangpur District. |
| 2 | No. of Works | : | 07 Nos. (Detailed Tender Call Notice available in the website) |
| 3 | Estimated Cost | : | Varies from approximately Rs. 86.68 Lakhs to Rs. 179.26 Lakhs |
| 4 | Tender Paper Cost | : | Rs. 6000.00 to Rs. 10000.00 |
| 5 | Class of Contractor | : | |

| Estimated cost up to Rs. 20.00 lakhs | Estimated cost more than Rs. 20.00 lakhs & within Rs. 40.00 lakhs | Estimated cost more than Rs. 40.00 lakhs & within Rs. 150.00 lakhs |
|---|---|---|
| 'D' & 'C' | 'C' & 'B' | 'B' & 'A' |

6 Period of Completion : 180 Days to 270 Days

| Procurement Officer | Bid Identification No. | Availability of Tender online for Bidding | | Last Date of seeking tender Clarification | Last date of receipt of confirmation letter & other documents. | Date of opening of Bid |
|---|---|---|---|---|---|---|
| | | From | To | | | |
| Executive Engineer, RWSS Division, Nabarangpur | RWSS_NGP_ONLINE_06 of 2018-19 | 18.02.19 at 11.00 AM | 23.02.19 at 05.00 PM | 22.02.19 upt to 11.00 AM | 25.02.19 upto 03.30 PM | 26.02.19 at 11.00 AM |

7. Critical Dates :
- Further details can be seen in the bidding documents, which is avilable in the e-procurement portal https://www.tendersorissa.gov.in.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

**25028/11/0011/1819** **Sd./- Executive Engineer, RWS&S Division, Nabarangpur,**

**OFFICE OF THE REGULATED MARKET COMMITEE, UDALA**
**At- Udala, Po - Udala**
**Dist- Mayurbhanja (Odisha), PIN- 757041**
**Tender Call Notice No. 43 / RMC Dated.07.02.2019**
**Bid Identification No.01/RMC- Udala/2018-19**
**e-procurement Notice IFB (Invitation for Bids)**

| Sr. No. | Item | Details |
|---|---|---|
| 1 | The Sub Collector Udala -Cum-Chairman RMC Udala invites Percentage Rate bids in Double cover system in ONLINE MODE only work as detailed below: | |
| 2 | Nature of the work | Construction of Farmers facilitation Centre and auction hall , Office cum laboratory, Toilet Block and Sinking of tube well for e-NAM Project at Kukurdima under RMC Udala. |
| 3 | Bid Cost | Rs.10000.00 online transfer. |
| 4 | EMD | 54606.00.00 online transfer. |
| 5 | Value of Tender | Rs.54,60,647.83 |
| 6 | Class of contractor | B To A Class |
| 7 | Availability of BID Documents in the website | Dt.11.02.2019 to 25.02.2019 up to 5.00 PM. |
| 8 | Last date / time of Receipt of bids in the portal | Dt.25.02.2019 up to 5.00 PM. |
| 9 | Date of opening of bid (Technical) | Dt.27.02.2019 at 11.00 A.M. |
| 10 | The Bidders have to participate in ONLINE bidding only. Further details can be seen from the website : **https://tendersorissa.gov.in.** Any Addendum / Corrigendum / Cancellation of the tender etc can also be seen in the website: **https://tendersorissa.gov.in.** | |

***Sd./- Sub - Collector - cum - Chairman, RMC, Udala.***

" ଏସ୍‌ଇଜେଡ ଉନ୍ନତୀକରଣ ଲାଗି ନିର୍ଦ୍ଧାରିତ ୨୩,୭୭୯ ହେକ୍ଟର ଜମି ଖାଲିପଡ଼ିଛି।
**– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ**



" ଗରିବ, କୃଷକ ଏବଂ ମଧ୍ୟବିତ୍ତଙ୍କ ଉନ୍ନତୀକରଣ ଲାଗି ଗତ ୪ ବର୍ଷ ଧରି ସରକାର ବିଭିନ୍ନ ନୀତି ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି।
**– ପୀୟୂଷ ଗୋୟଲ, କେନ୍ଦ୍ର ଅର୍ଥ ମନ୍ତ୍ରୀ**



## ସଂକ୍ଷେପରେ

### ଆୟକର ବିଭାଗର ଚଢ଼ାଉ
## ଦିଲ୍ଲୀରେ ୨୦ ହଜାର କୋଟିର ହାୱାଲା, ମନିଲଣ୍ଡରିଂ ର୍‍ୟାକେଟର ପର୍ଦ୍ଦାଫାଶ

**ନୂଆଦିଲ୍ଲୀ,୧୧-୨:** ଦିଲ୍ଲୀରେ ସକ୍ରିୟ ଥିବା ହାୱାଲା ଓ ମନିଲଣ୍ଡରିଂ ର୍‍ୟାକେଟର ପର୍ଦ୍ଦାଫାଶ କରିଛି ଆୟକର ବିଭାଗ। ବିଭାଗ ପକ୍ଷରୁ ସୋମବାର ଏ ସମ୍ପର୍କରେ ସୂଚନା ଦେଇ କୁହାଯାଇଛି ଯେ, ଏହି ର୍‍ୟାକେଟ ଦ୍ୱାରା ପ୍ରାୟ ୨୦ ହଜାର କୋଟି ଟଙ୍କାର କାରବାର କରାଯାଉଥିଲା, ଯାହା ଧରାପଡ଼ିଛି। ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, ଦିଲ୍ଲୀ ଆୟକର ବିଭାଗର ଅଧିକାରୀମାନେ ଗତ କିଛି ସପ୍ତାହ ହେବ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିବା ପରେ ଏହି ର୍‍ୟାକେଟ ସମ୍ପର୍କରେ ଜାଣିପାରିଥିଲେ। ନୟା ବଜାର ଅଞ୍ଚଳରେ ସକ୍ରିୟ ଥିବା ଏହି ଗ୍ରୁପ୍ ସମ୍ପର୍କରେ ସର୍ଭେ କରାଯାଇଥିଲା। ସେମାନେ ଜାଲ୍ ବିଲ୍ ଜରିଆରେ ୧୮ ହଜାର କୋଟି ଟଙ୍କା ସରକାରଙ୍କୁ ଠକିଥିବା ଜଣାପଡିଛି। ଏହି ଗ୍ରୁପ୍ ଦ୍ୱାରା ଏକ ଡଜନରୁ ଅଧିକ ଭୂତ କମ୍ପାନୀ ଖୋଲାଯାଇଛି, ଯିଏକି ଜାଲ୍ ବିଲ୍ ଦେଉଛି। ତେବେ ତଦନ୍ତ ବାଧାପ୍ରାପ୍ତ ହେବା ଭୟରେ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଆୟକର ବିଭାଗ ଏବେ ପ୍ରକାଶ କରିବାକୁ ମନା କରିଦେଇଛି। ସେହିପରି ସୁନିୟୋଜିତ ଭାବେ କାର୍ଯ୍ୟ କରୁଥିବା ଏକ ମନିଲଣ୍ଡରିଂ ର୍‍ୟାକେଟ୍‌କୁ ଆୟକର ବିଭାଗ ଧରିଛି। ପୁରୁଣା ଶେୟାରକୁ ଜାଲ୍ କରି ବର୍ତ୍ତମାନର ଶେୟାର ଦର୍ଶାଇ ଏହି ର୍‍ୟାକେଟ ବିକ୍ରି କରୁଥିଲା। ଏହାର ହିତାଧିକାରୀମାନେ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଜଣାପଡିଛି। ଦୀର୍ଘ ବର୍ଷ ଧରି ଏହି କାରବାର ବିନା ବାଧାରେ ଚାଲିଛି। ଧରାପଡ଼ିଥିବା କାରବାର ପରିମାଣ ମୋଟ କାରବାରର ମାତ୍ର ଏକ ଅଂଶବିଶେଷ। ଏହି ର୍‍ୟାକେଟ ନିକଟରୁ ଅଣଘୋଷିତ ବିଦେଶୀ ବ୍ୟାଙ୍କ ଆକାଉଣ୍ଟ ମିଳିଛି ଏବଂ ଜିଏସ୍‌ଟି ଜାଲିଆତିରେ ସମ୍ପୃକ୍ତ ଥିବା ଜଣାପଡିଛି। ତଦନ୍ତକାରୀ ଦଳ ୧୦୦ କୋଟି ଟଙ୍କାର କାରବାର ଦର୍ଶାଉଥିବା ସ୍ୱାକ୍ଷରିତ,ଅଣସ୍ୱାକ୍ଷରିତ, ଏମ୍‌ଓୟୁ, ଚୁକ୍ତି, ନଗଦ ଋଣ ଏବଂ ଏଥିରୁ ମିଳିଥିବା ସୁଧ, ଆର୍ଥିକ ବିବାଦ ସମାଧାନର କାଗଜପତ୍ର ଏବଂ ନଗଦ ଅର୍ଥ, କ୍ୟାଶ ରିସିପ୍ଟ ଆଦି ଜବତ କରିଛନ୍ତି। ସେମାନେ ୧୫୦୦ କୋଟି ଟଙ୍କାର ଜାଲ୍ ରପ୍ତାନି କରିଥିବା ଜଣାପଡିଛି। ସମୁଦାୟ ଟିକସ ଫାଙ୍କି ପରିମାଣ ପ୍ରାୟ ୨୦ହଜାର କୋଟି ଟଙ୍କା ହେବ ବୋଲି ଆୟକର ବିଭାଗ ପକ୍ଷରୁ କୁହାଯାଇଛି।

## ୨୫ରେ ପୁଣି ହାଜର ଲାଗି ଟୁଇଟର ମୁଖ୍ୟଙ୍କୁ ସମନ

**ନୂଆଦିଲ୍ଲୀ,୧୧-୨:** ଟୁଇଟର ସିଇଓ ଜ୍ୟାକ୍ ଡୋର୍ସି ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ହାଜର ନ ହେବାରୁ ଆଇଟି ବ୍ୟାପାର ସଂକ୍ରାନ୍ତୀୟ ସଂସଦୀୟ କମିଟି ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। କମିଟି ପକ୍ଷରୁ ସୋମବାର ସେମାନଙ୍କୁ ପୁନର୍ବାର ସମନ ଜାରି କରାଯାଇଛି। ଆସନ୍ତା ୨୫ରେ ଉପସ୍ଥିତ ହେବା ଲାଗି ଏମ୍‌ପି ଅନୁରାଗ ଠାକୁରଙ୍କ ଅଧ୍ୟକ୍ଷତାରେ ଗଠିତ ସଂସଦୀୟ କମିଟି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଭାରତସ୍ଥିତ ଟୁଇଟର ଅଫିସ୍‌ର ବରିଷ୍ଠ ଅଧିକାରୀମାନେ ସଂସଦ ଭବନରେ ପହଞ୍ଚି ହାଜର ହୋଇଥିଲେ ହେଁ କମିଟି ଭେଟିବାକୁ ମନା କରିଥିଲେ। ଫଳରେ ସେମାନେ ଫେରିଯିବାକୁ ବାଧ ହୋଇଥିଲେ। ସୂଚନାଥାଉ କି, ଟୁଇଟର ମୁଖ୍ୟଙ୍କ ହାଜର ହେବାରେ ବିଳମ୍ବକୁ ନେଇ ଦୁଇଥର ସଂସଦୀୟ କମିଟିର ବୈଠକକୁ ବାତିଲ କରାଗଲାଣି।


### ପେଟ୍ରୋଟେକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ
# ଭାରତ ହୋଇପାରେ ଦ୍ୱିତୀୟ ବୃହତ୍ ଅର୍ଥନୀତି

**ନୂଆଦିଲ୍ଲୀ,୧୧-୨**

ପ୍ରମୁଖ ଅର୍ଥନୀତିଗୁଡ଼ିକୁ ବିଚାରକୁ ନେଲେ ଭାରତର ଦ୍ରୁତ ଅଭିବୃଦ୍ଧି ଧାରା ଆଗାମୀ ଦିନଗୁଡ଼ିକରେ ବଜାୟ ରହିବ। ୨୦୩୦ ବେଳକୁ ଭାରତ ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତି ହେବାର ସମ୍ଭାବନା ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ପେଟ୍ରୋଟେକ-୨୦୧୯ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି, ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଭଳି ବିଶ୍ୱର ପ୍ରମୁଖ ଏଜେନ୍ସିଗୁଡ଼ିକ ଭାରତର ଦ୍ରୁତ ଅଭିବୃଦ୍ଧି ଧାରା ଜାରି ରହିବା ନେଇ ଆକଳନ କରିଛନ୍ତି। ବିଶ୍ୱର ଅନିଶ୍ଚିତ ଅର୍ଥନୈତିକ ପରିବେଶରୁ ଭାରତ ନିଜକୁ ବାହାର କରିବା ସହ ଏକ ଉନ୍ନତ ସ୍ଥାନ ବଜାୟ ରଖିଛି ବୋଲି ମୋଦି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଭାରତ ବିଶ୍ୱର ଷଷ୍ଠ ବୃହତ ଅର୍ଥନୀତି ହୋଇପାରିଛି। ଷ୍ଟାଣ୍ଡାର୍ଡଚାର୍ଟାର୍ଡ ରିପୋର୍ଟ ମୁତାବକ ୨୦୩୦ ବେଳକୁ ଆମେରିକାକୁ ପଛରେ ପକାଇ ଭାରତ ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତି ହେବ। ୟୁଏସ୍‌କୁ ଟପି ତାଲିକାର ପ୍ରଥମ ସ୍ଥାନରେ ଚାଇନା ରହିବା ସହ ଆମେରିକା ତୃତୀୟ ସ୍ଥାନକୁ ଖସି ଆସିବ। ଅଶୋଧିତ ତୈଳ ଏବଂ ପେଟ୍ରୋଲିୟମ ମୂଲ୍ୟକୁ ନେଇ ମୋଦି କହିଛନ୍ତି ଯେ, ଏହି କ୍ଷେତ୍ରରେ ଏକ ଉତ୍ତରଦାୟିତ୍ୱ ଭିତ୍ତିକ ମୂଲ୍ୟ ବ୍ୟବସ୍ଥା ଆଣିବା ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ଉଭୟ ଗ୍ରାହକ ଏବଂ ଉତ୍ପାଦନକାରୀଙ୍କ ସ୍ୱାର୍ଥକୁ ନଜରରେ ରଖାଯିବ। ଏକ ସ୍ୱଚ୍ଛ ତଥା ସୁଗମ ବଜାର ବ୍ୟବସ୍ଥା ଆଡକୁ ଯିବାର ଆବଶ୍ୟକତା ରହିଛି। ଏହା ହେଲେ ଲୋକଙ୍କ ଶକ୍ତି ଆବଶ୍ୟକତାକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯାଇ ପାରିବ।

ପ୍ୟାରିସ କ୍ଲାଇମେଟ କନଫରେନ୍ସର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଦିଗରେ ସରକାର ଅଗ୍ରସର ହେଉଥିବା ମୋଦି ପ୍ରକାଶ କରିଛନ୍ତି। ଭାରତ ବର୍ତ୍ତମାନ ଅଶୋଧିତ ତୈଳ ବିଶୋଧନରେ ବିଶ୍ୱର ଚତୁର୍ଥ ବୃହତ ରାଷ୍ଟ୍ର ଏବଂ ଉର୍ଜା ସଂରକ୍ଷଣରେ ପ୍ରଥମ ରାଷ୍ଟ୍ର ହୋଇଥିବା ମୋଦି କହିଛନ୍ତି। ୨୦୩୦ ବେଳକୁ ଦେଶର ବିଶୋଧନ କ୍ଷମତା ୨୦୦ ନିୟୁତ ମେଟ୍ରିକ ଟନକୁ ବୃଦ୍ଧି ଘଟିବ। ଗତ ବର୍ଷ ଜାତୀୟ ଜୈବ ଇନ୍ଧନ ନୀତି ସରକାର ଆଣିଛନ୍ତି। ଏହାବାଦ ଦ୍ୱିତୀୟ ଏବଂ ତୃତୀୟ ପିଢି ଜୈବ ଇନ୍ଧନ ଗବେଷଣାକୁ ବର୍ତ୍ତମାନ ପ୍ରୋତ୍ସାହିତ କରାଯାଉଥିବା ମୋଦି କାର୍ଯ୍ୟକ୍ରମ ଅବସରରେ ସ୍ପଷ୍ଟ କରିଛନ୍ତି। ୧୧ ରାଜ୍ୟରେ ଦ୍ୱିତୀୟ ପିଢିର ବାୟୋ ରିଫାଇନେରୀ ସ୍ଥାପନ କରାଯାଇଛି। ଶକ୍ତି କ୍ଷେତ୍ର ଲାଗି ସମନ୍ୱିତ ଯୋଜନା ଅନ୍ତର୍ଗତ ଶକ୍ତି ନିରାପତ୍ତା, ଉପଲବ୍ଧତା ତଥା ନିରନ୍ତରତାକୁ ଅଗ୍ରାଧିକାର ଦିଆଯାଉଛି। ସୌଭାଗ୍ୟ ଯୋଜନାରେ ଚଳିତ ବର୍ଷ ଦେଶର ସବୁ ଘରକୁ ଶତ ପ୍ରତିଶତ ବିଦ୍ୟୁତ ଯୋଗାଣ, ୱାର୍ଲଡ ବ୍ୟାଙ୍କର ଇଜ ଅଫ୍ ଇଲେକଟ୍ରିସିଟି ର୍‍ୟାଙ୍କିଙ୍ଗରେ ଭାରତର ସ୍ଥାନ ୧୧୧ରୁ ୨୯କୁ ବୃଦ୍ଧି, ଉଜାଲା ଯୋଜନାରେ ବାର୍ଷିକ ୧୭,୦୦୦ କୋଟି ଟଙ୍କାର ସଞ୍ଚୟ, ୬.୪ କୋଟି ପରିବାରକୁ ସ୍ୱଚ୍ଛ ଇନ୍ଧନ ଯୋଗାଣ ଉପରେ ସେ ଏଥିରେ ସୂଚନା ଦେଇଛନ୍ତି। ଉର୍ଜା କ୍ଷେତ୍ରରେ ଭାରତ ଅଭୁତପୂର୍ବ ସଫଳତା ପାଇଥିବା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ତୈଳ ଏବଂ ପ୍ରାକୃତିକ ବାଷ୍ପ କ୍ଷେତ୍ରରେ ସଂସ୍କାର ଦ୍ୱାରା ନୂଆ ନିବେଶ ଏବଂ ଜ୍ଞାନ କୌଶଳ ବ୍ୟବହାର ପ୍ରକ୍ରିୟା ସୁଗମ ହୋଇଥିବାବେଳେ ଉଜ୍ଜ୍ୱଳା ଏବଂ ସିଜିଡି ଭଳି ଯୋଜନା ଦ୍ୱାରା ଲୋକଙ୍କ ନିକଟରେ ସ୍ୱଚ୍ଛ ଇନ୍ଧନ ପହଞ୍ଚାଇବା ସହଜ ହୋଇଛି ବୋଲି ପ୍ରଧାନ କହିଛନ୍ତି।




କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ଦେଶର ପ୍ରତିନିଧି।

- ଉର୍ଜା ସଂରକ୍ଷଣରେ ଭାରତ ପ୍ରଥମ: ମୋଦି
- ଶକ୍ତି କ୍ଷେତ୍ରରେ ଦେଶ ଅଭୁତପୂର୍ବ ସଫଳତା ପାଇଛି: ଧର୍ମେନ୍ଦ୍ର
- ୨୦୩୦ ସୁଦ୍ଧା ଦ୍ୱିତୀୟ ସ୍ଥାନରେ ରହିବ
- ଆମେରିକାକୁ ଟପି ଚାଇନା ପ୍ରଥମ ସ୍ଥାନରେ ରହିବ
- ଉଜାଲାରେ ବାର୍ଷିକ ୧୭,୦୦୦ କୋଟି ସଞ୍ଚୟ
- ଇଜ ଅଫ୍ ଇଲେକଟ୍ରିସିଟି ର୍‍ୟାଙ୍କିଙ୍ଗରେ ୨୯ତମ ସ୍ଥାନରେ ଭାରତ
- ଚଳିତ ବର୍ଷ ସୌଭାଗ୍ୟରେ ସବୁ ଘରକୁ ମିଳିବ ବିଦ୍ୟୁତ୍

### ୨୮ହଜାର କୋଟି ଲାଭାଂଶ ଦେବ ଆର୍‌ବିଆଇ

**ମୁମ୍ବାଇ,୧୧-୨**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନିଜ ନିକଟରେ ଥିବା ଅତିରିକ୍ତ ପୁଞ୍ଜିକୁ କେନ୍ଦ୍ର ସରକାରଙ୍କୁ ଦେବାକୁ ରାଜି ନୁହେଁ। ତେବେ କେନ୍ଦ୍ରୀୟ ବ୍ୟାଙ୍କ ଅଡିଟ କମିଟି ଚଳିତ ଆର୍ଥିକ ବର୍ଷ ଲାଗି ସୀମିତ ଆକଳନ ଆଧାରରେ ସରକାରଙ୍କୁ ୨୮ହଜାର କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ଦେବାକୁ ସ୍ଥିର କରିଛି। ଆସନ୍ତା ୧୮ରେ ହେବାକୁ ଥିବା ବୋର୍ଡ ବୈଠକରେ ଏ ସମ୍ପର୍କରେ ଘୋଷଣା କରାଯିବ ବୋଲି ଜଣାପଡ଼ିଛି।

ସୂଚନାଥାଉ କି, ଆର୍‌ବିଆଇ ପାଖରେ ପଡ଼ିରହିଥିବା ପୁଞ୍ଜିର ଏକ ଅଂଶବିଶେଷ ଦେବାକୁ କେନ୍ଦ୍ର ସରକାର କହିଆସୁଛନ୍ତି। ସରକାର ଏହି ଭଣ୍ଡାରକୁ ଅତିରିକ୍ତ ଭଣ୍ଡାର ବୋଲି ଅଭିହିତ କରୁଛନ୍ତି। ଉଲ୍ଲେଖଥାଉ କି, ରିଜର୍ଭ ବ୍ୟାଙ୍କ ନିକଟରେ କେତେ ପୁଞ୍ଜି ରହିବା ଆବଶ୍ୟକ ଅର୍ଥାତ୍ ଏହାର ଆର୍ଥିକ ଢାଞ୍ଚା କିପରି ହେବା ଉଚିତ ତାହା ସ୍ଥିର କରିବା ଲାଗି ପୂର୍ବତନ ଗଭର୍ନର ବିମଲ ଜଲାନଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ମାର୍ଚ୍ଚ ୩୧ ସୁଦ୍ଧା ଏହି କମିଟି ତାଙ୍କର ରିପୋର୍ଟ ଆର୍‌ବିଆଇକୁ ଦେବ। ଅନ୍ୟ ଦେଶ ତୁଳନାରେ କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ଆବଶ୍ୟକତାଠାରୁ ଅଧିକ ପୁଞ୍ଜି ଭଣ୍ଡାର ରହିଛି ବୋଲି କେନ୍ଦ୍ର ସରକାର ଯୁକ୍ତି ଦର୍ଶାଇ ଆସୁଛନ୍ତି। ପ୍ରକାଶ କରାଯାଇପାରେ ଯେ, ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷରେ ୪୦ ହଜାର କୋଟି ଟଙ୍କାର ଲାଭାଂଶ ସରକାରଙ୍କୁ ଦେଇସାରିଥିବା ବେଳେ ଆର୍‌ବିଆଇଠାରୁ ଅତିରିକ୍ତ ୨୮ ହଜାର କୋଟି ଟଙ୍କା ମାଗୁଛି।

# କ୍ଷତିରେ ଅର୍ଦ୍ଧାଧିକ ରେଳ ଜୋନ

**ନୂଆଦିଲ୍ଲୀ,୧୧-୨**

ଦେଶର ମୋଟ ୧୭ ରେଳ ଜୋନ ମଧ୍ୟରୁ ଅର୍ଦ୍ଧାଧିକ ଅର୍ଥାତ୍ ୧୦ଟି ଏବେ ପରିଚାଳନାଗତ କ୍ଷତି ସହୁଛନ୍ତି। କଲିକତା ମେଟ୍ରୋ ମଧ୍ୟ ଏଥିରୁ ବାଦ ପଡ଼ିନି। ମାର୍ଚ୍ଚ ଶେଷ ସୁଦ୍ଧା ପରିଚାଳନା ଅନୁପାତକୁ ୯୮.୨%ରେ ସୀମିତ ରଖିବା ଲାଗି ବଜେଟରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ୨୦୧୮ ଡିସେମ୍ବର ସୁଦ୍ଧା ପରିଚାଳନା ଅନୁପାତ ୧୧୦.୮% ରହିଥିବା ରେଲୱେର ଆଭ୍ୟନ୍ତରୀଣ ରିପୋର୍ଟରେ ଦର୍ଶାଯାଇଛି। ନଭେମ୍ବର ଶେଷ ସୁଦ୍ଧା ଉତ୍ତରାଞ୍ଚଳ ଜୋନର ପରିଚାଳନା ଅନୁପାତ ୧୫୦.୪% ରହିଥିବା ଏହାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ପରିଚାଳନା ଅନୁପାତକୁ ଉନ୍ନତ କରିବା ଲାଗି ବିଭିନ୍ନ ଡିଭିଜନକୁ କୁହାଯାଇଥିବା ଅଧିକାରୀ ଜଣଙ୍କ କହିଛନ୍ତି। ଏହି ଜୋନ ଲାଗି ପରିବର୍ତ୍ତିତ ଧାର୍ଯ୍ୟ ଲକ୍ଷ୍ୟ ୧୧୬% ରହିଛି।

ସବୁ ଜୋନ ଲାଗି ପରିଚାଳନା ଅନୁପାତର ପରିବର୍ତ୍ତିତ ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ କରିବା ରେଳ ମନ୍ତ୍ରଣାଳୟ ଲାଗି ଏକ କଷ୍ଟକର ବ୍ୟାପାର ହେଉଛି। ନେଟ୍ ବିକ୍ରି ଏବଂ ରାଜସ୍ୱକୁ ନେଇ ପରିଚାଳନା ଅନୁପାତ ସାଧାରଣତଃ ବିଚାର କରାଯାଇଥାଏ। ଏହାକୁ ଦେଖିଲେ ଡିସେମ୍ବର ଶେଷ ସୁଦ୍ଧା ପ୍ରତି ୧୦୦ ଟଙ୍କା ପାଇବା ପାଇଁ ରେଳ ମନ୍ତ୍ରଣାଳୟ ୧୧୦ ଟଙ୍କା ଖର୍ଚ୍ଚ କରୁଛି। ବଜେଟ ତଥ୍ୟ ମୁତାବକ ଉତ୍ତର ପୂର୍ବ, ପୂର୍ବ ଉତ୍ତର ଫ୍ରଣ୍ଟିୟର, ଦକ୍ଷିଣ ଏବଂ ଦକ୍ଷିଣ କେନ୍ଦ୍ର ରେଳପଥର ପ୍ରଦର୍ଶନ ସବୁଠାରୁ ଖରାପ ରହିଛି। ଅପରପକ୍ଷରେ ପୂର୍ବତଟ, ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ଏବଂ ଉତ୍ତର କେନ୍ଦ୍ରୀୟ ଜୋନ ଭଲ ପ୍ରଦର୍ଶନ କରିବା ସହ ଅନ୍ୟ ଜୋନଗୁଡ଼ିକର କ୍ଷତିକୁ ଭରଣା କରୁଛନ୍ତି। ଏହି ଜୋନଗୁଡ଼ିକର ସାମଗ୍ରୀ ପରିବହନ ଉନ୍ନତ ରହିଥିବାରୁ ଭଲ ରାଜସ୍ୱ ମିଳୁଛି।

ରେଲୱେର ସଦ୍ୟତମ ଫାଇନାନସିଆଲ ରିଭ୍ୟୁ ମୁତାବକ ଏପ୍ରିଲ-ଡିସେମ୍ବରରେ ଏହା ୧.୩ ଲକ୍ଷ କୋଟି ଟଙ୍କା ରାଜସ୍ୱ ଲାଭ କରିଛି। ୨୦୧୮ ବଜେଟରେ ଏହା ୧.୩୬ ଲକ୍ଷ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଯାତ୍ରୀ ଏବଂ ମାଲ ପରିବହନଜନିତ ରାଜସ୍ୱ କମିଛି। ଏହି ସମୟରେ ଯାତ୍ରୀ ଶୃଙ୍ଖଳାରୁ ୩୮,୧୮୫ କୋଟି ଏବଂ ମାଲ ପରିବହନରୁ ୮୫, ୩୨୯ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି। ୨୦୦୭-୦୮ରେ ରେଲୱେର ପରିଚାଳନା ଅନୁପାତ ୭୫.୯% ଥିଲା ବେଳେ ଗତ ୧୦ ବର୍ଷ ମଧ୍ୟରେ ଏଥିରେ ଉନ୍ନତି ଆସିଛି। ୬ଷ୍ଠ ଏବଂ ୭ମ ବେତନ କମିଶନଙ୍କ ସୁପାରିସ ଲାଗୁ କରିବା ପରେ ରେଲୱେ ଖର୍ଚ୍ଚ ବଢ଼ିଛି। ଫଳରେ ୨୦୧୭-୧୮ରେ ରେଲୱେର ପରିଚାଳନା ଅନୁପାତ ୯୮.୪%ରୁ ଅଧିକ ରହିଛି। ବିଶେଷ କରି ପେନସନ ଏବଂ କର୍ମଚାରୀଙ୍କ ଲାଗି ରେଲୱେକୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି।



- ଆୟଠାରୁ ବଳି ଯାଉଛି ବ୍ୟୟ
- ପ୍ରତି ୧୦୦ ଟଙ୍କା ପାଇବା ପାଇଁ ଖର୍ଚ୍ଚ ହେଉଛି ୧୧୦ ଟଙ୍କା

## ବନ୍ଦେ ଭାରତର ଭଡ଼ା ଶତାବ୍ଦୀର ଦେଢ଼ଗୁଣା

**ନୂଆଦିଲ୍ଲୀ,୧୧-୨**

ଦେଶର ସବୁଠାରୁ ମହଙ୍ଗା ଟ୍ରେନ ହେବାକୁ ଯାଉଛି ଟ୍ରେନ୧୮ ଅର୍ଥାତ୍ ବନ୍ଦେ ଭାରତ ଏକ୍ସପ୍ରେସ। ମାତ୍ର ୮ ଘଣ୍ଟାରେ ଦିଲ୍ଲୀରୁ ବାରାଣସୀ ଯିବାକୁ ଥିବା ଏହି ସେମି ହାଇସ୍ପିଡ ଟ୍ରେନର ଭଡ଼ା ଶତାବ୍ଦୀ ଏକ୍ସପ୍ରେସଠାରୁ ଦେଢ଼ଗୁଣା ଅଧିକ ହେବ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ତାଙ୍କର କହିବାନୁଯାୟୀ, ଏସି ଚେୟାର କାର୍ ପାଇଁ ଯାତ୍ରୀଙ୍କଠାରୁ ୧୮୫୦ ଟଙ୍କା ଏବଂ ଏକ୍‌ଜିକ୍ୟୁଟିଭ ଶ୍ରେଣୀ ପାଇଁ ୩୫୨୦ ଟଙ୍କା ଭଡ଼ା ନିଆଯିବ। ଏଥିରେ କ୍ୟାଟରିଂ ଚାର୍ଜ ଯୋଡାଯାଇଛି। ତେବେ ବାରାଣସୀରୁ ଦିଲ୍ଲୀ ଯାତ୍ରା ବେଳେ ଯାତ୍ରୀଙ୍କୁ ଏହାଠାରୁ କମ୍ ଭଡ଼ା ଦେବାକୁ ହେବ। ଏସି ଚେୟାର କାର୍ ପାଇଁ ୧୭୯୫ ଟଙ୍କା ଏବଂ ଏକ୍‌ଜିକ୍ୟୁଟିଭ ଶ୍ରେଣୀ ପାଇଁ ୩୪୭୦ ଟଙ୍କା ଆଦାୟ କରାଯିବ। ଆସନ୍ତା ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପତାକା ଦେଖାଇ ଏହି ଟ୍ରେନ ଚଳାଚଳର ଶୁଭାରମ୍ଭ କରିବେ।

### ବକେୟାର ଋଣ ପରିଶୋଧ
## ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଗ୍ରୁପ୍ କମ୍ପାନୀଙ୍କୁ ଅନୁମତି

**ନୂଆଦିଲ୍ଲୀ,୧୧-୨**

ଆର୍ଥିକ ସଙ୍କଟର ସାମ୍ନା କରୁଥିବା ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଗ୍ରୁପ୍‌ର ୨୨କମ୍ପାନୀଙ୍କୁ ନିଜର ବକେୟା ପ୍ରଦାନ ଲାଗି ଅନୁମତି ପାଇଛି। ରାଷ୍ଟ୍ରୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ (ଏନ୍‌ସିଏଲ୍‌ଟି) ପକ୍ଷରୁ ଏହି ଅନୁମତି ପ୍ରଦାନ କରାଯାଇଛି। ଏହାବ୍ୟତୀତ ବିଚାରପତି ଏସ.ଜେ.ମୁଖୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ଦୁଇଜଣିଆ ଖଣ୍ଡପୀଠ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଡି.କେ.ଜୈନଙ୍କ ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସେ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଗ୍ରୁପ୍‌ର ସମାଧାନ ପ୍ରକ୍ରିୟାକୁ ପରିଚାଳନା କରିବେ। ଏ ଦିଗରେ ଅପିଲୀୟ ନ୍ୟାୟାଧିକରଣ ଜାରି କରିଥିବା କଟକଣାକୁ ହଟାଇ ଦେବା ସହ ବିଦେଶରେ ଥିବା ଗ୍ରୁପ୍‌ର ୧୩୩ କମ୍ପାନୀର ସମାଧାନ ପ୍ରକ୍ରିୟା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ୨୧ରେ ଇପିଏଫ୍‌ଓ ଟ୍ରଷ୍ଟି ବୈଠକ
## ସୁଧ ହାର ଅପରିବର୍ତ୍ତିତ ରହିବା ସମ୍ଭାବନା

**ନୂଆଦିଲ୍ଲୀ,୧୧-୨**

ଆସନ୍ତା ୨୧ରେ ଏମ୍ପ୍ଲଇଜ ପ୍ରୋଭିଡେଣ୍ଟ ଫଣ୍ଡ ଅର୍ଗାନାଇଜେଶନ(ଇପିଏଫ୍‌ଓ)ର ଟ୍ରଷ୍ଟିଜଙ୍କ ବୈଠକ ବସିବାକୁ ଯାଉଛି। ପେନସନ ପାଣ୍ଠି ପରିଚାଳନା କରୁଥିବା ଏହି ସଂଗଠନ ନିଜର ୬ କୋଟିରୁ ଅଧିକ ସଦସ୍ୟଙ୍କ ଲାଗି ଆସନ୍ତା ଆର୍ଥିକ ବର୍ଷରେ ସୁଧ ହାର ଅପରିବର୍ତ୍ତିତ ରଖିପାରେ। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ପେନସନ ଫଣ୍ଡ ସୁଧ ହାର ୮.୫୫ ପ୍ରତିଶତକୁ ବଜାୟ ରହିବାକୁ ଯାଉଛି। ଉକ୍ତ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ। ତେବେ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସୁଧ ହାର ବଢ଼ାଇବାର ଯଥେଷ୍ଟ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ସୂଚନାଥାଉ କି, କେନ୍ଦ୍ର ଶ୍ରମମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଇପିଏଫ୍‌ଓ ବୋର୍ଡ ଟ୍ରଷ୍ଟିଜର ବୈଠକରେ ସୁଧ ହାର ସମ୍ପର୍କରେ ନିଷ୍ପତ୍ତି ନିଆଯାଏ। ଅର୍ଥ ମନ୍ତ୍ରଣାଳୟର ଅନୁମୋଦନ ପରେ ପେନସନ ଫଣ୍ଡ ସଦସ୍ୟଙ୍କ ଆକାଉଣ୍ଟରେ ସୁଧକୁ କ୍ରେଡିଟ କରିଦିଆଯାଏ।

**ବିହନ ବିଶୋଧନ ଅଭିଯାନ ୨୦୧୮-୧୯ ରବି ଋତୁ**

ଆସନ୍ତା ୧୨।୦୨।୨୦୧୯ରୁ ୧୫।୦୨।୨୦୧୯ ତାରିଖ ପର୍ଯ୍ୟନ୍ତ ଧାମନଗର, ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକରେ ବିହନ ବିଶୋଧନ ଅଭିଯାନର ତାଲିମ କାର୍ଯ୍ୟକ୍ରମ ହେବ। ଚାଷୀମାନଙ୍କର ଡାଲି ଜାତୀୟ ବିହନକୁ ମାଗଣାରେ ବିହନ ବିଶୋଧନ କରି ଦିଆଯିବ। ଏହି ଅଭିଯାନରେ ଯୋଗଦାନ ନିମନ୍ତେ ଅନୁରୋଧ ରହିଲା। ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।
**ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ଧାମନଗର**

**ADVERTISEMENT**
**NO.249/SW/ Dt.07.02.2019**

Sealed tenders are invited from Registered Printing Press/ Supplying Agencies for Printing and supply of NUA ARUNIMA ABHYASA PUSTIKA PART - I & II. Intending Printing Press / Firms may download T & C from Website **www.angul.nic.in** and submit their tender latest by 1.00 PM. of 01.03.2019.

*Sd./-*
*Collector, Angul*

**DISTRICT OFFICE, ANGUL**
**(Social Welfare Section)**
**No.210 / SW Date - 02.02.2019**
**IST CORRIGENDUM**

**(TO TENDER CALL NOTICE No - 2361 DATED 15.12.2018 FOR ENGAGEMENT OF TRANSPORT CONTRACTOR FOR TRANSPORTING OF WHEAT AND RICE UNDER SNP)**

The following changes are made in the Tender Notice No - 2361 dated 15.12.2018 for engagement of Transport Contractor for Transporting of Wheat and Rice under SNP in Angul District.
1 - Last date for available of tender Paper - 19.02.2019 by 1.00 PM.
2 - Last date for Submission of Tender Paper - 20.02.2019 by 1.00 PM.
3 - Opening of Tender Paper - 20.02.2019 by 3.00 PM.
All other Terms and Condition of the tender remained unaltered.
Further details can be seen from the District website **www.angul.nic.in.**

*Sd./-*
*COLLECTOR, ANGUL*

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
**(A Government of Odisha Undertaking)**
**Office of the Deputy General Manager (Electrical).). E.H.T. (O&M) Division, Duburi (New), At: Bhitarmanika, PO: Pankapal, Dist: Jajpur-755026,**
**email: ehtm.div.nduburi@optcl.co.in, CIN: U40102OR2004SGC007553**
**(Connect us- Facebook/optcl.odisha, Twitter/optcl.odisha)**
**NO. TECH/03** **DATE: 11.02.2019**

**TENDER CALL NOTICE NO.- 03/18-19**

Sealed tenders are invited from contractors having valid Civil contract License, Electrical contract license, Labour license, valid PAN, ITCC & GST Registration Certificate to executive the work of "Painting of two Nos. of Power Transformer (ICT I & II 315MVA, 400/220KV) at 400/220KV Grid S/S, New Duburi" under EHT (O&M) Division, Duburi (New). Cost of tender paper is Rs. 2000/- + GST @ 12% = 2240/-, EMD @ 1% of the tendered value i.e. (Rs. 2100/-). Sale of tender documents is from Dt. 13.02.2019 to Dt. 23.02.2019 (During office hours). Last date of submission of tender is Dt. 25.02.2019 upto 01.00 PM. Date of opening of tender is Dt. 25.02.2019 at 3.00 PM. For details visit our website www.optcl.co.in
Corrigendum if any will be published in the website only.
**Sd./- Dy. General Manager (Elect.),EHT (O&M) Division, Duburi (New)**

**ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ସୁନ୍ଦରଗଡ଼** No.871-E
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER: SUNDARGARH.**
**Notice No.795 / CDM & PHO / SNG / Dt.07.02.2019**
**(ଆପ୍ଲିକେସନ୍ ଫର୍ ପେଷ୍ଟ କଣ୍ଟ୍ରୋଲ୍ ପ୍ରୋଗ୍ରାମ୍ସ ଆଟ୍ ଡି.ଏଚ୍. ଏଚ୍, ସୁନ୍ଦରଗଡ଼)**

The sealed tenders are invited from the willing Agency / Organization / NGOs to quote the rates for Pest Control Programmes at **DHH,Sundargarh.** The bidders are requested to submit their sealed tenders to the office of the undersigned by Speed Post / Regd. Post / Courier Services only on or before Dt.20.02.2019 till 5.00 PM. The seal tenders will be opened on Dt.21.02.2019 at 1.00 PM. and after due date & time any tenders will not be entertained. The bidders must be super-scribed on the top-up envelope as "**Application for Pest Control Programme of DHH, Sundargarh.** The tender shall be opened in presence of Quoted agency / parties himself or their authorized representatives in the fixed date & time. The term & condition can be downloaded from the District website-**www.sundergarh.nic.in.**
The undersigned reserves the right to accept / reject all the tenders without assigning any reason thereof.
**Sd./- Dr.D.K. Sarangi,**
**Chief District Medical & Public Health Officer,**
**Sundargarh.**
10100/11/0080/1819

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ନିର୍ଗମ ବିଭାଗ, ଭୁବନେଶ୍ୱର**
**ଇ-ଟେଣ୍ଡର ନିମନ୍ତ୍ରଣ ସୂଚନା**

କ୍ଷେତ୍ରୀୟ ନିର୍ଦ୍ଦେଶକ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱରର ଶ୍ରମିକ ଯୋଗାଣ ଏବଂ ଟଙ୍କା ବାକ୍ସ ଓ ମୁଦ୍ରା ବ୍ୟାଗ ପରିବହନ ନିମନ୍ତେ ସମର୍ଥ ଓ ଅଭିଜ୍ଞତା ଥିବା ଶ୍ରମିକ ଏବଂ ପରିବହନ ଠିକାଦାରଙ୍କ ଠାରୁ ଦୁଇ ବିଡ୍ ପ୍ରଣାଳୀରେ ଇ-ଟେଣ୍ଡର ନିମନ୍ତ୍ରଣ କରୁଛନ୍ତି। ଶ୍ରମିକ ଏବଂ ପରିବହନ ଠିକାଦାରଙ୍କର ପରିବହନ କ୍ଷେତ୍ରରେ ନ୍ୟୁନତମ ୫ ବର୍ଷ ଏବଂ ଶ୍ରମିକ ଯୋଗାଣ କ୍ଷେତ୍ରରେ ନ୍ୟୁନତମ ୩ ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ। ଠିକାଦାରଙ୍କ ପାଖରେ (୧) ଟ୍ରକ (ଯଥେଷ୍ଟ ମୋଟେଇ ତଥା ଉପଯୁକ୍ତ ଲକିଙ୍ଗ ସିଷ୍ଟମ ଏବଂ **GPS** ବ୍ୟବସ୍ଥା ଥିବା ୯ ଟନ ବୋଝେଇ କ୍ଷମତାଶୀଳ) ଦ୍ୱାରା ଟଙ୍କା ଏବଂ ମୁଦ୍ରା ରିଜର୍ଭ ବ୍ୟାଙ୍କରୁ/କୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ମୁଦ୍ରା କୋଷରୁ/କୁ, ବ୍ୟାଙ୍କ ଶାଖାରୁ/କୁ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ ମୁଦ୍ରଣ ପ୍ରେସରୁ/କୁ ଓ ଅନ୍ୟ ରିଜର୍ଭ ବ୍ୟାଙ୍କ କାର୍ଯ୍ୟାଳୟ ଇତ୍ୟାଦି ରୁ/କୁ ରୋଡ଼ ଯୋଗେ ପଠେଇବା ନିମନ୍ତେ (୨) ଅନୁସୂଚୀରେ ଥିବା ବିଭିନ୍ନ କାର୍ଯ୍ୟ ନିମନ୍ତେ ଶ୍ରମିକ ଯୋଗାଣ ହେତୁ ଉପଯୁକ୍ତ ତଥ୍ୟ ଏବଂ ବିଧିମାନ୍ୟ ଲାଇସେନ୍ସ ଥିବା ଆବଶ୍ୟକ।

୨. ଉପରୋକ୍ତ ଟେଣ୍ଡର ସମ୍ବନ୍ଧୀୟ ଅନ୍ୟାନ୍ୟ ବିବରଣୀ **https://www.mstcecommerce.com/eprochome/rbi** ୱେବସାଇଟରେ ଉପଲବ୍ଧ। ସମ୍ପୂର୍ଣ୍ଣ ବିବରଣୀ ତଥା ଯୋଗ୍ୟତା ଏବଂ ଅଭିଜ୍ଞତା ସମ୍ବନ୍ଧୀୟ ତଥ୍ୟ ବ୍ୟାଙ୍କର ୱେବସାଇଟ **https://www.rbi.org.in** ରେ ଉପଲବ୍ଧ। ଏହି ଟେଣ୍ଡରର ସମସ୍ତ ପ୍ରକ୍ରିୟା **M/s MSTC Ltd** ର **e-tendering portal https://www.mstcecommerce.com/eprochome/rbi** ରେ କାର୍ଯ୍ୟକାରୀ ହେବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା ଠିକାଦାରମାନେ ନିଜକୁ ଉପରୋକ୍ତ ୱେବସାଇଟରେ ରେଜିଷ୍ଟ୍ରେସନ କରିବାକୁ ପଡିବ।
୩. ଟେଣ୍ଡର ଆବେଦନର ଶେଷ ତାରିଖ ୨୮.୦୨.୨୦୧୯ ଅପରାହ୍ନ ୧୨.୩୦ ଘଟିକା ପର୍ଯ୍ୟନ୍ତ ରହିବ। ଟେଣ୍ଡରର ଭାଗ-୧ (ବୈଷୟିକ ବିଡ୍) ସେହି ଦିନ ଅପରାହ୍ନ ୦୩.୦୦ ଘଟିକାରେ ଖୋଲା ହେବ ଏବଂ ଭାଗ-୧ ଯୋଗ୍ୟତା ମାନଦଣ୍ଡକୁ ପୂରଣ କରୁଥିବା କେବଳ ସେହି ଠିକାଦାରଙ୍କ ଭାଗ-୨ (ମୂଲ୍ୟ ବିଡ୍) ଖୋଲା ଯିବ।
୪. କୌଣସି କାରଣ ନ ଦର୍ଶାଇ ଏହି ସମ୍ବନ୍ଧୀୟ କୌଣସି ଏକ ଆବେଦନପତ୍ର ବା ସମସ୍ତ ଆବେଦନପତ୍ରକୁ ନାକଚ କରିବାର ଅଧିକାର ବ୍ୟାଙ୍କର ରହିଛି।

**ବି.ଦ୍ର. : ସମସ୍ତ ଠିକାଦାର ମାନଙ୍କୁ ଅବଗତ କରାଇ ଦିଆ ଯାଉଛି ଯେ ଟେଣ୍ଡର ସମ୍ବନ୍ଧୀୟ କୌଣସି ସଂଶୋଧନ / ଶୁଦ୍ଧିପତ୍ର ଭବିଷ୍ୟତରେ RBI ଓ MSTC Ltd ୱେବସାଇଟରେ ଅଧିସୂଚିତ ହେବ ଏବଂ ଏହି ତଥ୍ୟ କୌଣସି ସମ୍ବାଦ ପତ୍ରରେ ପ୍ରକାଶିତ ହେବ ନାହିଁ।**

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ଭୁବନେଶ୍ୱର**



ଭୁଲ୍ ବେଳେବେଳେ ହୋଇଥାଏ। ଷ୍ଟିଭେନ ସ୍ମିଥ୍‌ଙ୍କୁ ଆମେ ଭଲପାଇବା ସହ ଟିମ୍‌କୁ ସ୍ୱାଗତ କରିବୁ।

–ଅଜିଙ୍କ୍ୟ ରାହାନେ
ରାଜସ୍ଥାନ ରୟାଲ୍ସ ଅଧିନାୟକ



୨୦୧୯ ଆଇସିସି ବିଶ୍ୱକପ୍ ଦଳରେ ସ୍ଥାନ ପାଇବା ଲାଗି ରିଷଭ ପନ୍ତ, ବିଜୟ ଶଙ୍କର ଓ ଅଜିଙ୍କ୍ୟ ରାହାନେ ଦାବିଦାର ରହିଛନ୍ତି।

–ଏମ୍.ଏସ୍.କେ. ପ୍ରସାଦ, ଭାରତୀୟ ଚୟନ କମିଟି ଅଧ୍ୟକ୍ଷ

## ସଂକ୍ଷେପରେ

### ପାକିସ୍ତାନର ସ୍ମରଣୀୟ ଦିନିକିଆ ସିରିଜ ବିଜୟ

**ଦୁବାଇ, ୧୧।୨:** ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମହିଳା କ୍ରିକେଟ୍ ଟିମ୍ ବିପକ୍ଷରେ ସୋମବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚ୍‌କୁ ପାକିସ୍ତାନ ୪ ଉଇକେଟ୍‌ରେ ଜିତିନେଇଛି। ପାକିସ୍ତାନ ମହିଳା କ୍ରିକେଟ ଟିମ୍ ଏଥିସହ ୨-୧ରେ ସିରିଜ ବିଜୟୀ ହୋଇଛି। ଏଥିସହ ପାକିସ୍ତାନ ପ୍ରଥମଥର ଲାଗି ୱେଷ୍ଟଇଣ୍ଡିଜ ବିପକ୍ଷରେ ଏକ ଦିନିକିଆ ସିରିଜ ଜିତିବାର ସୌଭାଗ୍ୟ ଲାଭ କରିଛି। ପୂର୍ବରୁ ପ୍ରଥମ ଦିନିକିଆକୁ ୱେଷ୍ଟଇଣ୍ଡିଜ ୧୪୬ ରନରେ ଏବଂ ୨ୟ ଦିନିକିଆକୁ ପାକିସ୍ତାନ ୩୪ ରନରେ ଜିତିଥିଲା। ସୋମବାର ସ୍ଥାନୀୟ ଆଇସିସି କ୍ରିକେଟ୍ ଏକାଡେମୀଠାରେ ଖେଳାଯାଇଥିବା ଏହି ଲୋ-ସ୍କୋରିଂ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ମହିଳା କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ୪୭.୩ ଓଭରରେ ୧୫୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟିକା ଷ୍ଟାଫିନ ଟେଲର ୫୨ ରନ କରିଥିଲେ। ପାକିସ୍ତାନ ପକ୍ଷରୁ ଡିଆନ ବେଗ୍ ଓ ନଶ୍ରା ସାନ୍ଧୁ ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ପାକିସ୍ତାନ ଓପନର୍ ସିଦ୍ରା ଅମିନ୍ (୫୨ ରନ)ଙ୍କ ଅର୍ଦ୍ଧଶତକ ବଳରେ ୬ ଉଇକେଟ୍ ହରାଇ ୧୬ଟି ବଲ୍ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟ ସହ ପାକିସ୍ତାନ (୧୨ ପଏଣ୍ଟ) ଆଇସିସି ୱିମେନ୍ସ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଅଷ୍ଟ୍ରେଲିଆ (୧୬), ନ୍ୟୁଜିଲାଣ୍ଡ (୧୪) ଓ ଭାରତ (୧୨) ମହିଳା କ୍ରିକେଟ୍ ଟିମ୍ ଯଥାକ୍ରମେ ତାଲିକାର ଟପ୍-୩'ରେ ରହିଛନ୍ତି।

### କମିନ୍ସଙ୍କୁ ଆଲାନ ବର୍ଡର ମେଡାଲ

**ସିଡନୀ, ୧୧।୨:** ଚଳିତ ବର୍ଷର ଅଷ୍ଟ୍ରେଲିଆ କ୍ରିକେଟ ପୁରସ୍କାର ପ୍ରଦାନ କରାଯାଇଛି। ପ୍ୟାଟ କମିନ୍ସ ଓ ହାର୍ଡ ହିଟିଂ ଅଲିଶା ହିଲି ଶ୍ରେଷ୍ଠ ପୁରସ୍କାର ହାସଲ କରିଛନ୍ତି। କମିନ୍ସ ୨୦୧୯ ଆଲାନ ବର୍ଡର ପୁରସ୍କାର ଓ ହିଲିଙ୍କୁ ବେଲିଣ୍ଡା କ୍ଲାର୍କ ପୁରସ୍କାର ପ୍ରଦାନ କରାଯାଇଛି। କ୍ରିକେଟ ଅଷ୍ଟ୍ରେଲିଆ ଓ ଅଷ୍ଟ୍ରେଲିଆନ୍ କ୍ରିକେଟର୍ସ ଆସୋସିଏଶନ ନୂଆ ରୂପରେ ଏହି ପୁରସ୍କାରମାନ ପ୍ରଦାନ କରିଛି। ହିଲି ଦିନିକିଆ, ଟି୨୦ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଥିବା ବେଳେ ବେଲିଣ୍ଡା କ୍ଲାର୍କ ମେଡାଲ ହାସଲ କରିଛନ୍ତି। ମିଚେଲ ଜନସନଙ୍କ ପରେ କମିନ୍ସ ପ୍ରଥମ ବୋଲରଭାବେ ନାଥନ ଲିୟନଙ୍କୁ ପଛରେ ପକାଇ ଆଲାନ ବର୍ଡର ମେଡାଲ ପାଇଛନ୍ତି। ଲିୟନ ଅବଶ୍ୟ ଟେଷ୍ଟ ପ୍ଲେୟାର ଅଫ୍ ଦି ଇୟର ପୁରସ୍କାର ହାସଲ କରିଛନ୍ତି। ଡିନ୍ ଜୋନ୍ସ, ବିଲି ମୁର୍ଡୋଚ୍ ଓ କାଥରିନ ଫିଜପାଟ୍ରିକ ଅଷ୍ଟ୍ରେଲିଆନ୍ ହଲ ଫେମ୍‌ରେ ସାମିଲ ହୋଇଛନ୍ତି।

### ପିଙ୍କ୍ ଜର୍ସି ପିନ୍ଧିବ ରାଜସ୍ଥାନ ରୟାଲ୍ସ

**ନୂଆଦିଲ୍ଲୀ, ୧୧।୨:** ରାଜସ୍ଥାନ ରୟାଲ୍ସ ଦଳ ଆଗାମୀ ଆଇପିଏଲ୍‌ରେ ପିଙ୍କ୍ ରଙ୍ଗର ଜର୍ସି ପିନ୍ଧି ଖେଳିବ। ଏଥିନେଇ ଫ୍ରାଞ୍ଚାଇଜ ପକ୍ଷରୁ ଘୋଷଣା କରାଯାଇଛି। ଗତ ସଂସ୍କରଣରେ ପିଙ୍କ୍ ଜର୍ସିକୁ ପ୍ରଶଂସକଙ୍କଠାରୁ ସମର୍ଥନ ମିଳିବା ପରେ ଜର୍ସିର ରଙ୍ଗରେ ପରିବର୍ତ୍ତନ କରାଯାଇଛି। ଏହି ରଙ୍ଗକୁ ଅଫିସିଆଲ ଜର୍ସି ଭାବେ ଘୋଷଣା କରି ଅତ୍ୟନ୍ତ ଖୁସି ବୋଲି ଫ୍ରାଞ୍ଚାଇଜ ମାଲିକ ମନୋଜ ବାଦଲେ କହିଛନ୍ତି।

# କୁଳଦୀପଙ୍କୁ କ୍ୟାରିୟରର ଶ୍ରେଷ୍ଠ ମାନ୍ୟତା

**ଦୁବାଇ,୧୧।୨(ପିଟି)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସୋମବାର ନୂଆ ଟି୨୦ ର୍‍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି। ଭାରତୀୟ ଖେଳାଳିଙ୍କ ମଧ୍ୟରେ ଚାଇନାମ୍ୟାନ୍ ସ୍ପିନର କୁଳଦୀପ ଯାଦବଙ୍କ ର୍‍ୟାଙ୍କିଙ୍ଗ୍‌ରେ ଉଲ୍ଲେଖନୀୟ ଉନ୍ନତି ଆସିଛି। ସେ ମଧ୍ୟ ବୋଲରଙ୍କ ର୍‍ୟାଙ୍କିଙ୍ଗ୍‌ରେ ଦ୍ୱିତୀୟ

**ଟି୨୦ ର୍‍ୟାଙ୍କିଙ୍ଗ୍**

ସ୍ଥାନକୁ ଉଠିଛନ୍ତି। ଏହା ତାଙ୍କ ଟି୨୦ କ୍ୟାରିୟରର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍। ତାଙ୍କ ବ୍ୟତୀତ ଅନ୍ୟ କୌଣସି ଭାରତୀୟ ବୋଲର ଟପ୍ ୧୦ରେ ସ୍ଥାନ ପାଇନାହାନ୍ତି। ଏହି ତାଲିକାର ଶୀର୍ଷରେ ରହିଛନ୍ତି ଆଫଗାନିସ୍ତାନ ସ୍ପିନର ରସିଦ୍ ଖାଁ। ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ମାନ୍ୟତାରେ ଅବନତି ଦେଖାଯାଇଛି। ସେ ପୂର୍ବାପେକ୍ଷା ୬ଟି ସ୍ଥାନ ତଳକୁ ଖସି



୧୭ତମ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ରହିଛନ୍ତି ପେସର ଭୁବନେଶ୍ୱର କୁମାର (୧୮ତମ)। ପାକିସ୍ତାନ ବ୍ୟାଟ୍ସମ୍ୟାନ ବାବର ଆଜମଙ୍କ ନେତୃତ୍ୱାଧୀନ ତାଲିକାରେ ରୋହିତ ୭ମ ସ୍ଥାନ ଅଧିକାର କରିଥିବାବେଳେ ଲୋକେଶ ରାହୁଲ ଟପ୍ ୧୦ରୁ ଖସିଯାଇଛନ୍ତି। ରୋହିତ୍‌ଙ୍କ ଓପନିଂ ପାର୍ଟନର ଶିଖର ଧାୱନ ୧୧ତମ ସ୍ଥାନ ପାଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ନ ଖେଳିବାରୁ ବିରାଟ କୋହଲିଙ୍କ ମାନ୍ୟତାରେ ହ୍ରାସ ଘଟିଛି। ଭାରତୀୟ ଅଧିନାୟକ ୪ ସ୍ଥାନ ତଳକୁ ଖସି ଜିମ୍ବାୱେର ହାମିଲଟନ ମାସ୍‌କାଡ୍‌ଜାଙ୍କ ସହ ମିଳିତ ୧୯ତମ ର୍‍ୟାଙ୍କିଙ୍ଗ୍ ପାଇଛନ୍ତି। ବାମହାତୀ ସ୍ପିନର କ୍ରୁନାଲ ପାଣ୍ଡ୍ୟା ୩୯ ପାହ୍ୟା ଉପରକୁ ଉଠି ୫୯ତମ ଅଧିକାର କରିଛନ୍ତି। ଏହା ତାଙ୍କ ପାଇଁ ଶ୍ରେଷ୍ଠ ମାନ୍ୟତା। ଏହାବାଦ୍ ନ୍ୟୁଜିଲାଣ୍ଡ ଦଳଠାରୁ ଗତ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ହାରିବା ପରେ ମଧ୍ୟ ଭାରତ ଦ୍ୱିତୀୟ ସ୍ଥାନ ବଜାୟ ରଖିଛି। ହେଲେ ଦୁଇ ପଏଣ୍ଟ ହରାଇବାକୁ ପଡ଼ିଛି। ପାକିସ୍ତାନ ଦଳ ପୂର୍ବଭଳି ଶୀର୍ଷରେ ରହିଛି।

# କଟକରେ ରାଜ୍ୟଗୋଷ୍ଠୀ ଟିଟି ଚାମ୍ପିୟନଶିପ

**କଟକ ଅଫିସ,୧୧।୨:** ବିଶ୍ୱ ଟେବୁଲ ଟେନିସ କ୍ରୀଡ଼ାର ମହାକୁମ୍ଭ ଭାବେ ପରିଚିତ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ (ଟିଟି)ଚାମ୍ପିୟନଶିପ୍‌ର ୨୦୧୯ ସଂସ୍କରଣ ଓଡ଼ିଶାରେ ହେବ ବୋଲି ପୂର୍ବରୁ ଘୋଷଣା ହୋଇଥିଲା। ତେବେ ଏହା କଟକର ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଆୟୋଜିତ ହେବ ବୋଲି ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ପକ୍ଷରୁ ସ୍ପଷ୍ଟ ଘୋଷଣା କରାଯାଇଛି। କଟକ କିମ୍ବା ଭୁବନେଶ୍ୱର କେଉଁଠାରେ ଏହି ଚାମ୍ପିୟନଶିପ ହେବ ସେ ନେଇ ସଂଘ ପୂର୍ବରୁ ଦୋ ଛକିରେ ରହିଥିଲା। ଅନ୍ୟପକ୍ଷରେ ସୋମବାର ପ୍ରତିଯୋଗିତା ଆୟୋଜନ ନେଇ ରାଜ୍ୟ କ୍ରୀଡ଼ା ବିଭାଗର କମିଶନର ତଥା ସଚିବ ବିଶାଳ କୁମାର ଦେବ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ରାଜ୍ୟ ସଂଘ ସଭାପତି ଏଲ୍.ଏନ୍ ଗୁପ୍ତା ଓ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏବେ କେବଳ ଖେଳାଳିମାନଙ୍କ

**ଷ୍ଟାଡିୟମ ଅନୁଧ୍ୟାନ କଲେ କ୍ରୀଡ଼ା ସଚିବ**

ରହଣି ଓ ଯାତାୟାତ ବ୍ୟବସ୍ଥା ନେଇ ଚିନ୍ତା ରହିଛି। ସେ ଦିଗରେ ଖୁବଶୀଘ୍ର ଆଲୋଚନା କରାଯିବ ବୋଲି ସମ୍ପାଦକ ପରିଡ଼ା କହିଛନ୍ତି। ଏହି ଚାମ୍ପିୟନଶିପ ଉତ୍ତରପ୍ରଦେଶର ଲକ୍ଷ୍ନୌରେ କରାଯିବ ବୋଲି ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆ ସ୍ଥିର କରିଥିଲା। ମାତ୍ର ଗତ ମାସରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୮୦ତମ ସିନିୟର ଆନ୍ତଃ ରାଜ୍ୟ ତଥା ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ସଫଳପୂର୍ଣ୍ଣ ଭାବେ ଆୟୋଜିତ ହେବା ପରେ ଫେଡେରେଶନ ନିଷ୍ପତ୍ତିରେ ପରିବର୍ତ୍ତନ ଆଣିଥିଲା। ଉଦ୍‌ଯାପନୀ ଉତ୍ସବରେ ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଏମ୍.ପି ସିଂ ଅତିଥି ଭାବେ ଯୋଗ ଦେବା ସହ ଓଡ଼ିଶାରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ ହେବ ବୋଲି କହିଥିଲେ।

# ଆଜିଠାରୁ ଇରାନୀ କପ୍: ଅବଶିଷ୍ଟ ଭାରତ–ବିଦର୍ଭ ମୁକାବିଲା

**ନାଗପୁର,୧୧।୨(ପି.ଟି.)**

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ମଙ୍ଗଳବାରଠାରୁ ଇରାନୀ କପ୍ ଆରମ୍ଭ ହେବ। ୫ଦିନ ଧରି ଚାଲିବାକୁ ଥିବା ଏହି ମ୍ୟାଚ୍‌ରେ ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ଅବଶିଷ୍ଟ ଭାରତ ଓ ଏଥରର ରଣଜୀ ଚାମ୍ପିୟନ ବିଦର୍ଭ ପରସ୍ପରକୁ ଭେଟିବେ। ଆଗକୁ ଇଂଲଣ୍ଡରେ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବା ବେଳେ ଚୟନକର୍ତ୍ତାମାନେ ଏହି ମ୍ୟାଚ୍ ଉପରେ ନଜର ରଖିଛନ୍ତି। ବିଶ୍ୱକପ୍ ଦଳରେ ସ୍ଥାନ ହାସଲ କରିବାକୁ ଆଶା ରଖିଥିବା ରାହାନେ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛନ୍ତି। ଗତଥର ବିଦର୍ଭ ଉଭୟ ରଣଜୀ ଟ୍ରଫି ଓ ଇରାନୀ କପ୍ ହାସଲ କରିଥିଲା। ଅବଶିଷ୍ଟ ଭାରତୀୟ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଦୃଢ। ରାହାନେଙ୍କ ସମେତ ମୟଙ୍କ ଅଗ୍ରୱାଲ, ଶ୍ରେୟାସ ଆୟର, ହନୁମା ବିହାରୀଙ୍କ ଭଳି ବ୍ୟାଟ୍ସମ୍ୟାନ ବିଦର୍ଭ ପାଇଁ ସମସ୍ୟା ସୃଷ୍ଟି କରିବେ। ବିଦର୍ଭ ଦଳରେ ବରିଷ୍ଠ ବୋଲର ଉମେଶ ଯାଦବ ଇଞ୍ଜୁରୀ କାରଣରୁ ଖେଳିବେ ନାହିଁ। ତାଙ୍କୁ ବିଶ୍ରାମ କରିବାକୁ ପରାମର୍ଶ ଦିଆଯାଇଛି। ତାଙ୍କ ବଦଳରେ ଯଶ ଠାକୁର ଦଳରେ ସାମିଲ ହୋଇଛନ୍ତି। ତେବେ ଦଳରେ ୪୧ ବର୍ଷୀୟ ଅଭିଜ୍ଞ ବ୍ୟାଟ୍ସମ୍ୟାନ ୱାସିମ ଜାଫର, ବାମହାତୀ ସ୍ପିନର ଆଦିତ୍ୟ ସରୱାତେ, ଉଇକେଟ କିପର ବ୍ୟାଟ୍ସମ୍ୟାନ ଅକ୍ଷୟ ୱାଡେକର ଓ ଦ୍ରୁତ ବୋଲର ରଜନୀଶ ଗୁର୍ବାନୀ ରହିଛନ୍ତି। ଉଭୟ ଦଳରେ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନଙ୍କ ସମେତ ଦ୍ରୁତ ବୋଲର ଓ ସ୍ପିନର ରହିଛନ୍ତି। ଫଳରେ ଏହି ମୁକାବିଲା ସଂଘର୍ଷପୂର୍ଣ୍ଣ ହେବା ସହ ରୋମାଞ୍ଚ ହେବ ବୋଲି ଆଶା କରାଯାଉଛି।

**ଅବଶିଷ୍ଟ ଭାରତୀୟ ଦଳ:** ଅଜିଙ୍କ୍ୟ ରାହାନେ (ଅଧିନାୟକ), ମୟଙ୍କ ଅଗ୍ରୱାଲ, ଅନମୋଲପ୍ରୀତ ସିଂ, ହନୁମା ବିହାରୀ, ଶ୍ରେୟାସ ଆୟାର, ଇଶାନ କିଷନ, କ୍ରିଷ୍ଣାପ୍ପା ଗୋଥାମ, ଧର୍ମେନ୍ଦ୍ରସିନ ଜାଡେଜା, ରାହୁଲ ଚହର, ଅଙ୍କିତ ରାଜପୁତ, ଟିଏମ୍ ଉଲ ହକ, ରୋନିତ ମୋରେ, ସନ୍ଦୀପ ୱାରିୟର, ରିଙ୍କୁ ସିଂ ଓ ସ୍ନେଲ ପଟେଲ।

**ବିଦର୍ଭ ଦଳ:** ଫୈଜ ଫଜଲ (ଅଧିନାୟକ), ସଞ୍ଜୟ ରଘୁନାଥ, ୱାସିମ ଜାଫର, ମୋହିତ କାଲେ, ଗଣେଶ ସତୀଶ, ଅକ୍ଷୟ ୱାଡେକର, ଆଦିତ୍ୟ ସରୱାତେ, ଅକ୍ଷୟ କର୍ନେୱାର, ଅକ୍ଷୟ ୱାଖରେ, ଉମେଶ ଯାଦବ, ରଜନୀଶ ଗୁର୍ବାନୀ, ଶ୍ରୀକାନ୍ତ ୱାଘ୍, ଲଳିତ ଏମ୍ ଯାଦବ, ଯଶ ଠାକୁର, ଆଦିତ୍ୟ ଠାକରେ ଓ ଅର୍ଥବ ତାଇଡେ।

# ଅଶୋକ ଦିଣ୍ଡା ଆହତ

**କୋଲକାତା,୧୧।୨:** ଭାରତୀୟ ପେସର ଅଶୋକ ଦିଣ୍ଡା ସୋମବାର ଏକ ଅଭ୍ୟାସ ମ୍ୟାଚ୍‌ବେଳେ ଆହତ ହୋଇଛନ୍ତି। ସ୍ଥାନୀୟ ଇଡେନ ଗାର୍ଡେନରେ ଖେଳାଯାଇଥିବା ମ୍ୟାଚ୍‌ରେ ବ୍ୟାଟ୍ସମ୍ୟାନ ବିବେକ ସିଂଙ୍କ ଏକ ଷ୍ଟ୍ରେଟ୍ ଡ୍ରାଇଭ ଶର୍ଟ ବୋଲିଂ କରୁଥିବା ଦିଣ୍ଡାଙ୍କ କପାଳରେ ଖୁବ୍ ଜୋରରେ ବାଜିଥିଲା। ବଲ୍ ବାଜିବା ପରେ ସେ ତୁରନ୍ତ ଫିଲ୍ଡରେ ପଡ଼ିଯାଇଥିଲେ। ତୁରନ୍ତ ସେଠାରେ ଉପସ୍ଥିତ ଥିବା ଖେଳାଳି ଓ ଫିଜିଓ ତାଙ୍କ ନିକଟକୁ ଦୌଡ଼ି ଆସିଥିଲେ। ତେବେ ଓଭର ଶେଷ କରିବା ପରେ ୩୪ ବର୍ଷୀୟ ବୋଲରଙ୍କୁ ମେଡିକାଲ ନିଆଯାଇଥିଲା। ସେଠାରେ ସିଟି ସ୍କାନ୍ କରାଯିବା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି।

# ୱାର୍ଲ୍ଡ ପାରା ଗେମ୍ସରେ ପ୍ରମୋଦ, ରମେଶ



ପ୍ରମୋଦ ଭଗତ



ଭି. ରମେଶ ରାଓ

**ଭୁବନେଶ୍ୱର, ୧୧।୨(ସ୍ପୋର୍ଟ୍ସ ବ୍ୟୁରୋ):** ୱାର୍ଲ୍ଡ ପାରା ଗେମ୍ ଚଳିତ ମାସ ୧୨ରୁ ୧୭ ତାରିଖ ପର୍ଯ୍ୟନ୍ତ ୟୁଏଇର ଶାରଜାଠାରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଦୁଇ ତାରକା ପାରା କ୍ରୀଡ଼ାବିତ୍ ପ୍ରମୋଦ ଭଗତ୍ ଓ ଭି. ରମେଶ ରାଓ ଅଂଶଗ୍ରହଣ କରିବେ। ପ୍ରମୋଦ ବ୍ୟାଡ୍‌ମିଣ୍ଟନରେ ଏବଂ ରମେଶ ହୁଇଲ୍ ଚେୟାର୍ ଫେନ୍ସିଂରେ ଭାଗନେବେ। ଛ' ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଆଥ୍ଲେଟିକ, ଆର୍ଚେରୀ, ବ୍ୟାଡ୍‌ମିଣ୍ଟନ, ରୋଇଂ, ଶୁଟିଂ, ସୁଇମିଂ, ଟେବୁଲ ଟେନିସ ଓ ହ୍ୱିଲ ଚେୟାର ଫେନ୍ସିଂରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଦୁଇ ଓଡ଼ିଆ ପ୍ରତିଯୋଗୀ ଏଥିରେ ଭଲ ପ୍ରଦର୍ଶନ କରିବେ ବୋଲି ଓଡ଼ିଶା ପାରା ପ୍ଲେୟାର ଫୋରମ୍‌ର ସାଧାରଣ ସମ୍ପାଦକ ରାଖେଲ କୁମାର ସେଠୀ ଆଶାବାଦୀ ରହିଛନ୍ତି।

# ତରସିଲାଙ୍କ ହ୍ୟାଟ୍ରିକ: ଓଡ଼ିଶା ବିଜୟୀ

**କଟକ ଅଫିସ,୧୧।୨:** ହରିୟାଣାର ହିସାରଠାରେ ଚାଲିଥିବା ୯ମ ସିନିୟର ମହିଳା ହକି ଜାତୀୟ ଚାମ୍ପିୟନଶିପ (ଡିଭିଜନ–ଏ)ରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୫–୨ ଗୋଲରେ ରାଜସ୍ଥାନକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ତରସିଲା ବେକ ହ୍ୟାଟ୍ରିକ ଗୋଲସ୍କୋର କରିଥିଲେ। ସଙ୍ଗୀତା ରୋଜ କୁଲ୍ଲୁ, ଅସୀମ ବାର୍ଲା ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି। ପ୍ରତିଯୋଗିତାର ପ୍ରଥମ ୨ଟି ମ୍ୟାଚ୍‌ରେ କର୍ନାଟକଠାରୁ ୩–୦ ଗୋଲରେ ଓ ୮–୦ ଗୋଲରେ ରେଲୱେ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡ(ଆରଏସ୍‌ପିବି)ଠାରୁ ପରାସ୍ତ ହେବା ପରେ ଓଡ଼ିଶାର ଏହା ପ୍ରଥମ ବିଜୟ।


**GOVERNMENT OF ODISHA**
**EXECUTIVE ENGINEER, BOUDH (R&B) DIVISION, BOUDH**
E-mail- eeboudhrb@gmail.com
**INVITATIONS FOR BIDS (IFB)**
**"e" Procurement Notice**

1252-B

Letter No. 357 dtd. 07.02.2019

**Bid Identification No. EE (R and B)-BDH 23/2018-19**

1) Name of the work : 01 (One) No. of Internal Electrification work (Double cover)
2) Estimated Cost : Rs.56.00 lakhs
3) Period of Completion : 1 (One) Calendar months
4) Date & Time of availability of Bid documents in the portal : From 14.02.2019, 10.00 AM to 23.02.2019, 5.00 PM
5) Last date/time for seeking of Tender Clarification : 22.02.2019 upto 5.00 PM
6) Last date / time for receipt of bids in the portal : upto 5.00 PM of dated 23.02.2019
7) Date & time of opening of tender /Bid : 25.02.2019 at 11.30 AM
8) Name and address of the O.I.T. : Executive Engineer, Boudh (R&B) Division.

Further details corrigendum(s) can be seen from the website http://tendersorissa.gov.in

34134/11/0037/1819

*Sd./- Executive Engineer, Boudh (R&B) Division, Boudh*



**GOVERNMENT OF ODISHA**
**ST& SC DEVELOPMENT DEPARTMENT**
**PROJECT ADMINISTRATOR, ITDA, PHULBANI,**
**INVITATION FOR BID (IFB)** NO-CAD-1396

**Bid Identification No. PA ITDA PLB-03 of 2018-19**

**Letter No.258** **Date.08.02.2019**

The Project Administrator ITDA, Phulbani on behalf of Govt. of Odisha invites percentage rate of bids to be received in online mode only for the construction of 11 Nos. Road / Bridge / Building / Water Supply Works. The bidders have to participate in "online" bidding only. The website for online bidding is **www.tendersorissa.gov.in.** The details of bid documents will be available in above website from 11.00 AM. of 13.02.2019 to 5.00 PM. of 23.02.2019. The bidders must possess compatible Digital Signature Certificate (DSC) of Class- II or Class- III, Bids received online shall be opened at 11.30 A.M. on 25.02.2019 in the office of the Project Administrator, ITDA, Phulbani, Further details can be seen from the website **www.tendersorissa.gov.in.**

*Sd./- Project Administrator ITDA, Phulbani*

19069/11/0005/1819



**OFFICE OF THE D.F.O., BHADRAK AND SECRETARY MANAGEMENT SOCIETY, DHAMARA FISHING HARBOUR, DHAMARA**
**www.dhamarafishingharbour.org, EID: manager.msdfh@gmail.com, Ph. No: 06786-222500**

**Notice No. 42** **Dt. 29.01.2019**

**EXPRESSION OF INTEREST (E.O.I.) OF SCRAP MATERIALS**

Management Society, Dhamara Fishing Harbour, Dhamara of Bhadrak District invites sealed tenders/ E.O.I. from registered Govt./ Private organizations for unused Scrap materials of Dhamara Fishing Harbour. The agencies/ company having good track record with GSTIN, PAN, Regd. License and other relevant experience with documents in this line is eligible to apply. Interested Regd. Organizations/ Regd. Agencies should submit their proposal (Technical as well as Financial Bids) along with all supporting documents in sealed envelope must superscribed with "Application for SCRAP MATERIALS of Management Society, Dhamara Fishing Harbour, Dhamara" through Regd. Post/ Speed Post to the Office of the Manager, Management Society, Dhamara Fishing Harbour, Dharama from 1st February 2019 to 19th February 2019 with Office hour Positively. They are requested to appear before the selection committee on Dt. 20th February 2019 at time 11.30 AM when the tender will open in the office of the District Fisheries Officer, Bhadrak and Secretary, Management Society, Dhamara Fishing Harbour, Dhamara, Bhadrak near Bonth Chhak Bus Stand along with their related documents. The details E.O.I. Paper can be available in the office of the Manager, Management Society, Dhamara Fishing Harbour, Dhamara on payment of Rs. 1000/- (Rupees One Thousand) only through Cash/ NEFT with our IDBI banks SB A/c No. 255104000014827, IFSC No. IBKL0000255. The undersigned has reserve the rights to cancel any or all application without assigning any reason thereof.

**Sd./- Santosh Kumar Dalai**
**DFO, Bhadrak & Secretary**
**Management Society, Dhamara Fishing Harbour, Dhamara**



**GOVERNMENT OF ODISHA** 1263-A
**Office of the Executive Engineer, Berhampur Irrigation Division, Berhampur**
Phone/FAX No. 0680 2281983, e-mail: eebam_irr@yahoo.com
**e-Procurement Notice No. e-BEID-5/2018-19**

1. Name of the Scheme : Flood Restoration works and Canal/Flood Embankment & road Works for the year 2019-20.
2. Total No. of Works : 30 (Thirty) Nos. of individual works.
3. Estimated cost : Varies from Rs.6.21 Lakhs to Rs.28.03 Lakhs.
4. Period of Completion : Two to Three months.
5. Other details as follows :

| Sl. No. | Procurement Officer | Bid identification No. | Period of availability of Bids online | Period of submission of Bids online | Date and Place of opening of Bids online |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 to 30 | Executive Engineer, Berhampur Irrigation Division, Berhampur | e-BEID-149/ 2018-19 to e-BEID-178/ 2018-19 | From 14.02.2019 (10.00AM) to 23.02.2019 (5.00PM) | From 14.02.2019 (10.00AM) to 23.02.2019 (5.00PM) | 25.02.2019 (11.30AM) in the office of the Executive Engineer, Berhampur Irrigation Division |

Bidders are to participate in online bidding only. Further details can be seen from the Govt. of Odisha e-Procurement Web-site www.tendersorissa.gov.in. Any addendum/corrigendum/cancellation of the tender can be seen in the above website only.

32025/11/0007/1819

*Executive Engineer, Berhampur Irrigation Division*



**e-PROCUREMENT NOTICE**

No.1652-O:- **Tender Online No. 12 of 2018-19**

| | | |
|---|---|---|
| 1 | Name of the Work | Building works for 2018-19 mentioned in column 2 of table of N.I.T. |
| 2 | Estimated cost | Specified against each work in column 3 of table of N.I.T. excluding Goods and Services Tax. |
| 3 | Earnest Money Deposit | Specified against each work in column 4 of table of N.I.T. |
| 4 | Period of completion | Specified against each work in column 6 of table of N.I.T. |
| 5 | Class of contractors | Specified against each work in column 5 of table of N.I.T. |
| 6 | Cost of Tender Paper | Specified against each work in column 7 of table of N.I.T |

Other details for the N.I.T.:

| | | |
|---|---|---|
| 1 | Procurement Officer | Executive Engineer, Rural Works Division, Jagatsinghpur |
| 2 | Date & time of availability of bid documents in Portal | 15/02/2019 at 11:00 hrs |
| 3 | Last date & time for receipt of bids in Portal | 23/02/2019 at 17:00 hrs |
| 4 | Last date & time of seeking of Bid clarification | 22/02/2019 at 15:00 hrs |
| 5 | Opening of tender | 25/02/2019 at 11:30 hrs at the Office of Executive Engineer, Rural Works Division, Jagatsinghpur. |

Further details can be seen from the Government website: www.tendersorissa.gov.in.

**Executive Engineer**
**Rural Works Division**
**Jagatsinghpur**

25056/11/0012/1819



**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ବୌଦ୍ଧ**

**ବିଜ୍ଞାପନ ନଂ. ୩୯୬** **ତା. ୦୭।୦୨।୨୦୧୯**

ଏତଦ୍ୱାରା ବୌଦ୍ଧ ଜିଲ୍ଲା ଅଧୀନରେ ବସବାସ କରୁଥିବା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆର୍ଥିକ ବର୍ଷ ୨୦୧୮–୧୯, ତା. ୦୧।୦୪।୨୦୧୮ରୁ ୩୦।୦୯।୨୦୧୮ ପର୍ଯ୍ୟନ୍ତ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି) ଅଧୀନରେ ଦିଆଯାଉଥିବା ସହାୟତା ଏବଂ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା ଓ ଗ୍ରାମସଭା ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଧାର୍ଯ୍ୟ ତାରିଖରେ ଉକ୍ତ ଗ୍ରାମ ପଞ୍ଚାୟତରେ ସକାଳ ୧୦.୦୦ ଘଟିକାରେ ଆରମ୍ଭ ହେବ। ତେଣୁ ସମସ୍ତ ନାଗରିକ, ହିତାଧିକାରୀ, କୁଶଳୀ, ଅଣକୁଶଳୀ ଶ୍ରମିକ, ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ/ସଭ୍ୟା ଆଦି ବହୁ ସଂଖ୍ୟାରେ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁସାରେ ଗ୍ରାମସଭା ଦିନ ନିଜ ଗ୍ରାମପଞ୍ଚାୟତରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଉଛି। ଏହି ଗ୍ରାମସଭାରେ ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ତଥା ଲୋକପ୍ରତିନିଧି ଓ ସରକାରୀ କର୍ମଚାରୀ ଉପସ୍ଥିତ ରହି ସମସ୍ତ ଅଭିଯୋଗର ସମାଧାନ କରିବେ।

**ସାମାଜିକ ସମୀକ୍ଷା ଓ ଗ୍ରାମ ସଭାର କାର୍ଯ୍ୟସୂଚୀ**

| ବ୍ଲକ | ଗ୍ରାମ ପଞ୍ଚାୟତର ନାମ | (ଏନ୍‌ଏସ୍‌ଏପି) ସାମାଜିକ ସମୀକ୍ଷା ଆରମ୍ଭ | (ଏନ୍‌ଏସ୍‌ଏପି) ସାମାଜିକ ସମୀକ୍ଷା ଶେଷ | (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସାମାଜିକ ସମୀକ୍ଷା ଆରମ୍ଭ | (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସାମାଜିକ ସମୀକ୍ଷା ଶେଷ | ଗ୍ରାମ ସଭା ତାରିଖ |
|---|---|---|---|---|---|---|
| ବୌଦ୍ଧ | ଗୋଛାପଡ଼ା | ୧୮।୦୨।୨୦୧୯ | ୨୧।୦୨।୨୦୧୯ | ୨୨।୦୨।୨୦୧୯ | ୨୮।୦୨।୨୦୧୯ | ୨୮।୦୨।୨୦୧୯ |
| କଣ୍ଟାମାଳ | ଖଟଖଟିଆ | ୧୮।୦୨।୨୦୧୯ | ୨୧।୦୨।୨୦୧୯ | ୨୨।୦୨।୨୦୧୯ | ୨୮।୦୨।୨୦୧୯ | ୨୮।୦୨।୨୦୧୯ |
| ହରଭଙ୍ଗା | ବାମଣ୍ଡା | ୦୯।୦୩।୨୦୧୯ | ୧୨।୦୩।୨୦୧୯ | ୧୩।୦୩।୨୦୧୯ | ୧୯।୦୩।୨୦୧୯ | ୧୯।୦୩।୨୦୧୯ |

**ସ୍ୱା./- ଜିଲ୍ଲାପାଳ, ବୌଦ୍ଧ**



“ସର୍ବକାଳୀନ ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରେ ବିରାଟ କୋହଲି ଅନ୍ୟତମ। ସେ ଅତ୍ୟନ୍ତ ସ୍ପଷ୍ଟବାଦୀ । ତେଣୁ ସମସ୍ତେ ତାଙ୍କୁ ଭଲ ପାଇଥାନ୍ତି ।

–ସେନ୍ ୱର୍ନ, କିମ୍ବଦନ୍ତୀ ଅଷ୍ଟ୍ରେଲିଆ ବୋଲର



“ଦୀନେଶ କାର୍ତ୍ତିକ ଦର୍ଶନୀୟ ଶଟ୍‌ମାନ ଖେଳୁଥିଲେ। କିନ୍ତୁ ଅନ୍ତିମ ଓଭରରେ ସିଙ୍ଗଲ ନ ନେବା ତାଙ୍କର ଏକ ଭୁଲ୍ ନିଷ୍ପତ୍ତି ଥିଲା। ଟି୨୦ରେ ଛୋଟିଆ ଭୁଲ ଫଳାଫଳରେ ବଡ଼ ପ୍ରଭାବ ପକାଇଥାଏ ।

–ସଞ୍ଜୟ ମଞ୍ଜରେକର, ପ୍ରାକ୍ତନ ଭାରତୀୟ କ୍ରିକେଟର

## ସଂକ୍ଷେପରେ

### ପ୍ରଥମ ମହାଦେଶୀୟ ମ୍ୟାଚ୍ ଖେଳିବ ମିନର୍ଭା

**ତେହେରାନ,୧୧।୨(ପି.ଟି.):** ଘରୋଇ ଆଇ- ଲିଗ୍ ଫୁଟବଲରେ ସେତେଟା ପ୍ରଭାବୀ ପ୍ରଦର୍ଶନ କରି ନ ଥିଲେ ମଧ ମିନର୍ଭା ପଞ୍ଜାବ ଏଫ୍‌ସି ପ୍ରଥମଥର ପାଇଁ ଏକ ମହାଦେଶୀୟ ମ୍ୟାଚ୍ ଖେଳିବାକୁ ଯାଉଛି। ମଙ୍ଗଳବାର ତେହେରାନ୍‌ରେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ର ଏକ ପ୍ରିଲିମିନାରୀ ରାଉଣ୍ଡ ମ୍ୟାଚ୍‌ରେ ମିନେର୍ଭା ଇରାନର ସାଇପା ଏଫ୍‌ସିକୁ ଭେଟିବ। ପୂର୍ବରୁ ଅବଶ୍ୟ ୨୦୧୭- ୧୮ ଆଇଲିଗ୍ ବିଜେତା ହିସାବରେ ମିନର୍ଭା ଏହି ଚାମ୍ପିୟନ୍ସ ଲିଗ୍‌ର ପ୍ରିଲିମିନାରୀ ପର୍ଯ୍ୟାୟ ମ୍ୟାଚ୍ ଖେଳିବାର ସୁଯୋଗ ହାସଲ କରିଥିଲା। ୧୧ଟି ଦଳକୁ ନେଇ ଖେଳାଯାଉଥିବା ଆଇ- ଲିଗ୍ ପଏଣ୍ଟ ତାଲିକାରେ ମିନେର୍ଭା ୧୬ଟି ମ୍ୟାଚ୍ ଖେଳି ୩ଟି ବିଜୟ, ୮ଟି ପରାଜୟ ଓ ୫ଟି ଡ୍ର ସହ ମୋଟ ୧୪ ପଏଣ୍ଟ ପାଇ ୯ମ ସ୍ଥାନରେ ରହିଛି। ଏହି ମହାଦେଶୀୟ ଟୁର୍ନାମେଣ୍ଟରେ ଆଗକୁ ବଢ଼ିବାକୁ ହେଲେ ଏହି ମ୍ୟାଚ୍‌ରେ ମିନେର୍ଭାକୁ ଉଚ୍ଚକୋଟୀର ପଦର୍ଶନ କରିବାକୁ ହେବ। ଅନ୍ୟପଟେ ସାଇପା ଦ୍ୱିତୀୟ ଥର ପାଇଁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ଯଦି ଏହି ମ୍ୟାଚ୍‌ରେ ବିଜୟୀ ହେଲେ ମିନର୍ଭା କାତାରର ଅଲ ରାୟାନ ଏସ୍‌ସିକୁ ଦୋହାରେ ଫେବୃୟାର ୧୯ରେ ଭେଟିବ। ପୁଣି ଯଦିବି ପରାସ୍ତ ହୁଏ ତେବେ ମିନେର୍ଭା ଏଏଫ୍‌ସି କପ୍‌ରେ ତା'ର ସ୍ଥାନ ବଜାୟ ରଖିବ। ଏଏଫସି କପ୍ ସେକେଣ୍ଡ ଟାୟର କଣ୍ଟିନେଣ୍ଟାଲ କ୍ଲବ କମ୍ପିଟିସନ ରୂପେ ବିବେଚିତ ହେଉଛି।

### ଜେଏମ୍‌ଡି କ୍ଲବ ଚାମ୍ପିୟନ

**ଫୁଲନଖରା, ୧୧।୨:** କଟକ ସଦର ଡାହାଳିଆବାଗ ଖେଳ ପଡ଼ିଆରେ ଚାଲିଥିବା ଲେଲିନ୍ କପ୍ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ବି. ଲାୟନ ଟିମ୍‌କୁ ପରାସ୍ତ କରି ଜେଏମ୍‌ଡି କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ବି. ଲାୟନ ୮ ଓଭରରେ ୧୧୫ ରନ କରିଥିଲା। ଜବାବରେ ଜେଏମ୍‌ଡି ୯ ଉଇକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଉଦ୍‌ଯାପନୀ ଉତ୍ସବରେ ଡାହାଳିଆବାଗ ଗ୍ରାମ୍ୟ କମିଟିର ଉପସଭାପତି ପ୍ରଶାନ୍ତ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

# ଭାରତକୁ ହରାଇ ବିପର୍ଯ୍ୟୟ ଘଟାଇଲା ନେପାଳ

ଗୋଲ୍ଡ କପ୍ ମହିଳା ଫୁଟ୍‌ବଲ



ଭାରତ ଓ ନେପାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଭୁବନେଶ୍ୱର, ୧୧।୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ବଡ଼ ବିପର୍ଯ୍ୟୟ ଘଟାଇଛି ନେପାଳ। ସମ୍ପ୍ରତି ୧୦୮ତମ ର୍‍ୟାଙ୍କିଙ୍ଗ୍‌ରେ ଥିବା ଏହି ଦଳ ୬୨ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଆୟୋଜକ ଭାରତକୁ ୨–୧ ଗୋଲରେ ପରାସ୍ତ କରିଛି। ନେପାଳ ପକ୍ଷରୁ ସାବିତ୍ରା ଭଣ୍ଡାରୀ ୨ଟି ଗୋଲ ଦେଇଥିବାବେଳେ ଭାରତ ପକ୍ଷରୁ ନୋଙ୍ଗମାଇଥେମ୍ ରତ୍ନବାଳା ଦେବୀ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଫଳରେ ଭାରତର ଫାଇନାଲ ପ୍ରବେଶ ଆଶା ଝୁଲି ରହିଥିବାବେଳେ ନେପାଳର ଆଶା ଉଜ୍ଜୀବିତ ହୋଇଛି। କାରଣ ଶନିବାର ପ୍ରଥମ ମ୍ୟାଚରେ ଭାରତ ୧–୦ ଗୋଲରେ ଇରାନକୁ ହରାଇଥିବାବେଳେ ନେପାଳ ୦–୩ ଗୋଲରେ ମ୍ୟାନମାରଠାରୁ ହାରି ଯାଇଥିଲା। ସୋମବାର ଅନ୍ୟ ଏକ ମ୍ୟାଚରେ ମ୍ୟାନମାର ୨–୦ ଗୋଲରେ ଇରାନକୁ ପରାସ୍ତ କରିଥିଲା। ଫଳରେ ୪ଟି ଯାକ ଦଳ ୨ଟି ଲେଖାଏ ମ୍ୟାଚ ଖେଳି ସାରିବାପରେ ମ୍ୟାନମାର ୬ ପଏଣ୍ଟ ସହିତ ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଭାରତ ଓ ନେପାଳ ୩ ପଏଣ୍ଟ ଲେଖାଏ ପାଇ ସମାନ ସ୍ଥିତିରେ ରହିଛନ୍ତି। ବୁଧବାର ଶେଷ ଲିଗ୍ ମ୍ୟାଚରେ ଉଚ୍ଚ ର୍‍ୟାଙ୍କିଙ୍ଗ(୪୦ତମ) ପ୍ରାପ୍ତ ମ୍ୟାନମାରକୁ ଭେଟିବ ଭାରତ। ସେହିଦିନ ଅନ୍ୟ ଏକ ମ୍ୟାଚରେ ନେପାଳ ଓ ଇରାନ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚର ଫଳାଫଳ ପରେ ଟୁର୍ନାମେଣ୍ଟର ଫାଇନାଲିଷ୍ଟ ନିର୍ଦ୍ଧାରିତ ହେବେ। ଶୁକ୍ରବାର ଫାଇନାଲ ଖେଳାଯିବ। ଭାରତ କ୍ରମାଗତ ୫ ବିଜୟ ପରେ ପ୍ରଥମ ପରାଜୟବରଣ କରିଛି। ଗୋଲ୍ଡ କପ୍ ପୂର୍ବରୁ ଦଳ ହଂକଂ ଓ ଇଣ୍ଡୋନେସିଆ ବିପକ୍ଷରେ ୪ଟି ମ୍ୟାଚରେ ବିଜୟ ହାସଲ କରିଥିଲା।

ହକି ଅଲିମ୍ପିଆନ ପଦ୍ମଶ୍ରୀ ଦିଲୀପ ତିର୍କୀ ଖେଳାଳିଙ୍କ ସହ ପରିଚିତ ହେବାପରେ ଭାରତ–ନେପାଳ ମ୍ୟାଚ ଆରମ୍ଭ ହୋଇଥିଲା। ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ୪ ମିନିଟ ମଧ୍ୟରେ ଦଳ ୨ ଥର ପ୍ରତିପକ୍ଷ ଗୋଲପୋଷ୍ଟକୁ ବଲ୍ ଶୁଟ୍ କରିଥିଲା। ମାତ୍ର ନେପାଳ ଗୋଲକିପର ଆଞ୍ଜିଲା ତୁମ୍ବାପୋ ସୁବ୍ବାଙ୍କ ଚମତ୍କାର ସେଭ୍ ଯୋଗୁ ଗୋଲ ହୋଇପାରି ନ ଥିଲା। ମାତ୍ର ଏହାପରେ ୨ ମିନିଟ ମଧ୍ୟରେ ନେପାଳ ୨ଟି ଗୋଲ ଦେଇ ମ୍ୟାଚରେ ବିପର୍ଯ୍ୟୟ ଭରି ଦେଇଥିଲା। ଭାରତର ଦୁର୍ବଳ ରକ୍ଷଣଭାଗର ସୁଯୋଗ ନେଇ ସାବିତ୍ରା ଭଣ୍ଡାରୀ ୫ମ ମିନିଟରେ ନେପାଳ ପକ୍ଷରୁ ପ୍ରଥମ ଗୋଲଟି ସ୍କୋର କରି ଦଳୀୟ ଶିବିରରେ ଉତ୍ସାହ ଭରି ଦେଇଥିଲେ। ଭାରତୀୟ ଖେଳାଳିମାନେ ଗୋଲ ପରିଶୋଧ କଥା ଚିନ୍ତା କରୁଥିବାବେଳେ ୭ମ ମିନିଟରେ ଭଣ୍ଡାରୀ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଦଳର ଅଗ୍ରଣୀ ବ୍ୟବଧାନକୁ ୨–୦ରେ ପହଞ୍ଚାଇ ଦେଇଥିଲେ। ନେପାଳ ଖେଳାଳିଙ୍କ ଦ୍ୱାରା ମରାଯାଇଥିବା ଶଟ୍ ଭାରତୀୟ ଗୋଲକିପର ଅଧିନାୟିକା ଅଦିତି ଚୌହାନଙ୍କ ହାତରେ ବାଜି ଫେରି ଆସୁଥିବାବେଳେ ଭଣ୍ଡାରୀ ଫାଙ୍କା ଗୋଲପୋଷ୍ଟର ସୁଯୋଗ ନେଇ ବଲ୍‌କୁ ପୋଷ୍ଟ ଭିତରକୁ ଠେଲି ଦେଇଥିଲେ। ଫଳରେ ସ୍ୱାଭାବିକ ଭାବେ ଭାରତ ଚାପକୁ ଚାଲି ଆସିଥିଲା। ଏହାପରେ ନେପାଳ ଏହାର ରକ୍ଷଣଭାଗକୁ ଅଧିକ ଦୃଢ଼ କରି ଦେଇଥିଲା। ତେଣୁ ଭାରତୀୟ ଖେଳାଳିମାନେ ଅଧିକାଂଶ ସମୟ ନେପାଳ ହାଫ୍‌ରେ ବଲ୍ ରଖିଥିଲେ ହେଁ ଏହାର ରକ୍ଷଣଭାଗ ଭେଦ କରିପାରି ନ ଥିଲା। ଅଗ୍ରଣୀ ନେଇଥିବାରୁ ନେପାଳ ଖେଳାଳିଙ୍କ ବଡି ଲାଙ୍ଗୁଏଜ୍‌ରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ସେମାନେ ଉତ୍ସାହୀ ପ୍ରଦର୍ଶନ କରି ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ୨୧ତମ ମିନିଟରେ ଭାରତର ଇନ୍ଦୁମତୀ ମାରିଥିବା ଶଟ୍ ଅଳ୍ପକେ ନେପାଳ ଗୋଲପୋଷ୍ଟ ଉପର ଦେଇ ଚାଲିଯାଇଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୪୯ତମ ମିନିଟରେ ଗୋଲପୋଷ୍ଟ ନିକଟରେ ନେପାଳ ଖେଳାଳିଙ୍କ ଫାଉଲ୍ ଯୋଗୁ ଭାରତକୁ ଫ୍ରି-କିକ୍ ମାରିଥିଲା। ମାତ୍ର ଇନ୍ଦୁମତିଙ୍କ ଦୁର୍ବଳ ଶଟ୍ ନେପାଳ ଖେଳାଳିଙ୍କ ପ୍ରାଚୀରଭେଦ କରିପାରି ନ ଥିଲା। ୫୩ତମ ମିନିଟରେ ଗୋଲ ପରିଶୋଧ ପାଇଁ ଭାରତ ନିକଟରେ ସୁବର୍ଣ୍ଣ ସୁଯୋଗ ପହଞ୍ଚିଥିଲା। ମାତ୍ର ନେପାଳ ରକ୍ଷଣଭାଗରେ ବଡ଼ ଗ୍ୟାପ୍‌ର ସୁଯୋଗ ନେଇ ଅନୁଜ ତମାଙ୍ଗ ବଲ୍ ନେପାଳ ଗୋଲଲାଇନ୍ ନିକଟରେ ପହଞ୍ଚି ଯାଇଥିଲେ। ଗୋଲକିପର ୱାଇଡ୍‌ରେ ଥିଲେ ହେଁ ଫାଙ୍କା ଗୋଲପୋଷ୍ଟ ଭିତରକୁ ବଲ୍ ପୁଶ୍ କରିପାରି ନ ଥିଲେ ତମାଙ୍ଗ। ୭୨ତମ ମିନିଟରେ ମଧ ଦଳପାଇଁ ଆଉ ଏକ ସୁଯୋଗ ଆସିଥିଲା। ନେପାଳ ଡି ଏରିଆ ଭିତରେ ବଲ୍ ପାଇଁ ସଂଘର୍ଷ ମଧ୍ୟରେ ସଞ୍ଜୁ ଓ ଆର.ସାନ୍ଧିୟା ରଙ୍ଗନାଥନ ଗୋଲ ଦେବାର ୨ ଥର ସୁଯୋଗ ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲେ। ୭୪ତମ ମିନିଟରେ ସଞ୍ଜୁ ପ୍ରତିପକ୍ଷ ଗୋଲକିପରଙ୍କୁ ଚକ୍‌ମା ଦେବାରେ ସକ୍ଷମ ହୋଇଥିଲେ ହେଁ ରେଫରି ତାହାକୁ ଅଫ୍‌ସାଇଡ୍ ଦର୍ଶାଇଥିଲେ। ଫଳରେ ଭାରତୀୟ ଖେଳାଳି କିଛି ସମୟ ଖୁସି ମନାଇଥିଲେ ହେଁ ପରେ ବାସ୍ତବିକତାକୁ ହୃଦୟଙ୍ଗମ କରିଥିଲେ। ୮୨ତମ ମିନିଟରେ ଗୋଲପୋଷ୍ଟ ନିକଟରେ ନେପାଳ ଖେଳାଳିଙ୍କ ଫାଉଲ ଯୋଗୁ ଭାରତକୁ ଫ୍ରି–କିକ୍ ମିଳିଥିଲା। ନୋଙ୍ଗମାଇଥେମ୍ ରତ୍ନବାଳା ଦେବୀ ଚମତ୍କାର ଶଟ୍ ମାରି ରାଇଟ କର୍ନରରେ ବଲ୍‌କୁ ନେପାଳ ଗୋଲପୋଷ୍ଟ ଭିତରେ ଭର୍ତ୍ତି କରିଦେଇଥିଲେ। ଫଳରେ ମ୍ୟାଚରେ ରୋମାଞ୍ଚ ଭରି ଯାଇଥିଲା। ଏହାପରେ ଭାରତ ପକ୍ଷରୁ ଘନଘନ ଆକ୍ରମଣ ହୋଇଥିଲେ ହେଁ ଗୋଲ ସ୍କୋର ହୋଇପାରି ନ ଥିଲା। ଶେଷ ହ୍ୱିସିଲ ବାଜିବାକ୍ଷଣି ନେପାଳ ଖେଳାଳିମାନେ ଦୌଡ଼ି ଆସି ପ୍ରଥମେ କୋଚ୍ ହରି ଖାଡ୍‌କାଙ୍କୁ କୁଣ୍ଢାଇ ପକାଇଥିଲେ ଏବଂ ପରେ ନାଚିକୁଦି ଖୁସି ମନାଇଥିଲେ।

### କଳିଙ୍ଗ କର୍ନର

#### ଇଣ୍ଡିଆ ଇଣ୍ଡିଆ

ଭାରତ– ନେପାଳ ମ୍ୟାଚ ବେଳକୁ ଦର୍ଶକ ଗ୍ୟାଲେରୀରେ ଆଇ–ଲିଗ୍ ଟିମ୍ ଇଣ୍ଡିଆନ ଆରୋଜ ଏବଂ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସର ପିଲାମାନେ ଉପସ୍ଥିତ ଥିଲେ। ସେମାନେ ଇଣ୍ଡିଆ ଇଣ୍ଡିଆ ଧ୍ୱନି ଦେବା ସହ କରତାଳି ମାରି ଭାରତୀୟ ଖେଳାଳିଙ୍କୁ ଭରପୂର ଉତ୍ସାହିତ କରିଥିଲେ। ଦ୍ୱିତୀୟାର୍ଦ୍ଧରେ କିଛି ନେପାଳ ସମର୍ଥକଙ୍କୁ ଦେଖିବାକୁ ମିଳିଥିଲା। ସେମାନେ ନେପାଳ ଜାତୀୟ ପତାକା ଧରିବା ସହ ନେପାଳ ନେପାଳ ଧ୍ୱନି ଦେଇ ଜାତୀୟ ଦଳକୁ ଉତ୍ସାହିତ କରିଥିଲେ।

#### ଦର୍ଶକ ଷ୍ଟାଣ୍ଡରେ ମ୍ୟାନ୍‌ମାର ସମର୍ଥକ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ଷ୍ଟାଡିୟମ ଗ୍ୟାଲେରି ଫାଙ୍କା ରହୁଥିବାବେଳେ ସୋମବାର ପ୍ରଥମ ମ୍ୟାଚ ସମୟରେ ୫୦ରୁ ଊର୍ଦ୍ଧ୍ୱ ମ୍ୟାନମାର ସମର୍ଥକଙ୍କ ଉପସ୍ଥିତି ପରିଲକ୍ଷିତ ହୋଇଥିଲା। ଦର୍ଶକମାନେ ବ୍ୟାନର ଟାଙ୍ଗିବା ସହ ତାଳିମାରି ବିଭିନ୍ନ ସମୟରେ ମ୍ୟାନମାର ଦଳକୁ ଉତ୍ସାହିତ କରିଥିଲେ। ଏଥିରୁ ଦଳକୁ ଫାଇଦା ମଧ୍ୟ ମିଳିଥିଲା। ଇଞ୍ଜୁରି ଟାଇମ୍‌ରେ ୨ଟି ଗୋଲ ଦେଇ ମ୍ୟାନମାର ୨–୦ରେ ଇରାନକୁ ପରାସ୍ତ କରିଥିଲା।



ଗୋଲ୍‌ସ୍କୋର ପରେ ଉଲ୍ଲସିତ ମ୍ୟାନମାର ଖେଳାଳି।

# ମ୍ୟାନମାରର ଦ୍ୱିତୀୟ ବିଜୟ

ଭୁବନେଶ୍ୱର, ୧୧।୨ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟରେ ମ୍ୟାନମାର କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ମ୍ୟାନମାର ୨–୦ ଗୋଲରେ ଇରାନକୁ ପରାସ୍ତ କରିଛି। ମ୍ୟାନମାର ପକ୍ଷରୁ ବଦଳ ଖେଳାଳି ୟି ୟି ଉ ୨ଟି ଯାକ ଗୋଲ ଦେଇଥିଲେ। ଏଥିସହ ମ୍ୟାନମାରର ଫାଇନାଲ ପ୍ରବେଶ ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଅନ୍ୟପକ୍ଷରେ ଇରାନ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ପୂର୍ବତନ ଖେଳାଳି ଓ କୋଚ୍ ଗୀତାଞ୍ଜଳି ଖୁଣ୍ଟିଆ ଅତିଥିଭାବେ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ଶନିବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ମ୍ୟାନମାର ୩–୦ ଗୋଲରେ ନେପାଳକୁ ହରାଇଥିବାବେଳେ ଭାରତ ୧–୦ ଗୋଲରେ ଇରାନକୁ ପରାସ୍ତ କରିଥିଲା।

### ୟି'ଙ୍କ ଡବଲ ଗୋଲ

ମ୍ୟାନମାର ଉଚ୍ଚ ର୍‍ୟାଙ୍କିଙ୍ଗ ପ୍ରାପ୍ତ ଦଳ ହୋଇଥିଲେ ହେଁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ଇରାନ। ପ୍ରଥମାର୍ଦ୍ଧରେ ଉଭୟ ଦଳ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ମଧ ଫିନିଶିଂ ଭଲ ହୋଇ ନ ପାରିବାରୁ ଗୋଲ ହୋଇପାରି ନ ଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ମ୍ୟାନମାର ଆକ୍ରମଣକୁ ଜୋରଦାର କରିଥିଲା। ମାତ୍ର ଇରାନର ଦୃଢ଼ ରକ୍ଷଣଭାଗ ଏବଂ ଗୋଲକିପର ଜାହରା ଖାଜାଭିଙ୍କ ଭଲ ପ୍ରଦର୍ଶନ ଯୋଗୁ ଗୋଲ ହୋଇ ନ ଥିଲା। ୫୫ତମ ମିନିଟରେ ଇରାନର ଗୋଲପୋଷ୍ଟରେ ଗ୍ୟାପ୍ ଦେଖି ଖ୍ୱିନ୍ ମୋଏ ୱାଇ ଏକ କ୍ରସ୍ ପାସ୍ ଦେଇଥିଲେ ହେଁ ତାହାକୁ ଅନ୍ୟପଟୁ ଟଚ୍ କରିବାକୁ କେହି ଖେଳାଳି ନ ଥିବାରୁ ମ୍ୟାନମାର ସୁବର୍ଣ୍ଣ ସୁଯୋଗ ହରାଇଥିଲା। ରଣନୀତି ବଦଳାଇ ଇରାନ ମଧ୍ୟ ଆକ୍ରମଣାତ୍ମକ ଖେଳିଥିଲେ ହେଁ ବଲ୍ ଅଧିକାଂଶ ସମୟ ମ୍ୟାନମାର ନିୟନ୍ତ୍ରଣରେ ରହିଥିଲା।

### ଇଞ୍ଜୁରି ଟାଇମ୍‌ର ରୋମାଞ୍ଚ

୯୦ ମିନିଟ ପର୍ଯ୍ୟନ୍ତ ଖେଳ ୦–୦ରେ ରହିବାରୁ ମ୍ୟାଚ ଡ୍ର ହେବା ଆଶା କରାଯାଉଥିଲା। ମାତ୍ର ଇଞ୍ଜୁରି ଟାଇମ୍‌ରେ ଅସଲ ଖେଳ ଦେଖାଇଥିଲା ମ୍ୟାନମାର। ମ୍ୟାଚର ୯୦+୧ ମିନିଟରେ ଏକ କ୍ରସ୍ ପାସ୍‌କୁ ୟି' ଗୋଲରେ ପରିଣତ କରି ମ୍ୟାନମାରକୁ ଅଗ୍ରଣୀ କରାଇଥିଲେ। ଏହାପରେ ଖେଳାଳିମାନେ ପରସ୍ପର ମଧ୍ୟରେ ପାସ୍ ଦେଇ ଅବଶିଷ୍ଟ ସମୟ ଅତିବାହିତ କରିବାକୁ ଚେଷ୍ଟା କରିଥିଲେ। ଅନ୍ୟପକ୍ଷରେ ମ୍ୟାଚକୁ ଫେରିବା ପାଇଁ ସମୟ କମ୍ ଥିବାରୁ ଇରାନ ସ୍ୱତଃ ଚାପକୁ ଚାଲି ଆସିଥିଲା। ଫଳରେ ଦଳର ପ୍ରଦର୍ଶନରେ ଅବନତି ଦେଖା ଦେଇଥିଲା। ଏହାର ଫାଇଦା ଉଠାଇଥିଲା ମ୍ୟାନମାର। ୯୦+୩ ମିନିଟରେ ୟି ଦ୍ୱିତୀୟ ଗୋଲଟି ଦେଇ ମ୍ୟାନମାରର ଅଗ୍ରଣୀକୁ ବ୍ୟବଧାନକୁ ୨–୦ରେ ପହଞ୍ଚାଇ ଦେଇଥିଲେ। ଏହାର ଅଳ୍ପ ସମୟ ପରେ ରେଫରିଙ୍କ ଶେଷ ହ୍ୱିସିଲ ବାଜିବା ସହିତ ମ୍ୟାନମାର ଦଳର ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା।

# କାର୍ତ୍ତିକ ନିଜ ଭୁଲ ହୃଦୟଙ୍ଗମ କରିଥିବେ

**ମହିନ୍ଦର ଅମରନାଥ**

ନ୍ୟୁଜିଲାଣ୍ଡ ଟି୨୦ ସିରିଜ ବେଶ୍ ରୋମାଞ୍ଚକ ଥିଲା। ଯେମିତି ଆଶା କରାଯାଉଥିଲା ଠିକ୍ ସେହିଭଳି ମ୍ୟାଚ୍ ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ଭ୍ରମଣକାରୀ ଦଳ ବିଜୟ ସହ ସ୍ୱଦେଶ ଫେରିବାକୁ ଚାହିଁଥାନ୍ତି। କିନ୍ତୁ ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ କଥା ଅଲଗା ହୋଇଥିଲା। କଡ଼ା ସଂଘର୍ଷ ଓ ରୋମାଞ୍ଚ ସହ ଏହି ନିର୍ଣ୍ଣାୟକ ମ୍ୟାଚ୍ ଶେଷ ହୋଇଥିଲା। ଭାରତ ହାରିଥିଲେ ମଧ ଦମ୍‌ଦାର ପ୍ରଦର୍ଶନ କରି ଯେଉଁଭଳି ପ୍ରତ୍ୟାବର୍ତ୍ତନ କରିଥିଲା ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ। ଖାସ୍ କରି ଦୀନେଶ କାର୍ତ୍ତିକ ଓ କ୍ରୁନାଲ ପାଣ୍ଡ୍ୟା ଜବରଦସ୍ତ ବ୍ୟାଟିଂ କରିଥିଲେ। ଫଳରେ ଭାରତ ମ୍ୟାଚ୍‌କୁ ଫେରିଥିଲା। ଭାରତର ଫିଲ୍ଡିଂ ଆଶାନୁରୂପ ହୋଇପାରି ନ ଥିଲା। ଫିଲ୍ଡିଂ ବିଭାଗରେ ଭାରତ ଭଲ ବୋଲି କୁହାଯାଉଥିଲେ ମଧ ଏହି ମ୍ୟାଚ୍‌ରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଭାରତୀୟ ଖେଳାଳିମାନେ କେତୋଟି କ୍ୟାଚ୍ ହାତଛଡ଼ା କରିବା ସହ ବାଉଣ୍ଡରୀ ଛାଡ଼ିଥିଲେ। ମାତ୍ର ୪ ରନରେ ହାରିବା ଅବଶ୍ୟ ଭାରତୀୟ ପ୍ରଶଂସକଙ୍କର ହଜମ ହୋଇ ନ ଥିବ। ତେବେ କ୍ରିକେଟରେ ୧ ରନ ବ୍ୟବଧାନରେ ହାରିବା ଜିତିବାର ଫଇସାଲା ହୋଇଥାଏ। ଏହି ଉଇକେଟ ବ୍ୟାଟ୍ସମ୍ୟାନଙ୍କୁ ସୁହାଇଥିଲା। ଆଗକୁ ଯାଇ ଲାଇନ୍‌ରେ ବଲ୍‌କୁ ବାଡେଇଲେ ଏହି ଛୋଟିଆ ବାଉଣ୍ଡାରୀରେ ଜଣେ ବ୍ୟାଟ୍ସମ୍ୟାନ ବିପୁଳ ସଂଖ୍ୟାରେ ରନ୍ ସଂଗ୍ରହ କରିପାରିବ।

କ୍ରୁନାଲ ଓ କାର୍ତ୍ତିକ ବ୍ୟାଟିଂ କରିବା ବେଳେ ଉଚ୍ଚକୋଟୀର ଷ୍ଟ୍ରୋକ ପ୍ଲେ କରିବା ସହ ଲମ୍ବା ଶଟ୍‌ମାନ ଖେଳିଥିଲେ। କିନ୍ତୁ ଶେଷ ଓଭରରେ ସିଙ୍ଗଲ ନ ନେଇ ଭଲ ବ୍ୟାଟିଂ କରୁଥିବା କ୍ରୁନାଲଙ୍କୁ ଷ୍ଟ୍ରାଇକ୍ ନ ଦେବା ସମସ୍ତଙ୍କୁ ଚକିତ କରିଛି। କାର୍ତ୍ତିକ ବୋଧହୁଏ ନିଜେ ମ୍ୟାଚ୍ ଫିନିଶ କରିବାକୁ ଚାହିଁଥିଲେ। କିନ୍ତୁ ନନ୍ ଷ୍ଟ୍ରାଇକ୍ ଏଣ୍ଡରେ ଜଣେ ଟେଲଏଣ୍ଡର ଥିଲେ ଜଣେ ବ୍ୟାଟ୍ସମ୍ୟାନ ସିଙ୍ଗଲ ନେଇ ନ ଥାଏ। କିନ୍ତୁ ନନ୍ ଷ୍ଟ୍ରାଇକ୍ ଏଣ୍ଡରେ ଜଣେ ସେଟ ହୋଇଥିବା ବ୍ୟାଟ୍ସମ୍ୟାନ ଥିବା ବେଳେ ସିଙ୍ଗଲ୍ ନେବା ଉଚିତ୍ ହୋଇଥାନ୍ତା। କାର୍ତ୍ତିକ ଯଦି ସେହି ସିଙ୍ଗଲ ରନ ନେଇଥାନ୍ତେ ତାହେଲେ ମ୍ୟାଚ୍‌ର ଫଳାଫଳ ଅଲଗା ହୋଇଥାନ୍ତା। ଗୋଟିଏ ଲମ୍ବା ଶଟ୍ ଖେଳାଯାଇଥିଲେ ଭାରତ ବିଜୟୀ ହୋଇଥାନ୍ତା। ବିଜୟୀ ହେବା କଷ୍ଟକର ହୋଇଥିଲେ ମଧ ଅସମ୍ଭବ ନ ଥିଲା। ରୋମାଞ୍ଚକ ସ୍ଥିତିରେ ଏପରି ହୋଇଥାଏ। କାର୍ତ୍ତିକ ନିଜ ଭୁଲ ବୁଝିପାରିଥିବେ ବୋଲି ମୁଁ ନିଶ୍ଚିତ। ନିଜ ପାର୍ଟନରକୁ ଭରସା କରିବା ନିହାତି ଦରକାର। ତେବେ ନ୍ୟୁଜିଲାଣ୍ଡକୁ ଶ୍ରେୟ ଦିଆଯିବା ଉଚିତ୍। ଜବରଦସ୍ତ ଫିଲ୍ଡିଂ କରି ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ବାନ୍ଧି ରଖିବାରେ ଘରୋଇ ଦଳ ସଫଳ ହୋଇଥିଲା। ବ୍ୟାଟ୍ସମ୍ୟାନମାନେ ମଧ ଦମ୍‌ଦାର ପ୍ରଦର୍ଶନ କରି ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଥିଲେ ଓ ଏହାକୁ ଭାରତ ଚେଜ୍ କରିବାର ନିଶ୍ଚିତ ଭାବେ ସହଜ ନ ଥିଲା।

ତେବେ ଏହି ଗସ୍ତରେ ଭାରତ ବେଶ୍ ଉନ୍ନତି କରିଛି ବୋଲି କୁହାଯାଇପାରିବ। ବିଶ୍ୱକପ୍ ପୂର୍ବରୁ ଏହା ନିଶ୍ଚିତ ଭାବେ ଶୁଭଙ୍କର। ନ୍ୟୁଜିଲାଣ୍ଡ ବହୁ ଖେଳାଳିଙ୍କୁ ନିଜ ପ୍ରତିଭା ପ୍ରମାଣିତ କରିବା ପାଇଁ ସୁଯୋଗ ପ୍ରଦାନ କରିଥିଲା। ଚୟନକର୍ତ୍ତାମାନେ ଏବେ ନୂଆ କମ୍ବିନେଶନ ପାଇଁ ସୂତ୍ର ପାଇଥିବେ। ପ୍ରାୟ ସବୁ ଖେଳାଳି ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ତେଣୁ ଚୟନକର୍ତ୍ତାମାନେ ଦଳ ଚୟନ ବେଳେ ସମସ୍ୟାର ସମ୍ମୁଖୀନ ହେବେ। ଦଳରେ ମହେନ୍ଦ୍ର ସିଂ ଧୋନୀଙ୍କ ସ୍ଥାନ ପକ୍କା ହୋଇଥିବା ବେଳେ ରିଷଭ ପନ୍ତ ଓ କାର୍ତ୍ତିକଙ୍କ ମଧ୍ୟରୁ ଜଣକୁ ବସିବାକୁ ପଡିବ। ଏବେ ଭାରତ ଗସ୍ତରେ ଅଷ୍ଟ୍ରେଲିଆ ଆସିବ। ଘରୋଇ ପରିବେଶ୍‌ରେ ଭାରତ ସ୍ଲୋ ଉଇକେଟ୍‌ରେ ଭଲ କରିବ ବୋଲି ଆଶା କରାଯାଉଛି। ଅଷ୍ଟ୍ରେଲିଆ ଅପେକ୍ଷା ଭାରତକୁ ଏହି ଉଇକେଟ ବେଶ୍ ସୁହାଇବ। ନିୟମିତ ଅଧିନାୟକ ବିରାଟ କୋହଲି ଓ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମରା ଦଳକୁ ପ୍ରତ୍ୟାବର୍ତ୍ତନ କରିବେ। ଫଳରେ ଭାରତ ପୂର୍ଣ୍ଣ ସାମର୍ଥ୍ୟ ସହ ଏହି ସିରିଜ ଖେଳିବ ଓ ବିଶ୍ୱକପ୍ ପାଇଁ ତା'ର ପ୍ରସ୍ତୁତି ଜୋରଦାର କରିବ।

–(ଗେମ୍ ପ୍ଲାନ୍)

THE ULTIMATE INVERTER BATTERY
EXIDE INVATUBULAR

# ପୂର୍ବତନ କ୍ରିକେଟରଙ୍କୁ ଆକ୍ରମଣ



ଅମିତ ଭଣ୍ଡାରି

**ନୂଆଦିଲ୍ଲୀ,୧୧।୨:** ସ୍ଥାନୀୟ ସେଣ୍ଟ ଷ୍ଟିଫେନ୍ ଗ୍ରାଉଣ୍ଡଠାରେ ୨୩ ବର୍ଷରୁ କମ୍ ବୟସ ବର୍ଗର ଟୁର୍ନାମେଣ୍ଟ ଲାଗି ଖେଳାଳି ଚୟନ ପ୍ରକ୍ରିୟା ବେଳେ ପୂର୍ବତନ ଭାରତୀୟ ପେସର ଅମିତ୍ ଭଣ୍ଡାରିଙ୍କୁ କେତେଜଣ ଅଜଣା ବ୍ୟକ୍ତି ମାଡ଼ ମାରିଛନ୍ତି। ଭଣ୍ଡାରି ଏବେ ଦିଲ୍ଲୀ ଜିଲା କ୍ରିକେଟ ଆସୋସିଏଶନ (ଡିଡିସିଏ)ର ସିନିୟର ଚୟନ କମିଟିର ଅଧ୍ୟକ୍ଷ ପଦରେ ଅଛନ୍ତି। ତାଙ୍କ ମୁଣ୍ଡ ଓ କାନରେ ଆଘାତ ଲାଗିଛି। ଚୟନ କମିଟି ସଦସ୍ୟ ସୁଖ୍‌ବିନ୍ଦର ସିଂ ତାଙ୍କୁ ଶାନ୍ତ ପରମାନନ୍ଦ ମେଡିକାଲରେ ଭର୍ତ୍ତି କରାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଦୁର୍ବୃତ୍ତମାନେ ଖସି ପଳାଇଥିଲେ। ଏ ଘଟଣା ସମ୍ପର୍କରେ ଡିଡିସିଏ ଅଧ୍ୟକ୍ଷ ରଜତ ଶର୍ମା ଦୋଷୀମାନଙ୍କୁ ଛଡ଼ାଯିବ ନାହିଁ। ଆମେ ଘଟଣାର ସବୁକିଛି ଜାଣିବାକୁ ଚେଷ୍ଟା କରୁଛୁ ବୋଲି କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଜଣେ ଖେଳାଳିଙ୍କୁ ସମ୍ଭାବ୍ୟ ତାଲିକାରେ ସାମିଲ କରା ନ ଯିବାରୁ ସେ ଉତ୍ତ୍ୟକ୍ତ ହୋଇ ଏଭଳି ଘଟଣା ଭିଆଇଛନ୍ତି। ପ୍ରତ୍ୟକ୍ଷଦର୍ଶୀ ଦିଲ୍ଲୀ ସିନିୟର ଓ ୨୩ ବର୍ଷରୁ କମ୍ ଦଳର ମ୍ୟାନେଜର ଶଙ୍କର ସାଇନିଙ୍କ କହିବା ଅନୁଯାୟୀ, ଚୟନ ଲାଗି ଆସିଥିବା ଦୁଇ ଖେଳାଳି ଭଣ୍ଡାରିଙ୍କ ସହ ଯୁକ୍ତିତର୍କ କରିବା ପରେ ପ୍ରାୟ ୧୫ରୁ ଅଧିକ ଲୋକ ହକି ଷ୍ଟିକ୍, ରଡ୍ ଓ ସାଇକେଲ ଚେନ୍‌ରେ ଆକ୍ରମଣ କରିଥିଲେ। ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଅନ୍ୟ ଖେଳାଳି ଓ ଆମେ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲୁ। ଭଣ୍ଡାରି ୨୦୦୦ ମସିହାରେ ଭାରତ ପକ୍ଷରୁ ୨ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ।

## ସଂକ୍ଷେପରେ

### ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ନୂଆଗାଁ,୧୧।୨ (ଡି.ଏନ୍.ଏ.)-** ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ତଥା ବିଶ୍ରା ଥାନା ଅନ୍ତର୍ଗତ କେର୍କେଟା-କେମାଙ୍ଗ ରାସ୍ତାର ମଧ୍ୟବର୍ତ୍ତୀ ସ୍ଥାନରୁ ସୋମବାର ପୋଲିସ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ବୟସ ପ୍ରାୟ ୪୫ ବର୍ଷ ହେବ। ତାଙ୍କ ମୁହଁ ଓ ମୁଣ୍ଡାରେ କ୍ଷତଚିହ୍ନ ରହିଥିବା ପୋଲିସ କହିଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ ପରେ ଆର୍‌ଜିଏଚ୍ ମର୍ଗ ହାଉସରେ ରଖାଯାଇଛି। ଏନେଇ ଏକ ହତ୍ୟା ମାମଲା (ନଂ. ୯/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବିକାଶ ରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି।

# ସଞ୍ଜୀୟଙ୍କ ସ୍ମାର୍ଟ ହେଲ୍‌ମେଟ

■ ହେଲ୍‌ମେଟ ନ ପିନ୍ଧିଲେ ଷ୍ଟାର୍ଟ ହେବନି ଗାଡ଼ି ■ ଦୁର୍ଘଟଣା ଘଟିଲେ ସମ୍ପର୍କୀୟଙ୍କ ପାଖରେ ପହଞ୍ଚିବ ମେସେଜ୍

**ସୁନ୍ଦରଗଡ଼, ୧୧।୨ (ଡି.ଏନ୍.ଏ.)**

ମଦ ପିଇ ଗାଡ଼ି ଚଳାନ୍ତି କି? ଏଣିକି ଆଉ ତାହା ସମ୍ଭବ ହେବନାହିଁ। ହେଲ୍‌ମେଟ୍ ନ ପିନ୍ଧି ମଧ୍ୟ ଆଉ ଗାଡ଼ି ଚଳାଇ ପାରିବେ ନାହିଁ। କାରଣ ମଦ ପିଇଥିଲେ କିମ୍ବା ହେଲ୍‌ମେଟ୍ ପିନ୍ଧି ନ ଥିଲେ ଆପଣଙ୍କ ବାଇକ୍ ଷ୍ଟାର୍ଟ ହେବନାହିଁ। କୌଣସି ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହେଲେ ବାଇକ୍ ଆରୋହୀଙ୍କ ଘର ନମ୍ବରକୁ ତୁରନ୍ତ ମେସେଜ୍ ପହଞ୍ଚିବ। ଏପରିକି ବାଇକ୍ ଆରୋହୀଙ୍କ ମୋବାଇଲରେ ସେଭ୍ ହୋଇଥିବା ନମ୍ବର ଅନୁଯାୟୀ ୧୬ଜଣଙ୍କ ପାଖକୁ ମଧ୍ୟ ମେସେଜ୍ ଯିବ। ଯେଉଁ ସ୍ଥାନରେ ଦୁର୍ଘଟଣା ଘଟିଛି ତା'ର ସମ୍ପୂର୍ଣ୍ଣ ବିବରଣୀ ମେସେଜ୍‌ରେ ଉଲ୍ଲେଖ ରହିବ। ଏଭଳି ଏକ ସ୍ମାର୍ଟ ହେଲ୍‌ମେଟ ତିଆରି କରି ଚର୍ଚ୍ଚାକୁ ଆସିଛନ୍ତି ସୁନ୍ଦରଗଡ଼ ଦର୍ଲିପାଲି ସାହାଜବାହାଲ ଗ୍ରାମର ୨୭ବର୍ଷୀୟ ସଞ୍ଜୟ ନାଏକ।


ସ୍ମାର୍ଟ ହେଲ୍‌ମେଟ ସହ ସଞ୍ଜୟ ନାଏକ।

ସଞ୍ଜୟ ବର୍ତ୍ତମାନ ଛତିଶଗଡ଼ କାଙ୍କେର ଜିଲା କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ସମ୍ପ୍ରତି ବଢ଼ି ଚାଲିଥିବା ସଡ଼କ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ସେ ଦୀର୍ଘ ୩ ବର୍ଷ ଗବେଷଣା କରିବା ପରେ ତିଆରି କରିଛନ୍ତି ଏହି ସ୍ମାର୍ଟ ହେଲ୍‌ମେଟ। ଏହି ହେଲ୍‌ମେଟରେ ସେ ବ୍ୟବହାର କରିଛନ୍ତି ଜିପିଏସ୍, ଆଲକୋହଲ ସେନସର ସହ ଅନେକ ଅତ୍ୟାଧୁନିକ ଯନ୍ତ୍ରାଂଶ। ଏହି ହେଲ୍‌ମେଟ ନ ପିନ୍ଧିଲେ ଗାଡ଼ି ଷ୍ଟାର୍ଟ ହେବ ନାହିଁ। ଗାଡ଼ି ଷ୍ଟାର୍ଟ କରି ହେଲ୍‌ମେଟ କାଢ଼ିଦେଲେ ଇଞ୍ଜିନ ଆପେ ଆପେ ବନ୍ଦ ହୋଇଯିବ। ସେହିଭଳି ଏହି ହେଲ୍‌ମେଟ ପିନ୍ଧିବା ମାତ୍ରେ ମଦର ବାସ୍ନା ଆସିଲେ ଏଥିରେ ଲାଗିଥିବା ସେନ୍‌ସର ମାଧ୍ୟମରେ ଧରାପଡ଼ିଯିବ। ଫଳରେ ଗାଡ଼ି ଷ୍ଟାର୍ଟ ମଧ୍ୟ ହେବନାହିଁ। ହେଲ୍‌ମେଟରେ ଲାଗିଥିବା ଜିପିଏସ୍ ଦ୍ୱାରା ବାଇକ୍ ଆରୋହୀଙ୍କ ଲୋକେଶନ୍ ସମ୍ପର୍କରେ ସୂଚନା ମିଳିଯିବ। ଯଦି ଆପଣ କୌଣସି ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୁଅନ୍ତି ତେବେ ଜିପିଏସ୍‌ରେ ସେଭ୍ କରାଯାଇଥିବା ୧୬ଟି ନମ୍ବରକୁ ତୁରନ୍ତ ମେସେଜ୍ ଯିବ। ସେଇଭଳି ଯଦି ଆପଣଙ୍କ ବାଇକ୍ ଅନ୍ୟ କାହାକୁ ଦେଇଛନ୍ତି, ତେବେ ସମ୍ପୃକ୍ତ ବ୍ୟକ୍ତି କେଉଁ ସ୍ଥାନରେ ଅଛନ୍ତି ତାହା ଜଣାପଡ଼ିଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆପଣଙ୍କ ବାଇକ୍ କେହି ଚୋରି କରିପାରିବେ ନାହିଁ। କାରଣ ବାଇକ୍ ଚୋରି କରିବାକୁ ହେଲେ ଚୋରଙ୍କୁ ପ୍ରଥମେ ହେଲ୍‌ମେଟର ଆବଶ୍ୟକତା ପଡ଼ିବ।

ସଞ୍ଜୟଙ୍କ ଏହି ସ୍ମାର୍ଟ ହେଲ୍‌ମେଟ ଗତ ଜାନୁୟାରୀ ୨୮ ତାରିଖରେ ଛତିଶଗଡ଼ ଦୁର୍ଗଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପକ୍ଷରୁ ଆୟୋଜିତ ବିଜ୍ଞାନ ମେଳାରେ ପ୍ରଦର୍ଶିତ ହୋଇ ପ୍ରଥମ ସ୍ଥାନ ଅଧିକାର କରିଛି। ଆସନ୍ତା ଏପ୍ରିଲ ୧୦ ତାରିଖରେ ଡେରାଡୁନ୍‌ଠାରେ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଜାତୀୟସ୍ତରୀୟ ବିଜ୍ଞାନମେଳାରେ ସଞ୍ଜୟ ଏହି ପ୍ରକଳ୍ପ ସହ ଭାଗନେବେ ବୋଲି କହିଛନ୍ତି। ୨୦୧୪ରେ ସୁନ୍ଦରଗଡ଼ ଇଞ୍ଜିନିୟରିଂ କଲେଜରୁ ଇଲେକ୍ଟ୍ରିକାଲ ବିଭାଗରେ ବି.ଟେକ୍ କରିବା ପରେ ସଞ୍ଜୟ ୨୦୧୮ରେ କାଙ୍କେର କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷକ ଭାବେ ଯୋଗଦେଇଥିଲେ। ଏହି ସ୍ମାର୍ଟ ହେଲ୍‌ମେଟ ତିଆରି କରିବାରେ ୪ହଜାର ୩ ଶହ ଟଙ୍କା ଖର୍ଚ୍ଚ ହୋଇଥିବା ସେ କହିଛନ୍ତି। ଆଗାମୀ ଦିନରେ ସଡ଼କ ଦୁର୍ଘଟଣା ଓ ବାଇକ୍ ଚୋରି ରୋକିବା ଦିଗରେ ଏହି ହେଲ୍‌ମେଟ ବିଶେଷ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏହି ହେଲ୍‌ମେଟର ବୈଷୟିକ ଜ୍ଞାନକୌଶଳ ନେଇ ଯଦି କୌଣସି କମ୍ପାନୀ ଏହାକୁ ନିର୍ମାଣ କରି ମାର୍କେଟିଂ କରେ, ତେବେ ବାଇକ୍ ଆରୋହୀମାନେ ଉପକୃତ ହୋଇପାରିବେ ବୋଲି ସଞ୍ଜୟ କହିଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ରାଜ୍ୟ ଓ କେନ୍ଦ୍ର ସରକାର ଆଗେଇ ଆସିବାକୁ ସେ ନିବେଦନ କରିଛନ୍ତି।

ଟ୍ରକ୍ ଧକ୍କାରେ ଦୁଇ ଭଉଣୀଙ୍କ ମୃତ୍ୟୁ

### ଇଣ୍ଟରଭ୍ୟୁ ଦେବାକୁ ଆସି ଜୀବନ ଗଲା

**ବେଦବ୍ୟାସ,୧୧।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଟିସିଆଇ ଛକ ନିକଟରେ ସୋମବାର ପୂର୍ବାହ୍ନ ସାଢ଼େ ୯ଟାରେ ଟ୍ରକ୍ ଧକ୍କାରେ ଗୁରୁଣ୍ଡିଆ ଥାନା କାଇଁସବାହାଲ ଗ୍ରାମର ଦୁଇ ଭଉଣୀଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ମଞ୍ଜୁଳା ମିଞ୍ଜ (୨୦) ଓ ଅଞ୍ଜନା ମିଞ୍ଜ (୧୮)। ପୋଲିସ ସୂଚନା ଅନୁଯାୟୀ, ମଞ୍ଜୁଳା ଓ ଅଞ୍ଜନା ଆର୍‌ପିଏଫ୍ ଇଣ୍ଟରଭ୍ୟୁ ଦେବାପାଇଁ ଏକ ନମ୍ବର ବିହୀନ ନୂଆ ହୋଣ୍ଡା ଆକ୍ଟିଭା ଯୋଗେ ରାଉରକେଲା ଆସୁଥିବା ବେଳେ ଓଡ଼ି୨୩-ଏ୭୩୭୧ ନମ୍ବର ବିଶିଷ୍ଟ ଟ୍ରକ୍ ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ରାଉରକେଲା ଆଇଜିଏଚ୍ ପଠାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ ହୋଇଛି। ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

## ପିଏମ୍-କିଷାନ ଯୋଜନାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର,୧୧।୨ (ବ୍ୟୁରୋ)**

ପିଏମ୍-କିଷାନ ଯୋଜନା ପାଇଁ ହିତାଧିକାରୀଙ୍କ ତାଲିକା ପଠାଇବାକୁ ନିକଟରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ରାଜ୍ୟ ଏଯାଏଁ ତାଲିକା ପଠାଇନାହିଁ। କେନ୍ଦ୍ର ପ୍ରସ୍ତାବିତ ଆୟୁଷ୍ମାନ ଯୋଜନା ପରି ପିଏମ୍-କିଷାନ ଯୋଜନାକୁ ରାଜ୍ୟ ସରକାର ମନାକରି ଦେଇପାରନ୍ତି ବୋଲି ଆଲୋଚନା ହୋଇଥିଲା। ହେଲେ ସୋମବାର ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲେଖିଥିବା ଚିଠି ସେଥିରେ ସାମୟିକ ପୂର୍ଣ୍ଣଚ୍ଛେଦ ଟାଣିଛି। ମୁଖ୍ୟମନ୍ତ୍ରୀ ଉକ୍ତ ଚିଠି ମାଧ୍ୟମରେ ପିଏମ୍-କିଷାନ ଯୋଜନାକୁ ପ୍ରଶଂସା କରିବା ସହ କେତେକ ପରାମର୍ଶ ମଧ୍ୟ ଦେଇଛନ୍ତି, ଯାହାକୁ ନେଇ କେନ୍ଦ୍ର-ରାଜ୍ୟ ଆରୋପ-ପ୍ରତ୍ୟାରୋପରେ ରାଜନୀତି ଭିନ୍ନ ମୋଡ଼ ନେଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପିଏମ୍-କିଷାନ ଯୋଜନାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଏଥିରେ ଭାଗଚାଷୀ, ଭୂମିହୀନ ଏବଂ ନାମମାତ୍ର ଚାଷୀଙ୍କୁ ସାମିଲ କରାଯାଉ। କେନ୍ଦ୍ରର ଶତପ୍ରତିଶତ ଅର୍ଥରେ ଏହା ପ୍ରଦାନ କରାଯାଉଥିବାରୁ ଏହାକୁ ସ୍ୱାଗତ କରୁଛି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ଗତ ଡିସେମ୍ବରରେ ରାଜ୍ୟ ସରକାରଙ୍କ ଦ୍ୱାରା କୃଷି ଓ କୃଷକ ସଶକ୍ତୀକରଣ ପାଇଁ 'କାଳିଆ' ଯୋଜନାର ଆରମ୍ଭ କରାଯାଇଛି। ଏଥିରେ ସିଧାସଳଖ ଭାବେ ରାଜ୍ୟର ୯୨ ପ୍ରତିଶତ ଚାଷୀବର୍ଗ ଉପକୃତ ହେବେ। ଏହି ବର୍ଗରେ ଚାଷୀ, ଭାଗଚାଷୀ, କ୍ଷୁଦ୍ରଚାଷୀ, ଭୂମିହୀନ କୃଷି ଶ୍ରମିକ ଏବଂ ନାମମାତ୍ର ଚାଷୀ ଉପକୃତ ହେବେ। ଗତ ଜାନୁୟାରୀରୁ ଏହି ଯୋଜନା କାର୍ଯ୍ୟକାରୀ ହେବା ଆରମ୍ଭ ହୋଇଯାଇଛି। ଜନସାଧାରଣଙ୍କ ମଧ୍ୟରେ ଏହାକୁ ନେଇ ଆଗ୍ରହ ମଧ୍ୟ ଦେଖାଦେଇଛି। ଏଥିସହିତ ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ଏହି ଯୋଜନାରୁ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ରାଜ୍ୟ ସରକାର ଧ୍ୟାନ ଦେଉଥିବା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ତେଣୁ ଚାଷୀକୁଳର ସର୍ବାଙ୍ଗୀନ ଉନ୍ନତି ପାଇଁ ପିଏମ୍-କିଷାନ ଯୋଜନାରେ ଭାଗଚାଷୀ, ଭୂମିହୀନ ଏବଂ ନାମମାତ୍ର ଚାଷୀ ପରିବାରଙ୍କୁ ସାମିଲ କରାଯାଉ। ମୁଖ୍ୟମନ୍ତ୍ରୀଙ୍କ ଏହି ଚିଠିର ଜବାବ କେନ୍ଦ୍ର ସରକାର କିମ୍ବା ଭାଜପା କିପରି ରଖୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର। ରାଜ୍ୟ ଏଯାବତ୍ ଆୟୁଷ୍ମାନ ଯୋଜନା ଲାଗୁ କରି ନ ଥିବାରୁ କେନ୍ଦ୍ରୀୟ ନେତାମାନେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ଜାରି ରଖିଛନ୍ତି। ହେଲେ ପିଏମ୍-କିଷାନ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ପରାମର୍ଶ ଦେଇଛନ୍ତି।


# ୫ମ ଦିନରେ ପୁଞ୍ଜିଲାଲଙ୍କ ଅନଶନ

**ବଲାଙ୍ଗୀର ଅଫିସ,୧୧।୨**


ଅଭିଯୁକ୍ତ ପୁଞ୍ଜିଲାଲ ମେହେର।

■ ଗ୍ଲୁକୋଜ୍ ପାଣି ପିଉଛନ୍ତି, ଗୀତା ପଢୁଛନ୍ତି
■ ପୁଞ୍ଜିଲାଲଙ୍କୁ ବଲାଙ୍ଗୀର ଜେଲରେ ଭେଟିଲେ ସ୍ତ୍ରୀ

ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମାଷ୍ଟରମାଇଣ୍ଡ ତଥା ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ଗତ ୮ ତାରିଖରେ ପାଟଣାଗଡ଼ ଉପକାରାଗାରରୁ ବଲାଙ୍ଗୀର ଜିଲା କାରାଗାରକୁ ସ୍ଥାନାନ୍ତର କରାଯାଇଥିଲା । ଏହି ନିଷ୍ପତ୍ତିର ପ୍ରତିବାଦ କରି ପୁଞ୍ଜିଲାଲ ଗତ ୫ ଦିନ ହେଲା ଖାଦ୍ୟ ଗ୍ରହଣ ନ କରି ଅନଶନ ଜାରି ରଖିଛନ୍ତି। କେବଳ ଗ୍ଲୁକୋଜ୍ ପାଣି ପିଉଛନ୍ତି। ବଲାଙ୍ଗୀର ଜେଲ ଅଧିକ୍ଷକ ସଞ୍ଜୟ ବର୍ମାଙ୍କୁ ଏନେଇ ପଚାରିବାରୁ ଏଠାକୁ ଆସିବା ଦିନଠାରୁ ପୁଞ୍ଜିଲାଲ କିଛି ଖାଦ୍ୟ ଗ୍ରହଣ କରି ନ ଥିବା କହିଛନ୍ତି । ସ୍ୱତନ୍ତ୍ର ସେଲରେ ରହୁଥିବା ପୁଞ୍ଜିଲାଲ ଅଧିକ ସମୟ ତାଙ୍କର ସେଲରେ ରହି ଭଗବତ୍ ଗୀତା ଓ କମଳା ଦାସଙ୍କ ଉପନ୍ୟାସ ପଢୁଥିବା କହିଛନ୍ତି । ଅଧିକ ସମୟ ଏକାକୀ ରହୁଥିବା ପୁଞ୍ଜିଲାଲ ଅନ୍ୟ ଜେଲ ଅନ୍ତେବାସୀଙ୍କ ସହ ମଧ୍ୟ ବିଶେଷ କଥାବାର୍ତ୍ତା ହେଉ ନ ଥିବା ଜଣାପଡିଛି । ସୋମବାର ପୁଞ୍ଜିଲାଲଙ୍କ ସ୍ତ୍ରୀ ବଲାଙ୍ଗୀର ଜେଲକୁ ଆସି ପୁଞ୍ଜିଲାଲଙ୍କୁ ଭେଟିଥିଲେ । ପ୍ରାୟ ୧୫ରୁ ୨୦ ମିନିଟ୍ ସମୟ କଥାବାର୍ତ୍ତା କରିଥିଲେ । ଖାଦ୍ୟ ଗ୍ରହଣ କରୁ ନ ଥିବାରୁ ତାଙ୍କ ସ୍ତ୍ରୀ ଚିନ୍ତା ପ୍ରକଟ କରିଥିଲେ। ପାଟଣାଗଡ ଜେଲରେ ଚାଲିଥିବା ନିର୍ଯ୍ୟାତନାକୁ ପ୍ରତିବାଦ କରିବାରୁ ତାଙ୍କ ବିରୋଧରେ ମିଥ୍ୟା କଥା କହି ତାଙ୍କୁ ପାଟଣାଗଡ଼ ଜେଲରୁ ବଲାଙ୍ଗୀର ଅଣାଯାଇଛି ବୋଲି ଗଣମାଧ୍ୟମ ସମ୍ମୁଖରେ ସେ ଅଭିଯୋଗ କରିଥିଲେ ଗୁରୁବାର ଠାରୁ ଖାଦ୍ୟ ଗ୍ରହର କରି ନ ଥିବା ପୁଞ୍ଜିଲାଲଙ୍କ ରକ୍ତଚାପ, ହୃତ୍‌ପିଣ୍ଡ ଗତି ଠିକ୍‌ଠାକ୍ ଥିବା ସୋମବାରର ସ୍ୱାସ୍ଥ୍ୟ ପରୀକ୍ଷାରୁ ଜଣାପଡିଥିବା ଜେଲ ଅଧିକ୍ଷକ ବର୍ମା ସୂଚନା ଦେଇଛନ୍ତି ।








Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ପତନ ନ ହେବାରେ କିଛି ଗୌରବ ନାହିଁ, ପତନରୁ ଉତ୍ଥାନ ହିଁ ପ୍ରକୃତ ଗୌରବ।

- ଗୋଲ୍ଡସ୍ମିଥ୍

## ସଂକ୍ଷେପରେ




### ବିଏସଏନଏଲ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବରଗଡ଼ ଅଫିସ,୧୧।୨: ବରଗଡ଼ ଜିଲାର ବିଏସଏନଏଲ ଠିକା କର୍ମଚାରୀମାନେ ବିଭିନ୍ନ ଦାବି ନେଇ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଏହି କ୍ରମରେ କର୍ମଚାରୀମାନେ କାର୍ଯ୍ୟ ନ କରି ବରଗଡ଼ ବିଏସଏନଏଲ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ । ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ସେମାନଙ୍କ ଦାବି ପ୍ରତି ଅଣଦେଖା କରାଯାଉ ଥିବାଯୋଗୁ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହୋଇଥିବା ବିଏସଏନଏଲ ଠିକା କର୍ମଚାରୀମାନେ କହିଛନ୍ତି । ତିନିମାସର ବକେୟା ଦରମା ପ୍ରଦାନ, ୫ମାସର ଇପିଏଫ, ଇଏସଆଇ ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି । ସଂଘର ଶାଖା ସମ୍ପାଦକ ଯୋଗେନ୍ଦ୍ର ସାଗର, କେଶବ ଭୋଇ ପ୍ରମୁଖଙ୍କ ନେତୃତ୍ୱରେ ସେମାନେ ଧାରଣାରେ ବସିଥିଲେ । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବେ ବୋଲି ସଂଘର କର୍ମଚାରୀମାନେ କହିଛନ୍ତି ।

## ପଦ୍ମପୁର ସବ୍‌ଡିଭିଜନକୁ ଜିଲା ଘୋଷଣା ଦାବି
# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ଆକ୍ସନ କମିଟି

ପଦ୍ମପୁର, ୧୧।୨ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡକୁ ଜିଲା ଘୋଷଣା ପାଇଁ ସମସ୍ତ ରାଜନୈତିକ ଦଳ, ନିର୍ବାଚିତ ଜନପ୍ରତିନିଧି ଏବଂ ମିଳିତ କ୍ରିୟାନୁଷ୍ଠାନ କମିଟି ସଭ୍ୟମାନେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଚିବାଳୟରେ ସାକ୍ଷାତ କରି ଏକ ଦାବିପତ୍ର ଦେଇଛନ୍ତି । ଆଲୋଚନା ସଫଳ ହୋଇଛି ଓ ମୁଖ୍ୟମନ୍ତ୍ରୀ ଦାବିକୁ ନିଶ୍ଚିତ ଭାବେ ବିଚାରକୁ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା କମିଟି କର୍ମକର୍ତ୍ତା ପ୍ରକାଶ କରିଛନ୍ତି । ଏହି ଆଲୋଚନାରେ ମିଳିତ କ୍ରିୟାନୁଷ୍ଠାନ କମିଟି ଆବାହକ ଅଜିତ ଶତପଥିଙ୍କ ତତ୍ତ୍ୱାବଧାନରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହା, ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ଝାରବନ୍ଧ ବ୍ଲକ ଅଧ୍ୟକ୍ଷ ବିଜୟ ପ୍ରଧାନ, ପାଇକମାଳ ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ, ପଦ୍ମପୁର ବ୍ଲକ ଅଧ୍ୟକ୍ଷ କୁମୁଦମଣି ନାଏକ, ପଦ୍ମପୁର ଓକିଲ ସଂଘ ସମ୍ପାଦକ ଶାନ୍ତନୁ ତ୍ରିପାଠୀ, ବିଜେପୁର ଓକିଲ ସଂଘ ସମ୍ପାଦକ ଅଶୋକ ମାହାନା, ପାଇକମାଳ ନାଗରିକ କମିଟି ସଭ୍ୟ ନୀଳମଣି ପଣ୍ଡା, ଗାଇସିଲେଟ ବ୍ଲକରୁ ପ୍ରଣୟ ସାହୁ, ସରପଞ୍ଚ ଦେବେନ ଯୋଶୀ, କ୍ରିୟାନୁଷ୍ଠାନ କମିଟି ସଭ୍ୟ ବାଗଦେବ ସାହୁ, ବିନୋଦ କାଳିଆଙ୍କ ସହ ଅନ୍ୟ ସଭ୍ୟମାନେ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ବରଗଡ଼ ଜିଲାରେ ପଦ୍ମପୁର ସବୁଠାରୁ ପୁରୁଣା ସବ୍‌ଡିଭିଜନ ଭାବେ ରହିଛି । ଏହି ସବ୍‌ଡିଭିଜନ ୧୯୬୯ ଜୁଲାଇ ପହିଲାରୁ କାର୍ଯ୍ୟ କରୁଛି । ଏହା ଅଧୀନରେ ୬ଟି ବ୍ଲକ, ୬ଟି ତହସିଲ, ୯ଟି ପୋଲିସ ଷ୍ଟେସନ, ୨ଟି ଏନ୍‌ଏସି, ୧୮ଟି ରାଜସ୍ୱ ସର୍କଲ ଏବଂ ୧୨୮ଟି ଗ୍ରାମପଞ୍ଚାୟତରେ ୭୦୪ଟି ଗାଁ ରହିଛି । ୨୦୧୧ ଜନଗଣନା ଅନୁଯାୟୀ ଏହି ସବ୍‌ଡିଭିଜନର ଭୌଗୋଳିକ ସୀମା ୩୧୪୪.୫୩୦ ବର୍ଗ କିଲୋମିଟର ହୋଇଥିବା ବେଳେ ଜନସଂଖ୍ୟା ୬,୭୦,୭୭୦ । ୬ଟି ବ୍ଲକରେ ଅନୁସୂଚିତ ଜାତି ଲୋକସଂଖ୍ୟା ୧,୧୫,୧୬୮ ଥିବା ବେଳେ ଜନଜାତି ଲୋକ ସଂଖ୍ୟା ୧,୫୧,୫୮୩ । ବରଗଡ଼ ଜିଲା ମୁଖ୍ୟାଳୟ ପଦ୍ମପୁରଠାରୁ ୮୦ କିଲୋମିଟରରେ ହୋଇଥିବା ବେଳେ ପାଇକମାଳ ଓ ଝାରବନ୍ଧ ବ୍ଲକର ଦୂରତା ୧୫୦ କିଲୋମିଟର । ଦୁର୍ଗମ ଓ ଦୂରାନ୍ତ ଯୋଗୁ ପଦ୍ମପୁର ସବଡଭିଜନରେ ଶିକ୍ଷା, ସ୍ୱାସ୍ଥ୍ୟ ଅପହଞ୍ଚ ରହିଛି । ଏହାଛଡା ଏହି ଅଞ୍ଚଳ ଅଧିକାଂଶ ସମୟରେ ମରୁଡି ପ୍ରଭାବିତ ହେଉଛି । କର୍ମସଂସ୍ଥାନ ଏବଂ ଖାଦ୍ୟାଭାବରୁ ଲୋକମାନେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ।



ଆକ୍ସନ କମିଟିର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରୁଛନ୍ତି ।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଓକିଲ ସଂଘର ଦାବିପତ୍ର ପ୍ରଦାନ

ସୋହେଲା,୧୧।୨(ଡି.ଏନ.ଏ.)

ସୋହେଲା ଓକିଲ ସଂଘ ତରଫରୁ ସୋମବାର ସ୍ଥାନୀୟ ତହସିଲଦାରଙ୍କ ମାଧ୍ୟମରେ ୧୦ଦଫା ସମ୍ବଳିତ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା । ଏହି ଦାବିପତ୍ରକୁ ତହସିଲଦାର ବିଶ୍ୱ ରଞ୍ଜନ କର ଗ୍ରହଣ କରିଥିଲେ । ଓକିଲ ଏବଂ ସେମାନଙ୍କ ପରିବାର ବର୍ଗଙ୍କୁ ୨୦ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ, ଯେ କୌଣସି ଦୁରାରୋଗ ପାଇଁ ମାଗଣା ଚିକିତ୍ସା ସକାଶେ ଦେଶ କିମ୍ବା ବିଦେଶର ପ୍ରଖ୍ୟାତ ଚିକିତ୍ସାଳୟମାନଙ୍କରେ ସୁବିଧା ଯୋଗାଇ ଦେବା, ନୂତନ ଭାବେ ଓକିଲାତି ପାଇଁ ଯୋଗ ଦେଇଥିବା ଯୁବ ଓକିଲମାନଙ୍କୁ ମାସିକ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବା, କାର୍ଯ୍ୟକ୍ଷେତ୍ରରେ ଅସମୟରେ ଆକସ୍ମିକ ମୃତ୍ୟୁ ହେଲେ ଓକିଲଙ୍କ ପରିବାର ବର୍ଗଙ୍କୁ ମାସିକ ୫୦ହଜାର ଟଙ୍କାର ପେନଶନ ଯୋଗାଇ ଦେବା, ଓକିଲଙ୍କ ସୁରକ୍ଷା ଆଇନକୁ ପାର୍ଲାମେଣ୍ଟରେ ଲାଗୁ କରାଯିବା, ଦେଶର ସମସ୍ତ ଓକିଲ ସଂଘର କୋଠାଘର, ଲାଇବ୍ରେରୀ, ଇ-ଲାଇବ୍ରେରୀ, ଇଣ୍ଟରନେଟ ବ୍ୟବସ୍ଥା ତଥା ମହିଳା ଆଇନଜୀବୀମାନଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା କରାଯିବା, ଆଇନଜୀବୀମାନଙ୍କୁ କମ୍ପ୍ୟୁଟ ଗୃହନିର୍ମାଣ ଋଣ, ଲାଇବ୍ରେରୀ ପାଇଁ ଋଣ, ଯାନବାହନ ପାଇଁ ଋଣ, ଘର ତିଆରି ପାଇଁ ଜମି ଯୋଗାଇ ଦେବା, ଲିଗାଲ ସର୍ଭିସ ଅଥରିଟି ଆକ୍ଟକୁ ଆବଶ୍ୟକ ପରିବର୍ତ୍ତନ କରି ଆଇନଜୀବୀମାନଙ୍କୁ କ୍ଷମତା ପ୍ରଦାନ କରାଯିବା, ବିଭିନ୍ନ କମିଶନ ଗଠନ ସମୟରେ ନିଯୁକ୍ତ କରାଯାଉଥିବା ଅବସରପ୍ରାପ୍ତ ବିଚାରପତି ବଦଳରେ ବରିଷ୍ଠ ଆଇନଜୀବୀମାନଙ୍କୁ ନିଯୁକ୍ତ କରାଯିବା ଏବଂ ୬୫ବର୍ଷରୁ କମ୍ ବୟସର ଓକିଲଙ୍କ ଦୁର୍ଘଟଣାଜନିତ ମୃତ୍ୟୁ, ହତ୍ୟା, କୌଣସି ରୋଗରେ ଯଦି ମୃତ୍ୟୁ ଘଟେ ସରକାରଙ୍କ ତରଫରୁ ତାଙ୍କ ପରିବାର କିମ୍ବା ଉତ୍ତରାଧିକାରୀଙ୍କୁ ୫୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବାକୁ ଦାବି ହୋଇଛି । ଦାବିପତ୍ର ପ୍ରଦାନ ବେଳେ ଆଡଭୋକେଟ ମିର୍ଜା ଆକବର ବେଗ, ରବୀନ୍ଦ୍ର ସାହୁ, ବିକ୍ରମ କେଶରୀ ପଧାନ, ପ୍ରଫୁଲ୍ଲ ମିଶ୍ର, ମନୋଜ କୁମାର ମହାପାତ୍ର, ଗୋବିନ୍ଦ ଅଗ୍ରୱାଲ, ବିକାଶ ଚନ୍ଦ୍ର ଭୋଇ, ସୁନୀଲ ଅଗ୍ରୱାଲ ପ୍ରମୁଖ ସାମିଲ ହୋଇଥିଲେ ।


## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜମେଣ୍ଟ ଶାଖା (SAMB), ୧/୩୪, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ (ଓକଲାଣ୍ଡ ବ୍ୟାଙ୍କ ବିଲ୍ଡିଂ, ୪ର୍ଥ ମହଲା), ଭୁବନେଶ୍ୱର - ୭୫୧୦୦୧, ଜିଲ୍ଲା: ଖୋର୍ଦ୍ଧା, (ଓଡ଼ିଶା), ମୋ.: ୯୪୩୭୧୮୬୬୬୯, E-mail: sbi.10130@sbi.co.in

## ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ସାଙ୍କେତିକ/ଭୌତିକ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ) ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ "ଯାହା ଯେଉଁଠାରେ ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ" ଇ-ନିଲାମ କରାଯିବ।

### ଇ-ନିଲାମ ତାରିଖ: ୨୭.୦୨.୨୦୧୯

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକ (ମାନ)ଙ୍କ ନାମ | ସମ୍ପତ୍ତିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ., ସା: ଓଲରା, ପୋ: ବଡଚଣା, ଜିଲ୍ଲା: ଯାଜପୁର, ଓଡ଼ିଶା - ୭୫୪୦୨୪, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ପିତା: ବନଓ୍ୱାରିଲାଲ ଅଗ୍ରୱାଲା, ନିର୍ଦ୍ଦେଶକମାନେ: (୧) ଶ୍ରୀ ବନଓ୍ୱାରିଲାଲ ଅଗ୍ରୱାଲା, ପିତା: ୰ ବାଲୁରାମ ଅଗ୍ରୱାଲା, (୨) ଶ୍ରୀମତୀ ସୁଷମା ଅଗ୍ରୱାଲା, ସ୍ୱାମୀ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ସମସ୍ତଙ୍କ ଠିକଣା ସା: ଗିରିମା, ଓ୍ୱାର୍ଡ ନଂ.: ୧୨, କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା-୭୫୭୦୩୭ | ଜାମିନ୍‌ଦାରମାନେ: (୧) ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ପିତା: ବନଓ୍ୱାରିଲାଲ ଅଗ୍ରୱାଲା, (୨) ଶ୍ରୀ ବନଓ୍ୱାରିଲାଲ ଅଗ୍ରୱାଲା, ପିତା: ୰ ବାଲୁରାମ ଅଗ୍ରୱାଲା, (୩) ଶ୍ରୀମତୀ ସୁଷମା ଅଗ୍ରୱାଲା, ସ୍ୱାମୀ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ସମସ୍ତଙ୍କ ଠିକଣା ସା: ଗିରିମା, ଓ୍ୱାର୍ଡ ନଂ.: ୧୨, କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା-୭୫୭୦୩୭ / କର୍ପୋରେଟ୍ ଜାମିନ୍‌ଦାର: ମେସର୍ସ ଗାଲାକ୍ସି ଟାଇ-ଅପ୍ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ପିତା: ବନଓ୍ୱାରିଲାଲ ଅଗ୍ରୱାଲା, ସା: ୨୭, ଓ୍ୱେଷ୍ଟର୍ଣ୍ଣ ଷ୍ଟ୍ରିଟ୍, ୩ୟ ମହଲା, ମିନି ବିଲ୍ଡିଂ, କୋଲକାତା-୭୦୦୦୧୨ (ପଶ୍ଚିମ ବଙ୍ଗ) | ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ. | ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ. (ରାଇସ୍ ମିଲ୍ ୩୭ଟିପିଏଚ୍ କ୍ଷମତା ବିଶିଷ୍ଟ)ର ନାମରେ ଥିବା ଜମି ଏବଂ ଗୃହ, କାରଖାନା ଏବଂ ଯନ୍ତ୍ରପାତି, ସେଡ୍ ଏବଂ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ଆସେଟ୍ସ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଓଲରା, ବଡଚଣା, ଜିଲ୍ଲା: ଯାଜପୁର, ଖାତା ନଂ.: ୫୪୯/୪୯, ପ୍ଲଟ ନଂ.: ୩୫, କ୍ଷେତ୍ର: ଏକର ୦.୬୬ ଡିସିମିଲି, ଖାତା ନଂ.: ୫୪୯/୫୩, ପ୍ଲଟ ନଂ.: ୪୦, କ୍ଷେତ୍ର: ଏକର ୨.୧୪ ଡିସିମିଲି, ଖାତା ନଂ.: ୪୨୭, ପ୍ଲଟ ନଂ.: ୪୪, କ୍ଷେତ୍ର: ଏକର ୦.୨୦ ଡିସିମିଲି, ଖାତା ନଂ.: ୪୬୧, ପ୍ଲଟ ନଂ.: ୩୬, କ୍ଷେତ୍ର: ଏକର ୦.୧୨ ଡିସିମିଲି, ଖାତା ନଂ.: ୪୬୧, ପ୍ଲଟ ନଂ.: ୩୬, କ୍ଷେତ୍ର: ଏକର ୦.୦୬ ଡିସିମିଲି, ଖାତା ନଂ.: ୩୬୧, ପ୍ଲଟ ନଂ.: ୨୪, କ୍ଷେତ୍ର: ଏକର ୦.୩୩ ଡିସିମିଲି, ଖାତା ନଂ.: ୧୯୨, ପ୍ଲଟ ନଂ.: ୪୧, କ୍ଷେତ୍ର: ଏକର ୦.୨୭ ଡିସିମିଲି, ଖାତା ନଂ.: ୩୫୦, ପ୍ଲଟ ନଂ.: ୩୪, କ୍ଷେତ୍ର: ଏକର ୦.୨୭ ଡିସିମିଲି, ଖାତା ନଂ.: ୨୪୩, ପ୍ଲଟ ନଂ.: ୨୯, କ୍ଷେତ୍ର: ଏକର ୦.୧୦ ଡିସିମିଲି, ଖାତା ନଂ.: ୧୯୭, ପ୍ଲଟ ନଂ.: ୩୧, କ୍ଷେତ୍ର: ଏକର ୦.୫୪ ଡିସିମିଲି, ଖାତା ନଂ.: ୩୦୬, ପ୍ଲଟ ନଂ.: ୨୮, କ୍ଷେତ୍ର: ଏକର ୦.୪୯ ଡିସିମିଲି, ଖାତା ନଂ.: ୩୧୨, ପ୍ଲଟ ନଂ.: ୩୨, କ୍ଷେତ୍ର: ଏକର ୦.୦୭ ଡିସିମିଲି, ଖାତା ନଂ.: ୧୫୯, ପ୍ଲଟ ନଂ.: ୩୩, କ୍ଷେତ୍ର: ଏକର ୦.୪୧ ଡିସିମିଲି, ଖାତା ନଂ.: ୨୬୦, ପ୍ଲଟ ନଂ.: ୨୫, କ୍ଷେତ୍ର: ଏକର ୨.୭୧ ଡିସିମିଲି, ଖାତା ନଂ.: ୩୯୦, ପ୍ଲଟ ନଂ.: ୪୨, କ୍ଷେତ୍ର: ଏକର ୦.୫୪ ଡିସିମିଲି, ଖାତା ନଂ.: ୨୦୪, ପ୍ଲଟ ନଂ.: ୪୭, କ୍ଷେତ୍ର: ଏକର ୦.୮୭ ଡିସିମିଲି, ଖାତା ନଂ.: ୪୨୪, ପ୍ଲଟ ନଂ.: ୪୬, କ୍ଷେତ୍ର: ଏକର ୦.୧୯ ଡିସିମିଲି, ମୋଟ କ୍ଷେତ୍ର: ଏକର ୯.୯୭ ଡିସିମିଲି, ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲାଙ୍କ ନାମରେ ଥିବା ଜମି ଏବଂ ଗୃହ, ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ଆସେଟ୍ସ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଓଲରା, ବଡଚଣା, ଜିଲ୍ଲା: ଯାଜପୁର, ଖାତା ନଂ.: ୫୪୯/୪୭, ପ୍ଲଟ ନଂ.: ୧୧, କ୍ଷେତ୍ର: ଏକର ୦.୭୫ ଡିସିମିଲି, ଖାତା ନଂ.: ୪୫୦, ପ୍ଲଟ ନଂ.: ୨୨, କ୍ଷେତ୍ର: ଏକର ୦.୨୯ ଡିସିମିଲି, ଖାତା ନଂ.: ୪୯୮, ପ୍ଲଟ ନଂ.: ୧୭, କ୍ଷେତ୍ର: ଏକର ୦.୩୭ ଡିସିମିଲି, ଖାତା ନଂ.: ୫୪୯/୪୬, ପ୍ଲଟ ନଂ.: ୮, କ୍ଷେତ୍ର: ଏକର ୦.୭୨ ଡିସିମିଲି, ଖାତା ନଂ.: ୩୧୩, ପ୍ଲଟ ନଂ.: ୭, କ୍ଷେତ୍ର: ଏକର ୦.୩୭ ଡିସିମିଲି, ଖାତା ନଂ.: ୯୩, ପ୍ଲଟ ନଂ.: ୬/୯୬୪, କ୍ଷେତ୍ର: ଏକର ୦.୩୦ ଡିସିମିଲି, ଖାତା ନଂ.: ୫୦୧, ପ୍ଲଟ ନଂ.: ୨୩, କ୍ଷେତ୍ର: ଏକର ୦.୦୬ ଡିସିମିଲି, ଖାତା ନଂ.: ୫୦୧, ପ୍ଲଟ ନଂ.: ୬/୯୬୩, କ୍ଷେତ୍ର: ଏକର ୦.୧୧ ଡିସିମିଲି, ଖାତା ନଂ.: ୫୪୯/୫୧, ପ୍ଲଟ ନଂ.: ୯, କ୍ଷେତ୍ର: ଏକର ୦.୫୪ ଡିସିମିଲି, ଖାତା ନଂ.: ୫୪୯/୫୦, ପ୍ଲଟ ନଂ.: ୧୬, କ୍ଷେତ୍ର: ଏକର ୦.୫୩ ଡିସିମିଲି, ଖାତା ନଂ.: ୩୯୫, ପ୍ଲଟ ନଂ.: ୬, କ୍ଷେତ୍ର: ଏକର ୧.୩୭ ଡିସିମିଲି, ଖାତା ନଂ.: ୨୪୨, ପ୍ଲଟ ନଂ.: ୧୦, କ୍ଷେତ୍ର: ଏକର ୦.୧୭ ଡିସିମିଲି, ଖାତା ନଂ.: ୨୯୧, ପ୍ଲଟ ନଂ.: ୧୫, କ୍ଷେତ୍ର: ଏକର ୦.୬୦ ଡିସିମିଲି, ଖାତା ନଂ.: ୫୪୯/୫୪, ପ୍ଲଟ ନଂ.: ୨୧, କ୍ଷେତ୍ର: ଏକର ୨.୧୨ ଡିସିମିଲି, ମୋଟ କ୍ଷେତ୍ର: ଏକର ୮.୩୦ ଡିସିମିଲି, ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଓଲରା, ବଡଚଣା, ଜିଲ୍ଲା: ଯାଜପୁର, ଯାହାର ଖାତା ନଂ.: ୧୩୮, ପ୍ଲଟ ନଂ.: ୪୩, କ୍ଷେତ୍ର: ଏକର ୧.୨୦ ଡିସିମିଲି, ଖାତା ନଂ.: ୪୫୪, ପ୍ଲଟ ନଂ.: ୩୦, କ୍ଷେତ୍ର: ଏକର ୦.୪୮ ଡିସିମିଲି, ମୋଟ କ୍ଷେତ୍ର: ଏକର ୧.୬୮ ଡିସିମିଲି, ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲାଙ୍କ ନାମରେ ଥିବା ସମ୍ପତ୍ତି ଯାହାକି ମୌଜା: ଓଲରା, ଯାଜପୁର, ଖାତା ନଂ.: ୫୪୯/୬୩, ପ୍ଲଟ ନଂ.: ୨୦, କ୍ଷେତ୍ର: ଏକର ୧.୦୬ ଡିସିମିଲି, ସମୁଦାୟ ମୋଟ କ୍ଷେତ୍ର: ଏକର ୨୧.୦୧ ଡିସିମିଲି। | ୧୨.୧୦.୨୦୧୬ ସୁଦ୍ଧା ଟ.୭୪,୦୧,୨୫,୧୨୮/- + ୧୩.୧୦.୨୦୧୬ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୪୦,୭୭,୦୦,୦୦୦/- / ଟ.୪,୦୭,୭୦,୦୦୦/- / ୧୭.୧୦.୨୦୧୬ |
| ୨. | ଋଣଗ୍ରହୀତା: ବିଏମ୍‌ଆର ରାଇସ୍ ମିଲ୍ ପ୍ରା. ଲିଃ, ନିର୍ଦ୍ଦେଶକମାନେ: ୧) ଶ୍ରୀ ସଞ୍ଜୟ ଅଗ୍ରୱାଲ, ପିତା- ରାମ କୈଳାସ ଅଗ୍ରୱାଲ, ୨) ଶ୍ରୀମତୀ ବବିତା ଅଗ୍ରୱାଲ, ସ୍ୱାମୀ- ଶ୍ରୀ ସଞ୍ଜୟ ଅଗ୍ରୱାଲ, ସିସି-୨, ସିଭିଲ୍ ଟାଉନସିପ୍, ରାଉରକେଲା, ପୋ: ରାଉରକେଲା-୪, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା-୭୬୯୦୦୪ | ଜାମିନ୍‌ଦାରମାନେ: ୧) ଶ୍ରୀ ସଞ୍ଜୟ ଅଗ୍ରୱାଲ, ପିତା- ରାମ କୈଳାସ ଅଗ୍ରୱାଲ, ୨) ଶ୍ରୀମତୀ ବବିତା ଅଗ୍ରୱାଲ, ସ୍ୱାମୀ- ଶ୍ରୀ ସଞ୍ଜୟ ଅଗ୍ରୱାଲ, ସିସି-୨, ସିଭିଲ୍ ଟାଉନସିପ୍, ରାଉରକେଲା, ପୋ: ରାଉରକେଲା-୪, ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା-୭୬୯୦୦୪ | ବିଏମ୍‌ଆର ରାଇସ୍ ମିଲ୍ ପ୍ରା. ଲିଃ., ଶ୍ରୀ ସଞ୍ଜୟ ଅଗ୍ରୱାଲ | (କ) ବିଏମ୍‌ଆର ରାଇସ୍ ମିଲ୍ ପ୍ରା. ଲିଃର ନାମରେ ଥିବା କାରଖାନା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ମୌଜା: ଗୋପାଳପାଲ୍ଲୀ, ବିଜୟନଗର, ଜିଲ୍ଲା: ଦେବଗଡ଼, ଖାତା ନଂ.: ୫୬/୨୦, ପ୍ଲଟ୍ ନଂ.: ୬୨୭/୧୦୬୯, ୬୨୭/୧୦୭୦, ୬୨୭/୧୦୭୪, ୬୫୦/୧୦୭୯, ୬୨୭/୧୦୭୧, ୬୨୭/୧୦୭୫, ୬୫୦/୧୦୮୦, ୬୫୦/୧୦୮୧, ୬୨୭/୧୦୭୩ ଏବଂ ୬୫୦/୧୦୭୮, ସମୁଦାୟ କ୍ଷେତ୍ର: ଏକର୫.୬୨ଡିସିମିଲି, କିସମ: ଘରବାରୀ ଏବଂ ଶିଳ୍ପାଞ୍ଚଳକୁ ପରିବର୍ତ୍ତନ ହୋଇନାହିଁ । (ଖ) ସଞ୍ଜୟ ଅଗ୍ରୱାଲଙ୍କ ନାମରେ ଥିବା ଖାଲି ଜମି ଯାହାର ମୌଜା: ଯୋରପାଲି, କିରୋଡିମଲ ନଗର, ଜିଲ୍ଲା: ରାୟଗଡା, ଖାତା ନଂ.: ୧୧, ପ୍ଲଟ୍ ନଂ.: ୨୪୩/୨, ୨୪୩/୩, ୨୪୪/୧, ୨୫୦/୨, ୨୪୭/୧, ୨୪୭/୨ ଏବଂ ୨୫୪/୧, ସମୁଦାୟ କ୍ଷେତ୍ର: ଏକର ୪.୪୨ ଡିସିମିଲି, କିସମ: ଘରବାରି, (ଗ) ବିଏମ୍‌ଆର ରାଇସ୍ ମିଲ୍ ପ୍ରା. ଲିଃର ନାମରେ ଥିବା କଳକବ୍ଜା ଏବଂ ଯନ୍ତ୍ରପାତି (ଟ୍ରକ୍ ଏବଂ ଲୋଡ଼ର ବ୍ୟତିତ) | ୧୮.୦୨.୨୦୧୫ ସୁଦ୍ଧା ଟ.୩,୦୮,୯୨,୭୧୦/- + ୧୯.୦୨.୨୦୧୫ ଠାରୁ ପରବର୍ତ୍ତିସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)ଟ.୧,୯୪,୦୦,୦୦୦/- ଟ.୧୯,୪୦,୦୦୦/- (ଖ)ଟ.୨,୦୮,୦୦,୦୦୦/- ଟ.୨୦,୮୦,୦୦୦/- (ଗ)ଟ.୧,୪୯,୦୦,୦୦୦/- ଟ.୧୪,୯୦,୦୦୦/- / ୧୦.୧୨.୨୦୧୪ |
| ୩. | ଋଣଗ୍ରହୀତା: ଶ୍ରୀ ମେଟାଲିକ୍ସ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍, ପ୍ଲଟ୍ ନଂ.: ୫୪୬, ପ୍ରଥମ ମହଲା, ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର-୭୫୧୦୦୨, ନିର୍ଦ୍ଦେଶକମାନେ: ୧) ୰ ପ୍ରମୋଦ କୁମାର ଅଗ୍ରୱାଲଙ୍କ ଆଇନଗତ ଉତ୍ତରାଧିକାରୀମାନେ: ଶ୍ରୀମତୀ ରାକ୍ଷୀ ଅଗ୍ରୱାଲ, ରାଘବ ଅଗ୍ରୱାଲ ଏବଂ ଭବ୍ୟ ଅଗ୍ରୱାଲ, ସା: ପାୱାର ହାଉସ୍ ରୋଡ୍, ଥାନା: ଉଦିତ ନଗର, ରାଉରକେଲା, ସୁନ୍ଦରଗଡ୍, ୨) ଶ୍ରୀ ମୁରଲୀଧର ଅଗ୍ରୱାଲ, ପିତା: ୰ ବଦ୍ରି ପ୍ରସାଦ ଅଗ୍ରୱାଲ, ୩) ଅଂଶୁଲ କୁମାର ଅଗ୍ରୱାଲ, ପିତା: ମୁରଲୀଧର ଅଗ୍ରୱାଲ, କ୍ର. ନଂ. ୨ ଏବଂ ୩ଙ୍କ ଠିକଣା- ସା: ଗୁରୁଦ୍ୱାର ରୋଡ୍, ବଡ୍‌ବିଲ, ଜିଲ୍ଲା: କେନ୍ଦୁଝର | ଜାମିନ୍‌ଦାରମାନେ: ୧) ୰ ପ୍ରମୋଦ କୁମାର ଅଗ୍ରୱାଲଙ୍କ ଆଇନଗତ ଉତ୍ତରାଧିକାରୀମାନେ: ଶ୍ରୀମତୀ ରାକ୍ଷୀ ଅଗ୍ରୱାଲ, ରାଘବ ଅଗ୍ରୱାଲ ଏବଂ ଭବ୍ୟ ଅଗ୍ରୱାଲ, ସା: ପାୱାର ହାଉସ୍ ରୋଡ୍, ଥାନା: ଉଦିତ ନଗର, ରାଉରକେଲା, ସୁନ୍ଦରଗଡ଼, ୨) ଶ୍ରୀ ମୁରଲୀଧର ଅଗ୍ରୱାଲ, ପିତା: ୰ ବଦ୍ରି ପ୍ରସାଦ ଅଗ୍ରୱାଲ, ୩) ଅଂଶୁଲ କୁମାର ଅଗ୍ରୱାଲ, ପିତା: ମୁରଲୀଧର ଅଗ୍ରୱାଲ, କ୍ର. ନଂ. ୨ ଏବଂ ୩ଙ୍କ ଠିକଣା- ସା: ଗୁରୁଦ୍ୱାର ରୋଡ୍, ବଡ୍‌ବିଲ, ଜିଲ୍ଲା: କେନ୍ଦୁଝର | ୰ ପ୍ରମୋଦ କୁମାର ଅଗ୍ରୱାଲ | ୰ ପ୍ରମୋଦ କୁମାର ଅଗ୍ରୱାଲଙ୍କ ନାମରେ ଥିବା ବ୍ୟବସାୟିକ ଜମି ଏବଂ ଗୃହ ଯାହାର ମୌଜା: ବଡବିଲ, ଜିଲ୍ଲା: କେନ୍ଦୁଝର, ଖାତା ନଂ.: ୪୫୮/୬୧୭, ପ୍ଲଟ ନଂ.: ୧୧୭୯/୨୬୧୫ ଏବଂ ୧୮୧୦/୨୬୧୬, କ୍ଷେତ୍ର: ଏକର ୦.୦୫୦ଡିସିମିଲି, କିସମ: ଘରବାରି । | ୩୧.୧୨.୨୦୧୨ ସୁଦ୍ଧା ଟ.୫,୧୧,୫୫,୩୦୦/- + ୦୧.୦୧.୨୦୧୩ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୯୫,୦୦,୦୦୦/- / ଟ.୯,୫୦,୦୦୦/- / ୨୩.୦୫.୨୦୧୩ |
| ୪. | ଋଣଗ୍ରହୀତା: ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ., ପ୍ଲଟ୍ ନଂ.: ୪୯୧୨(ପି), ଇଏ-୫୦, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଅବିନାଶ ମହାନ୍ତି | ଜାମିନ୍‌ଦାରମାନେ: ୧) ଶ୍ରୀ ଅବିନାଶ ମହାନ୍ତି, ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ୍, ଭୁବନେଶ୍ୱର-୭୫୧୦୧୪, ୨) ଶ୍ରୀ ବିଧୂ ଭୂଷଣ ନାୟକ, ଡ୍ୟୁପ୍ଲେକ୍ସ-୧୫, ରତ୍ନା ନିବାସ, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୭୫୧୦୧୮, ୩) ଶ୍ରୀ କୌଶିକ ମହାନ୍ତି, ତପସ୍ୱିନୀ, ପ୍ଲଟ୍ ନଂ.: ୨୫୨/୩୩୧୮, ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୨୪, ୪) ଶ୍ରୀ ଅଂଶୁମାନ ସାମନ୍ତରାୟ, ପ୍ଲଟ୍ ନଂ.: ୪୯୧୨ (ପି), ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮ | ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ. ଏବଂ ଶ୍ରୀ କୌଶିକ ମହାନ୍ତି | (କ) ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ.ର ନାମରେ ଥିବା ୧) କାରଖାନା ଜମି ଏବଂ ଗୃହ, ୨) କାରଖାନା ଏବଂ ଯନ୍ତ୍ରପାତି ଏବଂ ସେଡ୍ ଆଦି ସମ୍ପତ୍ତି ଯାହାର ମୌଜା: ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଖୋର୍ଦ୍ଧା, ଖାତା ନଂ.: ୫୩୧/୧, ୭୮୭, ପ୍ଲଟ୍ ନଂ.: ୨୩୦୩(ପି), ୨୩୦୮(ପି), ୨୩୨୬(ପି), ଇଡ଼କୋ ପ୍ଲଟ୍ ନଂ.: ୯୧, ୯୧/ଏ, ୯୧/ବି, କ୍ଷେତ୍ର: ଏକର୧.୩୧୬ଡିସିମିଲି, କିସମ: ଶିଳ୍ପାଞ୍ଚଳ, (ଖ) ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ.ର ନାମରେ ଥିବା ୧) କାରଖାନା ଜମି, ୨) ସେଡ୍ ଯାହାର ମୌଜା: ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଖୋର୍ଦ୍ଧା, ଖାତା ନଂ.: ୫୩୧/୧, ପ୍ଲଟ୍ ନଂ.: ୨୩୨୬(ପି), ଇଡ଼କୋ ପ୍ଲଟ୍ ନଂ.: ୬୯, କ୍ଷେତ୍ର: ଏକର୧.୦୦୪ଡିସିମିଲି, କିସମ: ଶିଳ୍ପାଞ୍ଚଳ, (ଗ) ଶ୍ରୀ କୌଶିକ ମହାନ୍ତିଙ୍କ ନାମରେ ଥିବା ଫ୍ରିହୋଲ୍ଡ ଜମି ଏବଂ ଆଜବେଷ୍ଟସ୍ ଛାତ ଥିବା ଆଉଟହାଉସ୍ ଯାହାର ମୌଜା: କଳାରାହାଙ୍ଗ, ଭୁବନେଶ୍ୱର, ଖାତା ନଂ.: ୪୯୭, ପ୍ଲଟ୍ ନଂ.: ୨୯୮, କ୍ଷେତ୍ର: ଏକର୮.୪୦୦ଡିସିମିଲିରୁ ଏକର୦.୧୧୧ଡିସିମିଲି, ମ୍ୟୁଟେଟେଡ ଖାତା ନଂ.: ୭୨୫/୧୪୧୭, ପ୍ଲଟ୍ ନଂ.: ୨୯୮/୪୧୫୦, କିସମ: ଘରବାରି। | ୨୦.୦୩.୨୦୧୭ ସୁଦ୍ଧା ଟ.୧୧,୩୯,୧୧,୩୫୯.୭୦ + ୨୧.୦୩.୨୦୧୭ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)୧)ଟ.୧,୪୮,୦୦,୦୦୦/- ଟ.୧୪,୮୦,୦୦୦/- ୨)ଟ.୭୧,୦୦,୦୦୦/- ଟ.୭,୧୦,୦୦୦/- (ଖ)୧)ଟ.୯୧,୦୦,୦୦୦/- ଟ.୯,୧୦,୦୦୦/- ୨)ଟ.୭୧,୦୦,୦୦୦/- ଟ.୭,୧୦,୦୦୦/- (ଗ) ଟ.୮୯,୦୦,୦୦୦/- ଟ.୮,୯୦,୦୦୦/- / ୨୧.୦୩.୨୦୧୭ |
| ୫. | ଋଣଗ୍ରହୀତା: ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ., ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ୍, ଭୁବନେଶ୍ୱର-୭୫୧୦୧୪, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଅବିନାଶ ମହାନ୍ତି | ଜାମିନ୍‌ଦାରମାନେ: ୧) ଶ୍ରୀ ଅବିନାଶ ମହାନ୍ତି, ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ୍, ଭୁବନେଶ୍ୱର-୭୫୧୦୧୪, ୨) ଶ୍ରୀ ବିଧୂ ଭୂଷଣ ନାୟକ, ଡ୍ୟୁପ୍ଲେକ୍ସ-୧୫, ରତ୍ନା ନିବାସ, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୭୫୧୦୧୮, ୩) ଶ୍ରୀ କୌଶିକ ମହାନ୍ତି, ତପସ୍ୱିନୀ, ପ୍ଲଟ୍ ନଂ.: ୨୫୨/୩୩୧୮, ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୨୪, ୪) ଶ୍ରୀ ଅଂଶୁମାନ ସାମନ୍ତରାୟ, ପ୍ଲଟ୍ ନଂ.: ୪୯୧୨ (ପି), ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮ | ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅବିନାଶ ମହାନ୍ତି | (କ) କାରଖାନା ଜମି ଏବଂ ଗୃହ, (ଖ) କାରଖାନା, ଯନ୍ତ୍ରପାତି ଏବଂ ଫ୍ୟାକ୍ଟ୍ରି ସେଡ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାଣିଛତ୍ର, ମଳିପଡା ଛକ, ଖାତା ନଂ.: ୫୦୦/୪୯, ପ୍ଲଟ୍ ନଂ.: ୧୮, କ୍ଷେତ୍ର: ଏକର୦.୭୫୦ ଡିସିମିଲି, ପ୍ଲଟ୍ ନଂ.: ୧୫/୧୨୬୨, କ୍ଷେତ୍ର: ଏକର୦.୯୦୦ଡିସିମିଲି, କିସମ: ଘରବାରି, ମାଲିକାନା- ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ. ଏବଂ ଅବିନାଶ ମହାନ୍ତି, କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ. କୁ ଲିଜ୍ ଦିଆଯାଇଅଛି)ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୫୦୦/୫୦, ପ୍ଲଟ୍ ନଂ.: ୧୫, କ୍ଷେତ୍ର: ଏକର୨.୦୦୦ଡିସିମିଲି, କିସମ: ଘରବାରି, ସମୁଦାୟ କ୍ଷେତ୍ର: ଏକର୩.୬୫୦ଡିସିମିଲ | ୩୧.୧୦.୨୦୧୩ ସୁଦ୍ଧା ଟ.୧୧,୯୭,୭୦,୫୭୩/- + ୦୧.୧୧.୨୦୧୩ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)ଟ.୧,୭୭,୦୦,୦୦୦/- ଟ.୧୭,୭୦,୦୦୦/- (ଖ)ଟ.୧,୫୨,୦୦,୦୦୦/- ଟ.୧୫,୨୦,୦୦୦/-/ ୨୦.୦୧.୨୦୧୪ |
| ୬. | ଋଣଗ୍ରହୀତା: ମେସର୍ସ ଅରୋ ଇସ୍ପାତ (ଇଣ୍ଡିଆ) ପ୍ରା. ଲିଃ., ସା: ପ୍ଲଟ୍ ନଂ.: ଏମ୍-୭୨, ସାମନ୍ତ ବିହାର, କଳିଙ୍ଗ ହସ୍ପିଟାଲ ଛକ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୪, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଅବିନାଶ ମହାନ୍ତି | ଜାମିନ୍‌ଦାରମାନେ: ୧) ଶ୍ରୀ ଅବିନାଶ ମହାନ୍ତି, ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ୍, ଭୁବନେଶ୍ୱର-୭୫୧୦୧୪, ୨) ଶ୍ରୀ କୌଶିକ ମହାନ୍ତି, ତପସ୍ୱିନୀ, ପ୍ଲଟ୍ ନଂ.: ୨୫୨/୩୩୧୮, ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୨୪, ୩) ଶ୍ରୀ ଅଂଶୁମାନ ସାମନ୍ତାରାୟ, ପ୍ଲଟ୍ ନଂ.: ୪୯୧୨ (ପି), ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୪, ୪) ଶ୍ରୀ ବିଧୂ ଭୂଷଣ ନାୟକ, ଡ୍ୟୁପ୍ଲେକ୍ସ-୧୫, ରତ୍ନା ନିବାସ, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୭୫୧୦୧୮ | ମେସର୍ସ ଅରୋ ଇସ୍ପାତ (ଇଣ୍ଡିଆ) ପ୍ରା. ଲିଃ. | ମେସର୍ସ ଅରୋ ଇସ୍ପାତ (ଇଣ୍ଡିଆ) ପ୍ରା. ଲିଃ.ର ନାମରେ ଥିବା (କ) ଫ୍ୟାକ୍ଟ୍ରି ଜମି, (ଖ) ଫ୍ୟାକ୍ଟ୍ରି ଗୃହ ଏବଂ (ଗ) ଫ୍ୟାକ୍ଟ୍ରି ସେଡ୍ ଯାହାକି ରାମନଗର, ମୌଜା: ଖୁଣ୍ଟୁଣୀ, ଜିଲ୍ଲା: କଟକ, ଖାତା ନଂ.: ୨୩୪/୨୯୭, ପ୍ଲଟ୍ ନଂ.: ୭୯/୮୬୭/୯୨୮, କ୍ଷେତ୍ର: ଏକର୦.୮୧ ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୨/୧୨୪୮, କ୍ଷେତ୍ର: ଏକର୦.୨୨ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୧/୯୨୬/୧୨୪୭, କ୍ଷେତ୍ର: ଏକର୦.୪୫ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୧/୯୨୭/୧୨୪୬, କ୍ଷେତ୍ର: ଏକର୦.୩୮ଡିସିମିଲି, ପ୍ଲଟ୍ ନଂ.: ୭୮୫/୯୧୯/୧୨୪୫, କ୍ଷେତ୍ର: ଏକର୦.୪୦ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୧/୧୨୪୪, କ୍ଷେତ୍ର: ଏକର୦.୨୮ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୨.୫୪ଡିସିମିଲି, କିସମ: କାରଖାନା | ୧୯.୦୧.୨୦୧୪ ସୁଦ୍ଧା ଟ.୭,୨୬,୬୭,୩୧୭/- + ୨୦.୦୧.୨୦୧୪ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)ଟ.୩୯,୦୦,୦୦୦/- / ଟ.୩,୯୦,୦୦୦/- (ଖ)ଟ.୨୨,୦୦,୦୦୦/- / ଟ.୨,୨୦,୦୦୦/- (ଗ)ଟ.୩୩,୦୦,୦୦୦/- / ଟ.୩,୩୦,୦୦୦/- / ୨୦.୦୧.୨୦୧୪ |
| ୭. | ଋଣଗ୍ରହୀତା: ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲିଃ., କାରଖାନା: ସା: କୁଟୁଗାଁ, ପୋ: ଚିପିନ୍ଦା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା, ରେଜିଷ୍ଟ୍ରେଡ୍ ଅଫିସ: ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା। | ଜାମିନ୍‌ଦାରମାନେ/ବନ୍ଧକଦାତାମାନେ: ୧) ଶ୍ରୀ ମହେଶ କୁମାର ଶର୍ମା, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା, ୨) ଶ୍ରୀ ଗଣେଶ କୁମାର ଶର୍ମା, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା, ୩) ଶ୍ରୀମତୀ ଶକୁନ୍ତଳା ଦେବୀ, ସ୍ୱାମୀ: ୰ ଲକ୍ଷ୍ମୀ ନାରାୟଣ ଶର୍ମା, ଜାମିନ୍‌ଦାରମାନେ: ୧) ଶ୍ରୀମତୀ ଜୟନ୍ତୀ ଶର୍ମା, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା ଏବଂ ସ୍ୱାମୀ: ଶ୍ରୀ କମଳ ଶର୍ମା, ୨) ଶ୍ରୀମତୀ ପଦ୍ମା ଉପାଧ୍ୟାୟ, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା ଏବଂ ସ୍ୱାମୀ: ଶ୍ରୀ ଘନଶ୍ୟାମ ଉପାଧ୍ୟାୟ, କର୍ପୋରେଟ୍ ଜାମିନ୍‌ଦାରମାନେ: ୧) ମେସର୍ସ ଉତ୍କଳ ମିନେରାଲ୍ସ, ୨) ମେସର୍ସ ଆଶା ଟ୍ରେଡିଙ୍ଗ କୋ. | ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲିଃ. ଶ୍ରୀ ମହେଶ କୁମାର ଶର୍ମା ଶ୍ରୀମତୀ ଶକୁନ୍ତଳା ଦେବୀ ଶ୍ରୀ ଗଣେଶ କୁମାର ଶର୍ମା | (କ) ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲିଃ. ର କାରଖାନା ପରିସରରେ ଗଚ୍ଛିତ ଥିବା କୋଇଲା, କୋଇଲା ଫାଇନ୍ସ, ଆଇରନ୍ ଓର୍ ଫାଇନ୍ସ, କାରଖାନା, ଯନ୍ତ୍ରପାତି ଏବଂ କାରଖାନା ସେଡ୍ସ (ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ ଆର୍ଥିକ ସହାୟତା ପ୍ରାପ୍ତ), ୨୦୦ ଟିପିଡି ସ୍ପଞ୍ଜ ଆଇରନ୍ କାରଖାନା, କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ, ଆଇରନ୍ ଓର କ୍ରସର, ଇଣ୍ଡକ୍ସନ୍ ଫର୍ଣ୍ଣେସ ରୋଲିଂ ମିଲ୍ ଅନ୍ୟାନ୍ୟ କଳକବଜା ଯନ୍ତ୍ରପାତି ଏବଂ ସେଡ୍ ସହିତ ଫ୍ୟାକ୍ଟ୍ରି ଜମି, ଗୃହ, ଶ୍ରମିକ ଘର, କ୍ୟାଣ୍ଟିନ୍, ପାଣିଟାଙ୍କି, ବାଉଣ୍ଡରି ଇତ୍ୟାଦି ଯାହାର ମୌଜା: କୁଟୁଗାଁ, ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୪୭/୩, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୬୪୩, ୬୪୪, ୬୪୬, ୬୪୭/୧୪୭୯, ୬୭୫, ୬୪୮/୧୨୯୩, ୭୨୮, ଯଥାକ୍ରମେ କ୍ଷେତ୍ର: ଏକର ୧.୬୫, ୦.୩୧, ୧.୬୪, ୦.୫୬, ୧.୧୭, ୦.୨୪, ୦.୭୫ ଡିସିମିଲି, ପୁରୁଣା ଖାତା ନଂ.: ୧୨୭, ପ୍ଲଟ୍ ନଂ.: ୬୩୬, ୬୩୭, ୬୨୮, ଯଥାକ୍ରମେ କ୍ଷେତ୍ର: ଏକର ୦.୩୯, ୦.୬୦, ୦.୭୨ ଡିସିମିଲି, ପୁରୁଣା ଖାତା ନଂ.: ୮୫, ପ୍ଲଟ୍ ନଂ.: ୬୪୨, ୬୪୮, ୭୨୮/୧୩୬୨, ୬୪୩/୧୩୬୩, ୬୪୩/୧୩୬୪, ୬୪୬/୧୩୬୫, ୬୪୭/୧୩୬୬, ଯଥାକ୍ରମେ କ୍ଷେତ୍ର: ଏକର ୦.୩୦, ୦.୧୯, ୦.୩୩, ୦.୩୮, ୦.୨୭, ୦.୪୮, ୦.୩୮ ଡିସିମିଲି, ପୁରୁଣା ଖାତା ନଂ.: ୪୪, ପ୍ଲଟ୍ ନଂ.: ୬୭୩, କ୍ଷେତ୍ର: ଏକର ୦.୫୧ ଡିସିମିଲି, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୬୪୭, କ୍ଷେତ୍ର: ଏକର ୦.୨୦ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୩, ପ୍ଲଟ୍ ନଂ.: ୬୭୪/୧୪୭୦, କ୍ଷେତ୍ର: ଏକର ୦.୧୫ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୨, ପ୍ଲଟ୍ ନଂ.: ୬୭୪/୧୪୬୯, କ୍ଷେତ୍ର: ଏକର ୦.୫୦ ଡିସିମିଲି, ପୁରୁଣା ଖାତା ନଂ.: ୭୩, ପ୍ଲଟ୍ ନଂ.: ୬୭୪/୧୪୮୦, ୭୨୯, ୬୭୬, ୬୭୪/୧୪୮୧, ଯଥାକ୍ରମେ କ୍ଷେତ୍ର: ଏକର ୧.୬୭, ୧.୧୩, ୦.୫୪, ୦.୫୦ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୪୭/୪, ପୁରୁଣା ଖାତା ନଂ.: ୭୩, ପ୍ଲଟ୍ ନଂ.: ୭୨୪, ୭୨୫, ଯଥାକ୍ରମେ କ୍ଷେତ୍ର: ଏକର ୦.୧୧, ୦.୩୫ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୪୭/୩, ପୁରୁଣା ଖାତା ନଂ.: ୪୫, ପ୍ଲଟ୍ ନଂ.: ୬୪୦, କ୍ଷେତ୍ର: ଏକର ୦.୨୩ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୬, ପ୍ଲଟ୍ ନଂ.: ୬୪୭/୧୪୭୧, କ୍ଷେତ୍ର: ଏକର ୦.୩୫ ଡିସିମିଲି, ପୁରୁଣା ଖାତା ନଂ.: ୩୨, ପ୍ଲଟ୍ ନଂ.: ୬୭୦, କ୍ଷେତ୍ର: ଏକର ୦.୪୬ ଡିସିମିଲି, ପୁରୁଣା ଖାତା ନଂ.: ୭୫, ପ୍ଲଟ୍ ନଂ.: ୭୩୨, ୭୩୫, ୭୩୬, ଯଥାକ୍ରମେ କ୍ଷେତ୍ର: ଏକର ୦.୩୪, ୦.୩୬, ୦.୫୩ ଡିସିମିଲି, ପୁରୁଣା ଖାତା ନଂ.: ୩୭, ପ୍ଲଟ୍ ନଂ.: ୬୭୮(ଅଂଶ), ୬୭୯(ଅଂଶ), ୭୩୦, ଯଥାକ୍ରମେ କ୍ଷେତ୍ର: ଏକର ୦.୫୧, ୦.୩୧, ୦.୩୧ ଡିସିମିଲି, ପୁରୁଣା ଖାତା ନଂ.: ୧୭, ପ୍ଲଟ୍ ନଂ.: ୬୭୮(ଅଂଶ), ୬୭୯(ଅଂଶ), ୭୨୬, ଯଥାକ୍ରମେ କ୍ଷେତ୍ର: ଏକର ୦.୫୧, ୦.୩୧, ୦.୧୭ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୨୭/୫୪, ପୁରୁଣା ଖାତା ନଂ.: ୨୯, ପ୍ଲଟ୍ ନଂ.: ୬୫୬, କ୍ଷେତ୍ର: ଏକର ୦.୪୨ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୨୭/୫୩, ପୁରୁଣା ଖାତା ନଂ.: ୩୮, ପ୍ଲଟ୍ ନଂ.: ୭୭୫, କ୍ଷେତ୍ର: ଏକର ୨.୨୬ ଡିସିମିଲି, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୭୨୩, କ୍ଷେତ୍ର: ଏକର ୦.୮୦ ଡିସିମିଲି, କିସମ: ଶିଳ୍ପାଞ୍ଚଳ, ସମୁଦାୟ କ୍ଷେତ୍ର : ଏକର ୨୩.୮୯ ଡିସିମିଲି। (ଖ) ଶ୍ରୀମତୀ ଶକୁନ୍ତଳା ଦେବୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: କମରଯୋଡା, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୭୪/୨୩୦, ପୁରୁଣା ଖାତା ନଂ.: ୧୭୪/୧୨୬, ପ୍ଲଟ୍ ନଂ.: ୨୯୭/୧୪୩୭, ୧୨୨୩/୧୪୩୮, ଯଥାକ୍ରମେ କ୍ଷେତ୍ର: ଏକର ୦.୦୧୨ ଡିସିମିଲି, ଏକର ୦.୦୪୫ ଡିସିମିଲି, ପୁରୁଣା ଖାତା ନଂ.: ୧୭୪/୧୮୫, ପ୍ଲଟ୍ ନଂ.: ୧୨୨୩/୧୪୭୮, ୨୯୭/୧୪୭୯, ଯଥାକ୍ରମେ କ୍ଷେତ୍ର: ଏକର ୦.୦୨୫, ୦.୦୧୮ଡିସିମିଲି, ସମୁଦାୟ କ୍ଷେତ୍ର: ଏକର ୦.୧୦୦ଡିସିମିଲି, କିସମ: ଘରବାରି (ଏହା ଶକୁନ୍ତଳା ଦେବୀ ଏବଂ ଗଣେଶ କୁମାର ଶର୍ମାଙ୍କ ଗୃହ ଋଣ ନିମନ୍ତେ ବନ୍ଧକ ସମ୍ପ୍ରସାରିତ କରାଯାଇଅଛି)। (ଗ) ଶ୍ରୀ ମହେଶ କୁମାର ଶର୍ମାଙ୍କ ନାମରେ ଖାଲି ଥିବା ଜମି ଯାହାର ମୌଜା: ଜଜାଙ୍ଗ, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୫୧/୮୨, ପୁରୁଣା ଖାତା ନଂ.: ୭୨, ପ୍ଲଟ୍ ନଂ.: ୪୨୧, କ୍ଷେତ୍ର: ଏକର ୧.୪୪ଡିସିମିଲି, କିସମ: ଶିଳ୍ପାଞ୍ଚଳ। (ଘ) ଶ୍ରୀ ଗଣେଶ କୁମାର ଶର୍ମାଙ୍କ ନାମରେ ଥିବା ଜମି ଯାହାର ମୌଜା: ଜଜାଙ୍ଗ, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୫୧/୮୧, ପୁରୁଣା ଖାତା ନଂ.: ୭୨, ପ୍ଲଟ୍ ନଂ.: ୪୨୧/୧୬୧୫, କ୍ଷେତ୍ର: ଏକର୧.୪୪ଡିସିମିଲି, କିସମ: ଶିଳ୍ପାଞ୍ଚଳ। | ୩୧.୦୩.୨୦୧୩ ସୁଦ୍ଧା ଟ.୪୨,୪୩,୪୬,୮୬୧/- + ୦୧.୦୪.୨୦୧୩ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ) ଟ.୨୦,୬୮,୦୦,୦୦୦/- ଟ.୨,୦୬,୮୦,୦୦୦/- (ଖ)ଟ.୧,୬୯,୦୦,୦୦୦/- ଟ.୧୬,୯୦,୦୦୦/- (ଗ) ଟ.୬୩,୦୦,୦୦୦/- ଟ.୬,୩୦,୦୦୦/- (ଘ) ଟ.୬୩,୦୦,୦୦୦/- ଟ.୬,୩୦,୦୦୦/- / ୨୪.୦୪.୨୦୧୩ |

* କାରଖାନା, ଯନ୍ତ୍ରପାତି, ସେଡ୍ ଏବଂ ଷ୍ଟକ୍‌ର ସଫଳ ବିକ୍ରୟ ପରେ ଜମି ଏବଂ ଗୃହ ଆଦି ସମ୍ପତ୍ତିର ବିକ୍ରୟ ଚୂଡାନ୍ତ ହେବ।

ବିଡ୍ ବୃଦ୍ଧି ପରିମାଣ: ସମ୍ପତ୍ତି କ୍ର. ନଂ. ୩, ୪(କ)୨), ୪(ଖ)୧), ୪(ଖ)୨), ୪(ଗ), ୬(କ), ୬(ଖ), ୬(ଗ), ୭(ଗ) ଏବଂ ୭(ଘ) ନିମନ୍ତେ - ଟ.୧୦,୦୦୦/- ଏବଂ ଅନ୍ୟ ସମ୍ପତ୍ତିଗୁଡିକ ନିମନ୍ତେ - ଟ.୫୦,୦୦୦/-

କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେଓ୍ୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୨୫.୦୨.୨୦୧୯ରିଖ ଅପରାହ୍ନ ୪.୦୦ ଘଣ୍ଟିକା ପର୍ଯ୍ୟନ୍ତ

ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୨୧.୦୨.୨୦୧୯ ପୂର୍ବାହ୍ନ ୧୦.୦୦ ଘଣ୍ଟିକାରୁ ଅପରାହ୍ନ ୪.୦୦ଘଣ୍ଟିକା

ଇ-ନିଲାମ ତାରିଖ ଏବଂ ସମୟ: ତା.୨୭.୦୨.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଣ୍ଟିକା ରୁ ଅପରାହ୍ନ ୪.୦୦ ଘଣ୍ଟିକା ପର୍ଯ୍ୟନ୍ତ

ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:

୧) ଇ-ନିଲାମ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଭିତ୍ତିରେ ଓ ଅନ୍-ଲାଇନ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ M/s C1 India Pvt. Ltd. ର ୱେବସାଇଟ୍ https://bankeauctions.com ମାଧ୍ୟମରେ ଉପରୋକ୍ତ ତା୨୭.୦୨.୨୦୧୯ରିଖରେ ସମ୍ପନ୍ନ ହେବ। ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ୍ https://bankeauctions.com ରେ ଉପଲବ୍ଧ।

୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡିକ ଉପରେ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧୀନ ଭାବେ ସମ୍ପତ୍ତିର ଏନ୍‌କମ୍ବ୍ରାନ୍ସ, ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବିପତ୍ର/ଅଧିକାର/ଦେୟ ବିଷୟରେ ଯାଞ୍ଚ କରିବା ଉଚିତ୍। ଇ-ନିଲାମ ବିଜ୍ଞପ୍ତି ବ୍ୟାଙ୍କ ଦ୍ୱାରା କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ଗଠନ କରୁନାହିଁ। ବ୍ୟାଙ୍କ ଜ୍ଞାତ କିମ୍ବା ଅଜ୍ଞାତ ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ସମ୍ପତ୍ତି ବିକ୍ରି କରାଯାଉଛି। ତୃତୀୟ ପକ୍ଷ ଦାବି/ଅଧିକାର/ଦେୟ ପାଇଁ କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ପ୍ରକାରେ ଦାୟୀ ରହିବେ ନାହିଁ।

୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶି RTGS/NEFT ମାଧ୍ୟମରେ Account No.: 30802030269, Name of the A/C.: SBI, SAMB, Bhubaneswar, Name of the Beneficiary: State Bank of India, IFSC Code No.: SBIN0009025 କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଯାହାକି "Authorised Officer, State Bank of India, SAMB, Bhubaneswar"ଙ୍କ ନାମରେ ଭୁବନେଶ୍ୱର ଠାରେ ଦେୟ ଦେବା ଉଚିତ୍।

୪) ନିଲାମଧାରୀମାନଙ୍କ ନିକଟରେ ବୈଧ ଡିଜିଟାଲ ସିଗ୍ନେଚର ସର୍ଟିଫିକେଟ୍ ଏବଂ ବୈଧ ଇମେଲ ଆଇଡି ନିତାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସୱାର୍ଡ M/s C1 India Pvt. Ltd., Udyog Vihar, Phase-2, Gulf Petrochem Building, Building No. 301, Gurgaon, Haryana, Helpline Nos. 0124-4302020/21/22/23/24, 7291981124/25/26, Helpline No.: +91-124-4302000(Gurgaon), Mr. Kingshuk Ghosh: +91-9836311889 (Kolkata), Helpline E-mail Id: support@bankeauctions.com, kolkata@c1india.com ଠାରୁ ପ୍ରାପ୍ତ କରିପାରିବେ ଏବଂ ସମ୍ପତ୍ତି ସମ୍ବନ୍ଧିୟ ଯେକୌଣସି ସୂଚନା ନିମନ୍ତେ Authorised Officer, State Bank of India, Contact No.: 9437101649, 9437018948, 9437186669, Email ID: sbi.10130@sbi.co.in ରେ ଯେକୌଣସି କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରନ୍ତୁ।

୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା UTR ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର (KYC), ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପାନ୍ କାର୍ଡର ନକଲ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ ଏବଂ ଲ୍ୟାଣ୍ଡ ଲାଇନ୍ ନମ୍ବର ଇତ୍ୟାଦି କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜମେଣ୍ଟ ଶାଖା, ଭୁବନେଶ୍ୱରଙ୍କ ଠାରେ ତା୨୫.୦୨.୨୦୧୯ରିଖ ଅପରାହ୍ନ ୦୪.୦୦ ଘଣ୍ଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ। ମୂଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇମେଲ ଆଇଡିରେ ମଧ୍ୟ ପଠାଇପାରିବେ।

୬) ପୋର୍ଟାଲ https://bankeauctions.com ରେ ଅନ୍‌ଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜମେଣ୍ଟ ଶାଖା, ଭୁବନେଶ୍ୱରଙ୍କ ଦ୍ୱାରା ଚିହ୍ନଟ କରାଯିବ। M/s C1 India Pvt. Ltd., Udyog Vihar, Phase-2, Gulf Petrochem Building, Building No. 301, Gurgaon, Haryanaଙ୍କ ଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସୱାର୍ଡ ଯୋଗାଇ ଦିଆଯିବ।

୭) ଆଗ୍ରହୀ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍। ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ କେସ୍ ଅଫିସର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ: ସମ୍ପତ୍ତି କ୍ର.ନଂ. ୧ ନିମନ୍ତେ- Mob.: 9437065856, ସମ୍ପତ୍ତି କ୍ର.ନଂ. ୨ ଏବଂ ୩ ନିମନ୍ତେ - Mob: 8658562113, ସମ୍ପତ୍ତି କ୍ର.ନଂ. ୪, ୫ ଏବଂ ୬ ନିମନ୍ତେ - Mob: 8658562113 ଏବଂ ସମ୍ପତ୍ତି କ୍ର.ନଂ. ୭ ନିମନ୍ତେ- Mob: 7377977178 ରେ ଯୋଗାଯୋଗ କରିପାରିବେ।

୮) ସମ୍ପତ୍ତିଗୁଡିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦନ ସାପେକ୍ଷ।

୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ମୂଲ୍ୟ ରୂପେ ରହିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର ୧୫ ଦିନ ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ। ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି / ଅର୍ଥ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।

୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ M/s C1 India Pvt. Ltd.ଙ୍କ ଠାରୁ ଇ-ନିଲାମ ସମ୍ପର୍କିୟ ଅନ୍‌ଲାଇନ୍ ତାଲିମ ପାଇପାରିବେ। ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା M/s C1 India Pvt. Ltd. ଦାୟୀ ରହିବେ ନାହିଁ। ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକ୍‌ଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ।

୧୧) ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଜିଏସ୍‌ଟି, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ।

୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ/ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।

୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ।


୧୪) ଯେଉଁ କ୍ଷେତ୍ରରେ ବିଡ୍ ପରିମାଣ ଟ.୫୦,୦୦,୦୦୦/- ରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ସଫଳ ନିଲାମଧାରୀ / କ୍ରେତା ଆୟକର ଆକ୍ଟ ୧୯୬୧ର ଧାରା ୧୯୪ IA ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିୟୁକ୍ତ କରି ଏବଂ ତାହାକୁ ଫର୍ମ ୨୬ QB ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣ ପତ୍ରର ଅରିଜିନାଲ ରସିଦ ବ୍ୟାଙ୍କରେ ଦାଖଲ କରିବେ।

୧୫) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।

୧୬) ଏହି ବିଜ୍ଞପ୍ତି ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତି ବିକ୍ରୟ ପାଇଁ ଏକ ୧୫ ଦିନିଆ ନୋଟିସ୍ ଅଟେ।

ତାରିଖ : ୧୧.୦୨.୨୦୧୯
ସ୍ଥାନ : ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ ।

- ହୋମର



## ସଂକ୍ଷେପରେ

### ଜାମସେଠ ୟୁପି ସ୍କୁଲର ବାର୍ଷିକ ଉତ୍ସବ

**ପାଇକମାଳ, ୧୧।୨(ଡି.ଏନ.ଏ):** ପାଇକମାଳ ବ୍ଲକର ଜାମସେଠ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଲଦ୍ରୋ ଗର୍ଏଁନ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ମାଣ୍ଡୋସିଲ ହାଇସ୍କୁଲର ପ୍ରଧାନଶିକ୍ଷକ ଗୋକୁନନ୍ଦ ଦଣ୍ଡସନା ମୁଖ୍ୟବକ୍ତା, ମାସ୍‌ର କାର୍ଯ୍ୟକ୍ରମ ସଂଯୋଜକ ଆଦିକନ୍ଦ ବିଶ୍ୱାଳ, ଶିକ୍ଷକ ନେତା ମହାଦେବ ବେହେରା, ସରପଞ୍ଚ ରମ୍ଭା ତାଣ୍ଡୀ, ବିଦ୍ୟାଳୟର ଅଧକ୍ଷ ଭଗତ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଶିକ୍ଷକ ହରି ଦଣ୍ଡସନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆଜିର ଶିଶୁ କାଲିର ଭବିଷ୍ୟତ ନାଟକ ପରିବେଷଣ ହୋଇଥିଲା। ଶିକ୍ଷକ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଭାଜପାର ସମର୍ପଣ ଦିବସ

**ବୌଦ୍ଧ,୧୧।୨(ସ୍ୱ.ପ୍ର):** ବୌଦ୍ଧ ଜିଲା ଭାଜପା ପକ୍ଷରୁ ବିଭିନ୍ନ ଗ୍ରାମରେ ସୋମବାର ଦୀନଦୟାଲ ଉପାଧ୍ୟାୟଙ୍କ ତିରୋଧାନ ଦିବସକୁ ସମର୍ପଣ ଦିବସ ଭାବେ ପାଳନ କରାଯାଇଛି । ଗ୍ରାମର ମୁଖ୍ୟ ସ୍ଥାନରେ ଦୀନଦୟାଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଏକ ଦାନବାକ୍ସ ରଖି ଦାନ ସଂଗ୍ରହ କରାଯାଇଥିଲା। ବୌଦ୍ଧ ଜିଲାର ୧୦ଟି ଜୋନ୍‌ର ବୌଦ୍ଧ ବିଧାନସଭା ଓ କନ୍ଧମାଳ ବିଧାନସଭା ଅନ୍ତର୍ଗତ ଶତାଧିକ ଗ୍ରାମରେ ଭାଜପା କାର୍ଯ୍ୟକର୍ତ୍ତାମାନେ ସାଧାରଣ ଜନତାଙ୍କୁ ସାମିଲ କରିଥିଲେ । ଅମୁର୍ଡା ଗ୍ରାମରେ ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗ, କନ୍ଧମାଳ ପ୍ରଭାରୀ ବିପ୍ରଚରଣ ମହାନ୍ତି, ରାମଗଡରେ ସଭାପତି ସୌମିତ୍ରୀ କୁମାର ନାୟକ, ତିଲେଶ୍ୱରରେ ବାମନ ବାରିକ, ସାନବଙ୍କାପଡାରେ ଶମ୍ଭୁପ୍ରସାଦ ପ୍ରଧାନ, ବୁଟୁପାଲିରେ ସଞ୍ଜୟ ମେହେର, ବୁରମାଲରେ ରାଜେଶ ମେହେର, ରବି ଖମାରୀ, ଖଲିଆପାଲି, ଦପଲା, ଲମ୍ଭସରିରେ ଅନିଲ ପ୍ରଧାନ, ଦେଉଳିରେ ନିରନ କର୍ଣ୍ଣ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ■ ସ୍କୁଲ ଜମିକୁ ଜବରଦଖଲ ମୁକ୍ତ ଦାବି ତେଜିଲା

# ଗେଟ୍‌ରେ ତାଲା ପକାଇଲେ ଅଭିଭାବକ

**ବୌଦ୍ଧ,୧୧।୨(ସ୍ୱ.ପ୍ର)**

ବୌଦ୍ଧର ସର୍ବପୁରାତନ ଶତାୟୁ ଯୋଗୀନ୍ଦ୍ର ଉଚ୍ଚ ବିଦ୍ୟାଳୟ ଜମିକୁ ଜବରଦଖଲ ମୁକ୍ତ କରାଯିବା ଦାବିରେ ପରିଚାଳନା କମିଟି ଓ ଅଭିଭାବକମାନେ ସୋମବାରଠାରୁ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇଛନ୍ତି । ଫଳରେ ଛାତ୍ରୀଛାତ୍ର ପାଠ ପଢି ନ ପାରି ଘରକୁ ଫେରିଯାଇଥବବା ଜଣାପଡିଛି। ଏହା ପୂର୍ବରୁ ଏ ନେଇ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ଶେଷରେ ଏହି ଚରମ ପନ୍ଥା ଆପଣାଇବାକୁ ବାଧ୍ୟ ହୋଇଥିବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ବେରିହା ପ୍ରକାଶ କରିଛନ୍ତି ।



ସ୍କୁଲ ଗେଟ୍‌ରେ ତାଲା ପଡିଥିବାରୁ ପିଲାମାନେ ଘରକୁ ଫେରିଯାଉଛନ୍ତି ।

ବେରିହାଙ୍କ ସୂଚନା ଅନୁଯାୟୀ, ବୌଦ୍ଧର ଗୌରବମୟ ଶିକ୍ଷାନୁଷ୍ଠାନ ଭାବେ ରାଜାଙ୍କ ଦ୍ୱାରା ନିର୍ମିତ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ପରିସର ଦିନକୁ ଦିନ ଜବରଦଖଲକାରୀଙ୍କ ଦ୍ୱାରା ସଙ୍କୁଚିତ ହୋଇଚାଲିଛି । ପୂର୍ବରୁ ବିଦ୍ୟାଳୟ କର୍ମଚାରୀଙ୍କ ପାଇଁ କ୍ୱାର୍ଟର ନିର୍ମାଣ ଲାଗି ସଂରକ୍ଷିତ ହୋଇ ରହିଥିବା ବିଦ୍ୟାଳୟ ସମ୍ମୁଖ ଜମିରୁ ଷ୍ଟେଟବ୍ୟାଙ୍କ, ରାତ୍ରିଯାପନସ୍ଥଳ, ଟ୍ରକ୍ ମାଲିକ ସଂଘ ଓ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରଶାସନ ପକ୍ଷରୁ ଦିଆସରିଛି । ବଳକା ସ୍ଥାନକୁ ଚିହ୍ନଟ କରାଯାଇ ସଂରକ୍ଷିତ ରଖାଯିବାକୁ ପ୍ରଶାସନକୁ ଅନୁରୋଧ କରାଯାଇଛି । ତେବେ ବଳକା ସ୍ଥାନକୁ ମଧ୍ୟ ଜବରଦଖଲକାରୀମାନେ ମାଡି ବସିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। କ୍ଲବ ଘର ନିର୍ମାଣ ନାମରେ ରାତ୍ରିଯାପନ ଗୃହ ନିକଟରେ ଅନ୍ୟ ଏକ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏହାକୁ ବିଦ୍ୟାଳୟର ଅଭିଭାବକ ସଂଘ ପକ୍ଷରୁ ବିରୋଧ କରାଯାଇଛି । ତେଣୁ ୧୧ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଦ୍ୟାଳୟ ଗେଟରେ ତାଲା ପକାଯାଇଥିବା କମିଟି ପକ୍ଷରୁ କୁହାଯାଇଛି । ଜିଲା ପ୍ରଶାସନ ମାମଲାରେ ତୁରନ୍ତ ହସ୍ତକ୍ଷେପ କରି ବିଦ୍ୟାଳୟ ପରିଚାଳନା ସ୍ୱାଭାବିକ କରିବା, ବିଦ୍ୟାଳୟ ଜମିକୁ ଚିହ୍ନଟ କରି ବିଦ୍ୟାଳୟ ନାମରେ ରେକର୍ଡଭୁକ୍ତ କରିବା ଓ ବିଦ୍ୟାଳୟ ପରିସରରୁ ସମ୍ପୂର୍ଣ୍ଣ ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି ।

### କ୍ରିକେଟ: ଗୋଲ୍‌ଡେନ ଷ୍ଟାର ଚାମ୍ପିୟନ

**ବୌଦ୍ଧ/ବାଉଁଶୁଣୀ, ୧୧।୨(ଡି.ଏନ.ଏ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ବାରଗଛିଆ ଖେଳ ପଡିଆଠାରେ ୭ତମ ସ୍ୱାଧୀନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ଶେଷ କୁମାର ମେହେର ବୟନିକା ସଭାପତି ମୁଖ୍ୟଅତିଥି, ସାମାଜିକ କର୍ମୀ ସରୋଜ ତ୍ରିପାଠୀ, ଯୁବ ବିଜେଡି ନେତା ପଙ୍କଜ ତନ୍ତୀ, ପ୍ରସନ୍ନ ଭବସାଗର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଦହ୍ୟା ଓ ଗୋଲଡେନ ଷ୍ଟାର ମଧ୍ୟରେ ୧୫ ଓଭରର ବିଶିଷ୍ଟ ଖେଳ ହୋଇଥିଲା । ପ୍ରଥମେ ଗୋଲଡେନ ଷ୍ଟାର ଟସ୍ ଜିଣି ବ୍ୟାଟିଂ କରି ୧୨୪ ରନ କରିଥିଲା । ଦହ୍ୟା ଦଳ ୧୨୨ ରନ କରି ପରାଜିତ ହୋଇଥିଲା । ଅବିନାଶ ମିଶ୍ର ଓ ହେମକାନ୍ତ ମେହେର ଖେଳ ପରିଚାଳନା କରିଥିଲେ । ବିଜେତା ଦଳକୁ ୫ହଜାର ଟଙ୍କା ସହ କପ୍ ଓ ରନର୍ସ ଅପ୍ ଦଳକୁ ୩ହଜାର ସହ ସିଲ୍ ପ୍ରଦାନ କରାଯାଇଥିଲା ।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ବୌଦ୍ଧ,୧୧।୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ଓକିଲ ସଂଘ ପକ୍ଷରୁ ବାର୍ କାଉନସିଲର ଦାବିକୁ ସମର୍ଥନ ଜଣାଇ ବୌଦ୍ଧ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲା ଓକିଲ ସଂଘ ସଭାପତି ତାରେଣୀ ମହାପାତ୍ର ଓ ସମ୍ପାଦକ ଅଶୋକ କୁମାର ମିଶ୍ରଙ୍କ ନେତୃତ୍ୱରେ ଓକିଲମାନେ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ । ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ଦାବିପତ୍ର ଗ୍ରହଣ କରିଥିଲେ । ଦେଶର ସମସ୍ତ ଓକିଲ ସଂଘ ପାଇଁ ଚ୍ୟାମ୍ବର ଓ ବିଲ୍ଡିଂ ସୁବିଧା, ଲାଇବ୍ରେରୀ, ଇଣ୍ଟରନେଟ, ପାଇଖାନା, ମହିଳା ଓକିଲଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଓ ଶୌଚାଳୟ ବ୍ୟବସ୍ଥା, ବାର୍ଷିକ ୫ କୋଟି ଟଙ୍କାର ଓକିଲ କଲ୍ୟାଣ ପାଣ୍ଠି, ଓକିଲ ଓ ତାଙ୍କ ପରିବାର ସଦସ୍ୟଙ୍କ ପାଇଁ ବୀମା ସୁବିଧା, ନୂତନ ଭାବେ ଯୋଗଦେଉଥିବା ଓକିଲଙ୍କ ପାଇଁ ୫ ବର୍ଷ ପର୍ଯ୍ୟନ୍ତ ୧୦ ହଜାର ଟଙ୍କାର ଷ୍ଟାଇପେଣ୍ଡ ବ୍ୟବସ୍ଥା, ଗୃହ ନିର୍ମାଣ ପାଇଁ ଶସ୍ତାରେ ସରକାରୀ ଜମି ଯୋଗାଇଦେବା ଆଦି ମୌଳିକ ଦାବି ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ଆଇନଜୀବୀ ନବ କୁମାର ମିଶ୍ର, ଧୂରୀଣ କୁମାର ଦେହୁରୀ, ଯୋଗେଶ ପ୍ରସାଦ ନାୟକ, ଅଶୋକ କୁମାର ସାହୁ, ଚିତ୍ତ ରଞ୍ଜନ ପାଣିଗ୍ରାହୀ, ବରୋଜ କୁମାର ବେହେରା, ଜୁଲିୟସ ସିଜର ମହାକୁଲ, ଜ୍ୟୋତିନ୍ଦ୍ର କୁମାର ସିହ୍ନା, ରାଜେନ୍ଦ୍ର କୁମାର ଦେହୁରୀ ପ୍ରମୁଖ ବହୁ ଓକିଲ ସାମିଲ ହୋଇଥିଲେ ।



ଉପଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି ।

## ବରଯାତ୍ରୀ ଗାଡି ଦୁର୍ଘଟଣାଗ୍ରସ୍ତ

# ଯୁବକ ମୃତ, ୫ ଆହତ

**ମନମୁଣ୍ଡା, ୧୧।୨ (ଡି.ଏନ.ଏ)**

ବୌଦ୍ଧ ଜିଲା ମନମୁଣ୍ଡାଠାରୁ ୨କିମି ଦୂର ବାସୁଦେବପାଲି କ୍ରିଷ୍ଣା ଢ଼ାବା ନିକଟରେ ସୋମବାର ଏକ ବରଯାତ୍ରୀ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଯାଇଛି। ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ଜଣ ଆହତ ହୋଇଛନ୍ତି । ମୃତକ ହେଲେ ସମ୍ବଲପୁର ଜିଲା ମାନେଶ୍ୱରର ବର୍ଷ୍ଟି ବେହେରା (୨୮) ।

ସୂଚନା ଅନୁସାରେ, ସୋମବାର ଅପରାହ୍ନରେ ଉକ୍ତ ବରଯାତ୍ରୀ ଗାଡି ବୁର୍ଲାରୁ ବାଉଁଶୁଣୀ ଥାନା ବ୍ରାହ୍ମଣୀପାଲିକୁ ଯାଉଥିଲା। ବାସୁଦେବପାଲି କ୍ରିଷ୍ଣା ଢ଼ାବା ନିକଟରେ ଅପରାହ୍ନ ପ୍ରାୟ ସାଢ଼େ ୨ଟା ସମୟରେ ବୌଦ୍ଧ ପଟରୁ ଆସୁଥିବା ଟ୍ରକକୁ ଏକ ଡିଜାୟାର ଗାଡି ଓଭରଟେକ୍ କରି ବରଯାତ୍ରୀ ଥିବା ଟାଟା ସୁମୋ (ନଂ. ଓଆର୍୧୪କେ/୩୦୬୯) ଆଡକୁ ମାଡି ଆସିଥିଲା । ଏହା ଦେଖି ବରଯାତ୍ରୀ ଗାଡି ବ୍ରେକ ଦେବାରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଓଲଟି ପଡିଲା । ଫଳରେ ସମ୍ବଲପୁର ଜିଲା ମାନେଶ୍ୱରର ବର୍ଷ୍ଟିଙ୍କ ମୃତ୍ୟୁ ହୋଇଥିଲା । ସେଥିରେ ବସିଥିବା ମାନେଶ୍ୱର ସୋନୁ ଦେହୁରୀ, ରେଙ୍ଗାଲିର ଦେବଦତ୍ତ ମିଶ୍ର, କଣ୍ଟାପାଲିର ସଙ୍କେତ ସର, ମାଧବ ପାଲମାନେ କ୍ଷତାକ୍ତ ହୋଇଛନ୍ତି । ମନମୁଣ୍ଡା ସିଏଚସିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା ।

# ରାମେଶ୍ୱର ମନ୍ଦିରରେ ରାମଚରିତ ମାନସ ପାରାୟଣ

**ବୌଦ୍ଧ,୧୧।୨(ସ୍ୱ.ପ୍ର)**

ବୌଦ୍ଧ ସହରର ଐତିହାସିକ ରାମେଶ୍ୱର ମନ୍ଦିର ପରିସରରେ ରାମଚରିତ ମାନସ ପାରାୟଣ ଅନୁଷ୍ଠିତ ହେଉଛି । ରବିବାର ଶ୍ରୀଜଗନ୍ନାଥ ମନ୍ଦିର ନିକଟ ମହାନଦୀ ଘାଟରୁ ଏକ କଳସ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ମନ୍ଦିରରେ ପହଞ୍ଚିବା ପରେ ଅଧିବାସ ପୂଜା ଆରମ୍ଭ କରାଯାଇଥିଲା। ପୂଜକ ଦତ୍ତାତ୍ରେୟ ମିଶ୍ର, କର୍ତ୍ତା ସିଦ୍ଧେଶ୍ୱର ଯୋଶୀ, ପ୍ରମୋଦିନୀ ଯୋଶୀ ଦାୟିତ୍ୱ ବହନ କରିଥିଲେ। ବ୍ୟାସ ଭାବେ ସଚ୍ଚିଦାନନ୍ଦ ପଣ୍ଡା ରାମାୟଣ ପାରାୟଣ କରିଥିଲେ । ଚଳିତବର୍ଷ ଦଶରଥ ଭୂମିକାରେ ମୋହନ ଚନ୍ଦ୍ର ସ୍ୱାଇଁ, କୌଶଲ୍ୟା ଅହଲ୍ୟା ସ୍ୱାଇଁ, ଜନକ ତାରିଣୀସେନ ଜେନା, ନମିତା ସ୍ୱାଇଁ ଅଭିନୟ କରିବେ । ସଭାପତି ସୂର୍ଯ୍ୟେନ୍ଦ୍ର କୁମାର ଶତପଥୀ, ସମ୍ପାଦକ ଇ. କେଦାର ନାଥ ପାତ୍ର ଓ କାର୍ଯ୍ୟକାରୀ ସଦସ୍ୟ ଖଗେଶ୍ୱର ନାୟକ, ବସନ୍ତ ବଡମାଳି, ରୀତା ମହାପାତ୍ର, ଜିତେନ୍ଦ୍ର କୁମାର ମିଶ୍ର ଓ ଦେବାଶିଷ ପୁରୋହିତ ଓ ରାମାୟଣ ପାରାୟଣ କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜଗତସିଂପୁରର ବିଶିଷ୍ଟ ରାମାୟଣ ପ୍ରବଚିକା ସୁଶ୍ରୀ ଅନୁପମା ଦେବୀ ପ୍ରବଚନ ଦେଇଛନ୍ତି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ନିର୍ଭୁଲ ଭୋଟର ତାଲିକାକୁ ଗୁରୁତ୍ୱ

**ବୌଦ୍ଧ,୧୧।୨(ସ୍ୱ.ପ୍ର)**

ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ ବୌଦ୍ଧ ଜିଲାର ଦୁଇଟି ନିର୍ବାଚନ ମଣ୍ଡଳୀର ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ପାଇଁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଜିଲା ମୁଖ୍ୟନିର୍ବାଚନ ଅଧିକାରୀ ତଥା ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାର ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଜଣେ ହେଲେ ଯୋଗ୍ୟ ଭୋଟର ଯେପରି ତାଲିକାରୁ ବାଦ୍ ନ ପଡନ୍ତି ସେଥିପାଇଁ ଭୋଟର ତାଲିକା ପ୍ରସ୍ତୁତି ପୂର୍ବରୁ ସ୍ୱତନ୍ତ୍ର ଯୋଜନା କରାଯାଇଛି । କନ୍ଧମାଳ ଓ ହରଭଙ୍ଗା ଠାରେ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି । ଚଳିତମାସ ୧୧ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଗାଁ ଗାଁ ବୁଲି ଭୋଟର ତାଲିକା ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବୌଦ୍ଧରେ ଜିଲାପାଳ ରାଉତଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୭ ଓ ୨୪ ତାରିଖରେ ବୁଥସ୍ତରରେ ଭୋଟର ତାଲିକା ପାଇଁ ସ୍ୱତନ୍ତ୍ର ଅଭିଯାନ କରିବାକୁ ସ୍ଥିର କରାଯାଇଛି। ସେହିଦିନ ଜିଲାର ୪୧୧ଟି ବୁଥରେ ସମ୍ପୃକ୍ତ ବୁଥ୍ ଅଧିକାରୀ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେକ୍ଟର ଅଫିସର, ସୁପରଭାଇଜର, ଅଙ୍ଗନୱାଡି ଓ ଆଶାକର୍ମୀମାନଙ୍କ ସହାୟତାରେ ଘର ଘର ଯାଇ ଭୋଟର ତାଲିକା ଯାଞ୍ଚ କରାଯିବାର ବ୍ୟବସ୍ଥା କରାଯାଇଛି। ମତଦାତାମାନେ ଅନଲାଇନରେ ଭୋଟର ତାଲିକାରେ ନିଜ ନାମ ସଂଯୁକ୍ତ, ସଂଶୋଧନ ତଥା ଅନ୍ୟାନ୍ୟ ସୂଚନା ପାଇଁ ଜିଲାସ୍ତରରେ ସୂଚନା କେନ୍ଦ୍ର ଖୋଲାଯାଇ ୦୬୮୪୧୧୯୫୦ ଟୋଲ ଫ୍ରି ନମ୍ବର ଜାରି କରାଯାଇଛି । ସେହିପରି ବ୍ଲକ ଅଫିସ୍‌ରେ ମଧ୍ୟ ଭୋଟର ସହାୟତା କେନ୍ଦ୍ର ଖୋଲାଯାଇଛି ।

# ଉଚ୍ଚ ମାଧ୍ୟମିକ ସ୍କୁଲର ବାର୍ଷିକୋତ୍ସବ

**ମନମୁଣ୍ଡା, ୧୧।୨ (ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଦମାମୁଣ୍ଡା ଜୟକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ପ୍ରଥମ ବାର୍ଷିକୋତ୍ସବ ପାଳିତ ହୋଇଛି । ଏଥିରେ ପଲସାଗୋରା ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି, ସୋନପୁର ମହାବିଦ୍ୟାଳୟ ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ ମୁଖ୍ୟବକ୍ତା, ଜୟକୃଷ୍ଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟ କମିଟି ସଭାପତି ଗଣେଷ ବସ୍ତିଆ ଏବଂ ସମ୍ପାଦକ ତଥା ଶଙ୍କର୍ଷଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧକ୍ଷା ପ୍ରିୟମ୍ବଦା ନାଏକଙ୍କ ସଭାପତିତ୍ୱ କରିଥିଲେ। ତର୍କ, ରଚନା, ଖେଳକୁଦରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦେଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ୍, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 50% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

FINANCE
ବ୍ୟବସାୟୀମାନେ ନିଜ ବ୍ୟବସାୟର ଫଟୋ (ଦୋକାନ, ମେସିନ, ଗାଡ଼ି) ଓ ପ୍ରମାଣପତ୍ର ଦେଇ ୨୦ଲକ୍ଷ ଏବଂ ବେରୋଜଗାରୀ ନୂତନ ବ୍ୟବସାୟ କରିବାପାଇଁ ଆନୁମାନିକ ମୂଲ୍ୟର ବିବରଣୀ ଦେଇ ୧୫ଲକ୍ଷ ପର୍ଯ୍ୟନ୍ତ ବାର୍ଷିକ ୪% ସୁଧରେ ଋଣ ନେଇ ପାରିବେ।
Contact
8658340105

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ।
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର
7827094474
7827246964
Add : - 41/14, Sec-1 Pushp Vihar, Delhi

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

**ସଂକ୍ଷେପରେ**

## ଦୁଇ ବାଇକ ଧକ୍କା, ଜଣେ ମୃତ


**ପାଇକମାଳ, ୧୧।୨(ଡି.ଏନ.ଏ):** ପାଇକମାଳ ଥାନା ମଲଦା ପାହାଡି ଢାବା ନିକଟରେ ସୋମବାର ଅପରାହ୍ନ ୪ଟା ସମୟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଭୁବନେଶ୍ୱରପୁର ଗ୍ରାମର ଗୌର ବରିହା। ଏହି ଦୁର୍ଘଟଣାରେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି । ପାଇକମାଳ ଥାନା ଅନ୍ତର୍ଗତ ଭୁବନେଶ୍ୱରପୁର ଗ୍ରାମର ଗୌର ସୋମବାର ବାଇକ୍ ଯୋଗେ ପାଇକମାଳରୁ ନିଜ ଶ୍ୱଶୁର ଘର ମଲଦାକୁ ଯାଉଥିଲେ । ଏହି ସମୟରେ ପଦ୍ମପୁର ପଟୁ ପାଇକମାଳକୁ ଫେରୁଥିବା ବ୍ରଜମୋହନ ତାଣ୍ଡି ଓ ଶେଷଦେବ ଭୋଇଙ୍କ ବାଇକ୍ ସହ ଗୌରଙ୍କ ବାଇକ୍ ମଲଦା ଢାବା ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ବ୍ରଜମୋହନଙ୍କ ଗୋଟିଏ ଗୋଡ କଟିଯାଇଥିବା ବେଳେ ଅନ୍ୟ ଦୁଇ ଜଣ ଚେତାଶୂନ୍ୟ ହୋଇ ପଡିଥିଲେ । ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ଗୌରଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ଦୁଇଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ପାଇକମାଳ ପୋଲିସ ଗାଡି ଜବତ କରି ତଦନ୍ତ ଚଳାଇଛି ।

■ ଟ୍ରକ୍‌ରେ ଲାଗି ବିଦ୍ୟୁତ୍ ତାର ଛିଣ୍ଡିଲା

# ରାସ୍ତାକୁ ଓହ୍ଲାଇଲେ ଲୋକେ

**ବରଗଡ଼ ଅଫିସ୍,୧୧।୨**

ବରଗଡ଼ ସହରର ବ୍ୟସ୍ତବହୁଳ ହସ୍‌ପିଟାଲ ରାସ୍ତା ଉପରେ ଯାଇଥିବା ବିଦ୍ୟୁତ ତାର ସୋମବାର ଦିନ ପ୍ରାୟ ସାଢ଼େ ୯ଟାରେ ଏକ ଟ୍ରକ୍‌ରେ ଲାଗି ଛିଣ୍ଡି ପଡ଼ିଛି । ବିଦ୍ୟୁତ ତାର ଛିଣ୍ଡିବା ପରେ ଅଗ୍ନି ସ୍ଫୁଲିଙ୍ଗ ହୋଇଥିଲା ଏବଂ ଟ୍ରକରେ ମଧ୍ୟ ନିଆଁ ଲାଗିବା ଆରମ୍ଭ କରିଥିଲା । ମାତ୍ର ସ୍ଥାନୀୟ ଲୋକଙ୍କ ତତ୍ପରତା ଯୋଗୁ ନିଆଁ ଆୟତ୍ତ ହେବାରୁ ଏକ ବଡ଼ଧରଣର ଅଗ୍ନିକାଣ୍ଡକୁ ଏଡ଼ାଇ ଦିଆଯାଇ ପାରିଥିଲା । ଅନ୍ୟପଟେ ବିଦ୍ୟୁତ୍ ତାର ଛିଣ୍ଡିବା ସମୟରେ ହାଇ ଭୋଲଟେଜ୍ ହେବାରୁ ସମ୍ପୃକ୍ତ ଅଞ୍ଚଳର ଅନେକ ଟିଭି ଏବଂ ଚାର୍ଜରେ ବସିଥିବା ମୋବାଇଲ ପୋଡ଼ି ଯାଇଥିଲା। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ସହରପଡ଼ା ନିକଟ ଘଟଣାସ୍ଥଳରେ ରାସ୍ତାରୋକୋ କରିଛନ୍ତି । ଘଟଣାସ୍ଥଳକୁ ପହଞ୍ଚି ପୋଲିସ ପରିସ୍ଥିତି ପ୍ରତି ନଜର ରଖିଛି । ପ୍ରକାଶଥାଉକି, ହସ୍‌ପିଟାଲ ରାସ୍ତା ସଙ୍କୁଚିତ ଥିବାବେଳେ ଏହି ରାସ୍ତାରେ ଟ୍ରକ ଭଳି ଅନେକ ଭାରିଯାନ ଯାତାୟାତ କରୁଥିବା ଯୋଗୁ ଟ୍ରାଫିକ ସମସ୍ୟା ଉପୁଜୁଛି । ଏପରିକି ଆମ୍ବୁଲାନ୍ସ ତଥା ରୋଗୀଙ୍କୁ ଡାକ୍ତରଖାନା ନେଉଥିବା ଗାଡ଼ି ଗୁଡ଼ିକୁ ମଧ୍ୟ ଅନେକ ସମୟରେ ଅଟକି ରହିବାକୁ ପଡୁଛି । ସେହିପରି ଏହି ରାସ୍ତାରେ ଦୀର୍ଘଦିନରୁ ବିଦ୍ୟୁତ ତାର ବିପଦଶଙ୍କୁଳ ଅବସ୍ଥାରେ ଝୁଲି ରହିଥିବାରୁ ସେହି ଅଞ୍ଚଳରେ ବିକଳ୍ପ ବ୍ୟବସ୍ଥା କରିବାକୁ ଲୋକେ ଦାବି କରି ଆସୁଛନ୍ତି । ମାତ୍ର ସେଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଆଖିବୁଜି ଦେଇଥିବାରୁ ଏଭଳି ଅଘଟଣ ଘଟୁଛି ଏବଂ ଏହାକୁ ନେଇ ଅଞ୍ଚଳରେ ଦେଖା ଦେଇଥିବା ଅସନ୍ତୋଷ ଆନ୍ଦୋଳନ ପାଇଁ ଦାନା ବାନ୍ଧୁଛି ।


ଘଟଣାସ୍ଥଳରେ ଲୋକେ ରାସ୍ତାରୋକୋ କରିଛନ୍ତି ।

## ରାସ୍ତାକାମ ଅସମ୍ପୂର୍ଣ୍ଣ, ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

**ବରଗଡ଼ ଅଫିସ୍,୧୧।୨**

ପଦ୍ମପୁର ବ୍ଲକ ବୁଡ଼ାମାଲ ପଞ୍ଚାୟତରୁ ଦହିତା ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା ଉନ୍ନତିକରଣ କାମ ଅସମ୍ପୂର୍ଣ୍ଣ ରହିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ସୋମବାର ଗ୍ରାମବାସୀ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ରାସ୍ତାକାମ ତୁରନ୍ତ ସମାପନ ପାଇଁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ଗତପ୍ରାୟ ୨ମାସ ତଳେ ବୁଡ଼ାମାଲ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ପଞ୍ଚାୟତରୁ ଦହିତା ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା ମରାମତି କାମ ଆରମ୍ଭ ହୋଇଥିଲା। ତେବେ ରାସ୍ତାକାମ ଶେଷ ପର୍ଯ୍ୟାୟକୁ ଆସିଥିବାବେଳେ କୁଆଡ଼େ ବନ ବିଭାଗ ପକ୍ଷରୁ ଡୁଙ୍ଗୁରି ନିକଟରେ ରାସ୍ତାକାମକୁ ଅଟକାଇ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ଓ ବନ ବିଭାଗ ପରସ୍ପର ଉପଯୁକ୍ତ ସମନ୍ୱୟ ନ ରଖି ଏଭଳି ରାସ୍ତାକାମକୁ ବନ୍ଦ କରିଦେଇ ଥିବାଯୋଗୁ ଉଭୟ ବୁଡ଼ାମାଲ ଓ ଦହିତା ପଞ୍ଚାୟତବାସୀ ସେଥିପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଫଳରେ ଅଞ୍ଚଳବାସୀଙ୍କ ନିର୍ଭରଯୋଗ୍ୟ ଏହି ରାସ୍ତାର ଉନ୍ନତିକରଣ କାମ ତୁରନ୍ତ ଶେଷ କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ନାରାୟଣ ଭୋଇ, କୈଳାଶ ଚନ୍ଦ୍ର ପ୍ରଧାନ, ଗିରିଧାରୀ ରଣା, କରୁଣାକର ସାହୁ, ଗଙ୍ଗାଧର ବରିହା ପ୍ରମୁଖ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।


ରାସ୍ତାକାମ ସମ୍ପୂର୍ଣ୍ଣ କରିବା ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ ।

# ମିଳିଲାନି ବୀମା କ୍ଷତିପୂରଣ, ଜିଲାପାଳଙ୍କୁ ଫେରାଦ


ବୀମା କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

**ବରଗଡ଼ ଅଫିସ୍,୧୧।୨**

ଖରିଫ ପରେ ରବିଋତୁ ଫସଲ ପାଇଁ ଚାଷୀମାନେ ଚାଷକାର୍ଯ୍ୟ ଆରମ୍ଭ କରି ଦେଲେଣି। କିନ୍ତୁ ଏପର୍ଯ୍ୟନ୍ତ ଗତ ୨୦୧୮ ରବିଋତୁ ଫସଲକ୍ଷତିର ବୀମା କ୍ଷତିପୂରଣ ଚାଷୀଙ୍କୁ ମିଳିପାରିନାହିଁ। ଏହାର ପ୍ରତିବାଦରେ ବରଗଡ଼ ବ୍ଲକ ଅନ୍ତର୍ଗତ କୁରୁଆଁ ଗ୍ରାମର କ୍ଷତିଗ୍ରସ୍ତ ଚାଷୀମାନେ ସୋମବାର ବରଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଗତ ୨୦୧୮ ରବିଋତୁ ସମୟରେ ଆକସ୍ମିକ ଭାବେ କୁଆପଥର ବୃଷ୍ଟି ହେବା ଯୋଗୁ କୁରୁଆଁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅମଳକ୍ଷମ ଅବସ୍ଥାରେ ରହିଥିବା ଧାନ ଯଥେଷ୍ଟ ପ୍ରଭାବିତ ହୋଇଥିଲା । ଏଥିରେ ଅଞ୍ଚଳର ଅନେକ ଚାଷୀଙ୍କ ଧାନ ଫସଲ ଉଜୁଡ଼ି ଯାଇଥିଲା । ସେତେବେଳେ ବିଭାଗୀୟ ଅଧିକାରୀମାନେ ମଧ୍ୟ କ୍ଷତିଗ୍ରସ୍ତ ଫସଲ ବୁଲି ଦେଖିଥିଲେ ଏବଂ କ୍ଷୟକ୍ଷତି ଆକଳନ କରିଥିଲେ ବୋଲି ଚାଷୀମାନେ କହିଛନ୍ତି। ମାତ୍ର ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆଦୌ ବୀମା କ୍ଷତିପୂରଣ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବୀମା କ୍ଷତିପୂରଣ ପାଇବା ଆଶାରେ ଚାଷୀମାନେ ବିଭିନ୍ନ ଅଫିସକୁ ଧାଁ ଧପଡ଼ ହେଉଛନ୍ତି। ଫସଲକ୍ଷତିର ବୀମା କ୍ଷତିପୂରଣ ମିଳି ପାରି ନ ଥିବା ଯୋଗୁ ସେମାନେ ଚାଷକାର୍ଯ୍ୟରେ ବିନିଯୋଗ କରିଥିବା ଋଣ ପରିଶୋଧ ମଧ୍ୟ କରି ପାରୁ ନ ଥିବା ଚାଷୀମାନେ କହିଛନ୍ତି । ଫଳରେ ସେମାନଙ୍କୁ ତୁରନ୍ତ ଫସଲକ୍ଷତି ବାବଦକୁ ବୀମା କ୍ଷତିପୂରଣ ଯୋଗାଇ ଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି। ସ୍ମାରକପତ୍ର ପ୍ରଦାନ କରିବାକୁ କୁରୁଆଁ ପଞ୍ଚାୟତର ଅନେକ ଚାଷୀ ଜିଲାପାଳ ଅଫିସକୁ ଆସିଥିଲେ।

# ଲେଲେହର-ଚଣ୍ଡୀପାଲି ଧନୁଯାତ୍ରା ଉଦ୍‌ଘାଟିତ

**ଅମ୍ବାଭୋନା, ୧୧।୨ (ଡି.ଏନ.ଏ)**

ବରଗଡ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଉତ୍ତମ ଗ୍ରାମପଞ୍ଚାୟତ ଅଧୀନସ୍ଥ ଲେଲେହର-ଚଣ୍ଡିପାଲି ୧୧ତମ ଧନୁଯାତ୍ରା ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଛି । ଉଦଘାଟନୀ ଉତ୍ସବରେ ଡୁଙ୍ଗୁରି ଚୁନପଥର ଖଣିର ଡିଜିଏମ ସବ୍ୟସାଚୀ ମିଶ୍ର ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ନୀଳ କୁମାରୀ ନାୟକ, ବିଧାୟକ ପ୍ରତିନିଧି ସତ୍ୟଭୂଷଣ ସାହୁ, ପୂର୍ବତନ ସରପଞ୍ଚ କିର୍ତ୍ତିଚନ୍ଦ୍ର ଦୁଆନ, ଧନୁଯାତ୍ରା କମିଟି ସଭାପତି ହୀରାଧର ସାହୁ, ସମ୍ପାଦକ ଟିକାରାମ ସା, ଉପସଭାପତି ପ୍ରସନ୍ନ ଭୁଏ, ସହ ସମ୍ପାଦକ ଚନ୍ଦ୍ରଭାନୁ ଭୁଏ, କୋଷାଧ୍ୟକ୍ଷ ଅଶୋକ ସରକାର, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଧନୁଯାତ୍ରା ଆରମ୍ଭ ପୂର୍ବରୁ ଲେଲେହର ଗ୍ରାମପତି ଦେବୀଙ୍କୁ ପୂଜାର୍ଚ୍ଚନା କରି ମୁକୁଟ ଅଭିଷେକ କରିଥିଲେ। ଲେଲେହର ଗ୍ରାମ ମଥୁରା ଓ ଚଣ୍ଡୀପାଲି ଗ୍ରାମ ଗୋପପୁର ପାଲଟିଛି । ଏହି ଅବସରରେ ଗୋପପୁରରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଧନୁଯାତ୍ରାର ପ୍ରଥମ ସନ୍ଧ୍ୟାରେ ମଥୁରାରେ ରାଜା ଉଗ୍ରସେନଙ୍କ ରାଜାଭିଷେକ ଓ ମନ୍ତ୍ରୀ ପରିଷଦ ବର୍ଗଙ୍କ ସହ ଆଲୋଚନା, ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସର ରାଜାଭିଷେକ ଏବଂ ଦେବକୀ ବସୁଦେବଙ୍କୁ କାରାଗାରରେ ନିକ୍ଷେପ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା । ଅନ୍ୟପଟେ ଗୋପପୁରରେ ବିଜୁଳି କନ୍ୟା ଜନ୍ମ, ବସୁଦେବ କୃଷ୍ଣଙ୍କୁ ଆଣି ଗୋପରେ ପ୍ରବେଶ ଏବଂ ବିଜୁଳି କନ୍ୟାଙ୍କୁ ନେଇ ମଥୁରାରେ ପ୍ରବେଶ ଦୃଶ୍ୟ ଅଭିନୀତ ହୋଇଥିଲା । ବିଜୁଳି କନ୍ୟାଙ୍କୁ ଧରି କଂସ ଦର୍ପଣ ଶିଳାରେ ପ୍ରହାର ମାତ୍ରେ ଦୈବବାଣୀରେ କଂସ ତୋତେ ବଧିବ ଯିବ ଗୋପନରେ ବଢୁଛି ସିଏ କଂସଙ୍କୁ ବିଚଳିତ କରିଛି । କଂସ ଭୂମିକାରେ ଗୋପାଳ ପଣ୍ଡା, ମହାମନ୍ତ୍ରୀ ସତ୍ରାଜିତ ଗୋପେଶ୍ୱର ପଧାନ, ସେନାପତି ହଂସଧ୍ୱଜ ରବିନ୍ଦ୍ର ଭୁଏ, ବସୁଦେବ ପାର୍ଥ ଭାଟି, ଦେବକୀ ସ୍ନେହଲତା, ଚାଣୁର ନାରାୟଣ ଭୁଏ ଏବଂ ମୁଷ୍ଟିକ ଭୂମିକାରେ କାଳିଆ ଭୁଏ ଅଭିନୟ କରିଛନ୍ତି । ଧନୁଯାତ୍ରାକୁ ଅଧିକ ଆକର୍ଷଣ ପାଇଁ ବିଜୁଳି ଦୋଳି, ମୀନାବଜାର, ସଞ୍ଚାର, ରାଜଦରବାରରେ ନୃତ୍ୟ ଗୀତର ଆସର ଜମିଥିଲା ।

**ଅମ୍ବାଭୋନା**
- ■ ମଥୁରାରେ କଂସଙ୍କ ରାଜାଭିଷେକ
- ■ ଗୋପପୁରେ ବିଜୁଳି କନ୍ୟା ଜନ୍ମ


ଅତିଥିମାନେ ଧନୁଯାତ୍ରାକୁ ଉଦ୍‌ଘାଟନ କରୁଛନ୍ତି ।

# ବିକ୍ରମାଦିତ୍ୟଙ୍କ ଶାସନ ଆରମ୍ଭ

**ସୋହେଲା,୧୧।୨(ଡି.ଏନ.ଏ.)**

ସୋହେଲା ବ୍ଲକ କନଗାଁ ପଞ୍ଚାୟତ ଅନ୍ତର୍ଗତ ବେହେରାପାଲି ଗ୍ରାମରେ ରବିବାର ବସନ୍ତ ମହୋତ୍ସବ ଆରମ୍ଭ ହୋଇଛି । ଶ୍ରୀ ପଞ୍ଚମୀ ଅବସରରେ ଅନୁଷ୍ଠିତ ଏହି ଉତ୍ସବ ଉପଲକ୍ଷେ ଏକ କଳସ ଶୋଭାଯାତ୍ରା ହୋଇଥିଲା । ଏଥିରେ ବସନ୍ତ ବରିହା କର୍ତ୍ତା ଦାୟିତ୍ୱ ତୁଲାଥିବାବେଳେ ପୂଜକ ରବୀନ୍ଦ୍ର ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଗ୍ରାମର ଭୁବନେଶ୍ୱର ମେହେରଙ୍କ ତରଫରୁ ଏକ ଭବ୍ୟ ଲିଆ ଲୁଗାର ମାଁ ସରସ୍ୱତୀଙ୍କଠାରେ ମାନସିକ ପୂର୍ଣ୍ଣ ହେବା ଯୋଗୁ ଗ୍ରାମ ପରିକ୍ରମା ସହ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଗୁପ୍ତ ସାମ୍ରାଜ୍ୟର ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ ବିକ୍ରମାଦିତ୍ୟ-କାଳିଦାସ ପ୍ରସଙ୍ଗକୁ ନେଇ ଅନୁଷ୍ଠିତ ହୋଇଥିଲା ମୁକ୍ତାକାଶ ରଙ୍ଗମଞ୍ଚ । ଏହି ମୁକ୍ତାକାଶ ରଙ୍ଗମଞ୍ଚକୁ ସାମାଜିକ କର୍ମୀ ସିନ୍ଧୁ ନନ୍ଦିନୀ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ । ପ୍ରଥମ ଦିବସର ନାଟ୍ୟାଭିନୟରେ ମହାରାଜା ବିକ୍ରମାଦିତ୍ୟ ନଗର ପରିକ୍ରମା କରିଥିଲେ। ପରେ ରାଜଦରବାରରେ ମନ୍ତ୍ରୀ ବୀରସେନ, ସେନାପତି ଜୟସେନ ତଥା ନବରତ୍ନ ପଣ୍ଡିତ କାଳିଦାସଙ୍କ ସହ ଉଜ୍ଜୟିନୀର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ସେ ପ୍ରଜାମାନଙ୍କର ଆପତ୍ତି ଅଭିଯୋଗର ସମାଧାନ କରିବା ସହ ବସନ୍ତ ମହୋତ୍ସବ ପାଳନ ପାଇଁ ଘୋଷଣା କରିଥିଲେ । ଏହାପରେ ସେ ପାତ୍ରମନ୍ତ୍ରୀଙ୍କ ସହ ଉଜ୍ଜୟିନୀର ପଶ୍ଚିମପ୍ରାନ୍ତ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ଏହି ନାଟ୍ୟାଭିନୟରେ ବିକ୍ରମାଦିତ୍ୟ ଭୂମିକାରେ ପୁଷ୍ପରଞ୍ଜନ ମେହେର, ମହାମନ୍ତ୍ରୀ ରୋହିତ ମେହେର, ସେନାପତି ବାଳକୃଷ୍ଣ ଧୀବର, କାଳିଦାସ ସୁଦାମ ସାହୁ ତଥା ପ୍ରଜା ଭୂମିକାରେ ରୂପେଶ ମେହେର, ଫକୀର ମେହେର, ଆଶିଷ ମେହେର ଅଭିନୟ କରିଥିଲେ । ଏହି ଅବସରରେ ଦଇନି ସାହିତ୍ୟ ସଂସ୍କୃତି ପରିଷଦ ତରଫରୁ ଲୋକ ମହୋତ୍ସବ 'ଦଇନି-୨୦୧୯'କୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଏହି ସାରସ୍ୱତ ସାହିତ୍ୟ ଆସରରେ ଗନିଆଁପାଲିର ସମ୍ବଲପୁରୀ-କୋଶଲୀ କବି କୃଷ୍ଣଚନ୍ଦ୍ର ଭୋଇଙ୍କୁ ଦଇନି ସମ୍ମାନ ପ୍ରଦାନ କରାଯାଇଥିଲା । ବାର୍ଷିକ ପତ୍ରିକା ଦଇନି ଓ କବି ରୋହିତ ମେହେରଙ୍କ ରଚିତ 'କାଳିଦାସ ଗାଥା' କାବ୍ୟକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସାହିତ୍ୟ ସଭାରେ ଅଧ୍ୟାପକ ଜଗଦୀଶ ସାହୁ ସଭାପତିତ୍ୱ କରିଥିବାବେଳେ ଚନ୍ଦ୍ରଶେଖର ବାରିକ, ଡୋଲାମଣି ସାହୁ, ଡିଲେଶ୍ୱର ସାହୁ, ରମେଶ କୁମ୍ଭାର, ବ୍ରହ୍ମାନନ୍ଦ ସୁଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କେଦାର ନାଥ ସାହୁ ସଭା ସଂଯୋଜନା କରିଥିବାବେଳେ କବି ମୁନୀରାମ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ । ରାତ୍ରିରେ ଅନୁଷ୍ଠିତ ବ୍ୟଙ୍ଗକବି ସମ୍ମିଳନୀରେ କବି କୃଷ୍ଣଚନ୍ଦ୍ର ଭୋଇ, ରାଜେଶ କାରିଆ, ମୁନିରାମ କୁମ୍ଭାର ଓ ହିମାଂଶୁ ଗଡତିଆ ସ୍ୱରଚିତ କବିତା ପାଠ କରିଥିଲେ । ସରିତା ବେହେରା, ମାନିନୀ ଭୁଏ, ଉର୍ମିଳା ମେହେର, ପ୍ରିୟଙ୍କା ଭୁଏ ଓ ମୋନିକା ଭୁଏ ନୃତ୍ୟ ପ୍ରଦର୍ଶନ କରିଥିଲେ । ଗ୍ରାମର ହେମନ୍ତ ସାହୁ, ହେମସାଗର ସାହୁ, ରେଞ୍ଜର ବାଗ, ମହେନ୍ଦ୍ର ସାହୁ, ଜିନୁ ଭୁଏ, କିଶୋର ବରିହା, ଟେକଚାନ୍ଦ ମେହେର, ସୌରଭ ସାହୁ, ପ୍ରତାପ ସାହୁ, ହଳଧର ମେହେର, ଗଣେଶ ସୁଇ ସହଯୋଗ କରିଥିଲେ ।



ସୋହେଲା ବ୍ଲକ କନଗାଁ ପଞ୍ଚାୟତ ଅନ୍ତର୍ଗତ ବେହେରାପାଲି ଗ୍ରାମରେ ବସନ୍ତ ମହୋତ୍ସବ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବେହେରାପାଲିରେ ବସନ୍ତ ମହୋତ୍ସବ**

## ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

**ବରଗଡ଼ ଅଫିସ୍,୧୧।୨**

ବରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ୫ଦଫା ଦାବି ନେଇ ସୋମବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ସ୍ମାରକପତ୍ର ଗ୍ରହଣ କରି ତାହା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଯିବ ବୋଲି କହିଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ସଂଘର ସମସ୍ତ କର୍ମକର୍ତ୍ତା, ସଭ୍ୟବୃନ୍ଦ ସଂଘ କାର୍ଯ୍ୟାଳୟରେ ଏକାଠି ହୋଇଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ସେମାନେ ଜିଲାପାଳ ଅଫିସକୁ ଯାଇଥିଲେ । ସେଠାରେ ୫ଦଫା ଦାବି ନେଇ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ପ୍ରତ୍ୟେକ ବାର୍ ଆସୋସିଏଶନ ପାଇଁ ସମସ୍ତ ସୁବିଧା ସୁଯୋଗ ରହିଥିବା କୋଠାଘର, ଆଇନଜୀବୀ କଲ୍ୟାଣ ପାଣ୍ଠି ପାଇଁ କେନ୍ଦ୍ରୀୟ ବଜେଟ୍‌ରେ ୫ହଜାର କୋଟି ଟଙ୍କାର ବ୍ୟବସ୍ଥା ଆଦି ଦାବି ସ୍ମାରକପତ୍ରରେ ଉଲ୍ଲେଖ ରହିଛି । ସଂଘର ସଭାପତି ଅଶୋକ କୁମାର ଯୋଷୀ, ସାଧାରଣ ସମ୍ପାଦକ ଲିପ୍‌ସିତ ମିଶ୍ରଙ୍କ ନେତୃତ୍ୱରେ ସଂଘର ଅନ୍ୟ କର୍ମକର୍ତ୍ତା, ସଭ୍ୟାସଭ୍ୟମାନେ ସ୍ମାରକପତ୍ର ପ୍ରଦାନ ପାଇ ଜିଲାପାଳ ଅଫିସ ଯାଇଥିଲେ ।




ଓକିଲ ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ ସ୍ମାରକପତ୍ର ପ୍ରଦାନ ପାଇଁ ଯାଉଛନ୍ତି ।

## ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା


କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

**ପାଇକମାଳ, ୧୧।୨(ଡି.ଏନ.ଏ)**

ପାଇକମାଳ ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗତା ସେବାଶ୍ରମ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ସରପଞ୍ଚ ପୁଷ୍ପାଞ୍ଜଳି ଭୋଇ ଉଦ୍‌ଘାଟନ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ପାଇକମାଳ ବିଡିଓ ସଦାଶିବ ନାୟକ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ ସମ୍ମାନିତ ଅତିଥି, ଛେତଗାଁ ସମିତି ସଭ୍ୟ ଘନଶ୍ୟାମ ଭୋଇ ମୁଖ୍ୟବକ୍ତା, ସିନେ କଳାକାର ମନୋରଞ୍ଜନ ସୁନା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ସ୍କୁଲ ଅଧ୍ୟକ୍ଷ ମାନଭଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ସୁରେଶ ଚନ୍ଦ୍ର ବରିହା, ଦାମୋଦର କନ୍ଧ, ନିରଞ୍ଜନ ହରିଜନ ପ୍ରମୁଖ ସହଯୋଗ କରିଥିଲେ । କୃତୀ ଛାତ୍ରୀଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସୁରେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଉଜ୍ଜ୍ୱଳା ପ୍ରଶିକ୍ଷଣ ଶିବିର

ତରଭା, ୧୧।୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭାସ୍ଥିତ ବନ୍ଧପଡା ବାପୁଜୀ କ୍ଲବଠାରେ ତିନି ଦିନ ଧରି ଚାଲିଥିବା ଉଜ୍ଜ୍ୱଳା ଦିଦି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ପ୍ରଶିକ୍ଷକଭାବେ ସତ୍ୟ ନାରାୟଣ ପଣ୍ଡା, ବେଣୁଧର ପଧାନ ଓ ଏସ. ପଶାୟତ ପ୍ରମୁଖ ଯୋଗଦେଇ ଉଜ୍ଜ୍ୱଳା ଦିଦିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ତରଭା ବ୍ଲକ ସଂଯୋଜକ କଲ୍ୟାଣ ନାଏକ ଓ ଏନଏସିର ସଞ୍ଜୀବ କୁମାର ନାଏକଙ୍କ ସମେତ ୩୩ ଉଜ୍ଜ୍ୱଳା ଦିଦି ଏଥିରେ ଯୋଗ ଦେଇଥିଲେ। ଦିଦି ମାନଙ୍କୁ ଗ୍ୟାସ ସମ୍ବନ୍ଧୀୟ ସମସ୍ତ ବିଷୟରେ ଅବଗତ କରାଇବା ସହ ଗ୍ୟାସ ବ୍ୟବହାର ଓ ତାହାର ସୁରକ୍ଷା ଏବଂ ଫର୍ମ ପୂରଣ କରିବା ବିଷୟରେ ତାଲିମ ଦିଆଯାଇଥିଲା। ସମସ୍ତ ଉଜ୍ଜ୍ୱଳା ଦିଦିଙ୍କୁ ଏହି ଅବସରରେ ଗୋଟିଏ ଲେଖାଏ ସ୍ମାର୍ଟଫୋନ ବଣ୍ଟନ କରାଯାଇଥିଲା। ଉଦଯାପନୀ ଦିବସରେ ସମସ୍ତଙ୍କୁ ଏକ ମୌଖିକ ପରୀକ୍ଷା ସହ ଡ୍ରଇଁ ପେପର ମାଧମରେ ରୋଷେଇ ଘର ଓ ରନ୍ଧା ଉପକରଣର ଚିତ୍ର ଆଙ୍କିବା ପାଇଁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ତରଭା ଇଣ୍ଡେନ ଗ୍ୟାସର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି ବୈଠକରେ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବକୁ ନିନ୍ଦା କରିବା ସହ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡିକର ସଫଳ ରୂପାୟନ ପାଇଁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ।

ରବି ଆଣ୍ଡ ଅନାଦି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

# ୟୁନାଇଟେଡ ସ୍ପୋର୍ଟିଂ ବରଗଡ଼ ବିଜୟୀ

ସୋନପୁର,୧୧।୨(ନି.ପ୍ର.)

ଓଡିଶାର ଏକ ଲୋକପ୍ରିୟ ତଥା ସମ୍ମାନଜନକ ଫୁଟବଲ ଟୁର୍ନାମେଣ୍ଟ ଭାବେ ଖ୍ୟାତି ଅର୍ଜନ କରିଥିବା ଅଲ ଓଡିଶା ରବି ଆଣ୍ଡ ଅନାଦି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ୧୩ତମ ସଂସ୍କରଣ ସୋମବାର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଗାନ୍ଧୀ ପଡିଆଠାରେ ଉଦ୍‌ଘାଟନୀ ମ୍ୟାଚ୍ ୟୁନାଇଟେଡ ସ୍ପୋର୍ଟିଂ ବରଗଡ ଓ କିଶୋର କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ବରଗଡ ଦଳ ୩-୦ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଖେଳର ୧୨ତମ ମିନିଟ୍‌ରେ ବରଗଡର ବିର୍ସା ମୁଣ୍ଡା ପ୍ରଥମ ଗୋଲ କରିଥିଲେ। ସେହିପରି ଖେଳର ୨୦ ଓ ୫୫ତମ ମିନିଟ୍‌ରେ ଅନ୍ତର୍ଯ୍ୟାମୀ ନାୟକ ଗୋଲ ସ୍କୋର କରିଥିଲେ।



ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳି ବୃନ୍ଦ ।

ବରଗଡର ଅନ୍ତର୍ଯ୍ୟାମୀ ନାୟକଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ୍‌କୁ ରେଫେରି ସଞ୍ଜିବ କୁମାର ସାହୁ, ଦେବାଶିଷ ବାଗ, ସୁରେନ ବେହେରା ଓ ସଞ୍ଜିବ ମହାରଣା ପରିଚାଳନା କରିଥିଲେ। ସୁବାସ ବିଶ୍ୱାଳ ଓ ମନୋରଞ୍ଜନ ତ୍ରିପାଠୀ ଧାରା ବିବରଣୀ ପ୍ରଦାନ କରିଥିଲେ। ରାମଧୂନ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ, ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା, ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର, କ୍ଲବର ଉପଦେଷ୍ଟା ତଥା ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ପ୍ରାକ୍ତନ ନଗରପାଳ ପ୍ରକାଶ ଚନ୍ଦ୍ର ସାହୁ ଓ ସାମାଜିକକର୍ମୀ ଶ୍ରୀବସ୍ତ ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଆୟୋଜକ କ୍ଲବର ବିଦ୍ୟାଧର ମିଶ୍ର, ପୀୟୁଷ କୁମାର ପଣ୍ଡା, ହୃଷିକେଶ ପଣ୍ଡା, ବିକାଶ ପଣ୍ଡା, ମହମ୍ମଦ କଲିମ, ଚନ୍ଦ୍ରଶେଖର ଦଳେଇ, ବିଶ୍ୱରଞ୍ଜନ ଦଳେଇ, ଅନୁପ ସାହୁ, ଭକ୍ତିରଞ୍ଜନ ଦଳେଇ ବିକାଶ ପାଢୀ, ରବି ଗୁରୁ, ରଞ୍ଜୁ ସାହୁ ଓ ଜୟନାରାୟଣ ମେଣ୍ଡଲିଙ୍କ ସମେତ ସମସ୍ତ ସଭ୍ୟ ଖେଳ ପରିଚାଳନାରେ ସହାୟତା କରିଥିଲେ। ଏହି ଅବସରରେ ୮ଟି ଟିମ୍‌ର ଫ୍ରାଞ୍ଚାଇଜରମାନେ ଯୋଗ ଦେଇଥିଲେ। ମଙ୍ଗଳବାର ସୋନପୁର ରାମଧୂନ କ୍ଲବ ଓ ଇଷ୍ଟ କୋଷ୍ଟ ରେଲୱେ ଖୋର୍ଦ୍ଧା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## କନିଷ୍ଠ ଶିକ୍ଷକ ସଂଘ ଗଠିତ

ଉଲୁଣ୍ଡା, ୧୧।୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକସ୍ତରୀୟ ନୂତନ କନିଷ୍ଠ ଶିକ୍ଷକ ସଂଘ ସୋମବାର ସ୍ଥାନୀୟ ଆଞ୍ଚଳିକ ବାଳିକା ଉଚ୍ଚବିଦ୍ୟାଳୟଠାରେ ଗଠିତ ହୋଇଯାଇଛି। ପୂର୍ବତନ ସଭାପତି ବିଶ୍ୱଜିତ ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୀର୍ଘଦିନ ଧରି ଲାଗି ରହିଥିବା ଶିକ୍ଷକମାନଙ୍କ ମୁଖ୍ୟ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ପରେ ନୂତନ କମିଟିରେ ସଭାପତି ଭାବେ ମନୋଜ କୁମାର କର୍ଣ୍ଣ, ସମ୍ପାଦକ ବଷ୍ଟି ସୁନା, ଉପସଭାପତି ବିଶ୍ୱଜିତ ପଣ୍ଡା, ସହସମ୍ପାଦକ ରଞ୍ଜନ କୁମାର ଦେହେରୀ, କୋଷାଧ୍ୟକ୍ଷ ଅକ୍ଷୟ ପାଲଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ବରିଷ୍ଠ ଶିକ୍ଷକ ବୀରେନ କୁମାର ମିଶ୍ର, ନନ୍ଦକିଶୋର ତ୍ରିପାଠୀ ପ୍ରମୁଖ ଯୋଗଦେଇ କନିଷ୍ଠ ଶିକ୍ଷକମାନଙ୍କୁ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଅଚ୍ୟୁତ ମେଣ୍ଡେଲି ଧନ୍ୟବାଦ ଦେଇଥିଲେ।

# ଚିକିତ୍ସା ଅଭାବୁ ଭିନ୍ନକ୍ଷମ ହେଲେ ଭାଇବହେନ୍

ବିନିକା,୧୧।୨(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିଡ଼ି ପଁଚେତ୍ ଆଖିଦାଦର ଗାଁରେ ଚିକିତ୍ସା ଅଭାବୁ ଦୁଇ ଭାଇ ବହେନ୍ ଭିନ୍ନକ୍ଷମ ହେଇଥିବାର ଅଭିଯୋଗ ହେଇଛେ। ଗାଁର ସ୍ୱର୍ଗତ ଉଜ୍ୱଳ ବାଘ ଆର ଶଶିଦେଇଙ୍କର ଦୁଇପୁଓ ଘନଶ୍ୟାମ(୩୫), ଗଣେଶ(୨୫) ଆର ଝିଅ ବାଙ୍ଗିରି(୨୯)କୁଁ ନେଇ ସୁଖର ସଁସାର ଥିଲା। ଉଜ୍ୱଳଙ୍କର ଘରବାଡ଼ି ଟିକେ ଆର ୨ ଏକର ଜମି ଥିଲା। ହେଲେ ଅଭାବ ଅନାଟନରୁ ଉଜ୍ୱଳ ଜମି ୨ ଏକର ବଁଧା ପକେଇଥିଲେ। ଆଏଜ୍ ବି ସେ ଜମି ବଁଧା ପଡ଼ିଛେ, ପରିବାର ଲୋକ୍ ମୁକ୍‌ଲେଇ ନୁହେପାରନ୍। ଇଆଡ଼େ ଉଜ୍ୱଳ ଆଏଜ୍‌କେ ୧୨ ବଛର ହେଲା ଆରପାରକେ ଚାଲିଯାଇଛନ୍। ଏନ୍‌ତାଥି ଘନଶ୍ୟାମ ପରିବାରର ଦାଇତିଅ ନେଇଛନ୍। ଘରେ ଭାଇ ଗଣେଶ ମାନ୍‌ସିକ୍ ବିକୁରତି ରୋଗ୍‌ରେ ପୀଡ଼ିତ ଥିଲା ବେଳେ ବହେନ୍ ବାଙ୍ଗିରି ହାତ୍‌ଗୋଡ଼୍ ନାଇଁ ଚଲବାର। ଦୁଇ ଭାଇବହେନ୍ ଭିନ୍ନକ୍ଷମ ଆଏ। ହେଲେ ଇ ଦୁଇ ଭାଇବହେନ୍ ଛୁଆବେଲେ ଏନ୍‌ତା ନାଇଁ ଥାଇ। ଯେତେବେଳେ ତାହାକୁ ରୋଗ୍ ଧଏଲା ଆସର ପାସର ଡାକ୍ତରଖାନାରେ ଚିକିତ୍ସା କରାଲେ, ହେଲେ କିଛି ଲାଭ୍ ନାଇଁହେଲା। ଟଁକା ପଏସା ଅଭାବୁ ଉଚ ଚିକିତ୍ସା କରେଇ ନାଇଁପାରଲେ, ଯେନ୍‌ଥିରଲାଗି ଦୁଇ ଭାଇ ବହେନ୍



ଦୁଇ ଭିନ୍ନକ୍ଷମ ଭାଇବହେନ ଗଣେଶ ଆର ବାଙ୍ଗିରି।

ଶେଷେ ଭିନ୍ନକ୍ଷମ ପାଲଟିଯାଇଛନ୍ ବଲି ବଡ଼ ଭାଇ ଘନଶ୍ୟାମ କହିଛନ୍। ଏହେଦେ ଘରେ ବୁଢ଼ୀ ମା', ଦୁଇ ଭିନ୍ନକ୍ଷମ ଭାଇ ବହେନ ଆର ମୋର ମାଏକିନା, ଦୁଇଛଆକୁ ଏକସରିଆ ଲୋକ ପୁଷିଲା ବେଲେ ଅଚାବୁହା ହେଇଯାଉଛେଁ। ସଖାଲ ପାଏଲେ ଛ'ପରାନୀର ପେଟର ଚିନ୍‌ତାରେ ବାହାଜାଂଗଲ ମାଜ୍‌ବାକେ ପଡୁଛେ। ଯାହା କମାନି କରୁଛେଁ ପେଟ୍‌କେ ପାଏଲେ ଦିହିକେ ନାଇଁ ପାଏବାର, ଏନ୍‌ତାଥି ଦୁଇ ଭାଇ ବହେନ୍‌କର ଚିକିତ୍ସା ଚିନ୍‌ତା କାଣା କରମି ବଲି ଗୁଲ୍‌ଗୁଲା ହେଇ କହିଛନ୍ ଘନଶ୍ୟାମ। ପରିବାରକେ ମିଲୁଥିବାର ସରକାରୀ ସାହାଯ୍ କହେଲେ ଅନ୍ତ୍ୟୋଦୟ ଯୋଜନାରେ ମାସିକ ୩୫ କେ.ଜି. ଚାଉଲ ଆର ଶଶିଦେଇ ପାଉଥିବାର ୫ଶହ ଟଁକା ଭତା। ଗଣେଶ ଆର ବାଙ୍ଗିରି ଭିନ୍ନକ୍ଷମ ହେଇଥିଲେ ବି ଆଏଜ୍‌ତକ୍ ପରମାନ୍‌ପତର ନାଇଁପାଇ। ଯେନ୍‌ଥିରଲାଗି ଦୁଇ ଭାଇ ବହେନ୍ ସବୁ ପରକାର ସରକାରୀ ସୁବିଧା ସୁଯୋଗ୍‌ରୁ ବଁଚିତ୍ ହେଇ ରହିଛନ୍। ଜିଲା ପରଶାସନ ଆର ସୁଆସ୍‌ତିଅ ବିଭାଗ ଇ ଦୁଇ ଭାଇ ବହେନ୍‌କର ଉପରେ ଦୁରୁଷ୍ଟି ଦେଇ ସବୁପରକାର ସରକାରୀ ସାହାଯ୍, ଚିକିତ୍ସା ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।

## ୫୬ଅଭିଯୋଗର ଶୁଣାଣି ହେଲା

ଡୁଙ୍ଗୁରିପାଲି, ୧୧।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ରାଜୀବ ଭବନଠାରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକ ନ ଆସିବାରୁ ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶଙ୍କ ଦ୍ୱାରା ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ୫୬ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୪ଟି ଅଭିଯୋଗ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ଅଭିଯୋଗ ଯାଇଥିଲା ଓ ଗୋଟିଏ ରେଡକ୍ରସ ବିଭାଗକୁ ଯାଇଥିଲା । ଅଭିଯୋଗ ଶୁଣାଣିରେ ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ବିଡିଓ ସହଦେବ ସମାଧିଆ, ରାମପୁର ତହସିଲଦାର ସଚ୍ଚିଦାନନ୍ଦ ହନୁମାନ, ଡିଇଓ ପୁଷ୍ପା ମିଞ୍ଜ, ଅତିରିକ୍ତ ତହସିଲଦାର ରୋହିତ ଭୋଇ, ପ୍ରାଣୀ ଚିକିତ୍ସା ଅଧିକାରୀ ଦେବରାଜ ନାଏକ, ବିଭିନ୍ନ ଲାଇନ ବିଭାଗ ସହ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପକ୍କାଘର ପାଇଁ ଅନଶନରେ ବସିଲେ ପରିବାର

ଉଲୁଣ୍ଡା, ୧୧।୨(ଡି.ଏନ.ଏ.)

ଗରିବଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାର ବିଭିନ୍ନ ଯୋଜନା କରି ଲୋକଙ୍କୁ ସ୍ୱପ୍ନ ଦେଖାଉଥିବା ବେଳେ ଗ୍ରାମାଞ୍ଚଳରେ କିନ୍ତୁ ଏହାର ଚିତ୍ର ଅଲଗା କିଛି କହୁଥିବା ଦେଖାଦେଇଛି। ଘର ନ ଥିବାରୁ ପ୍ରାୟ ଦୁଇବର୍ଷ ହେବ ପରଘରେ ଆଶ୍ରୟ ନେଇଛନ୍ତି ଏଭଳି ଯୋଜନାରୁ ବଞ୍ଚିତ ହୋଇଥିବା ଏକ ପରିବାର। ଏଭଳି ଏକ ଘଟଣା ଦେଖାଦେଇଛି ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମହଦା ଗ୍ରାମ ପଞ୍ଚାୟତ ଅଧିନ ଡିକୁଡା ଗ୍ରାମରେ। ସ୍ତ୍ରୀ ପ୍ରତିମା ଏବଂ ପୁଅ ଜମେଶ୍ୱରଙ୍କୁ ନେଇ ପଞ୍ଚାନନ ବଡପଣ୍ଡାଙ୍କ ପରିବାର। ପେଶାରେ ଜଣେ ରାନ୍ଧୁଣିଆ ହୋଇଥିବା ବେଳେ ସେ ଅତି ଗରିବ ଶ୍ରେଣୀର। ତେବେ ପାଖାପାଖି ଦୁଇବର୍ଷ ହେବ ତାଙ୍କ ଘର ଭାଙ୍ଗିଯିବା କାରଣରୁ ସେ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ଏହି ବାବଦରେ ବିଧାୟକଙ୍କଠାରୁ

### ଏକଘଣ୍ଟାରେ ମିଳିଲା କାର୍ଯ୍ୟାଦେଶ



ଅନଶନରେ ବସିବା ପରେ ବିଜୁ ପକ୍କାଘର ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।

ଆରମ୍ଭ କରି ବିଡିଓ, ଜିଲାପାଳ ସମସ୍ତଙ୍କୁ ବାରମ୍ବାର ଲିଖିତ ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁ ନ ଥିଲେ। ଫଳରେ ସେ ବାଧ୍ୟ ହୋଇ ସୋମବାର ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନ ୧୦ଟାରୁ ସ୍ତ୍ରୀ ଏବଂ ପୁଅକୁ ଧରି ଆମରଣ ଅନଶନରେ ବସିଥିଲେ। ତେବେ ଧାରଣାରେ ବସିବାର ଗୋଟିଏ ଘଣ୍ଟା ଭିତରେ ବିଜୁ ପକ୍କାଘର ଯୋଜନାରେ ସାମିଲ କରାଯାଇ ଉଲୁଣ୍ଡା ବିଡିଓ ରୁନୁ ଲାକ୍ରା କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ବିଡିଓଙ୍କ ଏହି ତୁରନ୍ତ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଆଇନଜୀବୀଙ୍କ ଆନ୍ଦୋଳନ

ସୋନପୁର,୧୧।୨(ନି.ପ୍ର.)

ବୀମା, ପେନସନ, ଷ୍ଟାଇପେଣ୍ଡ ଓ ଲିଗାଲ ସର୍ଭିସେସ୍ ଅଥରିଟି ଆକ୍ଟ ଲାଗୁ ଆଦି ଦାବି ନେଇ ଆଇନଜୀବୀ ମାନେ ସୋମବାରଠାରୁ ଦୁଇଦିନିଆ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହି ଅବସରରେ ସୁବର୍ଣ୍ଣପୁର ଜିଲାର ଓକିଲ ମାନେ ଆଜି କୋର୍ଟ ବର୍ଜନ କରିଥିଲେ। ମଧାହ୍ନରେ ଓକିଲ ସଂଘର ସଭାପତି ସର୍ବେଶ୍ୱର ପୁରୋହିତଙ୍କ ନେତୃତ୍ୱରେ ଓକିଲମାନେ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ରୀୟ ବଜେଟ୍‌ରେ ୫ହଜାର କୋଟି ଟଙ୍କା ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ସହାୟତା ପ୍ରଦାନ ମୁଖ୍ୟ ଦାବି ରହିଛି। ସେହିପରି ନୂଆ ଆଇନଜୀବୀଙ୍କୁ ୫ବର୍ଷ ପର୍ଯ୍ୟନ୍ତ ମାସିକ ୧୦ ହଜାର ଟଙ୍କା, ଇ-ଲାଇବ୍ରେରୀ ଓ କାର୍ଯ୍ୟାଳୟରେ ମହିଳା ଆଇନଜୀବୀଙ୍କ ଶିଶୁଙ୍କ ପାଇଁ ସୁବିଧା ପାଇଁ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି। ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ସ୍ମାରକପତ୍ର ପ୍ରଦାନ ସମୟରେ ଜିଲା ଓକିଲ ସଂଘର ସମ୍ପାଦକ ରାଜେନ୍ଦ୍ର ଅଗ୍ରୱାଲା ଗୋପାଳକୃଷ୍ଣ ମିଶ୍ର, ମୁଜାଫର ଅଲି, ସନ୍ତୋଷ କୁମାର ମେହେର, ଚନ୍ଦ୍ରେଶ୍ୱର ଥନାପତି, ନନ୍ଦକିଶୋର ତ୍ରିପାଠୀ ଉପସ୍ଥିତ ଥିଲେ।

ମା'ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ

# ରେଢ଼ାଖୋଲକୁ ହରାଇଲା ଉଲୁଣ୍ଡା

ଅମରପାଲି, ୧୧।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ପଞ୍ଚାୟତର ବିକଳପୁରଠାରେ ୧୩ତମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଶ୍ରୀକୃଷ୍ଣ ପ୍ରଧାନ ମୁଖ୍ୟଅତିଥି ଏବଂ କ୍ରୀଡାବିତ ସପନ ପଧାନ ଓ ଆୟୋଜିତ ସଭାପତି ରାମପ୍ରସାଦ କର୍ଣ୍ଣ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ବିସିଏ ଉଲୁଣ୍ଡା ଓ ଆତଙ୍କ କ୍ରିକେଟ କ୍ଲବ ରେଢ଼ାଖୋଲ ମଧ୍ୟରେ ହୋଇଥିଲା। ରେଢ଼ାଖୋଲ ଟସ୍ ଜିଣି ପ୍ରଥମେ ବ୍ୟାଟିଂ



ଉଲୁଣ୍ଡାର ଅଭିଲାଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଉଛି ।

କରି ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୦୨ ରନ କରିଥିଲା। ଦଳର ବାବୁ ଭୁକ୍ତା ଓ ଗଣେଷ ମେହେର ପ୍ରତ୍ୟେକ ୧୫ରନ ଲେଖାଏ କରିଥିଲେ। ବିପକ୍ଷ ଉଲୁଣ୍ଡାର ଅରଜିତ ସିଂ ଓ ଭକ୍ତ ନାଏକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଯବାବରେ ଉଲୁଣ୍ଡା ଦଳ ଆବଶ୍ୟକ ୧୦୩ ରନକୁ ୧୩ ଓଭରରେ ୩ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ଅଭିଲାଷ ୩୧ ବଲରୁ ୫୧ ରନ କରିଥିଲେ। ବିପକ୍ଷ ବାବୁଭୁକ୍ତା ୨ଟି ଉଇକେଟ ନେଇଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସାମାଜିକ କର୍ମୀ ଅମିତ ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ ଅଭିଲାଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଖେଳଟିକୁ ଶ୍ରୀନିବାସ ପଧାନ ଓ ଅଚ୍ୟୁତାନନ୍ଦ ସାହୁ ପରିଚାଳନା କରିଥିବା ବେଳେ ଚନ୍ଦ୍ରଶେଖର ସ୍କୋରିଂ ଏବଂ କୀର୍ତ୍ତନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

କୋସଲ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

## ଉତ୍ତମ ଶିକ୍ଷା ଭଲ ମଣିଷ ତିଆରି କରେ

ସୋନପୁର,୧୧।୨(ନି.ପ୍ର.)

ସ୍ଥାନୀୟ କୋସଲ ଆବାସିକ ବିଦ୍ୟାଳୟର ୫ମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ସାମାଜିକକର୍ମୀ ତଥା ଶ୍ରମିକ ନେତା ଲଳିତ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ତମ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦିଏ। ଭଲ ମଣିଷ ତିଆରି କରେ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଭଲ ପାଠ ପଢି ସମାଜ ପାଇଁ କାମ କରିବାକୁ ନାୟକ ପରାମର୍ଶ ଦେଇଥିଲେ। ମତ୍ସ୍ୟ ଉନ୍ନୟନ ନିଗମର ପ୍ରାକ୍ତନ ଅଧକ୍ଷ ଅଭିମନ୍ୟୁ କୁଶଳ ଓ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଇନ୍ଦୁମତୀ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠ ପଢି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ରଞ୍ଜନ କୁମାର ବୁଡେକ ସଭାରେ ଅଧକ୍ଷତା କରିଥିଲେ। ବିଦ୍ୟାଳୟର ସମ୍ପାଦକ ସଞ୍ଜୟ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ।

## ବିଜେଡିର ୱାର୍ଡ କମିଟି ବୈଠକ

ତରଭା, ୧୧।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ମରାଡୁଗୋଛା ଗ୍ରାମ ପଞ୍ଚାୟତ ପରିସରରେ ରୁଦ୍ରାକ୍ଷ ସାହୁଙ୍କ ଅଧକ୍ଷତାରେ ବିଜେଡିର ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଝାରତରଭା ସରପଞ୍ଚ ସୁରେଶ ନାଗ, ଗଦିଦାର କୁଅଁର, ରାଜେନ୍ଦ୍ର ଝାଙ୍କର ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ଜିଲା ବିଜୁ ଜନତାଦଳର ସଭାପତି ସରୋଜ କମ୍ପ ମୁଖ୍ୟ ଅତିଥିଭାବେ ଯୋଗଦେଇ କାଳିଆ ଯୋଜନା, ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା ପ୍ରଭୃତି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ ଆଲୋକପାତ କରିଥିଲେ।

# ପାତାଳି ଶ୍ରୀକ୍ଷେତ୍ରରେ ରୋପ ୱେ ନିର୍ମାଣ ଲାଗି ଶିଳାନ୍ୟାସ

ଉଲୁଣ୍ଡା ୧୧।୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ପାତାଳି ଶ୍ରୀକ୍ଷେତ୍ରର ବିକାଶ ଲାଗି ଅଣ୍ଟା ଭିଡିଛି ପ୍ରଶାସନ। ସୁଉଚ୍ଚ ତ୍ରିକୂଟ ପର୍ବତରେ ଥିବା ଐତିହାସିକ ଗାଁଗୁଡିକୁ ଶ୍ରଦ୍ଧାଳୁଙ୍କ ଦର୍ଶନ ସୁଗମ କରିବା ପାଇଁ ବହୁ ଦିନରୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଥିବା ରୋପ ୱେ ନିର୍ମାଣ ନିମନ୍ତେ ସୋମବାର ଭୂମିପୂଜନ କରାଯାଇଛି। ବ୍ୟୟ ଅଟକଳ ରହିଛି ୧୦କୋଟି ୨୭ଲକ୍ଷ ୫ହଜାର ଟଙ୍କା। ଶିଳାନ୍ୟାସ ଉତ୍ସବରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ କିଶୋର କୁମାର ମହାନ୍ତି, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ପଶ୍ଚିମଓଡିଶା ବିକାଶ ପରିଷଦ ସଭ୍ୟ ପ୍ରକାଶ ସାହୁ, ବିଭାଗୀୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରେମାନିଧି ସେଠ, ଜିଲା ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାଶ, ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧକ୍ଷତାରେ ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ସଂଯୋଜନାରେ ହୋଇଥିବା ସାଧାରଣ ସଭାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷ ମହାନ୍ତି ତାଙ୍କ ବକ୍ତବ୍ୟରେ ଜଗନ୍ନାଥଙ୍କର ଲୀଳାକ୍ଷେତ୍ରର ଅଂଶ ବିଶେଷ ପାତାଳି ଶ୍ରୀକ୍ଷେତ୍ରର ପୂର୍ଣ୍ଣାଙ୍ଗ ବିକାଶ ହେଲେ ଜଗନ୍ନାଥ ସଂସ୍କୃତି ପରିବ୍ୟାପ୍ତ ହୋଇପାରିବ ବୋଲି କହିଥିଲେ। ସେହିପରି ବିଧାୟକ ବେହେରା ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ଓ ଚେତନା ହିଁ ମାନବ ସମାଜକୁ ଉଚ୍ଚତର ସ୍ଥାନରେ ପହଞ୍ଚାଇ ପାରିବ ବୋଲି କହିଥିଲେ। ପରିଚାଳନା ପରିଷଦ ସାଧାରଣ ସମ୍ପାଦକ ଉତ୍ତର କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।



ପାତାଳି ଶ୍ରୀକ୍ଷେତ୍ରରେ ରୋପ ୱେ ନିର୍ମାଣ ନିମନ୍ତେ ସୋମବାର ଭୂମିପୂଜନ କରାଯାଉଛି।

ପାତାଳି ମହୋତ୍ସବର ୭ମ ଦିବସ

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ


ଉଲୁଣ୍ଡା, ୧୧।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ଅନ୍ୟତମ ପର୍ଯ୍ୟଟନସ୍ଥଳୀ କୋଟସମଲାଇ ପାତାଳି ଶ୍ରୀକ୍ଷେତ୍ରଠାରେ ଆୟୋଜିତ ବିରାଟ ପାତାଳି ମହୋତ୍ସବର ସୋମବାର ଥିଲା ସପ୍ତମ ରଜନୀ। ଜିଲା ପ୍ରଶାସନ ଏବଂ ପରିଚାଳନା ପରିଷଦର ମିଳିତ ଉଦ୍ୟମରେ ହେଉଥିବା ଏହି ଉତ୍ସବରେ ବଲାଙ୍ଗୀର ବିଡିସିସି ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି କ୍ଷେତ୍ରର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାରଙ୍କୁ ମିଳିତ ଅନୁରୋଧ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ କୁକିଆ, ଲରମ୍ବା, ଖଣ୍ଡଲାପାଲି, ଖଣ୍ଡହତା, ଛପାପାଲି, ଡୁମୁରୀ ପ୍ରମୁଖ ଗ୍ରାମର କୀର୍ତ୍ତନ ଦଳ ଯୋଗଦେଇ ସଂକୀର୍ତ୍ତନ୍ୟ ପରିବେଷଣ କରିଥିଲେ।




ପାତାଳି ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ପରିବେଷିତ ଓଡିଶୀ ନୃତ୍ୟ ।

ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ସଂଯୋଜନାରେ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଉରକେଲା ଶ୍ରୀକ୍ଷେତ୍ର କଳାପରିଷଦ ପକ୍ଷରୁ ପରିବେଷିତ ଭଜନ ସଙ୍ଗୀତ ଏବଂ ନୃତ୍ୟ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।



ଅଗ୍ନି ଶୃଙ୍ଖଳା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଉଜ୍ଜ୍ୱଳା ଦିଦି ପ୍ରଶିକ୍ଷଣ ଶିବିର

ତରଭା, ୧୧।୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭାସ୍ଥିତ ବନ୍ଧପଡା ବାପୁଜୀ କୁଟୀରେ ତିନି ଦିନ ଧରି ଚାଲିଥିବା ଉଜ୍ଜ୍ୱଳା ଦିଦି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ପ୍ରଶିକ୍ଷକଭାବେ ସତ୍ୟ ନାରାୟଣ ପଣ୍ଡା, କେଶ୍ରେଚ ପଧାନ ଓ ଏସ. ପଧାନଙ୍କ ପ୍ରମୁଖ ଯୋଗଦେଇ ଉଜ୍ଜ୍ୱଳା ଦିଦିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ତରଭା ବ୍ଲକ ସଂଯୋଜକ କଲ୍ୟାଣ ନାୟକ ଓ ଏନ୍‌ଜିଓର ସଭାପତି କୁମାର ନାଏକଙ୍କ ସମେତ ୩୩ ଉଜ୍ଜ୍ୱଳା ଦିଦି ଏଥିରେ ଯୋଗ ଦେଇଥିଲେ। ଦିଦି ମାନଙ୍କୁ ଗ୍ୟାସ ସମ୍ବନ୍ଧୀୟ ସମସ୍ତ ବିଷୟରେ ଅବଗତ କରାଇବା ସହ ଗ୍ୟାସ ବ୍ୟବହାର ଓ ତାହାର ସୁରକ୍ଷା ଏବଂ ଫର୍ମ ପୂରଣ କରିବା ବିଷୟରେ ତାଲିମ ଦିଆଯାଇଥିଲା।

### ବିଜେଡିର ୱାର୍ଡ କମିଟି ବୈଠକ

ତରଭା, ୧୧।୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅଧୀନ ମରାଢୁଗୋଲ୍ଲା ଗ୍ରାମ ପଞ୍ଚାୟତ ପରିସରରେ ଗୁରୁଦାସ ସାହୁଙ୍କ ଅଧକ୍ଷତାରେ ବିଜେଡିର ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରତରଭା ସରପଞ୍ଚ ସୁରେଶ ନାଗ, ଗଦିଦାର କୁଅଁର, ରାଜେନ୍ଦ୍ର ଝାଙ୍କର ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ।



ବିଲେଇସର୍ଡା ହାଇସ୍କୁଲରେ ସଡ଼କ ସୁରକ୍ଷା ସଭାରେ ମଞ୍ଚାସୀନ ଅତିଥି ଓ ଶିକ୍ଷକ।

# ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ

ବଲାଙ୍ଗୀର ଅଫିସ, ୧୧।୨: ପୁଇଁତଲା ବ୍ଲକ ଅଧୀନ ବିଲେଇସର୍ଡାସ୍ଥିତ ଜବାହରଲାଲ ନୋଡାଲ ଉଚ୍ଚବିଦ୍ୟାଳୟରେ ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ବିଦ୍ୟାଳୟ ଜୁନିୟର ରେଡକ୍ରସ ପରାମର୍ଶଦାତା ରଞ୍ଜିତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଓଷ୍ଟା ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷାର ଆବଶ୍ୟକତା ଓ ଏନେଇ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ବକ୍ତା ଭାବେ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନ ଯୋଗଦେଇ ସଡ଼କ ଦୁର୍ଘଟଣାର ବିଭିନ୍ନ କାରଣ ଓ ନିଶାଦ୍ରବ୍ୟ ସେବନର ଅପକାରିତା ବିଷୟରେ କହିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ସୁବାସିନୀ ସେଠୀ, ସୁଷମା ମେହେର, ନିରୋଜନା ବିଶ୍ୱାଳ, ଶିକ୍ଷକ ତପନ ବୁଡେକ, ଅଶ୍ୱିନୀ ମହାଲିଙ୍ଗ, କଷ୍ଟ ପଧାନ ଛାତ୍ରୀଛାତ୍ରୀମାନଙ୍କୁ ବକ୍ତବ୍ୟ ଦେଇ ସଡ଼କ ସୁରକ୍ଷା ନିୟମ ମାନି ଚଳିବାକୁ କହିଥିଲେ। ସଭା ପରେ ସପ୍ତମ ଶ୍ରେଣୀ ଛାତ୍ରୀ ସୋନାଲୀ ପଣ୍ଡା ନୃତ୍ୟ ପରିବେଷଣ କରିଥିଲେ। ବିଦ୍ୟାଳୟ କର୍ମଚାରୀ ଅମୂଲ୍ୟ ଦୋରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପାତାଳି ଶ୍ରୀକ୍ଷେତ୍ରରେ ରୋପ ୱେ ନିର୍ମାଣ ଲାଗି ଶିଳାନ୍ୟାସ

ଉଲୁଣ୍ଡା ୧୧।୨ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ପାତାଳି ଶ୍ରୀକ୍ଷେତ୍ରର ବିକାଶ ଲାଗି ଅଣ୍ଟା ଭିଡ଼ିଛି ପ୍ରଶାସନ। ସୁଉଚ୍ଚ ତ୍ରିକୁଟ ପର୍ବତରେ ଥିବା ଐତିହାସିକ ଗାଁଗୁଡ଼ିକୁ ଶ୍ରଦ୍ଧାଳୁଙ୍କ ଦର୍ଶନ ସୁଗମ କରିବା ପାଇଁ ବହୁ ଦିନରୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଥିବା ରୋପ ୱେ ନିର୍ମାଣ ନିମନ୍ତେ ସୋମବାର ଭୂମିପୂଜନ କରାଯାଇଛି। ବ୍ୟୟ ଅଟକଳ ରହିଛି ୧୦କୋଟି ୭୨ଲକ୍ଷ ୫୪ହଜାର ଟଙ୍କା। ଶିଳାନ୍ୟାସ ଉତ୍ସବରେ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ କିଶୋର କୁମାର ମହାନ୍ତି, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ପଶ୍ଚିମଓଡିଶା ବିକାଶ ପରିଷଦ ସଭ୍ୟ ପ୍ରକାଶ ସାହୁ, ବିଭାଗୀୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରେମାନିଧି ସେଠ, ଜିଲା ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାଶ, ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ପାଢୀ ସଂଯୋଜନା କରିଥିଲେ।

# ପକ୍କାଘର ପାଇଁ ଅନଶନରେ ବସିଲେ ପରିବାର

ଉଲୁଣ୍ଡା, ୧୧।୨(ଡି.ଏନ.ଏ.): ଗରିବଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାର ବିଭିନ୍ନ ଯୋଜନା କରି ଲୋକଙ୍କୁ ସ୍ୱପ୍ନ ଦେଖାଉଥିବା ବେଳେ ଗ୍ରାମାଞ୍ଚଳରେ କିନ୍ତୁ ଏହାର ଚିତ୍ର ଅଲଗା କିଛି ଜଣାପଡୁଥିବା ଦେଖାଦେଉଛି। ଘର ନ ଥିବାରୁ ପ୍ରାୟ ଦୁଇବର୍ଷ ହେବ ପରଘରେ ଆଶ୍ରୟ ନେଇଛନ୍ତି ଏଭଳି ଯୋଜନାରୁ ବଞ୍ଚିତ ହୋଇଥିବା ଏକ ପରିବାର। ଏଭଳି ଏକ ଘଟଣା ଦେଖାଦେଇଛି ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମହଦା ଗ୍ରାମ ପଞ୍ଚାୟତ ଅଧୀନ ଡିଙ୍ଗୁଡା ଗ୍ରାମରେ। ସ୍ତ୍ରୀ ପ୍ରତିମା ଏବଂ ପୁଅ ଜୟେଶ୍ୱରଙ୍କୁ ନେଇ ପଞ୍ଚାନନ ବଡପଣ୍ଡାଙ୍କ ପରିବାର। ପେଶାରେ ଜଣେ ରାଜୁଣିଆ ହୋଇଥିବା ବେଳେ ସେ ଅତି ଗରିବ ଶ୍ରେଣୀର। ତେବେ ପାଖାପାଖି ଦୁଇବର୍ଷ ହେବ ତାଙ୍କ ଘର ଭାଙ୍ଗିଯିବା କାରଣରୁ ସେ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ଏହି ବାବଦରେ ବିଧାୟକଙ୍କଠାରୁ ଆରମ୍ଭ କରି ବିଡିଓ, ଜିଲାପାଳ ସମସ୍ତଙ୍କୁ ବାରମ୍ବାର ଲିଖିତ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିଲେ। ଫଳରେ ସେ ବାଧ୍ୟ ହୋଇ ସୋମବାର ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନ ୧୦ଟାରୁ ସ୍ତ୍ରୀ ଏବଂ ପୁଅଙ୍କୁ ଧରି ଆମରଣ ଅନଶନରେ ବସିଥିଲେ। ତେବେ ଧାରଣାରେ ବସିବାର ଗୋଟିଏ ଘଣ୍ଟା ଭିତରେ ବିଜୁ ପକ୍କାଘର ବିଡିଓ ଗୁରୁ ଲାକ୍ରା କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ବିଡିଓଙ୍କ ଏହି ତୁରନ୍ତ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଉଛି।



ଅନଶନରେ ବସିବା ପରେ ବିଜୁ ପକ୍କାଘର ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।


## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍‌ମେଣ୍ଟ ଶାଖା (SAMB), ଏ/୩୪, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ (ଓସକାର୍ଡ ବ୍ୟାଙ୍କ ବିଲ୍ଡିଂ, ୪ର୍ଥ ମହଲା), ଭୁବନେଶ୍ୱର - ୭୫୧୦୦୧, ଜିଲ୍ଲା: ଖୋର୍ଦ୍ଧା, (ଓଡ଼ିଶା), ମୋ.: ୯୪୩୭୧୮୬୬୬୯, E-mail: sbi.10130@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ସାଙ୍କେତିକ/ଭୌତିକ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ) ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ **"ଯାହା ଯେଉଁଠାରେ ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ"** ଇ-ନିଲାମ କରାଯିବ।

**ଇ-ନିଲାମ ତାରିଖ: ୨୭.୦୨.୨୦୧୯**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକ (ମାନ)ଙ୍କ ନାମ | ସମ୍ପତ୍ତିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ., ସା: ଓଲରା, ପୋ: ବନ୍ତଳା, ବଡଚଣା, ଜିଲ୍ଲା: ଯାଜପୁର, ଓଡ଼ିଶା - ୭୫୪୦୨୪, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ପିତା: ବନଓ୍ୱାରିଲାଲ ଅଗ୍ରୱାଲା, ନିର୍ଦ୍ଦେଶକମାନେ: (୧) ଶ୍ରୀ ବନଓ୍ୱାରିଲାଲ ଅଗ୍ରୱାଲା, ପିତା: ୰ ବାଲୁରାମ ଅଗ୍ରୱାଲା, (୨) ଶ୍ରୀମତୀ ସୁଷମା ଅଗ୍ରୱାଲା, ସ୍ୱାମୀ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ସମସ୍ତଙ୍କ ଠିକଣା ସା: ଗିରିମା, ଓ୍ୱାର୍ଡ ନଂ.: ୧୨, କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା-୭୫୭୦୩୭ | ଜାମିନ୍‌ଦାରମାନେ: (୧) ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ପିତା: ବନଓ୍ୱାରିଲାଲ ଅଗ୍ରୱାଲା, (୨) ଶ୍ରୀ ବନଓ୍ୱାରିଲାଲ ଅଗ୍ରୱାଲା, ପିତା: ୰ ବାଲୁରାମ ଅଗ୍ରୱାଲା, (୩) ଶ୍ରୀମତୀ ସୁଷମା ଅଗ୍ରୱାଲା, ସ୍ୱାମୀ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ସମସ୍ତଙ୍କ ଠିକଣା ସା: ଗିରିମା, ଓ୍ୱାର୍ଡ ନଂ.: ୧୨, କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା-୭୫୭୦୩୭ / କର୍ପୋରେଟ୍ ଜାମିନ୍‌ଦାର: ମେସର୍ସ ଗାଲାକ୍ସି ଟାଏ-ଅପ୍ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ପିତା: ବନଓ୍ୱାରିଲାଲ୍ ଅଗ୍ରୱାଲା, ସା: ୨୭, ଓ୍ୱେଷ୍ଟର୍ଣ୍ଣ ଷ୍ଟ୍ରିଟ୍, ୩ୟ ମହଲା, ମିନି ବିଲ୍ଡିଂ, କୋଲକାତା-୭୦୦୦୧୨ (ପଶ୍ଚିମ ବଙ୍ଗ) | ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ. | ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ. (ରାଇସ୍ ମିଲ୍ ୩୨ଟିପିଏଚ୍ କ୍ଷମତା ବିଶିଷ୍ଟ)ର ନାମରେ ଥିବା ଜମି ଏବଂ ଗୃହ, କାରଖାନା ଏବଂ ଯନ୍ତ୍ରପାତି, ସେଡ୍ ଏବଂ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ଆସେଟ୍‌ସ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଓଲରା, ବଡଚଣା, ଜିଲ୍ଲା: ଯାଜପୁର, ଖାତା ନଂ.: ୫୪୯/୪୯, ପ୍ଲଟ ନଂ.: ୩୫, କ୍ଷେତ୍ର: ଏକର ୦.୬୬ ଡିସିମିଲି, ଖାତା ନଂ.: ୫୪୯/୫୩, ପ୍ଲଟ ନଂ.: ୪୦, କ୍ଷେତ୍ର: ଏକର ୨.୧୪ ଡିସିମିଲି, ଖାତା ନଂ.: ୪୨୭, ପ୍ଲଟ ନଂ.: ୪୪, କ୍ଷେତ୍ର: ଏକର ୦.୨୦ ଡିସିମିଲି, ଖାତା ନଂ.: ୪୬୧, ପ୍ଲଟ ନଂ.: ୩୬, କ୍ଷେତ୍ର: ଏକର ୦.୧୨ ଡିସିମିଲି, ଖାତା ନଂ.: ୪୬୧, ପ୍ଲଟ ନଂ.: ୩୬, କ୍ଷେତ୍ର: ଏକର ୦.୦୬ ଡିସିମିଲି, ଖାତା ନଂ.: ୩୬୧, ପ୍ଲଟ ନଂ.: ୨୪, କ୍ଷେତ୍ର: ଏକର ୦.୩୩ ଡିସିମିଲି, ଖାତା ନଂ.: ୧୯୨, ପ୍ଲଟ ନଂ.: ୪୧, କ୍ଷେତ୍ର: ଏକର ୦.୨୭ ଡିସିମିଲି, ଖାତା ନଂ.: ୩୫୦, ପ୍ଲଟ ନଂ.: ୩୪, କ୍ଷେତ୍ର: ଏକର ୦.୨୭ ଡିସିମିଲି, ଖାତା ନଂ.: ୨୪୩, ପ୍ଲଟ ନଂ.: ୨୯, କ୍ଷେତ୍ର: ଏକର ୦.୧୦ ଡିସିମିଲି, ଖାତା ନଂ.: ୧୯୭, ପ୍ଲଟ ନଂ.: ୩୧, କ୍ଷେତ୍ର: ଏକର ୦.୫୪ ଡିସିମିଲି, ଖାତା ନଂ.: ୩୦୬, ପ୍ଲଟ ନଂ.: ୨୮, କ୍ଷେତ୍ର: ଏକର ୦.୪୯ ଡିସିମିଲି, ଖାତା ନଂ.: ୩୧୨, ପ୍ଲଟ ନଂ.: ୩୨, କ୍ଷେତ୍ର: ଏକର ୦.୦୭ ଡିସିମିଲି, ଖାତା ନଂ.: ୧୫୯, ପ୍ଲଟ ନଂ.: ୩୩, କ୍ଷେତ୍ର: ଏକର ୦.୪୧ ଡିସିମିଲି, ଖାତା ନଂ.: ୨୬୦, ପ୍ଲଟ ନଂ.: ୨୫, କ୍ଷେତ୍ର: ଏକର ୨.୭୧ ଡିସିମିଲି, ଖାତା ନଂ.: ୩୯୦, ପ୍ଲଟ ନଂ.: ୪୨, କ୍ଷେତ୍ର: ଏକର ୦.୫୪ ଡିସିମିଲି, ଖାତା ନଂ.: ୨୦୪, ପ୍ଲଟ ନଂ.: ୪୭, କ୍ଷେତ୍ର: ଏକର ୦.୮୭ ଡିସିମିଲି, ଖାତା ନଂ.: ୪୨୪, ପ୍ଲଟ ନଂ.: ୪୬, କ୍ଷେତ୍ର: ଏକର ୦.୧୯ ଡିସିମିଲି, **ମୋଟ କ୍ଷେତ୍ର: ଏକର ୯.୯୭ ଡିସିମିଲି, ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା**ଙ୍କ ନାମରେ ଥିବା ଜମି ଏବଂ ଗୃହ, ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ଆସେଟ୍‌ସ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଓଲରା, ବଡଚଣା, ଜିଲ୍ଲା: ଯାଜପୁର, ଖାତା ନଂ.: ୫୪୯/୪୭, ପ୍ଲଟ ନଂ.: ୧୧, କ୍ଷେତ୍ର: ଏକର ୦.୭୫ ଡିସିମିଲି, ଖାତା ନଂ.: ୪୫୦, ପ୍ଲଟ ନଂ.: ୨୨, କ୍ଷେତ୍ର: ଏକର ୦.୨୯ ଡିସିମିଲି, ଖାତା ନଂ.: ୪୯୮, ପ୍ଲଟ ନଂ.: ୧୭, କ୍ଷେତ୍ର: ଏକର ୦.୩୭ ଡିସିମିଲି, ଖାତା ନଂ.: ୫୪୯/୪୬, ପ୍ଲଟ ନଂ.: ୮, କ୍ଷେତ୍ର: ଏକର ୦.୭୨ ଡିସିମିଲି, ଖାତା ନଂ.: ୩୧୩, ପ୍ଲଟ ନଂ.: ୭, କ୍ଷେତ୍ର: ଏକର ୦.୩୭ ଡିସିମିଲି, ଖାତା ନଂ.: ୯୩, ପ୍ଲଟ ନଂ.: ୭/୯୬୪, କ୍ଷେତ୍ର: ଏକର ୦.୩୦ ଡିସିମିଲି, ଖାତା ନଂ.: ୫୦୧, ପ୍ଲଟ ନଂ.: ୨୩, କ୍ଷେତ୍ର: ଏକର ୦.୦୬ ଡିସିମିଲି, ଖାତା ନଂ.: ୫୦୧, ପ୍ଲଟ ନଂ.: ୭/୯୬୩, କ୍ଷେତ୍ର: ଏକର ୦.୧୧ ଡିସିମିଲି, ଖାତା ନଂ.: ୫୪୯/୫୧, ପ୍ଲଟ ନଂ.: ୯, କ୍ଷେତ୍ର: ଏକର ୦.୫୪ ଡିସିମିଲି, ଖାତା ନଂ.: ୫୪୯/୫୦, ପ୍ଲଟ ନଂ.: ୧୬, କ୍ଷେତ୍ର: ଏକର ୦.୫୩ ଡିସିମିଲି, ଖାତା ନଂ.: ୩୯୫, ପ୍ଲଟ ନଂ.: ୬, କ୍ଷେତ୍ର: ଏକର ୧.୩୭ ଡିସିମିଲି, ଖାତା ନଂ.: ୨୪୨, ପ୍ଲଟ ନଂ.: ୧୦, କ୍ଷେତ୍ର: ଏକର ୦.୧୭ ଡିସିମିଲି, ଖାତା ନଂ.: ୨୯୧, ପ୍ଲଟ ନଂ.: ୧୫, କ୍ଷେତ୍ର: ଏକର ୦.୬୦ ଡିସିମିଲି, ଖାତା ନଂ.: ୫୪୯/୫୪, ପ୍ଲଟ ନଂ.: ୨୧, କ୍ଷେତ୍ର: ଏକର ୨.୧୨ ଡିସିମିଲି, **ମୋଟ କ୍ଷେତ୍ର: ଏକର ୮.୩୦ ଡିସିମିଲି, ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଓଲରା, ବଡଚଣା, ଜିଲ୍ଲା: ଯାଜପୁର, ଯାହାର ଖାତା ନଂ.: ୧୩୮, ପ୍ଲଟ ନଂ.: ୪୩, କ୍ଷେତ୍ର: ଏକର ୧.୨୦ ଡିସିମିଲି, ଖାତା ନଂ.: ୪୫୪, ପ୍ଲଟ ନଂ.: ୩୦, କ୍ଷେତ୍ର: ଏକର ୦.୪୮ ଡିସିମିଲି, **ମୋଟ କ୍ଷେତ୍ର: ଏକର ୧.୬୮ ଡିସିମିଲି, ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା**ଙ୍କ ନାମରେ ଥିବା ସମ୍ପତ୍ତି ଯାହାକି ମୌଜା: ଓଲରା, ଯାଜପୁର, ଖାତା ନଂ.: ୫୪୯/୬୩, ପ୍ଲଟ ନଂ.: ୨୦, କ୍ଷେତ୍ର: ଏକର ୧.୦୬ ଡିସିମିଲି, **ସମୁଦାୟ ମୋଟ କ୍ଷେତ୍ର: ଏକର ୨୧.୦୧ ଡିସିମିଲି।** | ୧୨.୧୦.୨୦୧୬ ସୁଦ୍ଧା ଟ.୭୪,୦୧,୨୫,୧୨୮/- + ୧୩.୧୦.୨୦୧୬ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୪୦,୭୭,୦୦,୦୦୦/- / ଟ.୪,୦୭,୭୦,୦୦୦/- / ୧୭.୧୦.୨୦୧୬ |
| ୨. | ଋଣଗ୍ରହୀତା: ବିଏମ୍ଆର ରାଇସ୍ ମିଲ୍ ପ୍ରା. ଲିଃ, ନିର୍ଦ୍ଦେଶକମାନେ: ୧) ଶ୍ରୀ ସଞ୍ଜୟ ଅଗ୍ରୱାଲ, ପିତା- ରାମ କୈଳାସ ଅଗ୍ରୱାଲ, ୨) ଶ୍ରୀମତୀ ବବିତା ଅଗ୍ରୱାଲ, ସ୍ୱାମୀ- ଶ୍ରୀ ସଞ୍ଜୟ ଅଗ୍ରୱାଲ, ସିସି-୨, ସିଭିଲ୍ ଟାଉନ୍‌ସିପ୍, ରାଉରକେଲା, ପୋ: ରାଉରକେଲା-୪, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା-୭୬୯୦୦୪ | ଜାମିନ୍‌ଦାରମାନେ: ୧) ଶ୍ରୀ ସଞ୍ଜୟ ଅଗ୍ରୱାଲ, ପିତା- ରାମ କୈଳାସ ଅଗ୍ରୱାଲ, ୨) ଶ୍ରୀମତୀ ବବିତା ଅଗ୍ରୱାଲ, ସ୍ୱାମୀ- ଶ୍ରୀ ସଞ୍ଜୟ ଅଗ୍ରୱାଲ, ସିସି-୨, ସିଭିଲ୍ ଟାଉନ୍‌ସିପ୍, ରାଉରକେଲା, ପୋ: ରାଉରକେଲା-୪, ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା-୭୬୯୦୦୪ | ବିଏମ୍ଆର ରାଇସ୍ ମିଲ୍ ପ୍ରା. ଲିଃ., ଶ୍ରୀ ସଞ୍ଜୟ ଅଗ୍ରୱାଲ | (କ) ବିଏମ୍ଆର ରାଇସ୍ ମିଲ୍ ପ୍ରା. ଲିଃର ନାମରେ ଥିବା କାରଖାନା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ମୌଜା: ଗୋପାଳପାଲ୍ଲୀ, ବିଜୟନଗର, ଜିଲ୍ଲା: ଦେବଗଡ଼, ଖାତା ନଂ.: ୫୬/୨୦, ପ୍ଲଟ୍ ନଂ.: ୬୨୭/୧୦୬୯, ୬୨୭/୧୦୭୦, ୬୨୭/୧୦୭୪, ୬୫୦/୧୦୭୯, ୬୨୭/୧୦୭୧, ୬୨୭/୧୦୭୫, ୬୫୦/୧୦୮୦, ୬୫୦/୧୦୮୧, ୬୨୭/୧୦୭୩ ଏବଂ ୬୫୦/୧୦୭୮, **ସମୁଦାୟ କ୍ଷେତ୍ର: ଏକର୫.୬୨ଡିସିମିଲି,** କିସମ: ଘରବାରୀ ଏବଂ ଶିଳ୍ପାଞ୍ଚଳକୁ ପରିବର୍ତ୍ତନ ହୋଇନାହିଁ। (ଖ) **ସଞ୍ଜୟ ଅଗ୍ରୱାଲ**ଙ୍କ ନାମରେ ଥିବା ଖାଲି ଜମି ଯାହାର ମୌଜା: ଯୋରପାଲି, କିରୋଡିମଲ ନଗର, ଜିଲ୍ଲା: ରାୟଗଡା, ଖାତା ନଂ.: ୧୧, ପ୍ଲଟ୍ ନଂ.: ୨୪୩/୨, ୨୪୩/୩, ୨୪୪/୧, ୨୫୦/୨, ୨୪୭/୧, ୨୪୭/୨ ଏବଂ ୨୫୪/୧, **ସମୁଦାୟ କ୍ଷେତ୍ର: ଏକର ୪.୪୨ ଡିସିମିଲି,** କିସମ: ଘରବାରି, (ଗ) **ବିଏମ୍ଆର ରାଇସ୍ ମିଲ୍ ପ୍ରା. ଲିଃ**ର ନାମରେ ଥିବା କଳକବ୍‌ଜା ଏବଂ ଯନ୍ତ୍ରପାତି (ଟ୍ରକ୍ ଏବଂ ଲୋଡ଼ର ବ୍ୟତିତ) | ୧୮.୦୨.୨୦୧୫ ସୁଦ୍ଧା ଟ.୩,୦୮,୯୨,୭୧୦/- + ୧୯.୦୨.୨୦୧୫ ଠାରୁ ପରବର୍ତ୍ତିସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)ଟ.୧,୯୪,୦୦,୦୦୦/- ଟ.୧୯,୪୦,୦୦୦/- (ଖ)ଟ.୨,୦୮,୦୦,୦୦୦/- ଟ.୨୦,୮୦,୦୦୦/- (ଗ)ଟ.୧,୪୯,୦୦,୦୦୦/- ଟ.୧୪,୯୦,୦୦୦/- / ୧୦.୧୨.୨୦୧୪ |
| ୩. | ଋଣଗ୍ରହୀତା: ଶ୍ରୀ ମେଟାଲିକ୍ସ ଷ୍ଟିଲ୍ ଆଣ୍ଡ୍ ପାଓ୍ୱାର ଲିମିଟେଡ୍, ପ୍ଲଟ୍ ନଂ.: ୫୪୬, ପ୍ରଥମ ମହଲା, ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର-୭୫୧୦୦୨, ନିର୍ଦ୍ଦେଶକମାନେ: ୧) ୰ ପ୍ରମୋଦ କୁମାର ଅଗ୍ରୱାଲଙ୍କ ଆଇନଗତ ଉତ୍ତରାଧିକାରୀମାନେ: ଶ୍ରୀମତୀ ରାକ୍ଷୀ ଅଗ୍ରୱାଲ, ରାଘବ ଅଗ୍ରୱାଲ ଏବଂ ଭବ୍ୟ ଅଗ୍ରୱାଲ, ସା: ପାଓ୍ୱାର ହାଉସ୍ ରୋଡ଼, ଥାନା: ଉଦିତ ନଗର, ରାଉରକେଲା, ସୁନ୍ଦରଗଡ଼, ୨) ଶ୍ରୀ ମୁରଲୀଧର ଅଗ୍ରୱାଲ, ପିତା: ୰ ବଦ୍ରି ପ୍ରସାଦ ଅଗ୍ରୱାଲ, ୩) ଅଂଶୁଲ କୁମାର ଅଗ୍ରୱାଲ, ପିତା: ମୁରଲୀଧର ଅଗ୍ରୱାଲ, କ୍ର. ନଂ. ୨ ଏବଂ ୩ଙ୍କ ଠିକଣା- ସା: ଗୁରୁଦ୍ୱାର ରୋଡ଼, ବଡ଼ବିଲ, ଜିଲ୍ଲା: କେନ୍ଦୁଝର | ଜାମିନ୍‌ଦାରମାନେ: ୧) ୰ ପ୍ରମୋଦ କୁମାର ଅଗ୍ରୱାଲଙ୍କ ଆଇନଗତ ଉତ୍ତରାଧିକାରୀମାନେ: ଶ୍ରୀମତୀ ରାକ୍ଷୀ ଅଗ୍ରୱାଲ, ରାଘବ ଅଗ୍ରୱାଲ ଏବଂ ଭବ୍ୟ ଅଗ୍ରୱାଲ, ସା: ପାଓ୍ୱାର ହାଉସ୍ ରୋଡ଼, ଥାନା: ଉଦିତ ନଗର, ରାଉରକେଲା, ସୁନ୍ଦରଗଡ଼, ୨) ଶ୍ରୀ ମୁରଲୀଧର ଅଗ୍ରୱାଲ, ପିତା: ୰ ବଦ୍ରି ପ୍ରସାଦ ଅଗ୍ରୱାଲ, ୩) ଅଂଶୁଲ କୁମାର ଅଗ୍ରୱାଲ, ପିତା: ମୁରଲୀଧର ଅଗ୍ରୱାଲ, କ୍ର. ନଂ. ୨ ଏବଂ ୩ଙ୍କ ଠିକଣା- ସା: ଗୁରୁଦ୍ୱାର ରୋଡ଼, ବଡ଼ବିଲ, ଜିଲ୍ଲା: କେନ୍ଦୁଝର | ୰ ପ୍ରମୋଦ କୁମାର ଅଗ୍ରୱାଲ | ୰ ପ୍ରମୋଦ କୁମାର ଅଗ୍ରୱାଲଙ୍କ ନାମରେ ଥିବା ବ୍ୟବସାୟିକ ଜମି ଏବଂ ଗୃହ ଯାହାର ମୌଜା: ବଡବିଲ, ଜିଲ୍ଲା: କେନ୍ଦୁଝର, ଖାତା ନଂ.: ୪୫୮/୬୧୭, ପ୍ଲଟ ନଂ.: ୧୧୭୯/୨୬୧୫ ଏବଂ ୧୮୧୦/୨୬୧୬, କ୍ଷେତ୍ର: ଏକର ୦.୦୫୦ଡିସିମିଲି, କିସମ: ଘରବାରି। | ୩୧.୧୨.୨୦୧୨ ସୁଦ୍ଧା ଟ.୫,୧୧,୫୫,୩୦୦/- + ୦୧.୦୧.୨୦୧୩ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୯୫,୦୦,୦୦୦/- / ଟ.୯,୫୦,୦୦୦/- / ୨୩.୦୫.୨୦୧୩ |
| ୪. | ଋଣଗ୍ରହୀତା: ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ., ପ୍ଲଟ୍ ନଂ.: ୪୯୧୨(ପି), ଇଏ-୫୦, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଅବିନାଶ ମହାନ୍ତି | ଜାମିନ୍‌ଦାରମାନେ: ୧) ଶ୍ରୀ ଅବିନାଶ ମହାନ୍ତି, ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ଼, ଭୁବନେଶ୍ୱର-୭୫୧୦୧୪, ୨) ଶ୍ରୀ ବିଧୂ ଭୂଷଣ ନାୟକ, ଡୁପ୍ଲେକ୍ସ-୧୫, ରତ୍ନା ନିବାସ, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୭୫୧୦୧୮, ୩) ଶ୍ରୀ କୌଶିକ ମହାନ୍ତି, ତପସ୍ୱିନୀ, ପ୍ଲଟ୍ ନଂ.: ୨୫୨/୩୩୧୮, ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୨୪, ୪) ଶ୍ରୀ ଅଂଶୁମାନ ସାମନ୍ତରାୟ, ପ୍ଲଟ୍ ନଂ.: ୪୯୧୨ (ପି), ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮ | ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ. ଏବଂ ଶ୍ରୀ କୌଶିକ ମହାନ୍ତି | (କ) ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ.ର ନାମରେ ଥିବା ୧) କାରଖାନା ଜମି ଏବଂ ଗୃହ, ୨) କାରଖାନା ଏବଂ ଯନ୍ତ୍ରପାତି ଏବଂ ସେଡ୍ ଆଦି ସମ୍ପତ୍ତି ଯାହାର ମୌଜା: ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଖୋର୍ଦ୍ଧା, ଖାତା ନଂ.: ୫୩୧/୧, ୭୮୭, ପ୍ଲଟ୍ ନଂ.: ୨୩୦୩(ପି), ୨୩୦୮(ପି), ୨୩୨୬(ପି), ଇଡ଼କୋ ପ୍ଲଟ୍ ନଂ.: ୯୧, ୯୧/ଏ, ୯୧/ବି, କ୍ଷେତ୍ର: ଏକର୧.୩୧୬ଡିସିମିଲି, କିସମ: ଶିଳ୍ପାଞ୍ଚଳ, (ଖ) **ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ.**ର ନାମରେ ଥିବା ୧) କାରଖାନା ଜମି, ୨) ସେଡ୍ ଯାହାର ମୌଜା: ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଖୋର୍ଦ୍ଧା, ଖାତା ନଂ.: ୫୩୧/୧, ପ୍ଲଟ୍ ନଂ.: ୨୩୨୬(ପି), ଇଡ଼କୋ ପ୍ଲଟ୍ ନଂ.: ୬୯, କ୍ଷେତ୍ର: ଏକର୧.୦୦୪ଡିସିମିଲି, କିସମ: ଶିଳ୍ପାଞ୍ଚଳ, (ଗ) **ଶ୍ରୀ କୌଶିକ ମହାନ୍ତି**ଙ୍କ ନାମରେ ଥିବା ଫ୍ରିହୋଲ୍ଡ ଜମି ଏବଂ ଆଜବେଷ୍ଟସ୍ ଛାତ ଥିବା ଆଉଟହାଉସ୍ ଯାହାର ମୌଜା: କଳାରାହାଙ୍ଗ, ଭୁବନେଶ୍ୱର, ଖାତା ନଂ.: ୪୯୭, ପ୍ଲଟ୍ ନଂ.: ୨୯୮, କ୍ଷେତ୍ର: ଏକର୮.୪୦୦ଡିସିମିଲିରୁ ଏକର୦.୧୧୧ଡିସିମିଲି, ମ୍ୟୁଟେଟେଡ ଖାତା ନଂ.: ୭୨୫/୧୪୧୭, ପ୍ଲଟ୍ ନଂ.: ୨୯୮/୪୧୫୦, କିସମ: ଘରବାରି। | ୨୦.୦୩.୨୦୧୭ ସୁଦ୍ଧା ଟ.୧୧,୩୯,୧୧,୩୫୯.୭୦ + ୨୧.୦୩.୨୦୧୭ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)୧)ଟ.୧,୪୮,୦୦,୦୦୦/- ଟ.୧୪,୮୦,୦୦୦/- ୨)ଟ.୭୧,୦୦,୦୦୦/- ଟ.୭,୧୦,୦୦୦/- (ଖ)୧)ଟ.୯୧,୦୦,୦୦୦/- ଟ.୯,୧୦,୦୦୦/- ୨)ଟ.୭୧,୦୦,୦୦୦/- ଟ.୭,୧୦,୦୦୦/- (ଗ) ଟ.୮୯,୦୦,୦୦୦/- ଟ.୮,୯୦,୦୦୦/- / ୨୧.୦୩.୨୦୧୭ |
| ୫. | ଋଣଗ୍ରହୀତା: ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ., ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ଼, ଭୁବନେଶ୍ୱର-୭୫୧୦୧୪, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଅବିନାଶ ମହାନ୍ତି | ଜାମିନ୍‌ଦାରମାନେ: ୧) ଶ୍ରୀ ଅବିନାଶ ମହାନ୍ତି, ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ଼, ଭୁବନେଶ୍ୱର-୭୫୧୦୧୪, ୨) ଶ୍ରୀ ବିଧୂ ଭୂଷଣ ନାୟକ, ଡୁପ୍ଲେକ୍ସ-୧୫, ରତ୍ନା ନିବାସ, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୭୫୧୦୧୮, ୩) ଶ୍ରୀ କୌଶିକ ମହାନ୍ତି, ତପସ୍ୱିନୀ, ପ୍ଲଟ୍ ନଂ.: ୨୫୨/୩୩୧୮, ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୨୪, ୪) ଶ୍ରୀ ଅଂଶୁମାନ ସାମନ୍ତରାୟ, ପ୍ଲଟ୍ ନଂ.: ୪୯୧୨ (ପି), ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮ | ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅବିନାଶ ମହାନ୍ତି | (କ) କାରଖାନା ଜମି ଏବଂ ଗୃହ, (ଖ) କାରଖାନା, ଯନ୍ତ୍ରପାତି ଏବଂ ଫ୍ୟାକ୍ଟ୍ରି ସେଡ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାଣିଛତ୍ର, ମଳିପଡା ଛକ, ଖାତା ନଂ.: ୫୦୦/୪୯, ପ୍ଲଟ୍ ନଂ.: ୧୮, କ୍ଷେତ୍ର: ଏକର୦.୭୫୦ ଡିସିମିଲି, ପ୍ଲଟ୍ ନଂ.: ୧୫/୧୨୬୨, କ୍ଷେତ୍ର: ଏକର୦.୯୦୦ଡିସିମିଲି, କିସମ: ଘରବାରି, **ମାଲିକାନା- ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ. ଏବଂ ଅବିନାଶ ମହାନ୍ତି, କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ. କୁ ଲିଜ୍ ଦିଆଯାଇଅଛି)**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୫୦୦/୫୦, ପ୍ଲଟ୍ ନଂ.: ୧୫, କ୍ଷେତ୍ର: ଏକର୨.୦୦୦ଡିସିମିଲି, କିସମ: ଘରବାରି, **ସମୁଦାୟ କ୍ଷେତ୍ର: ଏକର୩.୬୫୦ଡିସିମିଲ** | ୩୧.୧୦.୨୦୧୩ ସୁଦ୍ଧା ଟ.୧୧,୯୭,୭୦,୫୭୩/- + ୦୧.୧୧.୨୦୧୩ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)ଟ.୧,୭୭,୦୦,୦୦୦/- ଟ.୧୭,୭୦,୦୦୦/- (ଖ)ଟ.୧,୫୨,୦୦,୦୦୦/- ଟ.୧୫,୨୦,୦୦୦/-/ ୨୦.୦୧.୨୦୧୪ |
| ୬. | ଋଣଗ୍ରହୀତା: ମେସର୍ସ ଅରୋ ଇସ୍ପାତ (ଇଣ୍ଡିଆ) ପ୍ରା. ଲିଃ., ସା: ପ୍ଲଟ୍ ନଂ.: ଏମ୍-୭୨, ସାମନ୍ତ ବିହାର, କଳିଙ୍ଗ ହସ୍ପିଟାଲ ଛକ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୪, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଅବିନାଶ ମହାନ୍ତି | ଜାମିନ୍‌ଦାରମାନେ: ୧) ଶ୍ରୀ ଅବିନାଶ ମହାନ୍ତି, ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ଼, ଭୁବନେଶ୍ୱର-୭୫୧୦୧୪, ୨) ଶ୍ରୀ କୌଶିକ ମହାନ୍ତି, ତପସ୍ୱିନୀ, ପ୍ଲଟ୍ ନଂ.: ୨୫୨/୩୩୧୮, ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୨୪, ୩) ଶ୍ରୀ ଅଂଶୁମାନ ସାମନ୍ତରାୟ, ପ୍ଲଟ୍ ନଂ.: ୪୯୧୨ (ପି), ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୪, ୪) ଶ୍ରୀ ବିଧୂ ଭୂଷଣ ନାୟକ, ଡୁପ୍ଲେକ୍ସ-୧୫, ରତ୍ନା ନିବାସ, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୭୫୧୦୧୮ | ମେସର୍ସ ଅରୋ ଇସ୍ପାତ (ଇଣ୍ଡିଆ) ପ୍ରା. ଲିଃ. | ମେସର୍ସ ଅରୋ ଇସ୍ପାତ (ଇଣ୍ଡିଆ) ପ୍ରା. ଲିଃ.ର ନାମରେ ଥିବା (କ) ଫ୍ୟାକ୍ଟ୍ରି ଜମି, (ଖ) ଫ୍ୟାକ୍ଟ୍ରି ଗୃହ ଏବଂ (ଗ) ଫ୍ୟାକ୍ଟ୍ରି ସେଡ୍ ଯାହାକି ରାମନଗର, ମୌଜା: ଖୁଣ୍ଟୁଣୀ, ଜିଲ୍ଲା: କଟକ, ଖାତା ନଂ.: ୨୩୪/୨୯୭, ପ୍ଲଟ୍ ନଂ.: ୭୯/୮୬୭/୯୨୮, କ୍ଷେତ୍ର: ଏକର୦.୮୧ ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୨/୧୨୪୮, କ୍ଷେତ୍ର: ଏକର୦.୨୨ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୧/୯୨୬/୧୨୪୭, କ୍ଷେତ୍ର: ଏକର୦.୪୫ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୧/୯୨୭/୧୨୪୬, କ୍ଷେତ୍ର: ଏକର୦.୩୮ଡିସିମିଲି, ପ୍ଲଟ୍ ନଂ.: ୭୮୫/୯୧୯/୧୨୪୫, କ୍ଷେତ୍ର: ଏକର୦.୪୦ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୧/୧୨୪୪, କ୍ଷେତ୍ର: ଏକର୦.୨୮ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୨.୫୪ଡିସିମିଲି,** କିସମ: କାରଖାନା | ୧୯.୦୧.୨୦୧୪ ସୁଦ୍ଧା ଟ.୭,୨୬,୬୭,୩୧୭/- + ୨୦.୦୧.୨୦୧୪ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)ଟ.୩୯,୦୦,୦୦୦/- / ଟ.୩,୯୦,୦୦୦/- (ଖ)ଟ.୨୨,୦୦,୦୦୦/- / ଟ.୨,୨୦,୦୦୦/- (ଗ)ଟ.୩୩,୦୦,୦୦୦/- / ଟ.୩,୩୦,୦୦୦/- / ୨୦.୦୧.୨୦୧୪ |
| ୭. | ଋଣଗ୍ରହୀତା: ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲିଃ., କାରଖାନା: ସା: କୁଟୁଗାଁ, ପୋ: ଚିପିନ୍ଦା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା, ରେଜିଷ୍ଟ୍ରେଡ୍ ଅଫିସ: ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା। | ଜାମିନ୍‌ଦାରମାନେ/ବନ୍ଧକଦାତାମାନେ: ୧) ଶ୍ରୀ ମହେଶ କୁମାର ଶର୍ମା, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା, ୨) ଶ୍ରୀ ଗଣେଶ କୁମାର ଶର୍ମା, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା, ୩) ଶ୍ରୀମତୀ ଶକୁନ୍ତଳା ଦେବୀ, ସ୍ୱାମୀ: ୰ ଲକ୍ଷ୍ମୀ ନାରାୟଣ ଶର୍ମା, ଜାମିନ୍‌ଦାରମାନେ: ୧) ଶ୍ରୀମତୀ ଜୟନ୍ତୀ ଶର୍ମା, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା ଏବଂ ସ୍ୱାମୀ: ଶ୍ରୀ କମଳ ଶର୍ମା, ୨) ଶ୍ରୀମତୀ ପଦ୍ମା ଉପାଧ୍ୟାୟ, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା ଏବଂ ସ୍ୱାମୀ: ଶ୍ରୀ ଘନଶ୍ୟାମ ଉପାଧ୍ୟାୟ, କର୍ପୋରେଟ୍ ଜାମିନ୍‌ଦାରମାନେ: ୧) ମେସର୍ସ ଉତ୍କଳ ମିନେରାଲ୍ସ, ୨) ମେସର୍ସ ଆଶା ଟ୍ରେଡିଙ୍ଗ କୋ. | ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲିଃ. ଶ୍ରୀ ମହେଶ କୁମାର ଶର୍ମା ଶ୍ରୀମତୀ ଶକୁନ୍ତଳା ଦେବୀ ଶ୍ରୀ ଗଣେଶ କୁମାର ଶର୍ମା | (କ) ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲିଃ. ର କାରଖାନା ପରିସରରେ ଗଚ୍ଛିତ ଥିବା କୋଇଲା, କୋଇଲା ଫାଇନ୍ସ, ଆଇରନ୍ ଓର୍ ଫାଇନ୍ସ, କାରଖାନା, ଯନ୍ତ୍ରପାତି ଏବଂ କାରଖାନା ସେଡ୍ସ (ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ ଆର୍ଥିକ ସହାୟତା ପ୍ରାପ୍ତ), ୨୦୦ ଟିପିଡି ସ୍ପଞ୍ଜ ଆଇରନ୍ କାରଖାନା, କ୍ୟାପ୍ଟିଭ୍ ପାଓ୍ୱାର ପ୍ଲାଣ୍ଟ, ଆଇରନ୍ ଓର କ୍ରସର, ଇଣ୍ଡକ୍ସନ୍ ଫର୍ଣ୍ଣେସ ରୋଲିଂ ମିଲ୍ ଅନ୍ୟାନ୍ୟ କଳକବ୍‌ଜା ଯନ୍ତ୍ରପାତି ଏବଂ ସେଡ୍ ସହିତ ଫ୍ୟାକ୍ଟ୍ରି ଜମି, ଗୃହ, ଶ୍ରମିକ ଘର, କ୍ୟାଣ୍ଟିନ୍, ପାଣିଟାଙ୍କି, ବାଉଣ୍ଡରି ଇତ୍ୟାଦି ଯାହାର ମୌଜା: କୁଟୁଗାଁ, ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୪୭/୩, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୬୪୩, ୬୪୪, ୬୪୬, ୬୪୭/୧୪୭୯, ୬୭୫, ୬୪୮/୧୨୯୩, ୭୨୮, ଯଥାକ୍ରମେ କ୍ଷେତ୍ର: ଏକର ୧.୬୫, ୦.୩୧, ୧.୬୪, ୦.୫୬, ୧.୧୭, ୦.୨୪, ୦.୭୫ ଡିସିମିଲି, ପୁରୁଣା ଖାତା ନଂ.: ୧୨୭, ପ୍ଲଟ୍ ନଂ.: ୬୩୬, ୬୩୭, ୬୨୮, ଯଥାକ୍ରମେ କ୍ଷେତ୍ର: ଏକର ୦.୩୯, ୦.୬୦, ୦.୭୨ ଡିସିମିଲି, ପୁରୁଣା ଖାତା ନଂ.: ୮୫, ପ୍ଲଟ୍ ନଂ.: ୬୪୨, ୬୪୮, ୭୨୮/୧୩୬୨, ୬୪୩/୧୩୬୩, ୬୪୩/୧୩୬୪, ୬୪୬/୧୩୬୫, ୬୪୭/୧୩୬୬, ଯଥାକ୍ରମେ କ୍ଷେତ୍ର: ଏକର ୦.୩୦, ୦.୧୯, ୦.୩୩, ୦.୩୮, ୦.୨୭, ୦.୪୮, ୦.୩୮ ଡିସିମିଲି, ପୁରୁଣା ଖାତା ନଂ.: ୪୪, ପ୍ଲଟ୍ ନଂ.: ୬୭୩, କ୍ଷେତ୍ର: ଏକର ୦.୫୧ ଡିସିମିଲି, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୬୪୭, କ୍ଷେତ୍ର: ଏକର ୦.୨୦ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୩, ପ୍ଲଟ୍ ନଂ.: ୬୭୪/୧୪୭୦, କ୍ଷେତ୍ର: ଏକର ୦.୧୫ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୨, ପ୍ଲଟ୍ ନଂ.: ୬୭୪/୧୪୬୯, କ୍ଷେତ୍ର: ଏକର ୦.୫୦ ଡିସିମିଲି, ପୁରୁଣା ଖାତା ନଂ.: ୭୩, ପ୍ଲଟ୍ ନଂ.: ୬୭୪/୧୪୮୦, ୭୨୯, ୬୭୬, ୬୭୪/୧୪୮୧, ଯଥାକ୍ରମେ କ୍ଷେତ୍ର: ଏକର ୧.୬୭, ୧.୧୩, ୦.୫୪, ୦.୫୦ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୪୭/୪, ପୁରୁଣା ଖାତା ନଂ.: ୭୩, ପ୍ଲଟ୍ ନଂ.: ୭୨୪, ୭୨୫, ଯଥାକ୍ରମେ କ୍ଷେତ୍ର: ଏକର ୦.୧୧, ୦.୩୫ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୪୭/୩, ପୁରୁଣା ଖାତା ନଂ.: ୪୫, ପ୍ଲଟ୍ ନଂ.: ୬୪୦, କ୍ଷେତ୍ର: ଏକର ୦.୨୩ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୬, ପ୍ଲଟ୍ ନଂ.: ୬୪୭/୧୪୭୧, କ୍ଷେତ୍ର: ଏକର ୦.୩୫ ଡିସିମିଲି, ପୁରୁଣା ଖାତା ନଂ.: ୩୨, ପ୍ଲଟ୍ ନଂ.: ୬୭୦, କ୍ଷେତ୍ର: ଏକର ୦.୪୬ ଡିସିମିଲି, ପୁରୁଣା ଖାତା ନଂ.: ୭୫, ପ୍ଲଟ୍ ନଂ.: ୭୩୨, ୭୩୫, ୭୩୬, ଯଥାକ୍ରମେ କ୍ଷେତ୍ର: ଏକର ୦.୩୪, ୦.୩୬, ୦.୫୩ ଡିସିମିଲି, ପୁରୁଣା ଖାତା ନଂ.: ୩୭, ପ୍ଲଟ୍ ନଂ.: ୬୭୮(ଅଂଶ), ୬୭୯(ଅଂଶ), ୭୩୦, ଯଥାକ୍ରମେ କ୍ଷେତ୍ର: ଏକର ୦.୫୧, ୦.୩୧, ୦.୩୧ ଡିସିମିଲି, ପୁରୁଣା ଖାତା ନଂ.: ୧୭, ପ୍ଲଟ୍ ନଂ.: ୬୭୮(ଅଂଶ), ୬୭୯(ଅଂଶ), ୭୨୬, ଯଥାକ୍ରମେ କ୍ଷେତ୍ର: ଏକର ୦.୫୧, ୦.୩୧, ୦.୧୭ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୨୭/୫୪, ପୁରୁଣା ଖାତା ନଂ.: ୨୯, ପ୍ଲଟ୍ ନଂ.: ୬୫୬, କ୍ଷେତ୍ର: ଏକର ୦.୪୨ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୨୭/୫୩, ପୁରୁଣା ଖାତା ନଂ.: ୩୮, ପ୍ଲଟ୍ ନଂ.: ୭୭୫, କ୍ଷେତ୍ର: ଏକର ୨.୨୬ ଡିସିମିଲି, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୭୨୩, କ୍ଷେତ୍ର: ଏକର ୦.୮୦ ଡିସିମିଲି, କିସମ: ଶିଳ୍ପାଞ୍ଚଳ, **ସମୁଦାୟ କ୍ଷେତ୍ର : ଏକର ୨୩.୮୯ ଡିସିମିଲି। (ଖ) ଶ୍ରୀମତୀ ଶକୁନ୍ତଳା ଦେବୀଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: କମରଯୋଡା, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୭୪/୨୩୦, ପୁରୁଣା ଖାତା ନଂ.: ୧୭୪/୧୨୬, ପ୍ଲଟ୍ ନଂ.: ୨୯୭/୧୪୩୭, ୧୨୨୩/୧୪୩୮, ଯଥାକ୍ରମେ କ୍ଷେତ୍ର: ଏକର ୦.୦୧୨ ଡିସିମିଲି, ଏକର ୦.୦୪୫ ଡିସିମିଲି, ପୁରୁଣା ଖାତା ନଂ.: ୧୭୪/୧୮୫, ପ୍ଲଟ୍ ନଂ.: ୧୨୨୩/୧୪୭୮, ୨୯୭/୧୪୭୯, ଯଥାକ୍ରମେ କ୍ଷେତ୍ର: ଏକର ୦.୦୨୫, ୦.୦୧୮ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୧୦୦ଡିସିମିଲି,** କିସମ: ଘରବାରି (ଏହା ଶକୁନ୍ତଳା ଦେବୀ ଏବଂ ଗଣେଶ କୁମାର ଶର୍ମାଙ୍କ ଗୃହ ଋଣ ନିମନ୍ତେ ବନ୍ଧକ ସମ୍ପ୍ରସାରିତ କରାଯାଇଅଛି)। (ଗ) **ଶ୍ରୀ ମହେଶ କୁମାର ଶର୍ମା**ଙ୍କ ନାମରେ ଖାଲି ଥିବା ଜମି ଯାହାର ମୌଜା: ଜଜାଙ୍ଗ, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୫୧/୮୨, ପୁରୁଣା ଖାତା ନଂ.: ୭୨, ପ୍ଲଟ୍ ନଂ.: ୪୨୧, କ୍ଷେତ୍ର: ଏକର ୧.୪୪ଡିସିମିଲି, କିସମ: ଶିଳ୍ପାଞ୍ଚଳ। (ଘ) **ଶ୍ରୀ ଗଣେଶ କୁମାର ଶର୍ମା**ଙ୍କ ନାମରେ ଥିବା ଜମି ଯାହାର ମୌଜା: ଜଜାଙ୍ଗ, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୫୧/୮୧, ପୁରୁଣା ଖାତା ନଂ.: ୭୨, ପ୍ଲଟ୍ ନଂ.: ୪୨୧/୧୭୧୫, କ୍ଷେତ୍ର: ଏକର୧.୪୪ଡିସିମିଲି, କିସମ: ଶିଳ୍ପାଞ୍ଚଳ। | ୩୧.୦୩.୨୦୧୩ ସୁଦ୍ଧା ଟ.୪୨,୪୩,୪୬,୮୬୧/- + ୦୧.୦୪.୨୦୧୩ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ) ଟ.୨୦,୬୮,୦୦,୦୦୦/- ଟ.୨,୦୬,୮୦,୦୦୦/- (ଖ)ଟ.୧,୬୯,୦୦,୦୦୦/- ଟ.୧୬,୯୦,୦୦୦/- (ଗ) ଟ.୬୩,୦୦,୦୦୦/- ଟ.୬,୩୦,୦୦୦/- (ଘ) ଟ.୬୩,୦୦,୦୦୦/- ଟ.୬,୩୦,୦୦୦/- / ୨୪.୦୪.୨୦୧୩ |

* କାରଖାନା, ଯନ୍ତ୍ରପାତି, ସେଡ୍ ଏବଂ ଷ୍ଟକ୍ସର ସଫଳ ବିକ୍ରୟ ପରେ ଜମି ଏବଂ ଗୃହ ଆଦି ସମ୍ପତ୍ତିର ବିକ୍ରୟ ଚୁଡାନ୍ତ ହେବ।

**ବିଡ୍ ବୃଦ୍ଧି ପରିମାଣ: ସମ୍ପତ୍ତି କ୍ର. ନଂ. ୩, ୪(କ)୨), ୪(ଖ)୧), ୪(ଖ)୨), ୪(ଗ), ୬(କ), ୬(ଖ), ୬(ଗ), ୭(ଗ) ଏବଂ ୭(ଘ) ନିମନ୍ତେ - ଟ.୧୦,୦୦୦/- ଏବଂ ଅନ୍ୟ ସମ୍ପତ୍ତିଗୁଡିକ ନିମନ୍ତେ - ଟ.୫୦,୦୦୦/-**

**କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେଓ୍ୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୨୫.୦୨.୨୦୧୯ରିଖ ଅପରାହ୍ନ ୪.୦୦ ଘଣ୍ଟିକା ପର୍ଯ୍ୟନ୍ତ**

**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୨୧.୦୨.୨୦୧୯ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା**


**ଇ-ନିଲାମ ତାରିଖ ଏବଂ ସମୟ: ତା.୨୭.୦୨.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ଇ-ନିଲାମ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଭିତ୍ତିରେ ଓ ଅନ୍-ଲାଇନ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s C1 India Pvt. Ltd.** ର ଓ୍ୱେବସାଇଟ **https://bankeauctions.com** ମାଧ୍ୟମରେ ଉପରଦର୍ଶିତ ତା୨୭.୦୨.୨୦୧୯ରିଖରେ ସମ୍ପନ୍ନ ହେବ। ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ଓ୍ୱେବସାଇଟ **https://bankeauctions.com** ରେ ଉପଲବ୍ଧ।
୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡିକ ଉପରେ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି., ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ/ଅଧିକାର/ଦେୟ ବିଷୟ ଯାଞ୍ଚ କରିବା ଉଚିତ୍। ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ। ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରିହେବ। କ୍ଷମତାପ୍ରାପ୍ତ ଅଧିକାରୀ/ ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ।
୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **RTGS/NEFT** ମାଧ୍ୟମରେ **Account No.: 30802030269, Name of the A/C.: SBI, SAMB, Bhubaneswar, Name of the Beneficiary: State Bank of India, IFSC Code No.: SBIN0009025** କିମ୍ବା ଡ଼ିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ବ୍ୟାଙ୍କରୁ **"Authorised Officer, State Bank of India, SAMB, Bhubaneswar"**ଙ୍କ ସପକ୍ଷରେ ଭୁବନେଶ୍ୱର ଠାରେ ଦେୟ ଦର୍ଶାଇ ପୈଠ କରିବେ।
୪) ନିଲାମଧାରୀମାନେ ସଠିକ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଏବଂ ବୈଧ ଇମେଲ ଆଇଡିଧାରୀ ହେବା ଉଚିତ୍ (ଇଚ୍ଛୁକ ନିଲାମଧାରୀଙ୍କ ଇମେଲ ଆଇଡି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସଓ୍ୱାର୍ଡ **M/s C1 India Pvt. Ltd., Udyog Vihar, Phase-2, Gulf Petrochem Building, Building No. 301, Gurgaon, Haryana, Helpline Nos. 0124-4302020/21/22/23/24, 7291981124/25/26, Helpline No.: +91-124-4302000(Gurgaon), Mr. Kingshuk Ghosh: +91-9836311889 (Kolkata), Helpline E-mail Id: support@bankeauctions.com, kolkata@c1india.com** ଠାରୁ ପ୍ରାପ୍ତ କରିପାରିବେ ଏବଂ ସମ୍ପତ୍ତି ସମ୍ବନ୍ଧିୟ ଯେକୌଣସି ସୂଚନା ନିମନ୍ତେ **Authorised Officer, State Bank of India, Contact No.: 9437101649, 9437018948, 9437186669, Email ID: sbi.10130@sbi.co.in** ରେ ଯେକୌଣସି କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରନ୍ତୁ।
୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର **(KYC)**, ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପାନ୍ କାର୍ଡର ନକଲ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ ଏବଂ ଲ୍ୟାଣ୍ଡ ଲାଇନ୍ ନମ୍ବର ଇତ୍ୟାଦି **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍‌ମେଣ୍ଟ ଶାଖା, ଭୁବନେଶ୍ୱର**ଙ୍କ ଠାରେ **ତା୨୫.୦୨.୨୦୧୯ରିଖ ଅପରାହ୍ନ ୦୪.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ମୂଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇମେଲ ଆଇଡିରେ ମଧ୍ୟ ପଠାଇପାରିବେ।
୬) ପୋର୍ଟାଲ **https://bankeauctions.com** ରେ ଅନ୍‌ଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍‌ମେଣ୍ଟ ଶାଖା, ଭୁବନେଶ୍ୱର**ଙ୍କ ଦ୍ୱାରା ଚିହ୍ନଟ କରାଯିବ। **M/s C1 India Pvt. Ltd., Udyog Vihar, Phase-2, Gulf Petrochem Building, Building No. 301, Gurgaon, Haryana**ଙ୍କ ଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସଓ୍ୱାର୍ଡ ଯୋଗାଇ ଦିଆଯିବ।
୭) ଆଗ୍ରହୀ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍। ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ କେସ୍ ଅଫିସର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ: **ସମ୍ପତ୍ତି କ୍ର.ନଂ. ୧ ନିମନ୍ତେ- Mob.: 9437065856, ସମ୍ପତ୍ତି କ୍ର.ନଂ. ୨ ଏବଂ ୩ ନିମନ୍ତେ - Mob: 8658562113, ସମ୍ପତ୍ତି କ୍ର.ନଂ. ୪, ୫ ଏବଂ ୬ ନିମନ୍ତେ - Mob: 8658562113 ଏବଂ ସମ୍ପତ୍ତି କ୍ର.ନଂ. ୭ ନିମନ୍ତେ- Mob: 7377977178** ରେ ଯୋଗାଯୋଗ କରିପାରିବେ।
୮) ସମ୍ପତ୍ତିଗୁଡିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦନ ସାପେକ୍ଷ।
୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ମୂଲ୍ୟ ରୂପେ ରହିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ। ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି / ଅର୍ଥ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।
୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ **M/s C1 India Pvt. Ltd.**ଙ୍କ ଠାରୁ ଇ-ନିଲାମ ସମ୍ପର୍କିୟ ଅନ୍‌ଲାଇନ୍ ତାଲିମ ପାଇପାରିବେ। ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା **M/s C1 India Pvt. Ltd.** ଦାୟୀ ରହିବେ ନାହିଁ। ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାଓ୍ୱାର ବ୍ୟାକ୍‌ଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ।
୧୧) ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଜିଏସ୍‌ଟି, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ।
୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ/ ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।
୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ।
୧୪) ଯେଉଁ କ୍ଷେତ୍ରରେ ବିଡ୍ ପରିମାଣ ଟ.୫୦,୦୦,୦୦୦/- ରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ସଫଳ ନିଲାମଧାରୀ / କ୍ରେତା **ଆୟକର ଆକ୍ଟ ୧୯୬୧ର ଧାରା ୧୯୪ IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ **୨୬ QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣ ପତ୍ରର ଅରିଜିନାଲ ରସିଦ ବ୍ୟାଙ୍କରେ ଦାଖଲ କରିବେ।
୧୫) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।
୧୬) **ଏହି ବିଜ୍ଞପ୍ତି ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତି ବିକ୍ରୟ ପାଇଁ ଏକ ୧୫ ଦିନିଆ ନୋଟିସ୍ ଅଟେ।**

ତାରିଖ : ୧୧.୦୨.୨୦୧୯
ସ୍ଥାନ : ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



“ ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମ ସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
- ଗୁରୁ ନାନକ



## ସଂକ୍ଷେପରେ

### ଆଇନଶୃଙ୍ଖଳା ପ୍ରତି ଦୃଷ୍ଟି ଦେବା ସହ ଲୋକଙ୍କ ପାଇଁ କାମ କରିବି

**ନୂଆପଡା ଅଫିସ, ୧୧।୨**

ନୂଆପଡା- ବଲାଙ୍ଗୀର-ଜିଲା ସୀମାନ୍ତରେ ଥିବା ଲଖନା ଥାନା ଅଞ୍ଚଳରେ ଏକ ଶାନ୍ତିର ବାତାବରଣ ବଜାୟ ରଖିବାକୁ ସବୁବେଳେ ଲୋକଙ୍କ ସାଥି ହୋଇ କାମକରିବି ବୋଲି ନୂତନ ଭାବେ ଦାୟୀତ୍ୱ ଗ୍ରହଣ କରିଥିବା ଥାନା ଅଧିକାରୀ ତପନ କୁମାର ଦାସ କହିଛନ୍ତି। ଥାନା ଅଧିକାରୀ ସରୋଜ କୁମାର ମଲ୍ଲିକଙ୍କ ବଦଳି ପରେ ଇନ୍ସପେକ୍ଟର ଦାସ ଏହି ଦାୟୀତ୍ୱ ନେଇଛନ୍ତି। ଏକଦା ଭିଜିଲାନ୍ସ ବିଭାଗ ଭଦ୍ରକରେ କାମ କରିଥିବାବେଳେ ଗତବର୍ଷ ଜୁନରେ ନୂଆପଡା ଜିଲା କାର୍ଯ୍ୟାଳୟକୁ ବଦଳି ହୋଇଆସିଥିଲେ। ସୋମବାର ତାଙ୍କର ଦାୟୀତ୍ୱ ଗ୍ରହଣ ପରେ ସମସ୍ତ ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀ ଆସି ସ୍ୱାଗତ କରିଛନ୍ତି।

# ମାସକ ମଧ୍ୟରେ ସବୁ ଦାବି ପୂରଣ ହେବ

- ଦିଲ୍ଲୀଗସ୍ତରୁ ଫେରିଲେ ଓକିଲ ସଂଘ କର୍ମକର୍ତ୍ତା
- ଦିଲ୍ଲୀରେ ୪ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଥିଲେ
- ସାମିଲ ଥିଲେ ମର୍ଚ୍ଚାଣ୍ଟ, ଠିକାଦାର ସଂଘ

**ନୂଆପଡା ଅଫିସ,୧୧।୨**




ଖବରଦାତା ସମ୍ମିଳନୀରେ ଓକିଲ ସଂଘ କର୍ମକର୍ତ୍ତା ବୃନ୍ଦ।

ଜିଲାର କେତେଗୁଡିଏ ପ୍ରମୁଖ ଦାବି ପୂରଣ ନ ହୋଇ ରହିଥିବାରୁ ଜିଲାବାସୀ ବିଭିନ୍ନ ସମୟରେ ପ୍ରତିବାଦ, ଧାରଣା ଦେଇ ଆସୁଥିଲେ। ତଥାପି ସେଗୁଡିକ ପୂରଣ ହେବାରେ ଅହେତୁକ ବିଳମ୍ବ ନେଇ ଜିଲା ମୁଖ୍ୟାଳୟରୁ ଓକିଲ ସଂଘର କର୍ମକର୍ତ୍ତାଙ୍କ ଏକ ପ୍ରତିନିଧି ଦଳ ଦିଲ୍ଲୀ ଯାଇ ସରକାରଙ୍କ ସହ ସିଧାସଳଖ ବିଚାର ଆଲୋଚନା କରି ଫେରିଆସିଛନ୍ତି। ଦାବିଗୁଡିକ ମାସକ ମଧ୍ୟରେ ପୂରଣ ହୋଇଯିବା ନିଶ୍ଚିତ ହୋଇଥିବା ସଂଘ ତରଫରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ସୋମବାର ମଧ୍ୟାହ୍ନ ଗୋଟାଏ ବେଳେ ସ୍ଥାନୀୟ ଓକିଲ ସଂଘ କାର୍ଯ୍ୟାଳୟରେ ଆହୂତ ଖବରଦାତା ସମ୍ମିଳନୀରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ସୂଚନା ଦେଇ କହିଥିଲେ ଯେ, ଜିଲା ଓକିଲ ସଂଘ ଏବଂ ସିଭିଲ ବାର ଆସୋସିଏସନର କର୍ମକର୍ତ୍ତାଙ୍କୁ ନେଇ ଏକ ଟିମ୍ ଗତ ୫ତାରିଖ ଏଠାରୁ ବାହାରିଥିଲେ। ଦିଲ୍ଲୀରେ ପହଞ୍ଚିବା ପରେ ସେଠାରେ ପ୍ରଥମେ ରେଳବାଇ ମନ୍ତ୍ରୀ ପିୟୁସ ଗୋୟଲଙ୍କୁ ତାଙ୍କ ନିବାସ କାର୍ଯ୍ୟାଳୟରେ ଭେଟିଥିଲେ। ଏଠାରେ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନର ରହଣୀ ସକାଶେ ବିଭିନ୍ନ ସମୟରେ ଦାବି କରାଯାଇଆସିଛି। ଜିଲା ମୁଖ୍ୟାଳୟ ହେତୁ ଏହି ଦାବି ପୂରଣ କରିବା ନିହାତି ଦରକାର ବୋଲି କର୍ମକର୍ତ୍ତାମାନେ ଉପସ୍ଥାପନ କରିଥିଲେ। ଏଥିରେ ଏହା ଉପରେ ମାସକ ମଧ୍ୟରେ ସେ ବିଚାର କରି କାର୍ଯ୍ୟାନୁଷ୍ଠାନ କରିବେ ବୋଲି କହିଥିଲେ। ଏହା ପରେ ପାର୍ଲାମେଣ୍ଟକୁ ୧୧ଜଣିଆ ପ୍ରତିନିଧି ଦଳ ଯାଇ ପ୍ରଥମେ ମାନବ ସଂଶାଧନ ମନ୍ତ୍ରୀ ପ୍ରକାଶ ଜାଭେଡକରଙ୍କୁ ଦେଖା କରିଥିଲେ। ତାଙ୍କୁ ନୂଆପଡାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟକୁ ହାର୍ଡ ଷ୍ଟେସନର ମାନ୍ୟତା ଦେବାକୁ ଦାବି ରଖିଥିଲେ। ତେବେ ମନ୍ତ୍ରୀ ଜାଭେଡକର ଖୁବଶୀଘ୍ର କାର୍ଯ୍ୟକାରୀ କରିବାକୁ ବିଭାଗୀୟ ସଚିବଙ୍କୁ ତୁରନ୍ତ ନିର୍ଦ୍ଦେଶ କରିଥିଲେ। ଏହିଭଳି ପର୍ଯ୍ୟାବରଣ ମନ୍ତ୍ରୀ ଡ.ହର୍ଷବର୍ଦ୍ଧନଙ୍କୁ ଦେଖାକରି ପତୋରା ଡ୍ୟାମର ଜଳ ଧାରଣାକ୍ଷମତା ବୃଦ୍ଧି ଉପରେ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ଏଥିରେ କୌଣସି ଅଙ୍କୁଶ ନାହିଁ। ମାସକ ମଧ୍ୟରେ ଏହା କରାଯିବ ବୋଲି ମନ୍ତ୍ରୀ କହିବା ସହ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ କରିଥିଲେ। ଏହିଭଳି ଜାତୀୟ ରାଜପଥ ସମସ୍ୟା ସହ ଅନ୍ୟାନ୍ୟ ସମସ୍ୟା ଉପରେ ନିତିନଗଡକରି, ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ବିଚାର ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ନୂଆପଡା ବିଧାୟକ ତଥା ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡା, ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରୀୟ ମନ୍ତ୍ରୀଙ୍କ ସହ ଆଲୋଚନାବେଳେ ସକ୍ରିୟ ସହଯୋଗ କରିଥିବାରୁ ସଂଘ ତରଫରୁ ଅଶେଷ ଧନ୍ୟବାଦ ଜ୍ଞାପନ କରାଯାଇଛି। ନିହାତିଭାବେ ଏହି ଦାବିଗୁଡିକ ପୂରଣ ହେଲେ ଜିଲାବାସୀଙ୍କ ସ୍ୱାର୍ଥ ସାଧନ ହେବ। ତେବେ ଗସ୍ତସାରି ନୂଆପଡାକୁ ଟିମ ଫେରିଆସିଛି ବୋଲି ସୂଚନା ଦିଆଯାଇଛି। ଏହି ଟିମରେ ଅନ୍ୟମାନଙ୍କ ମଧ୍ୟରେ ଧର୍ମବୀର ଯୋଷୀ, ଯଦୁମଣୀ ପାଣିଗ୍ରାହୀ, ବିଶ୍ୱମଣୀ ପାଣିଗ୍ରାହୀ, ଭରତ ରାଉତ, ସଞ୍ଜୁ ପୁରୋହିତ, ସରୋଜ କୁମାର ସାହୁ, ଅଶ୍ୱିନୀ ବାଗ, ପ୍ରକାଶ ସ୍ୱାଇଁ, କୁମୁଦ ହୋତା ପ୍ରମୁଖ ସାମିଲ ଥିଲେ।

## ମୋ ସ୍କୁଲ ଅଭିଯାନ ତରଫରୁ ନାଚ, ଗୀତ କାର୍ଯ୍ୟକ୍ରମ



ମୋ ସ୍କୁଲ ଅଭିଯାନରେ ମଞ୍ଚାସୀନ ଅତିଥି।

**ସିନାପାଲି, ୧୧।୨ (ଡି.ଏନ.ଏ)**

ଗୋଟିଏ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକମାନଙ୍କ ମଧ୍ୟରେ ପାଠ୍ୟଦାନର ଆଦାନ ପ୍ରଦାନର ଭାବ ବିନିମୟ ସୃଷ୍ଟି ହେଲେ ଶିକ୍ଷାର ବିକାଶ ଘଟିଥାଏ। ଏହିଭଳି ଏକ ମଞ୍ଚ ଯେଉଁଠାରେ ଆଜି ପୁରୁଣା ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ, ଶିକ୍ଷାପ୍ରେମୀ ଓ ବୁଦ୍ଧିଜୀବୀ ସମସ୍ତଙ୍କୁ ମିଳିମିଶି ଦେଖିବାକୁ ମିଳୁଥିବାରୁ ଆଜି ଗୋଡାଲ ଉଚ୍ଚ ଇଂରାଜୀ ବିଦ୍ୟାଳୟଠାରୁ ଅନ୍ୟ ବିଦ୍ୟାଳୟଗୁଡିକୁ ମଧ୍ୟ ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ ଗୋଡାଲ ଉଚ୍ଚ ଇଂରାଜୀ ବିଦ୍ୟାଳୟଠାରେ ମୋ ସ୍କୁଲ ଅଭିଯାନ ତରଫରୁ ତଥା ସରସ୍ୱତୀ ପୂଜା ଉପଲକ୍ଷେ ଆୟୋଜିତ ସାଂସ୍କୃତିକ ମିଳନ କାର୍ଯ୍ୟକ୍ରମରେ ମତ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସିନାପାଲି ବ୍ଲକ ଶିକ୍ଷା ଅଧିକାରୀ ଜଗଦିଶ ଖମାରୀ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲାପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ଗୋଡାଲ ସରପଞ୍ଚ ରାସେଶ୍ୱର ପାଣିଗ୍ରାହୀ, ଶିକ୍ଷାବିତ ରମେଶ ଦୁବେ, କୁସୁମଯୋର ସରପଞ୍ଚ ଉଦିତ ପ୍ରତୀକ ଜ୍ୟୋତି, ଶିକ୍ଷାବିତ ତ୍ରିନାଥ ନିଆଲ, ପୁରୁଣାଛାତ୍ର ସିବାଶିଶ ପାଣିଗ୍ରାହୀ ଯୋଗଦାନ କରିଥିଲେ । ମୁଖ୍ୟବକ୍ତା ଭାବରେ ଗୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଯୋଶୀ ଯୋଗଦାନ କରି ଗୋଡାଲ ହାଇସ୍କୁଲ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ଅଢ଼େଇ ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ କରି ବିଦ୍ୟାଳୟର ନାମକୁ ନୂଆପଡା ଜିଲାରେ ଏକ ଆଦର୍ଶ ବିଦ୍ୟାଳୟ ରୂପେ ଗଢ଼ି ତୋଳିବାରେ ଅଞ୍ଚଳବାସୀଙ୍କ ଉଦ୍ୟମକୁ ଭୂୟଂସୀ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ନାଚ ଗୀତ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ଯାହାକୁ ମଧ୍ୟ ରାତ୍ର ପର୍ଯ୍ୟନ୍ତ ଜନସାଧାରଣ ବେଶ ଉପଭୋଗ କରିଥିଲେ । ବିଦ୍ୟାଳୟର ଶିକ୍ଷକ ରମେଶ ଚନ୍ଦ୍ର ପଟେଲ, ଅନ୍ୟତମ ଶିକ୍ଷକ ଅଖିଳ ଚନ୍ଦ୍ର ପଟେଲ, ପ୍ରସନ୍ନ ଯୋଶୀ, ରୂପସିଂ ନାଏକ ପ୍ରମୁଖ ବେଶ ସହଯୋଗ କରିଥିଲେ।

### ଗୋପବନ୍ଧୁ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ

## ପରିବାର ଆଦର୍ଶ ଶିକ୍ଷାର ପ୍ରାଣକେନ୍ଦ୍ର

**ନୂଆପଡା ଅଫିସ/ଖରିଆର ରୋଡ,୧୧।୨**

ଏହି ଜିଲା ଖରିଆରରୋଡସ୍ଥିତ ଗୋପବନ୍ଧୁ ବିଦ୍ୟାପୀଠର ୫୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀନବନ୍ଧୁ ଦାସ ସଭାପତିତ୍ୱ କରିଥିଲେ। ଖରିଆରରୋଡ ସହରର ବରିଷ୍ଠ ନାଗରିକ ରାଓଜୀ ଭାଇ ରାଠୋଡ ମୁଖ୍ୟ ଅତିଥି, ଡ. ସୁଦର୍ଶନ ଦେବ ଆର୍ଯ୍ୟ ମୁଖ୍ୟବକ୍ତା, ମହେନ୍ଦ୍ର ସିଂ ତଲୁଜା, ସତ୍ୟନାରାୟଣ ଅଗ୍ରୱାଲ, ଡ. ଶିବ ପ୍ରସାଦ ବେହେରା, ଚନ୍ଦ୍ରଶେଖର ନାଏକ, ପ୍ରଭାକର ସ୍ୱାଇଁ, ରମେଶ ରାଠୋଡ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଲୀଳାଧର ସତନାମୀ ବିବରଣୀ ପଠନ କରିଥିଲେ। ସୁଶାନ୍ତ କୁମାର ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ବିଦ୍ୟାଳୟର ଶିକ୍ଷା ଏବଂ ପରିବାରର ଆଦର୍ଶ ଉପରେ ବିଶେଷ କରି ଗୁରୁତ୍ୱ ଦେଇଥିଲେ। ଆମେ କେବଳ ପାଠ୍ୟକ୍ରମ ଉପରେ ବିଶେଷ ଗୁରୁତ୍ୱ ଦେଲେ ହେବନାହିଁ । ପିଲାଙ୍କୁ ଆଦର୍ଶ, ନୀତି ଶିକ୍ଷାଦେବାକୁ ଭୁଲିବା ନାହିଁ। ଏହା ପରିବାରରୁ ଆରମ୍ଭ ହୋଇଥାଏ। ପରିବାର ଏହାର ପ୍ରାଣକେନ୍ଦ୍ର। ତେଣୁ କରି ଅଭିଭାବକମାନେ ଅଧିକ ଯତ୍ନବାନ ହେବା ଜରୁରୀବୋଲି କହିଥିଲେ। ସ୍ୱାସ୍ଥ୍ୟ ଶିକ୍ଷା ଉପରେ ମଧ୍ୟ ଆମକୁ ସମୟ ଦେବାକୁ ପଡିବ। ସ୍ୱାସ୍ଥ୍ୟ ଠିକ ଥିଲେ ମନ ଭଲ ରହିବ। ମନ ଭଲ ରହିଲେ ପିଲାଙ୍କ ପାଠପଢା ଉପରେ ଧ୍ୟାନ ରହିବ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରି ଉତ୍ସାହିତ କରିଥିଲେ। ଶେଷ ପର୍ଯ୍ୟାୟରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ସମସ୍ତଙ୍କ ମନ ମୋହିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ପଣ୍ଡା, ସାଗର ମଜୁମଦାର, ଗୌରଚନ୍ଦ୍ର ଗଡତିଆ, ଧବଳେଶ୍ୱର ସାହୁ, ସରସ୍ୱତୀ ମହନ୍ତ, ସୁଲକ୍ଷଣୀ ସାହୁ, ଅପର୍ଣ୍ଣା ପଣ୍ଡା, ଗୀତାଞ୍ଜଳୀ ମିଶ୍ର, ଜ୍ୟୋସ୍ନାମୟୀ ନାୟକ, ବିଭୂନନ୍ଦନ ଦାସ, ସୌମ୍ୟ ଗହୀର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହଶିକ୍ଷକ ପୁରନ୍ଦର ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ।



ବାର୍ଷିକ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଛାତ୍ରୀଛାତ୍ର।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

### ନୂଆପଡାରେ ନିଯୁକ୍ତି ମେଳା

## ଚାକିରି ପାଇଲେ ୩୦୦ ଯୁବତୀଯୁବକ

**ନୂଆପଡା ଅଫିସ,୧୧।୨**

ସ୍ଥାନୀୟ ମିନିଷ୍ଟାଡିୟମରେ ଜିଲା ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଦିନିକିଆ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୫ ବ୍ଲକରୁ ବିଭିନ୍ନ ଟ୍ରେଡରେ ମୋଟ ୫୯୪ଜଣ ବେକାର ଯୁବତୀ ଯୁବକ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୋମବାର ପୂର୍ବାହ୍ନ ୧୧ଟାବେଳେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ଡା. ପୋମା ଟୁଡୁ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ, ଜିଲା କର୍ମ ନିୟୋଜନ ଅଧିକାରୀ ଶଙ୍କର ମୋହନ ସତପଥୀ, ଓରମାସ ନିର୍ବାହୀ ଅଧିକାରୀ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାପାଳ ନୂଆପଡା ଭଳି ଜିଲାରୁ ପିଲାଙ୍କୁ ନିଯୁକ୍ତିର ସୁଯୋଗ ଦେବାକୁ ଆମେ ବହୁ ଉଦ୍ୟମ କରିଛୁ । ଏହାର ସୁଯୋଗ ନେବାକୁ ଆହ୍ୱାନ କରିଥିଲେ। ଦିନତମାମ ହୋଇଥିବା ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଉଦ୍ୟୋଗୀମାନେ ଆସି ଯୋଗ ଦେଇଥିଲେ। ଏଥିରେ ମୋଟ ୩୦୦ଜଣ ଯୁବତୀଯୁବକ ବିଭିନ୍ନ ଟ୍ରେଡରେ ଚାକିରୀ କରିବାକୁ ସୁଯୋଗ ପାଇଥିଲେ। ବାକି ୨୯୪ଜଣ ବିଭିନ୍ନ ତାଲିମ ସକାଶେ ବଛାଯାଇଛି। କାର୍ଯ୍ୟକ୍ରମରେ ବିବୁଦତ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ରାଜୁ ବହିଦାର ପ୍ରମୁଖ ସହଯୋଗ କରିଥିଲେ।



ଜିଲାସ୍ତରୀୟ ନିଯୁକ୍ତି ମେଳାରେ ଯୋଗଦେଇଥିବା ଅତିଥିଗଣ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.– ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 50% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

FINANCE
ବ୍ୟବସାୟୀମାନେ ନିଜ ବ୍ୟବସାୟର ଫଟୋ (ଦୋକାନ, ମେସିନ, ଗାଡ଼ି) ଓ ପ୍ରମାଣପତ୍ର ଦେଇ ୨୦ଲକ୍ଷ ଏବଂ ବେରୋଜଗାରୀ ନୂତନ ବ୍ୟବସାୟ କରିବାପାଇଁ ଆନୁମାନିକ ମୂଲ୍ୟର ବିବରଣୀ ଦେଇ ୧୫ଲକ୍ଷ ପର୍ଯ୍ୟନ୍ତ ବାର୍ଷିକ ୪% ସୁଧରେ ଋଣ ନେଇ ପାରିବେ।
Contact
8658340105


LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ।
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର୍
7827094474
7827246964
Add : - 41/14, Sec-1 Pushp Vihar, Delhi

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଯିଏ ସାଧୁସନ୍ଥଙ୍କୁ ଅବମାନନା କରେ, ତା'ର ସମସ୍ତ ପୁଣ୍ୟ, ଧର୍ମ, ଧନସମ୍ପତ୍ତି, ଯଶ, ଆୟୁ, ଆଶିଷ ଓ ସମସ୍ତ ହିତକର ବିଷୟ ନଷ୍ଟ ହୋଇଯାଏ।
- ବ୍ୟାସଦେବ



## ସଂକ୍ଷେପରେ

### ପିଡିଏସ୍ ଧରି ଫେରୁଥିବା ସମୟରେ ବୃଦ୍ଧଙ୍କ ଆକସ୍ମିକ ମୃତ୍ୟୁ

ଜୁନାଗଡ,୧୧।୨(ଡି.ଏନ୍.ଏ): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାଲୋପଲା ପଞ୍ଚାୟତ ଦେଉଣ୍ଡି ଗ୍ରାମର ଜନୈକ ବୃଦ୍ଧ ସୋମବାର ସ୍ଥାନୀୟ ପଞ୍ଚାୟତରୁ ପିଡିଏସ୍ ଚାଉଳ ଧରି ଘରକୁ ଫେରୁଥିବା ସମୟରେ ବାଟରେ ଆକସ୍ମିକ ମୃତ୍ୟୁ ହୋଇଛି। ତାଙ୍କ ନାମ ମଙ୍ଗଲୁ ବେମାଲ(୫୧)। ସୂଚନା ଅନୁଯାୟୀ, ସୋମବାର ମଙ୍ଗଲୁ କାଲୋପଲା ପଞ୍ଚାୟତ କାର୍ଯ୍ୟାଳୟକୁ ନିଜ ପରିବାରର ପିଡିଏସ୍ ଚାଉଳ ନେବା ପାଇଁ ଆସିଥିଲେ। ପରେ ସେ ପିଡିଏସ୍ ଚାଉଳ ଧରି ଘରକୁ ଫେରୁଥିବା ସମୟରେ ବାଟରେ କାଲୋପଲା ବସଷ୍ଟାଣ୍ଡ ନିକଟରେ ହଠାତ୍ ତାଙ୍କ ଦେହ ଖରାପ ହୋଇଯାଇଥିଲା। ଫଳରେ ସେ ଗୁରୁତର ହୋଇ ପଡିଯାଇଥିଲେ। ପରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଆମ୍ବୁଲାନ୍ସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ମୃତ ଘୋଷିତ କରିଥିଲେ। ଏପଟେ ମଙ୍ଗଲୁଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ ପୁଅ ଦୁଃଖରେ ଭାଙ୍ଗିପଡିଛନ୍ତି।

### ବାର୍ କାଉନସିଲ ଅଫ୍ ଇଣ୍ଡିଆର ବନ୍ଦ ଡାକରା
## ସାମିଲ ହେଲେ ଭବାନୀପାଟଣା ଓକିଲ ସଂଘ

ଭବାନୀପାଟଣା, ୧୧।୨ (ଡି.ଏନ.ଏ.)

ଭାରତୀୟ ଆଇନଜୀବୀ ପରିଷଦର ନିଷ୍ପତ୍ତି ଏବଂ ରାଜ୍ୟ ଆଇନଜୀବୀ ପରିଷଦ (ରାଜ୍ୟ ବାର କାଉନସିଲ)ର ଆହ୍ୱାନକୁ ସମର୍ଥନ କରି ୧୧ ଓ ୧୨ ଦୁଇଦିନ ଧରି ଭବାନୀପାଟଣା ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଆଇନଜୀବୀମାନଙ୍କ ବିଭିନ୍ନ ଦାବି ପୂରଣ ଲାଗି ଭାରତୀୟ ଆଇନଜୀବୀ ପରିଷଦ ପକ୍ଷରୁ ଦୀର୍ଘ ଦିନଧରି ଦାବିହୋଇ ଆସୁଥିଲେ ମଧ୍ୟ ସରକାର ଏ ଦିଗରେ ଅଣଦେଖା କରିଆସୁଛନ୍ତି। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ସଂକ୍ରାନ୍ତରେ ରୂପରେଖ ପ୍ରସ୍ତୁତ କରିବା ଲାଗି ଓକିଲ ସଂଘର ସଭାପତି ସନ୍ତୋଷ କୁମାର ପଣ୍ଡା ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଭବାନୀପାଟଣା ଓକିଲ ସଂଘର ସମ୍ପାଦକ ଅଶୋକ କୁମାର ପଟ୍ଟନାୟକଙ୍କ ସମେତ ବହୁ ଆଇନଜିବି ଉପସ୍ଥିତ ଥିଲେ। ୧୧ ତାରିଖ ସେମାନଙ୍କ ବିଭିନ୍ନ ଦାବିନେଇ କୋର୍ଟ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ପୁଣି କୋର୍ଟ ପରିସରକୁ ଆସିଥିଲେ। ସେମାନଙ୍କ ଦାବିଗୁଡିକ ମଧ୍ୟରେ ପ୍ରତ୍ୟେକ ବାର ଆସୋସିଏସନ ପାଇଁ ଅତ୍ୟାବଶ୍ୟକ ଗୃହ, ସରଞ୍ଜାମ, ଲାଇବ୍ରେରୀ, ଇଣ୍ଟରନେଟ, ଶୌଚାଳୟ ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ଓକିଲମାନଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାର ବାର୍ଷିକ ବଜେଟରେ ୫ ହଜାର କୋଟି ଟଙ୍କା ବ୍ୟୟବରାଦ କରିବା ସହ ଆଇନଜୀବୀ ତଥା ତାଙ୍କ ପରିବାରବର୍ଗଙ୍କ ପାଇଁ ବୀମା ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ନୂତନ ଭାବେ ଓକିଲାତି ଆରମ୍ଭ କରିଥିବା ଆଇନଜୀବୀମାନଙ୍କ ପାଇଁ ସର୍ବନିମ୍ନ ୫ ବର୍ଷ ପାଇଁ ମାସିକ ୧୦ ହଜାର ଟଙ୍କା ଓ କୌଣସି ଓକିଲଙ୍କ ଅକାଳ ମୃତ୍ୟୁ କିମ୍ବା ଅକର୍ମଣ୍ୟ ହେଲେ ତାଙ୍କ ଉପରେ ନିର୍ଭର କରୁଥିବା ପରିବାର ଲୋକଙ୍କୁ ଆର୍ଥିକ ସହାୟତା ଦେବାକୁ ଦାବି କରି କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି ବୋଲି ଭବାନୀପାଟଣା ଓକିଲ ସଂଘର ସଭାପତି ପଣ୍ଡା ପ୍ରକାଶ କରିଛନ୍ତି।

# ଅନ୍ଧାରରେ ବୋର୍ଡିପଡାବାସୀ

ଜୁନାଗଡ, ୧୧।୨(ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାଲୋପଲା ଗ୍ରାମ ବୋର୍ଡିପଡାରେ ବିପିଏଲ ପରିବାରକୁ ବିଦ୍ୟୁତ୍ ଯୋଗାଣ ପ୍ରହସନ ପାଲଟିଛି। ଗତ ବର୍ଷକ ତଳେ ଏଠାକାର ବିପିଏଲ ପରିବାରଙ୍କୁ ବିଦ୍ୟୁତ ଯୋଗାଇ ଦିଆଯିବ ବୋଲି ଲୋକଙ୍କ ଘରେ ମିଟର, ବୋର୍ଡ ଓ ବାହାରେ ଖମ୍ବ ପୋତାଯାଇଥିଲା। ହେଲେ ଟ୍ରାନ୍ସଫର୍ମର ଓ ତାର ଲଗାଯାଇ ନ ଥିବାରୁ ବିଦ୍ୟୁତ ସଂଯୋଗ ହୋଇପାରି ନ ଥିଲା। ଇତିମଧ୍ୟରେ ବର୍ଷେ ପୂରିଯାଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ପଡାବାସୀ ଅନ୍ଧାରରେ ରହିଛନ୍ତି। ସେମାନଙ୍କ ମଧ୍ୟରେ ଏବେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ପ୍ରକାଶ ଯେ, ବୋର୍ଡିପଡା ବସିବାର ଦୀର୍ଘବର୍ଷ ପରେ ବି ବିଦ୍ୟୁତ ସଂଯୋଗ ହୋଇ ନ ଥିଲା। ଯାହାକୁ ନେଇ ପଡାବାସୀ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ। ତେବେ ଗତ ବର୍ଷକ ତଳେ କେନ୍ଦ୍ର ସରକାରଙ୍କ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ ବିଦ୍ୟୁତ କରଣ ଯୋଜନାରେ ବୋର୍ଡିପଡାରେ ବିଦ୍ୟୁତ ସଂଯୋଗ କରାଯିବା ପାଇଁ ଟେଣ୍ଡର ହୋଇଥିଲା। ଏହାକୁ କରିବା ପାଇଁ ଲେଜର କେବୁଲ କମ୍ପାନୀ ଦାୟିତ୍ୱ ପାଇଥିଲା। ଯଥାସମୟରେ କମ୍ପାନୀ କର୍ତ୍ତୃପକ୍ଷ ପଡାରେ ଖମ୍ବ ପୋତିବା ସହ ବିପିଏଲ ପରିବାରଙ୍କ ଘରେ ମିଟର ଓ ବୋର୍ଡ ଲଗାଇଥିଲେ। ତେବେ ତାର ଓ ଟ୍ରାନ୍ସଫର୍ମର କମ୍ପାନୀ କର୍ତ୍ତୃପକ୍ଷ ନ ଲଗାଇ ସେଠାରୁ ଚମ୍ପଟ ମାରିଥିଲେ। ଫଳରେ ବିଦ୍ୟୁତ୍ ସଂଯୋଗ ଅଧାପନ୍ତରିଆ ଅବସ୍ଥାରେ ରହିଥିଲା। ବିଦ୍ୟୁତ ସଂଯୋଗ ହୋଇ ନ ଥିବାରୁ ପଡାବାସୀ ଏବେ ଅନ୍ଧାରରେ ଅତିକଷ୍ଟରେ ଜୀବନ ବିତାଉଛନ୍ତି। ବିଶେଷକରି ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହୋଇଛି। ଏହି ପଡାରେ ବିପିଏଲ ଶ୍ରେଣୀର ଲୋକେ ବସବାସ କରୁଛନ୍ତି। ଗତ କିଛିଦିନ ତଳେ ଏ ନେଇ ପଡାବାସୀ ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ଉକ୍ତ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ବିଧାୟକ ମିଶ୍ର ଖୁବଶିଘ୍ର ପଡାରେ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ମଧ୍ୟ ପଡାରେ ବିଦ୍ୟୁତ ସଂଯୋଗ ହୋଇ ନ ଥିବାରୁ ପଡାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସ୍ଥାନୀୟ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ବାରିକଙ୍କୁ ପଚାରିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ କଥାହୋଇ ଶୀଘ୍ର ଉକ୍ତ ପଡାରେ ବିଦ୍ୟୁତ ସଂଯୋଗ କରିବା ପାଇଁ କହିବି ବୋଲି କହିଥିଲେ।



ଅନ୍ଧାରରେ ଥିବା ବାର୍ଡିପଡାବାସୀ।

**ବିପିଏଲ ପରିବାରକୁ ବିଦ୍ୟୁତ୍ ଯୋଗାଣ ପ୍ରହସନ**
- ବର୍ଷେ ବିତିଲା ହୋଇପାରିଲାନି ବିଦ୍ୟୁତ ସଂଯୋଗ
- ମିଟର ଲାଗିଛି, ଖମ୍ବ ପୋତାଯାଇଛି
- ଟ୍ରାନ୍ସଫର୍ମର ଓ ତାର ଲଗାଯାଇନାହିଁ

## କୃଷି ସୂଚନା, ପରାମର୍ଶ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଅତିଥି ଗଣ।

ଜୁନାଗଡ଼,୧୧।୨(ଡି.ଏନ୍.ଏ)

ଜୁନାଗଡ ସହରସ୍ଥିତ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଯାଇଛି। ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କେନ୍ଦ୍ର ଦ୍ୱାରା ଅନେକ ଚାଷୀ ଉପକୃତ ହେବା ସହ ଚାଷସମ୍ପର୍କିତ ସମସ୍ତ ଖବର ଟିକନିକ ଭାବେ ଜାଣିପାରିବେ ବୋଲି ବିଧାୟକ ମିଶ୍ର କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଉପକୃଷି ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ମଲ୍ଲିକ, ଜିଲା କୃଷି ନିର୍ବାହୀ ଯନ୍ତ୍ରୀ ଆଲୋକ କୁମାର ଦାଶ, ଜିଲା କୃଷି ଅଧିକାରୀ ରାମକୃଷ୍ଣ ନାୟକ,ଆତ୍ମାର ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ଜୁନାଗଡ ସହକାରୀ ଉଦ୍ୟାନ ଅଧିକାରୀ ତନ୍ମୟ କୁମାର ମିଶ୍ର, ଜୁନାଗଡ ସହକାରୀ କୃଷି ଅଧିକାରୀ ନୌକେଶ୍ୱର ନାଗ, ବିଡିଓ ପ୍ରଶନ୍ନ କୁମାର ଦାଶ, ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ମହେଶ ସାହୁ ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ଆତ୍ମାର ଆବାହକ ତଥା ସହକାରୀ କୃଷି ଅଧିକାରୀ ଗଜାନନ ସାହୁ ପରିଚାଳନା କରିଥିଲେ। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୩୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କେନ୍ଦ୍ରର କୋଠା ନିର୍ମାଣ ହେବ।

## ତିତ୍‌କେଲା ମହୋତ୍ସବ ନିଶାନ ଉଦ୍‌ଘାଟିତ

ପଲମ, ୧୧।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧିନ ରୁପ୍ରା ପଞ୍ଚାୟତସ୍ଥିତ ତିତକେଲା ଗ୍ରାମରେ ୨୦୧୯ ତିତକେଲା ମହୋତ୍ସବ ନିଶାନ ରବିବାର ଉଦ୍‌ଘାଟିତ ହୋଇଛି। ମା' ବିଣାପାଣୀ କ୍ଲବ ଦ୍ୱାରା ଏହା ଆୟୋଜିତ ହୋଇଛି। ଆଜିକୁ ୨ବର୍ଷ ହେଲା ଏହି ଉତ୍ସବ ପାଳିତ ହୋଇଆସୁଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷା ମନୋରମା ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଯୁବ ସମାଜସେବୀ ଚିତ୍ତରଞ୍ଜନ ମଣ୍ଡଳ ଭବାନୀପାଟଣା ଯୋଗ ଦେଇଥିଲେ। ତତ୍‌ସଙ୍ଗେ ସନ୍ଧ୍ୟା ଅଧିବେଶନରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଲୋକନୃତ୍ୟ ଓ ଲୋକଗୀତ ପରିବେଷଣ କରାଯାଇଥିଲା। ଉତ୍ତମ ଲୋକନୃତ୍ୟ ଓ ଲୋକଗୀତ ପରିବେଷଣ କରିଥିବା ଦଳକୁ ସାମ୍ବାଦିକ ଅଜୟ ସେନାପତିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ରାତ୍ର ମନୋରନ କାର୍ଯ୍ୟକ୍ରମରେ ଶ୍ରୀରାମଜୀ ମଞ୍ଚଠାରେ ଅନୁଷ୍ଠାନର କଳାକାରଙ୍କୁ ନେଇ ଉଷାବତୀ ହରଣ ନାଟକ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ମୋହନ ଶଙ୍କର ପଧାନ ଶ୍ରୀପୁର କରିଥିବା ବେଳେ ବିଜୟବିଶ୍ୱାଳ,ହୃଷିକେଶ ଗଡତିଆ ପ୍ରତ୍ୟେକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ୫ଦିନ ଧରି ଚାଲୁ ରହିବ।

## ଆନ୍ତଃ ଜିଲା ଫୁଟବଲ : ବାନେର ଚାମ୍ପିୟନ

ଧର୍ମଗଡ,୧୧।୨(ଡି.ଏନ.ଏ)

ଧର୍ମଗଡ ବ୍ଲକ ଝାରକୁଣ୍ଡାମାଳଠାରେ ଚାଲିଥିବା ମା' ଲଙ୍କେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟର ସୋମବାର ହୋଇଥିବା ଫାଇନାଲ ଖେଳରେ ବାନେର ଫୁଟବଲ ଦଳ ୧/୦ ଗୋଲରେ ବିଜୟ ଲାଭ କରି ଚାମ୍ପିୟନ ହୋଇଛି। ବଗାଡ ଦଳ ରନର୍ସଅପ୍ ହୋଇ ଟ୍ରଫି ସହ ପୁରସ୍କାର ରାଶି ଗ୍ରହଣ କରିଛି। ଫାଇନାଲରେ ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀୟ ଅତିଥି ଭାବରେ ଗ୍ରାମ୍ୟ କମିଟି ସଭାପତି ଚିତ୍ତରଞ୍ଜନ ପଣ୍ଡା, ବିରଞ୍ଚି ନାରାୟଣ ପଣ୍ଡା, ଧର୍ମଗଡ ବ୍ଲକ ସରପଞ୍ଚ ସଂଘର ସଭାପତି ଡି.କିଶୋର, ନନ୍ଦଗାଁ ସରପଞ୍ଚ ବିରଞ୍ଚି ବଣିଆ ତରାପୁର ଗ୍ରାପ ସମିତି ସଭ୍ୟ ପୁରୁଷୋତମ ସିଂ, ବଡଫୁର୍ଲା ସରପଞ୍ଚ ପୁଷ୍ପଧ୍ୱଜ ପାଲ, ବୋଡେନ ସରପଞ୍ଚ ଦ୍ୱାରିକା ନାଏକ ସମାଜସେବୀ ସୁରତ ପଣ୍ଡା ଆନନ୍ଦ ଚନ୍ଦ୍ର ସରାପ, ସୁବ୍ରତ ପଣ୍ଡା ଯୋଗ ଦେଇଥିଲେ। ବୃତ୍ତାନ୍ତ ଖେଳକୁ ମୁଖ୍ୟ ଖେଳପରିଚାଳକ ଆଦିତ୍ୟ ପଣ୍ଡା ପରିଚାଳନା କରିଥିଲେ। ଲାବଣ୍ୟ ପଟେଲ ଓ ରାମ ଗୋପାଲ ପଣ୍ଡା ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ।

## ନାବାଳିକା ବଳାତ୍କାର ଉଦ୍ୟମ ଅଭିଯୋଗ: ଯୁବକ ଗିରଫ

କୋକସରା,୧୧।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡ଼ହଗାଁ ପଞ୍ଚାୟତ ସର୍ଗିଗୁଡ଼ା ଅଞ୍ଚଳରେ ଜନୈକା ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ସେହିଗ୍ରାମର ଜଣେ ବିବାହିତ ଯୁବକ ଲୋକେଶ୍ୱର ନାଗ ନାବାଳକା ଘରେ ଏକୁଟିଆ ଥିବା ଦେଖି ବଳାତ୍କାର ଉଦ୍ୟମ କରୁଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକ ଆସିବାରୁ ଯୁବକ ଜଣକ ଚମ୍ପଟ ମାରିଥିଲେ। ଏନେଇ ନାବାଳିକା ଶୁକ୍ରବାର ଥାନାରେ ଯୁବକଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ସମ୍ପୃକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଆମ୍ବୁଲାନସ୍ ସେବା ଲୋକାର୍ପିତ

କୋକସରା,୧୧।୨ (ଡି.ଏନ.ଏ.)

କୋକସରା ବ୍ଲକ୍ ଲଡୁଗାଁ ଠାରେ ଥିବା ମାମୋଦେବି ଧର୍ମାର୍ଥ କଲ୍ୟାଣ ପ୍ରାଥମିକ ଚିକିତ୍ସାଳୟ ଟ୍ରଷ୍ଟ ଦ୍ୱାରା ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି। ଲଡୁଗାଁ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳରେ ସ୍ୱାସ୍ଥସେବା ପାଇଁ ଅପହଞ୍ଚ ହୋଇପଡୁଥିବା ରୋଗୀମାନଙ୍କୁ ଦୃଷ୍ଟିରେ ରଖି ଏକ ନୂତନ ଆମ୍ବୁଲାନସ୍ ସହ ୨ଟି ଇଜିସି ମେଶିନକୁ ଲୋକାର୍ପିତ କରାଯାଇଛି। ମାମୋଦେବୀ ଧର୍ମଶାଳା ସମ୍ମିଳନୀ କକ୍ଷରେ ଟ୍ରଷ୍ଟର ଅଧ୍ୟକ୍ଷ ତ୍ରିଲୋଚନ ଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଧର୍ମଗଡ଼ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ଭାବେ କଳାହାଣ୍ଡି ମୁଖ୍ୟ ଚିକିତ୍ସାଅଧିକାରୀ ଡ଼. ସରୋଜକୁମାରତିହାଡ଼ିଯୋଗଦେଇଥିଲେ। ଟ୍ରଷ୍ଟ ଦ୍ୱାରା ଦିଆଯାଇଥିବା ଆମ୍ବୁଲାନସ୍ ଓ ଇସିଜି ମେଶିନକୁ ଲୋକାର୍ପିତ କରିବା ସହ ଏହା ଦ୍ୱାରା ଗ୍ରାମାଞ୍ଚଳର ଜନସାଧାରଣ ଉପକୃତ ହୋଇପାରିବେ ବୋଲି କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ରୂପେ ଲଡୁଗାଁ ପ୍ରାଥମିକସ୍ୱାସ୍ଥକେନ୍ଦ୍ର ଡ଼. ସୁଶାନ୍ତ ଭୋସାଗର, ସରପଞ୍ଚ କହ୍ନେଇ ଚରଣ ଦାସ, ଶିକ୍ଷାବିତ୍ ବନମାଳି ମାଝୀ, ସମାଜସେବୀ ପୁରୁଷୋତ୍ତମ ଦାସ ଗୁପ୍ତା, ପ୍ରଫୁଲ୍ଲ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଖଡ଼ିଆଳ ମହୋତ୍ସବ- ୨୦୧୯ର ଏପାଖ ସେପାଖ

**ବର୍ଷା ମଧ୍ୟ ହାର ମାନିଲା:**
ଫେବୃୟାରୀ ୬ରୁ ଆରମ୍ଭ ହୋଇଥିଲା ଖଡିଆଳ ମହୋତ୍ସବ- ୨୦୧୯ । ଫଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ଭିଡ ବଢ଼ିବାରେ ଲାଗିଥିବା ବେଳେ ତୃତୀୟ ସନ୍ଧ୍ୟାରେ ସାଂସ୍କୃତିକ ସଭା ଚାଲିଥିବା ବେଳେ ଲଘୁଚାପ ଜନିତ ମେଘୁଆ ପାଗ ସହ ଅସରାଏ ବର୍ଷା ହୋଇଥିଲା। ଫଳରେ ଅତିଥିଗଣ ଓ ଦର୍ଶକ ବର୍ଷାରେ ଭିଜୁଥିବା ଦେଖିବାକୁ ମିଳିଥିଲା। ମହୋତ୍ସବ ଆଗରେ ବର୍ଷା ହାର ମାନିବା ଭଳି ହଠାତ୍ ବନ୍ଦ ହୋଇଥିବା ଦେଖିବାକୁ ମିଳିଥିଲା।

**ପ୍ରେସ୍ ଗ୍ୟାଲେରିରୁ ଚେୟାର ନେଇଗଲେ**
ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଯୋଗଦାନ କରିଥିବା ବେଳେ ସୁରକ୍ଷା ବ୍ୟବସ୍ଥା କଡାକଡି ହୋଇଥିଲା। ଗଣମାଧ୍ୟମ ପ୍ରତିନିଧି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ବସିବା ପାଇଁ ଉର୍ଦ୍ଦିଷ୍ଟ ଚେୟାରକୁ ଆୟୋଜକ କମିଟିର କିଛି ବରିଷ୍ଠ କର୍ମକର୍ତ୍ତା ନେଇ ନିଜ ସମ୍ପର୍କୀୟଙ୍କୁ ବସିବାକୁ ଦେଉଥିବା ଦେଖିବାକୁ ମିଳିଥିଲା।

**ମୁଁ କିଛି ଦେଇପାରିବି ନାହିଁ**
ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମଞ୍ଚ ପରିଚାଳନା କରୁଥିବା ସଭାପତି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମଙ୍କ ନିକଟରେ ଖଡିଆଳ ଅଞ୍ଚଳରେ ସମସ୍ୟା ଦାବି ଉପସ୍ଥାପନ କରିଥିଲେ। ତେବେ ମନ୍ତ୍ରୀ ରୋକଠୋକ୍ ଭାବେ ନିଜ ଅଭିଭାଷଣରେ ମୁଁ କିଛି ଦେଇପାରିବି ନାହିଁ। ମୋ ଠାରୁ କିଛି ଆଶା କର ନାହିଁ ବୋଲି କହିଥିଲେ।

**ଷ୍ଟାର ନାଟକ କାର୍ଯ୍ୟକ୍ରମରେ ପ୍ରେସ ଗେଲେରିରେ ମହିଳାଙ୍କ ମସ୍ତି**
ଉଦ୍‌ଯାପନୀ ଉତ୍ସବରେ ବିଶେଷ ଆକର୍ଷଣ ସ୍ୱରୂପ ଷ୍ଟାର ନାଇଟ କାର୍ଯ୍ୟକ୍ରମ ଚାଲିଥିବା ବେଳେ ପ୍ରେସ ଗେଲେରୀରେ କେତେଜଣ ମହିଳା ମସ୍ତି କରୁଥିଲେ। ଫଳରେ ଖବର ସଂଗ୍ରହ କରିବା ପାଇଁ ଫଟୋ ଓ ଭିଡିଓ ଉତ୍ତୋଳନ କରିବାରେ ବାଧା ଦେଖାଦେଇଥିଲା। ଖବରଦାତାମାନେ ଅଧାରୁ ପ୍ରେସ ଗେଲେରୀ ଛାଡି ପଳାଇଯାଇଥିବା ଦେଖିବାକୁ ମିଳିଥିଲା। ଆୟୋଜକ କମିଟିର କର୍ମକର୍ତ୍ତା ଓ ପୋଲିସ ବିଭାଗ ଦେଖାଣାହାରୀ ସାଜିଥିଲା।

**ଷ୍ଟାର ନାଇଟ କାର୍ଯ୍ୟକ୍ରମରେ ୧୪ଲକ୍ଷ ଟଙ୍କା ଖର୍ଚ୍ଚ**
ବିନା ସରକାରୀ ସହାୟତାରେ ଖଡିଆଳ ଜନସାଧାରଣଙ୍କ ଉଦ୍ୟମରେ ପାଳନ ହେଉଛି ଖଡିଆଳ ମହୋତ୍ସବ। ମହୋତ୍ସବକୁ ଆକର୍ଷଣୀୟ କରିବା ନେଇ ପ୍ରତିବର୍ଷ ବଲିଉଡ ତଥା ଓଲିଉଡ ଜଗତର କଳାକାରକୁ ନେଇ ଷ୍ଟାର ନାଇଟ କାର୍ଯ୍ୟକ୍ରମ ହେଉଥିବା ବେଳେ ଚଳିତବର୍ଷ ଷ୍ଟାର ନାଇଟ କାର୍ଯ୍ୟକ୍ରମରେ ବଲିଉଡ ସୁପ୍ରସିଦ୍ଧ ଗାୟକ ଅଭିଜିତ ଭଟ୍ଟାଚାର୍ଯ୍ୟଙ୍କୁ ୧୪ ଲକ୍ଷ ଟଙ୍କା ଖର୍ଚ୍ଚ କରି କାର୍ଯ୍ୟକ୍ରମ କରାଯାଇଥିଲା। ଯାହାକୁ ବିଭିନ୍ନ ମହଲରେ ନାପସନ୍ଦ କରିଥିବା ଦେଖିବାକୁ ମିଳିଥିଲା।


**ସମ୍ମାନ ନାଁରେ ଅସମ୍ମାନ**
ମହୋତ୍ସବ ପାଳନ କମିଟି ପକ୍ଷରୁ ବିଭିନ୍ନ ବର୍ଗରୁ ଉଲ୍ଲେଖ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନ କରାଯାଉଥିବା ବେଳେ ଚଳିତବର୍ଷ ସମ୍ମାନ ନାଁ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଉଦ୍‌ଯାପନୀ ଉତ୍ସବରେ ଦୁଇ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ମାନ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା। ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ କରିଥିବାବେଳେ ମୁଖ୍ୟମନ୍ତ୍ରୀ ଜଣଙ୍କୁ ସମ୍ମାନିତ କରି ତରବରିଆ ଭାବେ ଯିବା ପାଇଁ ମଞ୍ଚରୁ ତଳକୁ ଆସିଥିଲେ। ତେବେ କମିଟି ପକ୍ଷରୁ ଅନ୍ୟ ଜଣଙ୍କୁ ସମ୍ମାନିତ ନ କରି ତରବରିଆ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ ଯାହାକୁ ନେଇ ଲୋକେ ନାପସନ୍ଦ କରିଛନ୍ତି।

**ମହୋତ୍ସବ ପଡିଆରେ ଦୋକାନ ବଜାର ବେଶୀ:**
ଖଡିଆଳ ମହୋତ୍ସବ ପଡିଆରେ ଦୋକାନ ବଜାରକୁ ବେଶୀ ଗୁରୁତ୍ୱ ଦିଆଯାଇଥିଲା । ଫଳରେ ମହୋତ୍ସବରେ ଦିନକୁ ଦିନ ଭିଡ ଲାଗିରହିଥିବା ବେଳେ ପ୍ରବଳ ଭିଡ ଯୋଗୁଁ ଲୋକେ ପଡିଆ ମଧ୍ୟରେ ଯାଆସ କରିବା, ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ବାଧା ସୃଷ୍ଟି ହୋଇଥିଲା।

**ସୁରକ୍ଷା ବ୍ୟବସ୍ଥା କଡାକଡି:**
ମହୋତ୍ସବରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ଦେଖିବାକୁ ମିଳିଥିଲା । ଆଇଆଇସି ସଦାନନ୍ଦ ପୂଜାହାରୀ, ଏସଆଇ ଆଦିତ୍ୟ ମହାକୁଡ, ଏସଆଇ ଜିତୁ ମୋହନ ବେଶ୍ରାଙ୍କ ନେତୃତ୍ୱରେ ଥାନା ଛକଠାରୁ ମହୋତ୍ସବ ପଡିଆ ଚାରିଆଡେ ପୋଲିସ ମୁତୟନ କରି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ଏଥିରେ ଭଗତ ସିଂ ମୋର୍ଚ୍ଚାର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।

**ରେଲୱେ ଲାଇନ୍ ଓ ସବ୍‌ଡିଭିଜନ ଦାବି ମୁଖ୍ୟ ପ୍ରସଙ୍ଗ**
୫ଦିନ ଧରି ଆୟୋଜିତ ଚତୁର୍ଥ ଏବଂ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ପ୍ରସଙ୍ଗ ଥିଲା ପ୍ରସ୍ତାବିତ କଣ୍ଟାବାଞ୍ଜିଠାରେ ଖଡିଆଳ ଦେଇ ଆମପାଣି ଦେଇ ଜୟପୁର ପର୍ଯ୍ୟନ୍ତ ନୂତନ ରେଲୱେ ଲାଇନ ଓ ଖଡିଆଳକୁ ସବଡିଭିଜନର ମାନ୍ୟତା ପ୍ରସଙ୍ଗ। ଚତୁର୍ଥ ଦିନରେ ସାଂସ୍କୃତିକ ସଭାରେ ସଭାପତି ଦାବି ଉପସ୍ଥାପନ କରିଥିବା ବେଳେ ଉଦଯାପନୀ ଉତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ ଉକ୍ତ ଦାବିକୁ ଦୋହରାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରାଜନୀତି ଇଚ୍ଛାଶକ୍ତି ଯୋଗୁ କାର୍ଯ୍ୟକାରୀ ହେଉ ନ ଥିବା କହିଥିଲେ।

### ଆର୍‌ଡି, ପିଡବ୍ଲ୍ୟୁଡି ବିଭାଗରେ ଦୂରନୀତିର ଚେର
# ଫସକା କାମ୍‌କେ ବିରୋଧ କଲେ ୨ ଗାଁବାସୀ



କଦମ୍ବଗୁଡ଼ା ପଁଚେତ୍‌ର ଖ୍ୱାଭଟାରେ ଚାଲିଥିବାର ପିଡବ୍ଲୁଡି ରାସ୍ତା।



ମଧୁପୁର ଗାଁରେ ଆର୍‌ଡି ବିଭାଗ୍ ତରଫୁ ହେଉଥିବାର ଗାଡଓ୍ୱାଲ।

ଲାଞ୍ଜିଗଡ଼,୧୧।୨(ଡି.ଏନ.ଏ.):

କଳାହାଣ୍ଡି ଜିଲାର ଗ୍ରାମ୍ୟ ଉନ୍ନୟନ ବିଭାଗ ଆର ପିଡବ୍ଲ୍ୟୁଡି ନିଜର ଠିକାଦାର ପୁଷା ନୀତିର ଲାଗି ରାଏଜେ ବଦନାମ ହେଇକରି ଅଛନ୍। ଇଆଡ଼େ ଲୋକ୍ ଯେତେ ଅଭିଯୋଗ କଲେ ବି ଠିକାଦାରମାନକୁ ବିଭାଗୀୟ ଅଧିକାରୀମାନେ ସୁରକ୍ଷା ଦେଉଛନ୍। ହେଲେ ଏହେଦେ ଲୁକ୍‌କର ଅସନ୍ତୋଷର ଶିକାର ହେଉଛନ୍ ଇ ଦୁରନୀତିଖୋର ଅଧିକାରୀମାନେ। କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ମଧୁପୁର ଗାଁରେ ୨ଟା ଜାଗାରେ ରାସ୍ତା ଆର ଗାଡଓ୍ୱାଲ କାମ୍ ଚାଲିଛେ। ହେଲେ କାମ୍ ଅତି ହଲ୍‌କା ହେଉଥିବାର ଅଭିଯୋଗ କରି ଗାଁବାସୀ କାମ୍ ବନ୍ଦ୍ କରିଦେଇଛନ୍।

ଅଭିଯୋଗ ଅନ୍‌ସାରେ ଭବାନୀପାଟଣା-ରାୟଗଡ଼ା ରାଜ୍ୟ ରାଜପଥର ଡେଙ୍ଗେନ ଛକରୁ ମଧୁପୁରକେ ଯୁଡ଼ି ହେଉଥିବାର ଆର୍‌ଡି ରାସ୍ତାର ଦୁଇଫାଲେ ଭିନେ ଭିନେ ଜାଗାରେ ୩୦ରୁ ଅଧିକା ଗାଡଓ୍ୱାଲ ତିଆର କରାଯାଇଛେ। ଇ ସବୁ କାମ୍‌କେ ଝନେ ଠିକାଦର କରୁଛନ୍। ସେ ବିଭାଗୀୟ ଅଧିକାରୀମାନକୁ ନିଜର ଆଏତେ ରଖି ହଲ୍‌କା କାମ୍ କରୁଥିବାର ଅଭିଯୋଗ ହେଇଛେ। ସେନ୍‌ତା ଗୋପାଳପୁର, ମଧୁପୁର ଗାଁର ରାସ୍ତାର ଦୁଇଫାଲେ ସେ ଠିକାଦାର ଝନକ କାମ କରୁଛନ୍। ଗାଁବାସୀ ହଲ୍‌କା କାମ୍‌କେ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ବି କିଛି ଲାଭ ନାଇଁ ହେବାର। ଇଆଡ଼େ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଠିକାଦାରଙ୍କୁ ମୁଡ଼େ ବସେଇଥିବାର ଗାଁବାସୀ ଅଭିଯୋଗ କରିଛନ୍। ମଧୁପୁର ଆଶ୍ରମ ସ୍କୁଲ ଆଘେ ଇ ଠିକାଦାର ଝନ୍‌କ ଗୁଟେ ଗାଡଓ୍ୱାଲ କାମ୍ କରୁଛନ୍। ହେଲେ କାମ୍ ଅତି ହଲ୍‌କା ହେବାର ଲାଗି ଥାନୀୟ ଯୁବକ ସଂଘ, ବିଜୁ ଯୁବ ବାହିନୀ ଆର ଗାଁବାସୀ କାମ୍‌କେ ବିରୋଧ କରି ବନ୍ଦ୍ କରିଦେଇଛନ୍। ଠିକାଦରକଁର ସବୁ କାମ୍‌କେ ଯାଁଚ୍ କରାଯାଉ ଆର କଡ଼ା ପଦକ୍ଷେପ ନିଆଯାଉ ବଲି ଗାଁବାସୀ ଦାବି କରିଛନ୍। ସେନ୍‌ତା ପିଡବ୍ଲ୍ୟୁଡି ବିଭାଗ୍ ତରଫୁ କଦମ୍ବଗୁଡା-ଭୁର୍ଟିଗଡ଼ ରାସ୍ତା କାମ୍ ଚାଲିଛେ। ହେଲେ ରାସ୍ତାରେ କଂକ୍ରିଟ କାମ୍ ଅତି ଫସକା ହେଉଥିବାର କଦମ୍ବଗୁଡ଼ା ପଁଚେତ୍‌ର ଖ୍ୱାଭଟା ଗାଁବାସୀ ଅଭିଯୋଗ କରିଛନ୍। ଏନ୍‌ତା କି ପୁର୍‌ନା ରାସ୍ତାକେ ନାଇଁ କୁଡ଼ିକରି ତାର ଉପରେ କାମ୍ ହେଉଛେ, ଯେନ୍‌ତାକେ ଗାଁବାସୀ ବଡ଼େ ବିରୋଧ କରୁଛନ୍। ଏଷ୍ଟିମେଟ୍ ହିସାବେ କାମ୍ ନାଇଁ ହେଲେ ରାସ୍ତା କାମ୍‌କେ ବିରୋଧ କରାଯିବା ବଲି ଗାଁବାସୀ ଚେତାବନୀ ଦେଇଛନ୍। ଆର୍‌ଡି ଆର ପିଡବ୍ଲ୍ୟୁଡି ବିଭାଗରେ ବଛର ବଛର ହେଲା କେତେ ଅଧିକାରୀ ଗୁଟେ ଜାଗାରେ ଅଛନ୍, ଇତାକର କେଭେ ବଦଲି ନାଇଁ ହେବାର। ଯେନ୍‌ଥିରଲାଗି ଅଂଚଲରେ ଦୁରନୀତି ବଢ଼ୁତେଲ ଯାଉଛେ ବଲି ସାଧାରନ୍‌ରେ ଚରଚା ହେଉଛେ। ଇ ବାବ୍‌ଦେ ଆର୍‌ଡି ବିଭାଗର କନିଷ୍ଠ ଯନ୍ତ୍ରୀ ନାରାୟଣ ବେହେରାଙ୍କୁ ପଚରାଲାରୁ ସବୁ କାମ୍ ଠିକ୍ ହେଉଛେ। ଆମେ ଲୁକ୍‌କର ଲାଗି କାମ୍ କରୁଛୁଁ, ଲୋକ୍ ଆମକୁ ସହଯୋଗ କରବାର କଥା ବଲି ସେ କହିଥିଲେ।



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ

### ପାଟଣାଗଡ଼ରେ ଆହାର କେନ୍ଦ୍ର ଉଦ୍‌ଘାଟିତ

**ପାଟଣାଗଡ଼,୧୧।୨(ଡି.ଏନ୍.ଏ.):** ପାଟଣାଗଡ଼ ଏନ୍‌ଏସି ପକ୍ଷରୁ ପାଟଣାଗଡ଼ଠାରେ ଏକ ଆହାର କେନ୍ଦ୍ର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଉପଜିଲ୍ଲାପାଳ ଶକ୍ତ୍ୟକ୍ରିଷ୍ଣାନ କେ.ପି. ମୋମବାର ପୂର୍ବାହ୍ନ ୧୧ଟାରେ ଆହାର କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ପାଟଣାଗଡ ଏନ୍.ଏ.ସି.ର ଏକ ସଭାଗୃହରେ ଅସ୍ଥାୟୀ ଭାବେ ଏହି କେନ୍ଦ୍ରର ଶୁଭାରମ୍ଭ ହୋଇଥିବା ବେଳେ ବସ୍‌ଷ୍ଟାଣ୍ଡ ନିକଟରେ ଆହାର କେନ୍ଦ୍ର ନିର୍ମାଣାଧୀନ ଅବସ୍ଥାରେ ରହିଥିବା ଏନ୍.ଏ.ସି. ନିର୍ବାହୀ ଅଧିକାରୀ ସୁକାନ୍ତ ବେଉରା ସୂଚନା ଦେଇଛନ୍ତି। ପାଟଣାଗଡ଼ରେ ଏହି ଯୋଜନା ଆରମ୍ଭ ହୋଇଥିବା ବେଳେ ପ୍ରତ୍ୟହ ୩୦୦ ଜଣ ୫ଟଙ୍କା ଦେଇ ଏହି ଯୋଜନାରୁ ଲାଭ ନେଇ ପାରିବେ।

### ପାଟଣାଗଡ଼ ପୋଲିସର ସଡ଼କ ସୁରକ୍ଷା ସପ୍ତାହ ପାଳନ

**ପାଟଣାଗଡ଼,୧୧।୨(ଡି.ଏନ୍.ଏ.):** ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ପାଟଣାଗଡ଼ ପୋଲିସ ପକ୍ଷରୁ ସୋମବାର ଏକ ର୍‍ୟାଲି ଏବଂ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ବାରିଣୀ ଦାଶ, ଏସ୍‌ଆଇ ରବୀନ୍ଦ୍ର କୁମାର ଭୁଜବଳ, ଲିପିକା ନାଏକ, ଲାବନ ନନ୍ଦଙ୍କ ନେତୃତ୍ୱରେ ଏକ ରାଲି ଥାନା ପରିସର ମଧ୍ୟରୁ ବାହାରି ସହର ପରିକ୍ରମା କରିଥିଲା। ଏହି ଅବସରରେ ସଡ଼କ ସୁରକ୍ଷା ସଂକ୍ରାନ୍ତୀୟ ବିଭିନ୍ନ ସ୍ଲୋଗାନ ସହ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଥିଲା। ପରେ ପୋଲିସ କର୍ମଚାରୀମାନେ ଗାଡି ଚାଳକଙ୍କୁ ଅଟକାଇ ହେଲମେଟ ବ୍ୟବହାର ଏବଂ ସିଟ ବେଲ୍ଟ ପିନ୍ଧି ଗାଡି ଚାଳଇବା ନେଇ ବୁଝାଇଥିଲେ।

### ଲୁଟ ଅଭିଯୋଗରେ ୨ ଗିରଫ : ପୁଣି ଲୁଟିନେଲେ ୧୦ ହଜାର

ବଲାଙ୍ଗୀର ଅଫିସ, ୧୧।୨- ସଦର ଥାନା ଅଧୀନ ଖୁଜେନପାଲି ଗାଁରେ ଗତ ବୁଧବାର ମଧାହ୍ନ ୧୨ଟା ସମୟରେ ସାଇକେଲ ଯୋଗେ ଫେରୁଥିବା ୨ଜଣ ଛାତ୍ର ଲୁଟ୍‌ର ଶିକାର ହୋଇଥିଲେ। ୩ ଜଣ ଯୁବକ ଏକ ବାଇକ୍‌ରେ ଆସି ୨ଛାତ୍ରଙ୍କଠାରୁ ମୋବାଇଲ ଫୋନ, ମନିପର୍ସ ଲୁଟି ନେଇଥିଲେ। ଉକ୍ତ ମନିପର୍ସରେ ୨୫୦ ଟଙ୍କା, ଭୋଟର କାର୍ଡ ରହିଥିଲା। ଏନେଇ ସଦର ଥାନାରେ ଏକ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସଦର ପୋଲିସ ଟାଉନ୍ ଥାନା ଅନ୍ତର୍ଗତ ବଲାଙ୍ଗୀର ରାଜୀବନଗରର ଜିତୁ ବନ୍‌ଛୋର ଏବଂ ଟୁନା ପାଢ଼ୀଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅନ୍ୟ ଜଣେ ଫେରାର ଥିବା ଜଣାପଡିଛି। ରବିବାର ପୁଣି ମଧାହ୍ନ ୧୨ଟାରେ ପୁଣି ଖୁଜେନ୍‌ପାଲି-ବଲାଙ୍ଗୀର ରାସ୍ତାରେ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। କାଲସାଏପାଲିର ରାହାସ କାଲସାଏ ବଲାଙ୍ଗୀର ରବିବାର ହାଟରୁ ଛେଳି ବିକ୍ରିକରି ଫେରୁଥିବା ବେଳେ ଖୁଜେନ୍‌ପାଲି ପୋଲ ପାଖରେ ୩ ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କଠାରୁ ୧୦ ହଜାର ଟଙ୍କା ଲୁଟି ନେଇଥିବା ଜଣାପଡିଛି। ଏନେଇ ସଦର ଥାନା ଆଇଆଇସି ସଂଗ୍ରାମ ପଟ୍ଟନାୟକଙ୍କୁ ପଚରାଯିବାରୁ ଥାନାରେ ଅଭିଯୋଗ ହୋଇ ନ ଥିଲେ ମଧ ପୋଲିସ ଘଟଣାର ତଦନ୍ତ ଚଳାଇଥିବା କହିଥିଲେ।

ନିର୍ବନ୍ଧ ଭୋଜି ଖାଇ ଫେରୁଥିବା ବେଳେ ଦୁର୍ଘଟଣା

# ପିକ୍‌ଅପ୍ ଭ୍ୟାନ ଓଲଟି ଯୁବକ ମୃତ

**୧୫ରୁ ଊର୍ଦ୍ଧ୍ୱ ଗୁରୁତର**

**ଟିଟିଲାଗଡ଼, ୧୧।୨ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ବେଲଗାଁ-ଟିଟିଲାଗଡ଼ ୫୯ନମ୍ବର ଜାତୀୟ ରାଜପଥ ରିଗଡୁଲ ଗ୍ରାମ ନିକଟରେ ମୋମବାର ଏକ ପିକଅପ୍ ଭ୍ୟାନ ଓଲଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକ ହେଲେ ଟିଟିଲାଗଡ଼ ଥାନା ଅଧୀନ ନାନାଝର ଗ୍ରାମର ରାମ ଭୋଇ (୩୮)। ଆହତମାନଙ୍କୁ ଟିଟିଲାଗଡ଼ ଡାକ୍ତରଖାନା ପରେ ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗୀର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ମିଳିଥିବା ସୂଚନା ମୁତାବକ, ନାନାଝର ଗ୍ରାମର ବିଶ୍ୱ ଜାନୀଙ୍କ ପୁଅ ଚକ୍ର ଜାନୀଙ୍କ ବାହା ଘର ଚୋରମରା ଗ୍ରାମରେ ସ୍ଥିର ହୋଇଥିଲା। ଏନେଇ ସୋମବାର ନିର୍ବନ୍ଧ ଥିବାରୁ ଗ୍ରାମର ୩୦ ଜଣ ବ୍ୟକ୍ତି ଏକ ପିକଅପ୍ ଭ୍ୟାନ(ନଂ ଓଆର୍୧୫ଏନ୍-୧୬୪୨)ରେ ଚୋରମରା ଗାଁକୁ ଯାଇଥିଲେ। ନିର୍ବନ୍ଧ କାମ ସାରି ଗ୍ରାମକୁ ଫେରୁଥିବାବେଳେ ରିଗଡୁଲ ଗ୍ରାମ ନିକଟରେ ପିକଅପ୍ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡିଥିଲା। ଫଳରେ ଘଟଣାସ୍ଥଳରେ ରାମଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ଉଦ୍ଧାର କରି ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ କଳିଯୁଗ ମାଝି, ଶିବ ପ୍ରଧାନ, ତହସିଲ ତାଣ୍ଡୀ, ଦିନ ମାଝି, କର୍ତ୍ତନ ମାଝି, ବୁଦ୍ଧୁ ଜାନୀ, ଇନ୍ଦ୍ର ତାଣ୍ଡୀ, ଜୟନ୍ତ ବାଗଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବଲାଙ୍ଗୀର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ଟିଟିଲାଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ପରେ ଗାଡି ଚାଳକ ଫେରାର ହୋଇ ଯାଇଥିବା ଜଣାପଡିଛି।


ଟିଟିଲାଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ଆହତ।

# ବେଆଇନ କରତକଳ ଠାବ, ଲକ୍ଷାଧିକ ଟଙ୍କାର କାଠ ଜବତ

**ପାଟଣାଗଡ଼,୧୧।୨(ଡି.ଏନ.ଏ.)**

ପାଟଣାଗଡ଼ ବନଖଣ୍ଡ ଅଧୀନ ମାୟାବର୍ହା ଗ୍ରାମ ନିକଟ ଘୁଟୁପାଲି ଗାଁରେ ବେଆଇନ ଭାବେ ଚାଲିଥିବା ଏକ କରତକଳକୁ ବନ ବିଭାଗ ପକ୍ଷରୁ ସୋମବାର ଠାବ କରାଯାଇଛି। ବନ ବିଭାଗ ଅଧିକାରୀମାନେ କରତକଳରୁ ୫୯ ଖଣ୍ଡ(୩୨ ସିଏଫଟି) କାଠ ଏବଂ କରତକଳରେ ବ୍ୟବହୃତ ଯନ୍ତ୍ରାଂଶ ଜବତ କରିଛନ୍ତି। ଏନେଇ ବନ ବିଭାଗ ପକ୍ଷରୁ ଏକ ମାମଲା(ନଂ. ୨୬୮/୨୦୧୮-୧୯) ରୁଜୁ କରି କରତକଳ ମାଲିକ ସୁଶାନ୍ତ ବାଗଙ୍କୁ ଗିରଫ କରାଯାଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ପାଟଣାଗଡ ବନଖଣ୍ଡ ଅଧିକାରୀ ବାସୁଦେବ ନାଥ ସୂଚନା ଦେଇଛନ୍ତି। ଘୁଟୁପାଲି ଗାଁରେ ବେଆଇନ ଭାବେ ଏକ କରତକଳ ଚାଲିଥିବା ବନ ବିଭାଗକୁ ଖବର ମିଳିଥିଲା। ଡିଏଫଓ ସମୀର ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ପାଟଣାଗଡ଼ ବନଖଣ୍ଡ ଅଧିକାରୀ ବାସୁଦେବ ନାଥ ବନ କର୍ମଚାରୀଙ୍କ ସହ ଘୁଟୁପାଲି ଗ୍ରାମରେ ଚଢାଉ କରିଥିଲେ। ଚଢାଉ ବେଳେ ସୁଶାନ୍ତଙ୍କ ଘର ପଛପଟେ କରତକଳ ବସାଯାଇ ବେଆଇନ ଭାବେ କାଠ କଟାଯାଉଥିବା ଦେଖିବାକୁ ପାଇଥିଲେ। ଏନେଇ ବନ କର୍ମଚାରୀମାନେ କରତକଳରୁ ୫୯ଖଣ୍ଡ (୩୨ ସିଏଫଟି) କାଠ ସହ ବ୍ୟବହୃତ ଯନ୍ତ୍ରାଂଶ ଜବତ କରିଥିଲେ। ଚଢାଉରେ ଫରେଷ୍ଟର ରଞ୍ଜିତ ସିଂ ବାବୁ, ଫରେଷ୍ଟ ଗାର୍ଡ ସୁନ୍ଦରରାମ ସାଏ, ହରିବଂଶ ପ୍ରଧାନ, ମୋହନ ସାହୁ, ଅନାଦୀ ଠାକୁର, ଉତ୍ତର ସିଂ ପ୍ରମୁଖ ସାମିଲ ଥିଲେ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା

# ପ୍ରାପ୍ୟ ପ୍ରଦାନରେ ବିଳମ୍ବ ଅଭିଯୋଗ

**ଲାଠୋର,୧୧।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ କରୁଆଝର ପଞ୍ଚାୟତ ଅନ୍ତର୍ଗତ ସାନଗୁର୍ଜିଭଟା ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀମାନେ ପ୍ରାପ୍ୟ ପାଇ ନ ଥିବା ନେଇ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଗ୍ରାମର ପଦ୍ମା ବର୍ଗେ, ସୂର୍ଯ୍ୟ ବର୍ଗେ, ଧନମତୀ ନାଗ, ପିର କୁଅଁର, କନକ ସାମନି, ଟିକେଶ୍ୱର ବାଗ, ରତନି ବର୍ଗେ, ଅମ୍ବିକା ମଲ୍ଲିକ, ଜାମିନି ଛତ୍ରିଆଙ୍କୁ ସରକାରଙ୍କ ଆବାସ ଯୋଜନାରେ ସାମିଲ କରି ବାସଗୃହ ଯୋଗାଇ ଦିଆଯାଇଥିଲା। ସରକାରଙ୍କ ନୀୟମ ଅନୁଯାୟୀ ସମ୍ପୃକ୍ତ ହିତାଧିକାରୀମାନେ ବାସଗୃହ ନିର୍ମାଣ କରିଥିଲେ। ହେଲେ ହିତାଧିକାରୀଙ୍କୁ ବର୍ତ୍ତମାନ ସୁଦ୍ଧା ଏମ୍‌ଜିଏନ୍‌ଆର୍‌ଇଜିଏରେ ପ୍ରାପ୍ୟ ପ୍ରଦାନ କରାଯାଇ ନାହିଁ। ସେହିପରି ପଦ୍ମା ବର୍ଗେ, ଧନମତି ନାଗ, କନକ ସାମନିଙ୍କୁ ଶେଷ ପର୍ଯ୍ୟାୟ ପ୍ରାପ୍ୟ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ହିତାଧିକାରୀମାନେ ବାରମ୍ବାର ଅଧିକାରୀଙ୍କୁ ଭେଟି ଅଭିଯାଗ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିବା ହିତାଧିକାରୀମାନ ଅଭିଯାଗ କରିଛନ୍ତି। ଫଳରେ ସେମାନେ ହଇରାଣ ହରକତ ହେଉଛନ୍ତି। ଏନେଇ ଖପ୍ରାଖୋଲ ବିଡିଓ ତରଣି ସୁନାଙ୍କୁ ପଚାରିବାରୁ ସେ କହିଥିଲେ, ହିତାଧିକାରୀମାନେ କାର୍ଯ୍ୟାଦେଶ ନେଇ କାର୍ଯ୍ୟାଳୟକୁ ଆସିଲେ ସମସ୍ୟାର ସମାଧାନ କରାଯିବ। ତେବେ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି।

## ୫୬ ଅଭିଯୋଗର ଶୁଣାଣି ହେଲା

**ଡୁଙ୍ଗୁରିପାଲି, ୧୧।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ରାଜୀବ ଭବନଠାରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକ ନ ଆସିବାରୁ ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶଙ୍କ ଦ୍ୱାରା ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ୫୬ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୪ଟି ଅଭିଯୋଗ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ଅଭିଯୋଗ ଯାଇଥିଲା ଓ ଗୋଟିଏ ରେଡକ୍ରସ ବିଭାଗକୁ ଯାଇଥିଲା। ଅଭିଯୋଗ ଶୁଣାଣିରେ ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ବିଡିଓ ସହଦେବ ସମାଧିଆ, ରାମପୁର ତହସିଲଦାର ସଚ୍ଚିଦାନନ୍ଦ ହନୁମାନ, ଡିଇଓ ପୁଷ୍ପା ମିଞ୍ଜ, ଅତିରିକ୍ତ ତହସିଲଦାର ରୋହିତ ଭୋଇ, ପ୍ରାଣୀ ଚିକିତ୍ସା ଅଧିକାରୀ ଦେବରାଜ ନାଏକ, ବିଭିନ୍ନ ଲାଇନ ବିଭାଗ ସହ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ରତନପୁରରେ ପାନୀୟଜଳ ସମସ୍ୟା

# ଯନ୍ତ୍ରୀଙ୍କୁ ଫେରାଦ ହେଲେ ଆମ୍ ଆଦ୍‌ମୀ କର୍ମକର୍ତ୍ତା

**ଦେଓଗାଁ,୧୧।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତରେ ଦୀର୍ଘ ବର୍ଷହେଲା ପାନୀୟଜଳ ଯୋଗାଣ ପ୍ରକଳ୍ପ ଥିଲେ ସୁଦ୍ଧା ଲୋକଙ୍କ କୌଣସୀ କାମରେ ଆସୁନାହିଁ । ପାଇପ୍‌ଗୁଡିକ ଅନେକ ସ୍ଥାନରେ ଫାଟିଯାଇଥିବା ବେଳେ ବିଭାଗୀୟ ଅପାରଗତା ଯୋଗୁ ସମସ୍ୟାର ସମାଧାନ ହୋଇପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସଂକ୍ରାନ୍ତରେ ସୋମବାର ଆମ ଆଦମୀ ପାର୍ଟୀର ଜିଲା ସଂଗଠକ ଆଶିଷ କୁମାର ପାଣ୍ଡେଙ୍କ ନେତୃତ୍ୱରେ ଗାଁର ଧନଞ୍ଜୟ କରନ, ଡମ୍ବରୁଧର ରଣା, ଅଶୋକ କୁମାର ଭଣ୍ଡା, ଗୋପାଳ ବାଗ, ବିଭୂତି ଭୋଇ, ଗୋପାଳ ସାହୁ, ଲକ୍ଷ୍ମଣ ଷାଣ୍ଡ ପ୍ରମୁଖ ୧୦ରୁ ଊର୍ଦ୍ଧ୍ୱ ଯୁବକ ଜଲା ଜଳଯୋଗାଣ କାର୍ଯ୍ୟାଳୟକୁ ଯାଇ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ କରି ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ତୁରନ୍ତ ପାନୀୟଜଳ ସମସ୍ୟାର ସମାଧାନ କରିବାକୁ ଦାବି କରିଥିଲେ। ଲକ୍ଷାଧିକ ଟଙ୍କାର ପ୍ରକଳ୍ପ ଥାଇ ସୁଦ୍ଧା କୌଣସୀ କାମରେ ନ ଆସିବାରୁ ଗାଁର ମହିଳାମାନେ ୧ କିଲୋମିଟର ଦୂରକୁ ପାଣି ଆଣିବାକୁ ଯାଉଥିବାରୁ ଗାଁରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଉଛି।



ତରନପୁରରେ ପାନୀୟଜଳ ସମସ୍ୟା ନେଇ ଜିଲା ଜଳଯୋଗାଣ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ଆମ ଆଦମୀର କର୍ମକର୍ତ୍ତା ଅଭିଯୋଗ କରୁଛନ୍ତି।

# ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ଟିଟିଲାଗଡ଼,୧୧।୨(ଡି.ଏନ.ଏ.)**

ଟିଟିଲାଗଡ଼ ବ୍ଲକ ଅଧୀନ ଖୋଲାନ ମିନି ଷ୍ଟାଡିୟମଠାରେ ସ୍ଥାନୀୟ ମା' ଦ୍ୱାରସେନୀ ସୋସାଇଟି ପକ୍ଷରୁ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବଲାଙ୍ଗୀର ଜିଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାସ ମୁଖ୍ୟଅତିଥି, ଟିଟିଲାଗଡ଼ ବ୍ଲକ ସରପଞ୍ଚ ସଂଘ ସଭାପତି ବିରବର ସାହୁ, ସମ୍ପାଦକ ହରିନାରାୟଣ ମିଶ୍ର, ସରପଞ୍ଚ ଦୟାରାମ ଅଗ୍ରୱାଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ସଞ୍ଜୀବ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଏପରି କି ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହୋଇ ଉତ୍ସାହିତ କରିଥିଲେ। ଜାତୀୟ ସଙ୍ଗୀତ ଗାୟନ ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ପ୍ରଥମ ମ୍ୟାଚ ବିଲାସପୁର ଏବଂ ବିଶାଖାପାଟଣା ମଧ୍ୟରେ ହୋଇଥିଲା। ଟାଇବ୍ରେକର ଜରିୟାରେ ବିଲାସପୁର ଦଳ ବିଜୟୀ ହୋଇଥିଲା। ମ୍ୟାଚ ରେଫରୀ ଭାବେ ଶ୍ରୀବତ୍ସ ବେହେରା, ଆର୍ଶିବାଦ ସା, ଆଶିଷଦେବ ସା, ପ୍ରତାପ ଭୁକ୍ତା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସୋସାଇଟି ଅଧ୍ୟକ୍ଷ ନରେଶ ଅଗ୍ରୱାଲ, ଆୟୋଜକ କମିଟି ସଭାପତି କ୍ଷମାନିଧି ଭୁୟାଁ, ସମ୍ପାଦକ ସନ୍ୟାସୀ ନାୟକ, ଉପସଭାପତି ବଟକୃଷ୍ଣ ଗୌଡ, ଯୁଗ୍ମ ସମ୍ପାଦକ ମନୋଜ ଗୌଡ, ସୁରେଶ ରଣା, ଲବଲୁ ଗୌଡ, ପ୍ରମୋଦ ରଣା, କାଲୁ ସ୍ୱାଇଁ, ଦ୍ୱାରୁ ରଣା, ସଚିନ ଛତର, ରୁପେଶ ରାଜୁ, ମନୀଷ ସିଙ୍ଘାଲ, ଗୁଡୁ ଭୁୟାଁ, ତରୁଣ ଆଉଜୁଆଡ, ପ୍ରମିତ ପାଣିଗ୍ରାହୀ, ହିଟୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


ପ୍ରତିଯୋଗିତାର ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

# ତୁଷୁରାରେ ଆହାର କେନ୍ଦ୍ର ଉଦ୍‌ଘାଟିତ

**ଗୁଡ଼ଭେଲା,୧୧।୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ଚିକିତ୍ସାଳୟ ପରିସରରେ ଥିବା ଏକ ଗୃହରେ ଜାନୁୟାରୀ ୨୬ତାରିଖରୁ ପରୀକ୍ଷା ମୂଳକ ଭାବେ ଚାଲିଥିବା ଆହାର କେନ୍ଦ୍ରର ସୋମବାର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହାର ଲୋକାର୍ପଣ କରିଥିଲେ। ଏହି ଅବସରରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲା ପ୍ରକଳ୍ପ ନିର୍ଦ୍ଦେଶିକା ଯୁଗଲେଶ୍ୱରୀ ଦାଶ, ଏନ୍‌ଏସି ଅଧ୍ୟକ୍ଷା ଭାଗ୍ୟଶ୍ରୀ ନାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରୀକ୍ଷା ମୂଳକ ଭାବେ ୫୦ ଜଣଙ୍କ ପାଇଁ କେନ୍ଦ୍ର ଖାଦ୍ୟ ବ୍ୟବସ୍ଥା କରାଯାଉଥିବା ବେଳେ ବର୍ତ୍ତମାନ ୩ ଶହ ଜଣଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯିବ। ରୋଷେଇ ଘର ନ ଥିବାରୁ ଏହି ଖାଦ୍ୟ ଟିଟିଲାଗଡ଼ ଆହାର କେନ୍ଦ୍ରରୁ ଅଣାଯିବ ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପ ପ୍ରକାଶ କରିଛନ୍ତି। ଏନ୍‌ଏସି ଏଥିରେ ସମସ୍ତ କାଉନସେଲର ଓ କର୍ମଚାରୀ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ଦିନଦୟାଲ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**ସଇଁତଲା,୧୧।୨(ଡି.ଏନ୍.ଏ.)**

ସଇଁତଲା ବ୍ଲକ ଅଧୀନ କରମତଲା ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ସୋମବାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ପାନୀୟ ଜଳ ଓ ପରିମଳ ବିକାଶ ମନ୍ତ୍ରୀ ଉମା ଭାରତୀ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉପସ୍ଥିତ ମହିଳାମାନଙ୍କ ସହ କଥା ହୋଇ ଉଜ୍ଜ୍ୱଳା ଯୋଜନା ବିଷୟରେ ପଚାରି ବୁଝିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ସଂଗୀତା ସିଂ ଦେଓ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର, ଜିଲା ସାଧାରଣ ସପାଦକ ମୁକେଶ ଜୈନ, ଗୁଡ଼ଭେଲା ବ୍ଲକ ଅଧ୍ୟକ୍ଷ ଅଶୋକ ଦୋରା, ଜିଲା ପରିଷଦ ସଭ୍ୟା କଳ୍ପନା ଚୌହାନ, ଡମନ ବାଗ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ନୋଡ଼ାଲ ଅଧିକାରୀ ଗିରିଶ କୁମାର ଯାଦବ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୌଦାମିନୀ ସାହୁ ଅତିଥି ପରିଚୟ କରିଥିଲେ। ସପନ ସାହୁ, ସତ୍ୟବାଦୀ ସାହୁ, ବେଣୁଧର ସାହୁ, ଅମିତ କୁମାର ନିନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅମିତ କୁମାର ନିନା ଧନ୍ୟବାଦ ଜ୍ଞାପନ କରିଥିଲେ।


ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ପୂରା ଠିକ୍ ନୁହେ ହୁଅନ୍ ରଘୁନାଥ

# ସରକାରୀ ଯୋଜନାରେ ସାମିଲ କଲା ପରଶାସନ

**ଲୋଇସିଂହା,୧୧।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଁଚେତ ସଦର ଗାଁର ରଘୁନାଥ ମିଶ୍ର(୬୧)। ସେ ଗୁରୁତର ଅବସ୍ତାରେ ଅସାହା ହେଇ ଗୁଟେ କୁରିଆରେ ପଡ଼ି ରହିଥିଲେ। ଇ ବାବ୍‌ଦେ ଧରିତ୍ରୀରେ ଗଲା ଡିସେମ୍ବର ୧୩,୧୪ ଆର ୧୫ ତାରିଖ୍‌ରେ ଲାଗ୍ ଲଗ୍ ତିନ୍‌ଟା ଖବର ବାହାରିଥିଲା। ହେଲେ ସେ ଆଏଜ୍‌ତକ୍ ପୂରାପୂରି ଠିକ୍ ନାଇଁ ହେଇପାରି। ହେଲେ ତାହାକୁ ଖାଏଦ୍ ସୁରକ୍ଷା ଯୋଜନା ଆର ଆବାସ ଯୋଜ୍‌ନାରେ ଥାନୀୟ ବ୍ଲକ ପରଶାସନ ସାମିଲ କରିଛେ।

ପୂରବର ସୂଚନା ହିସାବେ ଯୋଗୀସର୍ଡା ପଁଚେତ୍ ସଦର ଗାଁର ବାସିନ୍‌ଦା ରଘୁନାଥ ମିଶ୍ର। ସେ ଯୁବକ୍ ଅବସ୍ତାରେ ଠିକ୍‌ଠାକ୍ ଥିଲେ। ବିହାଚୁରା ହେଇ ଘର ସଁସାର ବି କଲେ। ହେଲେ ମାସକେତେ ସବୁ ଠିକ୍‌ଠାକ୍ ଚାଲ୍‌ଲା ଉତାରୁ ସେ ମାନ୍‌ସିକ ସଁତୁଲନ୍ ହରେଇ ଦେଲେ। ଏନ୍‌ତାଥି ତାକର ମାଏକିନା ରଘୁନାଥକୁଁ ଏକ୍‌ଲା ଛାଡି ବାପ୍ ଘରକେ ପଲେଇ ଗଲେ। ସେ ସମିଆରେ ସେ ଗରଭବତୀ ଥିଲେ। ଗାଁର ମାଉସୀ ଗୁଡ଼ି ପଛଫାଲେ ଥିବାର ଝାଟିମାଟି ଘରେ ସେ ରହୁଥିଲେ। ମାନସିକ୍ ଥିତି ଠିକ୍ ନାଇଁଥିବାର ଲାଗି ସେ ସବୁ ପରକାର ସରକାରୀ ସୁବିଧାରୁ ବଁଚିତ୍ ଥିଲେ। ଗାଁରେ ଥିବାର ତାକର ଲାଗେଲେସରମାନେ ଯାହା ଦେଉଥିଲେ ସେ ଖାଉଥିଲେ, କେନ୍‌ଦିନ କେନ୍‌ତା ଉପାସେ ବି ରହୁଥିଲେ। ଇ ସମିଆରେ ତାକର ଡେବ୍‌ରି ଗୋଡ୍‌ରେ ଗୁଟେ ଘା' ହେବାର ସଂଗେ ସେଟା ପାଚି ବେଦ୍‌ବେଦେଇ ଯାଇଥିଲା। ଅବସ୍ତା ଏନ୍‌ତା ହେଲା ଯେ, ଲୋକ୍‌ଟା ଘା'ରେ ପଚିସଢ଼ି ମରିଯିବା ବଲି ଲୋକ୍ ଭାବୁଥିଲେ। ଇ ସମିଆରେ ଥାନୀୟ ଧରିତ୍ରୀ ପରତିନିଧି ଘଟନା ବାବ୍‌ଦେ ଖବର ପାଇ ଧରିତ୍ରୀରେ ଖବର ବାହାର କରିଥିଲେ। ଥାନୀୟ ସୁଆସ୍‌ତିଅ ବିଭାଗ୍ ଘଟନାକେ ଗୁରୁତ୍ ଦେଇ ରଘୁନାଥଙ୍କର ଚିକିତ୍ସା କଲେ। ପଛେ ରଘୁନାଥଙ୍କର ଝିଁ' ଗାଁକେ ଆସି ବାପକେ ଶାଶ୍ ଘରକେ ନେଇ ସେଠାନେ ସେବାଯତନ୍ କରୁଛନ୍। ହେଲେ ଆଏଜ୍‌ତକ୍ ସେ ଘା' ପୂରା ଠିକ୍ ନାଇଁ ହେଇଥିବାର ତାକର ଲାଗେଲେସର ପୁତରା ସୁଧିର ମିଶ୍ର କହିଛନ୍। ସେ ସମିଆରେ ରଘୁନାଥଙ୍କର ବାବ୍‌ଦେ ଲାଗ୍ ଲାଗ୍ ତିନ୍ ଥର ଖବର ବାହାରଲାରୁ ବ୍ଲକ୍ ପରଶାସନ ତରଫୁ ଏବିଡିଓ, ଏସଇଓ ପରମୁଖ ଗାଁକେ ଯାଇ ରଘୁନାଥଙ୍କର ବାବ୍‌ଦେ ଗାଁରେ ପଚାରି ବୁଝିଥିଲେ। ତା'ପରେ ପରଶାସନ ରଘୁନାଥକୁଁ ଖାଏଦ୍ ସୁରକ୍ଷା ଯୋଜ୍‌ନାରେ ମାସିକ୍ ୫ କେ.ଜି. ଚାଉଲ ଆର ଆବାସ ଯୋଜ୍‌ନାରେ ଘର ଖଁଡ଼େ ଯୁଗେଇ ଦେଇଛନ୍। ଏହେଦେ ଘର କାମ୍ ଚାଲିଥିବାର ରଘୁନାଥଙ୍କର ପୁତ୍‌ରା କହେବାର ସଂଗେ ଇଥିରଲାଗି ଧରିତ୍ରୀକେ ଧଏନ୍‌ବାଦ୍ ଦେଇଛନ୍। ସେନ୍‌ତା ରଘୁନାଥଙ୍କର ଉପରେ ଜିଲା ପରଶାସନ ଦୁରୁଷ୍ଟି ଦେଇ ତାହାକୁ ଉତ୍ ଚିକିତ୍ସା ଯୁଗେଇ ଦେବାକେ ଅନୁରୋଧ କରିଛନ୍।


ରଘୁନାଥଙ୍କର ପକ୍କା ଘର ତିଆରି ଚାଲିଛେ।

## ସଂକ୍ଷେପରେ

### ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଯୁବକ ଗିରଫ

**ଚିପିଲିମା, ୧୧।୨ (ଡି.ଏନ.ଏ.):** ସମ୍ବଲପୁର ଜିଲା ବୁର୍ଲା ଥାନା ଚିପିଲିମା ଫାଣ୍ଡି ଅନ୍ତର୍ଗତ ମରାଙ୍ଗୋଲାରେ ଜଣେ ବିବାହିତା ମହିଳାଙ୍କୁ ଦୁର୍ବ୍ୟବହାର କରାଯାଇଛି। ସେ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଉକ୍ତ ଗ୍ରାମର ଜଣେ ଯୁବକ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଥାନାରେ ଅଭିଯୋଗ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ବିଦ୍ୟାଧର ସେଠ (୨୫)। ଏ ନେଇ ମହିଳା ଓ ତାଙ୍କ ସ୍ୱାମୀ ଚିପିଲିମା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୫୧/୧୯) ରୁଜୁ କରିଛି।

# 'କର୍ମୀ ଏକଜୁଟ ହୋଇ କାମକଲେ ବିଜୟ ନିଶ୍ଚିତ'

**କୁଆଁରମୁଣ୍ଡା,୧୧।୨(ଡି.ଏନ୍.ଏ.)**

ବୀରମିତ୍ରପୁର ବିଧାନସଭା କ୍ଷେତ୍ରରେ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବାକୁ ହେଲେ ସମସ୍ତ କର୍ମୀ ଏକଜୁଟ ହୋଇ ଉଦ୍ୟମ କରିବା ଆବଶ୍ୟକ। ଯଦ୍ୱାରା ଦୀର୍ଘବର୍ଷ ଧରି ବିଜୟୀ ହେଉଥିବା ଅଣବିଜେଡି ପ୍ରାର୍ଥୀ ନିଶ୍ଚିତ ପରାଜିତ ହେବେ ବୋଲି ସୋମବାର କୁଆଁରମୁଣ୍ଡାରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଦୃଢ଼ ମତବ୍ୟକ୍ତ କରିଛନ୍ତି ସୁନ୍ଦରଗଡ଼ ଜିଲା ବିଜେଡି ସଭାପତି ତଥା ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ସମ୍ପାଦକ ଆନନ୍ଦ ଚନ୍ଦ୍ର ମହାନ୍ତି, ରାଜଗାଙ୍ଗପୁରର ବରିଷ୍ଠ ନେତା ଅମରେଶ ପଣ୍ଡା, ନିମନ୍ତୀ ଲୁଗୁନ, କୁଆଁରମୁଣ୍ଡା ସମିତିସଭ୍ୟ ରାଜେଶ ହାଁସଦା, ରାଜେଶ ଖାଲଖୋ, ପୂର୍ବତନ ବିଧାୟକ ନିହାର ସୁରିନ, ନୂଆଗାଁ ପଞ୍ଚାୟତ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ପରଭେଜ ଖାଁ, ଦିଗମ୍ବର ଦାସ, ମନୋଜ ଦାସ, କୁଆଁରମୁଣ୍ଡା ବ୍ଲକ ମହିଳା ବିଜେଡି ସଭାନେତ୍ରୀ ମୀନାକ୍ଷୀ ବାରିକ, ସାମାଜିକ କର୍ମୀ ଟିକେଶ୍ୱର କାଲୋ, ଜିଲା ପରିଷଦ ସଭ୍ୟା ସୁନିତା ଅହିର, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁନୀଲ ତିର୍କୀଙ୍କ ସମେତ ପଞ୍ଚାୟତସ୍ତରୀୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ରାଜେନ୍ଦ୍ର କୁଜୁରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବକେୟା ଦରମା ପାଇଁ ୧୫ ଦିନରୁ ଊର୍ଦ୍ଧ୍ୱ କାଳ ଅନଶନରେ ବସିଥିବା ଆଧୁନିକ ମେଟାଲିକ୍ସ ଶ୍ରମିକ ଓ କର୍ମଚାରୀମାନେ ପହଞ୍ଚି ବିଧାୟକ କିଷାନଙ୍କୁ ଲିଖିତ ଅଭିଯୋଗ ଜଣାଇଥିଲେ। କିଷାନ ତୁରନ୍ତ ରାଜ୍ୟ ଶ୍ରମ ବିଭାଗକୁ ଫୋନ୍ ଯୋଗେ ଅବଗତ କରି ଏହାର ପ୍ରତିକାର କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ କର୍ମୀ ଓ ନେତା।



ସ୍ୱାଗତ ଉତ୍ସବରେ ପୂର୍ବତନ ବିଧାୟକ ଯୋଗେଶ ସିଂଙ୍କ ସମେତ ବିଜେଡି କର୍ମକର୍ତ୍ତା।

# ହେମଗିର ବିଜେଡି ପକ୍ଷରୁ ସ୍ୱାଗତ ସମାରୋହ

**ହେମଗିର,୧୧।୨ (ଡି.ଏନ୍.ଏ.)**

ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରତ୍ୟେକ ରାଜନୈତିକ ଦଳ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ହେମଗିର ବ୍ଲକ ବିଜେଡି ପକ୍ଷରୁ ସଭାସମିତି, ମିଶ୍ରଣ ପର୍ବ, ସ୍ୱାଗତ ସମାରୋହ ଆୟୋଜନ କରାଯାଉଛି। ନିକଟରେ ସ୍ଥାନୀୟ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିବାରୁ ତାଙ୍କୁ ହେମଗିର ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ହେମଗିରରେ ସିଂ ପହଞ୍ଚିବା ପରେ ତାଙ୍କୁ ଶୋଭାଯାତ୍ରାରେ ପୂର୍ତ୍ତ ଡାକବଙ୍ଗଳା ପର୍ଯ୍ୟନ୍ତ ଅଣାଯାଇଥିଲା। ସେଠାରେ ଏକ ବୈଠକ ଆୟୋଜନ କରାଯାଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ବିଜୁ କୃଷକ ସେଲ ସଭାପତି ଗୋପାଳ ଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସୁନ୍ଦରଗଡ଼ର ବୀରେନ୍ଦ୍ର ପଟେଲ ଯୋଗଦେଇଥିଲେ। ହେମଗିର ବ୍ଲକ ବିଜେଡି ସଭାପତି ସୁକାନ୍ତ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୦ବର୍ଷରେ ଅଣନିଃଶ୍ୱାସୀ ହୋଇ ଯାହା କରିପାରି ନ ଥିଲି, ବର୍ତ୍ତମାନ ଓଡ଼ିଶାର ବିକାଶ ପୁରୁଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସାମିଲ ହୋଇ ତାହାକୁ ସାକାର କରିବି ବୋଲି ସିଂ କହିଥିଲେ। ଗୋପାଳପୁର ସରପଞ୍ଚ କ୍ଷମାଶୀଳ ମାଝି, ମୁଣ୍ଡେରକ୍ଷେତି ସମିତିସଭ୍ୟା ସନ୍ଧ୍ୟାରାଣୀ ମାଝିଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ବିଜେଡିରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରାଉତିଆ, ଶିଶିର ନାଏକ, ସୁନୀଲ ପାଟଯୋଶୀ, ହୁକୁମ ସା, ବ୍ଲକ ଉପାଧ୍ୟକ୍ଷ ସୁରଥ ପଧାନ, ରବିରତ୍ନ ବିଶ୍ୱାଳ, ମୁରଲୀ ବନଛୋର, ଶାନ୍ତ ଧୁଆ, କଳାକାହ୍ନୁ ମେହେର, ବାବୁଲୁ ଦେହେରୀ, ପ୍ରମୋଦ ପତି, ଉପେନ୍ଦ୍ର ଭୋଇ, ତୀର୍ଥରାଜ ବିଶ୍ୱାଳ, ଜଗମୋହନ ପଧାନ, ପ୍ରକାଶ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ବିଜେଡି ସମ୍ପାଦକ ରମେଶ ଚନ୍ଦ୍ର ପାଣ୍ଡେ ଧନ୍ୟବାଦ ଦେଇଥିଲେ।

# ଚାଷୀ, ଶ୍ରମିକ, ବନବାସୀଙ୍କ ସମସ୍ୟାର ସ୍ଥାୟୀ ପ୍ରତିକାର ଦାବି: ଜିଲାପାଳଙ୍କୁ ସ୍ମାରକପତ୍ର

**ସୁନ୍ଦରଗଡ଼,୧୧।୨ (ଡି.ଏନ୍.ଏ.)**

କୃଷି ଓ କୃଷକର ସୁରକ୍ଷା ସହ ବନବାସୀ ଓ ଶ୍ରମିକଙ୍କ ସମସ୍ୟାର ସ୍ଥାୟୀ ପ୍ରତିକାର ଓ ଅନ୍ୟାନ୍ୟ ଦାବି ନେଇ ଆଦିବାସୀ ଏକତା ମଞ୍ଚ ପକ୍ଷରୁ ସୋମବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଞ୍ଚ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ହେମଗିରଠାରୁ ଦୀର୍ଘ ୭୦ କିଲୋମିଟର ପଦଯାତ୍ରାରେ ଆସି ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ଏଥିରେ ହେମଗିର ଆଦିବାସୀ ଏକତା ମଞ୍ଚ, ଆଠକୋଶିଆ ଆଦିବାସୀ ଏକତା ମଞ୍ଚ ସୁନ୍ଦରଗଡ଼ ମହିଳା ସଂଗ୍ରାମ ସମିତି, ସୁନ୍ଦରଗଡ଼ ହେମଗିର, ଟାଙ୍ଗରପାଲି, ଲେଫ୍ରିପଡ଼ା, ବାଲିଶଙ୍କରା ଓ ସଦର ବ୍ଲକର ଶତାଧିକ ଚାଷୀ, ବନବାସୀ ଓ ଶ୍ରମିକ ସାମିଲ ହୋଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ପଦଯାତ୍ରାର ନେତୃତ୍ୱ ନେଉଥିବା ରାଜେନ୍ଦ୍ର କୁମାର ନାଏକ, ଶୁକଦେବ ପ୍ରଧାନ, ନିର୍ମଳା ଟପ୍ପୋ, ଆବ୍ରାହାମ ଲାକଡ଼ା, ସୁପ୍ରିୟାନ ଖାଖା, ଭାରତୀୟ ଖେତ ମଜଦୁର ସଂଘର କମଲ ଷଣ୍ଢ, ପୁଷ୍ପଲତା ସା, କୋରାପୁଟ ଜିଲାର କୁମର ଦାନୀ, ଆଡ୍‌ଭୋକେଟ ଅଶୋକ କୁମାର ଦାଶ ପ୍ରମୁଖ ଉଦ୍‌ବୋଧନ ଦେଇ ପ୍ରାକୃତିକ ସମ୍ପଦଭରା ସୁନ୍ଦରଗଡ଼ ଜିଲାରେ ବିଭିନ୍ନ ଖଣିଖାଦାନ, କଳକାରଖାନା ଓ ଶିଳ୍ପ ଯୋଗୁ ଲାଗି ରହିଥିବା ବିସ୍ଥାପନ ସମସ୍ୟା, ଚାଷୀ ଓ ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ଏଗୁଡ଼ିକର ସମାଧାନ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଦଯାତ୍ରାରେ ଆସିଥିବା ଆଦିବାସୀ ଏକତା ମଞ୍ଚର ମହିଳା ଓ ପୁରୁଷମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।


## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍‌ମେଣ୍ଟ ଶାଖା (SAMB), ଏ/୩୪, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ (ଓସକାର୍ଡ ବ୍ୟାଙ୍କ ବିଲ୍ଡିଂ, ୪ର୍ଥ ମହଲା), ଭୁବନେଶ୍ୱର - ୭୫୧୦୦୧, ଜିଲ୍ଲା: ଖୋର୍ଦ୍ଧା, (ଓଡ଼ିଶା), ମୋ.: ୯୪୩୭୧୮୬୬୬୯, E-mail: sbi.10130@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସ୍‌ମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ସାଙ୍କେତିକ/ଭୌତିକ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ) ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ **"ଯାହା ଯେଉଁଠାରେ ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ"** ଇ-ନିଲାମ କରାଯିବ।

**ଇ-ନିଲାମ ତାରିଖ: ୨୭.୦୨.୨୦୧୯**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକ (ମାନ)ଙ୍କ ନାମ | ସମ୍ପତ୍ତିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲି., ସା: ଓଲରା, ପୋ: ବନ୍ତଳା, ବଡଚଣା, ଜିଲ୍ଲା: ଯାଜପୁର, ଓଡ଼ିଶା - ୭୫୪୦୨୪, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ପିତା: ବନଓ୍ୱାରିଲାଲ ଅଗ୍ରୱାଲା, [illegible] | ଜାମିନ୍‌ଦାରମାନେ: (୧) ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ପିତା: ବନଓ୍ୱାରିଲାଲ ଅଗ୍ରୱାଲା, (୨) ଶ୍ରୀ ବନଓ୍ୱାରିଲାଲ ଅଗ୍ରୱାଲା, ପିତା: ୰ ବାଲୁରାମ ଅଗ୍ରୱାଲା, (୩) ଶ୍ରୀମତୀ ସୁଷମା ଅଗ୍ରୱାଲା, ସ୍ୱାମୀ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ସମସ୍ତଙ୍କ ଠିକଣା ସା: ଗିରିମା, ଓ୍ୱାର୍ଡ ନଂ.: ୧୨, [illegible] | ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲି. | ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲି. (ରାଇସ୍ ମିଲ୍ ୩୭ଟିପିଏଚ୍ କ୍ଷମତା ବିଶିଷ୍ଟ)ର ନାମରେ ଥିବା ଜମି ଏବଂ ଗୃହ, କାରଖାନା ଏବଂ ଯନ୍ତ୍ରପାତି, ସେଡ୍ ଏବଂ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ଆସେଟ୍ସ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଓଲରା, ବଡଚଣା, ଜିଲ୍ଲା: ଯାଜପୁର, ଖାତା ନଂ.: ୫୪୯/୪୯, ପ୍ଲଟ ନଂ.: ୩୫, କ୍ଷେତ୍ର: ଏକର ୦.୬୬ ଡିସିମିଲି, ଖାତା ନଂ.: ୫୪୯/୫୩, ପ୍ଲଟ ନଂ.: ୪୦, କ୍ଷେତ୍ର: ଏକର ୨.୧୪ ଡିସିମିଲି, ଖାତା ନଂ.: ୪୨୭, ପ୍ଲଟ ନଂ.: ୪୪, କ୍ଷେତ୍ର: ଏକର ୦.୨୦ ଡିସିମିଲି, ଖାତା ନଂ.: [illegible] | ୧୨.୧୦.୨୦୧୬ ସୁଦ୍ଧା ଟ.୭୪,୦୧,୨୫,୧୨୮/- + ୧୩.୧୦.୨୦୧୬ ଠାରୁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୪୦,୭୭,୦୦,୦୦୦/- / ଟ.୪,୦୭,୭୦,୦୦୦/- / ୧୭.୧୦.୨୦୧୬ |
| ୨. | [illegible] | [illegible] | [illegible] | [illegible] | [illegible] | [illegible] |
| ୩. | [illegible] | [illegible] | [illegible] | [illegible] | [illegible] | [illegible] |
| ୪. | [illegible] | [illegible] | [illegible] | [illegible] | [illegible] | [illegible] |
| ୫. | [illegible] | [illegible] | [illegible] | [illegible] | [illegible] | [illegible] |
| ୬. | [illegible] | [illegible] | [illegible] | [illegible] | [illegible] | [illegible] |
| ୭. | ଋଣଗ୍ରହୀତା: ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲି., କାରଖାନା: ସା: କୁଟୁଗାଁ, ପୋ: ଚିପିନ୍ଦା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା, ରେଜିଷ୍ଟ୍ରେଡ୍ ଅଫିସ: ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା। | ଜାମିନ୍‌ଦାରମାନେ/ବନ୍ଧକଦାତାମାନେ: ୧) ଶ୍ରୀ ମହେଶ କୁମାର ଶର୍ମା, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା, ୨) ଶ୍ରୀ ଗଣେଶ କୁମାର ଶର୍ମା, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା, ୩) ଶ୍ରୀମତୀ ଶକୁନ୍ତଳା ଦେବୀ, ସ୍ୱାମୀ: ୰ ଲକ୍ଷ୍ମୀ ନାରାୟଣ ଶର୍ମା, ଜାମିନ୍‌ଦାରମାନେ: ୧) ଶ୍ରୀମତୀ ଜୟନ୍ତୀ ଶର୍ମା, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା ଏବଂ ସ୍ୱାମୀ: ଶ୍ରୀ କମଳ ଶର୍ମା, ୨) ଶ୍ରୀମତୀ ପଦ୍ମା ଉପାଧ୍ୟାୟ, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା ଏବଂ ସ୍ୱାମୀ: ଶ୍ରୀ ଘନଶ୍ୟାମ ଉପାଧ୍ୟାୟ, କର୍ପୋରେଟ୍ ଜାମିନ୍‌ଦାରମାନେ: ୧) ମେସର୍ସ ଉତ୍କଳ ମିନେରାଲ୍ସ, ୨) ମେସର୍ସ ଆଶା ଟ୍ରେଡିଙ୍ଗ କୋ. | ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲି. ଶ୍ରୀ ମହେଶ କୁମାର ଶର୍ମା ଶ୍ରୀମତୀ ଶକୁନ୍ତଳା ଦେବୀ ଶ୍ରୀ ଗଣେଶ କୁମାର ଶର୍ମା | (କ) ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲି. ର କାରଖାନା ପରିସରରେ ଗଚ୍ଛିତ ଥିବା କୋଇଲା, କୋଇଲା ଫାଇନ୍ସ, ଆଇରନ୍ ଓର୍ ଫାଇନ୍ସ, କାରଖାନା, ଯନ୍ତ୍ରପାତି ଏବଂ କାରଖାନା ସେଡ୍ସ (ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ ଆର୍ଥିକ ସହାୟତା ପ୍ରାପ୍ତ), ୨୦୦ ଟିପିଡି ସ୍ପଞ୍ଜ ଆଇରନ୍ କାରଖାନା, କ୍ୟାପ୍ଟିଭ୍ ପାଓ୍ୱାର ପ୍ଲାଣ୍ଟ, ଆଇରନ୍ ଓର କ୍ରସର, ଇଣ୍ଡକ୍ସନ୍ ଫର୍ଣ୍ଣେସ ରୋଲିଂ ମିଲ୍ ଅନ୍ୟାନ୍ୟ କଳକବଜା ଯନ୍ତ୍ରପାତି ଏବଂ ସେଡ୍ ସହିତ ଫ୍ୟାକ୍ଟ୍ରି ଜମି, ଗୃହ, ଶ୍ରମିକ ଘର, କ୍ୟାଣ୍ଟିନ୍, ପାଣିଟାଙ୍କି, ବାଉଣ୍ଡରି ଇତ୍ୟାଦି ଯାହାର ମୌଜା: କୁଟୁଗାଁ, ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୪୭/୩, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୬୪୩, ୬୪୪, ୬୪୬, ୬୪୭/୧୪୭୯, ୬୭୫, ୬୪୮/୧୨୯୩, ୭୨୮, ଯଥାକ୍ରମେ କ୍ଷେତ୍ର: ଏକର ୧.୬୫, ୦.୩୧, ୧.୬୪, ୦.୫୬, ୧.୧୭, ୦.୨୪, ୦.୭୫ ଡିସିମିଲି, ପୁରୁଣା ଖାତା ନଂ.: ୧୨୭, ପ୍ଲଟ୍ ନଂ.: ୬୩୬, ୬୩୭, ୬୨୮, ଯଥାକ୍ରମେ କ୍ଷେତ୍ର: ଏକର ୦.୩୯, ୦.୬୦, ୦.୭୨ ଡିସିମିଲି, ପୁରୁଣା ଖାତା ନଂ.: ୮୫, ପ୍ଲଟ୍ ନଂ.: ୬୪୨, ୬୪୮, ୭୨୮/୧୩୬୨, ୬୪୩/୧୩୬୩, ୬୪୩/୧୩୬୪, ୬୪୬/୧୩୬୫, ୬୪୭/୧୩୬୬, ଯଥାକ୍ରମେ କ୍ଷେତ୍ର: ଏକର ୦.୩୦, ୦.୧୯, ୦.୩୩, ୦.୩୮, ୦.୨୭, ୦.୪୮, ୦.୩୮ ଡିସିମିଲି, ପୁରୁଣା ଖାତା ନଂ.: ୪୪, ପ୍ଲଟ୍ ନଂ.: ୬୭୩, କ୍ଷେତ୍ର: ଏକର ୦.୫୧ ଡିସିମିଲି, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୬୪୭, କ୍ଷେତ୍ର: ଏକର ୦.୨୦ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୩, ପ୍ଲଟ୍ ନଂ.: ୬୭୪/୧୪୭୦, କ୍ଷେତ୍ର: ଏକର ୦.୧୫ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୨, ପ୍ଲଟ୍ ନଂ.: ୬୭୪/୧୪୬୯, କ୍ଷେତ୍ର: ଏକର ୦.୫୦ ଡିସିମିଲି, ପୁରୁଣା ଖାତା ନଂ.: ୭୩, ପ୍ଲଟ୍ ନଂ.: ୬୭୪/୧୪୮୦, ୭୨୯, ୬୭୬, ୬୭୪/୧୪୮୧, ଯଥାକ୍ରମେ କ୍ଷେତ୍ର: ଏକର ୧.୬୭, ୧.୧୩, ୦.୫୪, ୦.୫୦ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୪୭/୪, ପୁରୁଣା ଖାତା ନଂ.: ୭୩, ପ୍ଲଟ୍ ନଂ.: ୭୨୪, ୭୨୫, ଯଥାକ୍ରମେ କ୍ଷେତ୍ର: ଏକର ୦.୧୧, ୦.୩୫ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୪୭/୩, ପୁରୁଣା ଖାତା ନଂ.: ୪୫, ପ୍ଲଟ୍ ନଂ.: ୬୪୦, କ୍ଷେତ୍ର: ଏକର ୦.୨୩ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୬, ପ୍ଲଟ୍ ନଂ.: ୬୪୭/୧୪୭୧, କ୍ଷେତ୍ର: ଏକର ୦.୩୫ ଡିସିମିଲି, ପୁରୁଣା ଖାତା ନଂ.: ୩୨, ପ୍ଲଟ୍ ନଂ.: ୬୭୦, କ୍ଷେତ୍ର: [illegible] ୦.୮୦ ଡିସିମିଲି, କିସମ: ଶିଳ୍ପାଞ୍ଚଳ, **ସମୁଦାୟ କ୍ଷେତ୍ର : ଏକର ୨୩.୮୯ ଡିସିମିଲି।** (ଖ) **ଶ୍ରୀମତୀ ଶକୁନ୍ତଳା ଦେବୀଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: କମରଯୋଡା, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୭୪/୨୩୦, ପୁରୁଣା ଖାତା ନଂ.: ୧୭୪/୧୨୬, ପ୍ଲଟ୍ ନଂ.: ୨୯୭/୧୪୩୭, ୧୨୨୩/୧୪୩୮, ଯଥାକ୍ରମେ କ୍ଷେତ୍ର: ଏକର ୦.୦୧୨ ଡିସିମିଲି, ଏକର ୦.୦୪୫ ଡିସିମିଲି, ପୁରୁଣା ଖାତା ନଂ.: ୧୭୪/୧୮୫, ପ୍ଲଟ୍ ନଂ.: ୧୨୨୩/୧୪୭୮, ୨୯୭/୧୪୭୯, ଯଥାକ୍ରମେ କ୍ଷେତ୍ର: ଏକର ୦.୦୨୫, ୦.୦୧୮ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୧୦୦ଡିସିମିଲି,** କିସମ: ଘରବାରି (ଏହା ଶକୁନ୍ତଳା ଦେବୀ ଏବଂ ଗଣେଶ କୁମାର ଶର୍ମାଙ୍କ ଗୃହ ଋଣ ନିମନ୍ତେ ବନ୍ଧକ ସମ୍ପ୍ରସାରିତ କରାଯାଇଅଛି)। (ଗ) **ଶ୍ରୀ ମହେଶ କୁମାର ଶର୍ମାଙ୍କ** ନାମରେ ଖାଲି ଥିବା ଜମି ଯାହାର ମୌଜା: ଜଜାଙ୍ଗ, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୫୧/୮୨, ପୁରୁଣା ଖାତା ନଂ.: ୭୨, ପ୍ଲଟ୍ ନଂ.: ୪୨୧, କ୍ଷେତ୍ର: ଏକର ୧.୪୪ଡିସିମିଲି, କିସମ: ଶିଳ୍ପାଞ୍ଚଳ। (ଘ) **ଶ୍ରୀ ଗଣେଶ କୁମାର ଶର୍ମାଙ୍କ** ନାମରେ ଥିବା ଜମି ଯାହାର ମୌଜା: ଜଜାଙ୍ଗ, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୫୧/୮୧, ପୁରୁଣା ଖାତା ନଂ.: ୭୨, ପ୍ଲଟ୍ ନଂ.: ୪୨୧/୧୭୧୫, କ୍ଷେତ୍ର: ଏକର୧.୪୪ଡିସିମିଲି, କିସମ: ଶିଳ୍ପାଞ୍ଚଳ। | ୩୧.୦୩.୨୦୧୩ ସୁଦ୍ଧା ଟ.୪୨,୪୩,୪୬,୮୬୧/- + ୦୧.୦୪.୨୦୧୩ ଠାରୁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ) ଟ.୨୦,୬୮,୦୦,୦୦୦/- ଟ.୨,୦୬,୮୦,୦୦୦/- (ଖ)ଟ.୧,୬୯,୦୦,୦୦୦/- ଟ.୧୬,୯୦,୦୦୦/- (ଗ) ଟ.୬୩,୦୦,୦୦୦/- ଟ.୬,୩୦,୦୦୦/- (ଘ) ଟ.୬୩,୦୦,୦୦୦/- ଟ.୬,୩୦,୦୦୦/- / ୨୪.୦୪.୨୦୧୩ |

* କାରଖାନା, ଯନ୍ତ୍ରପାତି, ସେଡ୍ ଏବଂ ଷ୍ଟକ୍ସର ସଫଳ ବିକ୍ରୟ ପରେ ଜମି ଏବଂ ଗୃହ ଆଦି ସମ୍ପତ୍ତିର ବିକ୍ରୟ ଚୂଡ଼ାନ୍ତ ହେବ।

**ବିଡ୍ ବୃଦ୍ଧି ପରିମାଣ: ସମ୍ପତ୍ତି କ୍ର. ନଂ. ୩, ୪(କ)୨, ୪(ଖ)୧, ୪(ଖ)୨, ୪(ଗ), ୬(କ), ୬(ଖ), ୬(ଗ), ୭(ଗ) ଏବଂ ୭(ଘ) ନିମନ୍ତେ - ଟ.୧୦,୦୦୦/- ଏବଂ ଅନ୍ୟ ସମ୍ପତ୍ତିଗୁଡ଼ିକ ନିମନ୍ତେ - ଟ.୫୦,୦୦୦/-**

**କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେଓ୍ୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୨୫.୦୨.୨୦୧୯ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୨୧.୦୨.୨୦୧୯ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା**

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୭.୦୨.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ଇ-ନିଲାମ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଭିତ୍ତିରେ ଓ ଅନ୍-ଲାଇନ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s C1 India Pvt. Ltd.** ର ଓ୍ୱେବସାଇଟ **https://bankeauctions.com** ମାଧ୍ୟମରେ ଉପରଦର୍ଶିତ ତା୨୭.୦୨.୨୦୧୯ରିଖରେ ସମ୍ପନ୍ନ ହେବ। ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ଓ୍ୱେବସାଇଟ **https://bankeauctions.com** ରେ ଉପଲବ୍ଧ।

୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡ଼ିକ ଉପରେ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି., ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ/ଅଧିକାର/ଦେୟ ବିଷୟ ଯାଞ୍ଚ କରିବା ଉଚିତ୍। ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶୃତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ। ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରିହେବ। କ୍ଷମତାପ୍ରାପ୍ତ ଅଧିକାରୀ/ ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ।

୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **RTGS/NEFT** ମାଧ୍ୟମରେ **Account No.: 30802030269, Name of the A/C.: SBI, SAMB, Bhubaneswar, Name of the Beneficiary: State Bank of India, IFSC Code No.: SBIN0009025** କିମ୍ବା ଡ଼ିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ବ୍ୟାଙ୍କରୁ **"Authorised Officer, State Bank of India, SAMB, Bhubaneswar"**ଙ୍କ ସପକ୍ଷରେ ଭୁବନେଶ୍ୱର ଠାରେ ଦେୟ ଦର୍ଶାଇ ପୈଠ କରିବେ।

୪) ନିଲାମଧାରୀମାନେ ସଠିକ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଏବଂ ବୈଧ ଇମେଲ ଆଇଡିଧାରୀ ହେବା ଉଚିତ୍ (ଇଚ୍ଛୁକ ନିଲାମଧାରୀଙ୍କ ଇମେଲ ଆଇଡି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସଓ୍ୱାର୍ଡ **M/s C1 India Pvt. Ltd., Udyog Vihar, Phase-2, Gulf Petrochem Building, Building No. 301, Gurgaon, Haryana, Helpline Nos. 0124-4302020/21/22/23/24, 7291981124/25/26, Helpline No.: +91-124-4302000(Gurgaon), Mr. Kingshuk Ghosh: +91-9836311889 (Kolkata), Helpline E-mail Id: support@bankeauctions.com, kolkata@c1india.com** ଠାରୁ ପ୍ରାପ୍ତ କରିପାରିବେ ଏବଂ ସମ୍ପତ୍ତି ସମ୍ବନ୍ଧିୟ ଯେକୌଣସି ସୂଚନା ନିମନ୍ତେ **Authorised Officer, State Bank of India, Contact No.: 9437101649, 9437018948, 9437186669, Email ID: sbi.10130@sbi.co.in** ରେ ଯେକୌଣସି କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରନ୍ତୁ।

୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର **(KYC)**, ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପାନ୍ କାର୍ଡର ନକଲ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ ଏବଂ ଲ୍ୟାଣ୍ଡ ଲାଇନ୍ ନମ୍ବର ଇତ୍ୟାଦି **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍‌ମେଣ୍ଟ ଶାଖା, ଭୁବନେଶ୍ୱରଙ୍କ** ଠାରେ **ତା୨୫.୦୨.୨୦୧୯ରିଖ ଅପରାହ୍ନ ୦୪.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ମୂଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇମେଲ ଆଇଡିରେ ମଧ୍ୟ ପଠାଇପାରିବେ।

୬) ପୋର୍ଟାଲ **https://bankeauctions.com** ରେ ଅନ୍‌ଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍‌ମେଣ୍ଟ ଶାଖା, ଭୁବନେଶ୍ୱରଙ୍କ** ଦ୍ୱାରା ଚିହ୍ନଟ କରାଯିବ। **M/s C1 India Pvt. Ltd., Udyog Vihar, Phase-2, Gulf Petrochem Building, Building No. 301, Gurgaon, Haryana**ଙ୍କ ଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସଓ୍ୱାର୍ଡ ଯୋଗାଇ ଦିଆଯିବ।

୭) ଆଗ୍ରହୀ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍। ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ କେସ୍ ଅଫିସର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ: **ସମ୍ପତ୍ତି କ୍ର.ନଂ. ୧ ନିମନ୍ତେ- Mob.: 9437065856, ସମ୍ପତ୍ତି କ୍ର.ନଂ. ୨ ଏବଂ ୩ ନିମନ୍ତେ - Mob: 8658562113, ସମ୍ପତ୍ତି କ୍ର.ନଂ. ୪, ୫ ଏବଂ ୬ ନିମନ୍ତେ - Mob: 8658562113 ଏବଂ ସମ୍ପତ୍ତି କ୍ର.ନଂ. ୭ ନିମନ୍ତେ- Mob: 7377977178** ରେ ଯୋଗାଯୋଗ କରିପାରିବେ।

୮) ସମ୍ପତ୍ତିଗୁଡ଼ିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦନ ସାପେକ୍ଷ।

୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ମୂଲ୍ୟ ରୂପେ ରହିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ। ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି / ଅର୍ଥ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।

୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ **M/s C1 India Pvt. Ltd.**ଙ୍କ ଠାରୁ ଇ-ନିଲାମ ସମ୍ପର୍କିୟ ଅନ୍‌ଲାଇନ୍ ତାଲିମ ପାଇପାରିବେ। ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା **M/s C1 India Pvt. Ltd.** ଦାୟୀ ରହିବେ ନାହିଁ। ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାଓ୍ୱାର ବ୍ୟାକ୍‌ଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ।

୧୧) ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଜିଏସ୍‌ଟି, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ।

୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ/ ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।

୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ।

୧୪) ଯେଉଁ କ୍ଷେତ୍ରରେ ବିଡ୍ ପରିମାଣ ଟ.୫୦,୦୦,୦୦୦/- ରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ସଫଳ ନିଲାମଧାରୀ / କ୍ରେତା **ଆୟକର ଆକ୍ଟ ୧୯୬୧ର ଧାରା ୧୯୪ IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ **୨୬ QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣ ପତ୍ରର ଅରିଜିନାଲ ରସିଦ ବ୍ୟାଙ୍କରେ ଦାଖଲ କରିବେ।


୧୫) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।

**୧୬) ଏହି ବିଜ୍ଞପ୍ତି ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଏକ ୧୫ ଦିନିଆ ନୋଟିସ୍ ଅଟେ।**

ତାରିଖ : ୧୧.୦୨.୨୦୧୯
ସ୍ଥାନ : ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଧରିତ୍ରୀ DHARITRI
ସମ୍ବଲପୁର, ମଙ୍ଗଳବାର, ୧୨ ଫେବୃୟାରୀ, ୨୦୧୯



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରା



## ସଂକ୍ଷେପରେ

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ବ୍ରଜରାଜନଗର, ୧୧।୨ (ଡି.ଏନ.ଏ)- ସ୍ଥାନୀୟ ଅଭୟପୁର ବାସିନ୍ଦା ଶିବୁ ସା (୩୨)ଙ୍କର ରବିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । ଶିବୁ ରବିବାର ସାଙ୍ଗମାନଙ୍କ ସହିତ ଝାରସୁଗୁଡ଼ା ଯାଇଥିଲା। ସେଠାରେ ଏକ ନାମୀ ହୋଟେଲରେ ଖାଦ୍ୟ ଖାଇ ଘରକୁ ଫେରିଥିଲେ । ପରେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତୁରନ୍ତ କେନ୍ଦ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରାତି ୧୧ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା । ଓରିଏଣ୍ଟ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ତଦନ୍ତ ଆରମ୍ଭ କରିଛି । ସାଙ୍ଗରେ ଥିବା ତିନି ଜଣ ଯୁବକଙ୍କୁ ପୋଲିସ ଅଟକ ରଖି ଅନୁସନ୍ଧାନ ଆରମ୍ଭ କରିଛି । ଅତ୍ୟାଧିକ ମଦ୍ୟପାନ କରିଥିବା ସାଙ୍ଗମାନେ ପୋଲିସ ଆଗରେ ପ୍ରକାଶ କରିଚନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ, ମୃତକ ଭୁତବଙ୍ଗଳାଠାରେ ଏକ ଫଟୋ ଦୋକାନ କରିଥିଲେ ।

### ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓକିଲଙ୍କ ସ୍ମାରକପତ୍ର

ଝାରସୁଗୁଡ଼ା ଅଫିସ,୧୧।୨- ଆଇନଜୀବୀଙ୍କ ସାମାଜିକ ସୁରକ୍ଷା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଦାବିକରି ସୋମବାର ଝାରସୁଗୁଡ଼ା ବାର ଆସୋସିଏଶନ ଏକ ଦାବିପତ୍ର ପ୍ରଦାନ କରିଛି। ଜିଲାପାଳଙ୍କ ଜରିଆରେ ଆଇନଜୀବୀମାନେ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଏହି ଦାବିପତ୍ର ପଠାଇଛନ୍ତି। ପ୍ରତ୍ୟେକ ବାର ପାଇଁ ଚାମ୍ବର, ଆବଶ୍ୟକ କୋଠା, ଜରୁରୀ ଉପକରଣ ଓ ସୁବିଧା, ଲାଇବ୍ରେରୀ, ଇଣ୍ଟରନେଟ୍ ସୁବିଧା, ମହିଳାଙ୍କ ପାଇଁ ଉପଯୋଗୀ ସେବା ଓ ସୁବିଧା ଯୋଗାଇବାକୁ ଦାବି କରାଯାଇଛି। ଏ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିବା ସହ ଆଇନଜୀବୀଙ୍କ ପାଇଁ ବଜେଟରେ ୫ ହଜାର ଭାବେ କୋଟି ଟଙ୍କା ଆବଣ୍ଟନ କରିବାକୁ ଦାବି କରାଯାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ଦିନ ଝାରସୁଗୁଡ଼ା ଆଇନଜୀବୀ ସଂଘ ତରଫରୁ ଏକ ପ୍ରତିନିଧି ଦଳ ଭୁବନେଶ୍ୱରରେ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବେ ବୋଲି ସୂଚନା ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ ପାଇଁ ସୋମବାର ବାର ସଭାପତି ରଘୁମଣି ପଟେଲ, ସମ୍ପାଦକ ପଦ୍ମନାଭ ମାଳି ସମେତ ଦିନେଶ ଜୈନ, ବସନ୍ତ ସାହୁ, ସତ୍ୟନାରାୟଣ ବହିଦାର, ନରେଶ ନାଏକ, ସନ୍ଦୀପ ଅୱସ୍ତୀ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଲା

ଲଖନପୁର,୧୧।୨ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ସଦର ମହକୁମାସ୍ଥିତ ସମଲେଇ ପଡ଼ିଆରେ ଚାଲିଥିବା ୧୧ତମ ତିହାର ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବ ଗତ ୯ ତାରିଖରେ ଉଦ୍‌ଘାଟିତ ହୋଇଥିଲା । ଏଥିରେ ରାଜ୍ୟ ଓ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଯୋଗଦେଇଥିଲେ । ପୁରୀର ଶିଳ୍ପୀ ଏଣ୍ଟରଟେନ୍‌ମେଣ୍ଟ,ଖୋର୍ଦ୍ଧାର ପାଇକ ଆଖଡ଼ା,ବରଗଡର ଦିବ୍ୟରୂପା କଳାପରିଷଦ,ଝାରସୁଗୁଡ଼ା ପ୍ରଫେସ୍‌ନାଲ୍ ଡ୍ୟାନ୍ସ ଗ୍ରୁପ୍, ଲଖନପୁର କ୍ରିଷ୍ଣା ଡ୍ୟାନ୍ସ ଗ୍ରୁପ୍ ଆଦି ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ବିଭିନ୍ନ ନୃତ୍ୟ, ସଙ୍ଗୀତ, ପାଲା,ସମ୍ପ୍ରଦା,ସଂକୀର୍ତ୍ତନ ପରିବେଷଣ କରିଥିଲେ । ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ।

ମହୋତ୍ସବ ପ୍ରାରମ୍ଭରେ ଐତିହାସିକ ପର୍ଯ୍ୟଟନସ୍ଥଳୀ କୋଇଲି ଘୋଘର ଶୈବପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ଘଣ୍ଟ ବାଦ୍ୟ, ସମ୍ପ୍ରଦା,ସଂକୀର୍ତ୍ତନ ଦଳକୁ ନେଇ ଏକ ଶୋଭାଯାତ୍ରା ତିହାର ମଣ୍ଡପରେ ପହଁଞ୍ଚିଥିଲା । ଏହି ଶୋଭାଯାତ୍ରାକୁ ରାସ୍ତାର ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା । ମହୋତ୍ସବକୁ ପଦ୍ମଶ୍ରୀ ଡ.ହଳଧର ନାଗ ଉଦ୍‌ଘାଟନ କରିଥିଲେ । ଦ୍ୱିତୀୟ ଦିବସରେ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ,ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସନତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ପୂର୍ବତନ ବିଧାୟକ ଅନୁପ ସାଏ,ସମ୍ମାନିତ ଅତିଥି ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ଜିଲାପରିଷଦ ଉପାଧ୍ୟକ୍ଷା ପଙ୍କଜିନୀ ପ୍ରଧାନ, ପୂର୍ବତନ ସରପଞ୍ଚ ବେଣୁଧର ଭୋଇ, କମିଟି ସଭାପତି ମହେନ୍ଦ୍ର ପ୍ରଧାନ, ସମ୍ପାଦକ ଅଭିନ୍ନ ଚନ୍ଦ୍ର ମାଝି, ସାଂସ୍କୃତିକ ସମ୍ପାଦକ ନରୋତ୍ତମ ପ୍ରଧାନ, କୋଷାଧ୍ୟକ୍ଷ ରାଜେନ୍ଦ୍ର ଜୟସ୍ୱାଲ ଓ ରୋହିତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଥିବା ମଞ୍ଚାସୀନ ଅତିଥିମାନେ ।

### ତିହାର ଉଦ୍‌ଯାପିତ

ମହୋତ୍ସବ କମିଟି ସଭାପତି ପିତାମ୍ବର ମିଶ୍ର ଅଧ୍ୟକ୍ଷତା କରିଥିଲେ । ପ୍ରଫୁଲ ସା ଓ ଇନ୍ଦ୍ରମଣି ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ତିହାର ନାମକ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ତିହାର ମଣ୍ଡପକୁ ସ୍ୱର୍ଗତ ହରିଶଙ୍କର ମାଝିଙ୍କ ନାମରେ ନାମିତ କରାଯାଇଥିଲା । ସମଲେଇ ପଡ଼ିଆ ଜମିର ଉତ୍ତରାଧିକାରୀ ହୃଷିକେଶ ଦେହେରୀ ଓ ପ୍ରେମାନନ୍ଦ ପ୍ରଧାନଙ୍କୁ ସପତ୍ନୀକ ଉପଢୌକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳର କଳାକାର,କ୍ରୀଡାବିତ,ସାମାଜିକ କର୍ମୀ ଆଦିଙ୍କୁ ମହୋତ୍ସବ କମିଟି ତରଫରୁ ମାନପତ୍ର ପ୍ରଦାନକରି ସମ୍ମାନିତ କରାଯାଇଥିଲା । ଏଥିରେ ମୀନାବଜାର ସାଙ୍ଗକୁ ବିଭିନ୍ନ ପ୍ରକାର ଦୋକାନ ବଜାର ଲାଗିଥିଲା । ଲୋକେ ମହୋତ୍ସବକୁ ଉପଭୋଗ କରିବା ସହ ଦୋକାନ ବଜାରରୁ କିଣାବିକାକରି ମଜା ଉଠାଇଥିଲେ । କମିଟି ସଦସ୍ୟ ଚର୍ତୁଭୂଜ ପ୍ରଧାନ,କରୁଣାକର ବାରିକ,ଗଣେଶ ପ୍ରଧାନ,ଶ୍ରୀକାନ୍ତ ଭୋଇ, ସନ୍ତୋଷ ଜୟସ୍ୱାଲ, ଦୂର୍ଯ୍ୟୋଧନ କିଷାନ, ବ୍ରଜମୋହନ କଲେତ, ବୃଷଭାନୁ ବଗାର, ନରେନ୍ଦ୍ର ଭୋଇ, ପ୍ରମୋଦ ପଶାୟତ, କେଦାର ବାରିକ, ଜୟଦେବ ପାଣ୍ଡେ, ଦେବାଧି ପ୍ରଧାନ, ରମେଶ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୋଳଥ ଡାଲି,**
**ଟିକିଏ ମାଗିଲେ ଦଉଥା ଢାଳି ।**

ଆଗକାଳରେ କୋଳଥ ଗରିବମାନଙ୍କର ଖାଦ୍ୟ ରୂପେ ଗଣା ହେଉଥିଲା । ସହଜରେ ମିଳୁଥିବା ଓ ଅଳ୍ପ ଦାମିକିଆ ଜିନିଷ ଟିକିଏ ମାଗୁଥିଲେ ତାକୁ ବହୁତ ବା ଅଧିକ ଦେଲେ କିଛି କ୍ଷତି ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଂସା ଲୋଟା;**
**ଯାହା ହାବୁଡୁଛି ଅଣ୍ଟାକୁ ଉଠା ।**

ଚୋରର ପ୍ରକୃତି ଚୋରି କରିବା। ସୁବିଧା ସୁଯୋଗ ପାଇଲେ ଆଗପଛ କି ଭଲମନ୍ଦ ନ ବିଚାରି ଜିନିଷ ଉଠେଇନେବା ସେମାନଙ୍କ ଚିରାଚରିତ ଅଭ୍ୟାସ ହୋଇଥାଏ। ଯାହା ପାଉଛ ଧର ନୀତିରେ ଯେତେବେଳେ ଯାହା ମିଳୁଛି ତାକୁ ନେବା ଲାଗି ବ୍ୟାକୁଳ ହୋଇ ଉଠିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନିଆଁରେ ପୋଡ଼ି ହୋଇ ନାବାଳକ ଗୁରୁତର

ଝାରସୁଗୁଡ଼ା ଅଫିସ,୧୧।୨

ନିଆଁ ପୋଇଁବା ବେଳେ ପୋଡ଼ି ହୋଇ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ସେ ହେଲେ ବଞ୍ଜାରୀ ଚିଠୁଆପଡାର ଶଙ୍କର ଓରାମଙ୍କ ପୁଅ ଅକ୍ଷୟ ଓରାମ(୧୨)। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ଝାରସୁଗୁଡ଼ା ଟାଉନ ଥାନା ଅଧୀନ ବଞ୍ଜାରୀ ଚିଠୁଆପଡାର ଅକ୍ଷୟ ଏବଂ ଅନ୍ୟ ୪ ଜଣ ସାଙ୍ଗ ରବିବାର ରାତିରେ ପାଖ ପଡାକୁ ବୁଲିବାକୁ ଯାଇଥିଲେ। ରାତିରେ ଘରକୁ ଫେରି ନ ଥିଲେ। ଶୀତ ଅଧିକ ଥିବାରୁ ଏକ ପାଳଗଦା ନିକଟରେ ନିଆଁ ଲଗାଇ ସମସ୍ତେ ଶୋଇଥିଲେ। ବିଳମ୍ବିତ ରାତିରେ ପାଳଗଦାରେ ନିଆଁ ଲାଗି ଯାଇଥିଲା । ଫଳରେ ସେଠାରେ ଶୋଇଥିବା ଅକ୍ଷୟ ପୋଡ଼ି ଯାଇଥିଲେ। ଏହି ଘଟଣା ପରେ ଅକ୍ଷୟଙ୍କ ସାଙ୍ଗମାନେ ଭୟରେ କୁଆଡ଼େ ଚାଲିଯାଇଥିଲେ। ଯନ୍ତ୍ରଣାରେ ଛଟପଟ ହେଉଥିବା ଅକ୍ଷୟ ଦୌଡି ଦୌଡି ଘରକୁ ଆସିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରଙ୍କ କହିବାନୁସାରେ ନିଆଁରେ ଅକ୍ଷୟଙ୍କ ଶରୀରର ୯୦ ଭାଗ ପୋଡ଼ି ଯାଇଛି।

ସୋଢ଼ାମାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

# ଭାଷାପ୍ରତି ଅନୁରାଗୀ ହେବାକୁ ପରାମର୍ଶ

କୋଲାବିରା,୧୧।୨ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ଅନ୍ତର୍ଗତ ସୋଢାମାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାସିଂହା ଆର୍ୟୁବେଦିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁରେଶ ଚନ୍ଦ୍ର ଗୋଖରା ଯୋଗ ଦେଇ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷା ସଂସ୍କାର ଉପରେ ଉଦ୍‌ବୋଧନ ଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ବିନୋଦ ନାଏକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ମୂଲ୍ୟବୋଧ,ଭାଷାପ୍ରତି ଅନୁରାଗୀ ହେବାକୁ ପରାମର୍ଶ ଦେଇଥିଲେ । ନାଏବ ସରପଞ୍ଚ ସୁମନ୍ତ କିଶାନ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଦିବାକର କଣ୍ଟା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଶିକ୍ଷା ତଥା ଅନୁଶାସନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି ଅବସରରେ ନୃତ୍ୟ,ଗୀତ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଶେଷରେ ୭୪ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ । ସହକାରୀ ଶିକ୍ଷକ ଶରତଚନ୍ଦ୍ର ମହାପାତ୍ର ଏବଂ ପ୍ରେମସାଗର ଦାସ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ବସନ୍ତ କୁମାର ବେହେରା, ଶିକ୍ଷକ ହେମସାଗର ନାଏକ, ସୁବୋଧ ଚନ୍ଦ୍ର ପଟେଲ, ପ୍ରମୋଦିନୀ ଏକ୍କା, ସାବିତ୍ରୀ ପଟେଲ, ରାଜଶ୍ରୀ ବେହେରା, ମନୋଜ ମହାପାତ୍ର, ଗୌରୀ ସୁହୁଲାଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ପରିଚାଳନା କମିଟିର ସଦସ୍ୟମାନେ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କ୍ରୀଡା ଶିକ୍ଷକ ବସନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ ।

# ବିଏସ୍‌ଏନ୍‌ଏଲ୍ ଠିକା କର୍ମଚାରୀଙ୍କ ଆନ୍ଦୋଳନ

ବ୍ରଜରାଜନଗର,୧୧।୨ (ଡି.ଏନ୍.ଏ.)

ବ୍ରଜରାଜନଗର ସହରାଞ୍ଚଳର ଗାନ୍ଧୀଛକଠାରେ ଥିବା ବିଏସ୍‌ଏନ୍‌ଏଲ କାର୍ଯ୍ୟାଳୟ ସମ୍ମୁଖରେ ସୋମବାରଠାରୁ ୧୬ ଜଣ ଠିକା କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଏ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି ଠିକା କର୍ମଚାରୀମାନେ ସୂଚନା ଦେଇଛନ୍ତି । କର୍ମଚାରୀମାନେ ଦୀର୍ଘ ୩ ମାସ ହେବ ଦରମା ପାଇ ନାହାନ୍ତି। ଏଥିଯୋଗୁ ସେମାନଙ୍କ ପରିବାର ଲୋକେ ସମସ୍ୟା ଭିତରେ ଦିନ କାଟୁଛନ୍ତି । ଏ ସମ୍ବନ୍ଧରେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଚଳିତ ମାସ ୪ ତାରିଖରେ ପତ୍ର ମାଧ୍ୟମରେ ଅବଗତ କରାଯାଇଥିଲା । ଚଳିତ ମାସ ୧୦ ତାରିଖ ସୁଦ୍ଧା ବକେୟା ଦରମା ପ୍ରଦାନ ନ କଲେ ୧୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ କରାଯିବ ବୋଲି ସୂଚନା ଦିଆଯାଇଥିଲା । ବିଭାଗୀୟ କର୍ତ୍ତୃପକ୍ଷ ଦାବି ସମ୍ପର୍କରେ ଅବଗତ ଥାଇ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଆଜି ଠାରୁ ଧାରଣା ଦିଆଗଲା ବୋଲି କର୍ମଚାରୀମାନେ ପ୍ରକାଶ କରିଛନ୍ତି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790



ସାଂସ୍କୃତିକ ବିକାଶ ସଂଘର ବାର୍ଷିକଉତ୍ସବ ଉତ୍ସବରେ ଯୋଗଦେଇଥିବା ଅତିଥି।

# ପୂର୍ବାଞ୍ଚଳ ସାଂସ୍କୃତିକ ବିକାଶ ସଂଘର ବାର୍ଷିକ ଉତ୍ସବ

ବ୍ରଜରାଜନଗର, ୧୧।୨ (ଡି.ଏନ.ଏ.)

ଜରାଜନଗର ସହରାଞ୍ଚଳ ଓରିଏଣ୍ଟ ପେପର ମିଲ୍ କଲୋନୀ ଶିବ ମନ୍ଦିର ପାର୍ଶ୍ୱରେ ଥିବା ପୂର୍ବାଞ୍ଚଳ ସାଂସ୍କୃତିକ ବିକାଶ ସଂଘର ପ୍ରଥମ ବାର୍ଷିକଉତ୍ସବ ପାଳିତ ହୋଇଯାଇଛି । ସ୍ଥାନୀୟ ବିଧାୟିକା ରାଧାରାଣୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର ଉନ୍ନତି କାମନା କରିଥିଲେ। ସେ ସଂଘ କର୍ମକର୍ତ୍ତାଙ୍କ ସହିତ ମିଶି କାମ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ବ୍ରଜରାଜନଗରରେ ବାସ କରୁଥିବା ବିହାରୀ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ଏହି ସଂଘରେ ଅନେକଗୁଡିଏ ଜନହିତକର କାର୍ଯ୍ୟକୁ ହାତକୁ ନିଆଯାଇଛି । ମୃତଦେହ ଦାହ ନିମନ୍ତେ ମାଗଣାରେ କାଠ ଯୋଗାଣ, ଝିଅ ବିବାହ ଓ ବ୍ରତଘର କରି ପାରୁ ନ ଥିବା ଅସହାୟଙ୍କୁ ସହାୟତା କରିବା ଆଦି କଲ୍ୟାଣ ମୂଳକ କାର୍ଯ୍ୟ କରିବାକୁ ବରିଷ୍ଠ ସଦସ୍ୟ ପ୍ରକାଶ ରାଏ ମତ ରଖିଥିଲେ । ସଂଘର ନାମ ଭାରତର ମାନଚିତ୍ରରେ ପୂର୍ବାଞ୍ଚଳ ରଖାଯାଇଥିବା ଉପରେ ସଭ୍ୟ ଦାଦନ ସିଂ ସମସ୍ତଙ୍କୁ ଅବଗତ କରାଇଥିଲେ । ସଂଘ ପରିସରରେ ମା'ସରସ୍ୱତୀଙ୍କ ପୂଜା ସହିତ ଭଜନ ସମାରୋହ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଏଆଇଟିୟୁସିର ନେତା ଅନୀତ ଚକ୍ରବର୍ତ୍ତି ଯୋଗଦେଇ ପରିଚାଳନା କମିଟି ସଦସ୍ୟମାନଙ୍କୁ ଧନ୍ୟବାଦ ଦେଇଥିଲେ । କୃଷ୍ଣ ମୁରାରୀ, ସଞ୍ଜୟ ରାଏ, ବିମଳେଶ ସିଂ ପ୍ରମୁଖ ଏଥିରେ ସହାୟତା କରିଥିଲେ ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ଼ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧା ଡକ୍ୟୁମେଣ୍ଟ
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ଼ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ । 2% ସୁଧ 50% ଛାଡ଼ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

FINANCE
ବ୍ୟବସାୟୀମାନେ ନିଜ ବ୍ୟବସାୟର ଫଟୋ (ଦୋକାନ, ମେସିନ, ଗାଡ଼ି) ଓ ପ୍ରମାଣପତ୍ର ଦେଇ ୨୦ଲକ୍ଷ ଏବଂ ବେରୋଜଗାରୀ ନୂତନ ବ୍ୟବସାୟ କରିବାପାଇଁ ଆନୁମାନିକ ମୂଲ୍ୟର ବିବରଣୀ ଦେଇ ୧୫ଲକ୍ଷ ପର୍ଯ୍ୟନ୍ତ ବାର୍ଷିକ ୪% ସୁଧରେ ଋଣ ନେଇ ପାରିବେ।
Contact
8658340105

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧା।
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର
7827094474
7827246964
Add : - 41/14, Sec-1 Pushp Vihar, Delhi

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୨ ଫେବୃୟାରୀ, ୨୦୧୯



## ସଂକ୍ଷେପରେ

### କେଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

ରାଉରକେଲା ଅଫିସ୍,୧୧।୨

କୋଶଳ ଜନତା ଦଳ ପକ୍ଷରୁ ଏହାର ରାଉରକେଲା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଛେଣ୍ଡରେ ପ୍ରତିଷ୍ଠା କରାଯାଇଥିବା ଏହି କାର୍ଯ୍ୟାଳୟକୁ ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର ଉଦ୍‌ଘାଟନ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ସେ କହିଥିଲେ କେଜେଡି ଜିଲା କାର୍ଯ୍ୟାଳୟ ଉଦ୍‌ଘାଟନ ପରେ ଦଳର ସାଙ୍ଗଠନିକ ସ୍ଥିତି ବୃଦ୍ଧି ପାଇବ। କୋଶଳ ରାଜ୍ୟର ସ୍ୱପ୍ନ ସାକାର କରିବା ନେଇ ସମସ୍ତେ ଆଗକୁ ଆସିବାକୁ ମିଶ୍ର ଆହ୍ୱାନ କରିଥିଲେ। ଏଥିରେ ଦଳର ବହୁ କର୍ମକର୍ତ୍ତା ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ।

### ସର୍ବକାଳୀନ ଶ୍ରେଷ୍ଠ ଏକ ଦିବସୀୟ ରେକର୍ଡ

ରାଉରକେଲା ଅଫିସ,୧୧।୨

ମହାରତ୍ନ କମ୍ପାନୀ ସେଲ୍ ଅଧୀନ ରାଉରକେଲା ଇସ୍ପାତ୍ କାରଖାନା ନୂତନ ପ୍ଲେଟ ମିଲ୍ ଗତ ୧୦ ତାରିଖରେ ସର୍ବକାଳୀନ ଶ୍ରେଷ୍ଠ ଏକ ଦିବସୀୟ ପ୍ଲେଟ ଉତ୍ପାଦନରେ ରେକର୍ଡ ହାସଲ କରିଛି। ଉଚ୍ଚ ସାମର୍ଥ୍ୟ ଯୁକ୍ତ ପ୍ଲେଟ ଉତ୍ପାଦନ ନିମନ୍ତେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଆଧୁନିକ କାରିଗରୀ କୌଶଳ ସମ୍ପନ୍ନ ମିଲ୍ ଉପରୋକ୍ତ ଦିନ ୪୭ ହଜାର ୭୪୭ ଟନ୍ ପ୍ଲେଟ ଉତ୍ପାଦନ କରି ଏଭଳି ରେକର୍ଡର ଅଧିକାରୀ ହୋଇପାରିଛି। ଏଥିପୂର୍ବରୁ ଗତ ୭ ଅକ୍ଟୋବର ୨୦୧୭ରେ ୪ ହଜାର ୩୪୯ ଟନ ପ୍ଲେଟ ଉତ୍ପାଦନ ବିଭାଗର ସର୍ବକାଳୀନ ରେକର୍ଡ କରାଯାଇଥିଲା।

### ୫ ଦଫା ଦାବି ପୂରଣ ଆନ୍ଦୋଳନ ଜୋରଦାର

# ଓକିଲଙ୍କ ୨ ଦିନିଆ କାର୍ଯ୍ୟବନ୍ଦ

ରାଉରକେଲା ଅଫିସ,୧୧।୨

ଭାରତୀୟ ବାର କାଉନସିଲ ଆହ୍ୱାନ କ୍ରମେ ସୋମବାର ରାଉରକେଲା ଓକିଲ ସଂଘ ପକ୍ଷରୁ ୫ଦଫା ଦାବି ନେଇ ୨ ଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଏନେଇ ଏଡିଏମ୍‌ଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧିଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ୧ ମାର୍ଚ୍ଚ ୨୦୧୪ରେ ବାର କାଉନସିଲ ଅଫ୍ ଇଣ୍ଡିଆ ପକ୍ଷରୁ ୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଓକିଲଙ୍କ ଚ୍ୟାମ୍ବର ତଥା ଆବଶ୍ୟକ ଗୃହ ଯୋଗାଇ ଦେବା, ମହିଳା ଓ ପୁରୁଷ ଓକିଲଙ୍କ ନିମନ୍ତେ ଅଲଗା ଶୌଚାଳୟ ବ୍ୟବସ୍ଥା, ଓକିଲଙ୍କ ପାଇଁ ବଜେଟ୍‌ରେ ୫ ହଜାର ଅନୁଦାନ ବ୍ୟବସ୍ଥା କରିବା, ଲିଗାଲ ସର୍ଭିସ ଅଥରିଟି ଆକ୍ଟରେ ସଂଶୋଧନ ଆଣିବା, ସରକାରଙ୍କ ଦ୍ୱାରା ବିଭିନ୍ନ ଘଟଣା ନେଇ ଗଠନ କରାଯାଉଥିବା ତଦନ୍ତ କମିଶନରେ ବିଚାରପତିଙ୍କ ସହ ଆଇନଜୀବୀଙ୍କୁ ସଦସ୍ୟ ଭାବେ ଗ୍ରହଣ କରିବାକୁ ଉଲ୍ଲେଖ ରହିଥିଲା। ଏଥିସହ ଆଇନଜୀବୀଙ୍କୁ ସୁଲଭ ମୂଲ୍ୟରେ ଜମି ଓ ଘର ଯୋଗାଇ ଦେବା ଭଳି କେତେକ ଦାବି ପ୍ରଧାନମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ଯାହା ଆଜି ପର୍ଯ୍ୟନ୍ତ ସମ୍ଭବ ହେଲା ନାହିଁ। ଏନେଇ ସମଗ୍ର ଦେଶରେ କାର୍ଯ୍ୟରତ ଆଇନଜୀବୀଙ୍କ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏଣୁ ଫେବୃୟାରୀ ୧୧ରୁ ଦୁଇ ଦିନିଆ କୋର୍ଟ ବର୍ଜନ ନେଇ ସର୍ବଭାରତୀୟସ୍ତରରେ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଆସୋସିଏଶନ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ସମସ୍ତ ଆଇନଜୀବୀ ଏକ ଶୋଭାଯାତ୍ରାରେ ଆସି ଏହି ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ସଭାପତି ରମେଶ ବଳ, ସାଧାରଣ ସମ୍ପାଦକ ଅକ୍ଷୟ ସାହୁ, ଉପସଭାପତି ରଙ୍ଗବାହାଦୂର ବାଗ, ଦେବାନନ୍ଦ ତନ୍ତି, ଶ୍ରୀନିବାସ ପଣ୍ଡା, ଭୀମବାହାଦୁର ପତି, ବିଜୟ ଦାସ, ପଦ୍ମିନୀ ଦାସ, ଅନୁସୟା ପଣ୍ଡା. ମାନସ ମହାପାତ୍ର, ଉପେନ୍ଦ୍ର ଶତପଥୀ, ଡି.ଏନ୍. ପଣ୍ଡା, ପ୍ରବୀର ମିଶ୍ର, ପଞ୍ଚାନନ ଶତପଥୀ, ଦଣ୍ଡପାଣି ଚୌଧୁରୀ, ସନ୍ତୋଷ ଦାସ, ଅରିନ୍ଦମ ଦତ୍ତ, ପ୍ରମୋଦ ଦେବତା, ନୃସିଂହ ଜେନା ଓ ହରେକୃଷ୍ଣ ବେହେରାଙ୍କ ସମେତ ଶତାଧିକ ଆଇନଜିବୀ ଉପସ୍ଥିତ ଥିଲେ।



କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିବା ଓକିଲମାନେ।

# ଜଗଦା ସାଇ ମନ୍ଦିରର ବାର୍ଷିକ ସମାରୋହ

ରାଉରକେଲା ଅଫିସ,୧୧।୨

ରବିବାର ଜଗଦା ସାଇ ମନ୍ଦିରର ୫ମ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସକାଳୁ ପାରମ୍ପରିକ ରୀତିନୀତି ଅନୁଯାୟୀ କଳସ ଶୋଭାଯାତ୍ରା, ହୋମଯଜ୍ଞାଦି କାର୍ଯ୍ୟ ସମାପନ ପରେ ଆରତୀ ଏବଂ ପାଲିଙ୍କି ଯାତ୍ରା ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଆରତୀ ଦେଖିବାକୁ ମନ୍ଦିର ବେଢାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନମୋହନ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ହରିହାଟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପରିଚାଳନା କମିଟି ସଭାପତି ଅରବିନ୍ଦ ରଥ, ଉପସଭାପତି ଦୀପକ ସାହୁ, ସମ୍ପାଦକ ରମେଶ ଦାସ, କୋଷାଧ୍ୟକ୍ଷ ଦେବେନ୍ଦ୍ର ଲେଙ୍କା, ସୁରେନ୍ଦ୍ର ସାହୁ, ବିକଳାନନ୍ଦ ମହାନ୍ତି, ପ୍ରକାଶ ବାରିକ, ପ୍ରସନ୍ନ ତ୍ରିପାଠୀ, ନରହରି ସାହୁ ଓ ବିଟୁ ରଥ ପ୍ରମୁଖ ଏହି ସମାରୋହକୁ ପରିଚାଳନା କରିଥିଲେ।


ବାର୍ଷିକ ସମାରୋହ ଅବସରରେ ବାହାରିଥିବା ପାଲିଙ୍କି ଶୋଭାଯାତ୍ରା।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

## ଗୃହରକ୍ଷୀଙ୍କ ଚେତାବନୀ

ରାଉରକେଲା ଅଫିସ,୧୧।୨

ଆଇନଶୃଙ୍ଖଳା ରକ୍ଷା ପାଇଁ ରାଜ୍ୟରେ କାର୍ଯ୍ୟରତ ୧୭ ହଜାର ୬୭୫ ହୋମଗାର୍ଡଙ୍କୁ ସରକାର ଅବହେଳା କରିଆସୁଛନ୍ତି । ଏମାନଙ୍କ ମଧ୍ୟରୁ ରାଉରକେଲାରେ କାର୍ଯ୍ୟରତ ୯୪୨ଜଣ ହୋମଗାର୍ଡଙ୍କ ଅବସ୍ଥା ମଧ୍ୟ ସେପରି । ଆଜକୁ ୫୮ବର୍ଷ ପୂର୍ବେ ପ୍ରଣୀତ ଆଇନ ଆଧାରରେ ଆମେ କେବଳ ଖଟି ଚାଲିଛୁ। ସେହି ଆଇନର ପରିବର୍ତ୍ତନ ନାହିଁ କି ସଂଶୋଧନ କରାଯାଉନି। ସର୍ବନିମ୍ନ ମଜୁରି ମିଳୁନି କି ସାମାଜିକ ସୁରକ୍ଷା ନାହିଁ। ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀଙ୍କ ସହ ମିଶି କାମ କରୁଥିବା ଗୃହରକ୍ଷୀଙ୍କୁ ଉଚିତ୍ ପ୍ରାପ୍ୟ ଦେବାରେ ସରକାର କୁଣ୍ଠା ପ୍ରକାଶ କରୁଛନ୍ତି। ଫଳରେ ରାଜ୍ୟରେ କାର୍ଯ୍ୟରତ ଗୃହରକ୍ଷୀଙ୍କ ସମସ୍ୟା ଦୟନୀୟ ହୋଇପଡିଛି ବୋଲି ରାଉରକେଲା ସଙ୍ଗଠନ ସଭାପତି ଧନୀରାମ ସାହୁ, ସମ୍ପାଦକ ସୁରେନ୍ଦ୍ର ବିଶ୍ୱାଳ, ଏତୱା ଡାଙ୍ଗୁଆର, ଜିତେନ୍ଦ୍ର ପାତ୍ର ଓ ସନ୍ତୋଷ ଗୌଡ ପ୍ରମୁଖ କହିଛନ୍ତି।

ରାଜ୍ୟ ସରକାର ଯଦି ପ୍ରାଥମିକତା ଭିତ୍ତିରେ ଗୃହରକ୍ଷୀଙ୍କ ୭ ଦଫା ଦାବି ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରନ୍ତି, ସଙ୍ଗଠନ ଆନ୍ଦୋଳନରୁ ଓହରି ଯିବ । ଅନ୍ୟଥା ରାଜ୍ୟ ମହାସଂଘ ପକ୍ଷରୁ ଯେଉଁ ପଦକ୍ଷେପ ନିଆଯିବ ତାକୁ ଆମେ ସମର୍ଥନ କରିବୁ। ଗଣତାନ୍ତ୍ରିକ ପଦ୍ଧତିରେ ଯାହା ଆବଶ୍ୟକ ତାହା ନିଶ୍ଚିତ ଭାବେ କରାଯିବ ବୋଲି ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଆଇନ ଶୃଙ୍ଖଳାରୁ ନେଇ ସାମାଜିକ ସୁରକ୍ଷାରେ ଜଣେ ଗୃହରକ୍ଷୀର ଗୁରୁଦାୟିତ୍ୱ ରହିଛି। ଏକଥା ସରକାର ଭଲ ଭାବେ ଜାଣନ୍ତି। ସରକାରୀ କର୍ମଚାରୀଙ୍କ ଭଳି ହୋମଗାର୍ଡମାନେ ବର୍ଷତମାମ ଖଟୁଛନ୍ତି। ଏପରି ଅବସ୍ଥାରେ ଗୃହରକ୍ଷୀଙ୍କ ପାଇଁ ରାଜ୍ୟ ସରକାର କୌଣସି ଗୋଟିଏ ହେଲେ ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରି ନାହାନ୍ତି। ଗତ ୫୮ ବର୍ଷ ମଧ୍ୟରେ ଗୃହରକ୍ଷୀ ଆଇନରେ ସଂଶୋଧନ ଅଣାଯାଇ ନାହିଁ। ଗୃହରକ୍ଷୀ ଭାବେ ଦାୟିତ୍ୱ ସମ୍ପାଦନ କରୁଥିବା ଦିନଗୁଡିକର ଦରମା ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରିଠାରୁ କମ୍ ବୋଲି ସଂଘ ଅଭିଯୋଗ କରିଛି। ଚାକିରୀ ସର୍ତ୍ତାବଳୀ ବୋଲି କିଛି ନାହିଁ।

# ଲୋକଙ୍କୁ ଠକି ଚାଲିଛନ୍ତି ରାଜ୍ୟ ସରକାର

ରାଉରକେଲା ଅଫିସ,୧୧।୨

ଭାଜପା କ୍ଷମତାକୁ ଆସିଲେ ଗରିବଙ୍କୁ ପଟ୍ଟା ସହ ପକ୍କାଘର ଓ ବେରୋଜଗାରଙ୍କୁ ନିଶ୍ଚିତ ରୋଜଗାର ମିଳିବ। ଏହି ପ୍ରତିଶ୍ରୁତି ସମ୍ବଳିତ ୟୁନିକ ଆଇଡି ଇତି ମଧ୍ୟରେ ଲୋକାର୍ପିତ ହୋଇ ସାରିଛି । ସୋମବାର ପାନପୋଷ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ସେକ୍ଟର-୩ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଙ୍ଗଠନର ରାଜ୍ୟ ସମ୍ପାଦକ ଧୀରେନ ସେନାପତି ସୂଚନା ପ୍ରଦାନ କରିଛନ୍ତି। ଏଥିରେ ମହିଳା ନେତ୍ରୀ ପ୍ରମିଳା ଦାସ, ପୂର୍ବତନ ବିଧାୟକ ଶଙ୍କର ଓରାମ, ଯୁବନେତା ଦେବେନ୍ଦ୍ର ବୀରଗଣ୍ଡିଆ, ଭାଜପା ନେତା ତପନ ସ୍ୱାଇଁ ଓ ସୁବ୍ରତ ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ବିଜେଡି ଶାସନ କାଳରେ କିଭଳି ସାଧାରଣ ଲୋକଙ୍କୁ ପ୍ରତାରିତ କରାଯାଇଛି ସେନେଇ ଆଲୋଚନା କରିଥିଲେ। ଭାଜପା ରାଜ୍ୟ ସମ୍ପାଦକ ସେନାପତି କହିଲେ, ଦୀର୍ଘ ୧୯ବର୍ଷ ସ୍ଥିର ଶାସନରେ ରହିଥିବା ବିଜେଡି ସରକାର ସମସ୍ତଙ୍କୁ ପକ୍କାଘର କିମ୍ବା ବେକାରଙ୍କୁ ନିଯୁକ୍ତି ଦେବାରେ ସମର୍ଥ ହୋଇନାହିଁ। ପ୍ରତିଶ୍ରୁତି ଦେଇ ଠକିଥିବା ସରକାରକୁ ଜବାବ ମାଗିବା ସମୟ ଆସିଛି ବୋଲି କହିଥିଲେ ଭାଜପା ନେତୃମଣ୍ଡଳୀ।



ୟୁନିକ ଆଇଡି ଥିବା ଫର୍ମ ପୂରଣ କରି ଭାଜପା କର୍ମକର୍ତ୍ତାଙ୍କ ଦସ୍ତଖତ ସମ୍ବଳିତ ପ୍ରତିଶ୍ରୁତି ପତ୍ର ଲୋକେ ନିଜ ପାଖରେ ରଖନ୍ତୁ। ନିର୍ଦ୍ଦିଷ୍ଟ ନମ୍ବର ଡାଏଲ କରି ଦାବି ପଞ୍ଜୀକୃତ କରାନ୍ତୁ। ଏସ୍‌ଏମ୍‌ଏସ୍ ଯୋଗେ ଯେଉଁ ରେଫରେନ୍ସ ନମ୍ବର ମିଳିବ ତାକୁ ଭବିଷ୍ୟତ ପାଇଁ ସାଇତି ରଖନ୍ତୁ ବୋଲି ଦଳୀୟ କର୍ମକର୍ତ୍ତା କହିଥିଲେ । ସମ୍ପାଦକ ସେନାପତି କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୦୨୨ସୁଦ୍ଧା ଦେଶର ସମସ୍ତଙ୍କୁ ପକ୍କାଘର ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ। ୨୦୦୪ରୁ-୧୪ ଉପା ୧୦ବର୍ଷ ଶାସନରେ କେନ୍ଦ୍ର ସରକାର ୬ଲକ୍ଷ ୬୭ହଜାର ୨୫୭ଟି ପକ୍କା ଘର ନିମନ୍ତେ ବ୍ୟବସ୍ଥା କରିଥିଲେ। ନରେନ୍ଦ୍ର ମୋଦି ସରକାର କେବଳ ଓଡିଶା ପାଇଁ ୧୭ଲକ୍ଷ ୯୯ ହଜାର ୯୨୭ଟି ଘର ବ୍ୟବସ୍ଥା କରାଯାଇଛି। ଉପା ସରକାର ସମୟରେ ଇନ୍ଦିରା ଆବାସ ପାଇଁ ୭୫ ହଜାର ବ୍ୟୟ ବରାଦ କରାଯାଉଥିଲା । ମୋଦି ସରକାରଙ୍କ ସମୟରେ ଏହାକୁ ୧ଲକ୍ଷ ୨୦ ହଜାର କରାଯାଇଛି। ପାଇଖାନା ନିର୍ମାଣ ନିମନ୍ତେ ପୃଥକ୍ ଭାବେ ୧୨ ହଜାର ଅର୍ଥ ରାଶି ଯୋଗାଇ ଦିଆଯାଉଛି। ଓଡିଶାର ଅମାପ ସମ୍ପଦ ଓ ସମ୍ଭାବନା ସତ୍ତ୍ୱେ ବିଜେଡି ସରକାର ବିଫଳ ହୋଇଛି ବୋଲି ମଞ୍ଚାସୀନ ଭାଜପା ନେତା ଅଭିଯୋଗ କରିଥିଲେ। ସମ୍ବଳର ସୁପରିଚାଳନା ମାଧ୍ୟମରେ ଭାଜପା କ୍ଷମତାକୁ ଆସିଲେ ରୋଜଗାର ବା ସ୍ୱରୋଜଗାର ନେଇ ନିଶ୍ଚିତ ପଦକ୍ଷେପ ନେବ ବୋଲି ସେନାପତି କହିଥିଲେ।

## ଝାରସୁଗୁଡ଼ା ଖବର...

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି,୯୦ ଅଭିଯୋଗ ପଞ୍ଜିକୃତ


ଅଭିଯୋଗ ପ୍ରକୋଷ୍ଠରେ ଜିଲାପାଳ ବିଭୂତି ଭୂଷଣ ଦାସ ଶୁଣାଣି କରୁଛନ୍ତି।

ଲଖନପୁର,୧୧।୨(ଡି.ଏନ୍.ଏ)

ଝାରସୁଗୁଡ଼ା ଜିଲାରେ ସୋମବାର ନୂତନ ଭାବେ ଯୋଗଦେଇଛନ୍ତି ଜିଲାପାଳ ବିଭୂତି ଭୂଷଣ ଦାସ । ସେ ପ୍ରଥମ ଦିନରେ ଲଖନପୁର ବ୍ଲକ୍‌ରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କରିଛନ୍ତି । ଏଥିରେ ଏସ୍‌ପି ଅଶ୍ୱିନୀ ମହାନ୍ତି, ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ବିଡିଓ ଗୋବିନ୍ଦ ଦଣ୍ଡସେନା, ତହସିଲଦାର ଜ୍ୟୋସ୍ନାରାଣୀ ସାହୁ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୯୦ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଏଥିମଧ୍ୟରେ ୮୬ ବ୍ୟକ୍ତିଗତ ୪ ସାମୂହିକ ରହିଛି। ସାମୂହିକ ଅଭିଯୋଗ ମଧ୍ୟରେ କଣ୍ଢେଇକେଲା ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ବଞ୍ଜାରୀ ପଞ୍ଚାୟତ ବର୍ଡାପ ଗ୍ରାମରେ ଘରଡିହ ପଟ୍ଟା, ପଲସଦା ଗ୍ରାମରେ ବୃହତ୍ ଉଠାଜଳସେଚନ ପ୍ରକଳ୍ପରୁ ଜଳଯୋଗାଣ, ଅତାବିରା ପଞ୍ଚାୟତରେ ସରକାରୀ ଗୋଚର ଜମି ଅକ୍ତିଆର ଆଦି ଅଭିଯୋଗ ରହିଛି। ସେହିଭଳି ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରହିଛି ବାର୍ଦ୍ଧକ୍ୟ ଭତ୍ତା,ବିଜୁ ପକ୍କାଘର, ଖାଉଟି ସାମଗ୍ରୀ, କାଳିଆ ଯୋଜନା । ଏସମ୍ପର୍କରେ ଜିଲାପାଳ ଦାସ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ଉପରୋକ୍ତ ଅଭିଯୋଗର ସମାଧାନପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ଲଇକେରା ପରିବେଶ ବଞ୍ଚାଅ ଶୋଭାଯାତ୍ରା

ଲଇକେରା, ୧୧।୨ (ଡି.ଏନ.ଏ.)-ଝାରସୁଗୁଡ଼ା ଜିଲା ପରିବେଶ ସମିତି, ଇକୋ କ୍ଲବ ଓ ଅନ୍ଧାରୀ ବନ ସୁରକ୍ଷା ସମିତି ତରଫରୁ ପରିବେଶ ବଞ୍ଚାଅ ସାଇକେଲ ଶୋଭାଯାତ୍ରା ଉଦ୍‌ଘାଟିତ ହୋଇଯାଇଛି । ଲଇକେରାସ୍ଥିତ କୁଅଁରମାଲ ଯାତ୍ରା ମଣ୍ଡପରୁ ଏହି ଶୋଭାଯାତ୍ରା ବାହାରିଥିଲା । ବିଡିଓ ପ୍ରସନ୍ନ କୁମାର ପାଣ୍ଡେ ଏହାର ଉଦଘାଟନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ପ୍ରଫେସର ଧ୍ରୁବରାଜ ନାଏକ ରାଲିର ମଙ୍ଗ ଧରି ଆଗେଇ ଚାଲିଥିଲେ । ହେମସାଗାର ହାଇସ୍କୁଲର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ସହଯୋଗ କରିଥିଲେ । ପ୍ରଥମ ଦିବସରେ ଲଇକେରା ହାଇସ୍କୁଲରେ ଏହି ଶୋଭାଯାତ୍ରା ପହଞ୍ଚି ଛାତ୍ରୀଛାତ୍ରଙ୍କୁ ପରିବେଶ ଉପରେ ସଚେତନ କରିଥିଲେ । ପରେ ସାରଙ୍ଗଲୋଇ, ଖୁଣ୍ଟାମାଲ, କୁଲେମୁରା, ନିକ୍ତିମାଲ ପଞ୍ଚାୟତ ପରିକ୍ରମା କରି ଭାତଲାଇଡା ପଞ୍ଚାୟତର ଅରବିନ୍ଦ ସ୍କୁଲରେ ରାତ୍ରି ଯାପନ କରିବା ସହିତ ଗ୍ରାମବାସୀଙ୍କୁ ପରିବେଶ ବଞ୍ଚାଅ ସଚେତନତା ଇକୋକ୍ଲବ ସଂଯୋଜକ ପ୍ରହଲ୍ଲାଦ ନାଏକ, ଜିଲା ଶାରିରୀକ ଶିକ୍ଷା ଅଧିକାରୀ ଡମ୍ବରୁଧର ପୂଝାରୀ ଯୋଗଦେଇ ସାଇକେଲ ଆରୋହୀଙ୍କୁ ଉତ୍ସାହିତ କରିଥିଲେ । ଛର୍ମୀଳା ନାଏକ, ପ୍ରତିମା ନାଏକ, ସଂଯୁକ୍ତା ନାଏକ, ପିଙ୍କି ନାଏକ, କଲ୍ୟାଣୀ ନାଏକ, ବିଳାସିନୀ ବାଗ, ଧନେଶ୍ୱର ପ୍ରଧାନ, ପ୍ରଦୀପ ପ୍ରଧାନ, ମାନସ ପ୍ରଧାନ, ଉଦୟ ନାଏକ, ବୀର ନାଏକ, ବିକ୍ରମ ପ୍ରଧାନ ପ୍ରମୁଖ ରାଲିରେ ସାମିଲ ହୋଇଥିଲେ। ଜଙ୍ଗଲ କ୍ଷୟ ପରିବେଶ ଅବକ୍ଷୟର ମୁଖ୍ୟ କାରଣ ଯଥା ସମ୍ଭବ କମ ବିଦ୍ୟୁତ ବ୍ୟବହାର, କମ୍ ଇନ୍ଧନ, ଜଳ ପ୍ରଦୂଷଣ ରୋକିବା ବାୟୁ ପ୍ରଦୁଷଣ ରୋକିବା ପ୍ଲାଷ୍ଟିକ ଓ ପଲିଥିନ ଆଦିର ବ୍ୟବହାର କମ କରିବାକୁ ବାର୍ତ୍ତା ଜିଲାର ସବୁ ପଞ୍ଚାୟତର ଗଳିକନ୍ଦିରେ ପହଞ୍ଚାଇବାକୁ ଉଦ୍ୟମ କରୁଛନ୍ତି ।


ପରିବେଶ ବଞ୍ଚାଅ ଶୋଭାଯାତ୍ରାରେ ସାମିଲ ସଦସ୍ୟମାନେ।

# ମହିଳାଙ୍କୁ ଅସଦାଚରଣ, ଯୁବକ ଗିରଫ

ଲଖନପୁର,୧୧।୨(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅଧୀନ ପୂଜାରୀପାଲି ଗ୍ରାମର ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗ ହୋଇଛି । ଏହି ଘଟଣାରେ ପୋଲିସ ସେହି ଗ୍ରାମର ଜଣେ ବିହାହିତ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲଣ କରିଛି । ଗିରଫ ଅଭିଯୁକ୍ତ ହେଲେ କର୍ଣ୍ଣ ଖଡିଆ(୩୦) । ମହିଳାଙ୍କ ଅଭିଯୋଗକୁ ନେଇ ପୋଲିସ ରେଙ୍ଗାଲି ଥାନାରେ ଏକ ମାମଲା (ନଂ.୨୦/୧୯)ରୁଜୁ କରି ତଦନ୍ତ ଚଳାଇଛି । ମହିଳା ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଗତ ରବିବାର ଗ୍ରାମରେ ଗୁପ୍‌ଚୁପ୍ ବିକ୍ରି ହେଉଥିଲା । ସେ ଗୁପ୍‌ଚୁପ୍ କିଣୁଥିଲେ । ଏତିକିବେଳେ କର୍ଣ୍ଣ ସେଠାକୁ ଆସି ତାଙ୍କୁ ଅସଦାଚରଣ କରିଥିଲେ ।

# ଶିଶୁ ବିକାଶ ବିଦ୍ୟାମନ୍ଦିର ସଂସ୍କୃତିକୁ ବଞ୍ଚାଇ ରଖିବାରେ ସମର୍ଥ

ଝାରସୁଗୁଡ଼ା ଅଫିସ,୧୧।୨

ଝାରସୁଗୁଡ଼ା ପଞ୍ଚପଡାସ୍ଥିତ ଶିଶୁ ବିକାଶ ବିଦ୍ୟାମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ସୋମବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ନବ କିଶୋର ଦାସ ଯୋଗଦେଇ କହିଲେ, ଆମ ଦେଶର ସଂସ୍କୃତି ମହାନ। ଏହି ମହାନ ସଂସ୍କୃତିକୁ ଶିଶୁ ବିକାଶ ବିଦ୍ୟାମନ୍ଦିର ଭଳି ଶିକ୍ଷାନୁଷ୍ଠାନ ବଞ୍ଚାଇ ରଖିବାରେ ସମର୍ଥ ହୋଇଛନ୍ତି। ତେଣୁ ଏଭଳି ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଉପାଦେୟ ସାବ୍ୟସ୍ତ ହେବ । ମୁଖ୍ୟବକ୍ତା ଭାବେ ଅଧାପକ ଡ. ସରୋଜ କୁଅଁର ଯୋଗଦେଇ ପିଲାମାନଙ୍କ ଭବିଷ୍ୟତ ଗଠନ ଦିଗରେ ଅଭିଭାବକ ହିଁ ଶ୍ରେଷ୍ଠ ଗୁରୁ। ତେଣୁ ପିଲାମାନଙ୍କ ପ୍ରତି ମା' ବାପାର ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ । ଏହି ସଭାରେ ଅନ୍ୟତମ ଅତିଥି ଭାବେ ପୂର୍ବତନ କାଉନସିଲର ପ୍ରତାପ ନନ୍ଦ, ଶିକ୍ଷୟିତ୍ରୀ ମଞ୍ଜୁଲତା ପଟେଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରୂପାନନ୍ଦ ଚୌଧୁରୀ, ମଦନ ହାତୀ, କୁଶାସନ ଜୟପୁରିଆ ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାନର ମହତ୍ୱ ବିଷୟରେ ମତ ଦେଇଥିଲେ। ବିଦ୍ୟା ମନ୍ଦିରର ସମ୍ପାଦକ ଦିଗମ୍ବର ମାଝି ମଞ୍ଚ ସଞ୍ଚାଳନ କରି ଛାତ୍ରୀଛାତ୍ରମାନେ ନିଜର ଲକ୍ଷ୍ୟ ସ୍ଥିର କରି ଅଧ୍ୟୟନ କ୍ଷେତ୍ରରେ ନିଷ୍ଠାପର ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସ୍କୁଲର କୋଷାଧକ୍ଷ ପ୍ରିୟଙ୍କା ସାହୁ, ପ୍ରଧାନ ଆଚାର୍ଯ୍ୟା ମମତା ସିଂ, ସଭ୍ୟ ସୁଧାକର କଉଡି, ତସମତି ପଟେଲ, ମୀରା ନଇ, ଜୟଶଙ୍କର ପଟେଲ, ସୁବ୍ରତ ତ୍ରୀପାଠି, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଆୟୋଜନ ଏବଂ ପରିଚାଳନାରେ ସହଯୋଗ କରିଥିଲେ। ନୃତ୍ୟଗୁରୁ ବିପିନ ସାହୁଙ୍କ ଦ୍ୱାରା ପ୍ରଶିକ୍ଷିତ ଛାତ୍ରୀଛାତ୍ର ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ।



ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୨ ଫେବୃୟାରୀ, ୨୦୧୯



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ



## ସଂକ୍ଷେପରେ

### ବାଇକ୍ ଚୋରି ଅଭିଯୋଗରେ ଗିରଫ

**ଲହୁଣୀପଡ଼ା,୧୧।୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ମୁଖ୍ୟ ବଜାରସ୍ଥିତ ଏକ ତେଜରାତି ଦୋକାନ ସମ୍ମୁଖରୁ ବାଇକ୍ ଚୋରି କରିଥିବା ଅଭିଯୋଗରେ ଲହୁଣୀପଡ଼ା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଶୁକପାଲି ଗ୍ରାମର ରାଜୁ ମୁଣ୍ଡା (୨୫)। ଲହୁଣୀପଡ଼ା ମୁଖ୍ୟବଜାରରେ ଅଜୟ୍ କୁମାର ଜୟ୍‌ସ୍ୱାଲଙ୍କର ଏକ ତେଜରାତି ଦୋକାନ ରହିଛି। ସବୁଦିନ ଭଳି ରବିବାର ସନ୍ଧ୍ୟାରେ ସେ ନିଜ ଓଡି୧୪-ବିଣ୩୪୮ନଂ ବାଇକ ରଖିଥିଲେ। ରାଜୁ ନକଲି ଚାବିରେ ବାଇକ ଷ୍ଟାର୍ଟ କରି ରାଉରକେଲା ଅଭିମୁଖେ ଯାଉଥିବା ବେଳେ ରାଜାମୁଣ୍ଡା ବାଇପାସ ଖଣ୍ଡାଧାର ପେଟ୍ରୋଲ ପମ୍ପ ନିକଟରେ ବାଇକରୁ ପେଟ୍ରୋଲ ସରିଯାଇଥିଲା। ଫଳରେ ରାଜୁ ସେଠାରେ ହଡ଼ବଡ଼େଇ ଯିବାରୁ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥିଲା। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଜବତ କରିବା ସହ ରାଜୁଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ଏ ନେଇ ବାଇକ୍ ମାଲିକ ଅଜୟ୍ ଜୟ୍‌ସ୍ୱାଲଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ରାଜୁଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

### ଭୋଗ ଖାଇ ୬୦ ଛାତ୍ରୀଛାତ୍ର ଅସୁସ୍ଥ

**ବାରିପଦା ଅଫିସ, ୧୧।୨:** ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅନ୍ତର୍ଗତ ରଙ୍ଗାମାଟିଆ (ବି) ପ୍ରାଥମିକ ବିଦ୍ୟାଳୟରେ ସରସ୍ୱତୀ ପୂଜା ଭୋଗ ଖାଇ ୬୦ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି। ସୋମବାର ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ କୃଷ୍ଣଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏଥିସହ ଏକ ଡାକ୍ତରୀ ଦଳ ରଙ୍ଗାମାଟିଆ ଗାଁକୁ ଯାଇ ଅନ୍ୟ ଛାତ୍ରୀଛାତ୍ରଙ୍କ ରକ୍ତ ନମୁନା ସଂଗ୍ରହ କରିଛନ୍ତି। ରଙ୍ଗାମାଟିଆ (ବି ) ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୧୦ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଗତ ରବିବାର ବିଦ୍ୟାଳୟରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଥିଲା। ଏ ନେଇ ସ୍କୁଲରେ ଚୁଡାରେ କଦଳୀ, ଅଙ୍ଗୁର, ଗୁଡ ଏବଂ ସେଉ ମିଶାଇ ସ୍ୱତନ୍ତ୍ର ଭୋଗ ପ୍ରସ୍ତୁତ କରାଯାଇଥିଲା। ସେହି ଭୋଗକୁ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରର ପିଲା ଏବଂ କେତେଜଣ ଅଭିଭାବକ ଖାଇଥିଲେ। ସୋମବାର ଭୋର ସମୟରେ ୩୭ ପିଲାଙ୍କର ପ୍ରଥମେ ପେଟ କାଟିବା ସହ ଝାଡାବାନ୍ତି ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ବେହେରାଙ୍କ ସହ ଅଭିଭାବକ ମିଶି ଅସୁସ୍ଥ ପିଲାଙ୍କୁ ପ୍ରଥମେ କୃଷ୍ଣଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୁରୁତର ହେବାରୁ କେତେ ଜଣ ଛାତ୍ରୀଛାତ୍ରଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ନିଆଯାଇଥିଲା। କୃଷ୍ଣଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫ ଛାତ୍ରୀଛାତ୍ର ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲରେ ୪୫ ଛାତ୍ରୀଛାତ୍ର ଚିକିତ୍ସିତ ହେଉଛନ୍ତି। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ବାରିପଦା ମେଡିକାଲରେ ବାରିପଦା ବ୍ଲକ ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି, ସିଆରସିସି ଜଗଦୀଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝାଶୁଝା କରୁଛନ୍ତି।









କର୍କଟନାସା ପଞ୍ଚାୟତ କଣ୍ଟାଝାର ଗ୍ରାମରେ ଅର୍ଦ୍ଧନିର୍ମିତ ଶ୍ମଶାନ ଗୃହ(ବାମ)। କର୍କଟନାସା ପଞ୍ଚାୟତ କଣ୍ଟାଝାର ଗ୍ରାମରେ ଅର୍ଦ୍ଧନିର୍ମିତ ଅଙ୍ଗନୱାଡି କେନ୍ଦ୍ର ଗୃହ (ମଝି)। ମଝାପଡ଼ା ମୋରମ କାମ ପାଇଁ ଲଗାଯାଇଥିବା ସୂଚନା ଫଳକରେ କାର୍ଯ୍ୟର ବିବରଣୀ ଉଲ୍ଲେଖ ନାହିଁ।

# ତିନିବର୍ଷ ହେଲା ଅଧାରେ ଅଟକିଛି ନିର୍ମାଣ କାର୍ଯ୍ୟ

**ନୂଆଗାଁ,୧୧।୨(ଡି.ଏନ୍.ଏ.)**

- ମୋରମ କାମରେ ବି ଦୁର୍ନୀତି ଅଭିଯୋଗ
- କାର୍ଯ୍ୟ ସରିବା ପରେ ବି ଖାଲି ପଡ଼ିଛି ସୂଚନା ଫଳକ
- ଶ୍ରମିକଙ୍କୁ ମିଳିନି ମଜୁରି
- ଉଚ୍ଚସ୍ତରୀୟ ତଦନ୍ତ ଦାବିକଲେ ଗ୍ରାମବାସୀ

ମାସେ କି ଦୁଇମାସ ନୁହେଁ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଛି ଅଙ୍ଗନୱାଡି କେନ୍ଦ୍ର ଓ ଶ୍ମଶାନ ଘାଟ ଗୃହ ନିର୍ମାଣ କାର୍ଯ୍ୟ। ଅନେକ ସ୍ଥାନରେ ମୋରମ କାର୍ଯ୍ୟ ବି ହୋଇଛି। ହେଲେ କେଉଁଠି ସୂଚନା ଫଳକ ଥାଇ ବି ତାହା ଭାଙ୍ଗି ପଡ଼ିଛି ତ ଆଉ କେଉଁଠି ଫଳରେ କୌଣସି ସୂଚନା ଉଲ୍ଲେଖ ନାହିଁ। କାର୍ଯ୍ୟ ବି ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନାହିଁ। ବିଶେଷକରି ସମ୍ପୃକ୍ତ କାର୍ଯ୍ୟଗୁଡ଼ିକରେ ନିୟୋଜିତ ଶ୍ରମିକମାନେ ମଜୁରି ମଧ୍ୟ ପାଇନାହାନ୍ତି। ହେଲେ ଏ ଦିଗରେ ମଧ୍ୟ ବିଭାଗୀୟ ଅଧିକାରୀ ନୀରବ। ଏଭଳି ଗୁରୁତର ଅଭିଯୋଗ ଆସିଛି ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ କର୍କଟନାସା ପଞ୍ଚାୟତ କଣ୍ଟାଝାର ଗ୍ରାମରୁ। ୨୦୧୫-୧୬ ଆର୍ଥିକବର୍ଷରେ ଚତୁର୍ଥ ରାଜ୍ୟ ଅର୍ଥ କମିଶନ ଯୋଜନାରେ ୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଣ୍ଟାଝାର ମଝାପଡ଼ା ଗ୍ରାମରେ ଏକ ଶ୍ମଶାନ ଘାଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପଞ୍ଚାୟତର ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ସିହ୍ନାଙ୍କ ନାଁରେ କାର୍ଯ୍ୟାଦେଶ ରହିଥିଲା। ହେଲେ ୩ବର୍ଷ ହେଲା କାମ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଏହି କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ମଜୁରି ମିଳି ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ସିହ୍ନା କୁହନ୍ତି, ସମ୍ପୃକ୍ତ କାର୍ଯ୍ୟର ୧ଲକ୍ଷ ୧୫ ହଜାର ଟଙ୍କା ବଳକା ରହିଛି। ଶୀଘ୍ର କାମ ସାରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ତେବେ ୩ବର୍ଷ ହେଲା କାହିଁକି ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି ବୋଲି ପଚରାଯିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ସେହିଭଳି ମଝାପଡ଼ାଠାରେ ଏବେ ମୋରମ କାମ ମଧ୍ୟ କରାଯାଉଛି। ହେଲେ ସେଠାରେ ଲାଗିଥିବା ସୂଚନା ଫଳକରେ କାର୍ଯ୍ୟର କୌଣସି ବିବରଣୀ ଉଲ୍ଲେଖ ନାହିଁ। କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ଫ୍ଲୋରା ଡୁଙ୍ଗଡୁଙ୍ଗ, କାରୁନା କେର୍କେଟା, ସୁରେଶ କିଡ଼ୋ, ବିନୋଦ କିଡ଼ୋ, ଥାମାସ କିଡ଼ୋ, ସୁମନ ଡୁଙ୍ଗଡୁଙ୍ଗ ପ୍ରମୁଖଙ୍କୁ ସେମାନଙ୍କ ମଜୁରି ମିଳି ନ ଥିବା କହିଛନ୍ତି। କାର୍ଯ୍ୟରେ ବ୍ୟାପକ ଅନିୟମିତତା ନେଇ ନିର୍ବାହୀ ଅଧିକାରୀଙ୍କୁ ପୂର୍ବରୁ ଅଭିଯୋଗ ମଧ୍ୟ କରିଥିବା ସେମାନେ କହିଛନ୍ତି।

ସେହିଭଳି କଣ୍ଟାଝାର କୁମ୍ଭାରପଡ଼ା ବସ୍ତିରେ ୨୦୧୫-୧୬ ଆର୍ଥିକବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିବା ଅଙ୍ଗନୱାଡି ଗୃହ କାର୍ଯ୍ୟ ମଧ୍ୟ ଏବେ ସୁଦ୍ଧା ଅସମ୍ପୂର୍ଣ୍ଣ ରହିଛି। ଏହି କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ଦୀର୍ଘ ମାସ ଧରି ମଜୁରି ପ୍ରଦାନ କରାଯାଇ ନ ଥିଲା। ଏ ସଂକ୍ରାନ୍ତରେ ଖବର ସଂଗ୍ରହ ପାଇଁ ଧରିତ୍ରୀ ପ୍ରତିନିଧି ଉକ୍ତ ଗ୍ରାମକୁ ଯାଇଥିଲେ। ଲୋକଙ୍କ ମତାମତ ତଥା ଅଭିଯୋଗକୁ ଭିତ୍ତିକରି ବ୍ଲକ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ହାଁସଦାଙ୍କୁ କହିବା ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଶ୍ୱିନୀ କୁମାର ମାହାନ୍ତ ତୁରନ୍ତ ଯାଇ ୨୦ ଶ୍ରମିକଙ୍କ ମଧ୍ୟରୁ ୧୭ ଜଣଙ୍କୁ ମଜୁରି ପ୍ରଦାନ କରିଦେଇଥିବା ଶ୍ରମିକମାନେ ପ୍ରକାଶ କରିଛନ୍ତି। ଅନ୍ୟ ୩ଜଣ ଏବେ ସୁଦ୍ଧା ମଜୁରି ପାଇନାହାନ୍ତି। ସେମାନେ ମିସ୍ତ୍ରି ଭାବେ କାମ କରିଥିବାବେଳେ ଶ୍ରମିକ ହିସାବରେ ମଜୁରି ଦିଆଯିବାରୁ ଟଙ୍କା ଗ୍ରହଣ କଲେ ନାହିଁ ବୋଲି କୁହାଯାଉଛି। ସେହିପରି ଶ୍ରମିକଙ୍କୁ ମଧ୍ୟ ସରକାରୀ ଧାର୍ଯ୍ୟଠାରୁ କମ୍ ମଜୁରି ପ୍ରଦାନ କରାଯାଇଥିବା ଗ୍ରାମର ରେକୁ ସାହୁ, ମଙ୍ଗରୁ କୁମ୍ଭାର, ଧରମବୀର କୁମ୍ଭାର ପ୍ରମୁଖ ଅଭିଯୋଗ କରିଛନ୍ତି। କୁମ୍ଭାରପଡ଼ା ଗ୍ରାମରେ କରାଯାଇଥିବା ମୋରମ କାମରେ ମଧ୍ୟ ବ୍ୟାପକ ଅନିୟମିତତା କରାଯାଇଥିବା ଏହି ବ୍ୟକ୍ତିମାନେ ଅଭିଯୋଗ କରିଛନ୍ତି। ଏ ନେଇ କନିଷ୍ଠ ଯନ୍ତ୍ରୀ ମାହାନ୍ତଙ୍କୁ ଯୋଗାଯୋଗ ପାଇଁ ତାଙ୍କ ମୋବାଇଲ ନଂ. ୭୯୭୮୬୯୫୪୦୬, ୭୬୮୧୦୮୬୨୬୧ ଓ ୯୮୬୧୩୬୬୯୦୮ରେ ବାରମ୍ବାର ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଟ୍ରକ୍ ଚକ ତଳେ ଗଲା ବାଇକ୍ ଆରୋହୀଙ୍କ ଜୀବନ

**ଟେନସା,୧୧।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ପୂର୍ତ୍ତ ବିଭାଗ ରାସ୍ତାର ସାପ୍ତାହିକ ବଜାର ନିକଟରେ ସୋମବାର ଏକ ୧୦ ଚକିଆ ଟ୍ରକ୍ ତଳେ ଚାପି ହୋଇ ଜଣେ ବାଇକ୍ ଆରୋହୀଙ୍କ ଜୀବନ ଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଜବତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୋଇଡ଼ା ଡାକ୍ତରଖାନା ପଠାଇଛି। ମୃତକ ହେଲେ ଟେନସା ପାଣ୍ଠି ଅନ୍ତର୍ଗତ ତନ୍ତରା ଗ୍ରାମର ଯୋଗେନ ମୁଣ୍ଡା (୨୭)। ବନ୍ଧୁ ଜଗନ୍ନାଥ ନାଏକଙ୍କ ସହ ଯୋଗେନ ନିଜ ଓଡି୧୪-ଏନ୍୮୨୧୯ ନମ୍ବର ବାଇକ୍ ଯୋଗେ କୋଇଡ଼ା ଆସିଥିଲେ। ଘରକୁ ଫେରୁଥିବା ବେଳେ ଖରାପ ରାସ୍ତା ଯୋଗୁ ଧୀରେ ଧୀରେ ଗାଡ଼ି ଚଳାଉଥିଲେ। ଏହି ସମୟରେ ଓଆର୍୦୪-ଏର୍୮୫୩୧ ନମ୍ବର ଟ୍ରକ୍ ବାଇକ୍‌କୁ ଧକ୍କା ଦେଇଥିଲା। ଏଥିରେ ଜଗନ୍ନାଥ କିଛି ଦୂରକୁ ଛିଟିକି ପଡ଼ିଥିବାବେଳେ ଯୋଗେନଙ୍କ ଉପରେ ଟ୍ରକ୍ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଯୋଗେନଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ପୋଲିସ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଟ୍ରକ୍ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଛନ୍ତି। ୩ କିମି ଲମ୍ବ ଏହି ରାସ୍ତା ନିର୍ମାଣ କାମ ଗତ ୭ମାସ ହେଲା ଜାରି ରହିଛି। ରାସ୍ତାର ଗୋଟିଏ ପାର୍ଶ୍ୱ କାମ ଚାଲିଥିବାବେଳେ ଅଣଓସାରିଆ ଅନ୍ୟ ପାର୍ଶ୍ୱରେ ଗାଡ଼ିମୋଟର ଯାତାୟାତ କରୁଛି। ଏହି କାରଣରୁ ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି।

## ଓଡ଼ିଶା ଫେରିବାକୁ ମନା କଲେ ଉଦ୍ଧାର ନାବାଳିକା

**ଭୁବନେଶ୍ୱର,୧୧।୨(ବ୍ୟୁରୋ)**

- ରାଜ୍ୟ ସରକାରଙ୍କ ସହାୟତାକୁ ମୁହଁ ମୋଡିଲେ
- ଆଶ୍ରୟସ୍ଥଳରେ ବାପାଙ୍କ ସହ ରହିବେ ନାବାଳିକା ପୀଡିତା

ରାଜସ୍ଥାନରୁ ଉଦ୍ଧାର ନାବାଳିକାଙ୍କୁ ଆଣିବାକୁ ଦିଲ୍ଲୀ ଯାଇଥିବା ଓଡ଼ିଶା ପୋଲିସକୁ ଖାଲି ହାତରେ ଫେରିବାକୁ ପଡିଛି। ପୋଲିସର ଅସହଯୋଗ ପରେ ନାବାଳିକାଙ୍କ ବାପା ନିଜ ଉଦ୍ୟମରେ ଝିଅକୁ ଉଦ୍ଧାର କରିଥିଲେ। ତେଣୁ ଏବେ ପୋଲିସ ଉପରେ ଭରସା ତୁଟାଇ ରାଜ୍ୟ ସରକାରଙ୍କ ସହଯୋଗକୁ ମନା କରିଦେଇଛନ୍ତି ନାବାଳିକା ଓ ତାଙ୍କ ବାପା। ଝିଅ ସହ ଝାଡ଼ଖଣ୍ଡର ଏକ ଆଶ୍ରୟସ୍ଥଳରେ ରହିବେ ବୋଲି ନାବାଳିକାଙ୍କ ବାପା ଦିଲ୍ଲୀ ମହିଳା କମିଶନଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ସୂଚନା ମୁତାବକ, ସୁନ୍ଦରଗଡ଼ ଜିଲା ଲାଠିକଟା ଥାନା ଅଞ୍ଚଳରେ ପରିବାର ସହ ରହୁଥିଲେ ନାବାଳିକା। କେତେଜଣ ସମ୍ପର୍କୀୟ ନାବାଳିକାଙ୍କୁ ପ୍ରଲୋଭିତ କରି ଅପହରଣ କରିନେବା ପରେ ରାଜସ୍ଥାନର ମୁକେଶ ଅଗ୍ରୱାଲ ଓ କିଷାନ ଅଗ୍ରୱାଲଙ୍କୁ ବିକ୍ରି କରିଦେଇଥିଲେ। ଏ ନେଇ ନାବାଳିକାଙ୍କ ବାପା ଖବର ପାଇବା ପରେ ଝିଅକୁ ଉଦ୍ଧାର ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ପୋଲିସ ସେତେଟା ଗୁରୁତ୍ୱ ନ ଦେବାରୁ ନାବାଳିକାଙ୍କ ବାପା ଗତ ଜାନୁୟାରୀ ମାସରେ ଦିଲ୍ଲୀ ମହିଳା କମିଶନଙ୍କୁ ଯୋଗାଯୋଗ କରି ସହଯୋଗ ଲୋଡ଼ିଥିଲେ। ଦିଲ୍ଲୀ ମହିଳା କମିଶନଙ୍କ ଆଣ୍ଟି ଟ୍ରାଫିକିଂ ଟିମ୍ ଚଢାଉ କରି ଗତ ୮ ତାରିଖରେ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ମୁକେଶ ଓ କିଷାନଙ୍କୁ ଗିରଫ କରାଯାଇଥିଲା। ନାବଳାଳିକା ଜଣକ ଗର୍ଭବତୀ ଥିବ ଜଣାପଡିବା ପରେ ତାଙ୍କୁ ଦିଲ୍ଲୀର ଏକ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ଦିଲ୍ଲୀ ମହିଳା କମିଶନଙ୍କଠାରୁ ସୂଚନା ପାଇବା ପରେ ଶୋଇ ପଡିଥିବା ଓଡ଼ିଶା ପୋଲିସ ତତ୍ପର ହୋଇଉଠିଥିଲା। ନାବାଳିକାଙ୍କୁ ଓଡ଼ିଶା ଆଣିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଦିଲ୍ଲୀ ଯାଇଥିଲା।

### ବାଲିଶଙ୍କରାରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**ବାଲିଶଙ୍କରା,୧୧।୨(ଡି.ଏନ୍.ଏ.)**

ଭାରତ ସରକାରଙ୍କ ପେଟ୍ରୋଲିୟମ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ବାଲିଶଙ୍କରା ବ୍ଲକ ରାଜବଙ୍ଗଳା ଖେଳପଡ଼ିଆରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଅନୁଷ୍ଠିତ ହୋଇଛି। ବାଲିଶଙ୍କରା ଗ୍ୟାସ୍ ବିତରକ ସୁରେନ ଏକ୍କା, ବନଡେଗା ବିତରକ ଏସ୍.କେ. ସାହାବାଜ ଆଲମ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ମହିଳାମାନଙ୍କୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ପ୍ରଦ୍ୟୁତ ନାଏକ, ଭବାନୀ ଭୋଇ, ସୁରେନ୍ଦ୍ର ଭିତ୍ରିଆ, ସୁବ୍ରତ ଦାସ, ସଞ୍ଜୟ ବର୍ମା, ସଞ୍ଜୁଲତା ମାଝି, ଶ୍ରଦ୍ଧାକର ସୁନାଏନ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ପରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବିଭାଗୀୟ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଉମା ଭାରତୀଙ୍କ ସହିତ ଉଜ୍ଜ୍ୱଳା ଯୋଜନାରେ ସାମିଲ ହୋଇଥିବା ପୁଷ୍ପାଞ୍ଜଳି ପ୍ରଧାନ, କେତନୀ ଦଣ୍ଡସେନା ଗ୍ୟାସ୍‌ର ଉପକାରିତା ବିଷୟରେ ସିଧାସଳଖ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସବ୍‌ଡେଗା ଓ ବାଲିଶଙ୍କରା ବ୍ଲକର ୨ହଜାର ମହିଳା ଯୋଗଦେଇଥିଲେ। ଭାଜପା କର୍ମକର୍ତ୍ତା ପର୍ଶୁରାମ ପଟେଲ, ବୈରାଗୀ ତନ୍ତୀ, ସବ୍ୟସାଚୀ ସା, ଉଚ୍ଛବ ତନ୍ତୀ, ମହେନ୍ଦ୍ର ପଟେଲ, ବୁଧୁରାମ ଓରାମ, ସୁଶାନ୍ତ ପଟେଲ ପ୍ରମୁଖ ସହଯୋଗ କରିଥିଲେ।




ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସ୍କାନ୍ ଷ୍ଟିଲର କର୍ମଚାରୀମାନେ।

## ସ୍କାନ୍ ଷ୍ଟିଲ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ

**ରାଜଗାଙ୍ଗପୁର,୧୧।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ବରପାଲିସ୍ଥିତ ସ୍କାନ୍ ଷ୍ଟିଲ ପକ୍ଷରୁ ୩୦ତମ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଛି। କାରଖାନାରେ କାର୍ଯ୍ୟରତ କର୍ମଚାରୀଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ନୀତିନିୟମ ପାଳନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ କାରଖାନା ନିର୍ଦ୍ଦେଶକ ବିନୟ କୁମାର ଗୋୟଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଦୁର୍ଘଟଣା ଏଡ଼ାଇବା ପାଇଁ ଟ୍ରାଫିକ ନିୟମ ପାଳନ କରିବା, ହେଲ୍‌ମେଟ ପିନ୍ଧି ଗାଡ଼ି ଚଳନା କରିବା, ଗାଡ଼ି ଚାଳନା ବେଳେ ମାଦକଦ୍ରବ୍ୟ ସେବନ ନ କରିବା ପାଇଁ କର୍ମଚାରୀ ଓ ଜନସାଧାରଣଙ୍କୁ ଗୋୟଲ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାରଖାନାର ମ୍ୟାନେଜର (ପିଆର୍) ସୁବ୍ରତ ନାୟକ, ପ୍ରଭୁରାମ ଦେଓ, ଶ୍ରୀନିବାସ ଜୀ ପ୍ରମୁଖ ଯୋଗଦେଇଥିଲେ।

## ବିଦ୍ୟାଳୟରେ ଉଜ୍ଜ୍ୱଳ ପ୍ରଶିକ୍ଷଣ ଶିବିର

**ବାଲିଶଙ୍କରା,୧୧।୨(ଡି.ଏନ୍.ଏ.)**

ବାଲିଶଙ୍କରା ବ୍ଲକ ସଉନାମରା ପଞ୍ଚାୟତ ବୁଡ଼ାବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ୭ ତାରିଖରୁ ଉଜ୍ଜ୍ୱଳ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ଶିବିର ମଙ୍ଗଳବାର ଉଦ୍‌ଯାପିତ ହେବ। ଏବିଇଓ ସମାରୀ କୁଜୁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ସାଧନ କର୍ମୀ କମଳିନୀ ସିଂ, ଅଲେଖ ନାଗ, ରାଜୀବ ଲୋଚନ ପୃଷ୍ଠେଠ, ରୂପେଶ ପଟେଲ ପ୍ରମୁଖ ସହଯୋଗ କରୁଛନ୍ତି। ଏଥିରେ ୫୦ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଛନ୍ତି। ଦୁର୍ବଳ ଛାତ୍ରୀଛାତ୍ରଙ୍କୁ କିଭଳି ଉତ୍ତମ ମାନର ଶିକ୍ଷାଦାନ କରାଯାଇ ପାରିବ ସେ ନେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସିଆର୍‌ସିସି କୈଳାସ ଭିତ୍ରିଆ ଶିବିର ପରିଚାଳନା କରୁଛନ୍ତି।



ଉଜ୍ଜ୍ୱଳ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଓ ପ୍ରଶିକ୍ଷକ।

### ଆଜି କ'ଣ କେଉଁଠି

ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

### ଗ୍ରାମାଞ୍ଚଳ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ

## ଦଣ୍ଡିଆପାଲିକୁ ହରାଇ ଜଲଡ଼ା ଚାମ୍ପିୟନ

**ବେଦବ୍ୟାସ,୧୧।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲାଠିକଠା ବ୍ଲକ ଗର୍ଜନ ପଞ୍ଚାୟତର ଗ୍ରୀନ ପାର୍କ ଖେଳପଡ଼ିଆରେ ଚାଲିଥିବା ଗ୍ରାମାଞ୍ଚଳ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ୩୨ ଦଳ ଭାଗ ନେଇଥିଲେ। ସେଥିମଧ୍ୟରେ ୨ ମହିଳା ଦଳ ଅନ୍ତର୍ଭୁକ୍ତ ଥିଲେ। ଦଣ୍ଡିଆପାଲି ଏବଂ ଜଲଡ଼ା ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଦଣ୍ଡିଆପାଲିକୁ ୨-୦ ଗୋଲରେ ହରାଇ ଜଲଡ଼ା ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଏନ୍‌ଏସ୍‌ପିଟିଏଲ୍ ରାଉରକେଲାର ଜିଏମ୍ ବାଣୀବ୍ରତ ବାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ କ୍ରୀଡ଼ାକୁ ଗୁରୁତ୍ୱ ଦେବା ପାଇଁ ଯୁବସମାଜକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ରାଜଗାଙ୍ଗପୁର ବିଧାୟକ ଗ୍ରେଗୋରି ମିଞ୍ଜ, ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ, ପୂର୍ବତନ ଲାଠିକଟା ବ୍ଲକ ଅଧ୍ୟକ୍ଷ ଚାମୁରୁ ତିର୍କୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଯୋଶେଫ ଖେସ, ବେଦବ୍ୟାସ ଟ୍ରଷ୍ଟ ବୋର୍ଡ ସଭ୍ୟ ପ୍ରମୋଦ କୁମାର ପ୍ରଧାନ, ବି. ସରକାର, ଏସ୍‌ଆଇ ମମତା ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଚାମ୍ପିୟନ ଦଳକୁ ୨୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସୁନୀଲ ଓରାମ, ବିନୋଦ ଓରାମ, ମଣ୍ଟୁ ତିର୍କୀ ଓ ମନୋଜ ପାଣ୍ଡେ ମ୍ୟାଚ୍ ପରିଚାଳନା କରିଥିଲେ। ଏମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଆୟୋଜକ ଗର୍ଜନ ଆଦିବାସୀ ସ୍ପୋର୍ଟ୍ସ କ୍ଲବ ସଭାପତି ମନୋଜ ପାଣ୍ଡେ, ସମ୍ପାଦକ ଝେଲା ଓରାମ, କୋଷାଧ୍ୟକ୍ଷ ବିଲେ କିଷାନ ପ୍ରମୁଖଙ୍କ ସମେତ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

## ଧୂମାଗଡ଼ା ଗ୍ରାମରେ ମଦବିରୋଧୀ ଶୋଭାଯାତ୍ରା

**ବଡ଼ଗାଁ,୧୧।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଭୋଇପାଲି ପଞ୍ଚାୟତ ଖରିକାମୁଣ୍ଡା (ଧୂମାଗଡ଼ା) ଗ୍ରାମରେ ଭୋଇପାଲି ପଞ୍ଚାୟତ ବିଜୁ ଯୁବବାହିନୀ କର୍ମକର୍ତ୍ତାଙ୍କ ନେତୃତ୍ୱରେ ମଦ ବିରୋଧୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଖରିକାମୁଣ୍ଡା ଗାଁ କଲ୍ୟାଣ ସମିତି, ଏସ୍‌ଏଚ୍‌ଜି, ମହିଳା ସଂଘ କର୍ମକର୍ତ୍ତା, ବିଘ୍ନରାଜ କ୍ଲବ ସଦସ୍ୟମାନେ ସାମିଲ ହୋଇ ମଦ ବିରୋଧୀ ବିଭିନ୍ନ ସ୍ଲୋଗାନ ଦେଇ ସମସ୍ତ ୱାର୍ଡ ପରିକ୍ରମା କରିବା ସହ ଲୋକଙ୍କୁ ମଦ୍ୟପାନର କୁପରିଣାମ ଉପରେ ସଚେତନ କରିଥିଲେ। ଶୋଭାଯାତ୍ରାରେ ସ୍ଥାନୀୟ ସରପଞ୍ଚ ମନ୍ଦାକିନୀ ବରିହା, ସମିତିସଭ୍ୟା ଦୟମତୀ ପ୍ରଧାନଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟମାନେ ସାମିଲ ହୋଇଥିଲେ। ଏହି ଅବସରରେ ମନିକର ନାଏକଙ୍କ ଘରୁ ମଦ ଜବତ କରି ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ମଦ ବିରୋଧୀ ଆନ୍ଦୋଳନ ଜାରି ରଖିବା ଉପରେ ଉପସ୍ଥିତ ମହିଳା, ପୁରୁଷ ଓ କ୍ଲବ ସଦସ୍ୟମାନେ ସହମତି ପ୍ରକାଶ କରିଥିଲେ।



ଧୂମାଗଡ଼ା ଗ୍ରାମରେ ମଦବିରୋଧୀ ଶୋଭାଯାତ୍ରାରେ ଏସ୍‌ଏଚ୍‌ଜି ସଦସ୍ୟା।